
ଅକ୍ଟୋବର ୨୦୨୦ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website : www.rebatee.in



## ଶାରଦୀୟ ସ୍ୱତନ୍ତ୍ର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୧୨ଶ ସଂଖ୍ୟା, ଅକ୍ଟୋବର ୨୦୨୦ ■ Vol-2, Issue : 12, October 2020



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

## ସୂ ଚୀ ପ ତ୍ର

୨ୟ ବର୍ଷ ୧୨ଶ ସଂଖ୍ୟା । ଅକ୍ଟୋବର ୨୦୨୦ ।

ଆମ ମାଟିର ସ୍ୱର

୭ ସମ୍ପାଦକୀୟ : ନାରୀ : ମାତୃଶକ୍ତିର ...: ସୁବାସିନୀ ଜେନା







୯ ପର୍ବପର୍ବାଣି-୧ : ଜୟପୁର ଦଶହରା : ପ୍ରଦୀପ କୁମାର ମିଶ୍ର

୧୪ ପ୍ରସଙ୍ଗ : ମହିଷମର୍ଦ୍ଦିନୀ : ରବୀନ୍ଦ୍ର କୁମାର ବେହୁରିଆ

୨୦ ଦେବାଳୟ : ଯାଜପୁରର ବିରଜା : ନାରାୟଣ ରାଉତରାୟ

୨୮ ପର୍ବପର୍ବାଣି-୨ : ଗୁଜରାଟର ଗର୍‌ବା: ଲକ୍ଷ୍ମୀପ୍ରିୟା ଓଝା

୩୩ ଖାଦ୍ୟସଂସ୍କୃତି-୧ : ମୁଆଁ ମହାତ୍ମ୍ୟ : ସଂଗ୍ରାମ କେଶରୀ ପୃଷ୍ଟି

୩୯ ମାନନୀୟେଷୁ : ଏକାନ୍ତ ରମାକାନ୍ତ : ହିରଣ୍ମୟୀ ମିଶ୍ର

୪୬ ଘଟଣାଚରିତ୍ର: ଚିତ୍ରକରର ଚରିତ୍ର : ଅଜୟ ସ୍ୱାଇଁ

୫୧ ଅନୁଶୀଳନ : ମଣୀନ୍ଦ୍ର କୁମାର ମେହେର
୫୪ ଦ୍ୱି-ପ୍ରଚ୍ଛଦ : ଈପ୍‌ସିତା ଦାସ
୫୬ ସମକାଳ କବିତା : ତପନ ପଟ୍ଟନାୟକ
୫୭ : ରଂଜନ ବାଗ
: ଅଜୟ ପ୍ରଧାନ
୫୮ : ବାଦଲ ମହାନ୍ତି
୫୯ : ମନୋଜ ମେହେର
୬୦ : ସୁକୁମାର ଦାସ
: ଦାମୋଦର ପଣ୍ଡା
୬୧ : ସୁଜାତା ମହାପାତ୍ର
: ତୁହିନାଂଶୁ ରଥ
୬୨ : ମୋହିତ ଚକ୍ରବର୍ତ୍ତୀ
: ଆଶିଷ କୁମାର ମିଶ୍ର
୬୩ : ପ୍ରବାସିନୀ ମହାକୁଡ଼
୬୪ : ସୂର୍ଯ୍ୟସ୍ନାତ ତ୍ରିପାଠୀ
: ରଂଜନ କୁମାର ଦାସ
୬୫ : ପବିତ୍ର ମୋହନ କର
: ପ୍ରଦ୍ୟୁମ୍ନ ପଟ୍ଟନାୟକ
୬୬ : ସ୍ୱପ୍ନା ମିଶ୍ର
: ହରିଶ୍ଚନ୍ଦ୍ର ବେହେରା
୬୭ : ମନୋରମା ବିଶ୍ୱାଳ ମହାପାତ୍ର
: ନବଜ୍ୟୋତି ରାୟ










୭୨



୧୦୪


୬୮ କଥା-କାହାଣୀ : ପ୍ରିୟରଂଜନ ପଟ୍ଟନାୟକ

୭୨ ପୁଷ୍ପବିତାନ : ଶ୍ୱେତା ରାଉତ

୭୮ ଖାଦ୍ୟ-ସଂସ୍କୃତି-୨ : ଅଶୋକ କୁମାର ମଲ୍ଲ

୮୪ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୯୦ ମୋ ଶିକ୍ଷକ : ଦାଶ ବେନହୂର

୯୪ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ




୧୦୦

## ନିୟମିତ ବିଭାଗ



ରୋଷେଇଶାଳ :

୯୮ : ରୋନାଲିସା ପଣ୍ଡା

୧୦୦ : ମଧୁସ୍ମିତା ନାୟକ

୧୦୨ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ

୧୦୪ ଫିଟ୍‌ନେସ୍ : ରିନୀତା ପଟ୍ଟନାୟକ

ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି

ପ୍ରଚ୍ଛଦ ଫଟୋଗ୍ରାଫି : ଅରୂପ ଦାସ, (Arup Das)ଗୌହାଟି

ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର

ପ୍ରଚ୍ଛଦ ମଡେଲ୍ : ଶ୍ୱେତା ବସାକ୍,(Sweta Basak)ଗୌହାଟି

ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍

ଶିକ୍ଷା : ଦ୍ୱାଦଶ ଶ୍ରେଣୀ ବୃତ୍ତି : ମଡ଼େଲିଂ ଓ ଅଭିନୟ

ମେକ୍‌ଅପ୍ : ପ୍ରଶାନ୍ତ ସରକାର(Prosanta Sarkar)

କଷ୍ଟ୍ୟୁମ୍ : ଡାଲି ବସାକ୍ (Dali Basak)

ସ୍ଥାନ : ଗୌହାଟି, ଆସାମ


୧୦୬ ଶେଷପୃଷ୍ଠା : ଲେଖକର ୟୁଆଇଡ଼ି...: କୃଷ୍ଣ କୁମାର ମହାନ୍ତି




୯୦



୪୬

**ମଲାଟ କଥା :** ଯୁଗେ ଯୁଗେ ନାରୀ ଭିତରେ ରହି ଆସିଛି ସେଇ ଅଦୃଶ୍ୟ ଶକ୍ତିର ଆଭା । ସୃଷ୍ଟିର ଅନୁପମ ପୁଲକ ଭିତରେ ନାରୀଟେ ଭୁଲିଯାଏ ଯାବତୀୟ ଜାଗତିକ ଯନ୍ତ୍ରଣା ଓ ଜନ୍ମକାଳୀନ ବେଦନା । ନୂଆ ସର୍ଜନାର ଆଲୋକରେ ଉଦ୍‌ଭାସିତ ହୋଇଉଠେ ତା ପୃଥିବୀ । ନବଜାତକର ସଂଦର୍ଶନରେ ଯେଉଁ ଆନନ୍ଦ ଅନୁଭବ କରେ ସେ, ତାକୁ କୌଣସି ପୁରୁଷ ପକ୍ଷେ ଅନୁଭବିବା କସ୍ମିନ୍‌କାଳେ ସମ୍ଭବ ନୁହେଁ । ନାରୀର ଏଇ ମାତୃରୂପ ତାର ଶକ୍ତିର ଆଧାର । ଏହାକୁ ସେ କଲ୍ୟାଣ ଓ ବିନାଶ, ଉଭୟରେ ପ୍ରୟୋଗ କରିପାରେ । ସେଇଥିପାଇଁ ତ ମାତୃଶକ୍ତିର ଆରାଧନା, ଆମ ବିଧି ଓ ବିଧାନ । ପାର୍ବଣ ପରଂପରାରେ ମାତା ପାର୍ବତୀଙ୍କ ସେଇ ଶକ୍ତିସ୍ୱରୂପିଣୀ ଆବିର୍ଭାବ, ଆମ ପ୍ରଚ୍ଛଦ ଭାବନା ଏଥରର ।




## ସତ୍‌ଲେଖକ ଆଜିର କନକନିଆ ଲେଖକଙ୍କୁ ନେଇ ଚିନ୍ତିତ ନୁହନ୍ତି

● ସମ୍ପାଦିକାଙ୍କୁ ପ୍ରଣାମ । ସମସ୍ତଙ୍କୁ ମୋର ନମସ୍କାର । 'ରେବତୀ'ର ଜୁଲାଇ ସଂଖ୍ୟା ଯେତିକି ପାଇଲି ପଢ଼ିଲି । 'ଲଜ୍ଜା ନାରୀର ଆଭୂଷଣ'ରେ ପ୍ରତିପାଦିତ 'କାହିଁକି ନାରୀର ଲଜ୍ଜା କରିବା ଉଚିତ ଓ ପୁରୁଷର ଆବଶ୍ୟକ ନାହିଁ' ଭଲ ଲାଗିଲା । ତେବେ ପୁରୁଷଟିଏ ବି ଖୋଲା ଦେହରେ ଆଗକୁ ଆସିଲେ ଭଲ ଲାଗେନି । ଆବହମାନ କାଳରୁ ଗ୍ରହଣ କରିନେଇଛୁ ତ କହୁଛୁ । ନବ କିଶୋରଙ୍କ ଗାୟକ ଜୀବନର ଅନୁଶୀଳନ ଏଡ଼େ ଚମତ୍କାର ଭାବେ ତପନ ଭାଇ କରିଛନ୍ତି ଆଉ ବହୁତ ଉତ୍କଣ୍ଠିତ କରେଇ ଦେଲେ ହିରଣ୍ମୟୀ ମିଶ୍ର ଅପା ଏବେ ତ ଲାଗୁଛି ବହିଟି ମୋର ପଢ଼ିବା ନିହାତି ଦରକାର, ନିଶ୍ଚିତ ଆଣିବି ।
ମଙ୍ଗଳାଯୋଡ଼ିର ବର୍ଣ୍ଣନା ଏତେ ଜୀବନ୍ତ ଯେ ଏ ଅକାଳ ଚାଲିଗଲେ ଯିବାର ଇଚ୍ଛାଟି ଜାଗ୍ରତ ହେଲା । ଏବଂ ଶେଷରେ ଲାମିନେଟେଡ୍‌ର ଓଡ଼ିଆ ଶବ୍ଦ ଖୋଜି ହତାଶ ହେଲି...କାଳଜୟୀର ଭଲ ଗୋଟେ ନୂଆ ଶବ୍ଦ ସହ ଲେଖାଟିରେ ଥିବା ଗହନ କଥା ମୋ ହୃଦୟ ସ୍ପର୍ଶ କଲା । ତେବେ ସତ୍‌ଲେଖକ ମୋତେ ଲାଗୁଛି ଏଇ କନକନିଆ ଆଜିର କିଛି ଷ୍ଟେଜ୍ ରାଇଟର୍ ଓ ପୋଏଟ୍‌ଙ୍କୁ ନେଇ ଚିନ୍ତିତ ବୋଲି ମୁଁ ଭାବୁନାହିଁ ବରଂ ମାଙ୍କଡ଼ ନାଚର ମଜ୍ଜା ନେଉଛି ସେ ବୋଲି ଲାଗେ । ଫକୀରମୋହନ କାଲି ବି ଥିଲେ ଆଜି ବି ଅଛନ୍ତି ଆସନ୍ତା କାଲି ବି ଥିବେ । ମୁଁ ସହମତ ଯେ ସାଧନା ଥିଲେ ସିଦ୍ଧି ଅବଶ୍ୟ ଆସିବ ଅନ୍ୟଥା ନିଜ ଲେଖାର ଡେଙ୍ଗୁରା ପିଟି କୂପମଣ୍ଡୁକ ହେବା କଥା । ଅନ୍ୟକୁ ନପଢ଼ିଲେ ଜ୍ଞାନ ବା କାଇଁ? ସମସ୍ତ ଲେଖକ/ ଲେଖିକା, ସମ୍ପାଦନା ମଣ୍ଡଳୀ ଓ ପାଠକ / ପାଠିକାଙ୍କୁ ମୋର ଅନ୍ତରରୁ ଧନ୍ୟବାଦ ।

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ,** ଭବାନୀପାଟଣା

**ଆମ ଉତ୍ତର :** ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଯେ ଆପଣ ଜଣେ ଦରଦୀ ପାଠିକା ଭାବେ ଆମକୁ ମତାମତ ଦେଇ ଉତ୍ସାହିତ କରିଛନ୍ତି । କିଛି ଶବ୍ଦ ଇଂରାଜୀରେ ବେଶି ବୋଧଗମ୍ୟ ଓ ଭଲ ଲାଗେ । ସେଗୁଡ଼ିକର ଓଡ଼ିଆ ନ ଖୋଜି ଇଂରାଜିରେ ବୁଝାଯାଉ । ଅସୁବିଧା କଣ ?

## 'ରେବତୀ'ର ଅବିଶ୍ୱସନୀୟ ଉତ୍ତରଣ ଘଟିଛି

● ରେବତୀ, ଓଡ଼ିଆ ଜନଜୀବନର ସରଳ ତଥା ନିରୀହ ଉଚ୍ଚାରଣଟିଏ, ଯାହା ସମୟର କଷଟି ପଥରରେ ବହୁ ପରୀକ୍ଷିତ, କ୍ରମେ ନୀରବ ବିପ୍ଳବିନୀ ପାଲଟି ଯାଇଛି । ପତ୍ରିକା 'ରେବତୀ'ର କିନ୍ତୁ ଅବିଶ୍ୱସନୀୟ ଉତ୍ତରଣ ଘଟିଛି । ନିରୀହପଣର ଖୋଳପାରୁ ଝାଡ଼ିଝୁଡ଼ି ହୋଇ ସେ କେବେ ପ୍ରଜାପତି ତ କେବେ ଓଡ଼ିଆସାହିତ୍ୟର ସୃଷ୍ଟିସୌରଭ ପାଲଟି ଯାଇଛି । ଏହାର ପ୍ରଭାବ ଭବିଷ୍ୟତ ପିଢ଼ିଙ୍କୁ ସାହିତ୍ୟ ମନଯୋଗୀ କରିବ ବୋଲି ଦୃଢ଼ ନିଶ୍ଚିତ ।

ନବ କିଶୋର ମିଶ୍ର, ଆମମାନଙ୍କର 'ନବ ଭାଇନା'ଙ୍କ ଗୀତର ଗଳ୍ପ ଏକ ଚମତ୍କାର ସମ୍ଭାବନା । ସେ ତ ସୁର-କନ୍ଦର୍ପ । 'ଆସିଛି ଦେଖି ତୋ କଳାବଦନକୁ' ଯିଏ ଶୁଣିଛି ସେ ତାଙ୍କ ପ୍ରେମରେ ପଡ଼ିଛି । ସମୀକ୍ଷା ଖୁବ୍ ଭଲ ଲାଗିଲା । ଯେଉଁ ସମୟରେ ମଣିଷ କେବଳ ନିଜ ପରିଧି ଭିତରେ ଘୁରି ବୁଲୁଛି, ନିଜ ବିଚାରରେ ନିଜେ ସର୍ବୋତ୍କୃଷ୍ଟ ବୋଲି ଘଣ୍ଟ ପିଟି ଚାଲିଛି, ସେତିକିବେଳେ ଆଉ ଜଣେ ସାଧକଙ୍କୁ ନେଇ ଗପର ପେଡ଼ି ଖୋଲିବାର ଚିନ୍ତା କେବଳ ଗାଳ୍ପିକ ତପନ ମହାପାତ୍ର ହିଁ କରି ପାରନ୍ତି । ନୟାଗଡ଼ ଅନନ୍ତକାଳ ଯାଏଁ ଋଣୀ ରହିବ । ସମୀକ୍ଷାଟିକୁ ନିଜର ଗାଳ୍ପିକ ସୁଲଭ ସୌଷ୍ଠବରେ ସଜାଇ ଥିବାରୁ ସମ୍ମାନନୀୟା ହିରଣ୍ମୟୀ ମିଶ୍ରଙ୍କ ନିକଟରେ ଆମେ ନୟାଗଡ଼ବାସୀ ଚିରକୃତଜ୍ଞ ।

**ଅଶୋକ ମଲ୍ଲ,** ନୟାଗଡ଼

## ନବୀନ ଲେଖକଲେଖିକାଙ୍କ ପାଇଁ ଅନୁଜ୍ଞାପତ୍ରଟିଏର ଆବଶ୍ୟକତା ରହିଛି

● 'ରେବତୀ'ର ଅଗଷ୍ଟ ସଂଖ୍ୟା ପଢ଼ି ଖୁସି ଲାଗିଲା । 'ଶେଷକଥା'ରେ ଲେଖକମାନଙ୍କୁ ଅନୁଜ୍ଞାପତ୍ର ପ୍ରସ୍ତାବଟି ସ୍ୱାଗତଯୋଗ୍ୟ । ସେପରି ପରିଚୟ ପତ୍ରଟିଏ ଲେଖକର ଉତ୍ସାହବର୍ଦ୍ଧନ ନିମିତ୍ତ ସହାୟକ ହେବ । ପ୍ରଥମକରି ସ୍କୁଲ୍ ଯାଉଥିବା ଶିଶୁଟିଏ ତା ଜାମାରେ ପରିଚୟ ପତ୍ର (ଆଇଡେଣ୍ଟିଟି କାର୍ଡ଼)ଟିକୁ ଝୁଲାଇ ଉଲ୍ଲସିତ ହୁଏ । ଆମେ ଯିଏ ଯେଉଁଠି କାମ କରୁନା କାହିଁକି ସେଠିକାର ପରିଚୟ ପତ୍ର ନେଇ ଗର୍ବ କରୁ । ସେ ସ୍ଥାନକୁ ଅବାଧରେ ପ୍ରବେଶ କରିବାର ଅଧିକାର ପାଇଥାଉ । ସେପରି ଲେଖକଟିଏ ତାର ଅନୁଜ୍ଞାପତ୍ରଟିଏ ଅନାୟାସରେ ପାଇବାର ବ୍ୟବସ୍ଥା ହୋଇ ପାରିଲେ ନବୀନ ପ୍ରତିଭା ମାନେ ଉତ୍ସାହିତ ହେବେ । ପ୍ରବୀଣମାନଙ୍କ ସହ ସମାସୀନ ହେବାକୁ ସଂକୋଚ କରିବେ ନାହିଁ । ସେମାନଙ୍କ ସଂସ୍ପର୍ଶରେ ଆସି ନିଜ ପ୍ରତିଭାର ବିକାଶ କରି ପାରିବେ । ଅନୁଭବ କରି ପାରିବେ ସେମାନେ ବି ଜଣେ ଜଣେ ସାହିତ୍ୟ ସାଧକ ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,** ଭୁବନେଶ୍ୱର

## ପାରମ୍ପରିକ ହସ୍ତତନ୍ତର ଫ୍ୟୁଜନ୍ ପାଇଁ 'ରେବତୀ'ର ଏ ସଂଖ୍ୟା ପ୍ରଚ୍ଛଦ ଅତିବ ଆକର୍ଷଣୀୟ

● ବର୍ତ୍ତମାନ ପରିସ୍ଥିତିରେ 'ରେବତୀ'ର ଡିଜିଟାଲ୍ ସଂସ୍କରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଚମତ୍କାର ପ୍ରଚ୍ଛଦ ଓ ଦ୍ୱି-ପ୍ରଚ୍ଛଦ । ପାରମ୍ପରିକ ହସ୍ତତନ୍ତର ଫ୍ୟୁଜନ୍ ଏ ସଂଖ୍ୟା ପ୍ରଚ୍ଛଦର ମୁଖ୍ୟ ଆକର୍ଷଣ । ପ୍ରଚ୍ଛଦ ମଡ଼େଲ୍‌ଙ୍କର ଓଡ଼ିଶା ହସ୍ତତନ୍ତ ବସ୍ତ୍ର ବ୍ୟବହାର ପାଇଁ ବହୁଦିନରୁ ମୋ ଭଳି କିଛି ପାଠକଙ୍କର ଅନୁରୋଧ ଥିଲା । ଏଥିପାଇଁ ସମ୍ପାଦନା ମଣ୍ଡଳୀଙ୍କୁ ଧନ୍ୟବାଦ । ସଂପାଦକୀୟରେ ନାରୀମାନଙ୍କ ସଂଯମ ଓ ଶୃଙ୍ଖଳା ଉପରେ ସୁନ୍ଦର ଆଲେଖ୍ୟ ସମ୍ପାଦିକାଙ୍କର । 'ଶେଷପୃଷ୍ଠା'ରେ 'ଲେଖକର ଲକ୍ଷଣରେଖା' ସମୟୋପଯୋଗୀ ସୁନ୍ଦର ଆଲୋଚନା । ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କର ଏ 'ଶେଷପୃଷ୍ଠା' ଆମ ସାହିତ୍ୟିକମାନଙ୍କୁ ପ୍ରଭାବିତ କରିବ ବୋଲି ଆଶା । ନେତାଜୀ ଅଭିନନ୍ଦନଙ୍କର ଧାରାବାହିକଟିର ଅପେକ୍ଷାରେ ଥାଏ ମୁଁ । ତା ସହ ଏବେ ଯୋଡ଼ି ହୋଇଛି ପବିତ୍ର ମୋହନ ଦାଶଙ୍କର 'ଦାସେ ଆପଣେ' । ଲକ୍ଷ୍ମୀପ୍ରିୟା ଓଝାଙ୍କର ଭ୍ରମଣ କାହାଣୀ ପରଷିବା ଶୈଳୀ ଅନନ୍ୟ ସ୍କୁଲ୍ ପ୍ରୋଜେକ୍ଟ, unknown wondersରୁ ନେଇ ଡବଲ୍ ଡେକର୍ ରୁଟ୍ ବ୍ରିଜ୍, ନ୍ୟାଚୁରାଲ୍ ସୁଇମିଂପୁଲ୍, ରେନ୍ ବୋ ଫଲ୍ସ୍ ପର୍ଯ୍ୟନ୍ତ ସବୁକିଛି ପାଠକକୁ ନିଜ ସହ ବାନ୍ଧି ରଖିବାରେ ତାଙ୍କ ପ୍ରଚେଷ୍ଟାରେ ସେ ଶତପ୍ରତିଶତ ସଫଳ ହୋଇଛନ୍ତି । ଅଜୟ ସ୍ୱାଇଁଙ୍କର ନିଆରା ଶୈଳୀରେ 'ମହଲର ମଣିଷ' ରୁଦ୍ଧିମନ୍ତ । ବରେଣ୍ୟ ବଂଶୀଧର ରାଉତଙ୍କ ବିଷୟରେ ବହୁତ କିଛି ଜାଣିବାକୁ ମିଳିଲା । ଲାଉତୁମ୍ବାର ବିରଳ କାରିଗରୀକୁ ଲୋକଲୋଚନକୁ ଆଣିଥିବାରୁ ଦ୍ୱିତୀଚନ୍ଦ୍ର ସାହୁ ଧନ୍ୟବାଦର ପାତ୍ର । ସେମିତି ବାଉଁଶ କାରିଗରଙ୍କ କଥା ଖୁବ୍ ସୁନ୍ଦର ଉପସ୍ଥାପନା କରିଛନ୍ତି ନିରଞ୍ଜନ ନାୟକ । ଡକ୍ଟର କବିତା ବାରିକଙ୍କର ଗଳ୍ପ, ଖାଲି ଗଳ୍ପ ନୁହେଁ, ଏକ ଗଭୀର ଅନୁଧ୍ୟାନାତ୍ମକ ସମୀକ୍ଷା । ମୀନା ସ୍ୱାଇଁଙ୍କର ଗଳ୍ପର ପ୍ରବାହ ପାଠକଙ୍କୁ ବାନ୍ଧି ରଖିବ । ଆଲୋକ ବାରିକଙ୍କର ଗଳ୍ପଟି ଭଲ ଲାଗିଲା ।

**ପ୍ରତ୍ୟୁଷ ପଣ୍ଡା,** ୪ଡି/୧୪୬ ସେକ୍ଟର-୯ ସିଡ଼ିଏ, କଟକ

## 'ରେବତୀ' ଏକ ସାମାଜିକ ଅନୁଷ୍ଠାନ

● 'ରେବତୀ'ର ସେପ୍ଟେମ୍ବର ୨୦୨୦ ଡିଜିଟାଲ୍ ସଂସ୍କରଣ ଆରମ୍ଭରୁ ଶେଷଯାଏଁ ପଢ଼ିନେଲି । ସମ୍ପାଦିକା ମହାଶୟାଙ୍କର ନାରୀର ସ୍ୱରୂପ ଓ ସ୍ଥିତିକୁ ନେଇ ଅଭିବ୍ୟକ୍ତି ସହ ଶେଷରେ କୃଷ୍ଣ କୁମାର ମହାନ୍ତିଙ୍କ ଲେଖକଙ୍କ ସିଦ୍ଧିକୁ ନେଇ ଆତୁରତା ଉପରେ ଅଭିମତ ଭାବ-ଉଦ୍ଦୀପକ ଓ ବିଚାର୍ଯ୍ୟ । ପତ୍ରିକାଟିରେ ଆଧ୍ୟାତ୍ମ, ପ୍ରକୃତି, ପରିବେଶକୁ ନେଇ ଆଲେଖ୍ୟ ଗୁଡ଼ିକ ଅଜଣା ତଥ୍ୟ ସଂବଳିତ । କବିତା ଓ ଗଳ୍ପଗୁଡ଼ିକ ଉଚ୍ଚକୋଟୀର । ପତ୍ରିକାଟି ପଢ଼ି ହୃଦ୍‌ବୋଧ ହେଲା 'ରେବତୀ' କେବଳ ଗୋଟିଏ ପତ୍ରିକା ନୁହଁ, ବରଂ ଏକ ସାମାଜିକ ଅନୁଷ୍ଠାନ, ଯେଉଁଥିରେ ଜୀବନର ସମସ୍ତ କ୍ଷେତ୍ରକୁ ସନ୍ନିବେଶିତ କରାଯାଇଛି । 'ରେବତୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ,** ଭୁବନେଶ୍ୱର



# ନାରୀ : ମାତୃଶକ୍ତିର ପ୍ରତୀକ

ନାରୀର ଅନେକ୍ ରୂପ ମଧ୍ୟରୁ 'ମାଆ'ରୂପଟିରେ ଥାଏ ସର୍ବାଧିକ ସାନ୍ତ୍ୱନା । ନାରୀଟିଏ ଆଉ ଯାହା ହେଉନା କାହିଁକି, ଅନ୍ତର୍ମନରେ ସେ ମାଆଟିଏ । ଏଇ ମାଆ ହେବାର ପରମ ଆକାଂକ୍ଷା ମୂଳରେ ହିଁ ପରିବାର ବା ସମାଜ ଗଠନର ପ୍ରକ୍ରିୟାଟି ନିହିତ । ନାରୀଟିଏ ମାଆର ଭୂମିକାରେ ଅବତୀର୍ଣ୍ଣ ନହେବା ଯାଏଁ, ନା ପରିବାର ନା ସମାଜ, କିଛି ବି ସମ୍ଭବ ନୁହେଁ । ସୃଷ୍ଟିର ଆରମ୍ଭ ହିଁ ଏଇ ମାତୃରୂପରେ ପରିପ୍ରକାଶ ହୁଏ । ନାରୀଟିଏ ମାଆ ହେବାର ଶୁଦ୍ଧପୂତ ଆକାଂକ୍ଷା ଓ ଅଭୀପ୍ସା ଉପରେ ଦଣ୍ଡାୟମାନ ଆମେ ସଭିଏଁ । ଏଇ ମାଆ ହେବାର ପଶ୍ଚାତ୍‌ରେ ଥାଉ ଯେତେ ବି ତ୍ୟାଗ, ତିତିକ୍ଷା, ଯନ୍ତ୍ରଣା ଓ ଯାତନା, ନାରୀର ପୂର୍ଣ୍ଣତା ଥାଏ କିନ୍ତୁ ସେଇ ମାଆ ହେବାରେ । ମାନବସମାଜର ପ୍ରତିଟି ସିଦ୍ଧି ଓ ସଫଳତା ଠାରୁ ଆରମ୍ଭ କରି ମୋକ୍ଷ ପର୍ଯ୍ୟନ୍ତ ସବୁଥିରେ ଏଇ ମାତୃରୂପଟିର କଲ୍ୟାଣ ଓ କୃପା ନିହିତ । ସେଇଥିପାଇଁ ତ ଆମର ସଂସ୍କୃତି ଓ ପରମ୍ପରା ମାତୃକୈନ୍ଦ୍ରିକ । 'ମାତୃରୂପେଣ ସଂସ୍ଥିତା' ବୋଲି ଯାହା ଉଚ୍ଚାରିତ ହୁଏ, ତା'ରି ମୂଳରେ ଏଇ ସବୁକିଛି ବିଦ୍ୟମାନ । ଯେଉଁଠି ମାଆର ଆଦର ନାହିଁ, ସେଠି ସଂସ୍କୃତି ବା ସଂସ୍କାର ବୋଲି କିଛି ନାହିଁ- ଏ କଥା ଆମେ ସମସ୍ତେ ଜାଣୁ ।

ମାତା ହିଁ 'ଜୀବ'ର ଜନ୍ମଦାତ୍ରୀ । ମାତା ହିଁ ଜନ୍ମ ଦେଇଥାଏ ଜୀବଜଗତକୁ । ସେଇ ମାତା ହିଁ ପାଳିଥାଏ ମଧ୍ୟ । ଧାରଣ ଓ ପାଳନ- ଉଭୟରେ ସମର୍ଥ 'ମାତା' ହିଁ ତ ନାରୀର ଏକ ବଳିଷ୍ଠ ସ୍ୱରୂପ । ଏ ଧାରଣର କ୍ଷମତା ପଛରେ ଯେଉଁ 'ଶକ୍ତି'ଟି ଥାଏ, ତାହା କେବଳ 'ମାତୃଶକ୍ତି' ଭାବେ ହିଁ ଆମେ ବୁଝିଥାଉଁ । କାରଣ 'ମାତୃଶକ୍ତି' ହିଁ ଏ ସୃଷ୍ଟିକୁ ଧରି ରଖିବାର ଏକ ହିଁ ମାଧ୍ୟମ । ସେଇଥିପାଇଁ ତ ମହାଭାରତୀୟ ଚେତନାରେ 'ଶକ୍ତି' ପୂଜାର ପରମ୍ପରା ରହି ଆସିଛି ।

ସମାଜ ହେଉ ଅବା ପରିବାର, ପ୍ରତିଟି କ୍ଷେତ୍ରରେ 'ମାତୃଶକ୍ତି' ହିଁ ମୂଳକେନ୍ଦ୍ର । ମାଆଟିଏ ହିଁ ପରିବାରଟିକୁ ସୃଜେ, ଗଢ଼େ, ପାଳେ ଓ ସୁରକ୍ଷା ଦିଏ । ମାଆର ଏ ତ୍ୟାଗ ଓ ତପସ୍ୟା ଅତୁଳନୀୟ । ଏହାର ବିକଳ୍ପ ନାହିଁ । ସୁତରାଂ ମାଆର ଅମର୍ଯ୍ୟାଦା ମାତୃଶକ୍ତିର ଅବମାନନା ବୋଲି ଧରାଯାଏ । ମାତୃଶକ୍ତି ହିଁ ଜୀବକୁ ସତ୍‌ମାର୍ଗ, ସଦ୍‌ଜ୍ଞାନ, ସତ୍‌ଚିନ୍ତାରେ ଅଭିମନ୍ତ୍ରିତ କରିଥାଏ । ଆମେ ସମସ୍ତେ ସେଇ ମାତୃଶକ୍ତି ପାଖରେ ଆଶ୍ରିତ । ତା'ର ଅନୁଗାମୀ । ଏହା ବିନା 'ଜୀବ' ଜଡ଼ ପାଲଟିବା ଅବଶ୍ୟମ୍ଭାବୀ- ଏକଥା ଆମେ ଭୁଲିଯିବା ଅନୁଚିତ ।

ଜନନୀର ଜଠରରୁ ହିଁ 'ସୃଷ୍ଟି' ସଞ୍ଚାରିତ ହୁଏ । ଜନନୀ ଜନ୍ମ ଦିଏ । ଜନନୀ ହିଁ ଜୀବନର ପ୍ରଥମ ଜ୍ୟୋତି । ପ୍ରଥମ ଆଲୋକ । ଜନନୀ ବିନା 'ସୃଷ୍ଟି' ଅସମ୍ଭବ । ତେଣୁ ଜନନୀ ପାଖରେ ହିଁ ସେଇ ପରମ ଶକ୍ତି ଥାଏ, ଯାହାକୁ ସେ ଜଗତର କଲ୍ୟାଣ ନିମନ୍ତେ ପ୍ରୟୋଗ କରେ । ଆବଶ୍ୟକ ପଡ଼ିଲେ ସଂହାର ନିମନ୍ତେ ମଧ୍ୟ ପ୍ରୟୋଗ କରିଥାଏ, ଜଗତ ଉଦ୍ଧାର ପାଇଁ ।

ଶାସ୍ତ୍ର ଏ ମାତୃଶକ୍ତିକୁ ତିନୋଟି ଭାଗରେ ଚିହ୍ନାଏ । ସୃଷ୍ଟିର ସର୍ଜନା, ସୃଷ୍ଟିର ପାଳନ ଓ ସୃଷ୍ଟିର ସଂହାର । ଏ ତିନୋଟି କର୍ମକୁ ମହାମାତା ତିନିଜଣ ସମ୍ପାଦନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଭାରତୀୟ ପରମ୍ପରା ଅନୁସାରେ ଭାରତକୁ 'ଭାରତମାତା' କୁହା ଯାଉଥିବା ବେଳେ ଆମେ ଯେଉଁ ଭୂମିରେ ବସବାସ କରୁ ତାକୁ 'ମାତୃଭୂମି' ବୋଲି ଆଖ୍ୟାୟିତ କରାଯାଏ । ସୁତରାଂ କେଉଁଠି ନା କେଉଁଠି 'ମାତୃଭାବନା', 'ମାତୃଶକ୍ତି' 'ମାତୃତତ୍ତ୍ୱ' ଆମର ମୂଳ ନାଭିକେନ୍ଦ୍ର କହିଲେ ଭୁଲ୍ ହେବ ନାହିଁ ।

'ମାତୃଶକ୍ତି', 'ସୃଷ୍ଟିକାରିଣୀ' ଯେପରି ସ୍ଥଳ ବିଶେଷରେ 'ବିନାଶକାରିଣୀ' ମଧ୍ୟ । ଦୁଷ୍ଟ ଶକ୍ତିର ବିନାଶ କରିବା ପାଇଁ ଯୁଗେ ଯୁଗେ 'ମାତୃଶକ୍ତି' ହିଁ ଆଗେଇ ଆସିଛି । ସେଥିପାଇଁ ତ ଦୁର୍ଗତିନାଶିନୀ ବୋଲି ଆଖ୍ୟା ପାଇଥାଏ ଏଇ 'ମାତୃଶକ୍ତି' । ଏ 'ଶକ୍ତି' ବିନା ଜୀବମଣ୍ଡଳ ହିଁ ଅସମ୍ଭବ । ଏ କଥା ଆମେ କେହି ଭୁଲିଯିବା ଅନୁଚିତ ।

ଯେଉଁ ଜାତି, ଯେଉଁ ମାଟି, ଯେଉଁ ବିଶ୍ୱାସ 'ମାତୃଶକ୍ତି' ଭଳି ଏକ ଅକ୍ଷୟ ଶକ୍ତି ଉପରେ ଠିଆ ହୋଇଛି, ସେ ଜାତି, ସେ ଦେଶ ଚେତନା ସ୍ତରରେ କେତେ ଉନ୍ନତ, କେତେ ଉଚ୍ଚାଙ୍ଗ, ଆମେ ଭାବିବା କଥା । 'ମାତୃଶକ୍ତି' ସର୍ବଦା ବନ୍ଦନୀୟା । ମାତୃଶକ୍ତିର ପଶ୍ଚାତ୍‌ରେ ଯେଉଁ ପ୍ରତୀକଟି ଆମ ଆଗରେ ଉଭା ହୁଏ, ସେ ତ 'ନାରୀ' ହିଁ । ଏ ନାରୀକୁ ଆମେ କ'ଣ ଆଜି ଉପାସନାରେ ବସେଇ ପାରିଛୁ । ଏ ନାରୀକୁ ଆମେ କ'ଣ ଆଜି ଶକ୍ତିର ଏକ ଉତ୍ସ ବୋଲି ମାନ୍ୟତା ଦେଇ ପାରିଛୁ ! ଏ ନାରୀକୁ କ'ଣ ଆମେ ବନ୍ଦନା କରିପାରିଛୁ ମାନବତାର ମନ୍ତ୍ରରେ ! ଏସବୁ ପ୍ରଶ୍ନ ଆନ୍ଦୋଳିତ କରୁନାହିଁ କାହିଁକି 'ମାତୃଶକ୍ତି'ର ଆରାଧନାରେ ଭିଜୁଥିବା ଏ ମାଟିର ମାନବସମାଜକୁ ? କାହିଁକି ଆମେ 'ମାତୃଶକ୍ତି'କୁ ପୃଥକ୍ କରିନେଉଛୁ 'ନାରୀଟି' ପାଖରୁ ? 'ନାରୀଶକ୍ତି'ର ନିରାଜନା କାହିଁକି ହେଉନାହିଁ ଆମ ସମାଜରେ ?

ଆଶ୍ୱିନ ମାସରେ ମାତା ପାର୍ବତୀଙ୍କ ପୂଜା ଆରାଧନା ବେଳେ ଆମେ କ'ଣ ମନେ ପକେଇ ପାରିବା ନାହିଁ ପ୍ରତିଟି ପରିବାରରେ, ଆମ ସମାଜରେ, ଆମେ ରହୁଥିବା ଆମ ମାଟିରେ 'ନାରୀ'ଟିଏ ପାଉ ତା'ର ନିଜସ୍ୱ ଶକ୍ତିର ପାଉଣା । ପାଉ ତା'ର ନ୍ୟାର୍ଯ୍ୟ ମର୍ଯ୍ୟାଦା । ପାଉ ତା'ର ନିଜସ୍ୱ ସମ୍ମାନ ! କାରଣ ଆମେ ଆମ ପରିବାରରେ ନାରୀଟିକୁ ଯଦି ଦେଇ ପାରିଲୁ ଉଚିତ୍ ସମ୍ମାନ, ତେବେ ଏକ ସଶକ୍ତ ସମାଜ ଗଢ଼ି ଉଠିବା ବେଶି ଡେରି ହେବ ନାହିଁ । ଯଦି ଆମେ ଆମ ପରିବାରର ପ୍ରତିଟି ପୁରୁଷ ସଦସ୍ୟଙ୍କୁ ଦେଇ ପାରିଲୁ ସଠିକ ସଂସ୍କାର, ନାରୀକୁ ସମ୍ମାନ କରିବାର ସୂତ୍ର, ତେବେ ନାରୀକୁ 'ଶକ୍ତି'ଭାବେ ପୂଜା କରିବାର ଏକ ନୂଆ ସମାଜ ଅଚିରେ ଦେଖିବ ଏ ଭାରତମାତା । ଆମେ କିନ୍ତୁ ମୂଳ ବା ଚେରକୁ ଦେଖୁନୁ, ଦେଖୁଛୁ ଆକାଶକୁ, ଦେଖୁଛୁ ଶିଖରକୁ, ଦେଖୁଛୁ ଅଗ୍ରଭାଗକୁ । ଭୁଲ୍ ସେଇଠି ରହୁଛି । ଆମକୁ ଆଗ ଆମ ପାଦତଳର ମାଟିକୁ ସଜାଡ଼ି ନେବାକୁ ହେବ । ତା'ପରେ ସେଇ ମାଟିରେ ତିଆରି ହୋଇପାରିବ 'ମାତୃଶକ୍ତି'ର ନିଆରା ପ୍ରତୀକ ଏଇ 'ନାରୀ' ।

ଅପ୍ରେଲ୍ ମାସରୁ ଏଯାଏଁ ଡିଜିଟାଲ୍ ସଂସ୍କରଣ ପ୍ରକାଶ କରି ଆପଣମାନଙ୍କୁ 'କରୋନା' ସମୟରେ ବାହାରକୁ ବାହାରିବାକୁ ନଦେଇ ଆମେ ଠିକ୍ କରିଚୁ କି ଭୁଲ୍, ଜାଣୁନା । କିନ୍ତୁ ପାର୍ବଣ ଅବସରରେ 'ରେବତୀ'ର ମୁଦ୍ରିତ ସଂଖ୍ୟାଟି ଆପଣମାନଙ୍କ ହାତକୁ ସମର୍ପି ଦେବା ବେଳେ ଆଶା କରିବି, ପୂର୍ବର ସେଇ ଭଲପାଇବା ଓ ଶ୍ରଦ୍ଧା ।

ସମସ୍ତଙ୍କୁ ଶାରଦୀୟ ଶୁଭେଚ୍ଛା ସହ....

**ସମ୍ପାଦିକା**





Email ID : rmcbalasore123@gmail.com Phone / Fax No.06782-255605

# OFFICE OF THE REGULATED MARKET COMMITTEE, BALASORE

AT : BAMPADA, PO : CHHANPUR, VIA-KURUDA, DIST : BALASORE, PIN-756056

## AIMS AND OBJECTIVES

- To facilitate marketing of agricultural produces of farmers.
- To establish market yards in each Blocks for procurement and marketing of agricultural produces. R.M.C, Balasore has established Block Level Market at Palasa and Taranga with all improved infrastructure.
- To create infrastructural facilities in Yards and Markets to be used by farmers, traders and public.
- To disseminate information on agricultural marketing among the farmers.
- To establish Model Markets in village level for benefit of the common people.
- R.M.C, Balasore has 2 nos. of Own Market Yard at Bampada Main Market Yard and Barikpur Sub-Market Yard.
- Besides, R.M.C has one G.P.Market at Balikhand.
- Takes vital role in paddy procurement Operation of Government by providing grading equipments to all PPCs.
- That apart, R.M.C has completed the development of Haladipada G.P. Market, Palasa Maraket, Taranga Market Yard and Constructed 4 nos. of Concrete Drying platform Cum Threshing Floors (CDPTF) under Bahanaga Block.
- To facilitate marketing of Agricultural Produces of farmers through e-NAM in order to benefit the farmers with remunerative price of their produces.

**Gopinath Biswal,** SARCS
Secretary,
Regulated Market Committee,
Balasore

**Nilu Mohapatra,** OAS-I(SB)
sub-collector, Balasore
cum
chairman, R.M.C, Balasore

# ଜୟପୁର ଦଶହରା



# ବନବାସୀଙ୍କ ନିଆରା ଗଣପର୍ବ : ଦଶହରା




**ଡକ୍ଟର ପ୍ରଦୀପ କୁମାର ମିଶ୍ର**

ଆଇ.ବି. ରୋଡ, ପାୱାର୍ ହାଉସ୍ କଲୋନୀ
ଜୟପୁର-୭୬୪୦୦୧, କୋରାପୁଟ
ଫୋନ: ୯୪୩୭୫୨୫୧୦୫



ଫଟୋ ସୌଜନ୍ୟ : ପରେଶ ରଥ ଓ ଲେଖକ

**କୁହାଯାଏ, ମହୀଶୂର୍ ପରେ ଜୟପୁର ଦଶହରା ସମଗ୍ର ଦେଶରେ ଦ୍ୱିତୀୟ ଗଣ ମହୋତ୍ସବର ମର୍ଯ୍ୟାଦା ପାଇଥିଲା । ଜୟପୁର ରାଜାଙ୍କର ମହୀଶୂର୍ ରାଜପରିବାର ସହ ସଂପର୍କ କାରଣରୁ ବର୍ଷ ପରେ ବର୍ଷ ଏହି ଗଣପର୍ବ ଅଧିକ ମାର୍ଜିତ ଓ ସମୃଦ୍ଧ ହୋଇ ୧୯୫୦ ଯାଏଁ ପାରମ୍ପରିକ ଭାବେ ପରିପାଳିତ ହୋଇ ଆସୁଥିଲା । ସୁନ୍ଦର, ମନୋରମ ପରିବେଶ ଭିତରେ ବର୍ଷା ପରେ ପରେ ଶାରଦୀୟ ସୁଷମାରେ ଜୟପୁର ଏକ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଧାରଣ କରୁଥିଲା । ଏହି ସମୟରେ ସାମାଜିକ ଗଣପର୍ବ ଦଶହରା ପାଇଁ ସାରାମୂଳକ ହୋଇ ଉଠୁଥିଲା ଉତ୍ସବମୁଖର ।**

ଜୟପୁର : ମର୍ତ୍ତ୍ୟର ଅଳକାପୁରୀ । ଅତୁଲ୍ୟ ସୁଷମାର ଭଣ୍ଡାର । ଚନ୍ଦନବନ ଶୋଭିତ ଦୁର୍ଭେଦ୍ୟ ଉତ୍ତୁଙ୍ଗ ସବୁଜ ପାହାଡ, ଅସଂଖ୍ୟ ଗିରିନିର୍ଝରର ବନଫୁଲଭରା ଶ୍ୟାମଳ ଉପତ୍ୟକା, ବନବିହଙ୍ଗର କାକଳି, ମେଘମାଳାକୁ ସଶ୍ରଦ୍ଧ ନିମନ୍ତ୍ରଣ କରୁଥିବା ଦିଗନ୍ତ ବିସ୍ତାରୀ ତୋଟାମାଳ, ଜଗନ୍ନାଥ ଓ ଶିବ ସାଗରର ଲୋଭନୀୟ ଦୃଶ୍ୟ, ମନ୍ଦିରମାଳିନୀ ଜୟପୁର, ସତରେ ନିଆରା ଏକ ସ୍ୱର୍ଗ । ମାଟିର ବୈକୁଣ୍ଠ ! କେବଳ ନୈସର୍ଗିକ ଦୃଷ୍ଟିରୁ ନୁହେଁ ସାମରିକ ଶକ୍ତିରେ ଦିନେ ଜୟପୁର ଥିଲା ଏକ ଦୁର୍ଦ୍ଧର୍ଷ ଗଡ । ବନବାସୀ ବୀରଙ୍କ ତ୍ୟାଗ ଓ ବଳିଦାନରେ ଏ ମାଟିର ଗୌରବ, ସେଦିନ ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କୁ କରିଥିଲା ମୁଗ୍ଧ । କାଞ୍ଚିବିଜୟରୁ ଫେରିବା ପଥରେ ବିଜୟର ସ୍ମାରକୀ ଭାବେ ରାଜା ବିଜୟ ଚନ୍ଦ୍ରାକ୍ଷଙ୍କ ହାତରେ ଟେକି ଦେଇଥିଲେ ମା' କନକଦୁର୍ଗାଙ୍କ କନକପ୍ରତିମାକୁ ।

୫ମ ଶତାବ୍ଦୀ ବେଳକୁ କୋରାପୁଟ ଥିଲା ଗଙ୍ଗରାଜ ବଂଶ ଦ୍ୱାରା ଶାସିତ ତ୍ରିକଳିଙ୍ଗର ଏକ ଅଂଶ । ଏହାର ଶକ୍ତି ଓ ସାମର୍ଥ୍ୟ ଏକାଦଶ ଶତାବ୍ଦୀ ବେଳକୁ ବୃଦ୍ଧି ପାଇଲା ଏବଂ ୧୫ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଶିଳାବଂଶୀଙ୍କ ହାତରୁ ବିକ୍ରମଦେଓ ଜୟପୁର ରାଜଗାଦି ପାଇ ଶାସନ କଲେ ଏବଂ ନିଜକୁ ସୂର୍ଯ୍ୟବଂଶୀ ଭାବେ ଘୋଷଣା କଲେ । ସେତେବେଳକୁ ଜୟପୁର ରାଜ୍ୟର ରାଜଧାନୀ ଥିଲା ନନ୍ଦପୁର, ଯାହା ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ବିକ୍ରମଦେବ ଦ୍ୱିତୀୟଙ୍କ ସମୟରେ ଜୟପୁରକୁ ସ୍ଥାନାନ୍ତରିତ ହୋଇଗଲା । ପରବର୍ତ୍ତୀ ସମୟରେ ଏହା ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ମାଡ୍ରାସ୍ ପ୍ରେସିଡେନ୍ସୀ ଅଧିନରେ ରହିଲା । ନନ୍ଦପୁରରୁ ରାଜଧାନୀ ଜୟପୁର ସ୍ଥାନାନ୍ତର ହେବା ପରେ, ପ୍ରଥମ ବିକ୍ରମଦେବଙ୍କ ଠୁ ଶେଷ ବିକ୍ରମଦେବ ବର୍ମାଙ୍କ ଯାଏଁ ଜୟପୁର ରାଜ୍ୟର ଉନ୍ନତି ଓ ବିକାଶ ଅନ୍ୟ ଗଡଜାତ୍ ରାଜ୍ୟଗୁଡିକ ଠାରୁ ଥିଲା ଢେର୍ ଆଗୁଆ । ବ୍ରିଟିଶ୍ ସରକାର ଯାହାକୁ 'ଜୟପୁର ଇଷ୍ଟେଟ୍' ବା 'ଜୟପୁର ଜମିଦାରୀ' ଭାବେ ସମ୍ମାନ ଜଣାଉଥିଲେ । ଏହି ରାଜ୍ୟର ରାଜକର୍ମଚାରୀଗଣ ହାତୀ ପିଠିରେ ଯାଇ ଖଜଣା ଆଦାୟ କରୁଥିଲେ । ସରଳ ପ୍ରଜାଗଣ ସ୍ୱତଃସ୍ଫୂର୍ତ୍ତ ଭାବେ ଖଜଣା ପ୍ରଦାନ କରି ରାଜଭଣ୍ଡାରକୁ ଧନଦୌଲତରେ ଭରି ଦେଇଥିଲେ । ଏଣୁ ଜୟପୁର ଏକ ଧନାଢ୍ୟ ଜମିଦାରୀ ଭାବେ ସାରାଦେଶରେ ପ୍ରସିଦ୍ଧି ଅର୍ଜନ କରିଥିଲା । ସ୍ୱୟଂ ବ୍ରିଟିଶ୍ ସରକାର ଜୟପୁର ରାଜ୍ୟକୁ ବେଶ୍ ଖାତିର୍ କରୁଥିଲେ ଓ ସମ୍ମାନ ପ୍ରଦାନ କରୁଥିଲେ । ଏ ମାଟି ଥିଲା ସାଂସ୍କୃତିକ ମହାମିଳନର ଏକ ପୁଣ୍ୟଭୂଇଁ । ବୌଦ୍ଧ, ଜୈନ, ଶୈବ୍ୟ, ଶାକ୍ତ ଧର୍ମାବଲମ୍ବୀ ମାନେ ଏଠାରେ ନିଜ ମତବାଦର ପ୍ରଚାର ସହ ସାଧନାର ଏକ ପ୍ରଶସ୍ତ କ୍ଷେତ୍ର ଭାବେ ଏହାକୁ ବାଛି ନେଇଥିଲେ । ଯା'ର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆଜି ବି ସୁବାଇ, ନନ୍ଦପୁର, କେଟେଲା, ପୋଡାଗଡ, ଜାମୁଣ୍ଡା, ପାଳିବା

ଦଶହରା ସମୟରେ ରାଜାଙ୍କ ସୁସଜ୍ଜିତ ହାତୀ





ଭୈରବ ସିଂହପୁର ଆଦି ସ୍ଥାନରେ ମିଳେ । ଏହି ମାଟିରେ ଆର୍ଯ୍ୟ, ଅନାର୍ଯ୍ୟ ଓ ଅଷ୍ଟିକ୍ ଗୋଷ୍ଠୀର ମିଳନରୁ ସୃଷ୍ଟ ସଂସ୍କୃତି ଅଦ୍ୟାବଧି ବଞ୍ଚି ରହିଛି ।



ଜୟପୁର ରାଜ୍ୟରେ ସେତେବେଳେ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଦଶହରା, ରଥଯାତ୍ରା ବ୍ୟତୀତ ଧଣ୍ଡାଯାତ୍ରା, ବାଲିଯାତ୍ରା, ଚାପଯାତ୍ରା, ଚନ୍ଦନଯାତ୍ରା, ହୋଲି ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହେଉଥିଲା । ବିଶେଷତଃ ରଥଯାତ୍ରା ଓ ଦଶହରା ସମୟରେ ଚନ୍ଦାହାଣ୍ଡି ଠାରୁ ବୋବଲି ଏବଂ ବସ୍ତର ଠୁ ପାରଳା ସୀମାନ୍ତ ଯାଏଁ ପ୍ରତ୍ୟେକ ଅଂଚଳରୁ ହଜାର ହଜାର ବନବାସୀ ଏହି ମହୋତ୍ସବରେ ସାମିଲ୍ ହେଉଥିଲେ । କୁହାଯାଏ, ମହୀଶୂର୍ ପରେ ଜୟପୁର ଦଶହରା ସମଗ୍ର ଦେଶରେ ଦ୍ୱିତୀୟ ଗଣ ମହୋତ୍ସବର ମର୍ଯ୍ୟାଦା ପାଇଥିଲା । ଜୟପୁର ରାଜାଙ୍କର ମହୀଶୂର୍ ରାଜପରିବାର ସହ ସଂପର୍କ କାରଣରୁ ବର୍ଷ ପରେ ବର୍ଷ ଏହି ଗଣପର୍ବ ଅଧିକ ମାର୍ଜିତ ଓ ସମୃଦ୍ଧ ହୋଇ ୧୯୫୦ ଯାଏଁ ପାରମ୍ପରିକ ଭାବେ ପରିପାଳିତ ହୋଇ ଆସୁଥିଲା । ଜୟପୁରର ଚତୁର୍ଦ୍ଦିଗରେ ଚନ୍ଦନ ବଣ ସୃଷ୍ଟି କରିବା ପଛରେ ଜୟପୁର ରାଜନ୍ୟବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସୁନ୍ଦର, ମନୋରମ ପରିବେଶ ଭିତରେ ବର୍ଷା ପରେ ପରେ ଶାରଦୀୟ ସୁଷମାରେ ଜୟପୁର ଏକ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ଧାରଣ କରୁଥିଲା । ଏହି ସମୟରେ ସାମାଜିକ ଗଣପର୍ବ ଦଶହରା ପାଇଁ ସାରାମୂଳକ ପ୍ରସ୍ତୁତ ହୋଇ ଉଠୁଥିଲା । ଜୟପୁର ରାଜ୍ୟରେ ବାସ କରୁଥିବା ପ୍ରାଚୀନ ଜନଜାତି, ବଣ୍ଡା, ଡିଡାଇ, ପରଜା, କନ୍ଧ, ଅମାନତ୍ୟ, ଭତରା, ଗଣ୍ଡ, ଗୋୟା, ଗାଦ୍‌ବା, ଜାତପୁ, ପେଣ୍ଟିଆ ଆଦି ସମସ୍ତ ଜନଜାତି ଆପଣା ଜନପଦର 'ଗ୍ରାମଦେବତୀ'ଙ୍କୁ ଏହି ପର୍ବରେ ସାମିଲ୍ କରିଥାନ୍ତି । ସେମାନଙ୍କ ପ୍ରତିନିଧି ସ୍ୱରୂପ 'ଉଭାଲାଠି' ଧରି ଜୟପୁର ଆସିବା ପାଇଁ ପ୍ରାୟ ଏକ ମାସ ଆଗରୁ ନିଜକୁ ପ୍ରସ୍ତୁତ କରିଥାନ୍ତି । ଜୟପୁରର ପ୍ରସିଦ୍ଧ ଦଶହରା ମା' କନକଦୁର୍ଗା, ମା' ଭଗବତୀ ଓ ପୁରୁଣାଗଡର ମା' କାଳୀଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ହୋଇଥାଏ ।

## ବନବାସୀ ଚେତନାରେ ଦେବୀ

ତନ୍ତ୍ର ସାଧନା ଓ ଦେବୀ ଉପାସନାର ସୁଦୀର୍ଘ ପରଂପରା ଓ ପ୍ରତିଷ୍ଠା ଯୋଗୁଁ ରାଜ୍ୟର ରାଜନ୍ୟବର୍ଗ, ଅନ୍ୟ ଅଂଚଳର ଦେବୀପୀଠ ଗୁଡିକ ଜରିଆରେ ପ୍ରଜାମାନଙ୍କ ସହ ଏକ ଆତ୍ମିକ ସଂପର୍କ ଯୋଡିବା ପାଇଁ ଏହି ଉତ୍ସବକୁ ଏକ ଦିବ୍ୟ ସୁଯୋଗ ମନେ କରିଥାନ୍ତି । ଅବିଭକ୍ତ କୋରାପୁଟର ସାଂସ୍କୃତିକ ଚେତନାରେ ଗ୍ରାମଦେବୀଙ୍କର ଭୂମିକାକୁ କିଏ ଅସ୍ୱୀକାର କରିବ ? ସେମାନେ ଗ୍ରାମର ସାମୂହିକ ମଙ୍ଗଳ ପାଇଁ ତମାମ୍ ବର୍ଷ ବିଭିନ୍ନ ପର୍ବପର୍ବାଣି ଦେବୀପୀଠରେ ପାଳନ କଲେ ହେଁ ଦଶହରା ତାଙ୍କ ପାଇଁ ଏକ ନିଆରା ବିଶେଷତ୍ୱ ବହନ କରେ । ରାଜା ସହ ପ୍ରଜାର ମିଳନ, ସାଂସ୍କୃତିକ ସମନ୍ୱୟ, ଐକ୍ୟ ଓ ସଂହତି ପାଇଁ ମାଁଙ୍କର ଏହା ନିର୍ଦ୍ଦେଶ ମନେକରି ଲାଠିକୁ ସାଙ୍ଗରେ ନେଇ ବନବାସୀ ସେବାୟତଗଣ ଦୀର୍ଘପଥ ଅତିକ୍ରମ କରି ଜୟପୁରଗଡରେ ପହଞ୍ଚିଥାନ୍ତି । କନ୍ଧଙ୍କର 'ଧରନୀପେନୁ', ଗଣ୍ଡଙ୍କ 'ଦନ୍ତେଶ୍ୱରୀ', କୋୟାଙ୍କ 'ଗୁଡୁମାତା', ସୌରାଙ୍କ 'କିତୁମ୍', ବଣ୍ଡାଙ୍କ 'ପାଟଖଣ୍ଡା', ଭତରାଙ୍କ 'ଇଲାଜିନ୍' ଓ 'ପେଣ୍ଡ୍ରାଣୀ', ଭୂମିଆଙ୍କ 'ହୁଣ୍ଡି', ପରଜାଙ୍କ 'ନିଶାନ୍ ମୁଣ୍ଡା', ଦୁରୁଆଙ୍କ 'ଗୁଡିମାତା' ଆଦି ପ୍ରଧାନ । ବନବାସୀମାନେ ସାଧାରଣତଃ ପ୍ରକୃତିର ବିଭିନ୍ନ ଶକ୍ତିକୁ ପୂଜା କରିଥାନ୍ତି। ତନ୍ମଧ୍ୟରୁ ପୃଥିବୀ ଓ ସୂର୍ଯ୍ୟ ମହାଶକ୍ତିକୁ ପିତାମାତା ତୁଲ୍ୟ ମନେ କରି ଆପଣଙ୍କୁ ସେମାନଙ୍କ ସନ୍ତାନ ଭାବେ ଗ୍ରହଣ କରିଥାନ୍ତି । ଏତଦ୍‌ବ୍ୟତୀତ ପୂର୍ବପୁରୁଷଙ୍କ ଆତ୍ମାକୁ 'ଡୁମ୍ବା' ଭାବେ ପୂଜା କରିବାର ପରଂପରା ପ୍ରତ୍ୟେକ ଜନଜାତିର ରହିଛି । ସେମାନଙ୍କର ସନ୍ତୋଷ ବିଧାନ ବିନା ବନବାସୀ ଜାତି କଦାପି ସୁଖ ଓ ଶାନ୍ତିରେ ରହି ପାରିବନି- ଏକଥା ଭାବି ବିଭିନ୍ନ ସମୟରେ ସେମାନଙ୍କ ଉଦ୍ଦେଶ୍ୟରେ ପଶୁପକ୍ଷୀଙ୍କୁ ବଳି ଦେଇଥାନ୍ତି । ବନବାସୀଙ୍କର ସମସ୍ତ ପର୍ବପର୍ବାଣି ସାଧାରଣତଃ ଗୋଟିଏ ସ୍ଥାନରେ ସାମୂହିକ ମଙ୍ଗଳ ପାଇଁ ଆୟୋଜନ କରାଯାଏ ଏବଂ ସବୁ ପର୍ବପର୍ବାଣିର କେନ୍ଦ୍ରରେ ଥାନ୍ତି



'ଦେବୀ' । ସେ ହିଁ ସୃଷ୍ଟି, ସ୍ଥିତି ଓ ବିଲୟର କାରଣ ଭାବି ତାଙ୍କର ତୃପ୍ତିବିଧାନ ପାଇଁ ତମାମ ବର୍ଷ ବଣମୁଲକରେ ହୁଏ ବିଭିନ୍ନ ପର୍ବପର୍ବାଣିର ଆୟୋଜନ । ବନବାସୀ ସଂସ୍କୃତି ମାତୃକୈନ୍ଦ୍ରିକ ସଂସ୍କୃତି । ତାଙ୍କ ସାମାଜିକ ଓ ଧାର୍ମିକ ଜୀବନରେ ମଧ୍ୟ 'ମାତୃଶକ୍ତି'କୁ ବେଶ୍ ଗୁରୁତ୍ୱ ଦିଆ ଯାଏ । ଏହି ଭାବଚେତନା ହିଁ ଦେବୀ ଉପାସନାର ମୂଳକଥା ।

## ଜୟପୁର ଦଶହରାର ପ୍ରସ୍ତୁତି

ଦଶହରା ମହୋତ୍ସବର ଆଦ୍ୟ ପ୍ରବର୍ତ୍ତକ ଥିଲେ ସୂର୍ଯ୍ୟବଂଶୀ ରାଜା ବିଜୟ



ଚନ୍ଦ୍ରାକ୍ଷ । ଏହା ପଞ୍ଚଦଶ ଶତାବ୍ଦୀର ଶେଷଆଡକୁ ନନ୍ଦପୁରରେ ପାଳିତ ହେବା କଥା ଇତିହାସରୁ ଜଣାପଡେ । କନକଦୁର୍ଗାଙ୍କର ଷୋଡ଼ଶ ଦିନବ୍ୟାପୀ ଏହି ପୂଜା ଯଦିଓ ତନ୍ତ୍ର ଓ ଆଧ୍ୟାତ୍ମିକ ପରଂପରା କ୍ରମେ ଆଜି ବି ଅନୁଷ୍ଠିତ ହେଉଛି, ତଥାପି ସପ୍ତମୀ ତିଥି ଠାରୁ ବିଜୟାଦଶମୀ- ଏହି ତିନି ଚାରି ଦିନ ହିଁ ଦଶହରା ମହୋତ୍ସବରେ ଜୟପୁର ରାଜ୍ୟର ଜନସାଧାରଣ ନିଜକୁ ସଂପୂର୍ଣ୍ଣ ଭାବେ ସାମିଲ୍ କରିଥାନ୍ତି । ଅବଶ୍ୟ ୨୦୦୫ ମସିହା ପର ଠାରୁ ଦେବୋତ୍ତର ବିଭାଗ ଓ ଦଶହରା ପାଳନ କମିଟିର ମିଳିତ ସହଯୋଗରେ ପ୍ରତିବର୍ଷ ମୂଳାଷ୍ଟମୀ ତିଥିରେ ଭଗବତୀ ଦେବୀପୀଠରେ ସହସ୍ର କୁମ୍ଭାଭିଷେକ ଓ ପୂଜାର୍ଚ୍ଚନା ସହ ଦେବୀ ଭଗବତୀଙ୍କ ଠାରୁ ଅନୁମତି ନେଇ କମିଟିର ଏକ ଦଳ, ହଳଦିଆ ଚାଉଳ, ଗୁଆ, ହଳଦିଆ କନା, ନଡିଆ ଓ ନିମନ୍ତ୍ରଣ ପତ୍ର ନେଇ ବିଭିନ୍ନ ଦେବୀପୀଠରେ ପ୍ରଦାନ କରି ଜୟପୁର ଦଶହରାରେ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରିଥାନ୍ତି । ଏହା ଏକ ସୁଦୀର୍ଘ ପରଂପରାର ସୁରକ୍ଷାରେ ଆଜି ବି ବିଶେଷ ଉଲ୍ଲେଖ୍ୟଯୋଗ୍ୟ ଭୂମିକା ଗ୍ରହଣ କରି ଆସିଛି ।

ଅତୀତର ଆଇନାରେ ଦେଖିଲେ ଜଣାଯାଏ, ଜନସାଧାରଣ ଏହି ଉତ୍ସବରେ ନିଜକୁ ସାମିଲ୍ କରୁଥିଲେ । ଶୁକ୍ଳ ପ୍ରତିପଦା ଦିନ ଠାରୁ ହିଁ ରାଜପ୍ରାସାଦର ସାମ୍ନାରେ ଏକ ପତାକାସ୍ତମ୍ଭ ପୋତି ନବରାତ୍ର ଉତ୍ସବର ଶୁଭାରମ୍ଭ ହେଉଥିଲା । ଏହି ପତାକା ସ୍ତମ୍ଭରେ ହିଁ ଉଡୁଥିଲା ମା' କନକଦୁର୍ଗାଙ୍କର ପତାକା



ସହ ଏକ ଶୁକ୍ଳରଙ୍ଗର ପତାକା ଯାହାକି ଜୟପୁର ରାଜ୍ୟ ପାଇଁ ବିଜୟ ଗୌରବର ପ୍ରତୀକ ଥିଲା । ଜୟପୁରର ବୀର ବନବାସୀ ସୈନିକଗଣ ବସ୍ତର ସେନା ସହ ଯୁଦ୍ଧ କରି କୋଟପାଡ ପ୍ରଗଣା ପାଇବା ପରେ ଏହି ପତାକାକୁ ସେମାନଙ୍କ ଠାରୁ ଛଡାଇ ଆଣିଥିଲେ । କାଳେ ଶତ୍ରୁପକ୍ଷ ପୁଣି ଏ ପତାକାକୁ ଅପହରଣ କରିନେବେ ଏଥିପାଇଁ ସତର୍କତାର ସହ ଦିବାରାତ୍ରୀ ପ୍ରହରୀଗଣ ଏ ସ୍ତମ୍ଭକୁ ଜଗିଥୁଲେ । ଏହି ସମୟରେ ନଅ ଦିନ ଧରି ନନ୍ଦପୁର ନିକଟବର୍ତ୍ତୀ ଡାରେଙ୍ଗବା ଗ୍ରାମରୁ ଆସିଥିବା ଯୋଗୀ କନକଦୁର୍ଗାଙ୍କ ମନ୍ଦିର ନିକଟରେ ଦିବାରାତ୍ରୀ ଧ୍ୟାନରେ ବସୁଥିଲେ । ପୂର୍ବେ ରୌପ୍ୟ ବିମାନରେ ମା' କନକଦୁର୍ଗା ମହା ସମାରୋହରେ ନଗର ଭ୍ରମଣ କରିବାର ପରଂପରା ଥିଲା । ଏହି ସମୟରେ ପ୍ରାସାଦକୁ ଆକର୍ଷଣୀୟ ଭାବେ ସଜା ଯାଉଥିଲା । ୧୬ଟି ଗମ୍ବୁଜର ବିଶାଳ ରାଜପ୍ରାସାଦ ଓଡ଼ିଶାରେ ଥିଲା ଅଦ୍ୱିତୀୟ । ଗମ୍ବୁଜର ଶୀର୍ଷରେ ସୁନାକଳସର ସୌନ୍ଦର୍ଯ୍ୟ, ରାଜପ୍ରାସାଦରୁ ସୂର୍ଯ୍ୟମହଲ ଯାଏଁ ଅପୂର୍ବ ସାଜସଜ୍ଜା ଓ ରାଜୋଦ୍ୟାନର ମନୋରମ ଦୃଶ୍ୟ ସାଙ୍ଗକୁ ବିଭିନ୍ନ ବର୍ଗର ରାଜ କର୍ମଚାରୀଙ୍କର ରାଜଧାନୀକୁ ପ୍ରତ୍ୟାବର୍ତ୍ତନ ଏବଂ ସାମରିକ ଅଭ୍ୟାସ, ଢୋଲ, ବାଦ୍ୟ, ମହୁରୀର ଶବ୍ଦ ସାଙ୍ଗକୁ ନୃତ୍ୟଗୀତର ମାହୋଲ୍ ପୁରା ଜୟପୁରକୁ ଉତ୍ସବ ମୁଖର କରି ଦେଉଥିଲା ।




ସପ୍ତମୀ ତିଥି ଠାରୁ ଦଶହରାର ଆସର କ୍ରମଶଃ ଜମି ଆସେ । ହାନ୍ଦୋଳା ଏବଂ ରଥଗୁଡିକୁ ସଜା ଯାଏ । ରାଜାଙ୍କ ରତ୍ନଭଣ୍ଡାରରୁ ହୀରା ଓ ମଣିମୁକ୍ତା ଖଚିତ ସ୍ୱର୍ଣ୍ଣାଳଙ୍କାର ସବୁ ରାଜକର୍ମଚାରୀମାନଙ୍କର ଗୃହକୁ ପଠାଇ ଦିଆଯାଏ । ସପ୍ତମୀ ଠାରୁ ବିଜୟା ଦଶମୀ ପରଦିନ ଯାଏଁ ସମ୍ଭ୍ରାନ୍ତ ସ୍ତ୍ରୀ ଲୋକମାନେ ରତ୍ନ ଆଭୂଷଣରେ ନିଜକୁ ମଣ୍ଡିତ କରି ସୌଭାଗ୍ୟବତୀ ମନେ କରୁଥିଲେ । ଜନସାଧାରଣଙ୍କ ପାଇଁ ରାଜପ୍ରାସାଦର ଦ୍ୱାର ପ୍ରାୟ ଏହି ସମୟରେ ଉନ୍ମୁକ୍ତ ରହୁଥିଲା । ସଂଗ୍ରହାଳୟ, ଦରବାର ମହଲ, ରାଜୋଦ୍ୟାନ ଆଦି ଦର୍ଶନ କରିବାର ସୌଭାଗ୍ୟ ପ୍ରଜାମାନେ ପାଉଥିଲେ । ଅଷ୍ଟମୀ ଦିନ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ପ୍ରଦାନ କରା ଯାଉଥିଲା । ଏହି ଦିନ ରାଜା, ରାଣୀ ସମେତ ରାଜ ପରିବାରର ସମସ୍ତେ ଲୋହିତ ବସ୍ତ୍ର ପରିଧାନ କରୁଥିଲେ । ଭାବଗମ୍ଭୀର ପରିବେଶ ପୁନଶ୍ଚ ନିଶାର୍ଦ୍ଧରେ ବଳିପ୍ରଥା ପୁଣି ନରବଳୀ ! ଅବଶ୍ୟ ପରବର୍ତ୍ତୀ ସମୟରେ ଏହାକୁ ଛାଗଳ ବଳୀରେ ପରିବର୍ତ୍ତନ କରା ଯାଇଥିଲା । ସେଦିନ ରାଜାଙ୍କ ସମ୍ମୁଖକୁ କେହି ଆସିଲେ ମୃତ୍ୟୁ ହେବାର ଜନଶ୍ରୁତି ସମସ୍ତଙ୍କୁ ସତର୍କ କରି ଦେଉଥିଲା । ପରଦିନ ନବମୀ ଆନନ୍ଦ ଉଲ୍ଲାସର ଦିନ । ସମସ୍ତେ ଆଶ୍ୱସ୍ତ ବଳି କିମ୍ବା ଅଷ୍ଟମୀ ତିଥିର ଭୟାନକ ଦୃଶ୍ୟ ନଥାଏ । ଚାରିଆଡେ ନାଚ ଗୀତର ଆସର, ରାସ୍ତାର ଦୁଇ ପାର୍ଶ୍ୱରେ ବିପଣୀମାଳାର ଦୃଶ୍ୟ, ହଜାର ହଜାର ବନବାସୀଙ୍କର ସମାଗମ ସତେ ଯେମିତି ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ମହାମିଳନର ଅପୂର୍ବ ଅନୁଭବ ।

## ବିଜୟାଦଶମୀର ବର୍ଣ୍ଣାଢ୍ୟ ଶୋଭାଯାତ୍ରା

ଅସତ୍ ଉପରେ ସତ୍‌ର ବିଜୟ ପର୍ବ ବିଜୟାଦଶମୀ ଦିନ ରାଜ ପରିବାର ଓ ରାଜ କର୍ମଚାରୀଗଣ ଧଳାପୋଷାକ ପରିଧାନ ସହ କ୍ଷମତାପ୍ରାପ୍ତ କର୍ମଚାରୀଗଣ ପଗଡି ପିନ୍ଧୁଥିଲେ । ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ଶୋଭାଯାତ୍ରାକୁ ସମସ୍ତଙ୍କ ଅପେକ୍ଷା । ରାଜପ୍ରାସାଦରୁ ଦଶହରା ପଡିଆ ଅପୂର୍ବ ଓ ଆକର୍ଷଣୀୟ ଭାବେ ସଜା ଯାଉଥିଲା । ଢୋଲ, ମହୁରୀ ଓ ବିଭିନ୍ନ ବାଦ୍ୟର ବିରାଟ ପଟୁଆର ପଛରେ ନର୍ତ୍ତକୀଙ୍କ ନୃତ୍ୟ, ତା' ପଛରେ ମା'ଙ୍କ ଝଣ୍ଡାମାଳ ପରେ ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ଦଳ ଅଗ୍ରସର ହେଉଥିଲେ । ଏହାପରେ ରାଜାଙ୍କ ପାଟଘୋଡା ଓ ତା' ପଛରେ ସୁନା ହାଉଦାରେ ବସି ରାଜା ବିଜେ କରିବାବେଳେ, ବୀରବାଦ୍ୟର ଅପୂର୍ବ ଝଙ୍କାର ଗଗନପବନକୁ ପ୍ରକମ୍ପିତ କରୁଥିଲା । ପରେ ପରେ ସପତ୍ନୀକ ଦେବାନ୍ ସପତ୍ନୀକ ବ୍ରିଟିଶ୍ ଏଜେଣ୍ଟ୍ ଓ ଏସ୍.ପି. (ପୋଲିସ୍) ରୂପା ହାଉଦାରେ ବସି ବିଜେ କରୁଥିଲେ । ରାଣୀ କିମ୍ବା ରାଜ ପରିବାରର ମହିଳାଗଣ ଏଥିରେ କିନ୍ତୁ ସାମିଲ୍ ହେବାର ପରମ୍ପରା ନଥିଲା । ଏହା ପଛକୁ ରାଜ କର୍ମଚାରୀଗଣ, ପଣ୍ଡିତ, ଅତିଥିମାନେ ଯାଉଥିଲେ । ବିରାଟ ଶୋଭାଯାତ୍ରାକୁ ସଂଚାଳନ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ସାମରିକ କର୍ମଚାରୀ ଦାୟିତ୍ୱ ନେଉଥିଲେ, ବୀରବାଦ୍ୟର ତାଳେ ତାଳେ, ସୁସଜ୍ଜିତ ଅଶ୍ୱାରୋହୀ ଓ ଗଜାରୋହୀ ରାଜାଙ୍କୁ ଅନୁସରଣ କରୁଥିଲେ । ମଝିରେ ମଝିରେ ବିଭିନ୍ନ ଆଖଡ଼ାର ସାହସୀ ଯୁବକଗଣ ସାହସିକ ଶାରୀରିକ କ୍ରୀଡା ପ୍ରଦର୍ଶନ କରିବା ଏକ ପରଂପରା ଥିଲା । ମନୋରଂଜନ ଓ ଆତସବାଜିର ଶବ୍ଦ ପରିବେଶକୁ ଆନନ୍ଦମୁଖର କରୁଥିଲା । ଦଶହରା ପଡିଆରେ ପହଞ୍ଚିବା ପୂର୍ବରୁ ସଜ୍ଜିତ ରାମ, ଲକ୍ଷ୍ମଣ ନାମକ ତୋପ ସଲାମୀ ରାଜାଙ୍କୁ ଦିଆ ଯାଉଥିଲା । ପରେ ବିଦେଶରୁ ଆସିଥିବା ଅତିଥିମାନଙ୍କ ସହ ରାଜାଙ୍କ ପରିଚୟ ଆରମ୍ଭ ହେଉଥିଲା । ସମସ୍ତେ ପ୍ରଦର୍ଶନୀ ପଡିଆ ବୁଲି ଫଟୋ ଉତ୍ତୋଳନ କାର୍ଯ୍ୟକ୍ରମ ସହ ନୃତ୍ୟ ଓ ଗୀତର ମନୋରଂଜନ ପରେ ରାଜା ପୁନଶ୍ଚ ଶୋଭାଯାତ୍ରାରେ ପ୍ରାସାଦକୁ ଫେରୁଥିଲେ । ଏହି ସମୟରେ ପଡିଆରେ ସୁସଜ୍ଜିତ, ହସ୍ତୀବାହିନୀ ଓ ଗଜବାହିନୀର ଦୃଶ୍ୟ ରାଜାଙ୍କ ସାମରିକ ଶକ୍ତିର ପରିଚୟ ଭାବେ ଗଣାଯାଉଥିଲା ।


ଜୟପୁର ଦଶହରା ପାଳନ ବେଳେ ପଥପ୍ରାନ୍ତ ଲୋକାରଣ୍ୟ



## ଉତ୍ସବର ଶେଷ ଓ ପୂଜ୍ୟପୂଜାର ସମ୍ମାନ

ବିଜୟାଦଶମୀର ପରଦିନ ପୂଜ୍ୟପୂଜାର ସମ୍ମାନ ପ୍ରଦାନ ପରଂପରା ଜୟପୁର ରାଜବଂଶର ବିଶେଷତ୍ୱ । ପୂର୍ବଦିନ ଗୁଡିକରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀଙ୍କୁ ରାଜା ସ୍ୱହସ୍ତରେ ସମ୍ମାନିତ କରୁଥିଲେ । ପୂର୍ବ ଦିନର ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା ରାଜପୁରୁଷ ବା ଉଚ୍ଚ ରାଜ ସେନାଧିକାରୀଙ୍କୁ ସମ୍ମାନ ପ୍ରଦାନ କରାଯାଉଥିଲା । ଏହି ସମୟରେ ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କୁ ପଗଡି ବାନ୍ଧି ସମ୍ମାନିତ କରିବା ପରଂପରା ପ୍ରଚଳିତ ଥିଲା । ବିଶିଷ୍ଟ ବ୍ୟକ୍ତି ଓ ଅତିଥିଙ୍କୁ ରାଜା ସେଦିନ ଅତିଥି ଭବନରେ ଭୋଜନ ଦେଇ ଆପ୍ୟାୟିତ କରୁଥିଲେ । ସେହିଦିନ ନୃତ୍ୟାଙ୍ଗନାମାନଙ୍କୁ ମଧ୍ୟ ଉପହାର ଦେଇ ବିଦାୟ ଦିଆ ଯାଉଥିଲା । ଜୟପୁର ରାଜପ୍ରାସାଦରେ ପିଢାରେ ବସି ତଳେ ଖାଇବାର ବ୍ୟବସ୍ଥା ଏକ ଅନନ୍ୟ ପରଂପରା । ରାଜାଙ୍କ ଠାରୁ ପ୍ରାସାଦର ତଳିଆ କର୍ମଚାରୀ ଯାଏଁ ସମସ୍ତଙ୍କ ପାଇଁ ଏକାନ୍ନ ଓ ବ୍ୟଞ୍ଜନର ବ୍ୟବସ୍ଥା ଥିଲା । ପଣ୍ଡିତ ଓ ବ୍ରାହ୍ମଣମାନଙ୍କ ପ୍ରତି ରାଜାଙ୍କର ଥିବା ଅଜସ୍ର ସମ୍ମାନ । ସେଦିନ କୌଣସି ବ୍ରାହ୍ମଣ ରାଜାଙ୍କୁ ପ୍ରଣାମ କରିବା ନିଷିଦ୍ଧ ଥିଲା । ଏହି ଅବସରରେ ଜ୍ଞାନୀ, ପଣ୍ଡିତ, ଅତିଥିଙ୍କ ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମଚାରୀଙ୍କ ସହ ରାଜା ବ୍ୟକ୍ତିଗତ ଭାବେ ବାର୍ତ୍ତାଳାପ କରୁଥିଲେ । ବନବାସୀ ମୂଳକର ପଦସ୍ଥ କର୍ମଚାରୀଗଣ ବିଭିନ୍ନ ବିଷୟରେ ଅବଗତ କରିବା ସହ ଭେଟି ବା ଉପହାର ପ୍ରଦାନ କରୁଥିଲେ ।

ସଂପ୍ରତି 'ସେ ରାଜା ଯାଇଛି ଚାଲି, ରାଜ୍ୟ ତାର ନାହିଁ ତା' ସାଙ୍ଗେ ଯାଇଛି ପୁଣି ସେ ବୀର ହୃଦୟ'... କବି ମାୟାଧର ମାନସିଂଙ୍କ ଏହି ପଂକ୍ତି ମନରେ ଦୁଃଖ ଦିଏ, ଅଥଚ କ୍ଷୀଣ ଏକ ସାନ୍ତ୍ୱନାରେ ମନ ପୁଣି ବୁଝିଯାଏ, କାରଣ ଏହି ସାମାଜିକ ମହୋତ୍ସବର ପୁନରୁଦ୍ଧାର ଓ ପରଂପରାର ସୁରକ୍ଷା ଯୋଗୁଁ ବିଗତ କିଛି ବର୍ଷ ହେଲା ଏହି ପର୍ବ ବେଶ୍ ଜାକଜମକରେ ପାଳିତ ହୋଇ ଆସୁଛି । ବନବାସୀ ସଂସ୍କୃତିର ସୁରକ୍ଷାରେ ଇଏ ଏକ ଅଭିନବ ପଦକ୍ଷେପ ନିଶ୍ଚୟ । ଆଜି ବି ଅବିଭକ୍ତ କୋରାପୁଟର ବିଭିନ୍ନ ଦେବୀପୀଠରୁ ଦେବୀଙ୍କ ପ୍ରତିନିଧି ଭାବେ ଆସୁଥିବା ପବିତ୍ର ଲାଠି ସହ ମା' କନକଦୁର୍ଗା, ମା' ଭଗବତୀ ଓ ମା' କାଳିକା ଏବଂ ବନବାସିନୀ ଦେବୀମାନଙ୍କର ଏକତ୍ର ସହାବସ୍ଥାନ, ଆର୍ଯ୍ୟ ଓ ବନବାସୀ ସଂସ୍କୃତିର ମହାମିଳନ ପାଇଁ ଏକ ମହାର୍ଘ୍ୟ ସୁଯୋଗ ଯେମିତି ! ଏହାର ପଶ୍ଚାତ୍‌ରେ ରହିଛି ମଣିଷ ଭିତରେ ଅସତ୍‌ର ବିନାଶ ଓ ମାନବିକତାର ବିକାଶ ସହ ଶାନ୍ତି, ମୈତ୍ରୀ ଐକ୍ୟ ସଂହତିର ସ୍ୱରରେ ପରସ୍ପରକୁ ଆପଣେଇବାର ମହାଭାବ !


ପ୍ରସଙ୍ଗ
ମାତୃରୂପେଣ ସଂସ୍ଥି
ମଡେଲ : ଶ୍ୱେତା ବସାକ୍ (Sweta Basak)



# ମହିଷମର୍ଦ୍ଦିନୀ

ପ୍ରାୟ ବୈଦିକ ଯୁଗରୁ ପବିତ୍ର ଭାରତବର୍ଷରେ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରା ପ୍ରବାହିତ । ମାତୃପୂଜାର ପରିକଳ୍ପନା ସଚେତନ ମନୁଷ୍ୟର ଏକ ଶ୍ରେଷ୍ଠ ଉପଲବ୍‌ଧି କହିଲେ ଅତ୍ୟୁକ୍ତି ହେବ ନାହିଁ । ଜ୍ଞାନୀ ତଥା ଅଜ୍ଞାନ, ସୃଜନଶୀଳ ବ୍ୟକ୍ତିମାନେ ମାତୃଶକ୍ତିକୁ ବିଭିନ୍ନ ଭାବରେ ରୂପ ଦେଇଛନ୍ତି । କେତେବେଳେ ସେ ଜଗଜ୍ଜନନୀ, ଶାନ୍ତ, ସହାନୁଭୂତିଶୀଳା, ସନ୍ତୋଷୀ, ସର୍ବମଙ୍ଗଳ କାରିଣୀ ସର୍ବ ମଙ୍ଗଳା, ଅନ୍ୟ ଭାବରେ ସେ ଭୀମା, ଭୀଷଣା, ଭୟଙ୍କରୀ, କାଳୀ, କରାଳୀ, ଦୁର୍ଗା, ଦୁର୍ଗତିନାଶିନୀ । ବେଦ, ଉପନିଷଦ, ସଂହିତା, ବ୍ରାହ୍ମଣ, ଆରଣ୍ୟକ, ସ୍ମୃତି ପୁରାଣ, ତନ୍ତ୍ର ଓ ଅନ୍ୟାନ୍ୟ ଶକ୍ତି ସାହିତ୍ୟରେ ମହାଶକ୍ତିଙ୍କର ମାହାତ୍ମ୍ୟ ପର୍ଯ୍ୟାୟ ରୂପେ ଚିତ୍ରିତ । ସଂସ୍କୃତିର ପ୍ରବାହମାନ ଧାରାରେ ପବିତ୍ର ଭାରତ ବର୍ଷର କୋଣେ ଅନୁକୋଣେ ଅଗଣିତ ପୀଠ, ମନ୍ଦିର ତଥା ଆସ୍ଥାନ ପ୍ରତିଷ୍ଠିତ ହୋଇ ଆକୁମାରୀ ହିମାଳୟ ସମଗ୍ର ଭାରତ ବର୍ଷରେ ସମନ୍ୱୟର ବାର୍ତ୍ତା ପ୍ରଚାରିତ । ମାତୃଶକ୍ତି ବିଷୟରେ ସାଧାରଣ ଲୋକ ଧାରଣା ସୀମିତ ରହିଛି ଲୋକବିଶ୍ୱାସ, ଲୋକସାହିତ୍ୟ ଓ ଲୋକକଳାରେ ।

ଶକ୍ତି ଓ ଶାକ୍ତ ବିଶ୍ୱାସର ପ୍ରାରମ୍ଭ କେବେ, ତାହା ଜାଣିବା ସମ୍ଭବ ନୁହେଁ । ତେବେ ଆଦ୍ୟାଶକ୍ତି ଦେବୀ ମାତୃଶକ୍ତି ରୂପେ ପରିକଳ୍ପିତା ହୋଇଥିବା ବେଳେ ଏହାର ଉପାସକମାନେ 'ଶାକ୍ତ' ନାମରେ ଅଭିହିତ ହୁଅନ୍ତି । ପୃଥିବୀ ମାତାଙ୍କ ପୂଜା ସଂପର୍କୀୟ ଅନୁଷ୍ଠାନରୁ ଶାକ୍ତ ସଂସ୍କୃତି ବିକାଶ ଲାଭ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶବିଦେଶରେ ବହୁ ବିଦ୍ୱାନ୍ ମତ ଦିଅନ୍ତି ଯେ ଭାରତ ମାତୃପୂଜାର ଆଦିପୀଠ । ଏହା ବ୍ୟତୀତ ପୃଥିବୀର ଅନ୍ୟ କେତେକ ପ୍ରାଚୀନ ସଂସ୍କୃତି ସଂପନ୍ନ ଦେଶରେ ମଧ୍ୟ ମାତୃପୂଜାର ପରଂପରା ଦେଖିବାକୁ ମିଳେ । ସେହି ଦେଶମାନଙ୍କ ମଧ୍ୟରେ ମେସୋପଟାମିଆ, ଇଜିପଟ୍, ଇରାନ, ଆଫ୍ରିକା ଇତ୍ୟାଦି ଅନ୍ୟତମ ।




**ରବୀନ୍ଦ୍ର କୁମାର ବେହୁରିଆ**

ସଭାପତି: ଚାନ୍ଦବାଲି ସାଂସ୍କୃତିକ ପରିଷଦ,
ଚାନ୍ଦବାଲି, ଭଦ୍ରକ-୭୫୬୧୩୩
ଫୋନ : ୯୬୬୮୪୫୮୩୦୫


ଫଟୋ ସୌଜନ୍ୟ : ଗୁଗୁଲ୍

ଭାରତର ପ୍ରାଚୀନତମ ଧର୍ମଗ୍ରନ୍ଥ ବେଦରେ ବହୁ ପୁରୁଷ ଦେବତାଙ୍କ ବ୍ୟତୀତ ଅଦିତି, ସରସ୍ୱତୀ, ପୃଥିବୀ, ରାତ୍ରି, ଉଷା, ଇଡ଼ା, ଧୀଷଣା, ରୋଦସି, ଶଚୀ, ଶ୍ରଦ୍ଧା, ଗୌରୀ, ସ୍ୱାହାଙ୍କ ଭଳି ପ୍ରାୟ ଚାଳିଶି ଦେବୀଙ୍କ ନାମ ଦେଖାଯାଏ । ଏମାନେ ପ୍ରାୟ ପ୍ରକୃତିର ବିଭିନ୍ନ ରୂପ ଓ ଗୁଣକୁ ନେଇ ପରିକଳ୍ପିତା । ଏଣୁ ପ୍ରତ୍ୟେକଙ୍କ ଭୂମିକାର ଗୁରୁତ୍ୱ ଭିନ୍ନ ଭିନ୍ନ । ତେବେ ଋଗ୍‌ବେଦରେ ବର୍ଣ୍ଣିତ ବାଗ୍‌ଦେବୀ ସୂକ୍ତକୁ ମାର୍ଜିତ ଶକ୍ତି ତତ୍ତ୍ୱର ଆଦ୍ୟ ଉତ୍ସଭାବେ ଗ୍ରହଣ କରାଯାଏ । ବୈଦିକ ଋଷି ଅମ୍ଭୃଣଙ୍କ କନ୍ୟା, ବାକ୍ ନିଜ ମଧ୍ୟରେ ବିଶ୍ୱଜନନୀ ବା ଶକ୍ତି ଚେତନା ଉପଲବ୍ଧି କରି ଯେଉଁ ଆଠଗୋଟି ମନ୍ତ୍ର ପ୍ରଥମେ ଉଚ୍ଚାରଣ କରିଛନ୍ତି, ତାହା ହିଁ ଦେବୀ ସୂକ୍ତ ଭାବେ ପରିଚିତ । ଏଥିରେ ସମଗ୍ର ବିଶ୍ୱର ଦେବୀ ଶକ୍ତି ସତ୍ତାକୁ ଅତି ସୂକ୍ଷ୍ମ ଭାବରେ ସୂଚିତ କରାଯାଇଛି– "ଅହଂ ରୂଦ୍ରେଭିର୍ବସ୍ୱଭିଶ୍ଚରାମି ଅହମାଦି ତୈରତ ବିଶ୍ୱଦେବୈଃ, / ଅହଂ ମିତ୍ରା ବରୁଶୋଭା ବିଭର୍ମ୍ୟହ ମିନ୍ଦ୍ରାଗମୀ ଅହମଶ୍ୱିନୋଭା ॥୧॥ ଅହଂସୋମମାହନସଂ ବିଭର୍ମି ଅହଂ ତ୍ୱଷ୍ଟାରମୁତ ପୂଷଣଂଭଗମ୍, / ଅହଂଦଧାମି ଦ୍ରବିଣଂ ହବିଷ୍ମିତେ ସୁପ୍ରାବ୍ୟେ ଯଜମାନାୟ ମୁନ୍ୟତେ ॥୨॥ ଅହଂ ରାଷ୍ଟ୍ରୀ ସଙ୍ଗମନୀ ବସୂନାଂ ଚିକିତୁଷୀ ପ୍ରଥମା ଯଜ୍ଞିୟାନାମ୍, /ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା ଭୁରିସ୍ଥାତ୍ରାଂ ଭୂର୍ଯ୍ୟାବେଶୟନ୍ତୀମ୍ ॥୩॥ ମୟାସୋ ଅନ୍ନମତ୍ତି ଯେ ବିପଶ୍ୟତିଯଃ ପ୍ରାଣିତିଯ ଇଂଶ୍ମଣୋତ୍ୟୁକ୍ତମ୍, / ଅମନ୍ତେ ବୋ ମାଂଚ ଉପକ୍ଷିୟନ୍ତି ଶୃଧିଶ୍ରୁତ ଶ୍ରଦ୍ଧ ବଂତେବଦାମି ॥୪॥ ଅହମେବ ସ୍ୱୟମିଦଂବଦାମି କୁଷ୍ଟଂ ଦେବେଭିରୁତ ମାନୁଷେଭିଃ, / ଯଂ କାରିୟେ ତଂ ତମୁଗ୍ରଂ କୃଣୋମି ତଂ ବ୍ରହ୍ମାଣଂ ତମୃଷିଂତଂ ସୁମେଧାମ॥୫॥ ଅହଂରୂଦ୍ରାୟଧନୁରା ତନୋମି ବ୍ରହ୍ମଦ୍ୱିଷେଶରବେ ହନ୍ତବାଉ, / ଅହଂ ଜନାୟ ସମଦଂ କୃଣୋମି ଅହଂ ଦ୍ୟାବ୍ୟା ପୃଥିବୀ ଆବିବେଶ ॥୬॥ ଅହଂ ସୁବେ ପିତରମସ୍ୟ ମୁର୍ଧନ୍ମଯୋନିରପ୍‌ସ୍ୱନ୍ତଃ ସମୁଦ୍ରେ, / ତତୋ ବିଷ୍ଟେଭୁବନାନୁ ବିଶ୍ୱୋତାମୁଂ ଦ୍ୟାଂ ବର୍ଷଣୋ ପୃସ୍ପଶ୍ୟାମି ॥୭॥ ଅହଂମେବ ବାତଇବ ପ୍ର ବାମ୍ୟାରଭମାଣୀ ଭୁବନାନୀ ବିଶ୍ୱା, / ପରୋଦିବା ପର ଏନା ପୃଥିବୈତାବତୀ ମହିନା ସନ୍ଭୁବ ॥୮॥

ଅର୍ଥାତ୍ ମୁଁ ରୁଦ୍ରଗଣ, ଅଷ୍ଟବସୁ, ଆଦିତ୍ୟଗଣ ଓ ବିଶ୍ୱଦେବତା ସହିତ ବିଚରଣ କରୁଅଛି । ମୁଁ ହିଁ ମିତ୍ର ଓ ବରୁଣ, ଇନ୍ଦ୍ର, ଅଗ୍ନି ଏବଂ ଅଶ୍ୱିନୀ କୁମାର ଦ୍ୱୟଙ୍କୁ ଧାରଣ କରିଅଛି । ମୁଁ ହିଁ ଶତ୍ରୁନାଶନ ସୋମଦେବ ତ୍ୱଷ୍ଟା, ପୁଷ୍ପା ଓ ଭଗଙ୍କୁ ଧାରଣ କରିଅଛି । ଦେବତୃପ୍ତି ଯଜ୍ଞ ନିମିତ୍ତ ମୁଁ ଯଜମାନଙ୍କ ପାଇଁ ଧନର ବିଧାନ କରେ । ମୁଁ ଅଖିଳ ବିଶ୍ୱର ଅଧିଷ୍ଠାତ୍ରୀ, ସାଧକଙ୍କର ଧନଦାତ୍ରୀ ଏବଂ ବହୁ ସ୍ଥାନରେ ବହୁ ରୂପରେ ଅବସ୍ଥିତ । ଦେବତାବୃନ୍ଦ ମୋର ସ୍ତୁତି କରିଥାନ୍ତି । ମୋ କୃପାରେ ଜୀବଜଗତ ଅନ୍ନପ୍ରସାଦ ଲାଭ କରନ୍ତି । ଯେ ମୋର ମାହାତ୍ମ୍ୟ ସଂପର୍କରେ ଅଜ୍ଞ ସେ କ୍ଷୟପ୍ରାପ୍ତ ହୁଏ । ମୁଁ ଦେବତା, ବ୍ରାହ୍ମଣ ତଥା ମାନବଙ୍କୁ ବ୍ରହ୍ମଜ୍ଞାନ ଦାନ କରେ । ଅଖିଳ ବିଶ୍ୱ ନିମିତ୍ତ ମୁଁ ସଂଗ୍ରାମ କରେ । ଏହି ଦୃଶ୍ୟମାନ ଜଗତ ମୋ ଠାରୁ ସୃଷ୍ଟ । ମୁଁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ । ମୋର ମହିମା ଦ୍ୟୁଲୋକ ଓ ପୃଥିବୀକୁ ଅତିକ୍ରମ କରିଅଛି ।"

ମହିଷମର୍ଦ୍ଦିନୀ ଆଖ୍ୟାନ ବୈଦିକ ଯୁଗ ପରବର୍ତ୍ତୀ ସମୟରେ କୌଣସି ଜନଜାତିର ଏକ ଘଟଣାରୁ ଉତ୍ପତ୍ତି ହୋଇଥିବା ସମ୍ଭବ । ବେଦ ମହିଷମର୍ଦ୍ଦିନୀଙ୍କ ସଂପର୍କରେ ନୀରବ ରହୁଥିବା ବେଳେ ଆଜିକୁ ପାଞ୍ଚହଜାର ବର୍ଷ ପୂର୍ବ ସିନ୍ଧୁସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରାପ୍ତ କେତେକ ମୋହର ବା ସିଲ୍‌ରେ ଏହି ଆଖ୍ୟାନର ଆଦ୍ୟ ସୂଚନା ମିଳେ । ମହେଞ୍ଜୋଦାରୋରୁ ପ୍ରାପ୍ତ ଏକ ସିଲ୍‌ରେ ଏକ ଦୁଷ୍ଟ ମହିଷ ସହିତ ଲଢୁଥିବା କେତେକ ବ୍ୟକ୍ତିଙ୍କ ଦୃଶ୍ୟ ରହିଛି । ସେହିପରି ଅନ୍ୟ କେତୋଟି ସିଲ୍‌ରେ ବୃକ୍ଷ କିମ୍ବା ମଞ୍ଚ ଉପରେ ରହିଥିବା ଜଣେ ନାରୀ ଓ ନିକଟରେ ଥିବା ବ୍ୟାଘ୍ରର ଚିତ୍ର, ବନବାସିନୀ କୌଣସି ଦେବୀଙ୍କର ସୂଚନା ଦିଏ । ଏହା ବ୍ୟତୀତ ପୋଡ଼ାମାଟିର ଅନେକ ନାରୀ–ପ୍ରତିମା ସେ ସମୟରେ ମାତୃଶକ୍ତି ପୂଜାର ପ୍ରଚଳନକୁ ବୁଝାଏ । ଅର୍ଥାତ୍, ସାମୂହିକ ଭାବେ ଏହିସବୁ ତଥ୍ୟ ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ଆଦ୍ୟ ରୂପର ଉତ୍ସ ହୋଇଥିବା ସମ୍ଭବ ।



ଋଗ୍‌ବେଦ ଭିନ୍ନ ସାମବେଦ, ଅଥର୍ବବେଦ, ଋଗ୍‌ବେଦୀୟ ସଂଖ୍ୟାୟନ ଧାରଣ୍ୟକ, ସଂଖ୍ୟାୟନ ଶୌଚସୂତ୍ର, ବୃହଦ୍ଧାରିତ ସଂହିତା, ବାଶିଷ୍ଟ ଧର୍ମଶାସ୍ତ୍ର, କୌଶିକ ସୂତ୍ର ପ୍ରଭୃତି ବୈଦିକ ସାହିତ୍ୟରେ ଶକ୍ତି ଉପାସନାର ପର୍ଯ୍ୟାପ୍ତ ପ୍ରମାଣ ଉପଲବ୍ଧ । ଅନୁଭୂତ ହୁଏ, ବୈଦିକ ଋଷିବୃନ୍ଦ ସମଗ୍ର ବିଶ୍ୱର କୋଣେ ଅନୁକୋଣେ ଦେବୀ ସତ୍ତାର ପୂର୍ଣ୍ଣ ଉପଲବ୍ଧି କରିଥିଲେ । ସକଳ ଦେବଦେବୀଙ୍କ ଆହ୍ୱାନ ନିମିତ୍ତ ସେ ଯଜ୍ଞ ମନ୍ତ୍ରରୂପା ଏବଂ ଉଦାତ୍ତ, ଅନୁଦାତ୍ତ ଓ ଆକାରାଦି ସ୍ୱରୂପା ଅଟନ୍ତି । ଅଧିକନ୍ତୁ ସେ ଅମୃତ ରୂପା ଓ ମ, ଉ, ମ୍, ତ୍ରିବିଧ ମାତ୍ରା ରୂପରେ ଅବସ୍ଥିତ ପ୍ରବଣରୂପା ଅଟନ୍ତି । ବିଶେଷତଃ ସେ ଉଚ୍ଚାରଣ ବିହୀନ ଅର୍ଦ୍ଧମାତ୍ରା ସ୍ୱରୂପା, ବାକ୍ୟାତୀତା, ନିର୍ଗୁଣା, ଗାୟତ୍ରୀ ମନ୍ତ୍ରସ୍ୱରୂପା, ଶ୍ରେଷ୍ଠା ଶକ୍ତି ତଥା ଆଦିମାତା । ସେ'ହିଁ ବ୍ରହ୍ମ ସ୍ୱରୂପା ଜ୍ଞାନମୟୀ ସାବିତ୍ରୀ ।

"ଅହଂ ବ୍ରହ୍ମ ସ୍ୱରୂପିଣୀ ମତଃ ପ୍ରକୃତି
ପୁରୁଷାତ୍ମକ ଜଗତ । ଶୂନ୍ୟଂଚା ଶୂନ୍ୟଂଚ
ଅହମାନନ୍ଦାନାନନ୍ଦୌ ଅହଂ ବିଜ୍ଞାନାବିଜ୍ଞାନେ
ଅହଂ ବ୍ରହ୍ମାବ୍ରହ୍ମାଣୀ ବେଦିତବ୍ୟେ, ଅହଂ
ପଞ୍ଚଭୂତାନାଂ ପଞ୍ଚଭୂତାନି । ଅହମଶିଳଂ ଜଗତ୍ ।"

ଋଗ୍‌ବେଦରେ ଅନେକ ପୌରାଣିକ ଦେବୀଙ୍କ ନାମ ଦେଖାଯାଏ ନାହିଁ । ତେବେ ବୈଦିକ ସାହିତ୍ୟର ଅଙ୍ଗ କୁହା ଯାଉଥିବା ବାଜସେନେୟୀ ସଂହିତାରେ ଅମ୍ବିକାଙ୍କୁ ରୁଦ୍ରଙ୍କ ଭଗିନୀ ବୋଲି ବର୍ଣ୍ଣନା କରାଯାଇଛି ଏବଂ ତା'ର ପରବର୍ତ୍ତୀ ସମୟରେ ତାଙ୍କୁ ଜଗତ୍‌ଜନନୀ ଆଖ୍ୟା ଦିଆ ଯାଇଛି । ତୈତ୍ତିରୀୟ ଆରଣ୍ୟକ ଓ କେନ ଉପନିଷଦରେ ଉମା ଓ ପାର୍ବତୀ ସାଧାରଣତଃ ହୈମବତୀ ନାମରେ ପରିଚିତ । ଏବଂ ସେ ଶିବଙ୍କ ପତ୍ନୀ ଅଟନ୍ତି । ଭାଗବତରେ ଦୁର୍ଗା ବା ଏକାନଂଶା କୃଷ୍ଣଙ୍କ ଭଗିନୀ ଅଟନ୍ତି । ମହାଭାରତର ଭୀଷ୍ମ ପର୍ବରେ ଅର୍ଜୁନ ଉମାଙ୍କୁ ଶିବଙ୍କ ଶକ୍ତି ଭାବରେ ଆରାଧନା କରିଛନ୍ତି । ବିରାଟ ପର୍ବରେ ଯୁଧିଷ୍ଠିର ତାଙ୍କୁ ନାରାୟଣ ଶକ୍ତିଭାବେ ସ୍ତୁତି କରିଥିବା ଜଣାଯାଏ । ହରିବଂଶରେ ସେ ସ୍ପଷ୍ଟ ଭାବେ ମହିଷମର୍ଦ୍ଦିନୀ ଭାବେ ବର୍ଣ୍ଣିତ ହେବା ସଂଗେ ସଂଗେ ଯୁଦ୍ଧରେ ବିଜୟ ପାଇଁ ତାଙ୍କ ପୂଜାର୍ଚ୍ଚନାର ସୂଚନା ମିଳେ । ଏଠାରେ ଦେବୀ ବିନ୍ଧ୍ୟବାସିନୀ ନାମରେ ପରିଚିତା । ଗୁପ୍ତଯୁଗ ଅର୍ଥାତ୍ ଖ୍ରୀ:୪ର୍ଥ–୫ମ ଶତାବ୍ଦୀ ବେଳକୁ ଶକ୍ତିପୂଜା ତଥା ତନ୍ତ୍ରପୂଜାର ପ୍ରସାର ଘଟିଲା । ସେହି ସମୟରେ ରଚିତ ମାର୍କଣ୍ଡେୟ ପୁରାଣର ଦେବୀ–ମହାତ୍ମ୍ୟରେ ଦୁର୍ଗାଙ୍କର ପ୍ରଶସ୍ତ ପ୍ରଶସ୍ତି କରାଯାଇଛି । ପ୍ରକାଶ ଥାଉକି,



ଏହା ପରବର୍ତ୍ତୀ ସମୟର ମୂର୍ତ୍ତିକଳାକୁ ପ୍ରଭାବିତ କରିଥିବା ଜଣାଯାଏ । ସେହିପରି ଖ୍ରୀ: ୧୪ଶ-୧୫ଶ ଶତାବ୍ଦୀରେ ରଚିତ ମୟୂରଙ୍କ ପ୍ରଖ୍ୟାତ ତନ୍ତ୍ରଶାସ୍ତ୍ର 'ତନ୍ତ୍ରାସାର'ରେ ମଧ୍ୟ ମହିଷାସୁର ସହିତ ଦେବୀଙ୍କ ଭୀଷଣ ଯୁଦ୍ଧର ଅବତାରଣା ଜନମାନସକୁ ପ୍ରଭାବିତ କରିଛି ।

ସଂପ୍ରତି ପ୍ରଚଳିତ ଯେ କୌଣସି ଶାସ୍ତ୍ରୀୟ ଦେବୀପୂଜାରେ ସପ୍ତଶତୀ ଚଣ୍ଡୀକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଏହା ମାର୍କଣ୍ଡେୟ ପୁରାଣର ଏକ ଅଂଶ । ଶିବ ଭକ୍ତ ଋଷି, ମାର୍କଣ୍ଡେୟଙ୍କ ଦ୍ୱାରା ରଚିତ ଏହି ଗ୍ରନ୍ଥରେ ଶକ୍ତି ତତ୍ତ୍ୱର ବିସ୍ତୃତ ପରିକଳ୍ପନା କରାଯାଇଛି । ଏହା ଭାରତୀୟ ମାତୃପୂଜା ଦାର୍ଶନିକ ଚିନ୍ତାଧାରାର ଏକ ସର୍ବଶ୍ରେଷ୍ଠ ରଚନା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ମହାନ୍ ଗ୍ରନ୍ଥ ୧୩୭ ଅଧ୍ୟାୟ ବିଶିଷ୍ଟ । ଏହାର ୮୧ ଅଧ୍ୟାୟ ଠାରୁ ୯୩ ଅଧ୍ୟାୟ ମଧ୍ୟରେ ଜଗଜ୍ଜନନୀ ଭଗବତୀ ଦୁର୍ଗାଙ୍କର ଅଚିନ୍ତ୍ୟ ଶକ୍ତି ଓ ଅନନ୍ତ ମହିମା ବିଷୟକ ବିଭିନ୍ନ ଚରିତ୍ର ବର୍ଣ୍ଣିତ ହୋଇଛି ଏବଂ ସମସ୍ତ ବିଷୟକୁ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା: ପ୍ରଥମ ଚରିତ୍ର, ମଧ୍ୟମ ଚରିତ୍ର ଓ ଉତ୍ତମ ଚରିତ୍ର । ୮୧ ତମ ଚରିତ୍ର ହେଉଛି ପ୍ରଥମ ଚରିତ୍ର ଅନ୍ତର୍ଭୁକ୍ତ ଏବଂ ଏଥିମଧ୍ୟରେ ଦେବୀଙ୍କର ଆବିର୍ଭାବ ତଥା ତାଙ୍କ ଦ୍ୱାରା ମଧୁକୈଟଭ ଅସୁରର ବଧ ବିଷୟ ବର୍ଣ୍ଣିତ ହୋଇଛି । ୮୨, ୮୩ ଓ ୮୪ ଅଧ୍ୟାୟ ମଧ୍ୟମ ନାମରେ ଖ୍ୟାତ । ଏଥିରେ ଦେବୀ ଦୁର୍ଗାଙ୍କର ଆବିର୍ଭାବ ମହିଷାସୁର ବିଷୟ ବର୍ଣ୍ଣିତ । ଅବଶିଷ୍ଟ ୮୫ ଅଧ୍ୟାୟ ଠାରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ ଅଂଶ ଉତ୍ତର ଚରିତ୍ର ନାମରେ ଖ୍ୟାତ । ଏଥିରେ ଦେବୀଙ୍କ ଦ୍ୱାରା ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତ ବୀର୍ଯ୍ୟ, ଶୁମ୍ଭ, ନିଶୁମ୍ଭ ପ୍ରଭୃତି ଅସୁରମାନଙ୍କ ସଂହାର, ନାରାୟଣୀ ସ୍ତୁତି ଓ ଦେବୀ ମାହାତ୍ମ୍ୟର ଫଳଶ୍ରୁତି ଓ ଦେବୀଙ୍କ ବର ପ୍ରଦାନ ବିଷୟ ବର୍ଣ୍ଣିତ ହୋଇଛି । ମୋଟ ଉପରେ ତେରଗୋଟି ଅଧ୍ୟାୟରେ ଶକ୍ତିମୟୀ ଦେବୀଙ୍କର ଅଚିନ୍ତ୍ୟ ଶକ୍ତି ବିଷୟ ବର୍ଣ୍ଣିତ ହେବା ସଂଗେ ସଂଗେ ତାହାଙ୍କୁ ବିଶ୍ୱବ୍ରହ୍ମାଣ୍ଡର ଅଧିକାରିଣୀ ତଥା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଠାରୁ ମଧ୍ୟ ମହିମାଶାଳିନୀ ବୋଲି ପ୍ରତିପାଦନ କରାଯାଇଛି ।

ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଦେବୀଙ୍କ ଅଲୌକିକ ରୂପ ପରିକଳ୍ପନା ଏହିକି: ଶିବଙ୍କ ତେଜରୁ ମୁଖମଣ୍ଡଳ, ଯମଙ୍କ ତେଜରୁ କେଶରାଶି, ବିଷ୍ଣୁଙ୍କ ବାହୁଯୁଗଳ, ଚନ୍ଦ୍ରଙ୍କ ତେଜରୁ କୁଚଯୁଗଳ, ଇନ୍ଦ୍ରଙ୍କ ତେଜରୁ କଟିଭାଗ, ବରୁଣଙ୍କ ତେଜରୁ ଜଘନ, ପୃଥିବୀଙ୍କ ତେଜରୁ ନିତମ୍ବ, ବ୍ରହ୍ମାଙ୍କ ତେଜରୁ ଦୁଇ ଚରଣ, ସୂର୍ଯ୍ୟଙ୍କ ତେଜରୁ ପଦାଙ୍ଗୁଳି, କୁବେରଙ୍କ ତେଜରୁ ନାସିକା, ପ୍ରଜାପତିଙ୍କ ତେଜରୁ ଦନ୍ତପଂକ୍ତି, ଅଗ୍ନିଙ୍କ ତେଜରୁ ତ୍ରିନୟନ ଏବଂ ବାୟୁଙ୍କ ତେଜରୁ କର୍ଣ୍ଣ ଦ୍ୱୟ ଉତ୍ପନ୍ନ ହୋଇଛି । ଦେବୀଙ୍କ ବିଭିନ୍ନ ଗୁଣ ସହିତ ବର୍ଣ୍ଣତତ୍ତ୍ୱ ମଧ୍ୟ ସଂପର୍କିତ । ସେ ମୁକ୍ତି ପ୍ରଦାୟିନୀ ଭାବରେ ଶ୍ୱେତବର୍ଣ୍ଣା ହୋଇଥିବା ବେଳେ ଭକ୍ତମାନଙ୍କ ଜ୍ଞାନର ସଂଚାଳିକା ବା ଶାସନକାରିଣୀ ଭାବେ ରକ୍ତବର୍ଣ୍ଣା ଅଟନ୍ତି । ଧନ ଓ ଐଶ୍ୱର୍ଯ୍ୟ ପ୍ରଦାୟିନୀ ରୂପରେ ସେ କେଶର ବର୍ଣ୍ଣା ଏବଂ ବିଶ୍ୱର ସଂହାରକାରିଣୀ ଭାବରେ ଦେବୀ କୃଷ୍ଣା ଅଟନ୍ତି ।

ମହିଷାସୁର ସହିତ ଦେବୀଙ୍କ ଯୁଦ୍ଧର କାରଣ ଓ ଯୁଦ୍ଧର ବର୍ଣ୍ଣନା କରିବାକୁ ଯାଇ ବିଭିନ୍ନ ପୁରାଣରେ କେତେକ ଭିନ୍ନତା ପରିଲକ୍ଷିତ ହେଉଥିବା ସତ୍ତ୍ୱେ ଦେବୀଙ୍କୁ ସର୍ବଶକ୍ତି ସଂପନ୍ନା କରିବା ନିମନ୍ତେ ଦେବତାମାନେ ନିଜ ନିଜର ତେଜ ସମେତ ମୁଖ୍ୟ ଅସ୍ତ୍ର ଶସ୍ତ୍ର, ବସ୍ତ୍ର-ଭୂଷଣ ଓ ଦ୍ରବ୍ୟମାନ ଦେଇଥିବା ସୂଚନା ମିଳେ । ଦେବୀ ମାହାତ୍ମ୍ୟରେ ଏହାର ବର୍ଣ୍ଣନା ଅତ୍ୟନ୍ତ ପ୍ରାଞ୍ଜଳ । ଏହି ଶାସ୍ତ୍ର ଅନୁସାରେ ଦେବୀଙ୍କ ହସ୍ତରେ ଦେଖାଯାଏ, ଶିବଙ୍କ ତ୍ରିଶୂଳ, ବିଷ୍ଣୁଙ୍କ ଶଙ୍ଖ ଓ ଚକ୍ର, ବାୟୁ ଦେଇଥିବା ଧନୁ ଓ ଶରପୂର୍ଣ୍ଣ ଅକ୍ଷୟତୂଣୀର, ଇନ୍ଦ୍ରଙ୍କ ବଜ୍ର ଓ ଐରାବତ ହସ୍ତୀର ଘଣ୍ଟା, ଯମଙ୍କ ଦଣ୍ଡ ଓ କାଳପାଶ, କାଳଙ୍କ ଖଡ଼୍‌ଗ ଓ ଢ଼ାଲ, ବିଶ୍ୱକର୍ମାଙ୍କ ଦିବ୍ୟ କୁଠାର, ବହୁ ଅସ୍ତ୍ର ଶସ୍ତ୍ର ଓ ଦେବୀଙ୍କ ଭୂଷଣ ନିମନ୍ତେ ଅଳଙ୍କାର । ଶେଷନାଗ ଦେବୀଙ୍କୁ ଦେଇଥିଲେ ନାଗପାଶ ଓ କଣ୍ଠ ନିମନ୍ତେ ମଣିଯୁକ୍ତ ନାଗହାର । ଅନ୍ୟାନ୍ୟ ପଦାର୍ଥ ମଧ୍ୟରେ ବରୁଣ ଦେଇଥିବା ଅକ୍ଷୟ ବସ୍ତ୍ର ଓ ମୁକ୍ତାହାର, ପ୍ରଜାପତିଙ୍କ ଅକ୍ଷମାଳା, ବ୍ରହ୍ମାଙ୍କ କମଣ୍ଡଳୁ ଓ କୁବେରଙ୍କ ସୁରାପାତ୍ର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଦେବୀଙ୍କ ବାହନ ନିମନ୍ତେ ହିମବାନ ଦେଇଥିବା ସିଂହ ଉଲ୍ଲେଖଯୋଗ୍ୟ ।

ପୁରାଣ ଯୁଗରେ ଭାରତରେ ଅନେକ ଶକ୍ତିପୀଠ ସୃଷ୍ଟି ହୋଇଥିଲା । ପୁରାଣ ବର୍ଣ୍ଣନାନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ୍ୟୁ ଶରୀରର ଦେହା ବିଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶାକ୍ତ ଉପାସନାର ଏକ ଗୌରବମୟ ପରଂପରା ସୃଷ୍ଟି କରିଥିଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାର କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶ ମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଲା । ପରଂବ୍ରହ୍ମ ବିଷ୍ଣୁଙ୍କର ଦଶ ଅବତାର ସଦୃଶ ଦେବୀଙ୍କର ଏହି ଦଶରୂପ ମାନ୍ୟତା ଲାଭ କଲା । ଭାରତର କୋଣେ ଅନୁକୋଣେ ବିଭିନ୍ନ ଶାକ୍ତ ସଂପ୍ରଦାୟର ଆବିର୍ଭାବ ଘଟିଲା । ପ୍ରତ୍ୟେକ ସଂପ୍ରଦାୟ ସେମାନଙ୍କ ନିଜସ୍ୱ ରୀତିରେ ଶାକ୍ତ ଉପାସନା ଧାରାର ଉତ୍ତରୋତ୍ତର ବିକାଶ ଘଟାଇଥିଲେ । ଭାରତୀୟ ଜନଜୀବନରେ ଜଗଜ୍ଜନନୀଙ୍କର ସାକାର ଉପାସନା





ପ୍ରବର୍ତ୍ତନ ହିଁ ପୁରାଣ ଯୁଗର ମହନୀୟତା ।

ପୁରାଣ ଯୁଗୀୟ ଶକ୍ତି ଉପାସନାରେ ମହିଷମର୍ଦ୍ଦିନୀ ଦୁର୍ଗାପୂଜାର ବିଶେଷ ପ୍ରସାର ଘଟିଥିଲା । ପ୍ରାଥମିକ ପର୍ଯ୍ୟାୟରେ ଦ୍ୱିଭୁଜା ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତିର ପରିକଳ୍ପନା ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ବହୁଭୁଜା ମୂର୍ତ୍ତିମାନ ସୃଷ୍ଟି ହୋଇ ଦୁର୍ଗତିନାଶିନୀ ଦୁର୍ଗା ସର୍ବ ଶକ୍ତିମୟୀ ଭାବରେ ମାନ୍ୟତା ଲାଭ କଲେ । ସୂଚନାଯୋଗ୍ୟ ଯେ, ତୀର୍ଥ ଭେଦରେ ଦେବୀ ଦୁର୍ଗା ସର୍ବଶକ୍ତିମୟୀ ଭାବରେ ମାନ୍ୟତା ଲାଭ କଲେ । ମଥୁରା ଓ ବ୍ରଜ ଭୂମିରେ କାତ୍ୟାୟନୀ, କାଶୀରେ ବିଶାଳାକ୍ଷୀ, ପ୍ରୟାଗରେ ଲଳିତା, ହସ୍ତିନାରେ ଜୟନ୍ତୀ, ହିମାଳୟରେ ନନ୍ଦା, ଏକାମ୍ରରେ କୀର୍ତ୍ତିମତୀ, ଗୋକର୍ଣ୍ଣିକାରେ ଭଦ୍ରକାଳିକା, ବୈତରଣୀ ତୀର୍ଥରେ ବିରଜା, ଗଙ୍ଗାରେ ମଙ୍ଗଳା, ଯମୁନାରେ ମୃଗାମତୀ, ପୁରୁଷୋତ୍ତମରେ ବିମଳା, ସରସ୍ୱତୀ ତୀର୍ଥରେ ବେଦମାତା, ବଦ୍ରିଧାମରେ ଉର୍ବଶୀ, କୈଳାସରେ ପାର୍ବତୀ ଆଦି ବହୁ ନାମରେ ଜଗଜ୍ଜନନୀ ପୁରାଣ ଯୁଗରେ ଭାରତ ଭୂଖଣ୍ଡରେ ଖ୍ୟାତି ଲାଭ କରିଥିଲେ । ଅନ୍ୟ ଭାଷାରେ କହିଲେ, ପ୍ରଚ୍ଛନ୍ନ ଶାକ୍ତ ତତ୍ତ୍ୱକୁ ଭୂପରେ ପରିପ୍ରକାଶ ପୂର୍ବକ ଜନସଚେତନତା ସୃଷ୍ଟିକୁ ରୂପରେ ପରିପ୍ରକାଶ ପୂର୍ବକ ଜନସଚେତନତା ସୃଷ୍ଟିର ସଫଳ ପ୍ରୟାସ ପୁରାଣ ଯୁଗରେ ହିଁ ସଂଗଠିତ ହୋଇଥିଲା । ସାକାର ଶାକ୍ତ ଉପାସନାରେ ମହାଶକ୍ତି ମାନବୀସଦୃଶ୍ୟା ମାନ୍ୟତା ଲାଭ କରିବା ସହିତ ଦେବୀଙ୍କର ବିଭିନ୍ନ ସ୍ତବ, ସ୍ତୋତ୍ର, ପ୍ରାର୍ଥନା, ଧ୍ୟାନ, କବଚ, କୀଳକ ପ୍ରଭୃତି ରଚନା କରାହୋଇଥିଲା । ପୁରାଣକାର ତ୍ରିଶକ୍ତି ବିଚାରବୋଧରେ ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ମହାଶକ୍ତିଙ୍କର ଦିବ୍ୟ ଚରିତ୍ର ଚିତ୍ରଣ କରିଥିଲେ । ସଂକ୍ଷେପରେ କହିଲେ, ପୁରାଣ ଯୁଗରେ ଭାରତର କୋଣେ ଅନୁକୋଣେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତି କାମନାରେ ଶକ୍ତି ଉପାସନାର ଦ୍ରୁତ ପ୍ରସାର ଘଟି ସମଗ୍ର ଭାରତବାସୀ ଗୋଟିଏ ମାଆର ସନ୍ତାନ ଭାବରେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନଯାପନ କରୁଥିଲେ ।

ମହିଷମର୍ଦ୍ଦିନୀଙ୍କ ପ୍ରାଚୀନତମ ମୂର୍ତ୍ତିଗୁଡ଼ିକ ଦ୍ୱିଭୁଜା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବହୁଭୁଜା ମୂର୍ତ୍ତିମାନ ରଚନା କରାଯାଇଛି । ମଧ୍ୟଯୁଗୀୟ ରଚନାମାନଙ୍କ ମଧ୍ୟରୁ ଅଭିଳାସ ତୀର୍ଥ ଚିନ୍ତାମଣି, ମତ୍ସ୍ୟପୁରାଣ, ଚଣ୍ଡୀପୁରାଣ, ମାର୍କଣ୍ଡେୟ ପୁରାଣ, ଶିଳ୍ପରତ୍ନ ଓ ରୂପମଣ୍ଡନ ଗ୍ରନ୍ଥରେ ଦେବୀ ଦଶଭୁଜା ବୋଲି ବର୍ଣ୍ଣିତ ହୋଇଥିବା ବେଳେ ବିଷ୍ଣୁଧର୍ମୋତ୍ତର ପୁରାଣ, ବରାହ ପୁରାଣ, ଚଣ୍ଡୀକଳ୍ପ ଓ ବିଶ୍ୱକର୍ମା ଶିଳ୍ପ ଶାସ୍ତ୍ରରେ ତାଙ୍କୁ ସର୍ବାଧିକ ଦଶଭୂଜା ବୋଲି କୁହାଯାଇଛି ।



ମୟଦୀପିକାୟମ୍ ଶିଳ୍ପ ଶାସ୍ତ୍ର ଅନୁସାରେ ଦେବୀ ଦଶଭୁଜା, ତାଙ୍କ ଦକ୍ଷିଣ ହସ୍ତମାନଙ୍କରେ ତ୍ରିଶୂଳ, ଖଡ଼୍‌ଗ, ଶକ୍ତି, ଚକ୍ର, ଧନୁ ଏବଂ ବାମ ହସ୍ତମାନଙ୍କରେ ପାଶ, ଖେଟକ, ପରଶୁ ରହିବା ବିଧେୟ । ବାମନ ପୁରାଣରେ ଦେବୀ ଅଷ୍ଟାଦଶ ଭୁଜା ଅଟନ୍ତି । ଦେବୀ ମାହାତ୍ମ୍ୟରେ ସହସ୍ରଭୁଜା ବୋଲି କୁହା ଯାଉଥିବା ବେଳେ କବି ବାଣ ତାଙ୍କ ଚଣ୍ଡୀ- ଅଷ୍ଟକରେ ତାଙ୍କ 'ଭୁଜାବନମ୍' ଆଖ୍ୟା ଦେଇଛନ୍ତି । ସାଧାରଣତଃ ଜଣାଯାଏ ଯେ ଦେବୀ ତ୍ରିନେତ୍ରା, ଉନ୍ନତ କୁଚଯୁଗଳା, କ୍ଷୀଣକଟି, ତ୍ରିଭଙ୍ଗ ତନୁ, ଶିରକଟା ମୁକୁଟ ମଣ୍ଡିତ, ଦିବ୍ୟଜ୍ୟୋତି ସଂପନ୍ନା, ନାନା ବସ୍ତ୍ରାଳଙ୍କାରରେ ବିଭୂଷିତା । ସର୍ବୋପରି ସେ ଉଗ୍ରା, ଭୀଷଣା ଓ ଭୟଂକରୀ । ପୁରାଣ ଓ ଶାସ୍ତ୍ରବର୍ଣ୍ଣିତ ଦେବୀଙ୍କ ଏହି ପ୍ରକାର ରୂପ, ହସ୍ତ, ଆୟୁଧ ଏପରିକି ଶୂଳରେ ମହିଷାସୁରକୁ ବଧ କରିବା କୌଶଳ ମଧ୍ୟ ମଧ୍ୟଯୁଗୀୟ ତଥା ତା'ର ପରବର୍ତ୍ତୀ ସମୟର ବହୁ ବିକଶିତ ମୂର୍ତ୍ତିକଳାରେ ପ୍ରତିଫଳିତ ହୋଇଛି ।

ମହିଷ ମର୍ଦ୍ଦିନୀଙ୍କ ଦ୍ୱିଭୁଜ ପ୍ରତିମାଗୁଡ଼ିକ ପ୍ରାୟ ଖ୍ରୀ: ୫ମ-୬ଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ । ରାଜସ୍ଥାନର କାଲିବଗନ୍ ଠାରୁ ପ୍ରାପ୍ତ ସାମାନ୍ୟ କାରୁକଳାଯୁକ୍ତ ପୋଡ଼ାମାଟି ପିତୁଳାଟି ଗୁପ୍ତଯୁଗର ସାମାନ୍ୟ ପୂର୍ବବର୍ତ୍ତୀ ବୋଲି ଅନୁମାନ କରା ଯାଉଥିବା ବେଳେ ଭାଟିଆ, ନାଗର ଓ କୌଶାମ୍ବୀରୁ ପ୍ରାପ୍ତ ଅନେକ କେତେକ କୃତି ଖ୍ରୀ: ୪ର୍ଥ-୬ଷ୍ଠ ଶତାବ୍ଦୀ ସମୟର ବୋଲି ମନେହୁଏ । ଓଡ଼ିଶାର ଯାଜପୁର ଠାରେ ଥିବା ବିରଜାଙ୍କ ପ୍ରସ୍ତର ମୂର୍ତ୍ତିଟି ମଧ୍ୟ ଏହି ସମୟର ଏକ ଉଲ୍ଲେଖଯୋଗ୍ୟ କୃତି । ଏଠାରେ ଦେବୀ ଦକ୍ଷିଣ ହସ୍ତରେ ମହିଷର ପୁଚ୍ଛକୁ ଧାରଣ କରି ବାମହସ୍ତର ଶୂଳରେ ଭୂମିରେ ଲାଗିଥିବା ତା'ର ମସ୍ତକକୁ ଭେଦ କରୁଛନ୍ତି । ଖ୍ରୀ: ୪ର୍ଥ ଶତାବ୍ଦୀର ଅନେକ ଧାତବ ପ୍ରତିମା ମଧ୍ୟରେ ଚମ୍ବା ଘାଟିର ଭରମୁର ଠାରେ ଥିବା 'ଲକ୍ଷ୍ୟଣାଦେବୀ' ନାମରେ ପରିଚିତା ସୁଦୀର୍ଘ, ସୁନ୍ଦର ପ୍ରତିମା ଅନ୍ୟତମ । କେତେକ ଉଲ୍ଲେଖଯୋଗ୍ୟ ଚତୁର୍ଭୁଜା ମୂର୍ତ୍ତି ମଧ୍ୟରେ ଖ୍ରୀ: ୫ମ ଶତାବ୍ଦୀର ଭୂମରା, ସଂଘୋଲ ଓ ମଥୁରାରୁ ପ୍ରାପ୍ତ କେତେକ ପୋଡ଼ାମାଟି ପ୍ରତିମା, ଖ୍ରୀ: ୭ମ ଶତାବ୍ଦୀର ଅହିହୋଲ, ଆଲମୋରା, ଜାଗେଶ୍ୱର ଓ ଭୁବନେଶ୍ୱରର ଶତ୍ରୁଘ୍ନେଶ୍ୱର ମନ୍ଦିର ଦେହର ସୁନ୍ଦର ମହିଷମର୍ଦ୍ଦିନୀ, ଏଲୋରା ଗୁମ୍ଫା ମଧ୍ୟରେ କେତୋଟି ବିଶାଳ ପ୍ରତିମା ଅନ୍ୟତମ । ଏହି ସମୟର ଅଧିକାଂଶ ରଚନାରେ ମହିଷାସୁର ପ୍ରଥମ ପର୍ଯ୍ୟାୟ ଭଳି ପଶୁ ରୂପରେ ଦେଖା ଯାଉଥିବା ବେଳେ କ୍ୱଚିତ୍ ସ୍ଥାନରେ ମିଶ୍ରିତ ରୂପ ଅର୍ଥାତ୍ ପଶୁର ଦେହ ଓ ମନୁଷ୍ୟାକୃତି ଆବକ୍ଷ ମସ୍ତକ ଦେଖାଯାଏ । ପ୍ରାରମ୍ଭରୁ ଖ୍ରୀ: ୭ମ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ମୂର୍ତ୍ତିରେ ସିଂହ ନ ଥିବାବେଳେ ୭ମ ଶେଷ ଓ ୮ମ ଶତାବ୍ଦୀର ପ୍ରାରମ୍ଭରେ ନିର୍ମିତ କେତେକ ମୂର୍ତ୍ତିରେ ପ୍ରଥମ ଥର ପାଇଁ ଦେବୀଙ୍କ ସହିତ ତାଙ୍କ ବାହନ ସିଂହ ଦୃଷ୍ଟିଗୋଚର ହୁଏ । ଭାରତର ବିଭିନ୍ନ ସ୍ଥାନରେ ଥିବା ଅଷ୍ଟଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି ମଧ୍ୟରେ ଖ୍ରୀ:୮ମ ଶତାବ୍ଦୀର ପଟ୍ଟାଡୋକଲ ଶିବ ମନ୍ଦିର ମଧ୍ୟର ମୂର୍ତ୍ତି, ଖ୍ରୀ: ୯ମ ଶତାବ୍ଦୀର ଲଲୋରା ଗୁମ୍ଫାର କେତେକ ମୂର୍ତ୍ତି, ଖ୍ରୀ: ୧୦ମ - ୧୧ଶ ଶତାବ୍ଦୀ ମଧ୍ୟରେ, ବଙ୍ଗଳାର ପାଳ ରାଜତ୍ୱ ସମୟରେ କେତେକ ମୂର୍ତ୍ତି, ଆଲମ୍ପୁରର ଖ୍ରୀ: ୧୧ଶ ଶତାବ୍ଦୀର ମୂର୍ତ୍ତି, ଦକ୍ଷିଣ ଭାରତର ଚିଦାମ୍ବରମ୍ ଠାରେ ଥିବା ଖ୍ରୀ: ୧୨ଶ ଶତାବ୍ଦୀର ଦେବୀ ପ୍ରତିମା ଓ ଆସାମର ଗୋପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ଅଷ୍ଟଭୁଜା ଦୁର୍ଗା ଉଲ୍ଲେଖ ଯୋଗ୍ୟ ।

ଓଡ଼ିଶାର ଅନେକ ସୁନ୍ଦର ଦଶଭୁଜା ମହିଷମର୍ଦ୍ଦିନୀ ପ୍ରତିମା ପ୍ରାୟ ଖ୍ରୀ: ୧୦ମ

ରୁ ୧୫ଶ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହି ପ୍ରକାର କେତେକ କୃତି ମଧ୍ୟରେ କଟକ ଜିଲ୍ଲା ପ୍ରାଚୀନଦୀ କୂଳ ଅଡ଼ସପୁର, ଆମ୍ବାପଡ଼ା, ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ପାଳିଆ ଓ ସେରଗଡ଼, ତାଳଚେର ନିକଟ କୁଆଲୋ, ମହାନଦୀ କୂଳ ବୈଦେଶ୍ୱର, ସିଂହନାଥ ଓ ମୟୂରଭଂଜ ଜିଲ୍ଲା ଖିଚିଂର ବିଶାଳ ମୂର୍ତ୍ତି ଅନ୍ୟତମ । ଏହି ମଧ୍ୟ ଯୁଗୀୟ ମୂର୍ତ୍ତିଗୁଡ଼ିକରେ ଖଣ୍ଡିତ ମହିଷ ମଧ୍ୟରୁ ମନୁଷ୍ୟରୂପୀ ଏକ ଅସୁର ଜାତ ହୋଇ ଦେବୀଙ୍କ ସହିତ ଯୁଦ୍ଧ କରୁଥିବା ଦେଖାଯାଏ । ଏଠାରେ ସିଂହ ମଧ୍ୟ ଅଧିକ ଉଗ୍ର ମନେ ହୁଏ ।

ମହିଷମର୍ଦ୍ଦିନୀଙ୍କ ଦ୍ୱାଦଶଭୁଜା ମୂର୍ତ୍ତି ସଂଖ୍ୟାପ୍ରାୟ କମ୍ । ଆଲମୋରାର ବୈଜିନାଥ ଶିବମନ୍ଦିର ଓ କାଶ୍ମିରର ଏହି ପ୍ରକାର ମୂର୍ତ୍ତିକୁ ଖ୍ରୀ: ୧୦ମ ଶତାବ୍ଦୀର ବୋଲି ଅନୁମାନ କରାଯାଏ । ଉଲ୍ଲେଖଯୋଗ୍ୟ ଯେ, ଏହି କୃତିରେ ଦେବୀଙ୍କ ସହିତ ସିଂହ ଦେଖାଯାଏ ନାହିଁ । ଭାରତର ଉତ୍ତର- ପଶ୍ଚିମାଞ୍ଚଳ, ରୋହତକ୍‌ରୁ ପ୍ରାପ୍ତ ଓ ପାକିସ୍ତାନର ଲାହୋର ସଂଗ୍ରହାଳୟରେ ଥିବା ଦ୍ୱାଦଶଭୁଜା ଦେବୀଙ୍କ ସହିତ ସପ୍ତମାତୃକା, ନବଦୁର୍ଗା ଓ ସରସ୍ୱତୀ ମଧ୍ୟ ରହିଛନ୍ତି । ଏହା ଖ୍ରୀ: ୧୨ଶ ଶତାବ୍ଦୀର କଳାକୃତି ବୋଲି ଜଣାଯାଏ । ଓଡ଼ିଶାରେ ଦେଖା ଯାଉଥିବା କେତେକ ଦ୍ୱାଦଶଭୁଜା ମହିଷମର୍ଦ୍ଦିନୀ ମୂର୍ତ୍ତି ମଧ୍ୟ ଏହି ସମୟର । ଅବିଭକ୍ତ କଟକ ଜିଲ୍ଲାର ଧର୍ମଶାଳା ଠାରୁ ପ୍ରାପ୍ତ, ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଥିବା ଏକ ମୂର୍ତ୍ତି ଓ ତାଳଚେର ନିକଟ କୁଆଲୋ ଗ୍ରାମର ଏକ ମୂର୍ତ୍ତି କିଞ୍ଚିତ ପୂର୍ବବର୍ତ୍ତୀ ସମୟର ହୋଇଥିବା ମନେହୁଏ । ପ୍ରାଚୀନଦୀ କୂଳ ଅମଣାକୁଦ ଗ୍ରାମର ବାରଭୁଜା ନାମରେ ପୂଜା ପାଉଥିବା ଏକ ବିଶାଳ ପ୍ରତିମା ଖ୍ରୀ:୧୨ଶ ଶତାବ୍ଦୀର ବୋଲି ଅନୁମାନ କରାଯାଏ ।

ଷୋଡ଼ଶ, ଅଷ୍ଟାଦଶ ମୂର୍ତ୍ତିଗୁଡ଼ିକ ଦକ୍ଷିଣ ଭାରତରେ ଅଧିକ ସଂଖ୍ୟାରେ ରହିଥିବା ବେଳେ ଅଷ୍ଟାଦଶ ଓ ବିଂଶଭୁଜା ମୂର୍ତ୍ତି ବିହାର ଓ ନେପାଳରେ ଦେଖାଯାଏ । କେତେକ ଷୋଡ଼ଶଭୁଜା କୃତି ମଧ୍ୟରେ କାଶ୍ମୀରର ତୁମାରମାଳ ଓ ନେପାଳର କାଠମାଣ୍ଡୁ ସଂଗ୍ରହାଳୟରେ ଥିବା ଅଷ୍ଟଧାତୁ ପ୍ରତିମା ଆନୁମାନିକ ଖ୍ରୀ: ୧୬ଶ ଶତାବ୍ଦୀର ଅଟେ । ଅଷ୍ଟାଦଶଭୁଜା ମୂର୍ତ୍ତି ମଧ୍ୟରେ ପାଟନା ସଂଗ୍ରହାଳୟର ଏକ ସୁନ୍ଦର କୃତି, ଦକ୍ଷିଣ ଭାରତର ଚିଦାମ୍ବରମ୍ ନଟରାଜ ମନ୍ଦିରର ମୂର୍ତ୍ତି, ଗଙ୍ଗାଇକୋଟା ଓ ଚୋଳାପୁରମ୍ ଠାରେ ଥିବା ମୂର୍ତ୍ତିଗୁଡ଼ିକ ଉଲ୍ଲେଖଯୋଗ୍ୟ । ଦକ୍ଷିଣଭାରତର ମୂର୍ତ୍ତିରେ ଦେବୀଙ୍କ ମସ୍ତକରେ ଅଧିକାଂଶ ସ୍ଥଳେ ଜଟା ମୁକୁଟ ପରିବର୍ତ୍ତେ କିରୀଟ ମୁକୁଟ ଦେଖାଯାଏ । ବିଂଶଭୁଜା ମହିଷାସୁର ମର୍ଦ୍ଦିନୀ ପ୍ରତିମା ମଧ୍ୟରେ ବିହାର ପାଟନା ସଂଗ୍ରହାଳୟରେ ଥିବା ଦେବୀ ସିଂହବାହିନୀ ଅଟନ୍ତି । ରାଜସ୍ଥାନର ଏକ କୃତିରେ ଦେବୀ ରଥାରୂଢ଼ା ହୋଇ ମହିଷାସୁର ସହିତ ଯୁଦ୍ଧ କରୁଥିବାବେଳେ ଭୁବନେଶ୍ୱରର ବ୍ରହ୍ମେଶ୍ୱର ମନ୍ଦିର ନିକଟରୁ ପ୍ରାପ୍ତ ଏକ ମୂର୍ତ୍ତିରେ ଦେବୀ ନୌକା ଉପରେ ଉଭା ହୋଇଛନ୍ତି । ଏକମାତ୍ର ବିରଳ ମୂର୍ତ୍ତି ମଧ୍ୟରେ ବଙ୍ଗଳାର ବେଣ୍ଟ, ଦିନାଜପୁର ଜିଲ୍ଲାର ବତ୍ରିଶଭୁଜା ମହିଷମର୍ଦ୍ଦିନୀ ପ୍ରତିମା ଉଲ୍ଲେଖଯୋଗ୍ୟ ।





ମହାଭାରତରେ ବ୍ୟାସଦେବ କହିଛନ୍ତି, "ସକଳ ଦୁର୍ଗତିରୁ ପରିତ୍ରାଣ କର ବୋଲି- ହେ ଦେବି ! ତୁମେ ଦୁର୍ଗା ନାମରେ ପୂଜିତ ।" ଶବ୍ଦକଳ୍ପଦ୍ରୁମ'ରେ ସୁନ୍ଦର ଭାବେ ବର୍ଣ୍ଣନା କରା ଯାଇଛି ଯେ, ଦୁର୍ଗା ଶବ୍ଦରେ- 'ଦ' ଶବ୍ଦର ଅର୍ଥ ଦୈତ୍ୟନାଶିନୀ, 'ଉ' କାରର ଅର୍ଥ ସର୍ବ ବିଘ୍ନ ବିନାଶିନୀ, ରେଫ୍ ଦ୍ୱାରା ବୁଝାଏ ସର୍ବରୋଗ ବିନାଶିନୀ, 'ଗ' ଅକ୍ଷରର ଅର୍ଥ ପାପ ବିନାଶିନୀ ଏବଂ 'ଆ'କାର ଅର୍ଥ ବୋଧହୁଏ ସ୍ନେହ ଓ ବାତ୍ସଲ୍ୟ ମମତା । ଦେବୀ ପୁରାଣରେ ସେ 'ଦୁର୍ଗେଶ୍ୱରୀ' ଅର୍ଥାତ୍ ଦୁର୍ଗର ରକ୍ଷାକାରୀ । ମାର୍କଣ୍ଡ ପୁରାଣରେ ସେ ଭବସାଗରର ଏକମାତ୍ର ନୌକା ସ୍ୱରୂପା । ଦେବୀ ଭାଗବତରେ ସେ ସଂକଟ ତାରିଣୀ, ଦୁର୍ଗା ମନ୍ତ୍ରରେ ସେ ସକଳ ଭୁତରେ ପରିବ୍ୟାପ୍ତ, ମଙ୍ଗଳକାରିଣୀ, ଶତ୍ରୁ ବିନାଶିନୀ, ସମସ୍ତ ଶକ୍ତି ଓ ବୁଦ୍ଧି ଅଧିକାରିଣୀ, ଏଭଳି ଏକ ଦେବୀଙ୍କର ପରିକଳ୍ପନା ବାସ୍ତବିକ ଅନନ୍ୟ, ଏଣୁ ଏହି ଶକ୍ତି - ଦେବୀଙ୍କର ପୂଜନ ଓ ମନନ ସମସ୍ତ ଜୀବଙ୍କର କାମ୍ୟ ଏବଂ ସ୍ମରଣୀୟ ମଧ୍ୟ ।


ଦେବୀ ଦୁର୍ଗା କେବଳ ସୃଷ୍ଟିର ପାଳନକର୍ତ୍ତା ବା ଦୁଷ୍ଟ ସଂହାରିଣୀ ଶକ୍ତି ନୁହଁନ୍ତି, ଏହି ମଙ୍ଗଳମୟ ସୃଷ୍ଟିର ସେ ମଙ୍ଗଳଦାତ୍ରୀ, ଏହି ଶୋଭାମୟ ସୁନ୍ଦର ସୃଷ୍ଟିର ସେ ସୁଖ ଶାନ୍ତି ପ୍ରଦାୟିନୀ । ସୂଚନା ଯୋଗ୍ୟ ଯେ, ଊନବିଂଶ ଶତାବ୍ଦୀରୁ ମୃଣ୍ମୟୀ ଦୁର୍ଗାପୂଜାର ଉନ୍ମେଷ ଘଟି ଶାରଦୀୟ ଦୁର୍ଗୋତ୍ସବର ଏକ ମହନୀୟ ପରଂପରା ସୃଷ୍ଟି ହୋଇଛି । ବସ୍ତୁବାଦୀ ନାସ୍ତିକ ହୃଦୟ ମଧ୍ୟରେ ଏହି ପୂଜା ମାଧ୍ୟମରେ ଭକ୍ତି-ଭାବନାର ଉଦ୍ରେକ, ପୂର୍ଣ୍ଣ ପବିତ୍ରର ନିର୍ଯ୍ୟାସ, ପ୍ରେମ-ପୁଲକର ସୁଗନ୍ଧ, ସତ୍ୟ-ଧର୍ମ-ଦୟା-କ୍ଷମା ବାଣୀର ଚିନ୍ତନ, ସୁଖ-ସମ୍ଭୋଗର ମହକ ଏବଂ ଶାନ୍ତି-ମୈତ୍ରୀ-ପ୍ରୀତିର କଲ୍ଲୋଳ, ଗଙ୍ଗା-ଯମୁନା-ସରସ୍ୱତୀର ତ୍ରିବେଣୀ ସଂଗମରେ ହିଲ୍ଲୋଳିତ ହୋଇଥାଏ ।

ସର୍ବେ ଭକ୍ତି ପ୍ରାଣ-ପୁଲକରେ ଗାନ କରନ୍ତି:

"ନା ତାତୋ ନ ମାତା ନ ବନ୍ଧୁର୍ନଦାତା
ନ ପୁତ୍ରୋ ନ ପୁତ୍ରୀ ନ ଭୃତ୍ୟୋ ନ ଭର୍ତ୍ତ
ନ ଜାୟା ନ ବିଦ୍ୟା ନ ବୃତ୍ତିର୍ମ ମୈବ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ ।"

ସଂପ୍ରତି ଶାରଦୀୟ ଦୁର୍ଗୋତ୍ସବ ଜାତି, ଧର୍ମ, ବର୍ଣ୍ଣ ଓ ସଂପ୍ରଦାୟ ନିର୍ବିଶେଷରେ ଏକ ଗଣ ମହୋତ୍ସବ ରୂପେ ପ୍ରତିଭାତ । ଦୁର୍ଗତିର ଦୁର୍ଗମ ଦୁର୍ଗରେ ବନ୍ଦୀ ଆଜିର ମଣିଷ 'ଶାରଦୀୟ ଦୁର୍ଗୋତ୍ସବ'ରେ ଜଗଜ୍ଜନନୀଙ୍କର କରୁଣା କାମନା କରୁଛି । ଆଜିର ପୁଣ୍ୟ ମହୋତ୍ସବରେ ଦେବୀ ଦୁର୍ଗା ଆପଣାର ଦଶଭୁଜାରେ ମିଥ୍ୟା, କ୍ରୋଧ, ଅଭିମାନ, ଅହଂତ୍ୱ, ନାସ୍ତିକ ଭାବ, ଆତ୍ମଗ୍ଲାନି, ଅସୂୟା, ଈର୍ଷା, ଦ୍ୱେଷ ଓ ପରୋକ୍ଷବାକ୍ ପ୍ରଭୃତି ଦଶବାଧା ବିନିର୍ମୁକ୍ତ କରି ବିଶ୍ୱର ମଙ୍ଗଳ କରନ୍ତୁ । ଏତିକି ତାଙ୍କ ଶ୍ରୀଚରଣରେ ନିବେଦନ ।

"ତାଂ ଦୁର୍ଗେ ମାଂ ଦେବୀଂ ଦୁରାଚାର ବିପାତିନୀମ୍,
ନମାମି ଭବଭୀତୋଽହଂ ସଂସାରାର୍ଣ୍ଣବ ତାରିଣୀମ୍ ।"



# ଯାଜପୁରର



# ବିରଜା

# ଦ୍ୱିଭୁଜା ଦୁର୍ଗା ମା’ ବିରଜା



**ନାରାୟଣ ରାଉତରାୟ**
ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ

ଭାରତ ବର୍ଷରେ ୫୧ ଟି ଶକ୍ତିପୀଠ ମଧ୍ୟରୁ ବିରଜା ଅନ୍ୟତମ । ମା’ ବିରଜାଙ୍କୁ କେନ୍ଦ୍ର କରି ବିଲ୍ୱ, ବରୁଣ, ଖିଲାଟେଶ୍ୱର ଆଦି ଶିବମନ୍ଦିରକୁ ନେଇ ଦଶ ମାଇଲ୍ ଦୂରତ୍ୱ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ତ୍ରିଭୁଜ କ୍ଷେତ୍ରକୁ ବିରଜା କ୍ଷେତ୍ର କୁହାଯାଏ । ଏଠାରେ ଜୈନ, ବୌଦ୍ଧ, ଶୈବ ଓ ଶାକ୍ତ ଧର୍ମର ସୁସମନ୍ୱୟ ହୋଇଥିବାରୁ ବିରଜା ଏକାଧାରାରେ ତାନ୍ତ୍ରିକ ଦେବୀ ରୂପେ ତେଜୋଦୀପ୍ତା ବୈଷ୍ଣବ ମାନଙ୍କର ଅନନ୍ତ କରୁଣାର ମୂର୍ତ୍ତି ଧାରଣ କରି ମାତୃ ରୂପରେ ସଦା ବରଦା । ତାଙ୍କ ଆଶୀର୍ବାଦ ବିନା କୌଣସି ଗୁଣର ବିକାଶ ଅସମ୍ଭବ । ଏହା ହିଁ ବିରଜା ବିଗ୍ରହର ବାଣୀ । ବିରଜା ଦର୍ଶନ ନିମନ୍ତେ ଭାରତର କୋଣ ଅନୁକୋଣରୁ ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି । ସେମାନେ ବିରଜା ଦର୍ଶନ କରି ଫେରିଯାନ୍ତି ।

## ବିରଜାଙ୍କ ଜନ୍ମୋତ୍ସବ

ମାଘ ମାସରେ ତ୍ରିବେଣୀ ଅମାବାସ୍ୟା ଦିନ ଶ୍ରାବଣ ନକ୍ଷତ୍ର ଯୁକ୍ତ ମକର ଚନ୍ଦ୍ରରେ ବିରଜାଙ୍କ ଜନ୍ମୋତ୍ସବ ପାଳିତ ହୁଏ । ଗାୟତ୍ରୀ ଦ୍ୱାରା ଏହି ପୂଜା ସମ୍ପାଦନା କରାଯାଏ । ବହୁ ସଂଖ୍ୟକ ଯାତ୍ରୀ ଆସିଥାଆନ୍ତି ସାବିତ୍ରୀ ବେଶ ଦର୍ଶନ କରିବାକୁ । ଏହାକୁ ଛାଡି ଦେଲେ ପ୍ରତ୍ୟେକ ମାସରେ କିଛି ନା କିଛି ପର୍ବ ଏଠାରେ ପାଳନ କରାଯାଏ । ପ୍ରତି ଅଷ୍ଟମୀରେ, ଚତୁର୍ଦ୍ଦରେ, ପୂର୍ଣ୍ଣମୀରେ, ସଂକ୍ରାନ୍ତିରେ, ଅମାବାସ୍ୟାରେ, ମଙ୍ଗଳବାର, ଗୁରୁବାର ଦର୍ଶନ କଲେ ମହାପାପରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ନରକରୁ ଉଦ୍ଧାର ମିଳେ ବୋଲି ବିଶ୍ୱାସ ରହିଛି ।

## ମାଳିକା ପୃଷ୍ଠାରେ ବିରଜା

ଦେବୀ ବିରଜାଙ୍କ ପୀଠଟି ସମ୍ପୂର୍ଣ୍ଣ ଏକ ତନ୍ତ୍ରପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ଅଷ୍ଟଦଶଭୁଜା କାଳୀ, ଷଡଭୁଜା ଦୁର୍ଗା, ଚତୁର୍ଭୁଜା ଦୁର୍ଗା, ଦଶଭୁଜା ଦୁର୍ଗା, ବରାହୀ, ଚାମୁଣ୍ଡା, ଅଷ୍ଟଲକ୍ଷ୍ମୀ ମାହେଶ୍ୱରୀ, ମନସା, ନାଗେଶ୍ୱରୀ, ନାଗଚଣ୍ଡୀ, ଭୈରବୀ, ପାତଳ, ଭୈରବୀ, ଉଗ୍ରତାରା, କଙ୍କାଳୀ, କାଳୀ, ସପ୍ତମାତୃକା ମୂର୍ତ୍ତି ପରିଦୃଷ୍ଟ ହୋଇଥାନ୍ତି । ଦେବୀଙ୍କ ମନ୍ଦିର ବେଢାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ଚାରି ଦିଗରେ ଚାରୋଟି ଦ୍ୱାର । ପଶ୍ଚିମ ଦ୍ୱାରଟିକୁ ଛାଡିଦେଲେ ପ୍ରାୟତଃ ସବୁ ସମୟରେ ଅନ୍ୟ ତିନୋଟି ଦ୍ୱାର ଉନ୍ମୁକ୍ତ । କଳିଯୁଗର ଶେଷ ଭାଗରେ ଏହି ପଶ୍ଚିମ ଦ୍ୱାର ଆପଣାଛାଏଁ ଖୋଲିଯିବ ଓ ନିକଟରେ ଥିବା ସଂହାର ଭୈରବ ଏବଂ ସଂହାର ଭୈରବୀ ଡାକ ଦେବେ ବୋଲି ମାଳିକା ପ୍ରବଚନ ରହିଛି । ବିରଜା ଭୂମି ଯାଜପୁରରେ ଭଗବାନଙ୍କ ଅବତାର କଳ୍କୀରାମଙ୍କର ଆବିର୍ଭାବ ହେବ ବୋଲି ମାଳିକାବିତ୍‌ମାନେ ପ୍ରମାଣ ଦେଇଥାନ୍ତି ।

## କ୍ଷେତ୍ରର ମାହାତ୍ମ୍ୟ

‘ନ ତଥା କାଶୀ କୈଦାରଂ ପୌଣ୍ଡରୀକଂ ନଚାମ୍ବୁଜମ୍’

ଅର୍ଥାତ୍ କାଶୀ କେଦାରତୀର୍ଥ, ପୁଣ୍ଡରୀକ ତୀର୍ଥ ଓ ପଦ୍ମ ତୀର୍ଥ ଏହି ତୀର୍ଥ ସହିତ ସମାନ ନୁହଁନ୍ତି ।

‘ଦଶବର୍ଷ ସହସ୍ରାଣି କାଶ୍ୟାଂ ପୁଜୟତୋ ହରମ୍ ।
ଯତ୍‌ଫଳଂ ତ ଦବାପ୍ନୋତି ବିରଜା ଲୋକନେ ନରଃ’

ଅର୍ଥାତ୍ ଦଶ ସହସ୍ର ବର୍ଷ କାଶୀଧାମରେ ବାସକରି କାଶୀ ବିଶ୍ୱନାଥଙ୍କୁ ପୂଜା କରି ମାନବ ଯେଉଁ ଫଳ ଲାଭ କରେ, କେବଳ ବିରଜା ଦେବୀଙ୍କ ମୁଖ ଦର୍ଶନରେ ସେହି ଫଳ ମିଳିଥାଏ ।

‘କାଶୀବାସେ ଦିନ କ୍ଷୌଚ ଦିନୈକଂ ପୁରୁଷୋତମେ, / ତତ୍ ଫଳଂ ଲଭତେ ମର୍ତ୍ତ୍ୟୋ ବିରଜା ମୁଖ ଦର୍ଶନେ ।’

ଆଠଦିନ ଧରି କାଶୀରେ ବାସ କରିବାରେ, ଗୋଟିଏ ଦିନ ଅହୋରାତ୍ର ପୁରୁଷୋତ୍ତମ କ୍ଷେତ୍ରରେ ବାସ କରିବାରେ ମନୁଷ୍ୟ ଯେଉଁ ଫଳ ପାଇଥାଏ, ବିରଜାଙ୍କ ମୁଖ ଦର୍ଶନରେ ସେହି ଫଳ ମିଳେ । ତେଣୁ କୁହାଯାଇଛି:

“ସର୍ବପାପ ହରଂ ଦେଶମୌଡ୍ରଂ ଦେବୈସ୍ତୁ କଳ୍ପିତମ୍, / ତସ୍ମାତ୍ କ୍ଷେତ୍ରେ ସଦା ସନ୍ତି କୃଷ୍ଣାର୍କ ପାର୍ବତୀ ହରାଃ ।”



## ପୀଠକୁ କେମିତି ଆସିବେ

ଓଡିଶାର ରାଜଧାନୀ ଭୁବନେଶ୍ୱର ଠାରୁ ସଡକ ପଥରେ ୧୨୦ କି.ମି. ଦୂରରେ ଅବସ୍ଥିତ ଏ ପୀଠ । ଏଠାକୁ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଆସି ଯାଜପୁର-କେନ୍ଦୁଝର ରୋଡ ଷ୍ଟେସନରେ ପହଂଚି କାର୍ କିମ୍ବା ଅନ୍ୟ କୌଣସି ଯାନ ମାଧ୍ୟମରେ ଆସି ପାରିବେ ।

## ବିରଜାଙ୍କ ଆବିର୍ଭାବ

ପଦ୍ମଯୋନି ବ୍ରହ୍ମାଯଜ୍ଞ ଶାପମୁକ୍ତ ପାଇଁ ଯଜ୍ଞର ଆୟୋଜନ କରିଥିଲେ । ଏଥିପାଇଁ ଯାଜପୁର 'ଅବିମୁକ୍ତ କ୍ଷେତ୍ର' ଏକାନ୍ତ ଉପଯୋଗୀ ବୋଲି ନାନା ପୁରାଣ ଶାସ୍ତ୍ରରେ ଏହା ବିଷୟରେ ବର୍ଣ୍ଣନା କରାଯାଇଛି । ଦେବୀ ବିରଜା ଘୃତ୍ୟହୁତି ପ୍ରଜ୍ୱଳିତା 'ଗାର୍ହପତ୍ୟ' ନାମକ କୁଣ୍ଡରୁ ଆବିର୍ଭାବ ବୋଲି ବ୍ରହ୍ମପୁରାଣର ୨ଅଙ୍କ ଏବଂ ୨ ଓ ୪ ଶ୍ଳୋକରେ ବର୍ଣ୍ଣିତ । ଏହି ଦେବୀ ବିରଜା ଆର୍ବିଭୁତ କିପରି ଅବସ୍ଥାରେ ହୋଇଥିଲେ ତାହାର ଅବତାରଣା କରାଯାଇଛି:

'ବ୍ୟହାରି ଶୀର୍ଷମରବିନ୍ଦ ନିହେନ
ପାଦେନାତ୍ରସ୍ୟ ପାଣି କମଳେନ ଗୃହୀତ୍‌ପୁଚ୍ଛା
ଅନ୍ୟେନ ତଦକକୁବଗ ତ୍ରିଶିଖସ୍ୟ ମୂଳଂ
ସଂଗୃହ୍ୟ ଭୂଷୟସି ମେଂହହ ଗାର୍ହପତ୍ୟମ ।'

ଅର୍ଥାତ୍ ଦକ୍ଷିଣ ପାଦ କମଳରେ ମହିଷର ମସ୍ତକକୁ ଅତି କର୍କଶ ଭାବରେ ଅତିକ୍ରମ ପୂର୍ବକ ବାମ କରକମଳରେ ମହିଷର ପୁଚ୍ଛକୁ ଗ୍ରହଣ କରି ଦକ୍ଷିଣ ପାଣି କମଳରେ ଶୋଭିତ ତ୍ରିଶୂଳ ଦ୍ୱାରା ମହିଷର ବକ୍ଷ ସ୍ଥଳକୁ ବିଦାରଣ କରିଅଛନ୍ତି । ଏଣୁ ଦେବୀ ଦ୍ୱିଭୁଜା, ମହିଷମର୍ଦ୍ଦିନୀ ରୂପରେ ବିରାଜିତ । ବିରଜାଙ୍କ ଆବିର୍ଭାବ ବିଷୟରେ ଦେବୀ ଭାଗବତ ୧୦ମ ସ୍କନ୍ଦ ୭ମ ଅଧ୍ୟାୟ ବର୍ଣ୍ଣନାର ଏହି ବିନ୍ଧ୍ୟବାସିନୀ ବିରଜାଙ୍କ ନାମ ପ୍ରଥମେ ଲୋପାମୁଦ୍ରା । (ଅଗସ୍ତି ଋଷିଙ୍କ ପତ୍ନୀ) ବୋଲି ଜଣାଯାଏ ।

'ମମକ୍ଷେତ୍ର ମୁନି ଶ୍ରେଷ ବିରଜେ ଯେ କଳେବରମ,
ପରିତ୍ୟ ଜ' ପୁରଷା ସ୍ତେ ମୋକ୍ଷଂ ପ୍ରାପୁବଫି ବୈ ।'

ଏକଦା ବିନ୍ଧ୍ୟଗିରି ହିମାଳୟ, କୈଳାସ ପର୍ବତର ପ୍ରତିଦ୍ୱନ୍ଦ୍ୱୀ ହୋଇ ଉଚ୍ଚତାରେ ସୂର୍ଯ୍ୟଙ୍କ ମାର୍ଗ ଅବରୋଧ କରିବାରୁ ଦେବତାମାନେ ଭଗବାନ ନାରାୟଣଙ୍କ ପରାମର୍ଶ ଅନୁସାରେ ବାରଣାସୀରେ ବାସ କରୁଥିବା ଅଗସ୍ତି ଋଷିଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ କହିବାରୁ ମହର୍ଷି ଅଗସ୍ତି ନିଜପତ୍ନୀ ଲୋପାମୁଦ୍ରାଙ୍କ ସହିତ ଦକ୍ଷିଣ ଦିଗକୁ ଯାତ୍ରା କଲେ । ଋଷିଙ୍କ ଉଗ୍ର ତେଜରେ ଭୀତ ହୋଇ ବିନ୍ଧ୍ୟ ଅତ୍ୟନ୍ତ ଖର୍ବ ହୋଇ ଭୂତଳରେ ଦଣ୍ଡବତ ପତିତ ହୋଇ ପ୍ରଣାମ କଲା । ଋଷି କହିଲେ, ମୁଁ ଦକ୍ଷିଣ ଦିଗ ଯାତ୍ରାରୁ ଫେରିବା ଯାଏଁ ତୁମ୍ଭେ ଏମିତି ଅବସ୍ଥାରେ ଥାଅ । ତା'ପରେ ଋଷି ଦକ୍ଷିଣ ଦିଗକୁ ଯାତ୍ରା କଲେ । ଆଉ ଫେରିଲେ ନାହିଁ । ଦେବୀ ଲୋପାମୁଦ୍ରା ବିନ୍ଧ୍ୟଗିରିରେ ସ୍ୱାମୀଙ୍କ ପ୍ରତିକ୍ଷାରେ ଅବସ୍ଥାନ କରିବାରୁ ସ୍ୱାୟମ୍ଭବ ମନୁଙ୍କ ଦ୍ୱାରା ପୂଜିତା ହେଲେ । କାଳକ୍ରମେ ଏହି ବିନ୍ଧ୍ୟବାସିନୀ ଲୋପାମୁଦ୍ରା ବ୍ରହ୍ମଯଜ୍ଞେଦ୍‌ଭବା 'ବିରଜା' ନାମ ଧାରଣ କଲେ, ଯଥା-

'ସାପଦେବୀ ତତ୍ର ବିନ୍ଧ୍ୟମାଗତା ମନୁ ପୂଜିତା,/ ଲୋକେଷୁ ପ୍ରଥିତା ବିନ୍ଧ୍ୟବାସିନୀତି ଚଶୌନକ ।'

ଆଦି ଶଙ୍କରାଚାର୍ଯ୍ୟ ଅଷ୍ଟାଦଶ ପୀଠ ମହାତ୍ମ୍ୟରେ ବର୍ଣ୍ଣନା କରିଛନ୍ତି - 'ଉତ୍କଳେ ବିରଜା ଦେବୀ ମାଣିକ୍ୟାଂ ଚକ୍ରକୋଟିନୀ ।' ଆସାମରେ କାମାକ୍ଷା ଦେବୀଙ୍କ ପରି ଉତ୍କଳର ମହାଦେବୀ ବିରଜା ସମଗ୍ର ହିନ୍ଦୁ ଜଗତର ସର୍ବଶ୍ରେଷ୍ଠ ପ୍ରାଚୀନତମ ବିରଜା ଦେବୀ ଅଟନ୍ତି । ଯାମଳ ତନ୍ତ୍ରର ଆଦ୍ୟ ସ୍ରୋତରେ ବିରଜାଙ୍କ ମୂର୍ତ୍ତି ବିଷୟରେ ବର୍ଣ୍ଣିତ-'ବିରଜା ଓଡ୍ରଦେଶ ତୁ କାମାକ୍ଷା ନୀଳ ପର୍ବତେ ।' ଆହୁରି ମଧ୍ୟ ବ୍ରହ୍ମ ପୁରାଣ ୪୨ ଅଧ୍ୟାୟରେ ଯେପରି ବର୍ଣ୍ଣନା ଦେଖାଯାଏ, ତହିଁରୁ ଅନୁମତି ହୁଏ ଯେ, କେଉଁ ଅଜ୍ଞାତ କାଳରୁ ସ୍ୱୟଂ ବ୍ରହ୍ମାଙ୍କ ଦ୍ୱାରା ଏହି ବିରଜା ମହାଦେବୀ ସ୍ଥାପିତ ହୋଇଅଛନ୍ତି । ଏହାଙ୍କ ଦର୍ଶନ ବିଷୟରେ କହାଯାଇଛି -

'ବିରଜେ ବିରଜାମାତା ବ୍ରହ୍ମଣା ସଂପ୍ରତିଷ୍ଠିତା,
ଯସ୍ୟାଃ ସନ୍ଦର୍ଶନାତ୍ ମର୍ତ୍ୟଃ ପୁନାତ୍ୟାସପ୍ତମଂକୁଳେମ୍ ।'

ଏହି ସ୍ୱାୟମ୍ଭବ ମନୁ ବ୍ରହ୍ମାଙ୍କ ମାନସରାତ ରାଜା । ଏହି ରାଜା କ୍ଷୀର ସିନ୍ଧୁ ନିକଟରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ଦେବୀଙ୍କୁ ଏକାଗ୍ର ଚିତ୍ତରେ ଆରାଧନା କରିବାରୁ ଦେବୀ ପ୍ରସନ୍ନ ହୋଇ ତାଙ୍କୁ ନିଷ୍କଣ୍ଟକ ରାଜ୍ୟଭୋଗ ରୂପକ ବରଦାନ କଲେ ।

'ପଶ୍ୟତସ୍ତ ମନୋରେବ ଜଗାମ ବିନ୍ଧ୍ୟ ପର୍ବତମ,
ସା ବିନ୍ଧ୍ୟବାସିନୀ ବିଷ୍ଣୋଚନୁଜା ବିରଜେଶ୍ୱରୀ,
ଇଭୁବ ପୂଜ୍ୟା ଲୋକାନାଂ ସର୍ବେଷାଂ ମୁନି ସତମ ।'

## ପୌରାଣିକ ପୃଷ୍ଠଭୂମି

ବ୍ୟାସଦେବଙ୍କ ରଚିତ ମହାଭାରତରେ ଉତ୍କଳର ଅନ୍ୟକୌଣସି ତୀର୍ଥକ୍ଷେତ୍ରର ବର୍ଣ୍ଣନା ନଥିବା ସ୍ଥଳେ ବିରଜାଙ୍କ କାଳ ନିର୍ଣ୍ଣିତ ମହାଭାରତର ରଚନାର ବହୁ ପୂର୍ବରୁ ବୋଲି ଅନୁମାନ କରାଯାଏ । ଭାରତରେ ଦ୍ୱିଭୁଜା ଦୁର୍ଗା ବିରଜା ନାମରେ ଯାଜପୁରେ ପୂଜା ପାଉଛନ୍ତି । ଐତିହାସିକ ଆର୍.ଏନ୍. ମିତ୍ର ଦ୍ୱିଭୁଜା ଦୁର୍ଗାଙ୍କୁ ସର୍ବପ୍ରାଚୀନ ବୋଲି ମତ ପ୍ରଦାନ କରିଛନ୍ତି । ପରବର୍ତ୍ତୀ କାଳରେ ଦେବୀଙ୍କୁ ଚତୁର୍ଭୁଜା, ଷଡଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶ ଭୁଜା, ଅଷ୍ଟାଦଶ ଭୁଜା ଭାବେ ଗ୍ରହଣ କରା ଯାଇଥିଲା । ଯାଜପୁର ନିକଟବର୍ତୀ ଭଦ୍ରକର ଚତୁର୍ଭଜା କାଳିପୀଠରୁ ମିଳିଥିବା ତାମ୍ରଫଳକ ଯାହା ବର୍ତମାନ ଓଡିଶା ସଂଗ୍ରହାଳୟ ଭୁବନେଶ୍ୱରରେ ରହିଛି । ତତ୍କାଳୀନ ସୁରଶର୍ମା ନାମକ ରାଜା ତାଙ୍କର ଅଷ୍ଟମ ବର୍ଷ ଶାସନ କାଳରେ ଏହାକୁ ପ୍ରଦାନ କରିଥିଲେ ବୋଲି ଏଥିରେ ଉଲ୍ଲେଖ ରହିଛି । ଏହି ଫଳକରେ ଥିବା ଲିପିର ଶୈଳିକୁ ବିଚାର କରି ଏହାକୁ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ଫଳକ ବୋଲି ଲିପି ଗବେଷକମାନେ ମତ ବ୍ୟକ୍ତ କରିଛନ୍ତି । ଯଦି ଚତୁର୍ଭୁଜା କାଳିଙ୍କ କାଳନିରୂପଣକୁ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ସମସାମୟିକ ବୋଲି ଧରାଯାଏ, ତେବେ ଦ୍ୱିଭୁଜା ବିରଜା ଦେବୀଙ୍କର ମୂର୍ତ୍ତି ଆହୁରି ପ୍ରାଚୀନ ଏଥିରେ ସନ୍ଦେହ ନାହିଁ ।



## ବିରଜାଙ୍କ ମୂର୍ତ୍ତି

ମା' ବିରଜାଙ୍କ ମୂର୍ତ୍ତି କଳାମୁଗୁନି ପଥରରେ ନିର୍ମିତ, ୩ ଫୁଟ ଉଚ୍ଚତା ବିଶିଷ୍ଟ ଏହାର ଦୁଇ ଭୁଜ ବାମ ହସ୍ତରେ ମହିଷାରୂପୀ ମହିଷାସୁରର ପୁଚ୍ଛ ଧାରଣ କରି ଦକ୍ଷିଣ ଭୁଜରେ ଅସୁରର ବକ୍ଷ ସ୍ଥଳକୁ ଶୂଳ ବିଦ୍ଧ କରିଛନ୍ତି । ମସ୍ତକରେ ଗଣପତି, ନାଗରାଜ ବାସୁକି, ଯୋନି, ଲିଙ୍ଗ, ଚନ୍ଦ୍ର ପାଂଚଟି ମୁଦ୍ରା ଶୋଭା ପାଉଛି । ଏହାର ତାତ୍ପର୍ଯ୍ୟକୁ ଗବେଷଣା କଲେ ଜଣାଯାଏ ପ୍ରଥମରେ ଯୋନୀ ଚରାଚର ଜୀବଜଗତ ଉତ୍ପତ୍ତିର ହେତୁ ଅର୍ଥାତ ବୀଜଙ୍କୁ ରୋକ୍ତାଧିକ ଶକ୍ତି ଏହାଦ୍ୱାରା ଦେବୀ ସର୍ବବିଜୟର ଉତ୍ପତ୍ତି କ୍ଷେତ୍ର ଅଟନ୍ତି । ଦ୍ୱିତୀୟରେ ଲିଙ୍ଗ ସର୍ବଜଗତର ବୀଜରୂପକ ଚିହ୍ନ ଏହି ଚୈତନ୍ୟ ଜଡପୁରୁଷ ପ୍ରକୃତି ସାହାଚର୍ଯ୍ୟରେ

ଜୀବଜଗତର ସୃଷ୍ଟି । ଏଣୁ ଦେବୀ ଜଗତର ଆଧାର ଭୂତ ଅଟନ୍ତି । ତୃତୀୟରେ ଜୀବଜଗତର ଶୁଦ୍ଧ ଚୈତନ୍ୟ ଉଦ୍‌ଜୀବିତ ପରି ଏହାଙ୍କ ଠାରେ କାର୍ଯ୍ୟକାରିଣୀ ଶକ୍ତି ସଂଚାର କରିବା ପାଇଁ ଚନ୍ଦ୍ର ବିଦ୍ୟମାନ । ଚତୁର୍ଥରେ ଲୋକମାନଙ୍କ ଭିତରେ ପାରମ୍ପରିକ ଗଣତାନ୍ତ୍ରିକ ଭାବ ଜାଗ୍ରତ କରି ଐକ୍ୟ ସ୍ଥାପନ କରିବା ଦେବାତାଙ୍କ କାର୍ଯ୍ୟ ହେତୁ ତାଙ୍କ ମସ୍ତକରେ ଗଣପତି ବିଦ୍ୟମାନ ।

## ଭିତର ବେଢାରେ ଥିବା ପ୍ରମୁଖ ଦେବାଦେବୀଙ୍କ ମନ୍ଦିର

**ନାଭିଗୟା:** ଗୟାସୁରର ନାଭିପତନ ହୋଇଥିବା ସ୍ଥାନଟି ହିଁ ନାଭିଗୟା । ଏହି ସ୍ଥାନରେ ଅତୀତରେ ଭଗବତୀ ପାର୍ବତୀ ତପସ୍ୟାସ କରିଥିଲେ ତାହାକୁ ମୃତ୍ୟୁୟ ତୀର୍ଥ କୁହାଯାଏ । ବ୍ରହ୍ମାଣ୍ଡ ପୁରାଣ ବିରଜା ତୀର୍ଥ ମାହାତ୍ମ୍ୟ ଖଣ୍ଡ ଅଠର ଅଧ୍ୟାୟ ଦଶମ ଶ୍ଳୋକରେ କୁହାଯାଇଛି–

'ମନ୍ଦାକିନୀ ବୈତରଣ୍ୟାବାସାତେ ସର୍ବଦାବହେ,
ଦୃଷ୍ଟିମାତ୍ରାତ୍ ନରାଯାନ୍ତି ମର୍ତ୍ୟଲୋକାତ୍ ସୁରାଳୟମ୍ ।'

ଅର୍ଥାତ୍, ମନ୍ଦାକିନୀ ବୈତରଣୀ ଏ ଦୁହେଁଯାକ ସେଠାରେ ପ୍ରବାହିତ ହେଉଛନ୍ତି । ଏହି ସ୍ଥାନର ଦର୍ଶନ ମାତ୍ରକେ ଲୋକମାନେ ମର୍ତ୍ତ୍ୟପୁରରେ ନରକ ଯନ୍ତ୍ରଣାରୁ ଉଦ୍ଧାର ପାଇ ସ୍ୱର୍ଗକୁ ଯାଆନ୍ତି । ଏହି ନାଭିଗୟା କୂପ ଆକାରରେ ବିଦ୍ୟମାନ । ଏହି କୂପ ସମୀପରେ ଦେବୀ ବିରଜା ଅବସ୍ଥାପନା କରନ୍ତି । ଏହି ନାଭିଗୟା ତୀର୍ଥରେ ଦୈନିକ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପିତୃଗଣଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରନ୍ତି । ବିଶେଷ କରି ପିତୃପକ୍ଷ ଇନ୍ଦୁପୂର୍ଣ୍ଣିମା ଠାରୁ ପର ପ୍ରତିପଦା ଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ପୂଣ୍ୟ ପୀଠରେ ଉପସ୍ଥିତ ହୋଇ ଏହି ପିତୃଗଣଙ୍କୁ ପିଣ୍ଡଦାନ କରନ୍ତି । ଏହି ନାଭିଗୟାର ବିଶେଷତ୍ୱ ହେଉଛି ଏଠାରେ ପିଣ୍ଡଦାନ ପରେ ଯାହା ଅକ୍ଷତ ଓ ଅନ୍ୟାନ୍ୟ ପଦାର୍ଥ ସେହି କୁଣ୍ଡରେ ପକାଇଦିଆଯାଏ, ତାହା ସଂପୂର୍ଣ୍ଣ ଭାବରେ ଭିତରେ କେଉଁ ଆଡେ ଲୀନ ହୋଇଯାଏ ତାହା ଜଣାଯାଏ ନାହିଁ ।

**ଇଶାନେଶ୍ୱର:** ବିରଜା ମନ୍ଦିରର ବେଢା ମଧ୍ୟରେ ଉତ୍ତର ଦିଗକୁ ଇଶାନେଶ୍ୱର ଶିବ ମନ୍ଦିର ଅବସ୍ଥିତ । ବିରଜାକ୍ଷେତ୍ର ମାହାତ୍ମ୍ୟରେ ଲେଖା ଅଛି ବ୍ରହ୍ମା ବିରଜା କ୍ଷେତ୍ରକୁ ଅବିମୁକ୍ତ କ୍ଷେତ୍ର ଭାବେ ପ୍ରତିଷ୍ଠା କରିବା ପାଇଁ ଓ ଶିବଙ୍କୁ ଏଠାରେ ଆବିର୍ଭୂତ ହେବା ପାଇଁ ପ୍ରାର୍ଥନା କରିଥିଲେ । ଅଗ୍ନି ମଧ୍ୟରୁ ଇଶାନେଶ୍ୱରଙ୍କ ଉତ୍ପତ୍ତି ଘଟିଥିଲା । ଏହି ଶିବଲିଙ୍ଗ ଏକ ବୃହତ୍‌କାର ଶିବଲିଙ୍ଗ । ଏହାର ସମ୍ମୁଖରେ ଏକ ବଷଭ ରହିଛି । ଏହାର ଗଠନ ଶୈଳିରୁ ଜଣାଯାଏ ଏହା ଚତୁର୍ଥ-ପଂଚମ ଶତାବ୍ଦୀର କଳାକୃତି । ଆହୁରି ମଧ ବିଭିନ୍ନ ଗବେଷଣା ଓ ଗବେଷକ ମାନଙ୍କ ନିକଟରୁ ତଥ୍ୟ ମିଳେ । ଏହା ଓଡିଶାର ପ୍ରଥମ ପ୍ରାଚୀନ ଶିବଲିଙ୍ଗ ।

**ଏକପାଦ ଭୈରବ:** ବିରଜା ମନ୍ଦିରରର ପଛପଟରେ ଅଛନ୍ତି ଏକପାଦ ଭୈରବ । ଐତିହାସିକମାନେ ଏହି ମୂର୍ତ୍ତିକୁ ଏକପାଦ ଶିବ ବୋଲି କହିଥାନ୍ତି । ଭୌମକର ରାଜତ୍ୱକାଳରେ ଶିବମୂର୍ତ୍ତି ଉପାସନାରେ ପରିଣତ ହେଲା । ତେଣୁ ଏହି ମୂର୍ତ୍ତି ଭୌମରାଜତ୍ୱ କାଳରେ ହୋଇ ପାରିଥାଏ କିମ୍ବା କୌଣସି ଶିବମନ୍ଦିର ଭଗ୍ନାବଶେଷରୁ ମିଳିଥିବାର ମନେହୁଏ । ଇଶାନେଶ୍ୱରଙ୍କ ପୂର୍ବତନ ପୀଠସ୍ଥଳିରେ ଉକ୍ତ ଏକପାଦ ଭୈରବ ପାର୍ଶ୍ୱଦେବତା ରୂପେ ବିଦ୍ୟମାନ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ଦିର ନିର୍ମାଣ ହେବା ପରେ ଉକ୍ତ ମୂର୍ତ୍ତିକୁ ବିରଜା ମନ୍ଦିରର ପଶ୍ଚାତ୍ ଭାଗରେ ସ୍ଥାପନ କରାଯାଇଛି ।

**ଶହେ ଆଠ ଶିବଲିଙ୍ଗ** : ବିରଜା ମନ୍ଦିର ବେଢା ଭିତରେ ଦୁଇଟି ଗୃହରେ ଅନେକ



108 SHIVA LINGA



EKA PADA BHAIRABA

ଶିବଲିଙ୍ଗ ଦେଖିବାକୁ ମିଳେ । ଯାଜପୁର ସହରର ବିଭିନ୍ନ ସ୍ଥାନରୁ ଗୃହ ନିର୍ମାଣ ସମୟରେ ମାଟିତଳୁ ବାହାରିଥିବା ଶିବଲିଙ୍ଗ ଗୁଡିକୁ ଏଠାରେ ସଂରକ୍ଷଣ କରାଯାଇ ପୂଜା ଅର୍ଚ୍ଚନା କରାଯାଉଛି । ସେମାନଙ୍କର ନାମ କପାଳେଶ୍ୱର, ନୀଳକଣ୍ଠେଶ୍ୱର, ନାଗେଶ୍ୱର, ହଟେଶ୍ୱର, ରାମେଶ୍ୱର, ତାରକେଶ୍ୱର, ବାଣେଶ୍ୱର, ଯମେଶ୍ୱର, କଲ୍ୟାଣେଶ୍ୱର, ସୋମେଶ୍ୱର, ପ୍ରାଣେଶ୍ୱର, ବ୍ରାହ୍ମେଶ୍ୱର, କାଳେଶ୍ୱର, ଯଜ୍ଞେଶ୍ୱର ଇତ୍ୟାଦି ।

## ଦୈନିକ ପୂଜା ନୀତି

ସକାଳ ୫.୫୦ରେ ମନ୍ଦିର ଖୋଲା ଯାଏ, ବାଳଭୋଗ କରାଯାଏ । ବାଳଭୋଗ ହେଲା ଉଖୁଡା, ଖଇ, ସନ୍ଦେଶ, ଫେଣୀ, ଫଳ । ଦିନ ୧.୦୦ ସମୟରେ ମନ୍ଦିରର ପହଡ ପଡେ । ପୁଣି ଦିନ ୩.୦୦ ସମୟରେ ମନ୍ଦିର ଖୋଲାଯାଇ ରାତି ୧୦.୦୦ ପର୍ଯ୍ୟନ୍ତ ଖୋଲାରହେ ଏବଂ ତାହା ପରେ ପହଡ ପଡେ । ମା' ଙ୍କର ଅନ୍ନ ଭୋଗରେ ଖେଚୁଡି, କ୍ଷୀରି, ଡାଲି, ତରକାରୀ, ଖଟା ହୁଏ । ରାତିରେ ଅନ୍ନ, ଡାଲି, ତରକାରୀ ଓ କ୍ଷୀରି ଭୋଗକରାଯାଏ ।

## ପର୍ବପର୍ବାଣି

ମହାବିଷୁବ ସଂକ୍ରାନ୍ତି ଦିନ ଦେବୀଙ୍କର ନୂତନ ପିକା ବ୍ୟବହୃତ ହୁଏ । କଦଳୀ, ନଡିଆ, ଛେନା, ଶର୍କରାଦି ପଡି ପଣା ପ୍ରସ୍ତୁତ ହୁଏ । ଦେବୀ ଏବଂ ପାର୍ଶ୍ୱଦେବତାମାନଙ୍କ ନିକଟରେ ପଣାଭୋଗ ଲାଗି ହୁଏ । ଚନ୍ଦନ ପୂର୍ଣ୍ଣିମା ବା ବୈଶାଖ ପୂର୍ଣ୍ଣିମାରେ ଦେବୀ ଚନ୍ଦନ ବେଶରେ ଭୂଷିତା ହୁଅନ୍ତି । ବିଭିନ୍ନ ବ୍ୟନ ସହ ଦହି ପଖାଳ ଦେବୀଙ୍କ ନିକଟରେ ନୈବେଦ୍ୟ ଲାଗେ । ଚନ୍ଦନ ଯାତ୍ରା ଓ ଚାପ ଖେଳ ମଧ୍ୟହୁଏ । (ସାବିତ୍ରୀ ଜ୍ୟୈଷ୍ଠ ଅମାବାସ୍ୟା) ବ୍ରତ, ପାଳନ କରୁଥିବା ସଧବାମାନେ ଦେବୀ ଦର୍ଶନରେ ଆସନ୍ତି ଏବଂ ମନ୍ଦିରରେ ସହସ୍ର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୁଏ । ରଜ ସଂକ୍ରାନ୍ତି (ଆଷାଢ ସଂକ୍ରାନ୍ତି)ରେ ଦେବୀ ନୂତନ ବସ୍ତ୍ର ପରିଧାନ କରନ୍ତି । ରଜ ପୋଡପିଠା ନୈବେଦ୍ୟ ଅର୍ପଣ କରାଯାଏ । ଚିତାଲାଗି ଅମାବାସ୍ୟା (ଶ୍ରାବଣ ଅମାବାସ୍ୟା) ଦିନ ଦେବୀଙ୍କର ଚିତା ଲାଗେ ଓ ଚିତୋଉ ପିଠା ତଥା

ଅନ୍ୟାନ୍ୟ ମିଷ୍ଟାନ୍ନ ନୈବେଦ୍ୟ ରୂପେ ଅର୍ପଣ କରାଯାଏ । ଗହ୍ମାପୂର୍ଣ୍ଣିମା (ରାକ୍ଷୀବନ୍ଧନ ବା ଶ୍ରାବଣ ପୂର୍ଣ୍ଣିମା) ଦିନ ଦେବୀଙ୍କର ବାମ ହସ୍ତରେ ରାକ୍ଷୀବନ୍ଧନ କରାଯାଏ । ସେବକ ପାଳିଆ ବା ପୁରୋହିତ ରାକ୍ଷୀ ବାନ୍ଧନ୍ତି । ନୈବେଦ୍ୟରେ କାକରା ଓ ଚିତାଉ ପିଠା ଅର୍ପଣ କରାଯାଏ । ଉତ୍କଳରେ ନବ ବର୍ଷାରମ୍ଭ ହୁଏ ସୁନିଆଁ ଦିନଠାରୁ ଦେବୀଙ୍କର ରଥ ନିର୍ମାଣାର୍ଥେ ବେଲବରଣ ଉତ୍ସବ ପାଳନ କରାଯାଏ । ବାୟକମାନେ ଯାଇ କାଳ ସଂଗ୍ରହ କରନ୍ତି । ମନ୍ଦିରରେ ପୂଜକ ସେବାୟତମାନଙ୍କର ମଙ୍ଗଳାର୍ପଣ ଓ ସ୍ୱର୍ଣ୍ଣଛେଦନ ହୁଏ । ପୁରୋହିତଙ୍କ ଦ୍ୱାରା ଏ କାର୍ଯ୍ୟ ସମାହିତ ହୁଏ । ଏ ଦିନ ମନ୍ଦିରରେ ନୂଆ ଖାତା ବ୍ୟବହୃତ ହୁଏ । ମୂଳାଷ୍ଟମୀ ବା ଜିତାଷ୍ଟମୀ ବା ଦ୍ୱିତୀୟା ଓଷାରେ ଆଶ୍ୱିନ କୃଷ୍ଣଅଷ୍ଟମୀ ସାୟଂ କାଳରେ ମା' ବିରଜାଙ୍କର ଘଟ ନିମଜ୍ଜନ ଓ ପରେ ପରେ ଘଟସ୍ଥାପନ, ମହାସ୍ନାନ ଓ ଷୋଡଶ ଦିବସୀୟ ଷୋଡଶୋପଚାର ପୂଜାରମ୍ଭ ହୁଏ । ମହାଳୟା ଅମାବାସ୍ୟା (ଆଶ୍ୱିନ ଅମାବାସ୍ୟା) ଦିନ ମାଆଙ୍କର ରଥାଧିବାସ । ଏହା ପରଦିନ ଅର୍ଥାତ୍ ପ୍ରତିପଦ ଦିନ ଦେବୀଙ୍କର ରଥ ପ୍ରତିଷ୍ଠା ଓ ନବଦିବସ ପାଇଁ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ରଥାରୋହଣ । ବିଜୟା ପାଂଚମୀ (ଆଶ୍ୱିନ ଶୁକ୍ଳ ପଂଚମୀ) ରାତ୍ରିରେ ଦେବୀଙ୍କର ମା ବିରଜାଙ୍କୁ ଦୁଇଓଳି ଅନ୍ନ ଭୋଗ ଅର୍ପଣ କରାଯାଏ । ସକାଳ ସନ୍ଧ୍ୟାରେ ବାଲ୍ୟ ଭୋଗ ଦିଆଯାଏ । ସକାଳ ଛଅଟାରୁ ମନ୍ଦିର ଖୋଲାଯାଏ । ଗୋଟାଏ ଠାରୁ ତିନି ଘଣ୍ଟା ପର୍ଯ୍ୟନ୍ତ ପହଡ ପଡେ । ପୁଣି ରାତି ଦଶଟା ପରେ ପହଡ ପଡି ମନ୍ଦିର ବନ୍ଦ ହୁଏ । କୁମାରୋତ୍ସବ (ଆଶ୍ୱୀନ ପୂର୍ଣ୍ଣିମା) ଦେବୀଙ୍କର ଆଉ ଏକ ପର୍ବ । ଏହିଦିନ ଦେବୀଙ୍କର କୁମାରୀ ବେଶ ଓ ସୁନାବେଶ ହୁଏ । ସନ୍ଧ୍ୟା ଆରତି ଓ କଉଡିଖେଳ ହୁଏ । ଖଇ, ନଡିଆ ଓ ବିଭିନ୍ନ ମିଷ୍ଟାନ୍ନ ଆଦି ନୈବେଦ୍ୟ ଅର୍ପଣ କରାଯାଏ । ଦୀପାବଳୀ (କାର୍ତ୍ତିକ ଅମାବାସ୍ୟା) ଦିନ ଦେବୀଙ୍କ ନିକଟରେ ଦୀପଦାନ କରାଯାଏ । ମନ୍ଦିରର ପଶ୍ଚିମ ପଟରେ ଥିବା ପାର୍ଶ୍ୱଦେବତାଙ୍କର ତାନ୍ତ୍ରିକବାଦ ପୂଜା ହୁଏ । ରାସପୂର୍ଣ୍ଣିମା (କାର୍ତ୍ତିକ ପୂର୍ଣ୍ଣିମା)ରେ ଦେବୀଙ୍କ ନିକଟରେ ହବିଷ୍ୟାନ୍ନ ନୈବେଦ୍ୟ ଅର୍ପିତ ହୁଏ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅନ୍ନ । ପ୍ରଥମାଷ୍ଟମୀ (ମାର୍ଗଶିର କୃଷ୍ଣ ଅଷ୍ଟମୀ) ଦିନ ଦେବୀ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ଦେବୀଙ୍କୁ ଏଣ୍ଡୁରି ପିଠା ନୈବେଦ୍ୟ ଅର୍ପଣ କରାଯାଏ । ଧନୁସଂକ୍ରାନ୍ତି (ମାର୍ଗଶିର ସଂକ୍ରାନ୍ତି) ଦିନ ଦେବୀଙ୍କ ନିକଟରେ ଆମ୍ରବକୁଳ ଲାଗି ହୁଏ ଏବଂ କ୍ଷୀର ଗଇଁଠା ନୈବେଦ୍ୟ ଅର୍ପଣ କରାଯାଏ । ମକରସଂକ୍ରାନ୍ତି (ପୌଷ ସଂକ୍ରାନ୍ତି)ରେ ସୂର୍ଯ୍ୟ ଉତ୍ତରାୟଣ ହେଉଥିବାରୁ ମକର ଚାଉଳ ସହ ଦେବୀଙ୍କ ସେବାୟତମାନେ ମକରବେଢା ଭ୍ରମଣ କରନ୍ତି । ଦେବୀଙ୍କ ନିକଟରେ ମକର ଚାଉଳ ଭୋଗ ଲାଗେ । ଅଗ୍ନିଉତ୍ସବ (ମାଘ ପୂର୍ଣ୍ଣିମା) ଦିନ ବିରଜା ମନ୍ଦିର ଦାଣ୍ଡରେ ଅଗ୍ନିପୂଜା ପାଳିତ ହୁଏ । ଦୋଳ ପୂର୍ଣ୍ଣିମା (ଫାଲ୍‌ଗୁନ ପୂର୍ଣ୍ଣିମା) ମାଆଙ୍କ ଚଳନ୍ତି ପ୍ରତିମାଙ୍କର ଦୋଳମଣ୍ଡପକୁ ଯାତ୍ରା କରନ୍ତି । ହୋରି ଖେଳ ହୁଏ । ନୂତନ ପିକା ପାଠ କରାଯାଏ । ବାରୁଣୀ ସ୍ନାନ (ଚୈତ୍ର କୃଷ୍ଣ ତ୍ରୟୋଦଶୀ) ଦିନ ପୁଣ୍ୟତ୍ରୋୟା ବୈତରଣୀରେ ଯୋଗସ୍ନାନ ପରେ ନାଭିଗୟାରେ ପିଣ୍ଡଦାନ ଓ ମା' ବିରଜାଙ୍କ ଦର୍ଶନ କରି ଜନସାଧାରଣ ସାର୍ଥକ ହୁଅନ୍ତି ।




## ବିରଜା ଦେବୀଙ୍କ ଶାରଦୀୟ ପୂଜା

ଯାଜପୁର ମା' ବିରଜାଙ୍କ ଶାରଦୀୟ ଦୁର୍ଗାପୂଜା ସୁପ୍ରାଚୀନ । ପୁରୀର ମା' ବିମଳାଙ୍କ ଷୋଡଶ ରାତ୍ରି ପୂଜା ପରି ଏଠାରେ ମଧ୍ୟ ଷୋଡଶ ପୂଜା ଅନୁଷ୍ଠିତ ହୁଏ । ଜିତାଷ୍ଟମୀ ଠାରୁ ଏହି ପୂଜା ବିଧିମତେ ଅନୁଷ୍ଠିତ ହୁଏ । କର, ପାଣି ଓ ପାଣିଗ୍ରାହୀ ସଂଜ୍ଞାଧାରୀ ବ୍ରାହ୍ମଣମାନେ ପାଳି କରି ଦେବୀଙ୍କ ଷୋଡଶ ପୂଜାରେ ଅଂଶ ଗ୍ରହଣ କରନ୍ତି । ପାଣିମାନେ ପୂଜା ସାମଗ୍ରୀ ଯୋଗାନ୍ତି, ପାଣିଗ୍ରାହୀ ମାନେ ନୈବେଦ୍ୟ ପାଇଁ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି ଓ ବିରଜାଙ୍କ ପଟ୍ଟପୁରୋଧା ପୂଜାର ନିର୍ଦ୍ଦେଶକ ଭାବରେ ରହି ପୂଜାର୍ଚ୍ଚନା ସୁଚାରୁ ସମ୍ପାଦନ କରନ୍ତି । ଜିତାଷ୍ଟମୀ ବା ଜୀମୂତ ବାହନ ପୂର୍ବଦିନ ରାତିରେ ଗଣପତି ଘଟ ସହିତ ଦଶଟି ଘଟ ବା କଳସ ସୌମ କୁଣ୍ଡର ଦକ୍ଷିଣ ଦିଗରେ ରଖାଯାଇ ନଅଟି ଘଟରେ ବନଦୁର୍ଗାଙ୍କ ଷୋଡଶ ଉପଚାରରେ ପୂଜା କରାଯାଏ । ଅଷ୍ଟମୀ ଠାରୁ ମହାଳୟା ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ରାତିରେ ଏହି ପୂଜା ହୁଏ ।

## ରଥଯାତ୍ରା

ମହାପାର୍ବଣରେ ବିରଜା ଦେବୀଙ୍କୁ ସୁସଜ୍ଜିତ ରଥରେ ପରିକ୍ରମଣ କରାଯାଏ । ଦେବୀ ସୁଭଦ୍ରାଙ୍କ ପରି ବାର ଚକ ବିଶିଷ୍ଟ ଏହି ସିଂହଧ୍ୱଜ ରଥ ନବ ଦିବସବ୍ୟାପୀ ପ୍ରତିଦିନ ଅପରାହ୍ନରେ ମନ୍ଦିର ପରିଭ୍ରମଣ କରେ । କୃଷ୍ଣ, ଲୋହିତ ଓ ଶ୍ୱେତ ବର୍ଣ୍ଣର ବସ୍ତ୍ର ଦ୍ୱାରା ଆବୃତ ଏହି ରଥ ବେଶ୍ ସୁନ୍ଦର ହୋଇଥାଏ । ଏହିର ରଥର ଉଚ୍ଚତା ୪୫ ହାତ ବାର ଆଙ୍ଗୁଳି । ରଥର ସାରଥୀ ଚତୁର୍ମୁଖ ବ୍ରହ୍ମା । ରଥର ରକ୍ଷୁ ସ୍ୱର୍ଣ୍ଣଚୂଡ ଓ ଶଙ୍ଖଚୂଡ । ଏଥିରେ ଦୁଇଟି ଅଶ୍ୱ ଧାବମାନ ମୁଦ୍ରାରେ ସୁସଜ୍ଜିତ । ଏହି ଦିବ୍ୟ ରଥରେ ଆସିଣ ହୋଇ ମା' ବିରଜା ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ନଅ ଥର ମନ୍ଦିର ବେଢା ପରିକ୍ରମଣ କରିଥାନ୍ତି । ଦୂରଦୂରାନ୍ତ ପୁରପଲ୍ଲୀରୁ ଲୋକେ ସମାଗମ ହୁଅନ୍ତି ।

## ମହାହୋମ

ଯାଜପୁରର ଅନ୍ୟନାମ ଯଜ୍ଞପୁର । ସ୍ଥାନର ପବିତ୍ରତା ଦୃଷ୍ଟିରୁ ବହୁ ପ୍ରାଚୀନ କାଳରେ ଏଠାରେ ବହୁବାର ଯଜ୍ଞାନୁଷ୍ଠାନ ସାମ୍ପାଦିତ ହୋଇଥିଲା । ପ୍ରାୟ ୧୦୨୫ ଖ୍ରୀ.ଅ. ବେଳକୁ ସୋମବଂଶୀ ସମ୍ରାଟ ଦ୍ୱିତୀୟ ଯଯାତି (ଚଣ୍ଡୀହର)ଙ୍କ ଦ୍ୱାରା ଦଶାଶ୍ୱମେଧ ଯଜ୍ଞ ସମାପନ ହେଲା ପରେ ବିରଜା ନାମଯଜ୍ଞ ନଗର ରୂପେ ବର୍ଣ୍ଣିତ ହେଲା । କଥିତ ଅଛି, ବ୍ରହ୍ମାଙ୍କ ଯଜ୍ଞକୁଣ୍ଡରୁ ମା ବିରଜା ଏଠାରେ ଆବିର୍ଭୂତା ହୋଇଥିଲେ । ଶୁକ୍ଳ ପଂଚମୀ ଠାରୁ ବିରଜାଙ୍କ ହୋମ କାର୍ଯ୍ୟ ଆରମ୍ଭ ହୁଏ । ଅଗ୍ନି ସଂସ୍କାର ବିଧାନରେ ବିଭିନ୍ନ ଦିଗରେ ପାଂଚଟି କଳସ ସ୍ଥାପନ କରାଯାଇ ଗଣପତି, ବ୍ରହ୍ମା, ଶିବ, ବିଷ୍ଣୁ ଓ ଅନନ୍ତ (ବାସୁକୀ)ଙ୍କୁ ପୂଜା କରାଯାଏ । ମହାଷ୍ଟମୀ ପର୍ଯ୍ୟନ୍ତ ହୋମ କରାଯାଇ ଏକ ହଜାର ଆହୁତି ଦେବାର ବିଧି ଅଛି । ମହାଷ୍ଟମୀ ଦିନ ନିଶାର୍ଦ୍ଧରେ ପୂଜା ଶେଷ କରାଯାଇ ଅନ୍ୟ ଏକ ଘଟ ସ୍ଥାପନ କରାଯାଏ । ଶେଷରେ ପୂର୍ଣ୍ଣାହୂତି ଦିଆଯାଇ ମହାହୋମ କାର୍ଯ୍ୟ ଶେଷ କରାଯାଏ ।

## ଲାଖବିନ୍ଧା

ମହାନବମୀ ଦିନ ରଥ ପରିଭ୍ରମଣ ପରେ ନିଶର୍ଦ୍ଧରେ ଦେବୀ ପ୍ରତମାଙ୍କୁ ରଥରୁ ଅବତାରଣ କରାଯାଇ ମହାସମାରୋହରେ ନିକଟସ୍ଥ ଲାଖବିନ୍ଧା ପଡିଆକୁ ନିଆଯାଏ । ଏଠାରେ ପୂଜକ ଚାରିଦିଗକୁ ଚାରୋଟି ଶର ମାରନ୍ତି । ଏହାକୁ ଲାଖବିନ୍ଧା କୁହାଯାଏ । ସମ୍ଭବତଃ ଯଯାତି କେଶରୀ ଦେବୀଙ୍କୁ ଆବାହନ କରି ଏଠାରେ ସନ୍ୟ ମାନଙ୍କ ଲକ୍ଷଙ୍କଭଦ କରୁଥିଲେ । ପରବର୍ତ୍ତୀ କାଳରେ ଏହା ପୂଜା ସହିତ ସଂଯୁକ୍ତ କରାଯାଇଥିବ । ଏହି ଲାଖବିନ୍ଧା ଉତ୍ସବ ଶେଷ ପରେ ଦେବୀଙ୍କ ଏକମୁହାଁ ମନ୍ଦିର ପ୍ରବେଶ କରାଇ ଦ୍ୱାର ବନ୍ଦ କରିଦିଆଯାଏ ।



## ମହିଷାବଳୀ

ଲାଖବିନ୍ଧା ପଡିଆରୁ ଦେବୀଙ୍କୁ ଅଣାଗଲା ପରେ ମହିଷାବଳୀ ପାଇଁ ପ୍ରସ୍ତୁତି ଚାଲେ ମହିଷଙ୍କୁ ପୂଜା ମଣ୍ଡପକୁ ଅଣାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଏ । ଘାତକ ଗୋଟିଏ ଶାଣିତ ଖଣ୍ଡାରେ ମହିଷକୁ ବଳୀ ଦିଏ । ଏହି ବଳି ଶେଷ ହେବା ଯାଏଁ ଦେବୀଙ୍କ ଦ୍ୱାର ବନ୍ଦ ଥାଏ । ବଳି ପରେ ପରେ ଦେବୀଙ୍କୁ ସୁବାସିତ ପଣା ଅର୍ପଣ କରାଯାଏ । ଏହି ଦିନ ଦେବୀ ମହିଷାସୁରକୁ ଶୂଳବିଦ୍ଧ କରିଥିଲେ । ଏହାର ସ୍ମାରକୀ ସ୍ୱରୂପ ଏହି ନାରକୀୟ ବଳୀ ପ୍ରଥା ଏବେ ବି ଦେବୀପୀଠରେ ପ୍ରଚଳିତ । କେବଳ ଯାଜପୁର କାହିଁକି, ଭାରତ ବର୍ଷରେ ବହୁ ଶକ୍ତିପୀଠରେ ଏହି ନାରକୀୟ ବଳି ତଥା ଏବେବି ସନ୍ଦର୍ପେ ସଗୌରବେ ଚାଲିଛି । ଏହି ବଳି ଦେଖିବାକୁ ପୁରପଲ୍ଲିରୁ ହଜାର ହଜାର ନରନାରୀ ଧାଇଁ ଆସନ୍ତି । ଏହି ବଳିରକ୍ତ ମାଡିଲେ ରୋଗ ଉପଶମ ହୁଏ ବୋଲି ଏବେ ବି ଅନ୍ଧବିଶ୍ୱାସ ରହିଛି ।

## ଐତିହାସିକ ପୃଷ୍ଠଭୂମି

ବିରଜାଙ୍କ ପୀଠସ୍ଥଳୀ ଭାବେ ବର୍ତ୍ତମାନ ଯେଉଁ ମନ୍ଦିରର ଅବସ୍ଥିତି ଥିବା ଦେଖାଯାଏ ତାହା ପୁରାତନ ନୁହେଁ । ଏହାକୁ ଯାଜପୁରସ୍ଥ ଜନୈକ ଜମିଦାର ଶ୍ରୀଯୁକ୍ତ ଚୌଧୁରୀଙ୍କ ସହାୟତାରେ ମରାମତି କରାଯାଇଥିଲା । ପ୍ରକୃତ ଦେବୀଙ୍କ ପୀଠସ୍ଥଳୀ ଭାବେ ଲୋକମାନେ ଯାଜପୁରସ୍ଥ ଅନତି ଦୂରରେ ଥିବା କଳସପୁରସ୍ଥିତ ମନ୍ଦିରଟିକୁ ବିରଜା ଦେବୀଙ୍କ ମନ୍ଦିର ଭାବେ ଦେଖାଇ ଦିଅନ୍ତି । ଏହି ଭଗ୍ନ ମନ୍ଦିରଟି ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀର ମନ୍ଦିର ବୋଲି ଅନୁମାନ କରାଯାଏ । କାରଣ ଏହି ମନ୍ଦିରଟିର ଶିଖର ଗୁପ୍ତଯୁଗୀୟ ମନ୍ଦିର ଶୈଳୀ ସହ ସାମଞ୍ଜସ୍ୟ ଅଛି । ଗୁପ୍ତଯୁଗୀୟ ମନ୍ଦିରର ଶିଖ ଭଳି ଏହି ମନ୍ଦିରର ଶିଖର ଚଟକା ଅଟେ । ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀ ଯାହା ଗୁପ୍ତଯୁଗୀୟ ରାଜାମାନଙ୍କ ଶାସନକାଳ ପ୍ରକୃତ ପକ୍ଷେ ମନ୍ଦିର ଗଠନର ପ୍ରାଥମିକ ଓ ପ୍ରାରମ୍ଭିକ ସୋପାନ ଥିଲା । ବର୍ତ୍ତମାନର ମନ୍ଦିର ଠାରୁ ସେ ସମୟର ଗଠନ ଶୈଳୀରେ ବହୁ ପ୍ରାର୍ଥକ୍ୟ ଥିଲା । ସେତେବେଳେ ମନ୍ଦିରର ଶିଖର ଦେଶ ଚଟକା ଥିବାର ପ୍ରମାଣ ଦେଇ ସେ ସମୟର ମନ୍ଦିର ଭାବେ ଝାନ୍‌ସୀସ୍ଥ ଦେବଗଡ ଠାରେ ଥିବା ଦଶାବତାର ମନ୍ଦିରକୁ ଐତିହାସିକ ଆର.ଡି.ବାନାର୍ଜୀ ଏହାକୁ ୬ଷ୍ଠ ଶତାବ୍ଦୀର ମନ୍ଦିର ଭାବେ ପରିକଳ୍ପନା କରିଛନ୍ତି ।

ତେଣୁ କଳସପୁରସ୍ଥ ମନ୍ଦିରର ଶୈଳୀ ବିଶେଷତଃ ଶିଖରର ଚଟକା ଆକୃତିକୁ ବିଚାର କଲେ ଏହାକୁ ନିଶ୍ଚିତ ଭାବରେ ଖ୍ରୀଷ୍ଟାବ୍ଦ ୫ମ ବା ୬ଷ୍ଠ ଶତାବ୍ଦୀର କୁହାଯାଇପାରେ । ସେଭଳି ଗୁପ୍ତଯୁଗୀୟ ମନ୍ଦିରର ଶୈଳୀ ଓଡିଶାର କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ପରବର୍ତ୍ତୀ କାଳରେ ଅର୍ଥାତ୍ ଓଡିଶାରେ ଭୌମକର ରାଜବଂଶ ରାଜୁତି କରିବା ସମୟରେ ତ୍ରିରଥ ମନ୍ଦିର, ସୋମବଂଶୀ ରାଜାମାନଙ୍କ ରାଜୁତି ସମୟରେ ପଞ୍ଚରଥ ମନ୍ଦିର ଏବଂ ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ନରପତିମାନଙ୍କ ରାଜୁତି ସମୟରେ ସପ୍ତରଥ ଓ ନବରଥ ମନ୍ଦିରମାନ ଗଠନ କରା ଯାଇଥିବାରୁ ବିଧି ପରିଲକ୍ଷିତ ହୁଏ । ବର୍ଷର ବିଭିନ୍ନ ସମୟରେ ଓଡିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରୁ ଏଠାକୁ ଯାତ୍ରୀମାନେ ଆସିଥାନ୍ତି । ଏହି କ୍ଷେତ୍ର ଇତିହାସ ଓ ଐତିହ୍ୟର ମୂକସାକ୍ଷୀ ରୂପେ ପରିଗଣିତ । ଏହି କ୍ଷେତ୍ରରେ ବିରଜା ମନ୍ଦିର ସମେତ ବହୁ ପ୍ରାଚୀନ ମନ୍ଦିର ରହିଛି । ପ୍ରତ୍ନତତ୍ତ୍ୱ ବିଭାଗ ଏସବୁର ସଂରକ୍ଷଣ ଓ ରକ୍ଷଣାବେକ୍ଷଣା ପାଇଁ ଯାଜପୁର ଠାରେ ଏକ ସଂଗ୍ରହାଳୟ ସ୍ଥାପନ କଲେ ବିଲୋପ ଘଟିଥିବା ମହାନ ଐତିହ୍ୟର ସୁରକ୍ଷା ହୋଇପାରନ୍ତା ।



LM®

Bureau of Indian Standards


Ph : 06782-267028
Mob : 099370-26428

# Mahalaxmi jewellery


ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।



V. N. Marg, Front of Durga Nursing Home, Balasore-1
:lmdrana@gmail.com :www.mahalaxmijewellery.com







# ଗୁଜୁରାଟର ଗରବା



# ମାତୃଶକ୍ତି ପାଇଁ ଗର୍ବିତ ହେବାର ପର୍ବ: ଗରବା

**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦ ଆଟ୍‌ଲାଣ୍ଟିକ୍, ଏସ୍.ଆର୍.ପି. ଗ୍ରାଉଣ୍ଡ୍-୯ ପାଖ, ମକରପୁରା ରୋଡ୍, ବରୋଦା, ଗୁଜୁରାଟ-୩୯୦୦୦୯, ଫୋନ:୭୪୯୦୯୯୬୮୬୫

ଫଟୋ: ଲେଖିକା ଓ ଗୁଗୁଲ୍



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ଯୁଗେ ଯୁଗେ ମାତୃଶକ୍ତି ଚିର ନମସ୍ୟ । କେଉଁ ପ୍ରାଗୈତିହାସିକ କାଳରୁ ମାତୃଶକ୍ତିର ପୂଜନ କରି ଆସୁଛି ଏ ଦେଶ ଭାରତବର୍ଷ । ଏଠି ସମୟ ସମୟରେ ବିଭିନ୍ନ ଧାର୍ମିକ, ସାମାଜିକ, ପାରମ୍ପରିକ ଅନୁଷ୍ଠାନ ମାଧ୍ୟମରେ ମାତୃଶକ୍ତିର ପୂଜନ କରାଯାଏ । ଓଡ଼ିଶାରେ ରଜପର୍ବ, ଆସାମ୍‌ରେ ବିହୁ, ଉତ୍ତର ଭାରତରେ କନ୍ୟା ପୂଜନ, ଦକ୍ଷିଣ ଭାରତରେ ହଳଦୀ କୁମ୍‌କୁମ୍, ଶ୍ରୀମନ୍ତମ ମାଧ୍ୟମରେ ମାତୃଶକ୍ତିର ମହାନତା ସମ୍ପର୍କରେ ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଏ । ନବରାତ୍ର ସମୟରେ ମା' ଦୁର୍ଗାଙ୍କର ଆବାହନ କରି ମାତୃଶକ୍ତିର ବନ୍ଦନା କରିବା ପ୍ରଥା ବହୁ ପ୍ରାଚୀନ ।

ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଦଶମୀ ଯାଏଁ ମା' ଦୁର୍ଗାଙ୍କର ଆବାହନ କରାଯାଏ । ଆମ ଦେଶର ବିବିଧତା ମଧ୍ୟରେ ଏକତାର ଏକ ସୁନ୍ଦର ଉଦାହରଣ ଏହି ପର୍ବ । ଭାରତର ପ୍ରାୟ ପ୍ରତ୍ୟେକ ପ୍ରାନ୍ତରେ ଏହି ପର୍ବ ପାଳିତ ହୁଏ । ଯଦିଓ ନିଜର ଭୌଗୋଳିକ, ସାମାଜିକ, ପାରମ୍ପରିକ ରୀତିନୀତି ଅନୁସାରେ ପ୍ରତ୍ୟେକ ରାଜ୍ୟର ନବରାତ୍ର ଅନ୍ୟ ଠାରୁ ଭିନ୍ନ ତଥାପି ପର୍ବର ଅନ୍ତର୍ନିହିତ ଅର୍ଥ ମାତୃଶକ୍ତିକୁ ବନ୍ଦନା କରିବା । ପୂର୍ବ ଭାରତରେ ମା' ଦୁର୍ଗାଙ୍କର ଆବାହନ କରି ଦଶହରା ପାଳିତ ହେଉଥିବା ସମୟରେ, ଉତ୍ତର ଭାରତରେ ରାବଣ ଦହନ, କନ୍ୟା ପୂଜନ, ଦକ୍ଷିଣ ଭାରତରେ କୋଲୁ ଆଉ ପଶ୍ଚିମ ଭାରତରେ ଗରବା ମାଧ୍ୟମରେ 'ନବରାତ୍ର' ପାଳିତ ହୁଏ ।

## ସାମାଜିକ ଚିତ୍ର

ଗୁଜରାଟିମାନେ ହୋଲି, ଦୀପାବଳି, ଗୁଡ଼ିପର୍ବ, ରକ୍ଷାବନ୍ଧନ, ଗଣେଷ ପୂଜା ଆଦି ଅନେକ ପର୍ବ ପାଳନ କରୁଥିଲେ ମଧ୍ୟ ନବରାତ୍ର ବା ଗରବା ସେମାନଙ୍କ ସମାଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏହି ପର୍ବ ପାଇଁ ଗୁଜୁରାଟି ଲୋକ ନିଜକୁ ମାସେ ଆଗରୁ ପ୍ରସ୍ତୁତ କରିଥାନ୍ତି । ସମଗ୍ର ରାଜ୍ୟ ଲାଗେ ପାର୍ବଣମୟ । ଯଦିଓ ଅନ୍ୟ ପର୍ବପର୍ବାଣି, ବିବାହ ଆଦି ସମୟରେ ମଧ୍ୟ ଗରବା ଖେଳାଯାଏ, ତେବେ ଏହି ସମୟରେ ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଗୁଜରାଟୀ ସମ୍ପ୍ରଦାୟ ଉତ୍ସବ ମୁଖରିତ ହେଇଉଠନ୍ତି । ଦେଶ ବିଦେଶରେ ଥିବା ଗୁଜୁରାଟୀମାନେ ଘରମୁହାଁ ହୁଅନ୍ତି । ଗରବା ସଙ୍ଗୀତରେ ସମଗ୍ର ରାଜ୍ୟ ନଅ ଦିନ ଧରି ପ୍ରକମ୍ପିତ ହୁଏ ।

ଶାରଦୀୟ ନବରାତ୍ରରେ ନଅ ଦିନ ଧରି ଚାଲୁଥିବା ଏହି ପର୍ବ ଯଥାର୍ଥରେ ମାତୃଶକ୍ତିକୁ ଆରାଧନା କରିବାର ପର୍ବ । ଏହି ନଅ ଦିନ ଧରି ପ୍ରାୟ ଅଧିକାଂଶ ଗୁଜୁରାଟି ଗୋଟିଏ ଥର ସାତ୍ତ୍ୱିକ ଭୋଜନ କରନ୍ତି । ଅନେକ ଏହି ନଅ ଦିନ କେବଳ ଫଳାହାର କରି ରହନ୍ତି । ଦାନ, ଧର୍ମ କରିବା ସହ ମାଦକ ଦ୍ରବ୍ୟ ସେବନ ଓ ଅନୈତିକ କାର୍ଯ୍ୟ ଠାରୁ ଦୂରେଇ ରହନ୍ତି । ନିଜଘରେ ନବରାତ୍ରର ପ୍ରଥମଦିନ ମୁହୂର୍ତ୍ତ ନିର୍ଦ୍ଧାରଣ କରି କଳସ ସ୍ଥାପନା କରି ଗରବା ମାତାଙ୍କର ଆବାହନ କରନ୍ତି ଓ ଦଶମୀ ଦିନ ସକାଳୁ ବିସର୍ଜନ କରନ୍ତି । ଦିନରେ ଘରେ ପୂଜାପାଠ ପରେ ସନ୍ଧ୍ୟାରେ ସୁସଜ୍ଜିତ ପେଣ୍ଡାଲ୍‌ରେ ଏକାଠି ହେଇ ଗରବା ଖେଳନ୍ତି ।

ଗରବା ଶବ୍ଦ ସଂସ୍କୃତ ଶବ୍ଦ 'ଗର୍ଭ'ର ଅପଭ୍ରଂଶ ରୂପ । ତେଣୁ ତାତ୍ତ୍ୱିକ ଅର୍ଥରେ ଏହା ମାତୃଶକ୍ତିର ପୂଜନର ପର୍ବ । ନବରାତ୍ରର ପ୍ରଥମ ଦିନରୁ ନିଜ ନିଜ ଗାଁ, ସାହି ବା ସହରର ଖୋଲା ପଡ଼ିଆରେ ଶାମୀୟାନା ବନ୍ଧା ଯାଇ, ଖୁବ୍ ସୁନ୍ଦର ଲାଇଟ୍ ଡେକୋରେସନ୍ କରାଯାଏ । ଗୋଟେ ପେଣ୍ଡାଲ୍ ତିଆରି ହେଇ ତା' ଉପରେ ଗରବା ମାତାଙ୍କର ଘଟ ପ୍ରତିଷ୍ଠା ହୁଏ । ଅନେକ ଛିଦ୍ର ଥିବା ଗୋଟେ ମାଟିର ମାଠିଆ ଭିତରେ ଦୀପ ପ୍ରଜ୍ଜ୍ୱଳନ କରି, ଗୋଟିଏ ରୂପା ଟଙ୍କା ରଖି ମାଠିଆର ମୁହଁକୁ ସରାରେ ଘୋଡ଼େଇ ଦିଆଯାଏ । ଏହି ଦୀପ ନଅ ଦିନ ଧରି ଅଖଣ୍ଡ ଜଳୁଥାଏ ଓ ତାର କିରଣ ମାଠିଆର ଛିଦ୍ର ଦେଇ ବାହାରକୁ ବିଚ୍ଛୁରିତ ହୁଏ । ଏହି ମାଠିଆ ପାଖରେ କଳସ ସ୍ଥାପନ ସହ ମା' ଅମ୍ବେଙ୍କର ଫଟୋ ମଧ୍ୟ ରଖାଯାଏ । ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ମା'ଙ୍କୁ ଆବାହନ ଓ ସଂସ୍ଥାପନ କରାଯାଏ । ଦୁଇ ତିନି ବର୍ଷ ପିଲାରୁ ନବେରୁ ଊର୍ଦ୍ଧ୍ୱ ବୟସ୍କ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ବୃତ୍ତାକାର ଆକାରରେ ନାଚି ନାଚି ଗରବା ମାତାଙ୍କ ପେଣ୍ଡାଲ୍ ଚାରିପଟେ ପ୍ରଦକ୍ଷିଣ କରନ୍ତି । ଗରବା ମାତା ବା ଅମ୍ବେ ମାତାଙ୍କ ଚାରିପଟ ପ୍ରଦକ୍ଷିଣା କରିବାକୁ ସେମାନେ ସେମାନଙ୍କର ସୌଭାଗ୍ୟ ବୋଲି ଭାବନ୍ତି । ଦେଶ ଦୁନିଆ ଓ ନିଜ ପରିବାରର ମଙ୍ଗଳ କାମନା କରନ୍ତି ।

'ପୁନରପି ଜନମ, ପୁନରପି ମରଣ, ପୁନରପି ଜନନୀ ଜଠରେ ଶୟନ' ଉକ୍ତି ଅନୁଯାୟୀ ନିୟତିର ନିୟମାନୁସାରେ ଜନ୍ମ, ଜୀବନ, ମୃତ୍ୟୁ, ପୁନର୍ବାର ଜନ୍ମ ବୃତ୍ତାକାର ଭାବରେ ଘୁରୁଥାଏ ଜୀବନ ଚକ୍ର । ଲଗାତାର ପରିବର୍ତ୍ତନଶୀଳ ଏ ଜୀବନରେ ଯାହା ଅପରିବର୍ତ୍ତିତ ତାହା ହେଲା ମାତୃଗର୍ଭରୁ ଜୀବନର ସଞ୍ଚାର । ତେଣୁ ଜୀବନକୁ ଜନ୍ମଦେବାର ମାତୃଶକ୍ତିର ଏ ଅବଦାନ ନିକଟରେ ନତମସ୍ତକ ଏ ସମଗ୍ର ବିଶ୍ୱ । ନତମସ୍ତକ ଏ ବିଶ୍ୱବାସୀ । ବିଶେଷଜ୍ଞଙ୍କ ମତାନୁସାରେ ଗରବା ମାତାଙ୍କ ଚାରିପଟେ ଗୋଲାକାର ଭାବରେ ପ୍ରଦକ୍ଷିଣ କରିବା ଜୀବନଚକ୍ରକୁ ସୂଚିତ କରେ । ମାତୃଶକ୍ତିର ଏ ମହାନ

ଅବଦାନ ପାଇଁ, ନିୟତିର ଏହି ନିୟମକୁ ସସମ୍ମାନେ ମାନିବାକୁ ଗୋଲାକାର ଭାବରେ ନାଚି ନାଚି କୃତଜ୍ଞତା ଜ୍ଞାପନ କରନ୍ତି ଗୁଜୁରାଟବାସୀ ।

ଏହି ନାଚ ନାଚି କୃତଜ୍ଞତା ଜ୍ଞାପନକୁ ଗର୍‌ବା ଖେଳିବା କୁହାଯାଏ । ଯଦିଓ ଗର୍‌ବା ବିଶ୍ୱର ସବୁଠାରୁ ଲମ୍ବା ବା ଲଗାତାର ବେଶିଦିନ ଧରି ଚାଲୁଥିବା ଲୋକନୃତ୍ୟ, ଏହାକୁ ଗୁଜୁରାଟବାସୀ ଖେଳିବା କହିଥାନ୍ତି । ଚାରି ଛଅ ଜଣଙ୍କ ଠୁ ନେଇ ହଜାର ହଜାର ଲୋକ ଯାଏଁ ବୃତ୍ତାକାର ଭାବରେ ଗର୍‌ବା ଖେଳନ୍ତି । ଆବାଳବୃଦ୍ଧବନିତା ସମସ୍ତେ ସହର୍ଷେ ଏଥିରେ ଭାଗ ନିଅନ୍ତି । ଯଦିଓ ପୂର୍ବରୁ ଏହା କେବଳ ନାରୀମାନେ ଖେଳୁଥିଲେ, ଏବେ ପୁରୁଷମାନେ ମଧ୍ୟ ବହୁଳ ପରିମାଣରେ ଅଂଶ ଗ୍ରହଣ କରୁଛନ୍ତି ।

## ନୃତ୍ୟ

ଗର୍‌ବା ଖେଳିବା ସମୟରେ ଖେଳାଳି ଏକାଥରେ ତିନି ତାଳି ମାରେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ଇଚ୍ଛା ତରଙ୍ଗରୁ ଏ ବ୍ରହ୍ମାଣ୍ଡର ସୃଷ୍ଟି । ଇଚ୍ଛା ବିନା ସବୁକିଛି ଅସମ୍ଭବ । ତେଣୁ ପ୍ରଥମ ତାଳିରେ ମନୁଷ୍ୟ ଭିତରେ ଥିବା ଭାବନା ଓ ଇଚ୍ଛାକୁ ଜାଗ୍ରତ କରାଯାଏ । ଦ୍ୱିତୀୟ ତାଳିରେ ଇଚ୍ଛାପୂର୍ତ୍ତି ପାଇଁ ଶକ୍ତି ପ୍ରଦାନ କରିବାକୁ ଆହ୍ୱାନ କରାଯାଏ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଠାରୁ ଏ ସଂସାର ଆରମ୍ଭ ଓ ଶେଷ । ଏହି ତିନି ଦେବତାଙ୍କ କଳାରୁ ଶକ୍ତିଙ୍କର ସୃଷ୍ଟି । ତେଣୁ ଏହି ତିନି ତାଳି ମାରି ମା' ଅମ୍ବେଙ୍କର ଆରାଧନା କରାଯାଏ । ଗୁଜୁରାଟୀମାନେ ସାଧାରଣତଃ ଆମୋଦ ପ୍ରିୟ । ସେମାନଙ୍କ ମତରେ ଅମ୍ବେ ମାତା (ଗୁଜୁରାଟର ପ୍ରସିଦ୍ଧ ମାତା ଯିଏକି ଦୁର୍ଗାଙ୍କର ରୂପ)ଙ୍କୁ ନାଚ ବହୁତ ପସନ୍ଦ । ତେଣୁ ସେମାନେ ନାଚିଗାଇ ମାତାଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରନ୍ତି ।

ଗର୍‌ବା ଖେଳିବାକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଏ । ଆରତୀ ପୂର୍ବ ଓ ପର ସମୟ । ଆରତୀ ପୂର୍ବରୁ ତାଳି, ଚୁଟ୍‌କୀ ମାରି ଗର୍‌ବା ଖେଳାଯାଏ । ଏହି ସମୟରେ କେବଳ ଅମ୍ବେ ମାତାଙ୍କର ଭଜନ ବୋଲାଯାଏ ଓ ତା ତାଳେ ତାଳେ ଗର୍‌ବା ଖେଳାଯାଏ । ବର୍ତ୍ତମାନ ସରକାରୀ ନିୟମ ଅନୁସାରେ ରାତି ନଅଟାରୁ ବାରଟା ପର୍ଯ୍ୟନ୍ତ ଗର୍‌ବା ଖେଳି ହେବ । ତେଣୁ ନାଚର ମଧ୍ୟାନ୍ତର ପ୍ରାୟତଃ ଏଗାରଟା ବେଳକୁ ଆରତୀ ହୁଏ । ଆରତୀ ପରେ ନାଚର ଗତି ତୀବ୍ର ହଏ । ମଂଜିରା, ଡାଣ୍ଡିଆ ଆଦି ନେଇ ଗୀତର ତାଳେ ତାଳେ କୃଷ୍ଣ ରାସଲୀଳା, ଭାଙ୍ଗଡ଼ା ଆଦି ମଧ୍ୟ ହୁଏ । ଏହି ସମୟକୁ ମୁଖ୍ୟତଃ ଯୁବକଯୁବତୀମାନେ ଖୁବ୍ ଉପଭୋଗ କରନ୍ତି । କୁହାଯାଏ ଆରତୀ ପରେ ମାତାଙ୍କର ଶକ୍ତିର ଉର୍ଜ୍ଜା ଖେଳାଳିଙ୍କ ଭିତରକୁ ଆସିଯାଏ ।

ବର୍ତ୍ତମାନ ଗର୍‌ବାର ତିନି ଚାରିମାସ ଆଗରୁ ଅଣ ଗୁଜରାଟୀ ଓ ଗୁଜୁରାଟୀ ଯୁବକ ଯୁବତୀମାନେ ନାଚର ନୂଆ ନୂଆ ଷ୍ଟେପସ୍ ଶିଖିବା ପାଇଁ ଡ୍ୟାନ୍ସ କ୍ଲାସ୍ ବା କୋରିୟଗ୍ରାଫର୍‌ର ସାହାଯ୍ୟ ନିଅନ୍ତି । ଗୁଜୁରାଟରେ ବିଭିନ୍ନ ପ୍ରାନ୍ତରେ ଗର୍‌ବା ନାଚିବାର ଶୈଳୀ ଭିନ୍ନ । ତାହାର ସାହାଯ୍ୟ ନେଇ କୋରିୟଗ୍ରାଫର୍‌ମାନେ ନୂଆ ନୂଆ ଷ୍ଟେପସ୍ ବାହାର କରନ୍ତି । ଏବେ ଗର୍‌ବା ନାଚ ଓ ଗୀତ ଆଧୁନିକୀରଣ ହେଇ ବଲିଉଡ୍ ସିନେମା ଶୈଳୀରେ ମଧ୍ୟ ହେଉଛି । କେହି କେହି ଦୀପ, ମହମବତୀ ଆଦି ହାତରେ ଧରି ବା ରୋଲର୍ କୋଷ୍ଟର୍ ଆଦି ପିନ୍ଧି ଗର୍‌ବା କରୁଛନ୍ତି ।



## ବେଶଭୂଷା

ଗର୍‌ବା ବେଶଭୂଷା ବା ପରିପାଟୀ ଅତ୍ୟନ୍ତ ଆକର୍ଷଣୀୟ । ସୁସଜ୍ଜିତ ଖୋଲା ପଡ଼ିଆରେ ଝିଲିମିଲି ଆଲୁଅ ତଳେ ସୁନ୍ଦରୀ ଗୁଜୁରାଟୀ ତରୁଣୀ ସୁନ୍ଦର ପରିପାଟୀରେ ସ୍ୱର୍ଗର ଅପ୍‌ସରୀ ପରି ଲାଗନ୍ତି । ଏମିତିରେ ତ ଗୁଜୁରାଟୀ ତରୁଣୀ ଆଧୁନିକା, ରୁଚିପୂର୍ଣ୍ଣ ପୋଷାକ ପରିଧାନ ପାଇଁ ପ୍ରସିଦ୍ଧ । ଗର୍‌ବା ସମୟରେ ଏ ରୁଚି ଆହୁରି ପ୍ରସ୍ଫୁଟିତ ହୁଏ । ଗର୍‌ବା ଖେଳିବା ପାଇଁ ମାସକ ଆଗରୁ ସେମାନଙ୍କର

### ଗର୍‌ବା ସମ୍ପର୍କରେ କ'ଣ କହନ୍ତି ....



ବାପାଙ୍କର ଗୁଜୁରାଟ ବଦଳି ଯୋଗୁ ଗତବର୍ଷ ମୋତେ ନବରାତ୍ର ସମୟରେ ଗୁଜୁରାଟର ପ୍ରସିଦ୍ଧ ଗର୍‌ବା ଦେଖିବାକୁ ମିଳିଲା । ଓଏନ୍‌ଜିସି(ONGC) ର ବରୋଦା କଲୋନୀ ଏକ ମିନି ଭାରତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ପ୍ରାୟ ପ୍ରତି ପ୍ରାନ୍ତର ଲୋକଙ୍କ ଆବାସସ୍ଥଳୀ ହେଉଛି ଏ ସୁନ୍ଦର କଲୋନୀ । ନବରାତ୍ର ସମୟରେ ସକାଳୁ ରାତ୍ରି ପର୍ଯ୍ୟନ୍ତ ଓଡ଼ିଆ ଓ ବଙ୍ଗାଳିମାନଙ୍କ ଦ୍ୱାରା ଖୁବ୍ ସୁନ୍ଦର ପେଣ୍ଡାଲ୍‌ରେ ଦୁର୍ଗା ପୂଜା ସହ ଖାଇବା ପିଇବା ହୁଏ । ଯେଉଁଥିରେ କଲୋନୀ ଓ କଲୋନୀ ବାହାରେ ରହୁଥିବା ଓଏନ୍‌ଜିସି (ONGC)ର ସମସ୍ତ ରାଜ୍ୟର ଲୋକ ସହର୍ଷ ଭାଗ ନିଅନ୍ତି । ତା'ପରେ ଦିନ ତିନିଟାରୁ ପାଞ୍ଚଟା ଯାଏଁ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟଙ୍କ ଦ୍ୱାରା ନବରାତ୍ର କୀର୍ତ୍ତନ, ଦୁର୍ଗାସ୍ତୁତି ପଠନ ହୁଏ । ସାରାଦିନର କ୍ଳାନ୍ତି ପରେ ମଧ୍ୟ ଗୁଜୁରାଟୀମାନଙ୍କ ପରି ଘାଗ୍‌ରା ଚୋଲୀ ପିନ୍ଧି ଓଡ଼ିଆ, ବଙ୍ଗାଳି, ଆସାମୀ, ବିହାରୀ, କାଶ୍ମିରୀ, ତେଲୁଗୁ, ତାମିଲି, ପଞ୍ଜାବୀ ଆଦି ଭାରତର ପ୍ରତ୍ୟେକ ରାଜ୍ୟର ଲୋକେ ରାତିରେ କଲୋନୀର ପାଭିଲିୟନ୍‌ରେ ଗର୍‌ବା ଖେଳିବାକୁ ବାହାରି ପଡ଼ନ୍ତି । ଏଥିରୁ ଜଣାପଡ଼େ ଗର୍‌ବାର ଲୋକପ୍ରିୟତା । କେବଳ କଲୋନୀ ନୁହେଁ ସମଗ୍ର ସହରର ମୁଖ୍ୟ ରାସ୍ତା ସହ ଘର, ଗର୍‌ବା ଗ୍ରାଉଣ୍ଡ୍ ରଙ୍ଗବେରଙ୍ଗ ଆଲୁଅରେ ଝଲସୁଥାଏ । ଚାରିଆଡ଼େ ଗର୍‌ବା ସଙ୍ଗୀତ ଧୂନ୍‌ରେ ପରିବେଶ ଉତ୍ସବମୁଖର ଓ ପାର୍ବଣମୟ ଲାଗେ ।

ଏଠିକାର ପ୍ରସିଦ୍ଧ ଏମ୍‌ଏସ୍‌ୟୁ (MSU) ୟୁନିଭରସିଟିର ଏସିଆ ପ୍ରସିଦ୍ଧ ଫାଇନ୍ ଆର୍ଟ ଡିପାର୍ଟମେଣ୍ଟର ଗର୍‌ବାର ପାରମ୍ପରିକ ଗର୍‌ବା ଠାରୁ ଅନେକାଂଶରେ ଅଲଗା ଓ ଆକର୍ଷଣୀୟ । ମୁଁ ଗର୍‌ବା ଜାଣି ନଥିଲେ ମଧ୍ୟ ସାଙ୍ଗମାନଙ୍କର ବାଧ୍ୟବାଧକତାରେ ଗ୍ରାଉଣ୍ଡ୍‌ରେ ପଶିଗଲା ପରେ ଆପେ ଆପେ ସେମାନଙ୍କ ତାଳେ ତାଳେ ପାଦ ଉଠିଲା ଓ ନାଚି ହେଇଗଲା । ଗର୍‌ବା ନୃତ୍ୟ ଏମିତି ଏକ ନୃତ୍ୟ ଯାହାକି ନାଚ ଜାଣି ନଥିବା ମଣିଷକୁ ମଧ୍ୟ ନଚେଇ ଦେବ । ଗର୍‌ବା ଗୀତ ବାଜିଲେ ଆଉ ଗର୍‌ବା ପଡ଼ିଆରେ ନାଚ ଆରମ୍ଭ ହେଲେ ଦେଖଣାହାରୀର ମଧ୍ୟ ପାଦ ଉଠେ । ଘେରାଏ ନାଚିବାକୁ ମନ ଡାକେ । ସତରେ ଗୁଜୁରାଟର ଗର୍‌ବା ସମସ୍ତଙ୍କ ମନକୁ ଆହ୍ଲାଦ ଦେଲା ପରି ପର୍ବଟିଏ ।

**ଅନନ୍ୟା**, ଭିଜୁଆଲ୍ ଡିଜାଇନର୍, ବେଙ୍ଗାଲୁରୁ



ପ୍ରସ୍ତୁତି ପର୍ବ ଆରମ୍ଭ ହେଇ ସାରିଥାଏ ।

ଗର୍ବା ସମୟରେ ଯୁବତୀମାନେ ପିନ୍ଧିଥିବା ପୋଷାକକୁ ଚନୀୟା ଚୋଲୀ ବା ଘାଗରା ଚୋଲୀ କୁହାଯାଏ । ନାଲି, ନେଳି, ହଳଦିଆ, ଗୋଲାପୀ, ସବୁଜ ଆଦି ଆଖି ଝଲସା ଗାଢ଼ ରଙ୍ଗର ଚନୀୟା ସହ କଣ୍ଟ୍ରାଷ୍ଟ୍ ଚୁନି ବା ଓଢ଼ଣୀ ଖୁବ୍ ଆକର୍ଷଣୀୟ ଲାଗେ । ବ୍ଲାଉଜ୍ ବା ଚୋଲୀରେ ଗାଢ଼ ରଙ୍ଗର ଖୁବ୍ ବେଶୀ ଏମ୍ବ୍ରଡୋରୀ ହୋଇଥାଏ । ଗୋଡ଼ ତଳ ଯାଏଁ ଲମ୍ବିଥିବା ଖୁବ୍ କୁଞ୍ଚଦିଆ ଘାଗରା ବା ଚନୀୟାରେ ଗୁଜୁରାଟୀ ହାତ କାମର ହେଭି ବର୍ଡ଼ର୍ ସହ ଚୁମ୍କି, କାଚ, କଉଡ଼ି, ଘୁଂଗୁର ଲଗାଯାଇ ଏମ୍ବ୍ରଡୋରୀ ମଧ୍ୟ ହୋଇଥାଏ । ସିଫନ୍, କଟନ୍ ଓଢ଼ଣୀରେ ମଧ୍ୟ କାମ ହେଇଥାଏ । ତେଣୁ ଡ୍ରେସ୍ ଖୁବ୍ ଆକର୍ଷଣୀୟ ଲାଗେ । ତତ୍‌ସହ ବେକରେ ଚୋକର, ହାର, ହାତରେ ଝଲମଲ କରୁଥିବା ଖୁବ ଚୁଡ଼ି, କାନରେ ଆକ୍ସିଡାଇଜ୍‌ର ବଡ଼ବଡ଼ ଝୁମ୍‌କା, ବାଜୁବନ୍ଧ, କମରବନ୍ଧ, ମଥାରେ ସିଂଥି, ପାଦରେ ଘୁଙ୍ଗୁର ପିନ୍ଧି ଗର୍ବା ଖେଳିବାକୁ ଯାଉଥିବା ଝିଅଟିଏ ପାଖ ଦେଇ ଚାଲିଗଲା ବେଳେ ମନରେ ସ୍ୱତଃ ଆନନ୍ଦ ଜାଗ୍ରତ ହୁଏ ।

ପୁରୁଷମାନେ ଚୁମ୍‌କି ଓ ଏମ୍ବ୍ରଡୋରି କରା ଯାଇଥିବା ରଙ୍ଗବେରଙ୍ଗର ଆଣ୍ଠୁ ଉପରକୁ ଫ୍ରକ୍ ପିନ୍ଧିଥାନ୍ତି । ଯାହାକୁ ଚୋୟାନି କୁହାଯାଏ । ଏହା ଦେଖିବାକୁ ଝିଅମାନଙ୍କର ଫ୍ରକ୍ ପରି । ମୁଣ୍ଡରେ ପଗଡ଼ି, ଧୋତି ପରି ସିଲେଇ ହେଇଥିବା ପାଇଜାମା ଓ ଅଣ୍ଟାରେ ବାନ୍ଧଣୀର ଓଢ଼ଣି ବାନ୍ଧିଥାନ୍ତି । ହାତରେ ଓ ପାଦରେ ବଳା ପିନ୍ଧିଥାନ୍ତି । ଏହି ସମ୍ପୂର୍ଣ୍ଣ ପୋଷାକକୁ ସୋରଠ କୁହାଯାଏ । ଯୁବକ ଯୁବତୀମାନେ ଏମିତି ଭିନ୍ନ ଢଙ୍ଗରେ ସଜବାଜ ହେଇ ଗର୍ବା ପଡ଼ିଆରେ ଅବତୀର୍ଣ୍ଣ ହୁଅନ୍ତି । ସାଧା ପୋଷାକରେ ଗର୍ବା ଖେଳିବା କ୍ୱଚିତ ଦେଖିବାକୁ ମିଳେ । ପ୍ରାୟତଃ ତରୁଣୀମାନେ ନଅ ଦିନରେ ଅଲଗା ଅଲଗା ପ୍ରକାରର ଚନୀୟା ଚୋଲୀ ହିଁ ପିନ୍ଧନ୍ତି । ଯଦିଓ କେହି କେହି ସ୍ତ୍ରୀଲୋକ ଶାଢ଼ି ପିନ୍ଧି ଗର୍ବା ଖେଳନ୍ତି, ତଥାପି ଏବେ ବ୍ୟବସାୟୀକରଣ ହେଇଥିବାରୁ ଗର୍ବା ଗ୍ରାଉଣ୍ଡ୍‌ରେ ଡ୍ରେସ୍ କୋଡ଼ ଧାର୍ଯ୍ୟ କରା ଯାଇଥାଏ ।

## ବ୍ୟବସାୟୀକରଣ

ପ୍ରାୟତଃ ୧୯୭୦ ପର୍ଯ୍ୟନ୍ତ ଗର୍ବା କେବଳ ନିଜ ନିଜ ଗାଁ ବା ସାହି ଭିତରେ ସୀମିତ ଥିଲା । ଧୀରେ ଧୀରେ ସାମାଜିକ ସଂସ୍ଥାମାନେ ଏ ଭିତରେ ପ୍ରବେଶ କରି ବିଭିନ୍ନ ସ୍ଥାନରେ ଗର୍ବାର ଆୟୋଜନ କଲେ । ମୁଖ୍ୟତଃ ୧୯୯୦ ବେଳକୁ ଗର୍ବାର ବ୍ୟବସାୟୀକରଣ ବହୁଳ ମାତ୍ରାରେ ପରିଲକ୍ଷିତ ହେଲା । ଗୁଜୁରାଟର ଅହମଦାବାଦ, ସୁରଟ, ବରୋଦା, ରାଜକୋଟ ଆଦି ବଡ଼ବଡ଼ ସହରରେ ଆୟୋଜକମାନେ ଗର୍ବାର ଆୟୋଜନ କରି ଗର୍ବା ନାଚିବା ପାଇଁ ଜଣଙ୍କ ପିଛା ନଅ ଦିନକୁ ତିନିରୁ ପାଞ୍ଚ ହଜାର

### ଗର୍ବା ସମ୍ପର୍କରେ କ'ଣ କହନ୍ତି ....



ନୃତ୍ୟଶିଳ୍ପୀ ହିସାବରେ ଗର୍ବାର ନୃତ୍ୟ ଶୈଳୀକୁ ମୁଁ ଖୁବ୍ ଭଲ ଭାବରେ ଜାଣିଛି । ପାରମ୍ପରିକ ନୃତ୍ୟ ଶୈଳୀ ସହ ଆଜିକାଲି ଅନ୍ୟାନ୍ୟ ନୃତ୍ୟ ଶୈଳୀ ଗର୍ବାରେ ଅନୁପ୍ରବେଶ କଲେ ମଧ୍ୟ ମୁଖ୍ୟତଃ ତାର ସ୍ୱତନ୍ତ୍ର ଶୈଳୀ ଏବେ ମଧ୍ୟ ଅକ୍ଷୁର୍ଣ୍ଣ । ଅନେକ ଶୈଳୀ ମଧ୍ୟରୁ କିଛି ପ୍ରସିଦ୍ଧ ଷ୍ଟେପ୍‌ସ୍ ହେଲା ବେ(ଦୋ)ତାଳି, ତ୍ରଣ ତାଳି, ରାସ, ହିନ୍‌ଚ୍ (hinch), ଦଧିୟୁ (dodhiyu) ।

ତ୍ରଣ ତାଳିରେ ଖେଳାଳି ଏକାଥରେ ତିନି ତାଳି ମାରି ଗୋଟିଏ ଷ୍ଟେପ୍‌ସ୍ ବୃତ୍ତାକାରରେ ବୁଲି ସମ୍ପୂର୍ଣ୍ଣ କରେ । ଦଧିୟୁରେ ଛଅଟି ଷ୍ଟେପ୍‌ସ୍‌ରେ ଗୋଟିଏ ଗର୍ବା ରାଉଣ୍ଡ୍ କମ୍ପ୍ଲିଟ୍ ହୁଏ । ମୁଖ୍ୟତଃ ଏହି ଶୈଳୀ ବେଶୀ ଲୋକପ୍ରିୟ ଓ ଅଧିକାଂଶ ଲୋକ ଏହାକୁ ଖେଳିଥାନ୍ତି । ଏହା ଖୁବ୍ ଛୋଟ ଛୋଟ ଗ୍ରୁପ୍‌ରେ ଖେଳାଯାଏ । ହିନ୍‌ଚ୍ ଆଠଟି ଷ୍ଟେପ୍‌ସ୍‌ରେ କମ୍ପ୍ଲିଟ୍ ହେଉଥିବା ଗର୍ବା । ପ୍ରବୀଣ ଖେଳାଳିମାନଙ୍କ ପାଇଁ ଏହା ପସନ୍ଦ୍‌ର ଷ୍ଟାଇଲ୍ । 'ଢୋଲିଡ଼ ! ଡୋଲରେ ଭାଗଡ଼ ମାରେ ହିନ୍‌ଚ୍ ଲେଭି ଚେ'... ଗୀତରେ ଏହି ଗର୍ବା ଖେଳାଯାଏ । ରାସ ଗର୍ବାରେ ରାଧାକୃଷ୍ଣଙ୍କର ପ୍ରେମଲୀଳାର ଗୀତର ତାଳେ ତାଳେ ଗର୍ବା ଖେଳାଯାଏ ।

ଗୋଟିଏ ପଡ଼ିଆରେ ଗୋଟିଏ ଗୀତରେ ବିଭିନ୍ନ ଦଳ ଦ୍ୱାରା ବିଭିନ୍ନ ଶୈଳୀରେ ନୃତ୍ୟ କରିବା ଗର୍ବାର ବିଶେଷତ୍ୱ ।

**ଆରାଧନା ରଥ,** କଥକ ନୃତ୍ୟଶିଳ୍ପୀ, ବରୋଦା, ଗୁଜୁରାଟ

ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି । ଅନେକ ସ୍ଥାନରେ ସ୍ତ୍ରୀଲୋକମାନଙ୍କୁ ମାଗଣା ପ୍ରବେଶ ଓ ପୁରୁଷମାନଙ୍କ ଠାରୁ ପଇସା ଆଦାୟ କରାଯାଏ । ଦର୍ଶକମାନଙ୍କ ପାଇଁ ଗ୍ୟାଲେରୀରେ ବସି ଗର୍‌ବା ଦେଖିବା ପାଇଁ ରାତ୍ରିକୁ ପାଞ୍ଚ ଶହରୁ ହଜାର ଟଙ୍କା ଯାଏଁ ଆଦାୟ କରାଯାଏ । ଆୟୋଜକମାନେ ପ୍ରତିଯୋଗିତା କରି ପୁରସ୍କାର ମଧ୍ୟ ଦିଅନ୍ତି । ଅଧିକାଂଶ ଗର୍‌ବା ଗ୍ରାଉଣ୍ଡରେ ସ୍ତ୍ରୀ ଓ ପୁରୁଷ ନିଜ ନିଜ ଗ୍ରୁପ୍‌ରେ ଖେଳିବା ବେଳେ ଏହି ବ୍ୟବସାୟୀକରଣ ଗର୍‌ବା ମଣ୍ଡଳରେ ଝିଅ ପୁଅ ଯୋଡ଼ି ଯୋଡ଼ି ହେଇ ଗର୍‌ବା ଖେଳି ପାରନ୍ତି । ଯାହା ଯୁବଗୋଷ୍ଠୀକୁ ଖୁବ୍ ପସନ୍ଦ ଆସେ । ଲୋକଙ୍କୁ ଆକର୍ଷିତ କରିବା ପାଇଁ ଆୟୋଜକମାନେ ଡିଜେ, ଅର୍କେଷ୍ଟ୍ରା, ଲାଇଟ୍, ଡେକୋରେସନ୍‌ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି । ସ୍ପନ୍‌ସରସିପ୍ ଦ୍ୱାରା କୋଟି କୋଟି ଟଙ୍କା ଆଦାୟ ମଧ୍ୟ କରନ୍ତି ।

ଏହି ଗର୍‌ବା ଗ୍ରାଉଣ୍ଡମାନଙ୍କରେ ବଡ଼ବଡ଼ କମ୍ପାନୀମାନେ ନିଜ ନିଜ ପ୍ରଡକ୍ଟର ପ୍ରମୋସନ୍ କରି ଲାଭାନ୍ୱିତ ହୁଅନ୍ତି । ଏହି ସମୟରେ ଲକ୍ଷ ଲକ୍ଷ ଲୋକଙ୍କର ସମାଗମ ହୁଏ । ତେଣୁ ଅତି ସହଜରେ ଲୋକଙ୍କ ପାଖକୁ ନିଜ ପ୍ରଡକ୍ଟର ସୂଚନା ପହଞ୍ଚେଇ ପାରନ୍ତି । ତେଣୁ ସେମାନଙ୍କ ବାର୍ଷିକ ବଜେଟ୍‌ରେ ଗରବା ସମୟର ପ୍ରମୋସନ୍ ପାଇଁ ଏକ ସ୍ୱତନ୍ତ୍ର ବଜେଟ ଥାଏ ।

ଗର୍‌ବାର ବ୍ୟବସାୟୀକରଣ ବା ପ୍ରଚାର ପ୍ରସାର ଯୋଗୁଁ କପଡ଼ା, ଗହଣା, ଲାଇଟ୍, ମ୍ୟୁଜିକ୍, ସମିୟାନା ଆଦି ବ୍ୟବସାୟରେ ଥିବା ଲୋକମାନେ ଖୁବ୍ ଲାଭାନ୍ୱିତ ହୁଅନ୍ତି । କୁଟୀର ଶିଳ୍ପୀକୁ ମଧ୍ୟ ପ୍ରୋତ୍ସାହନ ମିଳେ । ଗ୍ରାମାଂଚଳରେ ଥିବା ମହିଳାମାନେ ଘାଗରା ଚୋଲୀରେ ଏମ୍ବ୍ରଡେରି କରି, ଚୁମ୍‌କୀ, କାଚ ଆଦି ବସେଇ, ଆର୍ଟିଫିସିଆଲ୍ ଗହଣା ବା ଗର୍‌ବା ସମ୍ବନ୍ଧିତ ଜିନିଷ ତିଆରି କରି, ସହରରେ ଆସି ବିକ୍ରିକରି ଭଲ ଦି'ପଇସା ରୋଜଗାର କରନ୍ତି । ଏକ ସର୍ଭେ ମୁତାବକ କେବଳ ଗର୍‌ବା ସମୟରେ ପ୍ରାୟ ପନ୍ଦର ହଜାର କୋଟିର ବ୍ୟାପାର ହୁଏ । ତେଣୁ ଗରବା ବ୍ୟବସାୟୀକରଣ ହେଲା ପରେ ଗୁଜୁରାଟର ଅର୍ଥନୀତିକୁ ସୁଦୃଢ଼ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ସାମାଜିକ ସୌହାର୍ଦ୍ଦ୍ୟର ପର୍ବ : ଗର୍‌ବା

ଯଦିଓ ଗର୍‌ବା ଏକ ହିନ୍ଦୁ ପର୍ବ ତେବେ ଏହାର ଡେକୋରେସନ୍, ଲାଇଟ୍, ମ୍ୟୁଜିକ୍ ଆଦିରେ ଅନେକ ମୁସଲମାନ୍, ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ ସଂଶ୍ଳିଷ୍ଟ ଥାଆନ୍ତି । ସୌରାଷ୍ଟ୍ରର ମୀର୍ ଓ ଲଙ୍ଗାସ୍ ସମ୍ପ୍ରଦାୟର ମୁସଲମାନମାନେ ଗର୍‌ବା ସଙ୍ଗୀତ ଗାଇବା ପାଇଁ ପ୍ରସିଦ୍ଧ ।





ଖ୍ରୀଷ୍ଟିଆନମାନେ ମଧ୍ୟ କ୍ରିସ୍‌ମାସ୍ ସମୟରେ ଗର୍‌ବା ଖେଳନ୍ତି । ଯଦିଓ ସେଥିରେ ମା' ଦୁର୍ଗାଙ୍କ ସ୍ଥାନରେ ଯୀଶୁଙ୍କର ମହିମା ଗାନ ହେଇଥାଏ । ଜାତି, ବର୍ଣ୍ଣ, ଧନୀ, ଗରିବ ନିର୍ବିଶେଷରେ ହିନ୍ଦୁଧର୍ମର ସମସ୍ତ ଲୋକ ଗୋଟିଏ ପଡ଼ିଆରେ ଗର୍‌ବା ଖେଳନ୍ତି । ପୂର୍ବରୁ ଯେବେ ଜାତିପ୍ରଥା ଉତ୍କଟ ଥିଲା ସେବେ ସେମାନେ ଅଲଗା ଅଲଗା ଖେଳୁଥିଲେ ।

ସମୟ ସମୟରେ ଗର୍‌ବା ସଙ୍ଗୀତ କେବଳ ଧାର୍ମିକ ନହେଇ ସାମାଜିକ ବାର୍ତ୍ତା ମଧ୍ୟ ବହନ କରିଥାଏ । ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ଗର୍‌ବା ଖେଳିଲା ବେଳେ ଦେଶାତ୍ମବୋଧକ ଗୀତ ମାଧ୍ୟମରେ ଲୋକଙ୍କ ଭିତରେ ଦେଶଭକ୍ତି ଜାଗ୍ରତ କରି ପରାଧୀନତାରୁ ମୁକ୍ତି ପାଇଁ ମାତାଙ୍କ ପାଖରେ ପ୍ରାର୍ଥନା କରା ଯାଉଥିଲା । ଏବେ ମଧ୍ୟ ବିଭିନ୍ନ ସାମାଜିକ ଥିମ୍‌କୁ ନେଇ ଗର୍‌ବା ସଙ୍ଗୀତର ତାଳେ ତାଳେ ଗର୍‌ବା ନୃତ୍ୟ ହୁଏ । ତେଣୁ ଲୋକଙ୍କ ଭିତରେ ସଚେତନତା ଜାଗ୍ରତ ହୁଏ । ଏହାର ସଙ୍ଗୀତ ବେଶପୋଷାକ ଓ ନାଚ ଏତେ ଭାବୋଦ୍ଦୀପୋକ ଯେ ଗର୍‌ବା ଜାଣିନଥିବା ଲୋକର ମଧ୍ୟ ପାଦ ଆଗକୁ ବଢ଼ିବ ନାଚିବା ପାଇଁ । ସେଥିପାଇଁ ଗୁଜୁରାଟରେ ରହୁଥିବା ଆମ ଭଳି ଅଣ ଗୁଜୁରାଟୀ ମଧ୍ୟ ଏ ମାୟାରୁ ମୁକୁଳି ପାରିନାହାଁନ୍ତି । ଗର୍‌ବା ସମୟରେ ସମସ୍ତେ ଘାଗରା ପିନ୍ଧି ନାଚିବାକୁ ପ୍ରସ୍ତୁତ ହେଇଯାଆନ୍ତି । ଏ ଆନନ୍ଦର ପର୍ବକୁ ସମସ୍ତେ ମନ ଭରି ଉପଭୋଗ କରନ୍ତି । ଏମିତିକି ବର୍ତ୍ତମାନ ଗର୍‌ବା ଦେଶବିଦେଶରେ ସଂପ୍ରସାରିତ । ଭାରତ ଓ ଭାରତ ବାହାରେ ଆମେରିକା, ୟୁରୋପ, ଏସିଆ ଆଦି ପୃଥିବୀର କୋଣ ଅନୁକୋଣରେ ରହୁଥିବା ଗୁଜୁରାଟୀଙ୍କ ଦ୍ୱାରା ଗର୍‌ବା ପର୍ବ ପାଳିତ ହୁଏ, ଯେଉଁଥିରେ କି, ଅନେକ ଅଣଗୁଜୁରାଟୀମାନେ ମଧ୍ୟ ସହର୍ଷ ଭାଗ ନିଅନ୍ତି ।

ସୃଜନର ପର୍ବ ଗର୍‌ବା ମାତୃତ୍ୱର ମହିମା ଗାନ ସହ ମାତୃଶକ୍ତିକୁ ସମ୍ମାନ ଜଣାଇବା ଶିଖାଇଥାଏ । ତେଣୁ ବର୍ତ୍ତମାନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏ ସୁନ୍ଦର ଗଣପର୍ବକୁ ହର୍ଷ ଉଲ୍ଲାସ ସହ ପାଳନ କରିବାର ସମୟ ଉପନୀତ ।

# ମୁଆଁ ମହାତ୍ମ୍ୟ



# ମୁଆଁ ମହାତ୍ମ୍ୟ

**ସଂଗ୍ରାମ କେଶରୀ ପୃଷ୍ଟି**
ଶିକ୍ଷକ, କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ,
ରାଜକିଶୋର ନଗର, ଅନୁଗୋଳ
ଫୋନ : ୯୪୩୭୫୪୭୧୪୬

ଫଟୋ ସୌଜନ୍ୟ : ଲେଖକ

ମୁଆଁ: ଏକ ସ୍ୱାଦିଷ୍ଟ, ଲୋଭନୀୟ, ରୁଚିକର, ଆକର୍ଷଣୀୟ ଓ ପାରମ୍ପରିକ ଖାଦ୍ୟ ବିଶେଷ । ଯା'ର ନାଁ ଶୁଣିଲେ ପାଟିରୁ ଝରିଆସେ ଲାଳ । ଆମର ଓଷାବ୍ରତ ସମୟରେ ଏହାର ବ୍ୟବହାର ବହୁ ପ୍ରାଚୀନ । ଦେବଦେବୀଙ୍କ ପାଖରେ ଭୋଗ ଭାବରେ ଚଢ଼ାଇବା ଠାରୁ ଆରମ୍ଭ କରି ଖାଦ୍ୟ ଭାବରେ ଗ୍ରହଣ ଓ ବନ୍ଧୁ ଘରକୁ ଉପହାର ଭାବରେ ମୁଆଁଭାର ପ୍ରଦାନ, ଏହାର ମହାତ୍ମ୍ୟକୁ ବଢ଼ାଇ ପାରିଛି । ଓଡ଼ିଆ ଘରେ ପ୍ରିୟ ଜଳଖିଆ ଭାବରେ ମୁଆଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଆମର ଧର୍ମ, ପରମ୍ପରା, ଆତିଥ୍ୟ, ବିଶ୍ୱାସ ଓ ସଂପର୍କକୁ ବଜାୟ ରଖିବା ଦିଗରେ ଏହାର ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ମୁଆଁକୁ ନେଇ ଏକ ରୋଚକ ଲୋକବାଣୀ ଶୁଣିବାକୁ ମିଳିଥାଏ । ଗୋଟିଏ ବାକ୍ୟ ଅଥଚ ଯାହା ତିନିପ୍ରକାରର ଅର୍ଥ ପ୍ରକାଶ କରେ । ସେହି ବାକ୍ୟଟି ହେଉଛି: ମା' ମୁଁ ଆଁ କରିଛି । ମାମୁ ଆଁ କରିଛି । ମା' ମୁଆଁ କରିଛି । ଗୋଟିଏ ବାକ୍ୟକୁ ଅଲଗା ଅଲଗା ଶୈଳୀରେ ଉଚ୍ଚାରଣ ପୂର୍ବକ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିବା ହିଁ ମୁଆଁର ଆଦରକୁ ପ୍ରକାଶ କରିଥାଏ । ଏ ଦୃଷ୍ଟିରୁ ମୁଆଁର ଲୋକପ୍ରିୟତା ସ୍ପଷ୍ଟ ଅନୁମେୟ ।

## ମୁଆଁର ମୂଳଉତ୍ସ 'ଖଇ'

ମୁଆଁ ତିଆରି ପାଇଁ ଯାହା ନିହାତି ଆବଶ୍ୟକ, ତାହା ହେଉଛି ଖଇ ବା ଲିଆ । ଏହାକୁ 'ଲାଜ' ମଧ୍ୟ କୁହାଯାଏ । ଏହାର ଉତ୍ପତ୍ତି ହୋଇଥାଏ ଧାନରୁ । ଭଲ ଖଇ ଫୁଟୁଥିବା ଧାନକୁ ପ୍ରଥମେ ଶୁଖାଇ ଏଥିପାଇଁ ପ୍ରସ୍ତୁତ କରାଯାଏ । ସବୁ ପ୍ରଜାତିର ଧାନରୁ ଖଇ ହେଉନଥିବା କାରଣରୁ ଖଇ ଭାଜିବା ପୂର୍ବରୁ ଉପଯୁକ୍ତ ଧାନ ବାଛିବା ବିଧେୟ । ଖରା ଓ ଛାଇରେ ଧାନକୁ ଶୁଖାଇ ପାଗ କଲା ପରେ, ମାଟିଚୁଲି ଉପରେ ଘଣାହାଣ୍ଡି ବସାଇ ସେଥିରେ ବାଲି ଦିଆଯାଏ । ଉତ୍ତପ୍ତ ବାଲିରେ ଅଳ୍ପ ଅଳ୍ପ ଧାନ ପକାଯାଇ ତାକୁ ଖଡ଼ିକାରେ ଭଜା ଯାଏ । ଦେଖୁ ଦେଖୁ ଚଡ଼ଚଡ଼, ପଡ଼ପଡ଼ ହୋଇ ଧାନ ଭିତରୁ ବାହାରି ପଡ଼େ ତୋଫା ଧଳାରଙ୍ଗର ପଦାର୍ଥ । ଯାହାକୁ ଲିଆ କୁହାଯାଏ । ଲିଆରେ ଭରିଯାଏ ଘଣାହାଣ୍ଡି । ଏ କାମ ରୀତିମତ ଚାଲୁଥାଏ ପାଗ ହୋଇଥିବା ଧାନ ସରିବା ପର୍ଯ୍ୟନ୍ତ । ଲିଆ ଭାଜିବା ମଧ୍ୟରେ ଯେଉଁ ଧାନ ଭଲଭାବରେ ଫୁଟିଥାଏ ତାକୁ 'ଖଇ' କୁହାଯାଏ । ତା ଭିତରେ କିଛି ଧାନ ଫୁଟିପାରି ନଥାଏ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚୋପା ମଧ୍ୟରେ ରହେ । ଏହାକୁ ଦରଫୁଟା ଖଇ ବା ଖଇଚଢ଼ା ବୋଲି କୁହାଯାଏ । ଏହାପରେ ସେଗୁଡ଼ିକ ଥଣ୍ଡା ହୋଇଗଲା ପରେ ଖଇଞ୍ଚ ବା ଲିଆକେଳା ଦ୍ୱାରା ଚାଲୁଣି କରାଯାଏ । ଫଳରେ ଧାନଚୋପା ସବୁ ଖଇଞ୍ଚର ଫାଙ୍କ ଦେଇ ତଳକୁ ଝଡ଼ିପଡ଼େ । ଭିତରେ ଖଇସବୁ ରହିଯାଏ । ହେଲେ ସାବଧାନ । ଗରମ ଖଇକୁ ଚାଲୁଣି କରାଗଲେ ତାହା ଗୁଣ୍ଡ ହେଇ ଯିବାର ଆଶଙ୍କା ଥାଏ ।

## 'ଖଇ'ର ବ୍ୟବହାର

ଧୀର ପବନରେ ବି ଉଡ଼ି ଯାଉଥିବା ଏ ଖାଦ୍ୟଟି ହେଉଛି : ଖଇ । ଖୁବ୍ ହାଲ୍‌କା ଏହାର ଶରୀର । ପୂର୍ବକାଳରେ ରାଜା ମହାରାଜା ନଗର ବିଜେ କରିବା ସମୟରେ ତାଙ୍କର ଶୁଭମନାସି ପ୍ରଜାମାନେ ଖଇ ବୃଷ୍ଟି କରୁଥିଲ । ସେହିପରି ଶବ ଶୋଭାଯାତ୍ରାରେ ଖଇ ଓ କଉଡ଼ି ବିଞ୍ଚିବାର ପରମ୍ପରା କାହିଁ କେଉଁ କାଳରୁ ହିନ୍ଦୁଧର୍ମରେ ପ୍ରଚଳିତ ହୋଇ ଆସୁଛି । ଦଣ୍ଡଯାତ୍ରା କାଳରେ ଭୋକ୍ତାମାନଙ୍କୁ ଏହା ଖାଇବା ପାଇଁ ଦିଆଯାଏ । ବାହାଘର ସମୟରେ କନ୍ୟା ଆଞ୍ଜୁଳାଏ ଖଇ ଧରି ଠିଆ ହୁଏ । ବର ସେ କନ୍ୟାର ଆଞ୍ଜୁଳାକୁ ଧରି ହୋମ ଅଗ୍ନିକୁ ଖଇତକ ପକାଇଥାଏ । ଏହାକୁ 'ଲାଜାହୋମ' କୁହାଯାଏ । ଜହ୍ନିଓଷା ପରି କିଛି ପୂଜାକାର୍ଯ୍ୟ ସମୟରେ ଖଇ ବ୍ୟବହାର କରାଯାଏ ।

କିଛି ଧାନ ପ୍ରତିକୂଳ ପରିସ୍ଥିତି କାରଣରୁ ଭଲକି ଫୁଟିପାରି ନଥାଏ । ଫଳରେ ଅଧାଫୁଟା ଖଇ ଧାନ ଚୋପା ସହିତ ଲାଖି ରହିଥାଏ । ସାଧାରଣତଃ ଏହାକୁ ବାହାରେ ଫିଙ୍ଗି ଦିଆଯାଏ । ବାହାରେ ପଡ଼ିଥିବା ଖଇଚଢ଼ା (ଅଧା ଫୁଟିଥିବା ଖଇ)କୁ କିଛି ଲୋକ ଭୂଇଁରୁ ଗୋଟେଇ ଖାଇଥାନ୍ତି । ସେମାନଙ୍କୁ ଖଇଚଢ଼ା ଖୁଣ୍ଟା (ପୁରୁଷ)/ ଖଇଚଢ଼ା ଖୁଣ୍ଟୀ (ସ୍ତ୍ରୀ) କୁହାଯାଏ । ଖଇଚଢ଼ା ଖୁଣ୍ଟୀର ନାଁ ନେଲେ ରାତିରେ ସୁଖନିଦ୍ରା ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି । ଏପରିକି ବିପଦ ସୁଦ୍ଧା ପାଖ ମାଡ଼େ ନାହିଁ । ଏହାକୁ ନେଇ ଏକ ବହୁଳ ପ୍ରଚଳିତ ଲୋକୋକ୍ତି ହେଉଛି:

'ଅଭିଆଡ଼ୀ, ଅମଙ୍ଗୁଳି, ନାହିଁ ନାହିଁ ତୁଣ୍ଡୀ
ଆପାଳକ ମୁଣ୍ଡୀ, ଖଇଚଢ଼ା, ତୁଣ୍ଡୀ



▶ ଲେଖକ ସଂଗ୍ରାମ କେଶରୀ ପୃଷ୍ଟି

ଦାନ୍ତ ନିକୁଟୀ, ଲେହେବର ମୁଖୀ !
ଏ ସାତଙ୍କ ନାଁ ଧରନ୍ତେ
ଆଜି ରାତି ସୁଫଳ ପାଆନ୍ତେ ।'

## ପୁଷେ ଖଇ, ମାଘେ ଦହି

ଧର୍ମରୁ ବିଶ୍ୱାସ ପୁଣି ଖାଦ୍ୟରୁ ପ୍ରସାଦ, ପ୍ରତ୍ୟେକ କ୍ଷେତ୍ରରେ ଥାଏ ଖଇର ବ୍ୟବହାର । ଏହା ସହଜରେ ହଜମ ହେଉଥିବାରୁ ରୋଗୀମାନେ ପଥ୍ୟ ଭାବରେ ବ୍ୟବହାର କରିଥାନ୍ତି । ସବୁବର୍ଗର ବ୍ୟକ୍ତିଙ୍କ ପାଇଁ ଖଇ ବେଶ୍ ଉପଯୋଗୀ । ଶର୍କରା ଏଥିରେ ବିଶେଷ ମାତ୍ରାରେ ନଥିବା କାରଣରୁ ମଧୁମେହ ରୋଗୀମାନେ ଏହାକୁ ବହୁତ ପସନ୍ଦ କରନ୍ତି । ବିଶେଷତଃ ପୌଷ ମାସରେ ଖଇ ଖାଇବା ଓ ମାଘ ମାସରେ ଦହି ଖାଇବା ସ୍ୱାସ୍ଥ୍ୟ ପକ୍ଷରେ ବେଶ୍ ହିତକର । ପୂର୍ବେ ସକାଳ ଜଳଖିଆ ଭାବରେ ଖଇକୁ ବ୍ୟବହାର କରା ଯାଉଥିଲା । ସମୟଚକ୍ରରେ ଜଳଖିଆର ବିଧି ବଦଳି ଯାଇଛି ସତ, ହେଲେ ପୌଷମାସରେ ତାର ଆବଶ୍ୟକତା ଏବେ ବି ମନେପକାଇ ଦେଉଛି ସେହି ଲୋକପ୍ରିୟ କଥା ପଦିଏ: 'ପୁଷେ ଖଇ, ମାଘେ ଦହି' ।



**ପଶ୍ଚିମ ଓଡ଼ିଶାରେ ଲିଆ ସହିତ ଗୁଡ଼ ମିଶାଯାଇ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ବିଶେଷର ନାଁ ହେଉଛି- ଜୁଗାର୍ ବା ମୁଆଁ । ଆମ ଅଞ୍ଚଳରେ ପାଳନ କରାଯାଉଥିବା ଦେବୀପୂଜାରେ ଜୁଗାର୍ ଭୋଗ ସ୍ୱରୂପ ଲାଗିଥାଏ । ଏହା ଦେଖିବାକୁ ଲିଙ୍ଗ ସଦୃଶ । ପଶ୍ଚିମ ଓଡ଼ିଶା ହେଉଛି ମାତୃକୈନ୍ଦ୍ରିକ । ସମସ୍ତ ଦେବୀ ହେଉଛନ୍ତି ପାର୍ବତୀଙ୍କ ଅଂଶବିଶେଷ । ତେଣୁ ଏ ମାଟିରେ ମା'ଙ୍କ ପୂଜା କରାଯାଇ ତାଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ମୁଆଁ ବା ଜୁଗାର୍ ଭୋଗ ଦ୍ୱାରା ଦେବୀ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଏ ଅଞ୍ଚଳର ଲୋକେ ବିଶ୍ୱାସ କରନ୍ତି ।**

**ଗୋପୀନାଥ ଦଣ୍ଡସେନା,** ବଘଲା, ଚନ୍ଦନଭାଟି, ବଲାଙ୍ଗୀର

## ଖଇରୁ ମୁଆଁ କଳେବର

ଖଇ ସଂପୂର୍ଣ୍ଣ ପ୍ରସ୍ତୁତ ହେଲା ପରେ ରନ୍ଧାଗୁଡ଼କୁ ନିଆଁରେ ଗରମ କରାଯାଏ । କିଛି ସମୟପରେ ଗୁଡ଼ ଅଠାଳିଆ ପାଗ ଧରେ । ସେତେବେଳେ ସେଥିରେ ପକାଇ ଦିଆଯାଏ କିଛି ଜୁଆଣି ଓ ପାଚିନଡ଼ିଆ । ଯା ପୂର୍ବରୁ ଏକ ପଟିଆରେ ବିଛାଇ ଦିଆ ଯାଇଥାଏ ଖଇସବୁ । ତାପରେ ଗୁଡ଼ପାଗକୁ ଖଇ ଉପରେ ଢଳାଯାଇ ଗୋଟିଏ ବାଡ଼ିରେ ତାକୁ ଘଣ୍ଟାଯାଏ । ଫଳରେ ଅଠାଳିଆ ଗୁଡ଼ ଖଇକୁ ଭିଡ଼ିଧରେ । ମେଞ୍ଚା ମେଞ୍ଚା ହୋଇଯାଏ । କ୍ରମଶଃ ବଦଳି ଯାଏ ତା ରଙ୍ଗ । ଏହି ପରିବର୍ତ୍ତିତ ରୂପକୁ 'ଉଖୁଡ଼ା' କୁହାଯାଏ । ତା'ପରେ ଉଖୁଡ଼ା ସବୁକୁ ହାତରେ ବଳିବଳି ଗୋଲ୍‌ଗୋଲ୍ ଆକାର ଦିଆଯାଏ । ଏବେ ସେ ପାଇଯାଏ ନୂଆ ଏକ ନାଁ: ମୁଆଁ । ତାକୁ ମୁଆଁଲଡୁ ମଧ୍ୟ କୁହାଯାଏ । ଏହି ପ୍ରକିୟାରେ ଚୂଡ଼ାମୁଆଁ, ମୁଡ଼ିମୁଆଁ ଲଡୁ ପ୍ରସ୍ତୁତ କରାଯାଏ । ଖଇ, ଗୁଡ଼, ନଡ଼ିଆ କଫ ନିବାରକ ଓ ଅମ୍ଳ ନିରୋଧକ । ପାଚନ ପ୍ରକ୍ରିୟାରେ ଏହା ଶୀତଳତା ପ୍ରଦାନ କରିଥାଏ । ଜୁଆଣି ପାଚନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରେ । ତେଣୁ ମୁଆଁର ଆଦର ଯୁଗେଯୁଗେ ରହି ଆସିଛି । ସ୍ଥଳ ବିଶେଷରେ, ମୁଆଁ ନିମିତ୍ତ ଗୁଡ଼ ବଦଳରେ ଚିନିର ବ୍ୟବହାର ମଧ୍ୟ କରାଯାଇପାରେ ।

## ମୁଆଁର ନାଁ 'ଧନୁମୁଆଁ'

ଓଡ଼ିଆଙ୍କ ପାରମ୍ପରିକ ପର୍ବପର୍ବାଣି ମଧ୍ୟରୁ ଏକ ଉଲ୍ଲେଖନୀୟ ପର୍ବ ହେଉଛି ପବିତ୍ର ଧନୁସଂକ୍ରାନ୍ତି । ଧନୁରାଶିରେ ସୂର୍ଯ୍ୟ ଡିସେମ୍ବର-ଜାନୁଆରୀ (ମାର୍ଗଶୀର-ପୌଷ) ମାସରେ ସଂକ୍ରମଣ କରୁଥିବା କାରଣରୁ ଏହାକୁ ଧନୁସଂକ୍ରାନ୍ତ ବୋଲି କୁହାଯାଏ । ପୌଷ ମାସର ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ଭାବରେ ପାଳନ କରାଯାଏ । ଏହି ଦିନ ମୁଆଁକୁ ଠାକୁରଙ୍କ ପାଖରେ ଭୋଗ ଲଗାଯିବାର ପରମ୍ପରା ରହିଛି । ପୌଷ ମାସରେ କୃଷକ ଉଭୟ ଧାନ ଓ ଆଖୁ ଅମଳ କରିଥାଏ । ନୂଆ ଧାନରୁ ପ୍ରସ୍ତୁତ ଖଇ ଓ ନୂଆ ଆଖୁରୁ ରନ୍ଧା ଯାଇଥିବା ଗୁଡ଼ରେ ମୁଆଁ ତିଆରି କରାଯାଇ ପ୍ରଥମେ ଏହାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ପାଖରେ ଅର୍ପଣ କରାଯାଏ । ଏହାକୁ ପହିଲି ଭୋଗ କୁହାଯାଏ । ଧନୁ ସଂକ୍ରାନ୍ତି ଦିନ ଠାରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ଓ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ପୌଷମାସ ବା ଧନୁମାସ ହେଉଛି ମୁଆଁଖିଆର ମାସ । ଏହି ଦୃଷ୍ଟିରୁ ଧନୁସଂକ୍ରାନ୍ତିକୁ ଅନେକ 'ମୁଆଁସଂକ୍ରାନ୍ତି' ବୋଲି କହିଥାନ୍ତି । ମୁଆଁ ଖାଇବା ଏକ ସାମାଜିକ ପରମ୍ପରା ମଧ୍ୟ । ଏଥିପାଇଁ ଥାଏ ବର୍ଷଯାକର ଅପେକ୍ଷା । ତେଣୁ ଧନୁ ସଂକ୍ରାନ୍ତିରେ ଠାକୁରଙ୍କ ପାଖରେ ମୁଆଁ ଭୋଗ ଚଢ଼ାଇ ଓ ତାକୁ ପ୍ରସାଦ ଭାବରେ ଗ୍ରହଣ କରି ସମସ୍ତେ ନିଜକୁ ଭାଗ୍ୟବାନ ମନେକରନ୍ତି ।



ସାଧାରଣତଃ ଏହି ମାସରେ ଶରୀରରେ କଫ ଓ ଅମ୍ଳର ପରିମାଣ ଅଧିକ ଥାଏ । ଖଇ, ଗୁଡ଼ ଓ ନଡ଼ିଆ କଫ ନିବାରକ ଓ ଅମ୍ଳ ନିରୋଧକ ହୋଇଥିବା କାରଣରୁ ମୁଆଁ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ । ମୁଆଁର ଶୀତଳକାରକ ଦ୍ରବ୍ୟ ଗୁଣ କାରଣରୁ ଶ୍ରୀମନ୍ଦିରରେ ଏହା 'ଶୀତଳ ଭୋଗ' ଭାବରେ ପରିଚିତ ।



ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦଟିଏ 'ମୁଆଁ', କିନ୍ତୁ ତା ଭିତରେ ସାଇତା ହୋଇ ରହିଛି ମୋର ବାଲ୍ୟକାଳର ସ୍ମୃତି । ମୋ ମାଆ ସବୁଦିନ ପୂଜାରେ ଉଖୁଡ଼ା ଭୋଗ ଲଗାନ୍ତି । ମୁଁ ଅନେଇ ବସିଥାଏ, କେତେବେଳେ ପୂଜା ସରିବ ଆଉ ମୁଁ ଉଖୁଡ଼ା ଭୋଗ ଖାଇବି । ମୁଆଁ ଭିତରେ ଏବେ ମୁଁ ଅନୁଭବ କରିଥାଏ ରଜକୁ । ସବୁବର୍ଷ ରଜରେ ଗାଁକୁ ବୁଲିଯିବାକୁ ମନ ଉଚ୍ଛନ୍ନ ହୋଇଉଠେ । କାହିଁକି ନା ସେତେବେଳେ ରଜଦୋଳିରେ ଝୁଲିବା ସହିତ ବଡ଼ମାଙ୍କ ହାତତିଆରି ମୁଆଁ ଲଡ୍ଡୁ ଖାଇବାକୁ ମିଳିଥାଏ । ମୁଆଁ ବା ଉଖୁଡ଼ା ଭିତରେ ମୋର ମନେପଡ଼ିଯାଏ ବାପାଙ୍କ ସ୍ନେହ । ଧନୁସଂକ୍ରାନ୍ତି ଦିନ ଗୋଟେ ହାତରେ ଫୁଲ, ଧୂପ-ନୈବେଦ୍ୟ, ମୁଆଁ-ଉଖୁଡ଼ା ଭୋଗରେ ଭରା ଥାଳି ଧରି ଆର ହାତରେ ମୋ ଛୋଟ ହାତ ଧରି ମୋ ବାପା ମୋତେ ମନ୍ଦିର ନେଇ ଯାଆନ୍ତି । ମୁଆଁ ଓ ଉଖୁଡ଼ା ଭିତରେ ମୋ ଭାଇଙ୍କ ବାହାଘର କଥା ମନେପଡ଼େ । କାହିଁକି ନା ଭାଉଜଙ୍କ ଘରୁ ଆସିଥିବା ମୁଆଁ ଭାର ହିଁ ଥିଲା ମୋର ଅତି ପ୍ରିୟ । ସବୁ ଓଡ଼ିଆଙ୍କ ପାଇଁ ମୁଆଁ ହେଉଛି ଏକ ବ୍ୟଞ୍ଜନ । କିନ୍ତୁ ମୋ ପାଇଁ ତାହା ମୋ ପିଲାଦିନର ସ୍ମୃତି । ମୁଆଁ ଦେଖିଲେ ମୋ ଆଖିରେ ନାଚିଯାଏ ପିଲାଦିନ ଆଉ ମୋତେ କହିଯାଏ- "ଓଡ଼ିଶାକୁ ସିନା ଭୁଲିଗଲୁ ହେଲେ ମୁଆଁକୁ କେମିତି ଭୁଲିବୁ ?"

**ପ୍ରିୟମ୍ବଦା ବେଉରା,** ବୋଷ୍ଟନ, ଆମେରିକା

## କବି ଯଦୁମଣି ଓ ମୁଆଁ ବୃତ୍ତାନ୍ତ

'ଧନୁମୁଆଁ'କୁ ନେଇ ଏକ ସୁନ୍ଦର ଓ ରୋଚକ ପ୍ରସଙ୍ଗ ଶୁଣିବାକୁ ମିଳିଥାଏ । ନୟାଗଡ଼ର ରାଜା ପ୍ରତିବର୍ଷ ପୌଷ ମାସରେ ତାଙ୍କ ଦରବାରର କର୍ମଚାରୀମାନଙ୍କ ପାଇଁ ଧନୁମୁଆଁ ପଠାଇଥାନ୍ତି । ସୁତରାଂ ସେଥିପାଇଁ ଥାଏ ସମସ୍ତଙ୍କର ଅପେକ୍ଷା । କିନ୍ତୁ ଥରେ ଏଥିରେ ବ୍ୟତିକ୍ରମ ଘଟିଲା । ରାଜପାରିଷଦ ବର୍ଗଙ୍କ ପାଇଁ ଧନୁମୁଆଁ ଆସିଲା ନାହିଁ । ସେ ଦରବାରରେ ଥାଆନ୍ତି ଉତ୍କଳଘଣ୍ଟ କବି ଯଦୁମଣି । ନିଜର ବ୍ୟଙ୍ଗ ଓ ରସିକତା ପାଇଁ ସେ ବେଶ୍ ପ୍ରସିଦ୍ଧ ଥାଆନ୍ତି । ଧନୁମୁଆଁ ନ ଆସିବାରୁ କବି ଯଦୁମଣି ଦୁଃଖ ଓ ଅଭିମାନର ସହିତ ରାଜାଙ୍କ ପାଖକୁ ଖଣ୍ଡେ ଚିଟାଉ ଲେଖି ପଠାଇ ଦେଲେ । ସେଥିରେ ଲେଖାଥିଲା:

"ଧନୁ ମାସ ହେଲା ସବୁ ନଚଳିଲା କହିବାକୁ ବଡ଼ ଲାଜ/ମୁଁ ଆଁ କରିଅଛି ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।"

କହିବା ବାହୁଲ୍ୟ, ରାଜା ଏ ଚିଠି ପାଇଲା ପରେ ନିଜ ଭୁଲ୍ ସଂପର୍କରେ ଅବଗତ ହେଲେ ଓ ତୁରନ୍ତ ରାଜ ଦରବାରକୁ ମୁଆଁ ପଠାଇବାର ବ୍ୟବସ୍ଥା କଲେ ।

## ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ 'ମୁଆଁ'କୁ ନେଇ କବିତା



ମଗୁଶୁର ଗଲା ପଉଷ ଆସିଲା
ହାଣ୍ଡି ସଜ କଲା ନେଡି
ଷାଠିଏ ବୟେସ ଲିଆ ଭାଜିବାକୁ
କାମରେ ରଖିଲା ପଡି ।୧।

ବାଲି ପକାଇଲା ଗରମ କରିଲା
ନିଆଁର ଦାଉକୁ ସହି
ମୁଠା ମୁଠା ଧାନ ପକାଇ ତହିଁରେ
ଖଡ଼ଖଡ଼ କଲା ସେହି ।୨।

ଧାନ ତ ଫୁଟିଲା ଲିଆ ବାହାରିଲା
ଦିଶେ ଧୋବ ଫରଫର
ବାଉଁଶ ଟଙ୍ଗାରେ ଲିଆ ଝଟେଇଲା
ଚକ୍ଷୁ ଗଲେ ଗଳଗଳ । ୩ ।

ଧାନମୁଣ୍ଡି ବାଛି ଲିଆ ଶୁଖାଇଲା
ଖାଲି ହାଣ୍ଡି ସଜ କଲା
ଗୁଡ଼କୁ ଆଉଟି ପାଗକୁ ବନେଇ
ଲିଆ ତହିଁ ମିଶାଇଲା । ୪ ।

ଲିଆ ସଙ୍ଗେ ଗୁଡ଼ ଚଟୁରେ ଆଉଟି
ଆଙ୍ଗୁଠିରେ ପାଗ ଧରେ
ଚାପିଚାପି ତାକୁ ଦୁଇଟି ହାତରେ
ଗୋଲ୍ ଗୋଲ୍ ମୁଆଁ କରେ । ୫ ।

ମୁଆଁ କରି ନେଡି ଦେଲା ଝିଅ ଘର
ଖାଇ ହେଲେ ସିଏ ଖୁସି
ସଇସଙ୍ଗାତରେ ସାହି ପଡ଼ିଶାରେ
ବାଣ୍ଟୁଥାଇ ହସି ହସି । ୬ ।

ଧନୁରୁ ମକର ଏକ ମାସ କାଳ
ଜଗା ପାଶେ କଲା ପୂଜା
ଧନୁମୁଆଁ ଖାଇ ଜଗା ହସୁଥାଇ
ଲାଗୁଥିଲା ଭାରି ମଜା । ୭ ।

ସାହୁପଡ଼ା, ଭଟପଡ଼ା,
ନିରାକାରପୁର, ପୁରୀ

## ମାମୁଘର ମୁଆଁ

ମାମୁଘର ସହିତ ଭାବଗତ ଓ ଆତ୍ମିକ ସଂପର୍କ ପଛରେ ରହିଥାଏ 'ମୁଆଁ' ନାମକ ଏହି ଖାଦ୍ୟ ବିଶେଷ । ତା' ଆଗରେ ଫିକା ପଡ଼ିଯାଏ ଦୁଧଭାତ, କ୍ଷୀରିପିଠା, ଆରିଷାକାକରା । ମୁଆଁ କଥା କହିଲା ମାତ୍ରକେ ଆଖି ଆଗରେ ନାଚି ଉଠେ ମାମୁଘର । ମହମହ, ଗହଗହ ଭାବ ଭିତରେ ମୁଆଁ ତିଆରିରେ ମାହିର୍ ଆଈଙ୍କ ହାତରୁ ଶ୍ରଦ୍ଧାର ମୁଆଁ ଟେଳାଟିଏ ଧରି ବୁଲିବୁଲି ଖାଇବାରେ କି ମଜା ସତେ ! ଛୁଟିରେ ମାଆଙ୍କ ସହିତ ମାମୁଘର ବୁଲି ଯାଇଥିବା ବେଳେ ଫେରିଲା ବେଳକୁ ଆଉ କିଛି ଆସୁ କି ନଆସୁ, ଯାହା ନିଶ୍ଚିତ ଆସିଥାଏ, ତାହା ହେଉଛି 'ମୁଆଁଭାର' । କିଛି ମିଠା ଓ କଦଳୀ ସହିତ ମୁଆଁ ସାହିପଡ଼ିଶାଙ୍କୁ ବଣ୍ଟାଯାଏ । ମାମୁଘରୁ ଆସିଥିବା ମୁଆଁକୁ ସାହିପଡ଼ିଶା, ଅତିଥି-ଅଭ୍ୟାଗତ, ଯୋଗୀ-ଭିକାରୀମାନଙ୍କୁ ବାଣ୍ଟିଲା ବେଳେ ମାଆଙ୍କ ମୁହଁରୁ ବାରିହୋଇ ପଡୁଥାଏ ପ୍ରଚୁର ଆତ୍ମସନ୍ତୋଷ । କଂସାଭର୍ତ୍ତି ମୁଆଁ ପାଇଲା ପରେ ଅଜଣାଲୋକ ବି ଜାଣିଯାଏ ଯେ ଏହା ବୋହୂର ବାପଘରୁ ଆସିଛି । କେବେ କେମିତି ମୁଆଁ ବାଣ୍ଟିବାରେ ବିଳମ୍ବ ହୋଇଗଲେ ସାହି ପଡ଼ିଶା ତାଙ୍କ ଆତ୍ମୀୟତାର ହକ୍‌ରେ କୁହନ୍ତି, 'କିରେ ପୁଅ, ମାମୁଘରୁ କେବେ ଆସିଲୁ ? ମୁଆଁ କାଇଁ ?'

ମୁଆଁର ମିଠା ସହିତ ମିଶି ରହିଥାଏ ସ୍ନେହ-ଶ୍ରଦ୍ଧା-ମମତା ଓ ଆନ୍ତରିକତା । ଏହା ହିଁ ବତାଇ ଦେଇଥାଏ ଆତ୍ମୀୟତା । ବିବାହ, ବ୍ରତ, ଓଷା, ପର୍ବପର୍ବାଣି ବେଳେ ମାମୁଘରୁ ଆସିଥିବା ମୁଆଁଭାରକୁ ପବିତ୍ରତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଏସବୁ ଭିତରେ ମାମୁଘର ଆଈଙ୍କ ମୁଆଁ ତିଆରି କୌଶଳ ଦେଖି ଆଶ୍ଚର୍ଯ୍ୟ ଲାଗେ । ମୁଆଁ ପରି ଚୁଡ଼ାଲଡ୍ଡୁ, ମୁଢ଼ିଲଡ୍ଡୁ, ହୁଡୁମଲଡ୍ଡୁ ଓ ରାଶିଲଡ୍ଡୁ ଗଢ଼ିବାରେ କେତେ ସିଦ୍ଧହସ୍ତ ସତରେ ଆଈମା !

## ପୂଜାରେ ମୁଆଁ

ପିଲାଦିନ କଥା ମନେପଡ଼ିଲେ

ଆଖି ଆଗରେ ଭାସି ଆସେ ସ୍କୁଲ୍‌ବେଳର ପୂଜାକଥା । ଗଣେଶ ପୂଜା, ସରସ୍ୱତୀ ପୂଜାରେ ମାଆ ଥାଳିରେ ଦେଉଳ ଆକାରରେ ସଜାଇ ଦେଇଥାନ୍ତି ମୁଆଁ । ତା ସହିତ ନଡ଼ିଆ, କଦଳୀ, ଧୂପ, ଫୁଲ ଓ ସିନ୍ଦୂର । ପୂଜାଥାଳି ଧରି ସାଥି ମେଳରେ ପୂଜା କରିବାକୁ ଯିବାରେ କେତେ ଆନନ୍ଦ ଥାଏ ସତେ ! ଏହିପରି ଦେଉଳ ଆକୃତିର ମୁଆଁ ଓଡ଼ିଆ ଘରର ପୂଜାପାର୍ବଣ ସମୟରେ ଦେବଦେବୀଙ୍କ ପାଖରେ ପ୍ରସାଦ ଭାବରେ ଅର୍ପଣ କରାଯାଏ ।



**ଓଡ଼ିଆ ଘରେ ପ୍ରସ୍ତୁତ ମିଠାର ବ୍ୟଞ୍ଜନ ମଧ୍ୟରେ ମୁଆଁର ସ୍ଥାନ ହେଉଛି ସ୍ୱତନ୍ତ୍ର । ଖଇ, ମୁଢ଼ି, ଗୁଡ଼ ଓ ନଡ଼ିଆରେ ବିଭିନ୍ନ ଆକୃତିର ମୁଆଁ ଘରେଘରେ ବେଶ୍ ଲୋକପ୍ରିୟ । ଧନୁସଂକ୍ରାନ୍ତି ଓ ଓଷାବ୍ରତରେ ଦେବଦେବୀଙ୍କ ପାଖରେ ମୁଆଁଭୋଗ ହୋଇଥାଏ । ପର୍ବପର୍ବାଣି ମାନଙ୍କରେ ବିବାହିତ ଝିଅ ଘରକୁ ମୁଆଁଭାର ଯାଇଥାଏ । ପିଲାଦିନେ ମାମୁଘରେ ମୁଆଁ ଖାଇବାର ମଜାକୁ କିଏ ଭଲା ଭୁଲିପାରିବ ଯେ ! ଆଧୁନିକ ଯୁଗରେ ମୁଆଁ କ୍ରମଶଃ ହଜିଯିବାକୁ ବସିଛି । ଆମ ପିଲାମାନଙ୍କ ମୁହଁରେ ମୁଆଁ ଟିକିଏ ବାଜିପାରୁନି- ଏହା ହିଁ ଦୁଃଖ ।**

**ମମତା ମହାନ୍ତି(ଇତିନା)**, ନ୍ୟୁ ପନ୍‌ଭେଲ୍, ମୁମ୍ବାଇ, ମହାରାଷ୍ଟ୍ର

ଅବିଭକ୍ତ ପୁରୀ ଜିଲ୍ଲାରୁ ବାଣପୁର ମା' ଭଗବତୀଙ୍କ ପାଖରେ ମୁଆଁ ଭୋଗ ହୋଇଥାଏ । ଏହି କାରଣରୁ ବାଣପୁର ମୁଆଁ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏଠାରେ ପ୍ରସ୍ତୁତ ମୁଆଁ ସିଲିଣ୍ଡର୍ ଆକୃତିର, ଯାହା ଚାଖଣ୍ଡେ ଲମ୍ବା ଓ ମୁଠାଏ ଗୋଲେଇ ବିଶିଷ୍ଟ ହୋଇଥାଏ । ଏଠାକାର ମୁଆଁ ଏପରି ପାଗରେ ତିଆରି ହୋଇଥାଏ ଯାହାକୁ ଜଣେ ବିଧାମାରି ଭାଙ୍ଗି ପାରି ନଥାଏ । ଏହିମୁଆଁ ଦୀର୍ଘଦିନ ସୁରକ୍ଷିତ ରହିପାରେ । ଶୀତଋତୁରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ମୁଆଁ ଭାଙ୍ଗିବାକୁ ନେଇ ଆଗ୍ରହ ଦେଖିବାକୁ ମିଳିଥାଏ ।

ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପର୍ବ ହେଉଛି, ଜୁଗାର୍ ଯାତ୍ରା । ଏହାର ମୂଳ ଉତ୍ସ ହେଉଛି ମୁଆଁ । ମୁଆଁକୁ ଦେଉଳ ଆକୃତି ଦେବାର ନାଁ ହେଉଛି ଜୁଗାର୍ । ପାଞ୍ଚ କିଲୋଗ୍ରାମ ଖଇ (ଲିଆ) ଓ ଗୁଡ଼ରେ ଏହି ଦେଉଳ ଆକୃତିର ଜୁଗାର୍ ବିଶେଷ ପ୍ରଚଳିତ ଥିଲା ବେଳେ ସ୍ଥାନ-କାଳ ନିର୍ବିଶେଷରେ ଜୁଗାର୍ ଛଅରୁ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ହୋଇଥାଏ । ମାନସିକ ପୂରଣ ପରେ ଭକ୍ତମାନେ ବିଶ୍ୱାସର ସହିତ ମା' କାଳୀଙ୍କୁ ଜୁଗାର୍ ଅର୍ପଣ କରିଥାନ୍ତି । ଭକ୍ତମାନଙ୍କର ସାମୂହିକ ଜୁଗାର୍ ସବୁକୁ ପାରମ୍ପରିକ ଲୋକବାଦ୍ୟର ତାଳେ ତାଳେ ପଟୁଆରରେ ଅଣାଯାଇ ମା'ଙ୍କ ପାଖରେ ସମର୍ପଣ କରିବାର ବିଧି ହିଁ 'ଜୁଗାର ଯାତ୍ରା' ଭାବରେ ସୁପରିଚିତ । ଜୁଗାର୍ ଗୁଡ଼ିକର ଆକର୍ଷଣୀୟ ପରିପାଟୀ ଦର୍ଶକଙ୍କୁ ବାନ୍ଧିରଖେ । ନିର୍ମାଣଶୈଳୀ ଦୃଷ୍ଟିରୁ ଜୁଗାର୍ ଗୁଡ଼ିକ ଭିନ୍ନ ଭିନ୍ନ ନାମରେ ନାମିତ । ତନ୍ମଧ୍ୟରୁ ଗୁଡ଼ ଜୁଗାର୍, ହଂସ ଜୁଗାର୍, ଧ୍ୱଣ୍ଡା ଜୁଗାର୍, ଖୁଲା ଜୁଗାର୍, ଜୁଲି ଜୁଗାର୍ ଓ ପଦ୍ମ ଜୁଗାର୍ ଅନ୍ୟତମ । ଜୁଗାର୍‌ର ନିର୍ମାଣ ଶୈଳୀ ଦେଖିଲେ ସେଥିରୁ ଓଡ଼ିଆଙ୍କ କଳାନୈପୁଣ୍ୟ ସ୍ପଷ୍ଟ ବାରି ହୋଇପଡ଼େ । ଏହି ଜୁଗାର ଯାତ୍ରା ପ୍ରଥମେ ବରଗଡ଼ ଜିଲ୍ଲା ଘେଁସ୍ ବ୍ଲକ୍ କୁଚିପାଲି ଗାଁରେ ୧୮୮୫ ମସିହାରେ ଆରମ୍ଭ ହୋଇଥିବାର ଜଣାଯାଏ । ଏହି ଯାତ୍ରାର ଲୋକପ୍ରିୟତା କାରଣରୁ ଏହା କ୍ରମଶଃ ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି ।

ମୁଆଁ ଓ ଉଖୁଡ଼ାର ଆଦର ସବୁବେଳେ ରହି ଆସିଛି ଓ ରହିଥିବ ମଧ୍ୟ । କୋରାଖଇ ଭାବରେ ଭୁବନେଶ୍ୱରରେ ଏହାର ପ୍ରସିଦ୍ଧି ଥିବାବେଳେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଧରଣର ମୁଆଁ ପ୍ରସ୍ତୁତ କରାଯାଉଛି । ପୌଷ୍ଟିକତତ୍ତ୍ୱ ସଂପନ୍ନ ମୁଆଁକୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି । ମାତ୍ର ଦୁଃଖର ବିଷୟ ଫାଷ୍ଟ୍‌ଫୁଡ୍ ଖାଦ୍ୟର ପ୍ରାବଲ୍ୟ ମଧ୍ୟରେ କ୍ରମଶଃ ହଜିଯିବାକୁ ବସିଲାଣି ଏହି ପାରମ୍ପରିକ ଖାଦ୍ୟଟି । ଆଈମାଙ୍କ ମୁଆଁ ତିଆରି କୌଶଳକୁ ଧୀରେ ଧୀରେ ଭୁଲିଯିବାକୁ ବସିଲେଣି ପରବର୍ତ୍ତୀ ପିଢ଼ି । ଗାଁ ଗାଁରୁ ମାଟିଚୁଲି, ମାଟିହାଣ୍ଡି ଉଭାନ୍ ହୋଇ ଯାଉଥିବା ବେଳେ ମୁଆଁର ସ୍ଥିତିକୁ ନେଇ ଆଶଙ୍କା ପ୍ରକାଶ ପାଇଛି । ଏସବୁ ଭିତରେ ମୁଆଁର ମହାନତାକୁ ରକ୍ଷା କରିବାକୁ ଭାବନା ଆମ ସମସ୍ତଙ୍କ ମନରେ ଉଦ୍ରେକ ହେବା ଏକାନ୍ତ ବାଞ୍ଛନୀୟ । ତା ନହେଲେ ମୁଆଁ କେବଳ ସ୍ମୃତି ହୋଇ ରହିଯିବ । ଆମେ ତାକୁ ଝୁରୁଥିବା କେବଳ ।



**Admission Open**

# BALASORE ART & CRAFTS COLLEGE

# ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ

BALASORE ART & CRAFTS COLLEGE * ESTD-1994 * KALAKSHETRA, ODISHA *

**KALAKSHETRA, O.T. ROAD, BALASORE**

Affiliated to Utkal University of Culture
& C.H.S.E, Odisha, BBSR




## Courses :-

**+2 VOCATIONAL**
(Art & Crafts)


**B.V.A**
(Bachelor of Visual Art)

**M.V.A**
(Master of Visual Art)

**ନାମଲେଖା ଚାଲୁଅଛି**

Mob : 9437267929, 9437460591
9337370890,7008607940
7008607956
Ph : 06782-268765(O)

www.balasoreartandcraftscollege.in
balasoreart.craftscollege1994@gmail.com
nikunja.principal@gmail.com




# ଏକାନ୍ତ ରମାକାନ୍ତ

# ଏକାନ୍ତ ରମାକାନ୍ତ


**ହିରଣ୍ମୟୀ ମିଶ୍ର**

ପ୍ଲଟ୍ ନଂ-୪୫୯, ବିଏମ୍‌ସି ଲେନ୍-୫୩
ଫ୍ଲାଟ୍-୩୦୧, ନୂଆସାହି, ନୟାପଲ୍ଲୀ
ଭୁବନେଶ୍ୱର-୭୫୧୦୧୨
ଫୋନ : ୭୮୯୪୭୪୪୦୦୧


ଫଟୋ ସୌଜନ୍ୟ : ଲେଖିକା



ସେ ସେଠି ଦିଶନ୍ତିନି ।

ମୁଁ ଯାହାକୁ ଦେଖିବାକୁ ଯାଏ ଥରକୁଥର, ଯିଏ ସପ୍ତାହେ ଅନ୍ତରରେ ଫୋନ୍ କରି ପଚାରନ୍ତି ମତେ "ଭଲ ଅଛ ? କେବେ ଆସିବ ?" ଯାହାର ଫୋନ୍ ଆସିଗଲେ ଦିନେ ଦୁଇଦିନ ଭିତରେ ନପହଞ୍ଚି ରହି ପାରେନି ମୁଁ, ସେ କିନ୍ତୁ ସେଠି ନଥାନ୍ତି ।

ତିନି ଚାରି ବର୍ଷ ପୂର୍ବେ ସମୟ ମାଗି ପହଞ୍ଚୁଥିଲି ତ ସେ ସାର୍ଟ, ପ୍ୟାଣ୍ଟ୍ ପିନ୍ଧି ପ୍ରସ୍ତୁତ ହୋଇ ରହୁଥିଲେ ଠିକ୍ ସମୟରେ । ଆଜିକାଲି ମୁଁ ମୋ ସୁବିଧା ଅନୁସାରେ ପହଞ୍ଚି ଯାଇପାରେ । ଏମିତିକି ଲକ୍‌ଡାଉନ୍‌ର ପ୍ରଥମ ପର୍ଯ୍ୟାୟର କଡ଼ା କଟକଣା ଭିତରେ ବି ଦିନେ ପହଞ୍ଚିଗଲି । କିନ୍ତୁ ଆଖି ଆଗରୁ ଘୁଞ୍ଚିଗଲେ ଯେଉଁ ଶୀର୍ଷସ୍ପର୍ଶୀ ଚିତ୍ର ଦିଶୁଥାଏ ମନ ଭିତରେ, ମୁଁ ପହଞ୍ଚିବା ବେଳକୁ ସେ ସେମିତି ନଥାନ୍ତି । ଆଜିକାଲି ସେ ଶିଶୁଟିଏ ଭଳି କଥା ହୁଅନ୍ତି । ତାଙ୍କର ଅକଳ୍ପନୀୟ କବିତ୍ୱ ଓ ତାକୁ ନେଇ ପ୍ରାପ୍ତ ସକଳ ସିଦ୍ଧି, ଆହୁରି ଅତୁଳନୀୟ ପ୍ରଶାସନିକ ବ୍ୟକ୍ତିତ୍ୱ ଏବଂ ବାପାଙ୍କ ବନ୍ଧୁ ହୋଇଥିବାର ଅଭିଭାବକୀୟ ଛବି, ସବୁ ତରଳି ଯାଉଥାଏ ତାଙ୍କ କୋମଳ ଆଖିର ପ୍ରସରି ଯାଉଥିବା ଦୃଷ୍ଟିରେ ।

ମୋ ସହିତ କେହି କେହି ଥାଆନ୍ତି, କେବେ କେବେ । ବିଶ୍ୱବିଦିତ କବି ରମାକାନ୍ତ ରଥଙ୍କୁ ପାଖରୁ ଦେଖିବା ପାଇଁ, ସହସ୍ର ଅନ୍ୱେଷା ସହ । କିନ୍ତୁ ସତରେ ବିଶ୍ୱାସ ହୁଏନି, ଏଇ କଣ ସେଦିନର ରାଜ୍ୟ ପ୍ରଶାସନର ମୁଖ୍ୟସଚିବ ଶ୍ରୀଯୁକ୍ତ ରମାକାନ୍ତ ରଥ, ଇଏ କଣ ସେଇ ପ୍ରସିଦ୍ଧିର ଉତ୍ତୁଙ୍ଗ ଛୁଇଁଥିବା ପଦ୍ମଭୂଷଣ ରମାକାନ୍ତ ?

ଏତେ ସରଳ, ଏତେ ଛଳଛଳ ଆଉ ଏତେ ଶିଶୁସୁଲଭ ! ନମିଶିଲେ, ନଦେଖିଲେ ବିଶ୍ୱାସ ହେବନି । ମୁଁ ତ ପ୍ରତିଥର ବିସ୍ମିତ ହୁଏ । ସେ ପ୍ରତିଥର ଗପନ୍ତି ମୋ ବାପାଙ୍କ ସହ ତାଙ୍କ ବନ୍ଧୁତାର ସ୍ମୃତି ବିଜଡ଼ିତ ଘଟଣାସବୁ । କେତେ କଣ ଭୁଲିଯାଉଥିବାର ଅବ୍‌ସୋସ୍ ଭିତରେ ମନେ ରଖିଥାନ୍ତି ଆମ ଗାଁର ନାଁ, ମନେ ରଖିଥାନ୍ତି କୋଉ ବର୍ଷ, କୋଉ ମାସରେ ଥରେ ତାରୁଣ୍ୟରେ ଯାଇଥିଲେ ବାପାଙ୍କ ସହ ଆମ ଗାଁ ବୁଲି । ଯାହା ମୁଁ ଦେଖିନଥାଏ, ବା ମୋ ଜନ୍ମପୂର୍ବର ମୋର ଗାଁର ଅବସ୍ଥା ସେ ମନେ ରଖିଥାନ୍ତି । ଆଉ ଏ ଗପ ସରିବା ବେଳକୁ ସେଇ ଧାଡ଼ିଏ କଥା ପାଖରେ ଛଳଛଳ ହୋଇଯାଏ ତାଙ୍କ ଆଖି- "ଦେଖ, ସେ ଆଗରେ ଚାଲିଗଲା, କେତେ ଶୀଘ୍ର ।"

ସେଇ ପଛଦିନର କଥାସବୁ ଗପିବା ବେଳେ ହିଁ ସେ ଦିଶୁଥାନ୍ତି ଟିକିଏ ଉଜ୍ଜ୍ୱଳ, ଉଚ୍ଛଳ ଆଉ ପ୍ରଗଲ୍‌ଭ । କବିପତ୍ନୀ କହନ୍ତି, "ଖୁବ୍ ପଛଦିନର କଥା ବେଶୀ ମନେ ରଖିଛନ୍ତି, ନିକଟ ଅତୀତର କଥା ପାଶୋର ହୋଇଯାଉଛି ।" ପୁଣି ଚୁପ୍ ହୋଇ ଯାଆନ୍ତି କବି । ମୁଁ ପୁଣି ପଚାରେ, ସେଇ ସୁବର୍ଣ୍ଣ ପରି ଚିକ୍‌ମିକ୍, ଉଜ୍ଜ୍ୱଳ ପଛଦିନର କଥା । ମତେ ଭଲ ଲାଗେ, ତାଙ୍କ ମୁହଁରୁ ଶୁଣିବାକୁ ତାଙ୍କ ତାରୁଣ୍ୟର କଥାସବୁ ।

"ଗୋଟେ ଭୁଲି ହେଉନଥିବା କଥା କହନ୍ତୁ"- ମୁଁ ଉତ୍କଣ୍ଠାର ସହ ପଚାରେ ତ ସେ ପଛକୁ ଚାହିଁ ଖୋଜିବା ଭଳି ହଜି ଯାଆନ୍ତି । ପୁଣି ଆରମ୍ଭ କରନ୍ତି-

"ଭାରି କଷ୍ଟର ଦିନ ସେସବୁ । ସିଭିଲ୍ ସର୍ଭିସ୍‌ର ଫାଇନାଲ୍ ଇଣ୍ଟରଭ୍ୟୁ ଥାଏ । ଫକୀରମୋହନ



ଲେଖିକା ହିରଣ୍ମୟୀ ମିଶ୍ର

କଲେଜ୍‌ରେ ଅଧ୍ୟାପନାର ସମୟ । ସେତେବେଳେ ଭାରି କମ୍ ଦରମା ଅଧ୍ୟାପକମାନଙ୍କର । ଏଣେ ସିଭିଲ୍ ସର୍ଭିସ୍ ପାଇଁ ସୁଟ୍ ପିନ୍ଧି ସାକ୍ଷାତକାର ଦେବାକୁ ହୁଏ । ସୁଟ୍‌ଟିଏ ସିଲେଇ କରି ଦେବାକୁ ଡେରି ହେଇଗଲା । ଷ୍ଟେସନ୍‌ରେ ଟ୍ରେନ୍ ପାଇଁ ଅପେକ୍ଷା କଲା ବେଳେ, ସେ ଦର୍ଜୀ ନେଇକି ଦେଲା । ସେଯାଏଁ ମୁଁ ଭାବୁଥିଲି ସୁଟ୍ ଆଉ ମିଳିବନି । ପୁଣି ସେତେବେଳେ ଯୋଉ ଗୋଟିଏ ଜୋତା ଥିଲା, ସେଥିରେ କଣ୍ଟାଟିଏ ପଶି ଯାଇଥିଲା ଶେଷ ମୁହୂର୍ତ୍ତରେ । ପାଦରେ କେଞ୍ଚି ହେଇ ଫୋଡ଼ି ହେଉଥାଏ ସେ କଣ୍ଟା । ତାକୁ କାଢ଼ିଦେଲେ ପୁରୁଣା ଜୋତା କାଳେ ଛିଣ୍ଡିଯିବ! ସୋଲ୍ ଖସି ପଡ଼ିବାର ଭୟ ଥାଏ । ସେମିତି ଦେଇଥିଲି ପରୀକ୍ଷା, ଭାରି ଡରିମରି ।"

ସେ ଟିକିଏ ଚୁପ୍ ହେଇଗଲେ । ମୋର ପୁଣି ଜିଜ୍ଞାସା, "କିନ୍ତୁ ପ୍ରଥମଥର ହିଁ ଦେଇଥିଲେ ନା ?"

"ହଁ, ସେଇ ଥରଟିଏ ଦେଇ ପାଇଗଲି । ପରୀକ୍ଷା ପରେ ବାହାଘର ହେଲା । ବାହାଘର ପରେ ରେଜଲ୍ଟ ଆସିଲା । ଅଧ୍ୟାପନା ମତେ କଷ୍ଟ ହେଉଥିଲା, ଭାଷଣ ଦେବା ମୋ ଦ୍ୱାରା ହୁଏନି । ସେଥିପାଇଁ ଟିକିଏ ଆଶ୍ୱସ୍ତ ହେଇଗଲି ।"

"ତାପରେ ?" ମୁଁ ପଚାରିଲି ।

"ସେତେବେଳେ ମତେ ବାଇଶ୍ ବର୍ଷ । ଫେବୃଆରୀ ୧୯୫୭ରେ ସିଭିଲ୍ ସର୍ଭିସ୍ ପରୀକ୍ଷାର ରେଜଲ୍ଟ ଆସିଲା । ଖୁସି ହେଲେ ଘରେ ସମସ୍ତେ । ବାପାଙ୍କୁ ଯେତେବେଳେ ଖୁବ୍ ଉତ୍‌ଫୁଲ୍ଲିତ ହେଇ କହିଲି ତ ବାପା କହିଲେ, so what ? ତୋ ଠୁ ବହୁତ ଭଲ ପିଲା ଥିବେ, ତୋ ଭାଗ୍ୟ ଭଲ ଥିଲା ବୋଲି ତୁ ପାଇଗଲୁ ।"

ହଁ ସେ ଶ୍ରୀ ରମାକାନ୍ତ ରଥ । କବିମନିଷୀ, ପଦ୍ମଭୂଷଣ, ସରସ୍ୱତୀ



ସମ୍ମାନପ୍ରାପ୍ତ, ଶିଖରକୁ ସ୍ପର୍ଶ କରିଥିବା ଜଣେ ଓଡ଼ିଆ କବି । ଏତିକି ଏବେ କହିବା ବେଳେ ଦିଶନ୍ତି ସତରେ କି ଏଇଠି, କୋଉଠି ଏବେ ବି ସେ ଦେଖି ପାରୁଛନ୍ତି ତାଙ୍କ ବାପା ଲୋକନାଥ ମହାପାତ୍ରଙ୍କୁ । ରମାକାନ୍ତଙ୍କୁ ମିଶାଇ ଆଠ ଭାଇଭଉଣୀଙ୍କ ଦାୟିତ୍ୱ ନେଇଥିବା ଶିକ୍ଷକ ପିତାଙ୍କର ପ୍ରଚଣ୍ଡ ସ୍ୱାଭିମାନ, ମୂଲ୍ୟବୋଧର ଶିକ୍ଷା ଭିତରେ ଆର୍ଥିକ ଅଭାବ, ଅସୁବିଧା ତାଙ୍କର ବାଲ୍ୟସ୍ମୃତିର ଏକ ସଜଳ ଅଂଶ । ଏମିତିକି ରେଭେନ୍ସା କଲେଜ୍‌ରେ ପାଠ ପଢ଼ିବା ଯାଏଁ ବି ଆର୍ଥିକ ସ୍ୱଚ୍ଛଳତା ଆଦୌ ନଥିଲା । ଛାତ୍ରବୃତ୍ତି ବାବଦରେ ସେ ପାଉଥିବା ମାସିକ ୩୦ଟଙ୍କା ହଷ୍ଟେଲ୍ ଖର୍ଚ୍ଚ ପାଇଁ ଯଥେଷ୍ଟ ହୁଏ ନାହିଁ । ତଥାପି ବାପା ଥିଲେ ଭାଗ୍ୟବାଦୀ । ବାପାଙ୍କ ଭଳି କବି ରମାକାନ୍ତ ବି ବେଶ୍ ଭାଗ୍ୟରେ ବିଶ୍ୱାସ କରନ୍ତି ।

ଏବେ ବି କେବେକେବେ ମୋ ହାତକୁ ସେ ବଢ଼େଇ ଦିଅନ୍ତି ଗୋଟେ ଛୋଟ କାଗଜରେ ତାଙ୍କ ଜାତକର ଟିପ୍‌ପଣୀ-

ଆଉ ଲେଖାଥାଏ : ରମାକାନ୍ତ ରଥ, ଜନ୍ମ ସଂଧ୍ୟା ୬.୫୦ ମିନିଟ୍, ଜନ୍ମ ତାରିଖ-୧୩.୧୨.୧୯୩୪, କୁମ୍ଭ ରାଶି, ଜନ୍ମସ୍ଥାନ-କଟକ ।

"ଆପଣ ଭାଗ୍ୟରେ ବିଶ୍ୱାସ କରନ୍ତି ?" ମୁଁ କେବେ କେବେ ପଚାରିଦିଏ ।

"ହଁ, ବହୁତ ବେଶୀ । ଆଜିକାଲି ତ ବହୁତ ଜାଣିବାକୁ ଇଚ୍ଛା ହୁଏ ଆଉ କଣ କଣ ଅଛି ଭାଗ୍ୟରେ ।" କବିପତ୍ନୀ ଅସନ୍ତୁଷ୍ଟ ହୁଅନ୍ତି । ମତେ ତାଗିଦ୍ କରନ୍ତି, "ନାଇଁ ନାଇଁ, ଆଉ ଜ୍ୟୋତିଷ ପାଖକୁ ନେବନି ଏ ଟିପ୍ପଣୀ । ଯେତିକି ହେଇଛି ହେଇଛି ।"

କିନ୍ତୁ ପ୍ରତିଥର ମତେ ଦେଖିଲେ କବିଙ୍କର ସେଇ ସମାନ ପ୍ରଶ୍ନ: "ଆଉ ଟିକିଏ ଦେଖେଇ ହେବନି ଜାତକ ? ସେ ଯୋଉ ଜ୍ୟୋତିଷକୁ ଦେଖେଇଥିଲ, ସେ ଠିକ୍ ଠିକ୍ କହିଥିଲେ ।"

ମୁଁ କଥା ଭୁଲେଇ ଦେବାକୁ ଚେଷ୍ଟା କରେ । ସେତେବେଳେ କେମିତି ଅତି କମ୍ ଆୟୋଜନରେ ବାହାଘର ହେଉଥିଲା, ପ୍ରଶାସନିକ ସେବାରେ ନିଷ୍ଠାପରତା ଯୋଗୁଁ ମୁଖ୍ୟମନ୍ତ୍ରୀମାନଙ୍କ ସହ ସୁସମ୍ପର୍କ ଠୁ ଆରମ୍ଭ କରି ନିଜର ସଙ୍କୋଚପଣିଆ ଯୋଗୁଁ ପରିବାର ଭୋଗିଥିବା କଷ୍ଟକର ଦିନସବୁ... କେତେକେତେ କଥା ଆସେ ତାଙ୍କ ଗପ ଭିତରକୁ ।

ଗୋଟେ ସୁନ୍ଦର, ସଫଳ ଜୀବନ । କବିତା ପରି ଛଳଛଳ, ଅଥଚ ଆତ୍ମମନସ୍କ । ଆଖିରେ ଏତେ କୋମଳତା, ଶିଶୁସୁଲଭ ଦୃଷ୍ଟି ଅଥଚ



## ରମାକାନ୍ତ ରଥ : ଏମାନେ ଯାହା କହନ୍ତି...



ଆଧୁନିକ କବିତାକୁ ଏକ ଶକ୍ତିଶାଳୀ ଭିନ୍ନ ମୋଡ଼ ଦେଇଥିବା କବି ରମାକାନ୍ତ ମୋର କାବ୍ୟଗୁରୁ । ତାଙ୍କର କାବ୍ୟଚେତନା ହିଁ ମୋତେ ପ୍ରଥମେ ଚିହ୍ନାଇଥିଲା ଦୁର୍ନିବାର ନିୟତି, ପ୍ରେମ ଓ ମୃତ୍ୟୁ କିଭଳି ଭାବେ ମଣିଷର ଅସ୍ତିତ୍ୱକୁ ପ୍ରଭାବିତ କରିଥାନ୍ତି ।

**ମମତା ଦାଶ,** କବି



କଥ୍ୟ ଓ କାବ୍ୟରୀତିର ଅପୂର୍ବ ସମନ୍ୱୟ ଘଟାଇ ରମାକାନ୍ତ ରଥ ଏକ ଅନନ୍ୟ ଆଙ୍ଗିକର ସୂତ୍ରପାତ କରିଛନ୍ତି । ଅସ୍ତିତ୍ୱବାଦର ଅସ୍ତଛାୟା ଅବଶ୍ୟ ତାଙ୍କ କବିତା ଉପରେ ପଡ଼ିଛି । ଜୀବନର ଅନିଶ୍ଚିତତା ଓ ସନ୍ଦିଗ୍ଧତା ତାଙ୍କ କବିତାର ଚାଳିକା ଶକ୍ତି । ମୁଖ୍ୟସ୍ରୋତରେ ଜୀବନ ଠାରୁ କବିତାକୁ ଦୂରେଇ ରଖି ଏତେ ଦୀର୍ଘକାଳ କବିତା ଲେଖି ଚାଲିବା ତାଙ୍କ ବିଶେଷତ୍ୱ । ହଁ, ପାଠକ ହିସାବରେ ତାଙ୍କ କବିତାରୁ ମୁଁ ଆଶା ରଖିଥିଲି ସ୍ୱାଧୀନୋତ୍ତର ଭାରତୀୟ ଜୀବନର ସ୍ୱପ୍ନଭଙ୍ଗ, 'ଶ୍ରୀରାଧା' ନୁହେଁ । ବେଳେବେଳେ ଲାଗେ, ରମାକାନ୍ତଙ୍କ ଗପଗୁଡ଼ିକ ତାଙ୍କ କବିତାର ସଂପ୍ରସାରଣ । ତାଙ୍କର କେତୋଟି ଗପ ମତେ ବେଶ୍ ଆଲୋଡ଼ିତ କରିଛି ।

**ପବିତ୍ର ମୋହନ ଦାଶ,** କବି



ନିଜକୁ ନିଜ ଚଉକତିକୁ ଶ୍ଳେଷ କରି କବିତା ଲେଖିବାରେ ଓଡ଼ିଆ ଆଧୁନିକ କବିତାର ଏକମାତ୍ର କବି ରମାକାନ୍ତ ରଥ । ଆଧୁନିକତା ଯେ ମାନବିକ ସମ୍ବେଦନାର ଅପାରଗତା, ତାକୁ ସେ ଚିର ବୟାନ କରି ଆସିଛନ୍ତି । ତାଙ୍କ କବିତାର ସମର୍ପଣ ଓଡ଼ିଆ କାବ୍ୟ ପରମ୍ପରାର ବ୍ୟତିକ୍ରମ ।

**ଭାରତ ମାଝି,** କବି



ପ୍ରଣମ୍ୟ କବି ଶ୍ରୀ ରମାକାନ୍ତ ରଥଙ୍କ ପ୍ରତି ଆକର୍ଷଣ ମୋର ଖୁବ୍ ପିଲାବେଳୁ । ନନାଙ୍କ ପରି ଆଲମିରାରେ ଯେବେ 'ସପ୍ତମ ଋତୁ' ଶୀର୍ଷକ ବହିଟିକୁ ମୁଁ ଦେଖେ, ସେତେବେଳେ ମୋ ଭିତରେ ଉତ୍କଣ୍ଠା ଜାଗେ- 'ସପ୍ତମ ଋତୁ' କଣ ! ଅନେକବାର ସେ ବୟସରେ, ସେ ବହିଟିକୁ ପଢି ବସେ । ବୁଝେ କିଛି କିଛି । ମାତ୍ର ସେ ରଚନାଶୈଳୀ ନିଜ ଭିତରେ ଏକ ଛନ୍ଦ ସୃଷ୍ଟି କରୁଥାଏ, ଯାହାର ଦିବ୍ୟ ଆଲୋକ ପଛେ ପଛେ ଯେ କେହି ଅନୁଧାବନ କରିବାର ଲୋଭ ସମ୍ବରଣ କରିପାରେ ନାହିଁ । ରମାକାନ୍ତ ସାର୍‌ଙ୍କ କବିତାରେ ଅନେକତ୍ର ଏପିକ୍ ସିମିଲିର ବ୍ୟବହାର ଦେଖେ, ଖୁବ୍ ଅଭିଭୂତ କରିଦିଏ ଏ ଚିତ୍ରର ସ୍ରୋତ... । ସମକାଳ ତଥା ଉତ୍ତରପିଢିର ପ୍ରତ୍ୟେକ କବି ସାହିତ୍ୟିକଙ୍କୁ ଶ୍ରୀ ରମାକାନ୍ତ ରଥଙ୍କ କାବ୍ୟ ଚମତ୍କାରିତା ମୋହାଚ୍ଛନ୍ନ ଓ ଆବିଷ୍ଟ କରି ରଖିଥିବ ।

**ଈପ୍‌ସିତା ଷଡ଼ଙ୍ଗୀ,** କବି



ଅନେକ କାବ୍ୟଗ୍ରନ୍ଥର ରଚୟିତା ସରସ୍ୱତୀ ସମ୍ମାନପ୍ରାପ୍ତ ଓ ପଦ୍ମଭୂଷଣରେ ଶୋଭିତ ଦାର୍ଶନିକ କବି ଶ୍ରୀ ରମାକାନ୍ତ ରଥ ସାଧାରଣ ପାଠକମାନଙ୍କ ନିକଟରେ ମୁଖ୍ୟତଃ 'ଶ୍ରୀରାଧା'ର କବି ଭାବେ ପରିଚିତ । ଏଇ ଦାର୍ଶନିକ କବିଙ୍କ କାବ୍ୟଶୈଳୀରେ ପାର୍ଥିବ ଆବଶ୍ୟକତା ଓ ଭୌତିକ ଇଚ୍ଛାର ପୂର୍ତ୍ତି ପାଇଁ ବ୍ୟକ୍ତିର ଅନ୍ତର୍ମୁଖୀ ସୂକ୍ଷ୍ମ ଅନୁସନ୍ଧାନର ଧାରା ଅନ୍ତର୍ନିହିତ । କବିଙ୍କ କବିତା ବୈରାଗ୍ୟ- ଉଦାସ ଭାବ ରେ ପରିପୂର୍ଣ୍ଣ ଓ ମୃତ୍ୟୁର ଅନିବାର୍ଯ୍ୟତା ମଧ୍ୟ ପ୍ରତିଫଳିତ ।

**ନବଜ୍ୟୋତି ରାୟ,** କବି



ବ୍ୟକ୍ତିତ୍ୱରେ ଅପୂର୍ବ ଉଜ୍ଜ୍ୱଳତା । କେତେ ଅଙ୍କାବଙ୍କା ରାସ୍ତା, ପରିବାରର ଦାୟଦାୟିତ୍ୱକୁ ଅବହେଳା କରିଥିବାର କିଂଚିତ୍ କଷ୍ଟ, ସାହିତ୍ୟ-ଜୀବନର ସବୁ ପ୍ରାପ୍ତି- ଏସବୁକୁ ସଜାଡ଼ି ଲେଖିଲେ କବିଙ୍କର ପ୍ରିୟ ପାଠକ, ପାଠିକାମାନେ କେତେ ପୁଲକିତ ହୁଅନ୍ତେ ପଢ଼ିବାକୁ ? ମୁଁ ତ ଏକଥା ବି କହେ ଯେ: "ଯଦି ଆପଣ କହିବେ, ମୁଁ ଲେଖିଦେବି କିଛି କିଛି । ଆପଣ ଯାହା ଯେମିତି କହିବେ । ଆପଣ ଖାଲି ଆରମ୍ଭ କରିବା ପାଇଁ ରାଜି ହେଇ ମନ ସ୍ଥିର କରନ୍ତୁ ।"

"ଏବେ ତ ହାତ ଥରୁଛି ମୋର, ଆଉ କଣ ଲେଖିବି ?" କହି ସେ ମତେ ଭୁଲେଇବେ । ମୁଁ ପୁଣି କହିବି: "ମୋ ହାତରେ ଲେଖା ହେବ, ଆପଣ କହିବେ ଓ ମୁଁ ଲେଖିବି ।"

"ନାଇଁ, ନାଇଁ, ସେକଥା କହନି । ମୋ ଜୀବନରେ କଣ ଅଛି ? ଯାହା ବି ଅଛି, ସେଥିରୁ କେତେ କଳା ପୃଷ୍ଠା ।" ଏତେ ଅନାଗ୍ରହୀ ହେଇ ପାରନ୍ତି ନିଜକଥା ଲେଖିବାକୁ ଜଣେ ସର୍ବଜନାଦୃତ ସଫଳ ସ୍ରଷ୍ଟା, ଭାବିପାରେନି ମୁଁ । ମୁଁ ପୁଣି କହେ, "ଶହ ଶହ ଉଜ୍ଜ୍ୱଳ ପୃଷ୍ଠା ବି ଅଛି, ଆପଣ ସେସବୁ କହନ୍ତୁ । ଆମେ ଧୀରେ ଧୀରେ ଲେଖିବା । ଓଡ଼ିଆ ସାହିତ୍ୟପ୍ରେମୀଙ୍କୁ ଆପଣ ବଂଚିତ କରୁଛନ୍ତି ।"

"ନାଇଁ, ନାଇଁ" କହି ବେଶ୍ ଅନ୍ୟମନସ୍କ ଦିଶନ୍ତି କବି । ମତେ କଷ୍ଟ ଲାଗେ । ଡର ବି । କାଳେ ସେ ଆହତ ହେଉଥିବେ ମୋ କଥାରେ, ଏଇଆ ଭାବି ମୁଁ ସେ ପ୍ରସଙ୍ଗରୁ ନିବୃତ୍ତ ରହେ ।

କବିପତ୍ନୀ ସ୍ନେହର ଛଳଛଳ ମୂର୍ତ୍ତିଟିଏ ଅବା ! ମୁଁ ତାଙ୍କୁ 'ମାଉସୀ' ଡାକେ । ପାଦ ଛୁଏଁ । ସେ ମୋ ପାଇଁ କିଛି ଖାଇବା ଜିନିଷ ଆଣିବାକୁ ଘର ଭିତରକୁ ଯାଆନ୍ତି । ପ୍ରତିଥର ବଳକେଇ ବଳକେଇ କିଛି ନା କିଛି ଖାଇବାକୁ ଦେବେ ମାଉସୀ ।

ପୁଣି ରମାକାନ୍ତ ରଥଙ୍କର ସାହିତ୍ୟ-ସଂସାରର ବି ସେ ପାଳନକର୍ତ୍ତ୍ରୀ । କେବଳ କବିଙ୍କର ସଂସାର ଧର୍ମର ସହଧର୍ମିଣୀ ନୁହେଁ, ତାଙ୍କର ସମଗ୍ର ସାହିତ୍ୟ ରୁଚି, ସାହିତ୍ୟ ସଂସାରକୁ ନିଜ ହାତରେ



ଓଡ଼ିଆ କବିତାର ଆଧୁନିକ ଯୁଗରେ ଶ୍ରୀ ରମାକାନ୍ତ ରଥ ଏକ ଅନନ୍ୟ ଉଚ୍ଚାରଣ। ପ୍ରେମ ଓ ଦର୍ଶନର ଫେଣ୍ଟାଫେଣ୍ଟି ଜୀବନବୋଧର ଛଳଛଳ ତାଙ୍କ କାବ୍ୟଭାଷା, ରହସ୍ୟ ଓ ରୋମାଞ୍ଚକର ଯୋଡ଼ି ଆଲୁଅରେ ଉଦ୍‌ଭାସିତ ତାଙ୍କ ଭାବଜଗତ। ସାଧାରଣ ଜୀବନରେ ସମସ୍ତ ବିରୋଧାଭାସ ତାଙ୍କ କବିତାରେ ଖୁବ୍ ସହଜ ଓ ସୁନ୍ଦର ଦିଶନ୍ତି। ରମାକାନ୍ତଙ୍କ କଲମ ସ୍ପର୍ଶରେ କେବେ ଅପାର୍ଥିବ ତତ୍ତ୍ୱ ସବୁ ବି ବାସ୍ତବ ଲାଗନ୍ତି ତ କେବେ ଦୁଆର ସେପଟର ଦୃଶ୍ୟ ସବୁ ଲାଗନ୍ତି କଳ୍ପନାର ସପ୍ତମରତୁ ଭଳି। ଏକ ଅଦ୍ଭୁତ ନମନୀୟତାରେ ଜୁଡୁବୁଡୁ ଦିଶେ ତାଙ୍କ ଶବ୍ଦଶିଳ୍ପ, ଏକ ବିନମ୍ର ସନ୍ୟାସୀ ଭଳି ଦିଶନ୍ତି ସ୍ୱୟଂ ସେ, ପାଖରୁ ବହୁ ଦୂରରୁ।

**ସୂର୍ଯ୍ୟସ୍ନାତ ତ୍ରିପାଠୀ, କବି**



ମହାକବିମାନେ ଯେବେ ଗପ ଲେଖନ୍ତି, ସେବେ ସେ ଗପମାନେ ଆମକୁ କବିତା ଶୁଣାନ୍ତି। ରମାକାନ୍ତ ତାଙ୍କ ସୁଦୀର୍ଘ କାବ୍ୟକବିତା, ଜୀବନ ଓ ସାଧନା ଭିତରେ ଲେଖିଛନ୍ତି ବେଶ୍ କେତୋଟି ସୁଖପାଠ୍ୟ ଓ ଛାତିଛୁଆଁ ଗଳ୍ପ, ଯାହା ସଂକଳିତ ହୋଇଛି 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ଶୀର୍ଷକରେ। ଗଳ୍ପଗୁଡ଼ିକ ବେଶ୍ ଉତ୍ତୀର୍ଣ୍ଣ, ଉତ୍କଣ୍ଠାଭରା ଓ ପ୍ରାୟ ସବୁ ଗପର ଅନ୍ତଃସ୍ୱର ପ୍ରେମ। ପ୍ରେମ ଯାହା ଅବିନଶ୍ୱର, ତାକୁ ନେଇ ଉଭୟ କାବ୍ୟକବିତା ଓ ଗଳ୍ପରେ ଯେତେ ପରୀକ୍ଷା, ଯେତେ ବ୍ୟବଚ୍ଛେଦ କରିଛନ୍ତି କବି-ଗାଳ୍ପିକ ରମାକାନ୍ତ, ସବୁଥିରେ ବାରି ହେଇପଡ଼େ, ତାଙ୍କ ଛଳଛଳ କବି ହୃଦୟ।

**ସୀତେଶ ତ୍ରିପାଠୀ, ଗାଳ୍ପିକ**



ରମାକାନ୍ତ ରଥଙ୍କ ପ୍ରତ୍ୟେକ କବିତାର ଧାଡ଼ି ବେଦମନ୍ତ୍ର ପରି। ଆବେଗ ଗ୍ରସ୍ତ ଚେତନା ଓ ଚେତନା ସମୃଦ୍ଧ ଆବେଗ ବିନା ତାଙ୍କ କବିତାର ଉଚ୍ଚତା, ସୌନ୍ଦର୍ଯ୍ୟବୋଧ ଓ କଳାତ୍ମକତାକୁ ସ୍ପର୍ଶ କରିବା ସହଜସାଧ୍ୟ ନୁହେଁ। ବ୍ୟକ୍ତିଗତ ଅନୁଭବକୁ ଯେଉଁ ପରିବେଶ, ଚିତ୍ରକଳ୍ପ ଓ ପ୍ରତୀକ ମାଧ୍ୟମରେ ପ୍ରକାଶ କରନ୍ତି, ତାହା ସାର୍ଥକତାର ସହ ସମସ୍ତ ଇନ୍ଦ୍ରିୟାନୁଭବ ବାହାରେ ଆଉ ଏକ ଜଗତରେ ପାଠକକୁ ପହଞ୍ଚାଇ ଦିଏ। ଏଥିପାଇଁ କବି ରମାକାନ୍ତ ରଥ ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏଯାବତ୍ ଅନତିକ୍ରମ୍ୟ।

**ପ୍ରୀତିଧାରା ସାମଲ, କବି**



ସଚ୍ଚି ରାଉତରାୟ ଓ ଗୁରୁ ପ୍ରସାଦଙ୍କ ପରେ ବିଶିଷ୍ଟ କବି ଶ୍ରୀଯୁକ୍ତ ରମାକାନ୍ତ ରଥ ଆମ କାବ୍ୟ ସାହିତ୍ୟ ଜଗତରେ ଅନ୍ୟତମ ଧାରା ପ୍ରବର୍ତ୍ତକ କବି। ଅତି ସୂକ୍ଷ୍ମ ଓ କୋମଳ ଭାବରେ ତାଙ୍କର କାବ୍ୟଶୈଳୀ ସମନ୍ୱୟଧର୍ମୀ। ଏପରି ଶୈଳୀ ଅନନ୍ୟ ଓ ଅତୁଳନୀୟ। ପ୍ରେମ ଓ ମୃତ୍ୟୁର ସମତଳରୁ ଜୀବନକୁ ସମ୍ବୋଧନ କରି କବିତା ଲେଖିବା ତାଙ୍କ କାବ୍ୟସତ୍ତାର ସ୍ୱତନ୍ତ୍ରତା ଓ ସୌନ୍ଦର୍ଯ୍ୟ।

**ଚିରଶ୍ରୀ ଇନ୍ଦ୍ରସିଂ, କବି ଓ ଗାଳ୍ପିକ**

ସଜାଡ଼ି ରଖିଛନ୍ତି ସେ। ଏବେ ବାଣ୍ଟିବାର ବେଳ। ଆଜୀବନ ସଂଗ୍ରହ କରିଥିବା ବହୁ ଦୁର୍ମୂଲ୍ୟ ବହିପତ୍ର, ପତ୍ରପତ୍ରିକା, କାଗଜପତ୍ର ସବୁକୁ ଏବେ ସେ ନିଜେ ହିଁ ପେଟି ଭିତରେ ସଜାଡ଼ି ମତେ ଦିଅନ୍ତି। ପଚାରି ବୁଝି ନିଅନ୍ତି, "ଏସବୁ କୋଉଠି ରଖିବ ମା?" ଆମ ଅଡ଼ଶପୁର କଲେଜ୍ ଲାଇବ୍ରେରୀର ଗୋଟିଏ ଥାକରେ ଏବେ କେବଳ କବିଙ୍କ ଘରୁ ଆସିଥିବା ବହିସବୁର ମୁହଁମାନେ ଦିଶୁଥାନ୍ତି। ଆହୁରି କେତେ କାହାକୁ ବାଣ୍ଟି ସାରିଲେଣି ବହିସବୁ।

ଗତ ସପ୍ତାହରେ ଦେଖା ହେବାବେଳକୁ ଆମେ ଖୁବ୍ ସମୟ କଥା ହେଲୁ 'ଶ୍ରୀରାଧା' ଓ 'ଶ୍ରୀପଳାତକ' ସଂପର୍କରେ। ମୋ ହାତରେ ସେ ଖୁବ୍ ଆଗ୍ରହରେ ଦେଲେ ତାଙ୍କର ନିକଟରେ ପ୍ରକାଶିତ କବିତା ସଂକଳନ 'ଦୁଆର ଏପଟୁ' ଓ ରବି ଶତପଥୀଙ୍କ କଣ୍ଠରେ ସଂଚିତ 'ଶ୍ରୀରାଧା'ର ଅଡ଼ିଓ କ୍ୟାସେଟ୍।

"ମୋତେ ଲେଖିବାକୁ ଏଗାର ବର୍ଷ ସମୟ ଲାଗିଥିଲା 'ଶ୍ରୀପଳାତକ'। ଖୁବ୍ ବ୍ୟସ୍ତତାର ଓ ପରିଶ୍ରମର ଦିନ ଥିଲା ସେସବୁ। କିନ୍ତୁ 'ଶ୍ରୀରାଧା' ଛଅ ବର୍ଷରେ ସରିଥିଲା। ମତେ ଲାଗିଲା, କେହିଜଣେ ଆସି ଡାକି ଦେଇ ଯାଉଛି 'ଶ୍ରୀରାଧା'ର କବିତାସବୁ ଯେମିତି।"

ଟିକିଏ ଅନ୍ୟମନସ୍କ ହେଇ ଅଟକି ଯାଆନ୍ତି କବି ଏଇଠି, ଅନେକଥର ଏଇ କଥାଟି କହିଛନ୍ତି ସେ। ହୁଏତ କେତେ ସାକ୍ଷାତ୍‌କାରରେ ବି ସ୍ୱୀକାର କରିଛନ୍ତି ଯେ 'ଶ୍ରୀରାଧା' ଲେଖିବାର ସବୁତକ ଶ୍ରେୟ ବ୍ୟକ୍ତିଗତ ଭାବେ ତାଙ୍କର ନୁହେଁ, କେହିଜଣେ ଅଦୃଶ୍ୟ, ଅବ୍ୟକ୍ତ ସତ୍ତା ତାଙ୍କ ଦ୍ୱାରା ଲେଖେଇ ଦେଉଥିଲା ସତେ କି!

କବିତା ସହ ଆତ୍ମମଗ୍ନ ହେବାର ଏ ତଲ୍ଲୀନ ଅନୁଭବ କଦବା କ୍ୱଚିତ୍ କେତେକଙ୍କ ଭାଗ୍ୟରେ ଆସେ। ରମାକାନ୍ତ ସେମିତି ଜଣେ କବି। ସହସ୍ର କବିତାର ସ୍ରଷ୍ଟା ସେ। ଅଥଚ ଏବେ ବି ନମ୍ର ଭାବରେ କହି ପାରନ୍ତି: "କଣ ବା ଲେଖି ପାରିଛି ମୁଁ!"

କେବେ କେବେ କହନ୍ତି, "ପରିବାର ପ୍ରତି, ମୋ ପିଲାମାନଙ୍କ ପ୍ରତି ସମୟ ଦେଇପାରିନି ଯଥେଷ୍ଟ ଭାବରେ। ଏବେ କେବଳ ସେ ସମୟ କଥା ଭାବିଲେ ଲାଗୁଛି ଯେମିତି ଏସବୁ ମୋର ଇଚ୍ଛାକୃତ ନୁହେଁ। ସବୁକଥା ସେମାନଙ୍କ ମାଆ ହିଁ କରିଛନ୍ତି।" ସବୁ ସଫଳ ପୁରୁଷଙ୍କ ପଛରେ ଜଣେ ନାରୀର ଆତ୍ମୋତ୍ସର୍ଗର କାହାଣୀ ଥାଏ। ଏହା ଯେତେ ପୁରୁଣା ହେଲେ ମଧ୍ୟ ସେତିକି ପ୍ରମାଣସିଦ୍ଧ। କବିପତ୍ନୀ ଶାନ୍ତି ଦେବୀ ସେମିତି ନିଜକୁ ବାଣ୍ଟି ଦେଇଛନ୍ତି ଆଜୀବନ କବିଙ୍କର ସାଂସାରିକ ଦାୟିତ୍ୱ ସହ ସାହିତ୍ୟର ସଂସାରକୁ ସଜାଡ଼ିବାରେ। ମାତ୍ର ପନ୍ଦର ବର୍ଷ ବୟସରେ

## ଅକ୍ଷରେ ରମାକାନ୍ତ



ମାତା: **ଶ୍ରୀମତୀ ପାର୍ବତୀ ଦେବୀ**
ପିତା: **ଶ୍ରୀଯୁକ୍ତ ଲୋକନାଥ ମହାପାତ୍ର**
ଅଜା: **ପଣ୍ଡିତ ବିଶ୍ୱନାଥ ରଥ, ପୋଷ୍ୟପୁତ୍ର ଥିଲେ**
ଜନ୍ମ ତାରିଖ: **୧୩.୧୨.୧୯୩୪**
ଜନ୍ମସ୍ଥାନ : **କଟକ**
ରାଶି : **କୁମ୍ଭ**
ପ୍ରଥମ କବିତା ସଂକଳନ : **କେତେ ଦିନର(୧୯୬୨)**
ପ୍ରିୟ କବି : **ପାବ୍ଲୋ ନେରୁଦା**
ବିବାହ ତାରିଖ : **୨୧ ଜାନୁଆରୀ, ୧୯୫୭**
ପତ୍ନୀ : **ଶ୍ରୀମତୀ ଶାନ୍ତି ଦେବୀ**
ପ୍ରିୟ ନାରୀ : **ମା' ଓ ପତ୍ନୀ**
ପ୍ରିୟ ଖାଦ୍ୟ : **ପୁରୀ ଖଜା, ଛେନାପୋଡ଼ ଓ ଘର ତିଆରି ମିଠା**
ସନ୍ତାନସନ୍ତତି : **ଗୋଟିଏ ପୁଅ, ତିନିଜଣ କନ୍ୟା**
ବୃତ୍ତି : **ଭାରତୀୟ ପ୍ରଶାସନିକ ସେବା (୧୯୫୮)**
**ମୁଖ୍ୟ ସଚିବ ପଦରେ ଥାଇ ଅବସର ଗ୍ରହଣ (୧୯୯୨)**
ସର୍ବୋଚ୍ଚ ପୁରସ୍କାର : **ପଦ୍ମଭୂଷଣ ସମ୍ମାନ, ସରସ୍ୱତୀ ସମ୍ମାନ**



ପାଠପଢ଼ା ଓ ବିଭିନ୍ନ ସାଂସ୍କୃତିକ ରୁଚିକୁ ପଛରେ ପକାଇ ବାହା ହୋଇଥିଲେ କବିଙ୍କୁ । ଉପରେ ଚାରି ଭାଇ ଓ ତଳେ ଚାରି ଭାଇଙ୍କର ଅପରିସୀମ ସ୍ନେହର ବେଷ୍ଟନୀରେ ବଡ଼ ହୋଇଥିବା ଶାନ୍ତିଦେବୀ ଗୀତ ଗାଇବା, ଅନ୍ନପୂର୍ଣ୍ଣା ଥିଏଟର୍‌ରେ ଅଭିନୟ କରିବା, ବକ୍ତୃତା ଦେବା- ସବୁଥିରେ ଦକ୍ଷ ଥିଲେ । ଏମିତିକି ଅଖିଳ ଭାରତୀୟ ଜାମ୍ବୋରୀରେ ଓଡ଼ିଶାର ଝିଅମାନଙ୍କର ଗାଇଡ୍ ତରଫରୁ ପ୍ରତିନିଧି କରିବାକୁ ସେତେବେଳେ ରାଜସ୍ଥାନ ଯାଇଥିଲେ । ସେହି ରାଜସ୍ଥାନରୁ ଫେରି ଆସିବାର ଅଳ୍ପ କେଇମାସ ପରେ ହିଁ ବିବାହ ହୋଇଥିଲା ତାଙ୍କର, ସୌମ୍ୟକାନ୍ତ ରମାକାନ୍ତଙ୍କ ସହିତ ।

ବିବାହ ପରେ ପରେ ହିଁ ଆଇ.ଏ.ଏସ୍. ପାଆନ୍ତି ରମାକାନ୍ତ । ଆଇ.ଏ.ଏସ୍.ର ଟ୍ରେନିଂ ପାଇଁ ଯାଆନ୍ତି ତିନିବର୍ଷ, ଯେଉଁ ସମୟରେ ଶାନ୍ତିଦେବୀ ଶ୍ୱଶୁର ଶ୍ରୀଯୁକ୍ତ ଲୋକନାଥ ମହାପାତ୍ରଙ୍କ ପାଖରେ ଶିକ୍ଷାଗ୍ରହଣ କରନ୍ତି । ଜୀବନ ସହଜ ହୋଇନି ସବୁବେଳେ । କାର୍ଯ୍ୟବ୍ୟସ୍ତ, କର୍ମଠ ଓ କର୍ତ୍ତବ୍ୟ ପରାୟଣ ପ୍ରଶାସନିକ ଅଫିସର୍‌ଙ୍କର ପତ୍ନୀ ଭାବେ ସେ ଆବଶ୍ୟକତା ଠାରୁ ଅଧିକ ଦାୟିତ୍ୱଶୀଳା ହୋଇଛନ୍ତି । ରମାକାନ୍ତଙ୍କର ବଡ଼ ପରିବାରର ଦାୟିତ୍ୱ ସହ ନିଜ ପିଲାମାନଙ୍କର ପାଠପଢ଼ା ଓ ଘରସଂସାରର ସବୁ ଦାୟିତ୍ୱ ନିଜେ ହିଁ ନେଇଛନ୍ତି । ଆଜି ବି ସେ ଏତେ କର୍ମଚଞ୍ଚଳ ଯେ ଦେଖିଲେ ବିସ୍ମିତ ହେବାକୁ ପଡ଼େ । ଏବେ ବି କେହି ପହଞ୍ଚଗଲେ ସେ ହାତ ତିଆରି ଖାଦ୍ୟ ଦେବାକୁ ଚାହାନ୍ତି ।

ନିକଟରେ ଆଣ୍ଠୁ ଅପରେସନ୍ ହୋଇଥିବା ସତ୍ତ୍ୱେ ସେ କେବେ ସେ କଷ୍ଟ କଥା କହିବାକୁ ଚାହିଁନାହାନ୍ତି । ପଚାରିଲେ ହିଁ କହନ୍ତି, "ଭାରି କଷ୍ଟ, ଜାଣିଥିଲେ ଅପରେସନ୍ କରିନଥାନ୍ତି ଜମାରୁ ।" ଏତେ କଷ୍ଟ ସତ୍ତ୍ୱେ ସେ ଏବେ ବି ତିଆରି କରନ୍ତି ସ୍ୱାମୀଙ୍କର ପ୍ରିୟ ମିଠା ସବୁ । କୋଭିଡ୍ ସମୟରେ ନିଜ କଷ୍ଟ କଥା ଭୁଲି ପାଦେପାଦେ ଜଗି ରହିଥାନ୍ତି କବିଙ୍କୁ ।

ଅନେକ ସମୟରେ ଉଭୟଙ୍କ ପାଖରୁ କଥା ଶୁଣିବା ବେଳେ ମତେ ବିସ୍ମିତ ହେବାକୁ ହୁଏ, ମାଉସୀଙ୍କର କର୍ତ୍ତବ୍ୟନିଷ୍ଠା ଦେଖି । କଥା ହେଉଥିବା ସମୟରେ ବି ସେ କେଉଁ ସମୟରେ କବିଙ୍କ ଆଖିରେ ଡ୍ରପ୍ ପଡ଼ିବ, କେଉଁ ସମୟରେ ସେ ମିଠା ଖାଇବେ, କେତେବେଳେ କେଉଁ ବହିଟି ଦରକାର ବା କେତେବେଳେ ସେ ଟିକିଏ କଣ ଚାହୁଁଛନ୍ତି, କିଛି କହିବାକୁ ପଡ଼େନା । ଏତେ ବେଶୀ ଭାବରେ ସେ କବିଙ୍କର ସବୁ ସମୟର ଆବଶ୍ୟକତା ପାଇଁ ଯତ୍ନଶୀଳ ହୋଇ ରହିଥାଆନ୍ତି ଯେ, ନଦେଖିଲେ ବିଶ୍ୱାସ କରିହୁଏନି ।

ରମାକାନ୍ତ ରଥ, ଆକାଶଛୁଆଁ କବି ପ୍ରତିଭା, ଆମର ଗର୍ବ ଗୌରବ ଓ ଚିରଦିନ ପାଇଁ ଓଡ଼ିଆ ସାହିତ୍ୟର କବି ମନିଷୀ । ଏସବୁ ସତ୍ତ୍ୱେ ବର୍ତ୍ତମାନର ରମାକାନ୍ତ ରଥ ସତେ ଯେମିତି ନିଷ୍ପାପ ଶିଶୁଟିଏ । ତାଙ୍କ ଆଖିର ଦୃଷ୍ଟିରେ ନାହିଁ ତିଳେ ମାତ୍ର ଅହଂକାର ।

ଭାରି ଭଲପାଆନ୍ତି କେହିଜଣେ ପହଞ୍ଚଗଲେ ଘରେ । ଏବେ ମହାମାରୀର ଏ ଅନିଶ୍ଚିତତା ସମୟରେ ସାହିତ୍ୟ ସଭା ନାହିଁ । ବାହାରକୁ ବାହାରିବାର ବିଶେଷ ଅବକାଶ ବି ନାହିଁ । କେହି ଅତିଥି ଆସିବାର ନାହିଁ । "ଆଜିକାଲି ନିଜ କବିତା ପଢିଲେ ବି ବିଶ୍ୱାସ ହେଉନି ଯେ ସେସବୁ ମୁଁ ଲେଖିଥିଲି କେବେ !"

ଗତ ସପ୍ତାହରେ ଦେଖା ହେବା ବେଳେ ମୁଁ ଟିକିଏ ଅଧିକା ସମୟ ରହିଥିଲି । ସାଙ୍ଗରେ ନେଇ ଯାଇଥିଲି ତାଙ୍କର ପ୍ରିୟ ମିଠା ଛେନାପୋଡ଼ । ଭାରି ଖୁସି ହେଲେ ସେ । ଆଜିକାଲି ମିଠା ଛଡ଼ା ଆଉ କିଛି ଖାଇବାକୁ ଭଲପାଉନାହାନ୍ତି ବୋଲି ମାଉସୀ କହୁଥିଲେ । ମୁଁ କହିଲି, "ଗୋଟେ ଫଟୋ ଉଠେଇଥାନ୍ତି ।' ହସି ଦେଇ କହିଲେ, "ମୋତେ ଆଗରୁ କହିଲନି, ମୁଁ ଟିକିଏ ପାଉଡ଼ର ଲଗେଇ ବସିଥାନ୍ତି !" ରସିକତା ବି କରନ୍ତି ସେ ଏମିତି ।

"ଆପଣଙ୍କର ବିନା ପାଉଡ଼ର ମଖା ମୁହଁ ପାଖରେ ସବୁ ମଳିନ" ବୋଲି କହି ମୁଁ ହସିଦେଲି ଈଷତ୍ । ସେ କଥା ଭୁଲିଗଲେ । ମୋ ହାତରେ ଥିବା 'ଶ୍ରୀପଳାତକ' ବହିକୁ ନେଇ ଏପଟସେପଟ କରି ଦେଖିଲେ । ପଚାରିଲି, "ଏ ସଂକଳନର ସବୁଠୁ ପ୍ରିୟ କବିତା କୋଉଟା ?"

ସେ ପୃଷ୍ଠା ଓଲଟାଇଲେ । ଗୋଟେ କବିତା ଦେଖେଇଲେ । ମୁଁ ପଢ଼ିଲି ତାଙ୍କର ସେଇ ପ୍ରିୟ କବିତା । ସେ କବିତାଟିକୁ ଏଠି ଉଦ୍ଧାର କରୁଛି ତାଙ୍କର ଅଗଣିତ ପାଠକପାଠିକାଙ୍କ ପାଇଁ । 'ଶ୍ରୀ ପଳାତକ'ର ୩୬ ସଂଖ୍ୟାର କବିତା :

"ପାଣି ନିଅ ପାଣି ନିଅ
ହେ ପିତୃପୁରୁଷ,
ଜାତି ଭାଇମାନେ ନିଅ, ଶତ୍ରୁପକ୍ଷ ଓ ମିତ୍ରପକ୍ଷର
ଯୁଦ୍ଧରେ ନିହତ ସୈନ୍ୟ ସେନାପତିମାନେ
ପାଣି ନିଅ, ଅନ୍ନ ଦେଲି
ଅନ୍ନ ନିଅ, ଏ ଯୁଦ୍ଧ କ୍ଷେତ୍ରରେ
ପାଣି ଦେଲି, ଅନ୍ନ ଦେଲି
ତମ ଉଦ୍ଦେଶ୍ୟରେ ।




ଆଉ ଯଦି କିଛି ଚାହଁ
ମତେ କହ ନାହିଁ ।
ମୁଁ ନ ଦେଇ ପାରିଥିବା ଲମ୍ବା ତାଲିକାରେ
ଅନ୍ୟାନ୍ୟ ସାମଗ୍ରୀ ଆଉ ନ ଯୋଡ଼ି ଲେଉଟ
ମୁନ୍ଦେ ପାଣି ମୁଠେ ଅନ୍ନ ନେଇ ।

ଏତେ ବର୍ଷ କାଟିଲି ମୁଁ
ତମରି ସାଙ୍ଗରେ
ପୁଣି ତ ତମରି ସାଙ୍ଗେ
ଉଡ଼ିବି ମୁଁ ଦିନା କେତେ ପରେ
ମୋ ପାଖରେ ଯାହା ଅଛି
ପାଣି ଆଉ ଅନ୍ନ ଛାଡ଼ି ଦେଲେ
ସ୍ୱର୍ଗତ ଆତ୍ମାକୁ କଣ
ତାହା କିଏ ଦିଏ କେବେ ହେଲେ ?

ତାକୁ ଧରି ଆଜୀବନ ମୁଁ ଚଳପ୍ରଚଳ
ହେଲି ସିନା, ମୁଁ ଭୁଷୁଡ଼ି ପଡ଼େ
ଦୁଲ୍‌ଦାଲ୍, ସେତେବେଳେ ମୋର
ଆର୍ତ୍ତନାଦ ଝୁଣିଦିଏ
ଆକାଶ ପାତାଳ ।

ପାଣି ଦେଲି ଅନ୍ନ ଦେଲି
କାନ୍ଦକାନ୍ଦ ହୋଇ ।
ଏତକ ବି ପାଇବାର
ଆଶା ମୋର ନାହିଁ



ଏଥର ସ୍ୱସ୍ଥାନେ ଯାଅ,
ଦେଖ ସୂର୍ଯ୍ୟ ବୁଡ଼ିବା ଉପରେ ।
ଦେଖ, ମୋ ନିଜ ପାଇଁ ବି
ପାଣି ନାହିଁ, ଅନ୍ନ ନାହିଁ
କିଛି ନାହିଁ ଖାଲି
ଅଛି ଯାହା ମୁଁ ତମକୁ
ନ ଦେଇ ରଖିଲି ।**( ରମାକାନ୍ତ ରଥ/ଶ୍ରୀପଳାତକ)**

ନିଜ ସଂପର୍କରେ, ନିଜ ଜୀବନ ସଂପର୍କରେ କହିବା ପାଇଁ ସଚରାଚର ଦିଶୁଥିବା ବ୍ୟାକୁଳତା କବି ରମାକାନ୍ତ ରଥଙ୍କ ଠାରେ ଆଦୌ ନାହିଁ । କବିଟିଏ ତାର ସବୁ ବକ୍ତବ୍ୟ କବିତାରେ ହିଁ କହି ସାରିଥାଏ- ଏମିତି କଥାରେ ବିଶ୍ୱାସୀ ରମାକାନ୍ତ ନିଜ ବିଷୟରେ କହିବା ପାଇଁ ବରଂ ଉଦାସୀନ ଓ ନିସ୍ପୃହ ସବୁବେଳେ । ଅଥଚ ତାଙ୍କର ପ୍ରାୟ ସବୁ କବିତା ପ୍ରଥମ ପୁରୁଷରେ ହିଁ ଲେଖା ହେଇଥାଏ, ଯାହାକୁ ଆତ୍ମଜୀବନୀ ଧର୍ମୀ କୁହା ଯାଇପାରେ ।

ଜୀବନ ଭଳି ଲେଖାଲେଖି ବାବଦରେ ବି ସେ ଖୁଉବ୍ ଅଦୃଷ୍ଟବାଦୀ । ଲେଖାଟିଏ କେବଳ ତାଙ୍କୁ ମାଧ୍ୟମ କରି ଅବତରଣ କରେ, ଏଇ କଥାଟି ହିଁ କହନ୍ତି ସେ ବାରମ୍ବାର । ଅସଂଖ୍ୟ କବିତା, କବିତା ପାଇଁ ଅକଳନ ପ୍ରଶଂସା, ପୁରସ୍କାର ଓ ଅସରନ୍ତି ପାଠକୀୟତା ସତ୍ତ୍ୱେ କବିଙ୍କର ଗୋଟିଏ ଗଳ୍ପ ସଂକଳନ ବି ରହିଛି । 'ଅଗ୍ରଦୂତ' ଦ୍ୱାରା ପ୍ରକାଶିତ ଏ ଗଳ୍ପ ସଂକଳନ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ରେ ବାଇଶଟି ଗଳ୍ପ ରହିଛି । ରମାକାନ୍ତଙ୍କର ପାଠକମାନଙ୍କ ପାଇଁ ତାଙ୍କ ଗଳ୍ପସବୁ ବି ଖୁବ୍ ଶକ୍ତିଶାଳୀ ଓ ପ୍ରିୟଭାଜନ । ଗଳ୍ପ ସମ୍ପର୍କରେ ସେ କହନ୍ତି ଯେ "ମୁଁ ଗଳ୍ପ ସାହିତ୍ୟର ମୂଲକରେ ଜଣେ ପର୍ଯ୍ୟଟକ, ତାର ଅଧିବାସୀ ନୁହେଁ...ପର୍ଯ୍ୟଟନର ମିଆଦ ସରିଗଲା ପରି ଲାଗୁଛି ।" ତାଙ୍କର ଏ ସଂକଳନସ୍ଥ ରକ୍ଷୀ, ଝିଅ, ମହିଷାସୁର ବଧ ଆଦି ଗପ ପ୍ରଚୁର ପାଠକୀୟତା ଲାଭ କରିଛି ।

ସୃଜନମନସ୍କ କବି ରମାକାନ୍ତ ଭଲପାଆନ୍ତି ସବୁଜିମାକୁ, ଗଛପତ୍ରକୁ, ଋତୁ ଋତୁର ବିଭିନ୍ନ ରଂଗର ଫୁଲମାନଙ୍କୁ । ଭଲପାଆନ୍ତି ଘର ତିଆରି ଖାଦ୍ୟ, ଭଲ ପାଆନ୍ତି ପରିବାରର ସମସ୍ତଙ୍କର ଉପସ୍ଥିତି । ପ୍ରେମ ଓ ଭଲପାଇବାର କବି ସେ । ଅଥଚ ତାଙ୍କୁ ଯେତେଥର ଦେଖେ, ଲାଗେ ଯେମିତି ସେ ଏଇଠି ନାହାନ୍ତି ।


କବିତା ବହିଟିଏ ହାତରେ ଧରିବା ବେଳର ତାଙ୍କର ବିଭୋରପଣ, କାହାକୁ ଅପେକ୍ଷା କରି ସମୟ ବିତି ଯାଉଥିଲେ ତାଙ୍କ ମୁହଁରେ ଫୁଟୁଥିବା ଅଧୀରପଣ, ନିଜ ବଗିଚାରେ ପତ୍ନୀଙ୍କ ହାତ ତିଆରି ଛୋଟିଆ ପାଣିକୁଣ୍ଡରେ ଫୁଟୁଥିବା କଇଁ ଓ କହ୍ଲାରକୁ ଦେଖି ଉଛୁଳି ଉଠୁଥିବା ଖୁସି ଖୁସିର ଆଲୁଅ ଭର୍ତ୍ତି ତାଙ୍କର ପୁଲକିତ ଦୃଷ୍ଟି, ଏସବୁ ସହିତ କେବେ କେବେ କେତେ ନିରୀହ, ନିରାସକ୍ତ ଓ ଉଦାସ ହେଇ ପାରନ୍ତି କବି ! କେତେ ହଜିବାପଣର ଅନ୍ୟମନସ୍କତାରେ ଭିଜୁଥାନ୍ତି କବି, ଦେଖିବାର କଥା ।

ସତରେ ସେ ନାହାନ୍ତି ଏଇଠି, କୋଉଠି ବି । ମୁଁ ଶହେ ଥର ଯାଏ, ଗପେ ଓ ଫେରେ । ଫୋନ୍‌ରେ ସେ ସ୍ୱରକୁ ଶୁଣି ପୁଣି ଯାଏ, ପ୍ରଶ୍ନ ପଚାରେ । ଏସବୁ ଭିତରେ ବି ଫେରିବା ବେଳକୁ ପ୍ରତିଥର ନିଜକୁ ପଚାରେ: "ଇଏ କଣ ସତରେ କବିତାର ପୃଥିବୀର ଶୀର୍ଷକୁ ଛୁଇଁଥିବା ସେଇ କବି ରମାକାନ୍ତ ରଥ ?"

ସବୁଥର ପ୍ରଶ୍ନ ଥାଏ ବଳକା, ସମୀହପଣ ଓ ମୋ ସୀମିତପଣରେ ମୁଁ ନିଜକୁ ଫେରେଇ ଆଣେ । ଜାଣି ପାରେନି, କେତେ ଜାଣି ସାରିଛି ଏଇ କବି ମନିଷୀକୁ । ମୋର ସହସ୍ର ପ୍ରଣାମ ଆମ ସମୟର ଏଇ ଶୀର୍ଷତମ ସ୍ରଷ୍ଟାଙ୍କୁ ।

ଘରେଣା ଚରିତ୍ର

# ଚିତ୍ରକର ର ଚରିତ୍ର



# ଚିତ୍ରର ନାଁ : ଚିତ୍ର ସାଧକ
# ଚରିତ୍ରର ନାଁ: ବେଣୁ ପ୍ରତିହାରୀ

**ଦେହରେ ପଂଜାବୀ ଓ ଟ୍ରାଉଜର୍ । ହାତରେ ଡାଏରୀ । ପକେଟ୍‌ରେ ଦୁଇ ତିନିଟା କଲମ । ରାଜେଶ୍ ଖାନ୍ନାର ହେୟାର୍ ଷ୍ଟାଇଲ୍ । ମୁହଁରେ ହସ । ଚୁପ୍‌ଚାପ୍ ହସ ନୁହେଁ, ଦୋରସ୍ତ ହସ । ବାଲିପାଟଣା ହାଟରେ । ଗାରେଡ଼ିପଞ୍ଚାଣ ଛକ ପାଖ ମଠରେ । ବୁଦ୍ଧେଶ୍ୱରଙ୍କ ଚଉପାଢ଼ୀରେ । ନହେଲେ ଦକ୍ଷିଣ ଦିଗର ଭଙ୍ଗାକାନ୍ଥର ଘର ଭିତରେ... । ସବୁବେଳେ ଛାତିରେ 'ସ୍ୱାଗତମ୍' ଝୁଲେଇ ଅପେକ୍ଷା କରୁଥିବା ସେ ମଣିଷଟି ହେଲେ ଚିତ୍ରକର ବେଣୁ ପ୍ରତିହାରୀ ।**

ଗୁରୁ ପଂଜାବୀ, ଟ୍ରାଉଜର୍, ହାତରେ ଡାଏରୀ ।

ପକେଟ୍‌ରେ ଦୁଇ ତିନିଟା କଲମ । ରାଜେଶ୍ ଖାନ୍ନାର ହେୟାର୍ ଷ୍ଟାଇଲ୍ । ମୁହଁରେ ହସ । ଚୁପ୍‌ଚାପ୍ ହସ ନୁହେଁ, ଦୋରସ୍ତ ହସ ।

ବାଲିପାଟଣା ହାଟରେ । ଗାରେଡ଼ିପଞ୍ଚାଣ ଛକ ପାଖ ମଠରେ । ବୁଦ୍ଧେଶ୍ୱରଙ୍କ ଚଉପାଢ଼ୀରେ । ନହେଲେ ଦକ୍ଷିଣ ଦିଗର ଭଙ୍ଗାକାନ୍ଥର ଘର ଭିତରେ... ।

ସବୁବେଳେ ଛାତିରେ 'ସ୍ୱାଗତମ୍' ଝୁଲେଇ ଅପେକ୍ଷା କରିଥିବା ଚିତ୍ରକର **ବେଣୁ ପ୍ରତିହାରୀ** । ଦେଖାହଲେ ଆରମ୍ଭ ହେଇଯିବ ଖୋକାଭାଇଙ୍କ ଗୀତ: 'ହାରିଯାଇଥିବା ଲୋକର କି ଅଶ୍ରୁ ଜିଇଁଲେ ଜିଇଁଲା ନହେଲେ ନାହିଁ...କାହାଣୀ ଗୋଟିଏ କହିବାର ଥିଲା, କହିଲେ କହିଲି...ନହେଲେ ନାହିଁ...'

ଅକ୍ଷୟ ମହାନ୍ତିଙ୍କର ଅନେକ ଗୀତ ତାଙ୍କର ମୁଖସ୍ଥ । ଓଡ଼ିଆ ପତ୍ରିକା 'ଆସନ୍ତାକାଲି' ଓ ସିନେମା ପତ୍ରିକା 'ଜୟ'ର ସେ ଥିଲେ କଳା ସମ୍ପାଦକ । ସେତେବେଳେ ମାନେ ୧୯୭୩ ବେଳେ ସେ କଲିକତା ଆର୍ଟ ଏଜୁକେସନ୍‌ରେ ଫାଇନ୍ ଆର୍ଟ ପଢ଼ି ସାରିଥିଲେ । ଏ ଦୁଇଟାଯାକ ପତ୍ରିକା ସେଇ କଲିକତାରୁ ହିଁ ପ୍ରକାଶିତ ହେଉଥିଲା । କଲିକତାର 'ବୌବାଜାର୍'ରେ ତାଙ୍କର ଗୋଟେ ହୋଟେଲ୍ ଥିଲା 'କାଳୀ ହୋଟେଲ' । ସେଥିଯୋଗୁଁ 'ଘରୁ ଖାଇ ଘୋଡ଼ା ଆଗରେ ଡେଇଁବା' ପାଇଁ ବେଣୁ ବାବୁଙ୍କର କିଛି ଅସୁବିଧା ନଥିଲା । ବାବାଙ୍କର ଗେଲବସର ପୁଅ ଥିଲେ । ସବୁ ଗେଲବସର ପୁଅଙ୍କ ଭାଗ୍ୟରେ ଯାହା ଘଟେ, ତାହାହିଁ ତାଙ୍କ ଭାଗ୍ୟରେ ଘଟିଥିଲା ।

ଥାଉ । ସେକଥା ପରେ ।


ସେଇ କଲିକତାର 'ଆସନ୍ତାକାଲି' ଅଫିସ୍‌ରେ ଅକ୍ଷୟ ମହାନ୍ତିଙ୍କ ସହ ଭେଟ । ସେତେବେଳେ ଓଡ଼ିଆ ଗୀତ ସବୁ ପ୍ରାୟ କଲିକତା ଷ୍ଟୁଡ଼ିଓମାନଙ୍କରେ ରେକର୍ଡ଼ିଂ ହେଉଥିଲା । ଏଣୁ ତାଙ୍କର କଲିକତା ଗସ୍ତ ବେଳେ ଖଟି ହୁଏ 'ଆସନ୍ତାକାଲି' ଅଫିସ୍‌ରେ । ସେତେବେଳେ ସେଠି ଥାଆନ୍ତି ସାହିତ୍ୟରସିକ ଶ୍ରୀକାନ୍ତ ପଣ୍ଡା । ଅକ୍ଷୟ ମହାନ୍ତିଙ୍କର 'ମନ୍ତ୍ରୀଙ୍କ ପାଖଲୋକ' ଶୀର୍ଷକ ଏକ ଗପ, 'ଆସନ୍ତାକାଲି'ରେ ପ୍ରକାଶିତ ହେଇଥିଲା । ଯାହାର ଚିତ୍ର କରିଥିଲେ ବେଣୁବାବୁ ।

ବେଣୁବାବୁଙ୍କୁ ମୁଁ ଭେଟିଲି ବୋଧହୁଏ ୧୯୮୨-୮୩ ବେଳକୁ । ସେତେବେଳେ ମୁଁ ଓ ବନ୍ଧୁ ରଜନରଂଜନ ପ୍ରତାପଶାସନ ମହାବିଦ୍ୟାଳୟରେ ଅଧ୍ୟାପକ । ସକାଳୁଆ କଲେଜ୍ ପରେ ହାତରେ ପ୍ରଚୁର ସମୟ । ଖର୍ଚ୍ଚ କେମିତି ହେବ ଏ ସମୟ ? ସେଇବେଳେ ଭେଟ ବେଣୁବାବୁଙ୍କ ସହ । ସେ ଆର୍ଟିଷ୍ଟ୍ ଜାଣିଥିଲି । 'ଆସନ୍ତାକାଲି'ରେ ଥିଲେ ବୋଲି ଜାଣିଥିଲି । ହେଲେ କେତେବେଳକୁ ସେ ସବୁ ଚାକିରୀ ତଥା କଲିକତାକୁ ଛାଡ଼ି ଭୁବନେଶ୍ୱରରେ ଗୋଟେ ଭଡ଼ାଘରେ ସସ୍ତ୍ରୀକ ରହୁଥିଲେ, ତାଙ୍କ ପତ୍ନୀ ସ୍ୱାଧୀନ ଦେବୀ, ଯିଏ ଆରାମ୍‌ରେ ସହି ପାରୁଥିଲେ ବେଣୁବାବୁଙ୍କ ଅନ୍ୟମନସ୍କ ଓ ଲଗାମ୍‌ଛଡ଼ା ଜୀବନ । ତାଙ୍କରି ସେହି ଭଡ଼ାଘରେ ସବୁ ପରିବା ପଡ଼ି ଡାଲ୍‌ମା ଓ ଭାତ ଖାଇଥିଲୁ । ମୋ ସହ ରଜନୀ ବୋଧେ ଥିଲେ । ସେ ଭଡ଼ା ଘରଟା ତାଙ୍କର ଭୁବନେଶ୍ୱରର କେଉଁଠି ଥିଲା । ଏବେ ମନେ ପଡୁନି । ସେତେବେଳକୁ ତାଙ୍କର ପୁଅଝିଅମାନେ ଜନ୍ମ ହେଇନଥିଲେ ବୋଧେ । ନା । ତା'ପରେ ଦିନେ ସେ ଭୁବନେଶ୍ୱର ଛାଡ଼ି ତାଙ୍କ ଗାଁ ବାଲିପାଟଣା ପାଖ ଗାରେଡ଼ିପଂଚାଣକୁ ଚାଲି ଆସିଲେ ।

ମଝିରେ ଅନେକ ଦିନ ତାଙ୍କ ସହ ଭେଟ ନାହିଁ । ସେ ଏମିତି, ଅଥୟ, ଅସ୍ଥିର । ମୋ ପରି । ଅକ୍ଷୟ ମହାନ୍ତିଙ୍କୁ  ତାଙ୍କ ସ୍ତ୍ରୀ କାଳେ ଅଥୟ ମହାନ୍ତି ବୋଲି ଡାକୁଥିଲେ । ବେଣୁ ବାବୁ


**ଅଜୟ ସ୍ୱାଇଁ**
ଜୟପୁର, ଇଟିପୁର, ଭୁବନେଶ୍ୱର-୭୫୧୦୦୨
ଫୋନ : ୮୨୪୯୩୧୮୦୮୮

ଫଟୋ ସୌଜନ୍ୟ : ଲେଖକ


▲ ଲେଖକ ଅଜୟ ସ୍ୱାଇଁ

ସେମିତି ଅଥୟ । ସବୁବେଳେ ତରତର । ମୋ ଉପରେ ସେ ଗୋଟେ ଦୁଇଧାଡ଼ିଆ କବିତା ଲେଖିଥିଲେ: 'ଅଜୟ ସ୍ୱାଇଁ...ଏଇଠି ଅଛି ଏଇଠି ନାହିଁ... ।' ସବୁ କଥାରେ ଥଟ୍ଟାମଜା, ଗମାତ । ଯେତେ ଅସୁବିଧାରେ ଥିଲେ ବି, ଦୁଃଖରେ ଥିଲେ ବି, ତୁମେ ଜାଣି ପାରିବନି, ସେ ଦୁଃଖୀ ବୋଲି । ଯେଉଁମାନେ କୁହନ୍ତି, 'ମଣିଷ ମନର ଦର୍ପଣ ହେଲା ମୁହଁ'– ସେମାନେ ବେଣୁ ବାବୁଙ୍କୁ କେବେ ଦେଖି ନାହାନ୍ତି । ନହେଲେ ହୃଦୟକୁ ଦେହରୁ କେମିତି ଅଲଗା କରିହୁଏ, ସେ କୌଶଳଟା ଜାଣି ପାରନ୍ତେ ।



ସତକଥା ହେଲା, ସାଧାରଣ ଦୁଃଖ କ'ଣ, ବେଣୁବାବୁ ବୁଝି ପାରିନ୍ତିନି । ସେ ତାଙ୍କ ଦୁନିଆଁରେ ଥା'ନ୍ତି । ଡାଏରୀ ପରେ ଡାଏରୀ ଲେଖା ଚାଲିଥାଏ । ସେଥିରେ ଚିତ୍ର, ଗୀତ । କେତେ କ'ଣ । ଦିନେ ମୁଁ ତାଙ୍କୁ ପଚାରିଲି: 'ଏତେ ସବୁ କ'ଣ ଲେଖୁଚ ଡାଏରୀରେ ? ପ୍ରତିବର୍ଷ ପାଂଚଟା ଡାଏରୀ ବି ନିଅଣ୍ଟ ପଡୁଛି ?'

ବେଣୁ ବାବୁ ଦେଖେଇଲେ ଡାଏରୀ । ଅତି ଅଦ୍ଭୁତ, ବିଚିତ୍ର ଚିତ୍ର ସବୁ ସେଥିରେ ଅଙ୍କା ହେଇଛି । ଯେ କୌଣସି ଅନାବନା ଗାର, ବିନ୍ଦୁ, ଅକ୍ଷରକୁ ସେ ଚିତ୍ର କରି ଦେଇଛନ୍ତି । ତାଙ୍କ ଭାଷାରେ: ଚିତ୍ର ଆଉ କ'ଣ କି ? ଯୁଗଳ ଗାର, କିଛି ବିନ୍ଦୁ...ବାସ୍... ।

ଆଉ ଗୋଟେ ଚିତ୍ରରେ ପୃଥିବୀ ହୋଇଯାଇଛି ଏକ ନାରୀ । ଦୁର୍ଗାଙ୍କ ପରି ଦିଶୁଥିଲେ ବି ପିନ୍ଧିଛି ଗୋଟେ ଛିଣ୍ଡା ଶାଢ଼ି । ସେ ଛିଣ୍ଡା ଜାଗା ଗୁଡ଼ାକୁ ଚିରି ଦେଇ ଦେଖିଲେ ଲାଗିବ ଭାରତ କି ଓଡ଼ିଶାର ମାନଚିତ୍ର ପରି । ସେଇ ନାରୀ, ତାର ଦଶ ହାତରେ ଧରିଛି ଅମ୍ଳଜାନ ଥଳି, ତ୍ରିଶୂଳ No vacancy ପ୍ଲାକାର୍ଡ଼, ବୋମା ଇତ୍ୟାଦି । ବୋଧହୁଏ 'ଚିତ୍ରା'ର ପୂଜାସଂଖ୍ୟାରେ ଏ ଚିତ୍ରଟି ଆମେ ଦେବାକୁ ଚାହିଁଥିଲୁ, ମାତ୍ର ଦେବ୍ରାଜ୍ ଲେଙ୍କା ତାକୁ ନାକଚ କରି କହିଲେ: 'ପୂଜାକୁ ଦେବୀ ଛିଣ୍ଡା ଲୁଗା ପିନ୍ଧି ଯିବ ? କାହିଁକି ଯିବ ? ଏ ଚିତ୍ର ଚଳିବନି ।'

ଆମେ ହସିଲୁ । ବେଣୁ ବାବୁ ଯୁକ୍ତିକଲେ ବି ସେ ଚିତ୍ରଟି 'ଚିତ୍ରା'ର ପୂଜାପ୍ରଚ୍ଛଦ ହେଇ ପାରିଲାନି । ଏମିତି ନାନା ଚିତ୍ର । ପ୍ରତି ଚିତ୍ର ଭିତରେ ନାନା ଶରୀର ଭେଦ । ନାନା ବ୍ରହ୍ମଜ୍ଞାନ । ନାନା ନୂଆ ଦର୍ଶନ । ନାନା ମେଟାଫର୍ । ଚିତ୍ର ଆଉ କ'ଣ କି ?

ମୁଁ ପଚାରିଲି: 'କଣ ଏ ପାଗଳାମି ? କଣ ଏସବୁର ଅର୍ଥ ?' ବେଣୁବାବୁ ହସିହସି କହିଲେ: 'ଚିତ୍ର ଚିକିତ୍ସା ।'

– ସେ ପୁଣି କ'ଣ ?

– ଏଇ ଚିତ୍ର, ଭଲ କରିଦେଇ ପାରିବ ନାନା ରୋଗ, ନାନା ମାନସିକ ଅସନ୍ତୁଳନ । ଗ୍ୟାରେଣ୍ଟି । ତା'ଉପରେ ଏବେ ରିସର୍ଚ୍ଚ କରୁଛି ।

ପୁଣି ଗୁଡ଼େ ଦିନ ଦେଖାନାହିଁ ।

ବେଣୁ ବାବୁ ବେଶି ଖୋଜିବାକୁ ଆସନ୍ତିନି ମତେ । ମୁଁ ତାଙ୍କ ପାଖେ ପହଂଚେ । ଗୁଡ଼େଦିନ ଦେଖା ନହେଲେ ମନ ଛକପକ ହୁଏ । ତା'ପରେ ତାଙ୍କ ଘରେ ନାଲି ଚା' ପିଆ, ମୁଢ଼ିଖିଆ, ତା'ପରେ ବାଲିପାଟଣା ହାଟର ଗୋଟେ ଚାଳିଘରେ ବ୍ରହ୍ମଜ୍ଞାନ ଚର୍ଚ୍ଚା । ତା'ପରେ ହାଟସଉଦା କିଣା । ବହୁଲୋକଙ୍କ ସହ ତାଙ୍କର ସଂପର୍କ । ତାଙ୍କର ବି ଗୁଡ଼େ ଖଟି ଅଛି । ତାଙ୍କ ଖଟିକୁ ସେ 'ମଠ' କୁହନ୍ତି ଓ ଖଟିଆଳମାନଙ୍କୁ 'ଚେଲା' କୁହନ୍ତି ।

ଏ ଭିତରେ ତାଙ୍କର ପିଲାମାନେ ବି ବଡ଼ ହେଲେଣି । ଶିଞ୍ଜିକା, ତୂଳୀକା, କଣ୍ଢେଇ ଓ ପୁଅ ନାଁ ଗାଞ୍ଜିକ । ଏସବୁ ନାଁ ବି ସେଇ ଦେଇଛନ୍ତି । କେଉଁଝିଅ ଭଲ ଗୀତ ଗାଏ । କିଏ ଚିତ୍ର ଆଙ୍କେ ।

ସମସ୍ତଙ୍କୁ ନିଜ ବାଟରେ, ନିଜ ଢଙ୍ଗରେ ବଂଚିବାର ସ୍ୱାଧୀନତା ଦେଇଛନ୍ତି ସେ । ଏତେ ଆଶା ଓ କଳ୍ପନା ନେଇ ବିନ୍ଦାସ୍ ଭାବେ ବଂଚୁଥିବା ଓ ଦୁଃଖକୁ ଠୋ-ଫଟାସ୍ କରି ଉଡ଼େଇ ଦେଉଥିବା ଆର୍ଟିଷ୍ଟ୍ ବେଣୁ ବାବୁ । ଏମିତି ମଣିଷ ମୁଁ ଦେଖିଚି କ୍ୱଚିତ୍ ।

ଦିନେ ତାଙ୍କ ଗାଁ ଘରେ ପହଂଚିବା ବେଳକୁ ଦେଖିଲି ଘରର ଦକ୍ଷିଣପଟ କାନ୍ଥଟା ନାହିଁ । ବାତ୍ୟାରେ ଭାଙ୍ଗିଯାଇଛି ଛା'ମାସ ହେଲା । ଗଢ଼ା ହେଇନାହିଁ ।

ମୁଁ ପଚାରିଲି: ଛୁଆ ପିଲାଙ୍କ ସଂସାର...ଗୋଟେ ପଟ କାନ୍ଥ ଭାଙ୍ଗି ଯାଇଛି, ଗଢ଼ି ଦେବା କଥା ।

ବେଣୁବାବୁ ତ ସବୁଥିରେ ହସନ୍ତି । ସେଥର ବି ହସିକି କହିଲେ: ଦେଖନ୍ତୁ ! କି ସୁନ୍ଦର ବାଉଁଶର ଜଂଗଲ...ପୁଣି ମଲ୍ଲୀ ବୁଦା, ସୁଗନ୍ଧରାଜ୍ ଗଛରେ ଗଛେ ଫୁଲ...କଖାରୁ ନଟା... । କହୁଥିଲେ, ଏସବୁ ଏଇ ଘରେ ବସି ଦେଖି ପାରିଥାନ୍ତେ କି ? ଘର ଭିତରେ ବସ ଓ ବାହାରର ନୀଳିମା ଉପଭୋଗ କର... ।

ମୁଁ ଆଶ୍ଚର୍ଯ୍ୟ ହେଲି । ପିଲାମାନେ ତ ହସୁଥିଲେ । ଏମିତି ଦାୟିତ୍ୱହୀନ ସ୍ୱାମୀର ଏମିତି କଥାରେ ସ୍ୱାଧୀନ ଦେବୀଙ୍କର ରିଆକ୍ସସ୍ କେମିତି ହେବ ? ଦେଖିଲି, ସେ ମଧ୍ୟ ହସୁଛନ୍ତି । ବେଣୁ ବାବୁ, ପୁଅ ଗାଞ୍ଜିକକୁ ଆଦେଶ ଦେଲେ: 'ମଉସାଙ୍କ ପାଇଁ ଭୃଙ୍ଗରାଜପତ୍ର, ନଡ଼ିଆ, ମଲ୍ଲୀଫୁଲ ରେଡି କରିଦେ ।' ମୁଁ କହିଲି: 'ଆରେ ମୋର ପରା ସତୁରୀଟା ନଡ଼ିଆ ଗଛ । ଆମ ନଡ଼ିଆ ଚୋର ଖାଉଛନ୍ତି । ମୁଁ ନଡ଼ିଆ ନେଇ କରିବି କ'ଣ ?'

– ଆପଣ ଏଠୁ ନେଇ, କାହାକୁ ଦେଇଦିଅନ୍ତୁ । ମାତ୍ର ଆପଣଙ୍କ କୋଟା ତ ନେବେ ଆପଣ ?

ଏମିତି ଅଦ୍ଭୁତ ଲୋକ ସେ । ମଝିରେ ମଝିରେ 'ସମୟ', 'ବିଶ୍ୱମୁକ୍ତି', 'ଚିତ୍ରା' ପରି କିଛି ପତ୍ରିକା ପାଇଁ, କିଛି ବହିର ପ୍ରଚ୍ଛଦ ପାଇଁ ସେ ଚିତ୍ର ଆଙ୍କିଛନ୍ତି । କେବେ କାହାକୁ ପାରିଶ୍ରମିକ ମାଗି ନାହାନ୍ତି । ଯିଏ ଯାହା ଦେଲା ।ଆପତ୍ତି

କରିନାହାନ୍ତି । କିନ୍ତୁ ମୁଁ ତାଙ୍କୁ ଯେତିକି ଜାଣେ, ଏସବୁରେ ସେ ଏତେ ଖୁସି ନୁହନ୍ତି । ସେ ଆଉ କ'ଣ ଖୋଜୁଛନ୍ତି ।

କ'ଣ ସେ ଖୋଜିବା ?

ମୁଁ ଜାଣିନି । ସେ ନିଜେ ବି ଜାଣନ୍ତି ନାହିଁ ବୋଧେ । ନହେଲେ ସେ ଏତେବର୍ଷ ଭିତରେ ପାଇନଥାନ୍ତେ ?

ମୋର କୌଣସି ବହିର ପ୍ରଚ୍ଛଦ ବି ସେ ଆଙ୍କି ନାହାନ୍ତି । ଯେତେବେଳେ ମୁଁ ତାଙ୍କ ପାଖକୁ ଯାଇଛି, ଆମେ ସାଙ୍ଗ ହୋଇ ମୋ ବାଇକ୍‌ରେ ବୁଲିଛୁ । ଚା' ପିଇଛୁ । ଅସଲ କାମ କଥା ମୋର ମନେ ପଡ଼ିନାହିଁ । ସେ ଥରେ ମୋର ଗୋଟେ ଗପବହିର କଭର୍ ଡେମୋ କରିଥିଲେ । ସେଥିରେ ଗୋଟେ ଝିଅର ପଛପଟ (ନ୍ୟୁଡ୍) ସେ ଆଙ୍କିଥିଲେ । ମୁଁ କହିଲି, ମୋର ପ୍ରୋଫାଇଲ୍ କିମ୍ବା ସାମ୍ନାର ରେଖାଚିତ୍ର ଦରକାର । ସେ ଚାରିପାଂଚଟା ଆଙ୍କିଲେ । ମୋ ମନକୁ ପାଇଲା ନାହିଁ । ତା'ର କାରଣ କହିବି ?

କଲିକତା ଆର୍ଟ କଲେଜ୍‌ରେ ପଢୁଥିବା ବେଳେ ଏମିତି ଘଟଣା କାଳେ ଘଟିଥିଲା । ବହୁକଷ୍ଟରେ ଚିତ୍ର ଆଙ୍କିବା ପାଇଁ ମଡ଼େଲ୍‌ମାନେ ସେତେବେଳେ ମିଳୁଥିଲେ(ଯେମିତି ଆନାଟୋମି କ୍ଲାସ୍ ପାଇଁ ମେଡ଼ିକାଲ୍ କଲେଜ୍‌ରେ ହୁଏ) । ଯେତେବେଳେ ମଡ଼େଲ୍‌ଟିଏ ମିଳେ, ଶିକ୍ଷାର୍ଥୀମାନଙ୍କର ଭିଡ଼ ହୁଏ । ମାତ୍ର ତାଙ୍କ ଆର୍ଟ ଶିକ୍ଷକ ବେଣୁ ବାବୁ ଓ ତାଙ୍କର କିଛି ସାଙ୍ଗଙ୍କୁ : 'ଏ ଉଡ଼େ ! ଏ ବିକେ ବସୋ' କହି ମଡ଼େଲ୍‌ର ପଛପଟେ ବସଉଥିଲେ । ସେଇଯୋଗୁଁ ବୋଧେ ତାଙ୍କର ଆଗପଟର ଚିତ୍ର ଭଲ ହୁଏନି । (ହା ହା ହା ହା)

ବେଣୁ ବାବୁଙ୍କ ସହ ମୋର ପାରିବାରିକ ସମ୍ପର୍କ । ଯଦିଓ, ମୋ ପରିବାର ସହ ସେ ସଂପର୍କିତ ନୁହନ୍ତି । ମୁଁ କିନ୍ତୁ ସମସ୍ତଙ୍କୁ ଭେଟେ, ସମୟ ପାଇଲେ । ବେଳେବେଳେ ଭାବେ, ସେମାନଙ୍କ ସହ ନମିଶିଲେ ମୁଁ ବହୁତ କିଛି ହରେଇ ଦେବି । ଥାଉ । ମୋ ଭାବନା ମୋ ପାଖେ ଥାଉ । ସେ କଥା ପରେ ।

ବେଣୁବାବୁ ମତେ ସବୁବେଳେ ଗୋଟେ ଡାଏଲଗ୍ କୁହନ୍ତି: "ମୋ ଜୀବନ ଚାରିଟା କାନ୍ଥ ଉପରେ ଛିଡ଼ା ହୋଇଛି । ସେଥିରୁ ଯୋଡ଼େ କାନ୍ଥ ଗଲାଣି । ଆଉ ଦି'ଟାରେ କାମ ଚଳଉଛି ।"

ମୁଁ କହେ: "କେଉଁମାନେ ?"

- ଜଣେ ବିଜୁ ପଟ୍ଟନାୟକ, ଜଣେ ଅକ୍ଷୟ ମହାନ୍ତି, ଜଣେ ଦୈତାରୀ ପଣ୍ଡା ଆଉ ଜଣେ ହେଲେ ଆପଣ । ବିଜୁ ପଟ୍ଟନାୟକ ଓ ଖୋକାଭାଇ ଚାଲିଗଲେ । ବାକି ରହିଲେ ଆପଣ ଓ ଦୈତାରୀ ପଣ୍ଡା ।

ମୁଁ ଆଶ୍ଚର୍ଯ୍ୟ ଓ ବେଣୁବାବୁଙ୍କ ଭଲପାଇବା ଆଗରେ ତଳିତଳାନ୍ତ । ହଁ କହିନି, ଅକ୍ଷୟ ମହାନ୍ତିଙ୍କ ଗୀତ ପରି ଦୈତାରୀ ପଣ୍ଡାଙ୍କ ଯାତ୍ରାର ବହୁତ ଡାଏଲଗ୍ ତାଙ୍କର ମୁଖସ୍ଥ । ପୁରା ତାଙ୍କରି ଷ୍ଟାଇଲ୍‌ରେ ସେ ଘଣ୍ଟା ଘଣ୍ଟା ଧରି ଡାଏଲଗ୍ କହିବେ । (କାଳେ କଲିକତାରେ ପେଟେଣ୍ଟ୍ ମେଡ଼ିସିନ୍ ଗୀତିନାଟ୍ୟରେ ସେ ବାବୁ ଚନ୍ଦ୍ରମଣି ହୋଇ ବହୁ ପ୍ରଶଂସା ପାଇଥିଲେ ।) ସେ ଦୈତାରୀ ପଣ୍ଡାଙ୍କ ଯାତ୍ରାପାର୍ଟି ପାଇଁ ଯେଉଁ ନାଟକଟି ଲେଖିଥିଲେ, ସେଥିରୁ ଅନେକ ସିନ୍ ମତେ ସେ ଶୁଣେଇଛନ୍ତି ।

ମୁଁ ପାଖାପାଖି କଲେଜ୍‌ରେ ଥିବାବେଳେ, ସେ ମୋ ପାଖରେ ପହଂଚନ୍ତି । ଥରେ ଆମ କଲେଜ୍‌ର ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କୁ ଅଣୁ, ପରମାଣୁର ଆଧ୍ୟାତ୍ମ୍ୟ ଅର୍ଥ ସଂପର୍କରେ ବୁଝେଇ ଥିଲେ । ପରଦିନ ମତେ ସେ ସାର୍, ବେଣୁବାବୁଙ୍କ ଶିକ୍ଷାଗତ ଯୋଗ୍ୟତା କ'ଣ ବୋଲି ପଚାରିଲେ । ସତରେ, ମୁଁ ତାଙ୍କ ଶିକ୍ଷାଗତ ଯୋଗ୍ୟତା କ'ଣ ଜାଣିନଥିଲି । ମୋର ଅନେକ ବେଷ୍ଟ୍ ଫ୍ରେଣ୍ଡ୍ ଓ ଅନେକ ଲେଖକ ସାଙ୍ଗ ଅଛନ୍ତି । ଯେଉଁମାନେ ମାଟ୍ରିକ୍ ବି ପାଶ୍ କରିନାହାନ୍ତି । ତା' ସହ ବନ୍ଧୁତ୍ୱର ସଂପର୍କ କ'ଣ ? ମୁଁ ଏକଥା କହିଲେ ବି ଅଧ୍ୟାପକ ବନ୍ଧୁ ମାନିବାକୁ ନାରାଜ୍ । ତାଙ୍କର ଜିଦ୍, ସେ ବିଜ୍ଞାନ ପଢ଼ିଛନ୍ତି । ମୁଁ ଯେତିକି ଜାଣେ, ପାଠପଢ଼ା ବୟସରେ ଗେଲବସର ବେଣୁବାବୁ ଚଢ଼େଇ ଧରିବା, ମାଛ ମାରିବା, ସ୍କୁଲ୍‌ରୁ ଲୁଚି ହାଟବଜାରରେ ବୁଲିବା, ରାତିରେ ଦୁଇଟା ନଈ ଡେଇଁ ଅପେରା ଦେଖିବାକୁ ଯିବା କାର୍ଯ୍ୟ ସୁଚାରୁରୂପେ କରୁଥିଲେ । ମାଟ୍ରିକ୍ ଯଥାକଥା ପାଶ୍ କଲା ପରେ କଲିକତାରେ ନିଜ ହୋଟେଲ୍‌ରେ ରହି ଆର୍ଟ କଲେଜ୍‌ରେ ପଢୁଥିଲେ । ନାଟକ, ସିନେମା ଦେଖୁଥିଲେ । ମସ୍ତି କରୁଥିଲେ । କିଏ ଜଣେ ଜ୍ୟୋତିଷ କାଳେ ପିଲାଦିନେ ତାଙ୍କ ହାତରେଖା ଦେଖି କହିଥିଲେ, ଏ ପିଲା ପ୍ରସିଦ୍ଧ ହୋଇପାରେ, ମାତ୍ର ବହୁ ଦୁଃଖ ଏ ଭୋଗିବ । କିନ୍ତୁ ଏ ପିଲା ଦୁଃଖକୁ ଖାତିର୍ କରିବ ନାହିଁ ।

ତାହା ହେଲା କି ?

ସେ କଥା ଜାଣିଥିଲେ ଜାଣିଥିବେ ବେଣୁବାବୁ ।

ଥରେ ହଠାତ୍ ମୋର ପୁରୀରେ ତାଙ୍କ ସହ ଦେଖା ହେଲା । ସେ ଖାଲି ପାଦରେ ଦେଉଳ ଆଡୁ ଆସୁଥିଲେ । ମୁଁ କହିଲି: ଖାଲି ପାଦରେ ? ଏଠି ? ସେ ହସିଲେ, ସେମିତି ଖୋଲାହସ । କହିଲେ: 'ବୁଝିଲେ, ଜଗନ୍ନାଥ ବି ଚପଲ୍ ଚୋରି କରନ୍ତି, ଆଜି ଜାଣିଲି ।'

ମୁଁ ଆଶ୍ଚର୍ଯ୍ୟ: ମାନେ ?

- ମାନେ, ମୁଁ ମନ୍ଦିର ସାମ୍ନାରେ ଚପଲ୍ ଥୋଇ ନିଜେ ତାଙ୍କୁ ଦେଖିବାକୁ ଯାଇଥିଲି । ତାଙ୍କୁ ବି ଜଣେଇ ଥିଲି । ଫେରିଲା ବେଳକୁ ନାହିଁ । ତା' ହେଲେ କିଏ ନେଲା ?

ମୁଁ ହସିହସି କହିଲି: ଶେଷରେ ଜଗତର ନାଥଙ୍କୁ ଚପଲ୍ ଜଗେଇଲ ? ସେମିତି ହସ ସହ ବେଣୁ ବାବୁଙ୍କ ଉତ୍ତର: ଏକ କୀଟପତଙ୍ଗ, ଛପନକୋଟି ଜୀବଜନ୍ତୁଙ୍କୁ ଜଗିଛ, ମୋ ଚପଲ୍ ଜଗିବ ନାହିଁ ? ଯଦିଓ ଜାଣିଚ, ନୂଆ ଚପଲ୍ କିଣିବାକୁ ମୋ ପାଖେ ପଇସା ନାହିଁ ?


ଅଜୟ ସ୍ୱାଇଁ ଓ ବେଣୁ ପ୍ରତିହାରୀ

ସାଙ୍ଗ ହୋଇ ଗଲୁ ଚପଲ୍ କିଣିଲୁ ଓ ହୋଟେଲ୍‌ରେ ଖାଇଲୁ । ସେଇବେଳେ ସେ କହିଲେ: 'ବୁଝିଲେ ? ଜଗନ୍ନାଥ ଅଛନ୍ତି, ପୁରୁଣା ନେଲେ । ତୁମକୁ ପଠେଇ ନୂଆ ଦେଲେ ।' ମୁଁ ହସିଲି । ମୋର ଗୋଟେ ଜେନ୍ ଗପ ମନେ ପଡୁଥିଲା । ଏମିତି ବେଣୁ ବାବୁଙ୍କ ପରି ଜଣେ ସାଧୁ ଲୋକ ଥିଲେ ସେ ଗପର ନାୟକ । ମଝିରେ ଥରେ ଫୋନ୍ କରିଥିଲି । ସେ କହିଲେ: 'ଏମ୍‌ଏଲ୍‌ଏ ଇଲେକ୍‌ସନ୍ ପାଇଁ ଗୀତ ଲେଖୁଚି ଓ ପୋଷ୍ଟର୍ ତିଆରି କରୁଛି ।'

ପୁଣି କେବେ: 'ଏବେ ଚିତ୍ର ଚିକିତ୍ସା ଆରମ୍ଭ କରୁଛି । ମୋ ଚିତ୍ର ଦେଖି ଅନେକ ରୋଗୀଙ୍କର କେତେକ ରୋଗ ଭଲ ହେଇଯାଉଛି । ଏବେ କାକଟପୁର, ପୁରୀ, ସାକ୍ଷୀଗୋପାଳ ଠି କ୍ୟାମ୍ପ୍ କଲି । ସକ୍‌ସେସ୍ ହେଲି । ଆରେ ଆସିକି ପରୀକ୍ଷା କରି


ପତ୍ନୀଙ୍କ ସହ ବେଣୁ ପ୍ରତିହାରୀ

ପାରନ୍ତି, ମେଡ଼ିକାଲ୍ ସାଇନ୍ସ ଯାହା କରିପାରୁନି, ଚିତ୍ର କେମିତି ତାହା କରିପାରୁଛି ।'

ପୁଣି କେବେ: 'ଏବେ ବାଲିପାଟଣା ହାଟର ଚାଳିଘରେ ଧର୍ମାନନ୍ଦ ସାର୍‌ଙ୍କ ସହ ବସିଚି ଓ ନୀତି ଉପଦେଶ ସଂଗ୍ରହର ଗୋଟେ ବହି ବାହାରିବାର ଯୋଜନା ଚାଲିଛି । ଆପଣ ଟିକେ ତା'ର ମୁଖବନ୍ଧ ଲେଖିଦେବେ କି ?'

ପୁଣିକେବେ: 'ଆସନ୍ତୁ, ସାଥିହୋଇ କଲିକତା ଯିବା । ଗଙ୍ଗା ଗାଧୁଆଟେ କରିବା । 'ନନ୍ଦନ'ରେ ଥିଏଟର୍ ଦେଖିବା ।

ସମୟ ବିତୁଛି ।

ସମୟ ସହ ତାଳ ଦେଇ ଆମ ବୟସ ବଢୁଛି । ଦାୟିତ୍ୱ କି ବଢୁଛି । ହେଲେ ବେଣୁବାବୁ ସେମିତି ମୁକ୍ତ । କୋଉ କଥାରେ ଚିନ୍ତା ନାହିଁ । ଯାହା ହେବାକଥା ହେବ । ଆମେ ଯେଉଁ ପାଦଟି ଆଗକୁ ପକଉଛେ, ସେ ପାଦରେ ବନ୍ଧା ହେଇଛି ଗୋଟେ ଅଦୃଶ୍ୟ ସୂତା । ଜଣେ ଅଦୃଶ୍ୟ ନଟୁ ହାତରେ ଅଛି ସେ ସୂତାର ଗୋଟେ ମୁଣ୍ଡ । ସେ ଯେମିତି ଯୁଆଡ଼େ ଭିଡୁଛି, ତୁମେ ଯିବାକୁ ବାଧ୍ୟ । ସେମିତି ହିଁ ଘଟି ଚାଲିଛି ।'

ଏ ଭିତରେ ତାଙ୍କ ଝିଅ ଓ ପୁଅମାନଙ୍କର ବାହାଘର ସରିଛି । ସେମିତି ଆକସ୍ମିକ ଭାବେ । ହଠାତ୍ । କିଛି ପୂର୍ବପ୍ରସ୍ତୁତି ନଥାଇ ବି ।

'ଆସନ୍ତାକାଲି' ଛାଡ଼, କଲିକତା ଛାଡ଼ ବାଲିପାଟଣାକୁ ଫେରି ଆସିବାର କଥାଟି କହିଦିଏ । ନହେଲେ ଭୁଲିଯିବି । କଥାଟି ହେଲା, ସେତେବେଳେ ବସନ୍ତ ନାୟକଙ୍କ ଓଡ଼ିଆ ସିନେମା 'ନାଗଫାଶ'ର ଲେଟର୍ ଡିଜାଇନ୍ ବେଣୁବାବୁ କରୁଥିଲେ । 'ନାଗଫାଶ'ର ତାଲବ୍ୟ 'ଶ'କୁ ଦନ୍ତ୍ୟ 'ସ' କରିଦେଇ 'ନାଗଫାସ' ଡିଜାଇନ୍ କରିଦେଲେ । ସେମିତି ବି ପୋଷ୍ଟର୍ ଛପା ହେଇଗଲା । ଭୁଲ୍ ଧରାପଡ଼ିବା ବେଳକୁ ବେଣୁବାବୁ ଛୁ । ମୁଁ ପଚାରିଲାରୁ କହିଲେ, ଦନ୍ତ୍ୟ'ସ' ଲେଖି ଦେବାରୁ କୋଉ ଫିଲ୍ମଖ ଫ୍ଲପ୍ ହେଇଗଲା ନା 'ଚିନି'କୁ 'ଚୀନୀ' ଲେଖିଦେଲେ ମିଠା କମିଯିବ ? (ହା ହା ହା ହା)

ଏମିତି ଅଦ୍ଭୁତ, ଚମତ୍କାର, ଅଗୁଳା ଚାଲୁଥିବା ଚିତ୍ରକର ବେଣୁ ପ୍ରତିହାରୀ । ଆମ ସାଙ୍ଗ ହେବା ୩୫ବର୍ଷ ହେଇଗଲାଣି । ଯେବେ ଦେଖା ହେଉଥିଲା ପ୍ରାୟ ପ୍ରତି ୧୫ଦିନରେ ହେଉଥିଲା । ଏବେ ପନ୍ଦର ମାସରେ ଥରେ ହେଇପାରୁନି । ଏମିତିରେ ଆମେ ବି ଏତେ ବେଶି ଦୂରରେ ନାହୁଁ । କିନ୍ତୁ ସମୟର ଦୂରତାରେ ଆମେ ବୋଧେ ବହୁ ଦୂରରେ ।

ସେ ଏବେ ନିଜକୁ ଚିତ୍ରସାଧକ ବୋଲି ଲେଖିବାର ଦେଖିଚି ଫେସ୍‌ବୁକରେ । ମୁଁ ତାଙ୍କୁ 'ଚିତ୍ରସାଧକ' ବୋଲି କହେ ।

ତାଙ୍କର ପ୍ରାୟ ହଜାରେ ଧାଡ଼ିରୁ ବେଶୀ 'ନବାକ୍ଷରୀ' ଅଛି । ତା' ନାଁ ସେ 'ଚିତ୍ରସାଧକର ନବାକ୍ଷରୀ' ଦେଇଛନ୍ତି । ସେଥିରୁ ଶେଷରେ କେଇପଦ:

"ମଣିଷ ଅଟଇ ଯେ ଗାଈ । ଦଇବ ଦଉଡ଼ି ଧରଇ । / ଦୁଇପାଦରେ ଦୁଇ ବେଡ଼ି । ଦଇବ ହାତେ ସେ ଦଉଡ଼ି । / ମଣିଷ ପାଦ ଥାପୁଥାଏ ଆପେ ଦଉଡ଼ି ଟାଣି ହୁଏ । / ଇଚ୍ଛା ଯକଙ୍କ ଇଚ୍ଛା ନେଇ । ଗୋଟିଏ ପାଦ ଚାଲୁଥାଇ ।"

ସବଠି ଥାଇ, କୋଉଠି ନଥାନ୍ତି ବେଣୁବାବୁ । Attached with all, detached from allରେ ତାଙ୍କର ବିଶ୍ୱାସ । ଅଥଚ ସବୁଠି ସେ ନିଜକୁ ଫିଟ୍ କରିନିଅନ୍ତି ଓ ଯଥାକ୍ରମେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସେତୁ ହୋଇ ଛିଡ଼ା ହୋଇଯାନ୍ତି । ମୋର କିଛି ପ୍ରକୃତି ତାଙ୍କ ସହ ମିଶେ । ଏକଥା ସତ ଯେ, କେବେ ବି ସେ ଚିତ୍ରଅଂକାକୁ ଛାଡ଼ି ନାହାନ୍ତି । ମୋର ବିଶ୍ୱାସ ତାଙ୍କର ଏଇ ଆବିଷ୍କାର ଜାରି ରହିବ, ଅନ୍ତତଃ ହାତ, ଆଖି ଓ ମସ୍ତିଷ୍କ କାମ କରୁଥିବା ଯାଏଁ । ଯଦିଓ ମୁଁ ଜାଣେ କୌଣସି କାମ ଦୀର୍ଘଦିନ ଯାଏଁ ତାଙ୍କୁ ବାନ୍ଧି ରଖି ପାରିବନି । ନରଖୁ ।



ଅନୁଶୀଳନ

# ଚିନ୍ତାନାୟକ ଚିତ୍ତରଞ୍ଜନ



# ସକ୍ରେଟିସୀୟ ଅସନ୍ତୋଷର ପ୍ରତୀକ: ଚିତ୍ତରଞ୍ଜନ ଦାସ




**ମଣୀନ୍ଦ୍ର କୁମାର ମେହେର**


ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯
ଫଟୋ ସୌଜନ୍ୟ : ଲେଖକ


'ଶୂକର ଓ ସକ୍ରେଟିସ୍' ଶୀର୍ଷକ ପ୍ରବନ୍ଧଟି ଯେକୌଣସି ସଚେତନ ମଣିଷ ଅନ୍ତରରେ ଆନ୍ଦୋଳନ ସୃଷ୍ଟି କରିବା ଏକାନ୍ତ ସ୍ୱାଭାବିକ । ଏହା ଚିତ୍ତରଞ୍ଜନଙ୍କ ଏକ ଶ୍ରେଷ୍ଠ ପ୍ରବନ୍ଧ । ଏହା ତ ପାଠକମାନେ ଜାଣନ୍ତି । ମାତ୍ର ଏଠି ସକ୍ରେଟିସ୍‌ଙ୍କ ସଂପର୍କରେ ପଢ଼ିବାବେଳେ ଚିତ୍ତରଂଜନଙ୍କୁ ସକ୍ରେଟିସ୍‌ଙ୍କ ବ୍ୟକ୍ତିତ୍ୱର ଏକ ସ୍ୱଷ୍ଟ ପ୍ରତିଫଳନ ଭାବରେ ଅନୁଭବ କରିବା ହେଉଛି ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ । ଚିତ୍ତରଂଜନ ଜଣେ ଅସନ୍ତୁଷ୍ଟ ମଣିଷ । ଯିଏ ସନ୍ତୁଷ୍ଟ ତାକୁ ସେ ଶୂକର ଆଖ୍ୟା ଦିଅନ୍ତି । ଜଣେ ମଣିଷ ତା' ଜୀବନରେ କେଉଁ ପଥ ଅବଲମ୍ବନ କରିବ ସେଇ ନିଷ୍ପତ୍ତି ନିର୍ଭର କରୁଛି ତା'ରି ଉପରେ । ଚିତ୍ତରଂଜନ ଯେ ଅସନ୍ତୋଷର ନିଆଁରେ ଉତ୍ତପ୍ତ ହେବାର ମାର୍ଗଟିକୁ ଚୟନ କରିନେଇଥିଲେ ସେଥିରୁ ପ୍ରତିପାଦିତ ହୋଇଯାଏ ସେ ଥିଲେ କେଉଁ ପ୍ରକାରର ମଣିଷ । ତାଙ୍କର ଯଶଲାଳସା ନଥିଲା । ନଥିଲା ଧନଲାଳସା । ପୁରସ୍କାରର ପ୍ରତିଦ୍ୱନ୍ଦ୍ୱିତାରେ ଅଂଶଗ୍ରହଣ କରି ସେ କଲବଲ ହୋଇ ଧାଇଁ ନାହାନ୍ତି । ତା'ହେଲେ କ'ଣ କରିଛନ୍ତି ଚିତ୍ତରଂଜନ ? ଅଗଣିତ ମଣିଷର ହୃଦୟ ସହିତ ହୃଦୟ ଯୋଡ଼ି ଦେଇଛନ୍ତି ସେ ସ୍ୱତନ୍ତ୍ର ଶ୍ରଦ୍ଧାଶୀଳତାରେ । ବିଶ୍ୱଜୀବନ ସହିତ ସମ୍ବନ୍ଧିତ ହୋଇ ଯାଇଛନ୍ତି ଅତ୍ୟନ୍ତ ନିବିଡ଼ ସ୍ତରରେ । ତେବେ ସେତିକିରେ ମଧ୍ୟ ସେ ସନ୍ତୁଷ୍ଟ ନୁହନ୍ତି । ତାଙ୍କର ଅସଲ ଲକ୍ଷ୍ୟ ହେଉଛି ଶୂକରମାନଙ୍କ ମଧ୍ୟରେ ମଧ୍ୟ ସକ୍ରେଟିସ୍‌ଙ୍କୁ ଆବିଷ୍କାର କରିବାର ଚେତନା ଜାଗ୍ରତ କରିବା । ଏହା ହିଁ ତ ହେଉଛି ନିଃସ୍ୱାର୍ଥପର ମାନବସଂପ୍ରୀତି । ପ୍ରବନ୍ଧଟିରେ ଯେଉଁ ସତ୍ୟ ଉନ୍ମୋଚିତ ତା' ଭିତରେ ଚିତ୍ତରଂଜନଙ୍କ ସୁସ୍ୱଷ୍ଟ ଛବି ଅଂକିତ ହୋଇ ରହିଛି ଜୀବନ୍ତ ଶୈଳୀରେ ।

ଅସ୍ତିତ୍ୱବାଦ ବିଷୟରେ ଯେଉଁସବୁ ବ୍ୟାଖ୍ୟା କରାଯାଇଛି, ଚିତ୍ତରଂଜନଙ୍କ ବିଶ୍ଲେଷଣ ତା' ମଧ୍ୟରୁ ଭିନ୍ନ ନିଶ୍ଚୟ । ସେ ଅସ୍ତିତ୍ୱବାଦର ଇତିହାସ ଉଦ୍‌ଘାଟନ କରିନାହାନ୍ତି । ୟୁରୋପ୍‌ରେ କ୍ରମବିକଶିତ ହୋଇ ଆସୁଥିବା ଗଣତନ୍ତ୍ର ଓ ସାର୍ବଜନୀନ ଶିକ୍ଷା ମଣିଷକୁ ସ୍ୱତନ୍ତ୍ର ବ୍ୟକ୍ତି ହିସାବରେ ଚିହ୍ନିବା ପାଇଁ ଯେଉଁ ଅନ୍ତର୍ବୋଧ ଆଣିଦେଲା, ତାହାର ଉଲ୍ଲେଖ କରି ଚିତ୍ତରଂଜନ ଏ ପୃଥିବୀଟିକୁ କିଭଳି ଏକ ପରିବାରରେ ପରିଣତ କରାଯାଇ ପାରିବ, ସେହି ଦୃଶ୍ୟ ଦେଖିଛନ୍ତି କଳ୍ପନାର ଚକ୍ଷୁରେ । ମାର୍କ୍ସ ମଣିଷକୁ ମଣିଷ ବୋଲି ସ୍ୱୀକାର କରିବାର କଥାଟି କହି ସାରିଥିଲେ ତା' ପୂର୍ବରୁ । ମାତ୍ର ମାର୍କ୍ସବାଦକୁ ନେଇ ଯେଉଁ ରାଜନୈତିକ ଉଦ୍ଦାମତା ପ୍ରକାଶିତ ହେଲା ତାହାକୁ ଅସ୍ତିତ୍ୱବାଦୀମାନେ ସ୍ୱୀକାର କରିପାରିଲେ ନାହିଁ । ମନୁଷ୍ୟର ସମସ୍ୟା ଆଦୌ ରାଜନୈତିକ ନୁହେଁ । ତାହା ହେଉଛି ମାନବିକ । ଅସ୍ତିତ୍ୱବାଦୀ ସାହିତ୍ୟ ଯେଉଁ ଜୀବନଧର୍ମୀ ଅନୁରାଗର ଆଭିମୁଖ୍ୟ ବ୍ୟକ୍ତ କରିପାରିଛି ତାକୁ ଚିତ୍ତରଂଜନ ନିଜସ୍ୱ ଦୃଷ୍ଟିରେ ଅନୁଶୀଳନ କରିଛନ୍ତି । ସେ କୌଣସି 'ବାଦ'ର ସମର୍ଥକ ନୁହନ୍ତି । ଯେତେବେଳେ ବାଦ ମାଧ୍ୟମରେ ବିବେକର ଉଦୟ ସମ୍ଭବ ହୁଏ ସେତେବେଳେ ଚିତ୍ତରଂଜନ ସ୍ୱପ୍ନ ଦେଖନ୍ତି ତାହା 'ବଶ୍ୱବିବେକ'ଟି ସହିତ କିପରି ସମ୍ବନ୍ଧିତ ହୋଇପାରିବ । ଚିତ୍ତରଂଜନଙ୍କ ଏହି ଭାବ-ମାଧୁର୍ଯ୍ୟ ତାଙ୍କର ଅସ୍ତିତ୍ୱବାଦୀ ମନ ଓ ଜୀବନଧର୍ମୀ ଦୃଷ୍ଟି ନାମକ ପ୍ରବନ୍ଧରେ ପ୍ରତିଫଳିତ ହୋଇଯାଇଛି ।

ପ୍ରାବନ୍ଧିକ ସମଗ୍ର ପୃଥିବୀର ମାନବଚେତନାକୁ ଉତ୍ତରିତ କରିବା ପାଇଁ ଯେଉଁମାନେ ନେଇଛନ୍ତି ବିଶିଷ୍ଟ ଭୂମିକା, ସେମାନଙ୍କ ସହିତ ସୂକ୍ଷ୍ମସ୍ତରରେ ନିଜକୁ ଯୋଡ଼ି ଦେଇଛନ୍ତି ଅପୂର୍ବ କଳାନୁରାଗ ଦ୍ୱାରା । ଆମ ସାହିତ୍ୟ, ସଂଗୀତ ଓ ସୌନ୍ଦର୍ଯ୍ୟପ୍ରୀତି ଅସୁନ୍ଦରତାକୁ ଘୋଡ଼ାଇ ରଖିବା ସକାଶେ ଉଦ୍ଦିଷ୍ଟ ନୁହେଁ । ରାଜସଭାର ସାହିତ୍ୟ, ସଂଗୀତ ଓ କଳା ପ୍ରତି ତେଣୁ ତାଙ୍କର ଶ୍ରଦ୍ଧା ନରହିବା ସ୍ୱାଭାବିକ । ଗୋଟିଏ ସମାଜରେ ପ୍ରତ୍ୟେକ ମଣିଷ ସମ୍ମାନର ସହିତ ବଞ୍ଚିବା ଯେ ହେଉଛି ସର୍ବଶ୍ରେଷ୍ଠ କଳା, ଏକଥା ପ୍ରତିପାଦନ କରି ନେଇପାରନ୍ତି ସେ 'କଳାମୟ ଜୀବନ ଓ କଳାନୁରାଗ' ପ୍ରବନ୍ଧରେ ।

ଚିତ୍ତରଂଜନଙ୍କ ପ୍ରବନ୍ଧ ସେଥିପାଇଁ ପାଠକ ଭିତରେ ସନ୍ତୋଷର ନୁହେଁ, ଅସନ୍ତୋଷର ରେଖାଟିକୁ ସଂପ୍ରସାରିତ କରିଦିଏ । ଯେଉଁମାନେ ସଂସ୍କୃତି ଠାରୁ ଜୀବନକୁ ବିଚ୍ଛିନ୍ନ କରି ଦେଖନ୍ତି ସେମାନଙ୍କୁ କଳାକାର ବୋଲି କୁହାଯାଇପାରିବ ନାହିଁ- ଏକଥା ଦୃଢ଼ତାର ସହିତ ଉଚ୍ଚାରଣ କରନ୍ତି ସେ । ସଂସ୍କୃତିର ସନ୍ତକ ଭାବରେ ନିଜକୁ ଗଢ଼ିବା ଅର୍ଥାତ୍ ଜୀବନ ସହିତ ଅତ୍ୟନ୍ତ ଅନ୍ତରଂଗ ଭାବରେ ସଂଯୁକ୍ତ ହେବା ହେଉଛି ତାଙ୍କ ଗଦ୍ୟ ରଚନାର ଶ୍ରେଷ୍ଠ ବାର୍ତ୍ତା । 'ସଂସ୍କୃତି ଓ ସଂପତ୍ତି' ପ୍ରବନ୍ଧଟିରେ ଏହି ଅନୁସ୍ୱନ୍ଦନ ବାରି ହୋଇପଡ଼େ । ସେହିପରି ଧର୍ମ ସଂପର୍କରେ ଲୁଥର୍ ଓ ଏରାସ୍‌ମସ୍‌ଙ୍କ ଉକ୍ତି ଉଦ୍ଧାର କରି ସେ ସ୍ୱଷ୍ଟ ଶବ୍ଦରେ କହିଦିଅନ୍ତି ଯେ ଅସଲ ଧର୍ମ ଆଣିଦିଏ ବିନୟ । ସୃଷ୍ଟି କରେ ନିଃସ୍ୱାର୍ଥ ପ୍ରେମର ଉଚ୍ଛ୍ୱାସ । ଯୋଗ୍ୟକୁ ଯୋଗ୍ୟତର କରିବା ପାଇଁ ଦେଇପାରେ ମାର୍ମିକ ଉଦ୍‌ବୋଧନ । ମାର୍ଟିନ୍ ଲୁଥର୍ ଏବଂ ଡେସିଡରିଅସ୍ ଏରାସ୍‌ମସ୍ ୟୁରୋପୀୟ ଇତିହାସରେ ଥିଲେ ସମସାମୟିକ । ମାର୍ଟିନ ଲୁଥର୍‌ଙ୍କ ଜନ୍ମ ଜର୍ମାନୀରେ । ଏରାସ୍‌ମସ୍ ହଲାଣ୍ଡର ଏକ ସହର ରଟର୍‌ଡାମ୍‌ରେ ଭୂମିଷ୍ଠ ହୋଇଥିଲେ । ୟୁରୋପୀୟ ଇତିହାସରେ reformation ବୋଲି ଯାହାକୁ କୁହାଯାଏ ତାହାର ନେତୃତ୍ୱ ନେଇଥିଲେ ମାର୍ଟିନ୍ ଲୁଥର୍ । ସେହିପରି ୟୁରୋପୀୟ ବିଚାରରେ enlightenment ର ଯୁଗ ବୋଲି ଯାହାକୁ ଅଭିହିତ କରାଯାଏ, ତାହାର ଅତ୍ୟୁଜ୍ଜ୍ୱଳ ତାରକା ହେଉଛନ୍ତି ଏରାସ୍‌ମସ୍ । ଲୁଥର୍ ଏରାସ୍‌ମସ୍‌ଙ୍କ ଦ୍ୱାରା ଥିଲେ ପ୍ରଭାବିତ । ଧର୍ମାଧୀଶ ପୋପ୍‌ଙ୍କର ଅବିଚାର ବିରୁଦ୍ଧରେ ଏରାସ୍‌ମସ୍ ଲେଖନୀ ଚାଳନା କରିଥିଲେ । ମାର୍ଟିନ୍ ଲୁଥର୍ ଆବେଗର ସହିତ ଯେଉଁ ସତ୍ୟ ଉନ୍ମୋଚନ କରିଥିଲେ ତାହା ହେଉଛି ଜଣେ ସିଧାସଳଖ ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ଯାଇପାରିବ । ସାଧାରଣ ମଣିଷ ପୋପ୍‌ମାନଙ୍କ ଦ୍ୱାରା ଓ ରାଜାମାନଙ୍କ ଦ୍ୱାରା ହେଉଥିଲେ




ପ୍ରପୀଡ଼ିତ । ସେହି ଉତ୍ପୀଡ଼ନରୁ ମଣିଷକୁ ମୁକ୍ତ କରିବାର ସୂତ୍ରପାତ କଲେ ସେ ଅପୂର୍ବ ଆତ୍ମବଳ ନେଇ । ଏସବୁ ଚିତ୍ତ ଆଲୋଡ଼ନକାରୀ ବିଷୟ ସହିତ ଚିତ୍ତରଂଜନ ଯେଉଁ ଅନୁରାଗ ଓ ସାହସ ନେଇ ସଂପର୍କିତ ହୋଇଛନ୍ତି ତଥା ପାଠକକୁ ନିଜ ଭିତରେ ଥିବା ପ୍ରତିବାଦର ସ୍ୱରକୁ ସଂଘଟିତ କରିବାକୁ ଚାହିଁଛନ୍ତି, ତାହା ହିଁ ତାଙ୍କର ଏକ ମହାନ ବିଶେଷତ୍ୱ ।

ଆମ ସାହିତ୍ୟ ସମାଲୋଚନାରେ ଆଦର୍ଶ ଓ ବାସ୍ତବ ଉଭୟକୁ ଅଲଗା ଅଲଗା ଭାବରେ ଆମେ ବିଭକ୍ତ କରିଥାଉଁ । ଦିନେ ପ୍ରସିଦ୍ଧ ବଂଗଳା ଔପନ୍ୟାସିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏ ସଂପର୍କରେ ଆଲୋକପାତ କରି କହିଥିଲେ ଯେ ଉଭୟକୁ ଭିନ୍ନ ଭିନ୍ନ ଭାବରେ କିପରି ଚିତ୍ରଣ କରାଯାଏ ତାହା ମୋତେ ଜଣା ନାହିଁ । ଚିତ୍ତରଂଜନ 'ଆଦର୍ଶ ଓ ବାସ୍ତବ' ନାମକ ପ୍ରବନ୍ଧରେ ଆଦର୍ଶ ଓ ବାସ୍ତବ ମଧ୍ୟରେ ରହିଛି ଯେଉଁ ନିଗୂଢ଼ ସଂପର୍କ, ତାହାକୁ ଉନ୍ମୁକ୍ତ କରି ଦେଇଛନ୍ତି । ଏ ଉଭୟ ସତ୍ୟକୁ ସେ ଆପେକ୍ଷିକ ବୋଲି ଦର୍ଶାଇ ବାସ୍ତବ ଆଦର୍ଶ ଆଡ଼କୁ ଅଗ୍ରସର ହେବା ଏବଂ ଆଦର୍ଶ ବାସ୍ତବରୂପ ପରିଗ୍ରହ କରିବାରେ ହିଁ ରହିଛି ଜୀବନର ଗତିଶୀଳତା ବୋଲି ପ୍ରମାଣ କରି ଦେଇଛନ୍ତି । ଏଭଳି ମୀମାଂସା ସେଇ ପ୍ରାବନ୍ଧିକମାନେ କରି ପାରନ୍ତି ଯେଉଁମାନେ ହେଉଛନ୍ତି ଦାର୍ଶନିକ ଚିନ୍ତନର ପ୍ରତୀକ ।

ଏହି ଯୁଗର ଅଭିନବତ୍ୱ ଦର୍ଶାଇ ଦେଇଛନ୍ତି 'ସେସେ ଯୁଗ ଓ ଏଯୁଗ' ନାମକ ପ୍ରବନ୍ଧରେ । କହିଛନ୍ତି, 'ସାରା ପୃଥିବୀକୁ ଗୋଟାଏ ଘରରେ ପରିଣତ କରିବା ଲାଗି ଯେଉଁ ସମ୍ଭାବନା ଓ ଶକ୍ତି ମଣିଷ ଭିତରେ ରହିଛି, ସେହି ଶକ୍ତିକୁ କାମରେ ଲଗାଇବାର ଆହ୍ୱାନ ହେଉଛି ଏ ଯୁଗର ଆହ୍ୱାନ ।' (ପୃଷ୍ଠା-୧୩୮) ଚିତ୍ତରଂଜନଙ୍କ ଚିନ୍ତନ କ୍ଷେତ୍ର ଅତ୍ୟନ୍ତ ବିଶାଳ । ଗୋଟିଏ ଗୋଟିଏ ବାକ୍ୟରେ ସେ ଯେପରି ମଣିଷ ହୃଦୟର ରୁଦ୍ଧ ଦ୍ୱାର ଖୋଲି ଦେଇପାରନ୍ତି ତାହା ଏକ ଏକ ସତ୍ୟଦୀପ୍ତ ପ୍ରଦର୍ଶନ କରାଇ ଦେଇପାରେ । ପରସ୍ତ ପରସ୍ତ କରି ନିଜକୁ ଉନ୍ମୋଚିତ କରିବା, ପାଖୁଡ଼ା ପାଖୁଡ଼ା କରି ଫୁଲପରି ନିଜକୁ ଫୁଟାଇବା- ଏ ଶବ୍ଦର ପ୍ରୟୋଗ ତାଙ୍କ ପ୍ରବନ୍ଧମାନଙ୍କରେ ସର୍ବତ୍ର ଦୃଷ୍ଟିଗୋଚର ହୁଏ । ଏପରି ଶବ୍ଦ-ସୌକର୍ଯ୍ୟ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଏହାରି ମଧ୍ୟ ଦେଇ ନିଜ ବକ୍ତବ୍ୟର ମୁଖ୍ୟ ଅଂଶଟିକୁ ଏପରି ଭାବରେ ସେ ବ୍ୟାଖ୍ୟା କରି ଆଣନ୍ତି ଯେ ତାହା ପ୍ରବନ୍ଧର ଶେଷବାକ୍ୟ ପର୍ଯ୍ୟନ୍ତ ଅଗ୍ରସର ହେବା ପାଇଁ ପାଠକକୁ ଦେଇ ଚାଲିଥାଏ ନବ ନବ ଉଦ୍ଦୀପନା ଓ ଉତ୍କଣ୍ଠା । ଅନେକ ସମୟରେ ପାଠକ ତାଙ୍କ ବ୍ୟାଖ୍ୟାନ ମଧ୍ୟରେ ଅଡୁଆ ଅନୁଭବ କରି ଅସଲ ଆଭିମୁଖ୍ୟଟିକୁ ଧରିବା ପାଇଁ ଅସମର୍ଥ ହୋଇଯିବା ଅସ୍ୱାଭାବିକ ହୋଇନପାରେ । ମାତ୍ର ଯେଉଁମାନେ ଧୈର୍ଯ୍ୟଶୀଳ ପାଠକ, ଆଉ ଯେଉଁମାନେ ଶାନ୍ତ ଭାବରେ ପ୍ରସ୍ଫୁଟିତ ହୋଇଯିବା ଚେତନାର ଅଧିକାରୀ, ସେମାନେ ନିଶ୍ଚୟ ଆପଣାର ଧ୍ୟାନଶୀଳତାକୁ ଭଗ୍ନ ନକରି ଚିତ୍ତରଂଜନଙ୍କ ପ୍ରବନ୍ଧକୁ ଶେଷ ପର୍ଯ୍ୟନ୍ତ ପାଠ କରିପାରନ୍ତି ନିଖୁଣ ଓ ନିପୁଣ ଭାବରେ । ଯଦି ଚିତ୍ତରଂଜନଙ୍କ ବିଷୟ ପରିବେଷଣ ସଂପର୍କରେ ସମୀକ୍ଷା କରାଯିବ ତାହା ହେଲେ ପ୍ରତ୍ୟେକଟି ପ୍ରବନ୍ଧରେ ସେହି ଗୋଟିଏ ସତ୍ୟ ଓ ସୌନ୍ଦର୍ଯ୍ୟ ଉକୁଟି ଉଠିବ ଯାହା ହେଉଛି ତାଙ୍କ ଆତ୍ମବିକାଶର ମୂଳସୂତ୍ର ।

'ବାଲ୍ମିକୀ ଓ ବିଲ୍ମୀକ' ନାମକ ପ୍ରବନ୍ଧଟିରେ ସେ ଯେଉଁମାନେ ସଂସାର ତ୍ୟାଗ କରି ଅରଣ୍ୟକୁ ଆଶ୍ରୟ କରି ତପସ୍ୟା କରନ୍ତି ସେମାନଙ୍କୁ ଯଥାର୍ଥ ତପସ୍ୱୀ ବୋଲି ଗ୍ରହଣ କରିନାହାନ୍ତି । ସେ କହନ୍ତି 'ଅସଲ ତପସ୍ୟା' ଜୀବନରେ ହିଁ ହୁଏ, ଏହି ସଂସାର ହିତରେ ହିଁ ହୁଏ । ସଂସାର ଭିତରେ ହିଁ ପାହାଚକୁ ପାହାଚ ବାଟ ଉଠିଯିବାକୁ ହୁଏ, ଏହି ଜୀବନରେ ହିଁ ପାଖୁଡ଼ାକୁ ପାଖୁଡ଼ା ଫୁଟି ଉଠିବାକୁ ହୁଏ । ପାହାଚକୁ ପାହାଚ ଉଠିବା ଓ ପାଖୁଡ଼ାକୁ ପାଖୁଡ଼ା ଫୁଟି ଉଠିବା- ସେକଥା କେବଳ ତପସ୍ୟା ଦ୍ୱାରା ସମ୍ଭବ ହୁଏ ।(ପୃଷ୍ଠା ୧୪୩) ବାଲ୍ମିକୀଙ୍କର ପୂର୍ବଜନ୍ମ ଓ ପୁନର୍ଜନ୍ମର ଦୃଷ୍ଟାନ୍ତ ଉପସ୍ଥାପନ କରି ଚିତ୍ତରଂଜନ ପ୍ରତିପାଦନ କରି ଦେଇଛନ୍ତି ଯେ ଶେଷରେ ତପସ୍ୟା ହିଁ ଆମର ସ୍ୱଭାବରେ ପରିଣତ ହୋଇଯାଏ । ସେହି ତପସ୍ୟା ନିମିତ୍ତ ଆଉ କୌଣସି କଷ୍ଟ କରିବାକୁ ପଡ଼େନାହିଁ । ସବୁକିଛି ହୋଇଯାଏ ସହଜ, ସରଳ, ସୁନ୍ଦର, ସ୍ୱାଭାବିକ ଓ ସ୍ୱଭାବସିଦ୍ଧ । ଆମର ସାହିତ୍ୟ, ସଂସ୍କୃତି, ସଭ୍ୟତା, କଳା ଏ ସବୁକିଛି ତପସ୍ୟାର ସ୍ନିଗ୍ଧ ଆଲୋକରେ କିଭଳି ବର୍ଦ୍ଧିତ ହୋଇ ଉଠିବ ତାହାର ମାର୍ଗ ଦେଖାଇ ପାରିଛନ୍ତି ସେ । ବିଲ୍ମୀକ ଅର୍ଥ କ'ଣ ? ତାଙ୍କ ଦୃଷ୍ଟିରେ ଯେଉଁମାନେ ଏ ସଂସାରରେ ଥାଇ ଗଣ୍ଠି ଉପରେ ଆହୁରି ଅଧିକ ଗଣ୍ଠି ପକାଇବାରେ ଲାଗନ୍ତି ସେମାନେ ହେଉଛନ୍ତି ବିଲ୍ମୀକ । ଏମାନଙ୍କର ବାଲ୍ମୀକି ହେବା ଅସମ୍ଭବ । ବାଲ୍ମୀକି ହେବା ପାଇଁ ଆକାଂକ୍ଷା ପୋଷଣ କରିବାକୁ ପଡ଼େ । ଅଭୀପ୍ସା ଯେତେବେଳେ ହୁଏ ଆନ୍ତରିକ ସେତେବେଳେ ଜଣେ ମଣିଷ ପରିବର୍ତ୍ତିତ ହୋଇଯାଇ ପାରେ । ଏଭଳି ପରିବର୍ତ୍ତନ କେବଳ ସାହିତ୍ୟଜଗତକୁ ନୁହେଁ ରାଜନୈତିକ ଜଗତକୁ ମଧ୍ୟ ପରିଚାଳିତ କରିଦେଇପାରେ । ଜୀବନରେ ସବୁକ୍ଷେତ୍ରକୁ ପରିମାର୍ଜିତ ଓ ପରିଶୁଦ୍ଧ କରିଦେବା ନିମିତ୍ତ ଚିତ୍ତରଂଜନଙ୍କ ପ୍ରେରଣା ଏତେ ଆନ୍ତରିକ, ତାଙ୍କ ଆହ୍ୱାନ ଏତେ ଅନ୍ତରଂଗ, ତାଙ୍କର ହାବଭାବ ଏତେ ନିବିଡ଼ ଯେ ତାହା ପାଠକକୁ ଦେଇପାରେ ତପସ୍ୟା ଆଚରଣ କରିବା ପାଇଁ ଅନନ୍ୟ ଦ୍ୟୁତି ଓ ଦ୍ୟୋତନା । ପ୍ରତିଟି ପ୍ରବନ୍ଧକୁ ପଢ଼ିଲେ ଚିତ୍ତରଂଜନ କେବେ ଭିନ୍ନ ଭିନ୍ନ ଲାଗିବେ ନାହିଁ । ଗୋଟିଏ ବାକ୍ୟ ଭିତରେ, ଗୋଟିଏ ପୃଷ୍ଠା ମଧ୍ୟରେ ବା ଗୋଟିଏ ପ୍ରବନ୍ଧ ମଧ୍ୟରେ ସେ ଯେପରି ପ୍ରତିଭାତ, ଗୋଟିଏ ପୁସ୍ତକରେ ଏବଂ ତାଙ୍କର ସମଗ୍ର ସାହିତ୍ୟିକ କୃତି ମଧ୍ୟରେ, ଏକ ହିଁ ଭାବନାର ବ୍ୟଞ୍ଜନା ମର୍ମସ୍ପର୍ଶୀ ସଂଗୀତଟିଏ ପରି ହୃଦୟରେ ସୃଷ୍ଟି କରେ ଅପୂର୍ବ ମୂର୍ଚ୍ଛନା ।

ଚିତ୍ତରଂଜନ ଯେତେ ପାହାଚ ଚଢ଼ିଲେ ମଧ୍ୟ, ଫୁଲ ପରି ଯେତେ ଫୁଟି ଉଠିଲେ ମଧ୍ୟ, ପରସ୍ତ ପରସ୍ତ କରି ନିଜକୁ ଯେତେ ଉନ୍ମୋଚିତ କଲେ ସୁଦ୍ଧା ତାଙ୍କ ତପସ୍ୟାର ସମାପ୍ତି ନଥାଏ । କାରଣ ସେ ହେଉଛନ୍ତି ସକ୍ରେଟିସ୍ ଅସନ୍ତୋଷର ଏପରି ଏକ ସ୍ନିଗ୍ଧ ବହ୍ନି, ଯାହା ପ୍ରଜ୍ଜ୍ୱଳିତ ହୋଇ ରହିଛି ପ୍ରତିଟି କ୍ଷଣରେ ସମାନ ଆବେଗଧର୍ମୀତା ଓ ଶ୍ରଦ୍ଧାଶୀଳତାକୁ ପାଥେୟ କରି । ଯିଏ ଚିତ୍ତରଂଜନଙ୍କ ପ୍ରବନ୍ଧ ପଢ଼ିବ ତା' ଭିତରେ ମଧ୍ୟ ଏହି ଅସନ୍ତୋଷର ନିଆଁ ନିଶ୍ଚିତ ଭାବରେ ଜଳି ଉଠିବ ଓ ଚିତ୍ତରଂଜନଙ୍କ ଆତ୍ମିକ ଅଂଶର ଅଂଶୀଦାର ସେ ହୋଇପାରିବ ନିଶ୍ଚୟ । ଓଡ଼ିଆମାନେ ପ୍ରକୃତରେ ଗୌରବାନ୍ୱିତ ହେବା ଆବଶ୍ୟକ ଯେ ଏଭଳି ଜଣେ ଉଚ୍ଚକୋଟୀର ଗଦ୍ୟଶିଳ୍ପୀଙ୍କୁ ସେମାନେ ଲାଭ କରି ପାରିଛନ୍ତି- ଯିଏ ଶ୍ରଦ୍ଧାମୟ ତପସ୍ୟାର ଏକ ମୂର୍ତ୍ତିମନ୍ତ ବିଗ୍ରହ । ଯାହା ଭିତରେ ସୃଜନଧର୍ମୀ ଅସନ୍ତୋଷର ଅଗ୍ନିଶିଖା ପ୍ରଜ୍ୱଳିତ ହୋଇଉଠେ । ସେ ପରିଣତ ହୁଏ ସକ୍ରେଟେସୀୟ ଚେତନାରେ । ଚିତ୍ତରଂଜନ ସେଇ ସ୍ତରକୁ ଉତ୍ତୋଳିତ ହୋଇ ଯାଇଛନ୍ତି ଅକଳ୍ପନୀୟ ଭାବରେ । ତାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ହେଉଛି ଏକ ଏଭଳି ପ୍ରତୀକାତ୍ମକ ପ୍ରକାଶ ଯାହା ପ୍ରତ୍ୟେକଙ୍କୁ ପ୍ରଦାନ କରିପାରିବବ ଜୀବନର ପରମ ଆଭିମୁଖ୍ୟ ସଂପର୍କରେ ଯଥାର୍ଥ ଦିଗ୍‌ଦର୍ଶନ । ସବୁ ଦୃଷ୍ଟିରୁ 'ଶୂକର ଓ ସକ୍ରେଟିସ୍'ନାମକ ପ୍ରବନ୍ଧ ପୁସ୍ତକଟି କେତେ ପ୍ରେରଣା ଗର୍ଭିତ ତାହା ଆଉ ଅଧିକ ବ୍ୟାଖ୍ୟା କରି ପ୍ରତିପାଦନ କରିବାର ଆବଶ୍ୟକତା ସମ୍ଭବତଃ ନାହିଁ । ଚିତ୍ତରଂଜନଙ୍କ ପ୍ରବନ୍ଧ ବା ପ୍ରବନ୍ଧର ଗୋଟିଏ ଗୋଟିଏ ବାକ୍ୟ ହେଉଛି ଏପରି ଏକ ଏକ ଜ୍ୟୋତିର୍ମୟ ଜ୍ୟୋତିସ୍ତମ୍ଭ ଯେ ତାହା ଚିରକାଳ ଉଦ୍ଭାସିତ କରିନେଇ ପାରୁଥିବ ସହସ୍ର ସହସ୍ର ଗ୍ରହଣଶୀଳ, ଚେତନଶୀଳ ମଣିଷର ଭାବ-ପ୍ରକୋଷ୍ଠକୁ ଯାହା ଦିନେ ପୃଥିବୀ ବକ୍ଷକୁ କରିବ ସତ୍ୟ ଓ ଶାନ୍ତିର ଆଲୋକରେ ସମୁଦ୍ଭାସିତ ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସର
ମଡେଲ୍ : ଈପ୍‌ସିତା ଦାସ
ଉଚ୍ଚତା : ୫ ଫୁଟ୍ ୪ଇଞ୍ଚ୍
ଶିକ୍ଷା : ସାମ୍ବାଦିକତାରେ ସ୍ନାତକୋତ୍ତର
ବୃତ୍ତି : ସାମ୍ବାଦିକା ଓ ଅଭିନେତ୍ରୀ
କଷ୍ଟ୍ୟୁମ୍ : ବୀଣାପାଣି ଦାସ
ମେକ୍‌ଅପ୍ : ଅମ୍ରିତା
ସ୍ଥାନ : ପଟିଆ, ଭୁବନେଶ୍ୱର
ଫଟୋଗ୍ରାଫି : ସୌମ୍ୟ ରଞ୍ଜନ ମଲ୍ଲିକ, ଭୁବନେଶ୍ୱର
କ୍ୟାମେରା : କ୍ୟାନନ୍ ୬ଡ଼ି ମାର୍କ ୨
ଗ୍ରାଫିକ୍ସ ଡିଜାଇନ୍ : ଶିବରାଜ କର୍ମ, ସୋନପୁର

ଲେଣ୍ଡର

# ଅକ୍ଟୋବର ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

୦୨/୧୦/୨୦୨୦ : ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ
୦୯/୧୦/୨୦୨୦ : ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ
୧୭/୧୦/୨୦୨୦ : ଗର୍ଭଣା ସଂକ୍ରାନ୍ତି
୨୩/୧୦/୨୦୨୦ : ମୃଣ୍ମୟୀ ସପ୍ତମୀ ପୂଜା
୨୪/୧୦/୨୦୨୦ : ମୃଣ୍ମୟୀ ମହାଷ୍ଟମୀ
୨୫/୨୦/୨୦୨୦ : ମୃଣ୍ମୟୀ ମହାନବମୀ
୨୬/୧୦/୨୦୨୦ : ଦଶହରା
୩୦/୧୦/୨୦୨୦ : ଗଜଲକ୍ଷ୍ମୀ ପୂଜା, କୁମାରୋତ୍ସବ, ମହମ୍ମଦ ଜୟନ୍ତୀ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



# ଉଦ୍‌ଭ୍ରାଂତ

## ତପନ ପଟ୍ଟନାୟକ

ରେଳଗାଡ଼ି ଚାଲିଯାଏ
ଭୁସ୍‌ଭୁସ୍
କ୍ଳାନ୍ତ ଦି'ପହର
ଖାଁ ଖାଁ ଧାନବିଲ
ମରୁ ମରୀଚିକା ଏ
ପ୍ରାନ୍ତର ।

କେହି ତ କୁଆଡ଼େ ନାହିଁ
ଧୁ ଧୁ
ଧପଡୁଚି ଖରା
ଅଳ୍ପ ଟିକେ ହୋହଲ୍ଲା
ଗାଁ ଶେଷ
ମଂଡଗରେ ପରା ।

ପଡ଼ିଚି ତାସ୍‌ର ପାଲି
କାହା ପାଖେ
ନାଲିପାନ ବିବି

ତାସ୍ ଫେଂଟିଫେଂଟି କହେ
କାଲି ପରା
କାପିଟାଲ୍ ଯିବି ।

ଜିତାପଟ ହେଲେ ସିନା
ବାଟଖର୍ଚ୍ଚ
ଉଠିବ ହେ ବନ୍ଧୁ
ହାତଖର୍ଚ୍ଚ ନ ଉଠିଲେ
ଜମିଯିବ
ମନରେ ଅଳଂଧୁ ।

ଜହ୍ନ ଯେବେ କୁଦା ମାରି
ପାରିହୁଏ
ଅଂକରାତି ବଣ
ସମସ୍ୟାର ଜିଜ୍ଞାସାରେ
ଭାରି ହୁଏ
ଅସହାୟ ମନ ।

କଂଢେଇ ପରି ମୁଁ କେତେ
ନାଚିବି ହେ
ବାଧ୍ୟତାର ସହ
ଦିନରାତି କ୍ରୀତଦାସ
ସ୍ୱାଧୀନତା
ହେଲାଣି ଦୁଃସହ ।

ଗୋଲାମୀଗିରିରେ ମୋର
ସରିଗଲା
ଏ ସାରା ଜୀବନ

ମନକଥା ବୁଝିବାକୁ
ଜଣେ ଅଧେ
ଆସିଥିଲେ କିଏ

ବରା, ରସଗୋଲା ଖିଆ
ଚା' ପିଆ, ମୁହୂର୍ତ୍ତକ
ଗପସପ ହୋଇ
ଅସୂୟାର ଅଂଧାରରେ
ଚୁପ୍‌ଚାପ୍

ପଡ଼ିଲେରେ ଶୋଇ

କାମ ସବୁ ପାଣିଚିଆ
ଆକାଶର
କୁଆଁତାରା ପରି

ମନ ମୋ ଉଦାସ ଭାରି
କାଶତଣ୍ଡୀ
ବଣକୁ ଦେଖିଲେ

ଜୀବନ ସଫେଦ ଲାଗେ
ପରିଚର୍ଯ୍ୟା
ଏତେ କିଆଁ ମ୍ଳାନ

ବସ୍ତୁତ୍ୱର କଠୋରତା
ଦେହ ମନ କରିଦିଏ
ଏମିତି ନିଷ୍ପ୍ରାଣ ।

ଜନନୀର ଜଠରରେ
ପୁଣି ଥରେ
ପାଇବି କି ନାହିଁ
ଆଉ ଜନ୍ମ
ମଧୁର ମୁହୂର୍ତ୍ତ କେତେ
ଅଯଥାରେ
ଫିଙ୍ଗି ମୁଁ ଆସିଲି

ସବୁକିଛି ହଜାଇ ମୁଁ
ଖୋଜିବାର
ଆତ୍ମ ସମର୍ପଣ
କରିବାକୁ କେବେ କ'ଣ
କୁହାଯାଏ
ଅନ୍ୟ ନାମ
କେବଳ ଜୀବନ !

ଆସିଚି ମୁଁ ଯେଉଁବାଟେ
ସେଇ ବାଟେ ଦିନେ ପୁଣିଯିବି
କେଉଁଠାରୁ ଆସିଚି ମୁଁ
ଗଲେ ପୁଣି
କେଉଁଠାରେ ଥିବି

ବଂଚିଥିବା ବେଳରେ ମୁଁ
ତିଆରିଚି
ମନେମନେ
ଯେଉଁ କଳ୍ପଲୋକ
ସେଠି ଅଛି
ଅଂଧାରର ନର୍କ ଅବା
ଉଜ୍ଜ୍ୱଳ ସେ
ସ୍ୱର୍ଗର ଆଲୋକ !

କାହିଁକି ଡାକୁଚ ବଂଧୁ
ଅନାଗତ
ସମୟକୁ ତମେ
ଯାହା ସଂପର୍କରେ ତମେ
ପୁରାପୁରି ଅଛ ଅନଭିଜ୍ଞ

ଜାଣିଚ କି ତାସ୍‌ପାଲି
କରିଦିଏ କାହାକୁ ସମ୍ରାଟ ଆଉ
କାହାକୁ ଭିକାରି

ତମେ ତ ସାମାନ୍ୟ ଜଣେ
ଖେଳୁଆଡ଼
ଖେଳ ତୁମ ପ୍ରିୟ
ପଶାପାଲି ।

ତାସ୍ ଖାଲି ଫେଂଟୁଫେଂଟୁ
ଅଚାନକ
ନିଦ ଆସିଯିବ
ଯୋଉ ନିଦ ସମୟର ଅନୁକ୍ରମେ
ଆଉ କେବେ ଥରେ ନ ଭାଂଗିବ;

ତାସ୍‌ପାଲି, ହୋହଲ୍ଲା
ଲାଭକ୍ଷତି
ବଂଧନର ପ୍ରାସ ଅନୁପ୍ରାସ
ସମୟ ଝଡ଼ର ଧୂଳି
ବାଢ଼ି ଦେବ ସବୁକିଛି
ଅଂତିମ ନିର୍ଯ୍ୟାସ !

ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦
ଫୋନ:୮୨୪୯୦୩୪୫୦୪





ଫଟୋ ରଂଜନ ବାଗ

# ଦେଇ ପାରିନଥିବା ଦକ୍ଷିଣା

## ରଂଜନ ବାଗ

ଫୁଙ୍ଗୁଳା ପାଦ
ଧୋତି ଆଉ ଫତେଇର
ପରିଧାନ ମଧ୍ୟରେ
ଉଜ୍ଜ୍ୱଳ ଦିଶୁଥିଲା
ତାଙ୍କ ମୁଖମଣ୍ଡଳ
ପାହାନ୍ତି ରାତିର
କୁଆଁତାରା ପରି ।

ସ୍ନେହ ଶ୍ରଦ୍ଧା ଅନୁଶାସନର
ଫେଣ୍ଟାଫେଣ୍ଟି
ମୂର୍ତ୍ତିମନ୍ତ ପ୍ରତିମାଟିଏ ।

ସର୍ବଦା ସ୍ମିତହାସ୍ୟ
ତାଙ୍କ ମୁଖମଣ୍ଡଳକୁ
କେବେ ବି ଛୁଇଁ ପାରିନଥିଲା
ବିଶାଦର ଛାୟା ।

ଆଜି ବି ତାଙ୍କ ଚେହେରା
ଝାପ୍‌ସା ଝାପ୍‌ସା ଦିଶିଯାଏ
ପଛକୁ ଫେରିଦେଖେ ଯେବେ ।

କୁଆଡ଼େ ଗଲେ ସେ
କେବେ ବି ତ ମୁଁ ଆଉ
ଭେଟି ନାହିଁ ତାଙ୍କୁ ।

ଭାବିଥିଲି କେବେ ନା କେବେ
ଆକସ୍ମିକ ଦେଖାହେବ
ଜୀବନର ବନ୍ଧୁର ଚଲାପଥେ
କେଉଁଠି ନା କେଉଁଠି ।

ହେଲେ ଏ ପର୍ଯ୍ୟନ୍ତ
ସେଭଳି କିଛି ଘଟିଲା ନାହିଁ ।

ସେ ଜୀବିତ ନା ଦିବଙ୍ଗତ
ଠିକଣା ତ ଜଣାନାହିଁ ।

ଅକ୍ଷରକୁ ଅକ୍ଷରରେ ଯୋଡ଼ି
ଆଜି ଯେଉଁ ଶବ୍ଦର ଝଙ୍କାର ତୋଳେ
ସେ ହିଁ ଆଖି ସାମ୍ନାକୁ
ଆସିଥାନ୍ତି ବାରମ୍ବାର ।

ପ୍ରତି ଅକ୍ଷର ଭିତରେ ଥାଇ
ଗୋଟିଏ ପାରିଲାପଣର
ହସ ହସୁଥାନ୍ତି ।

ଆଜି ବୟସର ଅପରାହ୍ନରେ
ଦାନର ଅନେକ ପ୍ରତିଦାନ
ପାଇ ସାରିଥିବା ବେଳେ
ମୋତେ ଯିଏ ହାତ ଧରି ଶିଖାଇଥିଲେ
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ଆଜି ତାଙ୍କୁ ଖୋଜୁଛି ଦେବାକୁ
ଦେଇ ପାରି ନଥିବା
ଲୁହ ଆଉ ଲହୁ ଜୁଡ଼ୁବୁଡ଼ୁ
ଶେଷ ଦକ୍ଷିଣା ।

♥ବରିଷ୍ଠ ସାମ୍ବାଦିକ:'ସମୟ'
ମଲ୍ଲିକାଶପୁର, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୭୨୬୪୩୩୬

# ନଳିତାବିଡ଼ା

## ଅଜୟ ପ୍ରଧାନ

ମୂଳରୁ ମାଇପ ନାଇଁ ବୋଲି ଆଇଁଲି ମାଇପ,
ସିଏ ଯଦି ପଳେଇବ ଦିନ ଚାରିଟାରେ ଆଉ କା' ସ'
ମୁଁ କରିବି କ'ଣ ଯେ !

ମୋ'ରି ନାଆଁ ଗୋପାଳିଆ
ଶ୍ରୀଅକ୍ଷର ବିବର୍ଜିତ ସିନା
ଗାଈଗୋଠର ଆଜ୍ଞା କିଂତୁ ମେନେଜର୍ !
ହେଇ, ଯୋଉ ଚାଳିଟା ଦୁଉଚି
ପାଗେଳିଂକ ପରି, ସେଇଟା ମୋର
ଗୋଟେ ବିଲେଇ, ଗୋଟେ କଂଥା ଆଉ ସଅପ
ଲଟକଣ ଗୋଟେ, ଦି'ଖଂଡ ବାସନ
କୁକୁରଟେ ଯା'ର ନାଂଗୁଡ଼ ଏକବାରେ ସଳଖ !

ବାଁଝ ବେଇଚି ବୁଢ଼ୀ କାଳେ ବୋଲି
ଯା'କୁ କେଏଲି କଲା ଗାଆଁ
ସିଏ ପାଇଥିଲା ମତେ ତୋଟାରୁ
(ଏଇଟା ଜାଣିନାହାଂତି କେହି !)
ଫୁଃ,
କଥାରେ ଯେତେ ପକେଇବାକୁ ନଥା
ମଥାରେ ରଖିବାକୁ ହାତ କେତେ ?
ମୋର ଗାଂଗୀ ଯେତିକି ସେତିକି ଗଂଗା
ଯିଏ, ଯୋଉଠି ଡାକେ ମୋତେ: ପୁଅ !
ସେଇଠୁ, ସିଏ ମୋର, ହେଇଯାଏ ମାଆ !

କେଇଟା ଦିନରେ ମଲା ବାଆ
ବର୍ଷ କେଇଟା ନ ଯାଉଣୁ ମାଆ
ଜୀବନ ମୋ ଏମିତି: ଅଧା ଚିରା ଅଧା ସାଆଁ,
ଉଃ, ବାଟ କଣ ଜାଣିବା ଆଗରୁ ମୁଁ ବାଟବଣା !

ଟାହୁଲି କରିଚଂତି କେତେ
କେତେ କଣଚେସା
କିଛିରେ କାହିଁରେ ମୁଁ ଥାଏନା,
କା'ର ଗରଜ ପଡ଼ିଚି ମୁଂଡ ପିଟିବ କା' କଥାରେ !
ଜଣେ ଅଛି ଏ ଜଗତରେ, ଥାଉ
(ସିଏ ଜଣେ ଇ ପଣେ ପଣେ କରି କେତେ ପଣେ !)
ସବୁ ଲାଗିଚି ତାକୁ,
ମାଆ କହି ଯାଇଥିଲା କାନେ କାନେ ଯା'କୁ :
'ଇଏ ଲାଗିଲା ତମକୁ !'

ହଇରେ ଗୋପାଳ ! ହେ ଗୋପାଳ !
(ତୋତେ ଶୁଭୁଚି ନା ନାଇଁ ବା !
ୟାପ କାଲା କୋଉଠିକାର !)
ମାଆ କହୁଥିଲା ତା' ପୁଅ ଶାଳଗ୍ରାମ,
ତୁ କିମିତି ଭାବୁଚୁ ତାକୁ ତୁଚ୍ଛା ପାଳ ?

♥ଦଇତାପଡ଼ା ସାହି, ପୁରୀ-୧
ଫୋନ:୯୮୬୧୮୮୦୧୦୮



ଫଟୋ ଅଜୟ ପ୍ରଧାନ

# ଜ୍ୟାମିତି ବାକ୍ସ

## ବାଦଲ ମହାନ୍ତି

ଦଶମଶ୍ରେଣୀ କାନ୍ଥର କଳାପଟାରେ
ଆଜି ବି ଦୁଇଟି ସରଳରେଖାର
ସମାନୁପାତିକ ବୃଦ୍ଧି ଘଟୁଥିବ
ଗୋଟିଏ ସ୍ଥିରବିନ୍ଦୁର ଅନ୍ୱେଷଣରେ ।

ଥକି ବି ପଡୁଥିବେ ଗଣିତ ମାଷ୍ଟ୍ରେ
ଝିଅ ବାହାଘରକୁ ନିଅଣ୍ଟ ଜିପିଏଫ୍
ଗୋଟେ ଖଣ୍ଡିଆ ଭୂତ ପରି
ବୃତ୍ତାକାରରେ ଘୂରୁଥିବ ତାଙ୍କ ଚାରିପାଖେ ।

ଆଜି ବି ମୋ ପରି ଅନେକ ପିଲା
ଫେଲ୍ ହେଉଥିବେ ଜ୍ୟାମିତିରେ ।

ମୁଁ ବିରକ୍ତ ହେଇ ବିକି ଦେଇଥିଲି
ମୋ ଜ୍ୟାମିତି ବହି
ଚଟ୍‌ପଟି, ଘୁଘୁନି
ଓ ଚକୋଲେଟ୍ ଲୋଭରେ ।

ବହୁତ ବାଡ଼େଇଲେ ବାପା
ମନଦୁଃଖ କଲ ତମେ
କହିଲ, 'ଆଦୌ ଖାଇନଥାନ୍ତି
ବହିବିକା ପଇସା ଜାଣିଥିଲେ ।'

ଗୋଟାଏ ଛେଦବିନ୍ଦୁରେ ଆମେ
ଉଭୟ ଉଭୟଙ୍କୁ ଛେଦି
ଅଗ୍ରସର ହେଲେ,
ଭିନ୍ନ ଭିନ୍ନ ଗତିପଥରେ ।

ଆରମ୍ଭରୁ ବାହାରି ପୁଣି
ଆରମ୍ଭକୁ ଛୁଇଁବା ହିଁ ବୃତ୍ତ
ହେଲେ, ତମେ ମାନିଲେ ତ ?

ମୋର ସରଳରେଖା
ଚିରକାଳ ତମ ପାଇଁ ବଙ୍କା
ତମର ବୃତ୍ତ
ଛୁଇଁ ପାରିଲାନି ଆଦ୍ୟରୁ ପ୍ରାନ୍ତ ।


ମେଟ୍ରିକ୍ ପରୀକ୍ଷା ବର୍ଷ
ଜାଣିଶୁଣି ବଦଳ ହେଇଗଲା
ବେଙ୍ଗଲ୍ ଟାଇଗର୍ ଛବି ଥିବା
ଦୁଇଟି ଜ୍ୟାମିତି ବାକ୍ସ ।

ଡ଼ିଭାଇଡର୍ ମୂନରେ
ଭାଗ କରିପାରିଲିନି ଜୀବନ
ସ୍କେଲ୍‌ରେ ମାପି,
ଚାଲିବା ହେଲାନି ମୋ ଦେଇ
ପ୍ରୋଟାକ୍ଟର୍‌ରେ ଆଙ୍କିଲି,
ଅସ୍ତଗାମୀ ସୂର୍ଯ୍ୟ
ସବାତଳେ ପଡ଼ିଥିବା କାଗଜ ଯେ
କେବଳ କାଗଜ ନୁହେଁ
ଜାଣିବାକୁ ଲାଗିଗଲା
ଦୀର୍ଘ ତିରିଶ୍ ବର୍ଷ ।

ଗୋଟେ କଳଙ୍କି ଲଗା ଯନ୍ତ୍ରବାକ୍ସ,
ଲିଭି ଲିଭି ଆସୁଥିବା
ବେଙ୍ଗଲ୍ ଟାଇଗର୍ ଛବି ପରି
ବିରଳ ଓ ନିଆରା
ଆମ ନବମଶ୍ରେଣୀୟ ପ୍ରେମର
କେତେ ବାସ୍ନା ହୋ ସତରେ !

ନା ମ ! ଥାଉ
ଉଡ଼ି ଯିବନି ଖୋଲିଦେଲେ ?

♥ ପ୍ଲଟ୍ ନଂ- ୫୧୩, ନୂଆସାହି, ନୟାପଲ୍ଲୀ, ଭୁବନେଶ୍ୱର-୧୨
ଫୋନ: ୯୭୭୮୯୦୩୫୭୬୭



▲ ରୂପାୟନ : କବି ବାଦଲ ମହାନ୍ତି



▼ ରୂପାୟନ : ପୂଜା ନାୟକ ବିଶ୍ୱାସ

# ସ୍ୱାଧୀନତାର କ୍ରିୟାପଦ

## ମନୋଜ ମେହେର

ସକାଳୁ ସକାଳୁ ନିଜର ପ୍ରତିଛବି ଦେଖିବା ମାତ୍ରେ ଯଦି ତମେ ଦର୍ପଣ ନ ଭାଙ୍ଗୁଛ ତମେ ମୋର କି ପ୍ରେମିକା ! ତମର ସଂସ୍ପର୍ଶରେ ଆସିବା ପରଠୁ ମୁଁ ଗୋଟିଏ କଥା ଲକ୍ଷ୍ୟ କରୁଛି, ତାହା ହେଲା : ତମ ଭିତରେ ଦୁଃଖ କୋଇଲିଟିଏ କରିଚାଲିଛି ଅବିରତ ଅଶ୍ରୁପାତ । ଏ ସତ୍ତ୍ୱେ, ତମର ଦୁଇଟି ଆଖିରେ ଲାଲ୍ ହୋଇ ଝଟକୁଛି ଯେଉଁ ଶୁଭ୍ରତାର ସୂର୍ଯ୍ୟ, ତା'ର ପ୍ରେମରେ ପଡ଼ି ସମର୍ଥ ହୋଇ ପାରିଛି ମୁଁ ଫେରିବାଲାଟିଏ ହୋଇ ସ୍ମିତହସର ପସରା ମେଲିବାକୁ ପୀଡ଼ାର ମହୋତ୍ସବରେ ।

ହାଣମୁହଁରେ ନିଜର ସବୁତକ ସ୍ୱପ୍ନ ଓ ଭବିତବ୍ୟକୁ ଥୋଇ ଦେଇ ତମେ ଯେଉଁ ଫୁଲପକା ରାସ୍ତାଟିଏ ତିଆରି କରିବାରେ ଲାଗିଛ, କେବେ ବାଟ ଭୁଲି ଯଦି ମୁଁ ତମର ନିକଟତର ହେବି, ସର୍ବପ୍ରଥମେ ଅବଶ୍ୟ କାଟିଦେବି ଅବସୋସର ପାଦମାନଙ୍କୁ । ଆଲୁଅ ଓ ଅନ୍ଧାର ପରି ତମେ । ପ୍ରଥମଦେଖାରେ ତମେ ମୋତେ ଯେପରି ସମ୍ମୋହିତ କଲ, ମୁଁ ଧରି ନେଇଥିଲି କେବଳ ଲୁହ ଚୋଷିବା ଜିଦ୍‌ରେ ଅଟଳ ଥିବା ମୋର ମନଭ୍ରମର ଏଣିକି ବିବେକବାନ ହେବ । ତେବେ ଅଧିକ ଉଲ୍ଲସିତ ହୋଇଥିଲି ଯେଉଁଦିନ ଅସଂଖ୍ୟ ଅସମାହିତ ପ୍ରଶ୍ନର ମଞ୍ଜି ଧରି ଆସିଲ ଏବଂ ତନ୍ମଧ୍ୟରୁ ଗୋଟିଏରେ ସୁଆଗର ମାୟାବୃକ୍ଷ ଜଗାଇ ଟେକିଦେଲ ମୋ ହାତକୁ ।

ମୋର ପ୍ରେମିକତ୍ୱର ବଡ଼ ବିଶେଷତ୍ୱ ହେଉଛି ମୁଁ ଦୁଃଖକୁ କଳାବଜାର କରି ବିକିପାରେ ମୁହଁମଗା ଦରରେ । ଲଜ୍ଜିତ ମନେକରେ ନାହିଁ କାହାର ଲୁହରେ ବୁଡ଼ ମାରି ନିଜକୁ ଖୋଜିବାରେ । ତେବେ ତମେ ଯେବେ ପ୍ରେମଯୁଦ୍ଧରେ ଆସ ସାମ୍ନାକୁ ଲୁହକୁ ଅସ୍ତ୍ର କରି, ଆଇନାରେ ନିଜକୁ ଦେଖିବା ପାଇଁ ମୁଁ ପୂରାପୂରି ଭୁଲିଯାଏ ।

ତମର ଆକାଶରେ ମୁଁ କିପରି ଇନ୍ଦ୍ରଧନୁ ହୋଇପାରିଛି, ଜାଣେନା । ଆମର ଅନ୍ତରଙ୍ଗତା ଦୂରତ୍ୱର କେଉଁସବୁ ଆକାଶରେ ସମାହିତ ସେ ବିଷୟରେ କିନ୍ତୁ କିଛି ଅଛପା ନାହିଁ । ତେବେ ତମର ଟୋପାଏ ଲୁହରେ କୁଟାଖିଅଟିଏ ବି ଧରି ସାତସମୁଦ୍ର ପାରି ହେବାର ଆସ୍ପର୍ଦ୍ଧା ରଖେ, ଏଇଟା ତମକୁ ବୁଝାଇବି କେମିତି ?

ଯେଉଁଦିନ ମୋର ଅରମା ବିସ୍ମୃତିରେ ଫୁଟେ ଅସଂଖ୍ୟ ଅଚିହ୍ନା ଉଜ୍ଜ୍ୱଳ ଫୁଲ, ହୋଇଯାଏ ମୁଁ ଟିକିଏ ଅଧିକ ବିନମ୍ର । ମନକୁ ମନ ଝାଡ଼ି ହୋଇଯାଏ ଦୁଃଖଶୋକର ଅଳନ୍ଧୁ । କାଳକାଳ ଧରି କାଚକେନ୍ଦୁ ପରି ନଈପାଣିରେ ଝଟକୁଥିବା ଜହ୍ନ ହଠାତ୍ ପାଲଟିଯାଏ ପକ୍ଷୀ । ତମର ପୂର୍ଣ୍ଣ ସ୍ୱାଧୀନତା ରହିଛି ତମେ କାହାର ଅଶ୍ରୁତ ଦିଗ୍‌ବଳୟକୁ ଛୁଇଁ ଯାଇପାରିବ ସମ୍ମୋହନର ସ୍ୱରଟିଏ ପରି । କାହାର ଲୋଡ଼ିବାପଣ ତମର ଅସ୍ତରାଗରେ, ଉଦୟରାଗରେ ଜୀବନ୍ନ୍ୟାସ ପାଇଲେ ମୁଁ ଦୁଃଖୀ ହେବାର ପ୍ରଶ୍ନ ଉଠୁନି ।

'ସମାଜ' କାର୍ଯ୍ୟାଳୟ, କଟକ, ଫୋନ: ୯୪୩୮୭୦୫୨୫୬



କବି ମନୋଜ ମେହେର



ରୂପାୟନ : ସୁପ୍ରିୟା ଜେନା

# ସୁଖର ଘର

## ସୁକୁମାର ଦାସ

ସୁଖଗୁଡ଼ିକ ଦେହଛପା ଦିଅନ୍ତି
ରାତି ପାହିଲେ ସେ ପାଦ ଥାପିବ ବୋଲି
ନିଜକୁ ଲୁଚାଇ ରଖିଛି ନଦୀ ଆରପଟେ
ବଡ଼ ଛଳନା ଶିଖିଛି, ସବୁତକ ଯନ୍ତ୍ରଣା
ଓ ହତାଶାକୁ ପରୀକ୍ଷାନିରୀକ୍ଷା ପରେ
ସେ ଛପି ଛପି ଧୈର୍ଯ୍ୟ ମାପୁଛି
ବଡ଼ ସନ୍ଦେହୀ ନାରୀ ପରି
ଦେହକୁ ମାଜଣା କରୁଛି ।

ନିର୍ଜନତାର ଛାତି ଚିରି ଦୂରରେ ହଠାତ୍
ଘଡ଼ଘଡ଼ି ସହ ବଜ୍ରପାତ ହେଲା
ପୁଣି ଅତିବ ଅନ୍ଧକାର
ଠିକ୍ ଏତିକି ବେଳେ ଦୀପ ଲିଭିବା ଆଗରୁ
ସୁଖ ଧୈର୍ଯ୍ୟର ଗୁମରକୁ ମାପୁଛି
କେମିତି ଧରାଦେବ ଯନ୍ତ୍ରଣାର ବିଶ୍ୱକୁ
ନିଦ୍ରିତ ପ୍ରହରୀର ସୁଯୋଗ ନେଇ
ଶତ୍ରୁ ସେନାର ଦୁର୍ଗ ଭିତରକୁ
ଧସେଇ ପଶନ୍ତି, ସେ ସେମିତି ଛଳନା କରି
କଳାମେଘ ହଟିବା ପରେ



ଛନଛନିଆଁ ଗେହ୍ଲା ମୁହଁକୁ ଚୁମା ଦେବାକୁ
ନିଶ୍ଚୟ ଆସିବ ।

ସମସ୍ତ ହାହାକାର ଓ ମେଘୁଆ ରଙ୍ଗର
ଆକାଶରୁ ଝଡ଼ବାତ୍ୟାକୁ ହଜେଇ ଦେଇ
ସନ୍ତର୍ପଣରେ ସେ ଆସିବ
ଚିରକାଳ ପାଠ ପଢ଼ିବାକୁ ହେବ
ଦୁଃଖର ପାଠଶାଳାରେ ।

ଦୁଃଖ କଷ୍ଟ ଯନ୍ତ୍ରଣାର ନୌକାକୁ
ବାହିନେବା ପରେ ସୁଖର ସୌଦାଗର
ଝଡ଼ସମ ପ୍ରବେଶ କରେ ।

ହତାଶା ଓ ଭଗ୍ନାଂଶର ନୌକାକୁ
ବୁଡ଼ାଇ ଦିଏ ସଂଗ୍ରାମର ସାଗରରେ
ସୁଖ ତା ବାପା ଘରୁ ସବାରୀରେ
ନୂଆବୋହୂ ପରି ପାଟଶାଢ଼ି ପିନ୍ଧି ଆସିବ
ଅପେକ୍ଷା କର, ପରୀକ୍ଷାରେ ଉତ୍ତୀର୍ଣ୍ଣ ପରେ,
ସେ ତୁମ ପାଦର ଦାସୀ ପାଲଟିବ ।

♥ ଫରେଷ୍ଟ ରେଞ୍ଜ୍ ଅଫିସର୍,
ଚାନ୍ଦିପୁର ରେଞ୍ଜ୍, ବାଲେଶ୍ୱର
ଫୋନ : ୭୯୭୮୨୬୨୮୭୪

# ଶବ୍ଦଦେବୀ

## ଦାମୋଦର ପଣ୍ଡା

ନା ମୋତେ ଛୁଅଁନା ।

ତମେ ମୋର
ଶବ୍ଦର ଦେବୀ
ଛୁଇଁବା ମନା ।

ତମେ ଶବ୍ଦର ମାଟି
ଉର୍ବର ହୁଅ ମୋ ଭିତରେ
ଶବ୍ଦର ଝରଣା
ବୋହୁଥାଅ ମୋ ଭିତରେ
ଶବ୍ଦର ସଙ୍ଗୀତ
ସୁର ତୋଳୁଥାଅ ମୋ ଭିତରେ
ମୋ ଦେହ ଡାଳରେ

ତମେ ଶବ୍ଦର ପକ୍ଷୀ
ଫଳ ଖାଅନା
ମୋ ରକ୍ତରେ
ଶବ୍ଦର ହଂସୀ
ଓଦା ହୁଅନା

ମୁଁ ଗଢ଼ିଲି ଶବ୍ଦ ଉପରେ
ପାଳର ଛାଞ୍ଚ ଦେଲି
ମାଟିର ଲେପ ଦେଲି
ରଙ୍ଗ ବୋଳି ଅସ୍ତ୍ର ଦେଲି
ଯନ୍ତ୍ର ମନ୍ତ୍ର ତନ୍ତ୍ରରେ
ଜୀବନ୍ୟାସ ଦେଲି
ତମର ନୃତ୍ୟରେ ବିଭୋର୍ ହେଲି
ତମ ଇସାରାରେ ମୁଁ ତାଣ୍ଡବ ନାଚିଲି

ନା
ମୋତେ ଛୁଅଁନା
ତମେ ଶବ୍ଦର ବ୍ରହ୍ମ
ତମର ସ୍ପର୍ଶରେ
ଦଂଶନରେ
ମୋର ମୃତ୍ୟୁ
ମୋର ନିର୍ବାଣ ।

♥ ଗୌରମଠ ଗଳି,
ଝାଡୁଆପଡ଼ା, ସମ୍ବଲପୁର
ଫୋନ : ୭୩୨୫୯୧୧୧୨୭





▶ସୁଜାତା ମହାପାତ୍ର

# ସୂତା ଖିଅକର ସମ୍ପର୍କ

## ସୁଜାତା ମହାପାତ୍ର

ଜଙ୍ଗଲୀ ଝରଣାରେ ବୁହାଇ ଦେଲି କିଛି
ନିଷ୍ଠୁର ଖରା,
ନିଜ ପାଇଁ ସାଇତିଥିବା କିଛି
ସୁନିଶ୍ଚିତ ଛାଇ !
ଖାଲି ହାତରେ ପାର କରିବାକୁ ହେବ
ଏବେ ଏକ ସୁଦୀର୍ଘ ମରୁରାସ୍ତା
ତଥାପି ଚାଲିଛି, ଚାଲିବି ...
ଦରଓଦା ଆଖି ଓ ଶୁଖିଲା ଓଠରେ

ନା ତୃଷ୍ଣା ନା ତୃପ୍ତି
ସବୁକିଛି ତ ଛାଡି ଆସିଛି
ଜୀବନ ଦୋଛକିରେ,
ଛାଇଆଲୁଅର ମଝାମଝି
ଠିକ ସେହି ବତୀଖୁଣ୍ଟ ତଳେ

ତୁ ମୁଁ ଭୋଗିଥିବା କାନ୍ଦକାନ୍ଦ ପିଲାଦିନର
ଧୂଳି ବାଲି ଘରେ ।

ତୁ ଅନ୍ଧାରକୁ ନିଜର କଲୁ
ମୁଁ ପିଠିରେ ବୋହି ଆଣିଲି ମୋ ଆଲୁଅ
ତୁ ମୋ ଛାଇକୁ ଆଡ ହେଲୁ
ଆମେ ଗଢ଼ିନେଲେ ଭିନ୍ନ ଭିନ୍ନ ମହଲ ।

ତୋର ମୋର ଖୋଜିବାରେ ବା କଣ ଥାଏ ଯେ !

ଭଙ୍ଗାକାଚର ଟୁକୁରା ଟୁକୁରା
ପ୍ରତିବିମ୍ବ ଭିତରେ
ମୁଁ ତୋତେ ଖୋଜୁଛି
ନା ତୁ ମୋତେ !
କେବଳ ରକ୍ତାକ୍ତ ମୁହୂର୍ତ୍ତମାନେ ହିଁ ସାକ୍ଷୀ ।

ସୂତା ଖିଅ ତ,
କୋଉ ବଞ୍ଚାଇପାରେ ସମ୍ପର୍କ !

ଶବ୍ଦସବୁ ପାଣିଫୋଟକା ସାଜିବା ଆଗରୁ
ପାଣି ଫାଟିଯାଏ ରକ୍ତ ଆମ ନିଷ୍ଠୁରତାରେ ।
ଛାତି ତଳେ ରୁଗ୍ ରୁଗ୍ କିଛି ଅହର୍ନିଶ ଜଳୁଥାଏ
ଜାଳୁଥାଏ ଶୀତଳ ଅନ୍ତର୍ଦାହରେ

ରକ୍ତର ରଙ୍ଗ କଣ ଏତେ ପାଣିଚିଆ !

ବିନା ବିଶ୍ୱାସରେ ତୁ ଗଢିଥିଲୁ ଯେଉଁ ସମ୍ପର୍କ
ଧୂଳିସାତ୍ ହେଲା ପ୍ରଥମ ଝଡ଼ରେ
ଏବେ ଈଶ୍ୱରଙ୍କୁ ଖୋଜୁଛୁ
ସଜାଡ଼ିବାକୁ ସେ ନୀଡ଼ !

ହୁଏତ ସେ ବି ନିର୍ବାସନରେ !

ବହୁତ କିଛି ଗଢିବାକୁ ଚାହିଁ
ଭାଙ୍ଗିଛୁ କେବଳ
କେବେ ନିଜକୁ
ଆଉ କେବେ,
ନିଜ ଚାରିପାଖର
ସୁନେଲି ପୃଥିବୀକୁ

କେବେ ଥରେ ଭରସାଟେ ତ ଗଢି ଦେଖ୍
ହୁଏତ ପାଇଯିବୁ ଈଶ୍ୱରଙ୍କୁ !

♥ଶିବାନୀ ଏନ୍‌କ୍ଲେଭ୍, ବମିଖାଲ, କେନାଲରୋଡ୍,
ଭୁବନେଶ୍ୱର-୭୫୧୦୧୦
ଫୋନ:୯୪୩୭୩୬୦୯୬୪



▶ତୁହିନାଂଶୁ ରଥ

# ପାଟିଫୋଟକା

## ତୁହିନାଂଶୁ ରଥ

ପାଣିଫୋଟକା ଖେଳିବା ଜାଣେ ।

ଜାଣେ ବୋଲି ତ
ମହାକାଳ ପଛରେ ନ ଧାଇଁ
ଘୁରୁଥାଏ ମୁହୂର୍ତ୍ତ ପାଖରେ ।

ପାଣିରେ ଫୁଟି, ପାଣିରେ ଭାସେ
ପାଣିରେ ଫାଟି, ପାଣିରେ ହସେ

ପାଣିଫୋଟକା ଜାଣେ
ମୁହୂର୍ତ୍ତ କିଛି କମ୍ ନୁହେଁ
ମୁହୂର୍ତ୍ତ ଗୋଟିଏ ସମ୍ପୂର୍ଣ୍ଣ ଜୀବନ
ଗତିର ସଂଗତି, ପ୍ରେମର ସ୍ପନ୍ଦନ ।

ରହିବ ନାହିଁ ବୋଲି କେତେ ମାୟା ନ ଲଗାଏ !
ରହିବ ନାହିଁ ବୋଲି କେତେ ଆଶାର ଶ୍ରାବଣ ନଂଚାଏ ।

ଅସରନ୍ତି ନିଶାର ଖେଳାଳି, ପାଣିଫୋଟକା
ମରଣର ପ୍ରପାତ ମୁହଁରେ, ପ୍ରେମର ନଉକା

ମୋ କଥା କଣ କହିବି !
ସେଇ ପାଣିଫୋଟକା –
ଆନନ୍ଦର ମୁହୂର୍ତ୍ତଟିଏ
ସ୍ମୃତିର ଶ୍ରାବଣ ଧାରାରେ
ଜୀବନର ସ୍ୱପ୍ନ ବାହୁଥାଏ ।

♥ କଣ୍ଟିଗଡ଼ିଆ, ଯାଜପୁର-୭୫୫୦୪୯
ଫୋନ: ୯୮୬୧୨୪୫୧୦୯



▶ଫଟୋ : ଡ.ପ୍ରୀତି ଶତପଥୀ



# ଲଘୁଚାପ

## ମୋହିତ ଚକ୍ରବର୍ତ୍ତୀ

ଏଥରର ବର୍ଷା
ଚିଟ୍‌ଫଣ୍ଡ୍ ପରି ଚର୍ଚ୍ଚିତ
କୌଣସି ଚାଷୀର ଦୁଃଖ କଥା ପରି
ହିଡ଼ ଉପରେ ଅପହଞ୍ଚ

ବର୍ଷାକୁ ଚାହିଁଛି କଇଁଛ
ଅନେକ ଦିନରୁ
ଭୁଲିଯାଇଛି ଚଲାମେଘର ଚିତ୍ର

ଏଥରର ବର୍ଷା ଭାରି ଅହଂକାରୀ
ଅପେକ୍ଷା କରେ ଲଘୁଚାପର ନିମନ୍ତ୍ରଣକୁ
ଠିକ୍ ମୋର ଏଇ ନିରୀହ ପ୍ରେମରେ ଯେମିତି ହୁଏ

ଉଠିପଡ଼ି ଚାଲୁଥିବା ଇଚ୍ଛା ସବୁ
ଦରଭିଜା ବର ଓହଳ ପରି ଅସହାୟ
କାରଣ ବର୍ଷାର ଦୋଷ ବେଶୀ, ଦଫା ଗୋଟିଏ

ଆକାଶର ଏକ୍‌ଲାପଣରେ
କେମିତି କଟିଲା ଦୁଇହଜାର କୋଡ଼ିଏ
ଦିନ ଗଣିବାରେ ଭୁଲ୍ ହୋଇଗଲା ସବୁ ଅଙ୍କ

ପୁଣି ଅଦିନରେ ଓଦା ମାଟି
ତାଟିଆରେ ଟୋପା ଟୋପା ବର୍ଷା ପାଣି ସଞ୍ଚିବାର ପାପ
ପୁଣି ଲଘୁଚାପ ।

♥ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯
ଫୋନ : ୯୪୩୭୧୨୪୮୭୬



# ଆତତାୟୀ ପକ୍ଷୀ

## ଆଶିଷ କୁମାର ମିଶ୍ର

କାହିଁଗଲୁରେ ବନବାସୀ ?
ତୋର୍ ପ୍ରେମର ଭୂଖଣ୍ଡ ଚାରିକଡ଼େ,
ବିଷ ମଂଜି ଗଜଉଛି ଜଣେ ପରଦେଶୀ ପକ୍ଷୀ !

କେବେ ଘଉଡ଼େଇ ଦେଇଥିଲୁ କି
ଖୁଦ ଖାଉଖାଉ,
ଗୁଲଠି ମାରି କେବେ କ୍ଷତାକ୍ତ କରିଥିଲୁ କି
ତାର ଡେଣା,
କେବେ ଶିକାର କରିଥିଲୁ ତାର୍ ପୂର୍ବପୁରୁଷଙ୍କୁ ?

ସବୁଜ ରଂଗର ମୋହ ଦେଖାଇ
ଦରଜ ଦେଇଥିଲୁ ତା ମନକୁ ଯେ,
ଏତେ ରକ୍ତାକ୍ତ ଦିଶୁଛି ତାର୍ ଚକ୍ଷୁଦ୍ୱୟ ?

ଗୋଟେ ଛିଣ୍ଡି ଯାଉଥିବା ଘୁଙ୍ଗୁରର
ପୀଡ଼ା ଭୋଗିଲା ପରି
ବଡ଼ ଭୟଙ୍କର ତାର ଚିତ୍କାର !
ତଥାପି କେଉଁ ମାୟାଗୀତ ଶିଖେଇଥିଲୁ ଯେ,
ଅପସରି ଯାଉଛି
ଥରେ ଥରେ କରୁଣ ରାଗକୁ ?

କାନ ଡେର୍‌ରେ ବନବାସୀ !
ଠକ୍ ଠକ୍ ଠକ୍ ଠକ୍
ଠକ୍ ଠକ୍ ଠକ୍ ଠକ୍ କରି
ତୋର୍ ପ୍ରେମର ଭୂଖଣ୍ଡକୁ
ଆତତାୟୀ ପକ୍ଷୀ ଏବେ ଖୋଳୁଛି ସୁଡ଼ଙ୍ଗ !

♥ତେଲଣ୍ଡା, ପଞ୍ଚମହଲା, ସୁବର୍ଣ୍ଣପୁର-୭୬୭୦୬୨
ଫୋନ : ୭୩୭୦୧୬୯୧୪୬



▶ କବି ଆଶିଷ କୁମାର ମିଶ୍ର
ଫଟୋ ସୌଜନ୍ୟ : ସରୋଜ ବଳ

# ନିଜ ପାଇଁ ବିଜ୍ଞାପନ

**ପ୍ରବାସିନୀ ମହାକୁଡ଼**

ଆଖିରୁ କ୍ରମଶଃ ହଜିଗଲାଣି ନିଦ
ଆଖିରୁ କ୍ରମଶଃ ହଜିଗଲାଣି ସ୍ୱପ୍ନ
ଆଖି ପତାରେ ଓହ୍ଲେଇ ଆସୁନି ନିଦମାଉସୀ
ନାନାବାୟା ଶୁଣିବାର ବୟସ ନାହିଁ
ଲୋରୀର ଲୋଭନୀୟ ଗପସବୁ
ପିଲାଦିନରେ ଗପବହିର ମସୃଣ ଓ ରଂଗୀନ କାଗଜ ରାସ୍ତାରେ
ଏବେ ବି ଚଲାବୁଲା କରନ୍ତି

କେତେକେତେ ରାଜକୁମାରୀ ରାଜକୁମାର ଅସୁର ଓ ବୁଢ଼ୀ ଅସୁରୁଣୀ
କେତେକେତେ ମାର୍ଥା, ବିଉଟି ଆଣ୍ଡ୍ ବିଷ୍ଟ୍
କେତେକେତେ ଟୁଆଁଟୁଇଁ ଏବେ ଆଉ ଧରା ଦିଅନ୍ତିନି
ନିଦମାଉସୀର ନିଦୁଆ ଗୀତରେ
ମିଶା ଭାଲୁ, ସୋନିଆ ଓ ବାରମାସ ବି
ଚାଲିଗଲେଣି ଋଷୀୟ ଗଳ୍ପମାଳାରୁ
ସାଇବେରିଆ କି ତୁନ୍ଦ୍ରାଞ୍ଚଳ ଆଡ଼କୁ ଝରା ବରଫ ସାଙ୍ଗରେ

ଆଈ ଜେଜେମା କହୁଥିଲେ ନିଦ ପାଇଁ ଦହିଭଲ, ସୁନୁସୁନିଆ ଶାଗ ଭଲ
ଏମିତି ବି ଲକ୍ଷ୍ମଣ ମିଶ୍ରଙ୍କ ଅନୁଭୂତି ଯୋଗମାଳାରେ ଲେଖାହେଇଛି
ନିଦ ପାଇଁ କେତେସବୁ ସହଜ ଓ ସରଳ ଉପାୟ
ଆଜି ସବୁ ସ୍ତ୍ରୀଲୋକଙ୍କ ଜୀବନରେ ଅଛେ ବହୁତେ
ସୁଖ-ଦୁଃଖ ଭଲମନ୍ଦ ସବୁ କିଛି ମିଶାମିଶି ହେଇ ରହିଥାଏ
କେବଳ ଯାହା ନିଦ ନଥାଏ

ସଂସାର ଭିତରେ ନିଜ ସାନ ସଂସାରର କାମ
ସାରାଦିନର ବ୍ୟସ୍ତତା ଓ ପରବର୍ତ୍ତୀ ସକାଳ ପାଇଁ
ଚିନ୍ତାରେ ସ୍ତ୍ରୀଲୋକମାନେ କେତେଘଣ୍ଟା
ଶୋଇ ପାରନ୍ତି ସତରେ ?
ଆଉ ମୁଁ? ରାତି ବାରଟା ଗୋଟେ ଆଗରୁ
ନିଦ ଆସେନି ଝର୍କା ସେପାଖରୁ
ଥଣ୍ଡା ପବନ ବି ବହେନି

କେବେ କାମିନୀ ତ କେବେ ରଜନୀଗଂଧା ବି
ମଲ୍ଲିଫୁଲର ସବୁ ବାସ୍ନା ନେଇ
ପୂଜାରେ ଏକ ରାତିର କାହାଣୀ ଶୁଣିବାର ଓ
ପାଚେରୀ ତଳେ ହୃଦରେ ଏକ ଶେଫାଳୀକୁ ଦେଖିବାର କୋହ
ମୋତେ ଏବେବି ଅନ୍ୟମନସ୍କ କରିଯାଏ
ହଜାର ହଜାର ରାତିର ଅନିଦ୍ରାପଣ ନେଇ
କେହିଜଣେ ଦେବଦୂତଙ୍କ ପ୍ରତୀକ୍ଷାରେ
ମୋ ପରି ଅନେକ ସ୍ତ୍ରୀଲୋକ ଥାଆନ୍ତି

ଅନ୍ୟସବୁ ଅତ୍ୟାବଶ୍ୟକ ଜିନିଷ ପରି
ନିଦ ବି ଦରକାର
ନିଦ କେତେ ସ୍ୱାଭାବିକ ଅଥଚ କେତେ ମହଙ୍ଗା ବି !
ନିଦ ପାଇଁ ଏଇ ବିଜ୍ଞାପନ
ଏମିତି କେହି ଅଛି କି ଯିଏ
ହଜାରେ ଏକ ରାତିର ଗପଙ୍କୁ ମୁଁ ଶୋଇବା ଯାଏଁ
ମୋତେ ଶୁଣେଇବ ?

ଷ୍ଟେସନ ବଜାର, ଢେଙ୍କାନାଳ
ଫୋନ : ୭୦୦୮୩୧୦୨୬୮





# ଜଗତ ଉଦ୍ଧାର ହେଉ

ସୂର୍ଯ୍ୟସ୍ନାତ ତ୍ରିପାଠୀ

ଏ ସମୟ ଏକ ପ୍ରହେଳିକା ।
ତତଲା ଲୁହରେ ବତୁରି କ୍ରମଶଃ ଝାପ୍‌ସା ହେଇଆସୁଥିବା
ତାରାଫୁଲଙ୍କ ପାଇଁ ଆହା ପଦେ କହିବାକୁ
ଏବେ କେହି ନାହିଁ ଏଠି ! ନିଜ ଭିତରେ ବନ୍ଦୀ ସମସ୍ତେ
ନିଜ ନିଜ ଦୁଃଖକୁ ନିଅଣ୍ଟ ଏ ସମୟ ।

ଏବେ, ପ୍ରତିଟି ଅଗଣାରେ,
ଦେଶଟିଏ ଶୋଇଛି ଛାଇନିଦରେ, ଚିରାପଣତର ଝୁଲଣାରେ ।
କୁନି କୁନି ହାତପାଦ ଛାଟୁଛି ଏ ଦେଶ,
କଡ଼ ଲେଉଟେଇ କାନ୍ଦୁଛି...ଯେମିତି କାନ୍ଦେ
ନିଷ୍ପାପ ଶିଶୁଟିଏ !

ଅଦୂରରେ, ଘୁମେଇ ପଡ଼ିଛି ଚଷାପୁଅ,
ବଳଦ ଫିଟି ଗଲେଣି ହଳରୁ,
ପାଦସାରା ରକ୍ତ କି ଅଳତା ଜଣା ପଡୁନାହିଁ ।
ଏ କାନ୍ଦଣା ଶୁଭୁନାହିଁ ତାକୁ ।

ଚଷାପୁଅର ପିଠିକୁ ଡେରା ହେଇଛି ନିଶୁଣିଟିଏ,
ଯାହାର ଅଗଭାଗ ଲୁଚି ଯାଇଛି ଧୂଆଁରେ !
କିଏ ଜାଣେ, କେଉଁଠୁ ଓହ୍ଲେଇ ଆଣୁଚି ଏ ନିଶୁଣି
ପୁରୁଷୋତ୍ତମଙ୍କୁ ଓ କେଉଁଠିକି ବା ବାଟେଇ ଦେଉଛି
ଫଟାପାଦମାନଙ୍କୁ, ଶବ୍ଦ ଓ ଶୂନ୍ୟତାକୁ,
ଭୋକ ଓ ଭୟକୁ !

ଦେଶର କାନ୍ଦଣା ଥମିନି ଏଯାଏଁ ।
ଫୁଲ ଫୁଟିନି ନୂଆଡାଳରେ...

ଏତିକିବେଳେ, ଖୁବ୍ କରୁଣ ସ୍ୱରରେ ବେହେଲା ବଜେଇ
ଯୋଗୀଟିଏ ଚାଲିଯାଉଛି ମଝିଦାଣ୍ଡରେ
ଯାହାର ହାଡୁଆ ଛାତି, ଅପପୁଷ୍ଟ ଅବୟବ,
ଦରଛିଣ୍ଡା ଗେରୁଆ କଉପୁନି
ଓ ଅୟୁତରାତି ଉଜାଗର ରହିଥିବା ହଳେ ଆଖି
ପ୍ରଶ୍ନ କରୁଛି ଆମକୁ- ଅପ୍ରମିତ ଏ ଦୁଃଖ,
ଦେଖୁ ଦେଖୁ କେବା ସହୁ... !

ସଭିଏଁ ନିରୁତ୍ତର ଏବେ ।
ସେ କିନ୍ତୁ ହସିହସି ମାଗୁଛି ନିଜ ପାଇଁ ନର୍କଦଣ୍ଡ,
ବଦଳରେ ଯାଚି ଦେଉଛି ତାରାମାନଙ୍କୁ ଆୟୁଷ ।
ଆଉଁଶି ଦଉଛି ସବୁ ପୋଡ଼ାଚିହ୍ନକୁ
ସବୁ ଆତୁର ଆଖିକୁ !

ଓ ନିଜକୁ ନିମିତ୍ତ କରି କହୁଛି,
'ଜଗତ ଉଦ୍ଧାର ହେଉ ।'
'ଜଗତ ଉଦ୍ଧାର ହେଉ'

♥ସିଦ୍ଧେଶ୍ୱରପୁର, କଟକ-୭୫୪୧୦୦
ଫୋନ :୯୯୬୩୦୨୮୪୯୨



▶ଫଟୋ ସୂର୍ଯ୍ୟସ୍ନାତ ତ୍ରିପାଠୀ



▶ଫଟୋ ରଞ୍ଜନ କୁମାର ଦାସ

# ଫୁଲର ପାଖୁଡ଼ାସବୁ ପୂରବୀ ପାଇଁ

ରଂଜନ କୁମାର ଦାସ

ଏବେ ଦିନେ ପୂରବୀ ଫୋନ୍ କଲା
କହିଲା ଢେର୍‌ସାରା ଫୁଲ ଲଗେଇଚ
ପରା ତମ ବଗିଚାରେ ?

ମୁଁ ତାକୁ ପଚାରିଲି କେମିତି ଜାଣିଲ
ତ ସିଏ କହିଲା
ଭାବୁଚ କଣ ତମର ଖବର ରଖୁନି କିଛି
ଯୋଉଁଠିକି ଯାଉଚ, ଯାହାଯାହା କରୁଚ
ସବୁଥିର ଟିକିନିକି ଖବର ପହଂଚୁଚି ମୋ ପାଖରେ !

ମୁଁ ତାକୁ କହିଲି ହଁ,
ତମକୁ ଖୋସାରେ ଫୁଲ ଲଗେଇଲେ ଭଲଲାଗେ ବୋଲି
ଜାଣିଲି ଯୋଉଦିନ
ସେଦିନଠୁ ଭଳିକି ଭଳି ମଂଜି ଆଉ ଚାରା ଖୋଜି,
ଫୁଲଚାଷ କରିଆସୁଚି ମୁଁ
କାଳେ କୋଉଦିନ ଫୁଲ ଖୋଜି ଖୋଜି
ଆସିବ ତମେ ମୋ ବଗିଚାକୁ
ଆଉ ମତେ ମାଳୀବେଶରେ ଚିହ୍ନି ନପାରି ପଚାରିବ
ଏ ଫୁଲର ମୂଲ କେତେ ?

ସେଦିନ ମୁଁ ତମକୁ କହିବି
ଫୁଲର ଆଉ ମୂଲ କଣ
ନେଇଯାଅ ଯେତେ ଚାହୁଁଚ ସେତେ ଫୁଲ
ସର୍ବାଙ୍ଗ ମଣ୍ଡିହେଇ ଯାଅ ଫୁଲର ପାଖୁଡ଼ାରେ
ହୁଏତ ମୁଁ ଭ୍ରମର ପାଲଟି
ଅସୁଲ କରିନେବି ମୋର ମୂଲ ।

ତମେ ଚିହ୍ନିପାରିବ ମୋର ସ୍ୱର
ଆଉ କହିବ, ଦୁଷ୍ଟ
ତମେ ଲୁଚି ରହିଚ ଏଇଠି ଏଇ ମାଳୀବେଶରେ
ଆଉ ସାରା ସଂସାର ବୁଲିବୁଲି
ଖୋଜୁଚି ମୁଁ ତୁମକୁ !

ତମର ଏ କଥାଟିକେ ଶୁଣି
ପୃଥିବୀର ଘୂର୍ଣ୍ଣନ ସ୍ଥିର ହେଇଯିବ କ୍ଷଣକ ପାଇଁ
ଆକାଶରେ ଉଡୁଥିବା ପକ୍ଷୀମାନେ
ରହିଯିବେ ଯେ ଯାହା ଜାଗାରେ

ପ୍ରପାତରୁ ପଡୁଥିବା ଜଳ
ସ୍ଥିର ହେଇଯିବ ଚିତ୍ରପଟ ପରି !

♥ଅତିରିକ୍ତ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,ଭୁବନେଶ୍ୱର
ଫୋନ୍ : ୯୪୩୭୨୮୬୫୧୨



# ଆକାଶରେ ଆତଙ୍କ ବାଦଲ

## ପବିତ୍ର ମୋହନ କର

ସେମାନେ ବୋଧେ ଶଙ୍କି ଯାଇଥିଲେ
ବାରମ୍ବାର ଆକାଶକୁ ଦେଖୁଥିଲେ ।

ପବନରେ ଯୁଦ୍ଧଗୀତ, ବିଶ୍ୱାସରେ ବିଷ
ଆକାଶ ଏବେ ବିବଶ ।

ଦଳେ ଘର ଭିତରୁ ଝର୍କାରେ ଝାଙ୍କୁଥିଲେ
ପଦାକୁ ବାହାରି ଦଳେ ଅନୁମାନ ଲଗାଉଥିଲେ
ଟିଭି ଓ ଖବରକାଜରେ ଖୋଜୁଥିଲେ ଆକାଶ ଖବର ।

ଆକାଶ ସ୍ୱଚ୍ଛ ଥିଲା ଓ ନଥିଲା ବି
ଆକାଶ ମେଘାଚ୍ଛନ୍ନ ଥିଲା ଓ ନଥିଲା ବି
ଆକାଶରୁ ଆଶା ଝରୁଥିଲା ଓ ଆତଙ୍କ ବି
ଭିନ୍ନ ଚଷମାରେ ଆକାଶ ଭିନ୍ନ ଦିଶୁଥିଲା ।

ଆକାଶରେ ଶାଗୁଣା ବି ଶୁଆ ପରି ଦିଶେ
ଚଷାମର ବ୍ରାଣ୍ଡ୍ ବଦଳିଲେ
ଆକାଶରୁ ନିଆଁ ବର୍ଷିଲେ ବି ଜ୍ୟୋସ୍ନା ପରି ଲାଗେ
ଏମିତି ଚଷମା ଏବେ ମିଳୁଛି ହାଟରେ ।

ଆଜାନ ହେଉ କି ମନ୍ତ୍ରୋଚ୍ଚାରଣ
ଭର୍ତ୍ସନା ହେଉ କି ସ୍ତବଗାନ
ସବୁ ଶବ୍ଦ ପି' ଯାଏ ଆକାଶ

ଗାର କାଟି ତାକୁ ଭାଗ କରିବାର ଖେଳ ଏବେ କାଳ
ବିଭେଦ ରଙ୍ଗ ବୋଲି ତାକୁ ବେରଙ୍ଗ କରିବା ଚକ୍ରାନ୍ତରେ
ଆଜି ବିବଶ ଆକାଶ ।

ଗୋଟେ ନିରପେକ୍ଷ ନିର୍ମଳ ଆକାଶକୁ
ଭେଟିବା ସାହସ ହୁଏତ ସରି ଆସୁଛି
ବଜାରରେ ରଙ୍ଗୀନ ଚଷମାର ଚାହିଦା ବଢୁଛି ।

♥ଫକିରାବାଦ, ଠାକୁରପାଟଣା, କେନ୍ଦ୍ରାପଡ଼ା-୭୫୪୨୫୦
ଫୋନ: ୯୪୩୭୦୬୬୦୯୯

# ନିଦ୍ରିତା ନାୟିକା

## ପ୍ରଦ୍ୟୁମ୍ନ ପଟ୍ଟନାୟକ

କୁଞ୍ଚିତ କୁନ୍ତଳ ବିଚ୍ଛୁରିତ ତଳିତଳ୍ପ ଶେଯେ
ତନ୍ଦ୍ରାନ୍ୱିତା ମୁଦ୍ରିତ ନୟନେ ।
ଅର୍ଦ୍ଧ ଉନ୍ମୀଳିତ ଚକ୍ଷୁ ସ୍ଫୁରେ ଘନଘନ
ନବରବି ଉଦିତ ଈକ୍ଷଣେ ।
ପାଟଳ ଅଧରୋଷ୍ଟେ ସ୍ମିତହାସ୍ୟ ସ୍ୱପ୍ନର ଆବେଶେ
ନିଶା ଶେଷେ ।

ଚାରୁ ସୂକ୍ଷ୍ମତିଳ ଶୋଭେ ଗଣ୍ଡଦେଶେ,
ଚୂର୍ଣ୍ଣକେଶ ଦୋଳାୟିତ ସୁଗନ୍ଧି ପ୍ରଶ୍ୱାସେ ।
ଝିନବସ୍ତ୍ରେ ଆଚ୍ଛାଦିତ ଗୌରାଙ୍ଗ ଶରୀର,
ଉତ୍ତୁଙ୍ଗ ପୟୋଧର ଆଲିଙ୍ଗିତ
ସ୍ୱହସ୍ତ ବନ୍ଧନେ,

କ୍ଷଣିକେ ଉଭାସିତ ହସ୍ତ ପ୍ରସାରଣେ
ସୁଲଳିତ ବାହୁ ଯୁଗେ ଝଂକୃତ ହିରଣ୍ୟ କଙ୍କଣ
ଲାକ୍ଷା ରସ ବୋଳା ପୟୋଜ ପ୍ରୟରେ
ନୂପୁର ନିକ୍ୱଣ
ଚମ୍ପକ ଅଙ୍ଗୁଳିରେ ହୀରକି ମୁଦ୍ରିକା,
କ୍ଷୀଣକଟି ବେଷ୍ଟିତ ରେଶମୀ ମେଖଳା ।

ପାର୍ଶ୍ୱ ଲେଉଟନ୍ତେ ଦୃଶ୍ୟ
ସ୍ଥୁଳ ଜାନୁ ପୃଥୁଳ ନିତମ୍ବ
ଲଳିତାର ସମ୍ମୋହିତ ଲାସ୍ୟ ପ୍ରତିବିମ୍ବ
ଅୟସ୍କାନ୍ତେ ଉତ୍କୀର୍ଣ୍ଣ ମୂର୍ତ୍ତି ନିପୁଣ ଶିଳ୍ପୀର
ଚିତ୍ରପଟେ ଅଙ୍କା ମାନସ ପ୍ରତିମା
କେଉଁ ଚିତ୍ରକର
ଆକର୍ଷଇ ଅନାୟାସେ ଆୟସ ପୁରୁଷେ ।

♥ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶଦୀପ ଟାୱାର୍,
ଜୟଦୁର୍ଗା ନଗର, ଭୁବନେଶ୍ୱର-୦୬
ଫୋନ : ୯୯୬୮୨୮୦୮୯୬





# ଡାଳ

## ସ୍ୱପ୍ନା ମିଶ୍ର

ଏଇ ଡାଳକୁ ଧରିଚି
ଜାଣିଚି ଭାଙ୍ଗିବ ନାହିଁ ଏ ଡାଳ
ବଜ୍ରରେ ତିଆରି ତାର ଗଣ୍ଡି
ଅଶନିରେ ଶିରା ଉପଶିରା
ପତ୍ର ଓ ଶରୀର ।

ଏଇ ଡାଳକୁ ଧରିଚି
ଜାଣିଚି ଏଠି ଲାଗିଚି ଅଠାକାଠି
ପ୍ରେମର, ଦ୍ରୋହର ।
ରକ୍ତ ଭିତରକୁ ଯଦିବା
ପଶି ଆସେ କେବେ ମହାଭାରତ
ତେବେ ବି କୋଉଠି ନା କୋଉଠି
ସଞ୍ଚି ସମ୍ପାଦି ରଖିଥିବ
ଶିମୁଳିଲତାର କୋଳ ।

ସ୍ପର୍ଦ୍ଧାରେ ପ୍ରେମରେ ଧରିଚି ଏ ଡାଳ
ଜାଣିଚି ଛିଣ୍ଡିବ ନାହିଁ ।

ଯେଉଁଠି ବାଘର ଘର
ସେଇଠି ହେଲା ରାତି
ଏମିତି ଏ ସଂସାର ଚକରୁ ଅନ୍ଧାର ରାତିରେ
ବାରବାର ଭୁଷୁଡ଼ିଲା ଅଖ ।

ରାତି ଆଉ ବାଘ
ଅନ୍ଧାର ଓ ଅଖର ଦାଉରୁ
ଡାଳ ଆବୋରିଲା ମତେ ନା
ମୁଁ ଆବୋରିଲି ଡାଳକୁ
ପଚାରନା ଏବେ,
ହେଲେ ଧରିଚି
ଜାଣିଚି ଛିଡ଼ିବ ନାହିଁ
କେତେ ମିହିକା ଜ୍ୟୋସ୍ନାରେ
ସୂର୍ଯ୍ୟ ତରାସରେ ଝିଲିମିଲି ହେଇଚି ଆଖି
ଯମଝାଳ ହେଇଚି ଦେହ
ମୋର ଶୋଷକୁ ଦେଇଚି ସେ
ଡାଳଭର୍ତ୍ତି ପାଣି
ମୋର ଭୋକକୁ ଅକ୍ଷୟପାତ୍ରର ଗ୍ରାସ
ମୋର ନିଦକୁ ଦେଇଚି ହଜାର ସ୍ୱପ୍ନର ରାତି
ଅକ୍ଷତ ରଖିବ ବୋଲି ମୋ ସ୍ୱପ୍ନର ପାଖୁଡ଼ା
ତା' ଉପରେ ଘୋଡ଼େଇଛି ନିଦର ଚାଦର ।

ମଥା ଉପରେ ଜାଣିଚି ବିଶ୍ୱାସ ପରି
ହାତ ମୁଠାକୁ,
ମୁଠାର ଜୀବମାନଙ୍କୁ କହିଚି
ଧର ଧର, ଜୋର୍ କରି ।

ଶୂନ୍ୟ, ଉପଶୂନ୍ୟ, ବିମ୍ବ, ଚିତ୍ରକଳ୍ପ ତ
ଗୋଟି ଗୋଟି ଶିରା ସେ ଚର୍ମ ଦଉଡ଼ିର
ଗୋଟାଗୋଟି ଅକ୍ଷର
ସାନ୍ଦ୍ରଭାବର ସଘନ ମୁହୂର୍ତ୍ତ ।

କବିତାର କାୟାକଳ୍ପରୁ ଓହ୍ଲେଇ ଆସି ଏ ରାଶି
ମୋତେ ଭିଡ଼ିଚି କି ମୁଁ ତାକୁ ଜାଣେନି
ହେଲେ ଜାଣେ ଧରିଚି ଏ ଡାଳ
ଭାଙ୍ଗିବ ନାହିଁ ଏ ଡାଳ ।

♥ପ୍ଲଟ୍ ନଂ. ୧୨୦୩/ସି, ନୀଳକଣ୍ଠ ନଗର,
ନୟାପଲ୍ଲୀ, ଭୁବନେଶ୍ୱର
ଫୋନ:୮୨୪୯୭୭୫୫୬୧



# ତୁମ ଗାଆଁ ଛୁଇଁ ଅଙ୍କାବଙ୍କା ନଈ

## ହରିଶ୍ଚନ୍ଦ୍ର ବେହେରା

ତୁମ ଗାଆଁ ଛୁଇଁ ଅଙ୍କାବଙ୍କା ନଈ
ବହି ଯାଏ ଆମ ଗାଆଁ ଦେଇ
ମନକଥା ତୁମ ପଢ଼ିନେଇ ମୋତେ
ଚୁପି ଚୁପି କାନେ ଯାଏ କହି ।୦।

ନଈ ନୁହେଁ ସେ ତ ସହିଟିଏ ତୁମ
ବିରହର ଗୀତ ଯାଏ ଗାଇ
କେତେ ଲୁହ ଝରେ ସେ ଗୀତ ଭିତରୁ
କେତେ ଅଭିମାନ ଥାଏ ତହିଁ
ତୁମ ଗଭା ଛଡ଼ା ମଲ୍ଲୀର ଗଜରା
ସାଥିରେ ସାଦରେ ଯାଏ ନେଇ ।୧।

ଦୂର ପାହାଡ଼ର ଝରଣା ସାଙ୍ଗରେ
କଟିଛି ତା' କେତେ ପିଲାଦିନ
ଉଛୁଳା ପ୍ରାଣକୁ ଉପହାର ଦେଇ
କରିବ ପ୍ରିୟକୁ ଆଲିଙ୍ଗନ
ମଧୁ ମିଳନର ଅମୃତ ଲଗ୍ନରେ
ବାଜୁଥିବ ବାଜା ସାହାନାଇ ।୨।

ତୁମ ଗାଁ ଆକାଶେ ଜହ୍ନ ଉଇଁଲେ
ଖିଲି ଖିଲି ହସେ ଆମ ଗାଆଁ
କୁଆଁରୀ କଇଁର ଓଦା ବାସନାରେ
ମହକେଇ ଯାଏ ତୁମ ଗାଆଁ
ରାତି ପକ୍ଷୀଟିଏ ଉଡ଼େ ଆକାଶରେ
ଲଳିତ କାମୋଦୀ ଗୀତ ଗାଇ ।୩।

ମିଳନ ପିୟାସୀ ଅନ୍ତର ମୋର
ତୁମକୁ ହେଉଛି ନିତି ଝୁରି
ଦୁହିଁଙ୍କ ଭିତରେ ପାଚେରିଟେ ଠିଆ
ଅବସୋସେ ମନ ଯାଏ ଭରି
ଆସି ପାରିବ କି ପ୍ରିୟତମା ମୋର
ଲକ୍ଷ୍ମଣର ତିନି ଗାର ଡେଇଁ ।

♥ କଲ୍ୟାଣନଗର, ବାଲେଶ୍ୱର
ଫୋନ: ୯୪୩୭୮୧୩୭୦୮





ଫଟୋ ମନୋରମା ବିଶ୍ୱାଳ ମହାପାତ୍ର

# ବଣୁଆ ନଈର ହାତ ପାପୁଲିରେ

## ମନୋରମା ବିଶ୍ୱାଳ ମହାପାତ୍ର

ବଣୁଆ ନଈର ହାତ ପାପୁଲିରେ
ଜହ୍ନ ଉଇଁଲା ବେଳେ
ବାଦ୍‌ଶାହୀ ତାର ମନର ମହଲେ
ପ୍ରୀତିର ଦୀପାଳି ଜଳେ ।

ପ୍ରୀତି କିବା ଏକ ମନୋଇ ଝିଅର
ମଂଜୁଆତି ରଂଗ ହସ
ସାତ ସାଗରର ନୀଳିମା ଭିତରେ
ଆଖିରେ ତା' ପ୍ରୀତି ରାସ
ଗୋଧୂଳି ଲଗନେ ଅନୁରାଗ ହୋଇ
ପ୍ରୀତିର ପାଖୁଡ଼ା ମେଲେ ।

ମହୁଲ ଫୁଲର ମହକ ଭିତରେ
ବଣୁଆ ନଈର ଧାର
ମାଦକତା ଭରା ମନ ଯମୁନାରେ
ଲେଖା କେତେ କବିତାର
ଭଲ ପାଇବାର ପୁଲକ ଭିତରେ
ନିତି ସିଏ ଆଖି ଖୋଲେ ।

ପ୍ରୀତମ୍‌ପୁରୀ, ୧୨୫-ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୦୩



# ପଥ

## ନବଜ୍ୟୋତି ରାୟ

ସେମାନଙ୍କୁ କେହି ହାତ ଧରି
ବାଟ କଢ଼େଇ ନଥିଲେ
ସେମାନେ ସଭିଏଁ ଗଢ଼ିଥିଲେ ନିଜ ରାସ୍ତା
ଚାଲିଥିଲେ ଚିରନ୍ତର
କରିଥିଲେ ଲକ୍ଷ୍ୟ ହାସଲ
ଜଳାଇଥିଲେ ମୁକ୍ତିର ମଶାଲ
ତହିଁରୁ କିଛି ନାମ ଶୁଣିବୁ ଝିଅ
ସେମାନେ ହେଲେ
ଅକ୍କା ମହାଦେବୀ, ଲଲ୍‌ଦେଶ୍ୱରୀ
ମୀରା ବାଈ, ଲକ୍ଷ୍ମୀବାଈ
ଜୋଆନ୍ ଅଫ୍ ଆର୍କ

ଏମାନେ ନିଜେ ଗଢ଼ିଥିଲେ ନିଜର କୋଣାର୍କ
ନିଜେ ସାଜିଥିଲେ ବିଶୁ ମହାରଣା
ବାରଶହ ବଢ଼େଇ ଆଉ ଧର୍ମପଦ
ଏମାନଙ୍କୁ ବି ଘେରିଥିଲା ଘୋର ବିବାଦ
ଏମାନେ କିନ୍ତୁ ହାରିବା ଭୁଲି
ଅଭିଧାନରୁ କାଢ଼ି ଫିଙ୍ଗି ଦେଇଥିଲେ ଶବ୍ଦ 'ବିଷାଦ'

ଆଜି ବି ସେମାନେ ଭାଙ୍ଗିଛନ୍ତି
ସବୁ ବେଢ଼ି, ଖୋଲିଛନ୍ତି ଶୃଙ୍ଖଳ
ଲଂଘିଛନ୍ତି ସୀମା
କେବଳ ଯାହା ସେମାନଙ୍କ
ନାମ ବଦଳି ଆଜି ହେଇଛି
ଦୃତୀ କଳ୍ପନା ଅରୁଣିମା


ଦେବୀ ରୂପେ ପୂଜା ପାଇବା ସହଜ ଲୋ ଝିଅ
ଶକ୍ତିରୁ ବ୍ୟକ୍ତି ହେବା ରାସ୍ତା ବଡ଼ ବନ୍ଧୁର
ଏଥିପାଇଁ ଶିବରଞ୍ଜନୀ ଭୁଲି
ତତେ ଗାଇବାକୁ ହେବ ମଲ୍ଲାର
ଯଦି ତୋର ପାଇବାର ଅଛି
ସବୁ ଅଧିକାର

ସେଦିନ ଆଜି ଅତୀତ
ଯେବେ ଏନ୍ତୁଡ଼ି ଠୁ ମଶାଣି ଯାଏଁ
'ଝିଅ ଜନମ ଚୁଲି ମୁଣ୍ଡକୁ'
ଆପ୍ତ ବାକ୍ୟରେ ଥିଲା ତୋ ସରହଦ ସୀମିତ
ଏବେ ତୋ ଉଡ଼ାଣ ପାଇଁ
ଉପରେ ସାରା ଆକାଶ
ଚାଲିବାକୁ ତଳେ ଅସୀମିତ ପଥ ।

ମାର୍ଫତ:ଡାକ୍ତର କର୍ଣ୍ଣ ନାୟକ,
ଆଇଡ଼ିଆଲ୍ ସ୍କୁଲ୍ ପାଖ, ଜୟୀପୁରା, କେନ୍ଦ୍ରାପଡ଼ା
ଫୋନ:୯୪୩୭୩୧୫୨୩୦



ଫଟୋ ନବଜ୍ୟୋତି ରାୟ



# ସେଇ ଲୋକଟା

Scanned with CamScanner

# ପ୍ରିୟ ରଂଜନ ପଟ୍ଟନାୟକ

ଝରାଶ୍ରାବଣ, ଲେନ୍-୩, ମଙ୍ଗଳା ନଗର,
ଖୋର୍ଦ୍ଧା-୭୫୨୦୫୫
ଫୋନ : ୯୮୫୩୨୦୯୮୫୨

ଚିତ୍ର : ଶିଳ୍ପୀ ସଂଜୟ ରାଉଳ



▶ଆଜିର ପ୍ରିୟ ରଂଜନ ପଟ୍ଟନାୟକ

ଯେତେବେଳେ ବି ଶାନ୍ତିନିକେତନ ଆସିଛି ସବୁଥର ସେଇ ଗୋଟିଏ ଦୃଶ୍ୟ ଦେଖିଛି । ବୋଲ୍‌ପୁରରେ ଓହ୍ଲେଇ ଯେତେବେଳେ ଶାନ୍ତିନିକେତନ ଆସିବାକୁ ରିକ୍ସା ଧରେ, ସେତେବେଳେ ସେଇ ଲୋକଟି ରିକ୍ସା ଉପରେ ଗୋଡ଼ ଲମ୍ବେଇ ବିଡ଼ି ଟାଣୁଥାଏ । ତାର ନିରୀହ ଆଖି ଦୁଇଟିକୁ ଦେଖିଦେଲେ ଦୟା ଲାଗେ । ଇଚ୍ଛାହୁଏ ତା ଇଚ୍ଛା ମୁତାବକ ଭଡ଼ା ଦେଇ କେବଳ ତା ରିକ୍ସାରେ ଯିବାକୁ । ହେଲେ ଗଜୁରି ଆସୁଥିବା ମଣିଷପଣିଆଟା ଧକ୍‌କା ଖାଏ ଯେତେବେଳେ ସେ କହେ 'ଆମାର୍ ଏଖନ୍ ମନ୍ ନେଇଁ, ଆମି ଯାବୋନା' । ହଁ, ଧନ ଉପାର୍ଜନ ଉପରେ ବି ମନ ଅଛି । ତେଣୁ ମନର ନିର୍ଦ୍ଦେଶ ବିନା...ସବୁ ଅସମ୍ଭବ । ସବୁବେଳେ ଯେ ମନ ଧନ ଚାହିଁବ ତା ତ ନୁହେଁ । ହେଲେ ଆଶ୍ଚର୍ଯ୍ୟ ମୁଁ ଯେତେବେଳେ ବି ତାକୁ ଲୋଡ଼ିଛି ସେ ମନା କରିଛି ସେଇ ପୂର୍ବ ପରିଚିତ ଗୋଟିଏ ଉତ୍ତର ଦେଇ । ହୁଏତ ମୋ ଆସିବାର ଟିକିଏ ଆଗରୁ ଅନେକ ପାସେଞ୍ଜର୍ ବୋହି ବୋଧେ ହାଲିଆ ହୋଇଯାଇଛି, ତେଣୁ ମୋ ସମୟ ବେଳକୁ ସେ ବିଶ୍ରାମ ଲୋଡୁଛି...ଏୟା ଭାବି ପ୍ରଥମେ ପ୍ରଥମେ ନିଜକୁ ବୁଝେଇଲି । ପରବର୍ତ୍ତୀ ସମୟରେ ଯେତେବେଳେ ରିଜର୍ଭେସନ୍ ଟିକେଟ୍ କାଟିବାକୁ ହେଉ କି ଷ୍ଟେସନ୍ ସାମ୍ନାରୁ ଚା' ପିଇବାକୁ ସାଙ୍ଗ ମେଳରେ କି ଏକୁଟିଆ ଯାଇଛି, ତାକୁ ଭେଟିଛି । ସେମିତି ଲମ୍ବାଗୋଡ଼... ବିଡ଼ି...ସତେ ଯେପରି ଅନେକ ପରିଶ୍ରମ କରି ସାଉଁଟି ଆଣିଥିବା ଧନକୁ ଉପଭୋଗ କରୁଛି ମୁକୁଟବିହୀନ ଏଇ ସମ୍ରାଟ୍ । ପୁଣି କେବେ ଲାଗିଛି ରିକ୍ସାବାଲାଙ୍କ ସଂଘ ପକ୍ଷରୁ ବୋଧେ ଏଇ ଚାକିରିଟା ମିଳିଛି । ରିକ୍ସାବାଲାଙ୍କ ବିଜ୍ଞାପନ । ଖୁବ୍ ବାସ୍ତବ । ସବୁଦିନ ସେଇ ଗୋଟିଏ ଜାଗାରେ ତା ରିକ୍ସା ରହେ । ତା ବାମ ଆଉ ଡାହାଣରେ ଅନେକ ରିକ୍ସା ଆଉ ରିକ୍ସାଚାଳକଙ୍କ ଚିତ୍କାର: ଶାନ୍ତିନିକେତନ୍, ରତନ୍‌ପଲ୍ଲି, ଶ୍ୟାମ୍‌ବାଟି.... ।

ଶାନ୍ତିନିକେତନ୍‌ର ଆଶ୍ରମିକ ପରିବେଶ, ପ୍ରାକୃତିକ ଶୋଭାକୁ ବଂଚାଇ ରଖିବା ନିମିତ୍ତ ମୋଟର ଯାନର ଆବଶ୍ୟକୀୟ ବ୍ୟବହାର ନିଷ୍ପତ୍ତି ବେଶ୍ ଛୁଏଁ । କେବଳ ଶାନ୍ତିନିକେତନ୍‌ରେ କାହିଁକି ସାରା ବିଶ୍ୱରେ ଏଇ ଧରଣର ମାନସିକତାରେ ସମସ୍ତଙ୍କୁ ସଚେତନ କରିବା ଉଚିତ । ତେବେ ଏକବିଂଶ ଶତାବ୍ଦୀରେ ବି ଶାନ୍ତିନିକେତନ ତାର ଐତିହ୍ୟକୁ ଜାବୁଡ଼ି ଧରିଛି ତାହା ମୋତେ ଆଶ୍ଚର୍ଯ୍ୟ କରେ । ଏହି ଐତିହ୍ୟ ମାନବ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ । ତେବେ ସେଇ ଲୋକଟି କେଉଁ ଐତିହ୍ୟକୁ ଧରି ରିକ୍ସାରେ ବସି ଗୋଡ଼ ଲମ୍ବେଇ ବିଡ଼ି ଟାଣୁଛି ? ସେଇ ଲୋକଟା ସଂପର୍କରେ ଯେବେ ବି ମୋର ଓଡ଼ିଆ, ବଙ୍ଗାଳି ବନ୍ଧୁମାନଙ୍କୁ ପଚାରିଛି ଆଶ୍ଚର୍ଯ୍ୟ ହେଇଛି । ପ୍ରତିଦିନ ଟ୍ରେନ୍‌କୁ ଭରସା କରୁଥିବା ମୋର ବନ୍ଧୁମାନଙ୍କ ନଜରରୁ କେମିତି ବଂଚିଯାଏ କେଜାଣି ସେଇ ଲୋକଟା । ଯଦିଓ ସେଇ ଲୋକଟା ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କଥା ଦେଇଛନ୍ତି ତେବେ କାର୍ଯ୍ୟବ୍ୟସ୍ତତା ତଥା ସମୟର ଅଭାବ ହେତୁ ସେଇ ଲୋକଟା ଗୁରୁତ୍ୱ ପାଇପାରିନି ବଂଧୁମାନଙ୍କ ପାଇଁ । ଅତଏବ ସେଇ ଲୋକଟା କେବଳ ମୋ ପାଇଁ ରହସ୍ୟଟେ ହେଇ ମତେ ଖାଇ ଚାଲିଛି ପ୍ରତି ମୁହୂର୍ତ୍ତରେ । କୌଣସି ଏକ ସରୁନଥିବା ଗପର ନାୟକ ବନି ଯାଇଛି ସେ ।

ଦେବାଶିଷ ସାରାରାତି ପଢ଼େ, ସକାଳେ ଶୁଏ । ଦ୍ୱିପ୍ରହରେ ଦାନ୍ତ ଘସି ଡିପାର୍ଟମେଣ୍ଟ୍‌କୁ ବାହାରି ଯାଏ । ଭାରି ଅଜବ୍ ଗବେଷକ । ହେଲେ ମୁଁ ଏଥିରେ ଆଶ୍ଚର୍ଯ୍ୟ ହୁଏନି । ଦେବାଶିଷର ରୁଟିନ୍‌ରେ କେବଳ ସମୟର ପରିବର୍ତ୍ତନ । ହେଲେ ସେ ଲୋକଟାର କି ପରିବର୍ତ୍ତନର ରୁଟିନ୍ ଥାଇପାରେ ! ଯାହା ଆଶ୍ଚର୍ଯ୍ୟ ଆଉ ବିସ୍ମୟର ରୂପ ନେଇ ମୋତେ କଲବଲ କରୁଛି । କୋଉ ପାପର କଣ ପ୍ରାୟଶ୍ଚିତ କରୁଛି ।

**କାହାଣୀ ପଛର କାହାଣୀ**

**ମଣିଷ ଭିତରେ 'ଦାଦନ' ଲୁଚି ରହିଥାଏ । ମୁଁ 'ଦାଦନ'କୁ ମୂଲିଆ ବା ଖଟିଖିଆ ଭାବରେ ନୁହେଁ ବରଂ ଜୀବନ ବଂଚିବାର ଅପେକ୍ଷାରେ ଥିବା ଜୀବନଟିଏ ବୋଲି ବୁଝେ ଆଉ ଏହାକୁ ହିଁ ବୁଝେଇବାକୁ ଚେଷ୍ଟା କରିଛି 'ସେଇ ଲୋକଟା'ରେ । 'ଶାନ୍ତିନିକେତନ'ରେ ଦୀର୍ଘ ଦିନ ରହଣି କାଳରେ ଜୀବନ ବଂଚିବାକୁ ସଂଗ୍ରାମ କରୁଥିବା ରିକ୍ସାବାଲାଙ୍କୁ ଦେଖି ଅନେକଥର ଅନ୍ୟମନସ୍କ ହୋଇଛି । ସେଇ ଅନ୍ୟମନସ୍କତାରୁ 'ସେଇ ଲୋକଟା'ର ସୃଷ୍ଟି । ଏହା କାଳ୍ପନିକ ନୁହେଁ, ଆମେ ନିତି ପ୍ରତି ଦେଖୁଥିବା, ଭେଟୁଥିବା ସେଇ ଜୀବନ ସଂଗ୍ରାମୀଙ୍କ ମଧ୍ୟରୁ ଜଣଙ୍କର ଚିତ୍ର । ହଁ, ଆମର ବ୍ୟସ୍ତତା ହୁଏତ ଏମାନଙ୍କୁ ବୁଝିବାକୁ ସୁଯୋଗ ଦେଇନି, କିନ୍ତୁ ସେମାନେ ଜିଇଁବାର ଆଶା ଛାଡ଼ି ନାହାନ୍ତି । ଜୀବନର ଅପେକ୍ଷାରେ ଜିଇଁ ଚାଲିଛନ୍ତି । ସେଇ ଲୋକଟା ସେମିତି ଗୋଟେ ଜୀବନକୁ ଅପେକ୍ଷା କରିଛି ଯା ପାଖେ ଧନର ଆବଶ୍ୟକତା ନୁହେଁ, ଜୀବନର ଆବଶ୍ୟକତା ପ୍ରଚୁର ରହିଛି । ତେଣୁ ତ ସେ ଟାଣ ମନରେ ଜୀବନକୁ ଅପେକ୍ଷା କରି ଚାଲିଛି ।**

ନା ତାର ବିଶ୍ରାମ ନେବା ସମୟକୁ ମୋର ତାକୁ ଦେଖିବା ସମୟ ସଦାବେଳେ ସଂଯୋଗ ଘଟୁଛି ! ହେଲେ ଶାନ୍ତିନିକେତନ୍‌ରେ ଦୀର୍ଘ ବାର ବର୍ଷ ରହିବା ଭିତରେ ମୁଁ ତାକୁ ଗୋଟିଏ ରୂପରେ ହୁଏତ ବାର ଶହ ଥର ଦେଖିଥିବି । ଏଇଟା ସଂଯୋଗ ! ଅସମ୍ଭବ । ମୋ ଦେଖିବା ଭିତରେ ସେ ଲମ୍ୱେଇଥିବା ଗୋଡ଼କୁ ଟାଣି ଆଣେନି କି ତାର ବିଡ଼ି ସରେନି । ନା ତା ସହ କେହି କଥା କହିଛି ନା ସେ ରିକ୍ସାରୁ ଓହ୍ଲେଇ ପାସେଞ୍ଜର୍ ପାଇଁ ରଡ଼ିଛି । ମୋ ଦେଖିବା ଭିତରେ ତାକୁ ମୂତ ଲାଗେନି ଝାଡ଼ା ଲାଗେନି ବାନ୍ତି ଲାଗେନି ଦେହ ହାତ କୁଣ୍ଡେଇ ହୁଏନି ଓଠରୁ ହସ ଝରେନି କି ଆଖି ଲୁହରେଭିଜେନି । ସଦାବେଳେ ପୃଥିବୀ ବାହାରର ଜୀବନ ବଂଚୁଥାଏ ସେ ।

ହୁଏତ ଭିତରେ ଭିତରେ ଲୋକଟା ବହୁତ ଦୁଃଖୀ ଥିବ । ନିକଟ ଅତୀତରେ ତା ମୁଣ୍ଡ ଭିତର ଦେଇ ବହି ଯାଇଥିବ ବଡ଼ ଝଡ଼ଟାଏ । ସେଇଦିନୁ ନଇଁ ପଡ଼ିଛି ଯେ ଉଠିବାକୁ ଭରସା ପାଉନି । ଥରେ କେବେ ତା ରିକ୍ସାରେ ବସିବାର ଭାଗ୍ୟ ଆସିଲେ ବେପରୁଆ ଭାବେ ଛାଡ଼ିଦେବି ମୋ ପର୍ସକୁ । ପର୍ସରେ ଥିବା ଦି'ହଜାରିଆ ନୋଟ୍‌ଟା ହୁଏତ ଟିକେ ସଳଖି ନେବ ତାକୁ । ହେଲେ ନା...ମୋର ଭାବନା ବାସ୍ତବ ରୂପ ନିଏନା । ମୁଁ ସବୁଥର ପଚାରି ନିରାଶ ହୁଏ । ସେ ମତେ ନିଏନା । ତଥାପି ହାରେନି ଦିନେନା ଦିନେ ତା' ରିକ୍ସାରେ ବସିବାର ଜିଦ୍‌ରେ ମୁଁ ଅଟଳ ରହେ । ଆଉ ଯେବେ ନେବ ସେବେ ସାରା ଦିନ ବୁଲିବି । ଶାନ୍ତିନିକେତନ୍, ଶ୍ରୀନିକେତନ୍, ପ୍ରାନ୍ତିକ, ଖୁଆଇ... । ମୋର ଉତ୍କଣ୍ଠା ବଢୁଥାଏ । ପୂଜା ତ କହେ, ଚାହୁଁଥିବା ଦିନ ଥରୁଟିଏ ଜୀବନରେ ନିଶ୍ଚୟ ଆସେ । କେବଳ ଅପେକ୍ଷା ଆଉ ଧୈର୍ଯ୍ୟ ରଖିଲେ ହେଲା ।

ମୋର ମନପ୍ରାଣକୁ ଏମିତି ସେ ଲୋକଟା ଆକ୍ରାନ୍ତ କଲା ଯେ ସ୍ୱପ୍ନରେ ସେ ଆସିବାକୁ ଲାଗିଲା । ସ୍ୱପ୍ନରେ ଆସୁଥିବା ପୂଜା କୁଆଡ଼େ ହଜିଗଲା । ସେ ଲୋକଟା ଡିପାର୍ଟମେଣ୍ଟ୍ ଆସେ ମୋ ପାଖ ଚୌକିରେ ବସେ ଅନେକ ଦିନର ପରିଚିତ ପରି ମୋତେ ଚାହିଁ ମୁରୁକି ହସେ । ସେତେବେଳେ ସେ କଣ ପିନ୍ଧିଥାଏ କେଜାଣି କିନ୍ତୁ ସେଇ ମଇଳା ଲୁଙ୍ଗି ପିନ୍ଧିନଥାଏ ନିଶ୍ଚୟ । ଦେହରେ କଣ ସାର୍ଟଟିଏ ନିଶ୍ଚୟ ଥାଏ । ଥରେ ଥରେ ଲୋକଟା ରବି ସାର୍‌ଙ୍କ ସହ ବସି ତବ୍‌ଲା ବଜାଏ । ଶରତ ସାର୍‌ଙ୍କ ସହ ମିଶି ୱାଲ୍ ମାଗାଜିନ୍ ପାଇଁ ଛବି ଆଙ୍କୁଥାଏ । କେତେ ସୁନ୍ଦର ସେ ଛବି ଆଙ୍କେ । ପ୍ରାୟ ସମୟରେ ତ କଇଳାଶ ସାର୍ ଆଉ ମନୋରଂଜନ ସାର୍‌ଙ୍କ ପଢ଼ାଇବା ଷ୍ଟାଇଲ୍‌କୁ ନକଲ କରି ବେଶ୍ ସାଧୁ ସାଧୁ ଆମ ଠୁ ଶୁଣିଛି । ସାଗରିକା ପାଇଁ ଋଷିନାଥ ଲେଖୁଥିବା ସବୁ ପ୍ରେମ ଚିଠିକୁ ତ ସେ ହିଁ ସଂପୂର୍ଣ୍ଣ କରେ । ହସ୍ତାକ୍ଷରର ଜବାବ୍ ନାହିଁ । ଲେଖିନି ତ ସେ ଯେମିତି ଆଙ୍କିଛି ଅକ୍ଷରମାନଙ୍କୁ । ଋଷିନାଥ ତ କହେ ଲୋକଟାର ହାତରେ ଯାଦୁ ଅଛି, ଲୋକଟା ଯେଉଁସବୁ ଚିଠି ଋଷିନାଥ ନାଁରେ ସାଗରିକା ପାଇଁ ଲେଖିଛି କେବଳ ସେଇସବୁ ଚିଠିର ପ୍ରତ୍ୟୁତ୍ତର ସାଗରିକା ଠୁ ସେ ପାଇଛି । ସବୁ କଳାର ନିର୍ଭରଯୋଗ୍ୟ କଳାକାରଟିଏ ସେ । ଆଶ୍ଚର୍ଯ୍ୟ, ସ୍ୱପ୍ନରେ କିନ୍ତୁ ତା ବୟସ କାହା ନଜରରେ ପଡ଼ି କୌଣସି ସମସ୍ୟା ସୃଷ୍ଟି କରେନି । ମୋ ପରି ସାଧାରଣ ଗବେଷକର ଜୀବନ ବଂଚୁଥାଏ ସେ । ସେତେବେଳେ ଏତେ ପାଖରେ ଥାଇ ବି ସେ ମୋ ପାଇଁ କେମିତି ଅଲୋଡ଼ା ହୋଇଯାଏ କେଜାଣି । ନିଦ ଭାଙ୍ଗିଗଲା ପରେ କେମିତି ଗୋଟେ ଶୂନ୍ୟତା ଚରିଯାଏ ଛାତି ଭିତରେ । ଲୋକଟା ପୁଣି ରହସ୍ୟର ପାହାଡ଼ଟେ ହୋଇ ଛିଡ଼ା ହୁଏ ମୋ ଆଗରେ । ଦିନ ଗଡୁଥାଏ ରହସ୍ୟର ଆୟୁଷ ବଢୁଥାଏ ।

ମୋର ଅନ୍ୟମନସ୍କତାକୁ ଅନେକଦିନରୁ ଲକ୍ଷ୍ୟ କରି ପାରିଥିଲା ପୂଜା । ପୂଜା ଜାଣେ ମୁଁ ଗପ ଲେଖେ । ଆଉ ଗପ କବିତା ଲେଖୁଥିବା ଲୋକ ମଝିରେ ମଝିରେ ଅଲଗା ଦୁନିଆକୁ ଚାଲିଯାନ୍ତି, ଏକଥା ବି ଜାଣେ । ହେଲେ ପୂଜାର ଭାଷାରେ ମୋର ଦୀର୍ଘଦିନ ଧରି ଗୋଟିଏ ମୁଦ୍ରାରେ ଜୀବନ ବଂଚିବା ଅନେକ ସନ୍ଦେହ ସୃଷ୍ଟି କରିବାକୁ ଯଥେଷ୍ଟ ଥିଲା । କାରଣ ପାଇଁ ଜିଦ୍ ଧରିବାରୁ କହିଥିଲି ସେଇ ଲୋକଟାର କଥା ।

"ଏସବୁ ତୁମ ମନର କଳ୍ପନା କେବଳ ଯାହାର କୌଣସି ବାସ୍ତବତା ନାହିଁ । ଏସବୁ ଚିନ୍ତା କରି ନିଜର ବହୁମୂଲ୍ୟ ସମୟ ନଷ୍ଟ କରିବା ସାର । ନିଜ ଇଚ୍ଛାରେ ଜୀବନ ବଂଚିବାର ଅଧିକାର ସମସ୍ତଙ୍କର ଅଛି ।



ତେଣୁ ଏହା କିଛି ଆଶ୍ଚର୍ଯ୍ୟ କି ବିସ୍ମୟକର ଘଟଣା ନୁହେଁ ।" ଏମିତି ସାଧାରଣ ଭାବେ ବୁଝାଇ ମୋ ମନରୁ ସେ ଲୋକଟାର ରହସ୍ୟକୁ ଲିଭେଇବାକୁ ଚେଷ୍ଟା କରିଥିଲା ପୂଜା ।

କିନ୍ତୁ ପୂଜାର ଏ ବୁଝାଇବା କିଛି ବି ପ୍ରଭାବିତ କରିନଥିଲା ମୋତେ । ବରଂ ସେ ଲୋକଟାର ରହସ୍ୟକୁ ଖୋଜି ପୂଜାର ଉକ୍ତିକୁ ଭୁଲ୍ ପ୍ରମାଣିତ କରିବାର ଜିଦ୍ ମୋ ମନକୁ ଆହୁରି ମଜବୁତ୍ କରିବାକୁ ଲାଗିଲା ।

ଶାନ୍ତି ନିକେତନରୁ ବିଦାୟ ନେବାର ଦିନ ପାଖାପାଖି ହେଇଗଲାଣି । ଅଥଚ ସେ ଲୋକଟା ମୋ ପାଇଁ ଏକ ବିସ୍ମୟ ହେଇ ରହିଯିବ ବୋଧେ ! ଗବେଷଣା ନିବନ୍ଧଟିକୁ ଅପରାହ୍ଣରେ ଅଫିସ୍‌ରେ ଡିପୋଜିଟ୍ କରିଦେଇ ସିଧା ସାଇକେଲ୍ ମୁହାଁଇଲି ଷ୍ଟେସନ୍ ଆଡ଼କୁ । ଯେତେବେଳେ ଏକୁଟିଆ ହେଇଯାଏ ତ ମୁଁ ଷ୍ଟେସନ୍ ଚାଲିଯାଏ । ସେ ଦିନ ହେଉ କି ରାତି । ଆଉ ସେ ଲୋକଟାକୁ ଦେଖିବାର ବି ଲୋଭଟେ ଥାଏ । ଯଦିଓ ରାତିରେ ନା ସେ ଲୋକ ଥାଏ ନା ଥାଏ ତା ରିକ୍ସା । ତା ରିକ୍ସା ରଖୁଥିବା ସ୍ଥାନରେ ମୁଁ ସାଇକେଲ୍ ରଖେ । ଟିକେ ଦୂରକୁ ଯାଇ ଦେଖେ ମୋ ସାଇକେଲ୍‌କୁ । କେମିତି ଗୋଟେ ଆନନ୍ଦ ଲାଗେ । ଲାଗେ ମୁଁ ସେ ଲୋକର ପାଖ ହେଇ ହେଇ ଯାଉଛି । ସେଦିନ କିନ୍ତୁ ଷ୍ଟେସନ୍‌ରେ ପହଁଚିଲା ବେଳକୁ ସନ୍ଧ୍ୟା ଆସି ଯାଇଥିଲା । ବୋଲପୁର ଷ୍ଟେସନ୍‌ରେ ସନ୍ଧ୍ୟା କମ୍ ରୋମାଂଟିକ୍ ନୁହେଁ । ନୀଡ଼ ଫେରନ୍ତା ଚଢ଼େଇମାନଙ୍କ କିଚିରିମିଚିରି ଧ୍ୱନି ଶୁଣିଦେଲେ ସବୁ ଦୁଃଖ, ଥକ୍କା କୁଆଡ଼େ ଉଭେଇ ଯାଏ । ଆହୁରି ଜୀବନ ବଂଚିବାକୁ ଲୋଭ ବଢ଼ିଯାଏ । ଶାନ୍ତିନିକେତନ ରହଣିରେ ମୁଁ ଅନେକଥର ଏ ମଧୁର ସଂଜକୁ ଉପଭୋଗ କରିଛି । ଶୂନ୍ୟ ହୃଦୟକୁ ପୂର୍ଣ୍ଣ କରି ଷ୍ଟେସନ୍‌ରୁ ଫେରିଛି । ପୂର୍ଣ୍ଣ ହୃଦୟରେ ଅନେକ ଗପକୁ ସଂପୂର୍ଣ୍ଣ କରିଛି । କେବଳ ମୋତେ ନୁହେଁ ଅନେକଙ୍କୁ ବି ଛୁଇଁଥିବ ଷ୍ଟେସନ୍‌ର ସଂଜ । କିଏ ଆପଣେଇ ନେଇଥିବ କିଏ ଆଡ଼େଇ ଦେଇଥିବ । ଯିଏ ଆପଣେଇଥିବ ସେ ଭାରି ଝୁରି ହେଉଥିବ ଏଇ ସଂଜକୁ । ଯିଏ ଆଡ଼େଇଥିବ ସେ ଜୀବନ ଠାରୁ ଅନେକ ଦୂରରେ ଜିଉଁଥିବ । ଏଇ ସଂଜକୁ ଉପଭୋଗ କରି ସାରି ହୁଏନା । ଛବି କି ଗପ କବିତାରେ ବାନ୍ଧି ହୁଏନା । ଭଦ୍ର ବଙ୍ଗାଳି ବାବୁମାନେ ହତଭାଗା, ଇଭିନିଂ ୱାକ୍‌ରେ ସଂଜକୁ ବାନ୍ଧି ନିଅନ୍ତି । ସଂଜର ସଜ ରୂପ ଦେଖିବାକୁ ବି ଭାଗ୍ୟ ଲୋଡ଼ା ।

ସେଦିନ କିନ୍ତୁ ସେଠି ସେ ଲୋକ କି ତା ରିକ୍ସା ନଥିଲା । ସାଇକେଲ୍‌କୁ ସେଇ ରିକ୍ସାର ସ୍ଥାନରେ ଲକ୍ କରି ସିଧା ପଶିଗଲି ଷ୍ଟେସନ୍ ଭିତରକୁ । ଦୁଇ ନମ୍ବର ପ୍ଲାଟ୍‌ଫର୍ମର ସବା ଆଗରେ ଥିବା ସିମେଣ୍ଟ ଚେୟାର୍‌ଟାରେ ଆଉଜି ଆକାଶକୁ ମୁହେଁଇ ବେଶ୍ ସାଇତି ହୁଏ ସଂଜକୁ ଛାତିରେ । ଏଇ ମୁହୂର୍ତ୍ତଟା ହିଁ ସେଇ ଲୋକଟାକୁ ଭୁଲେଇ ଦିଏ କିଛିକ୍ଷଣ । ସଂଜ ଅତିକ୍ରମିଲେ ପୁଣି କାବୁ କରି ବସେ ଲୋକଟା । ନା...ଏଥର ଶାନ୍ତିନିକେତନ୍ ଛାଡ଼ିବା ପୂର୍ବରୁ ସବୁ ବଳକୌଶଳ ଲଗାଇ ଲୋକଟାକୁ ଜାଣିବାକୁ ହେବ । ନଚେତ୍ ଆମ୍ଭ ପରି ଲୋକଟା ଗୋଡ଼େଇ ଗୋଡ଼େଇ ମୋ ସହ ଓଡ଼ିଶା ପହଞ୍ଚି ଯିବ । ଆଉ ପୁଣି ଖାଇ ଚାଲିଥିବ ମୋତେ ।

"କି ଯେ ଦାଦା ପ୍ରାୟ ସମୟେ ଏଖାନେ ବସେ ବସେ କା'କେ ଅପେକ୍ଷା କର ଯେ? ଆମାକେ ଲାଗ୍‌ସି ତୁମି ଦାଦନ୍ ହୋଏଯାବେ ।" ମୋ ଭାବନାକୁ ଧକ୍କା ଦେଇ କହି ଉଠିଲା କୁଲି । ତାକୁ ଚାହିଁ ନିଶ୍ଚିତ ହେଲି ସେ ମୋତେ ହିଁ କହୁଛି ଓ ମୋ ଉତ୍ତର ଅପେକ୍ଷାରେ ଅଛି । ଦାଦନ୍ ହୋଇଯିବି... ଏମିତି ବସି ବସି ! ଅବୁଝା ମୁହଁରେ ପଚାରିଲି କୁଲିକୁ ତା ବଙ୍ଗଳା ଭାଷାରେ । କାନ୍ଧରେ ଥିବା ଗାମୁଛାରେ ମୁହଁ ଟିକେ ପୋଛି ହାଲୁକା ଭାବେ କହିଲା, "ଜାନନା କି ଦାଦନ୍‌କେ ?"

ମନାକଲି ଇସାରାରେ ।

ଗାମୁଛାରେ ସେଇ ସିମେଣ୍ଟ ଚେୟାର୍‌କୁ ଟିକେ ଝାଡ଼ି ଦେଇ ବସିଲା ମୋ ପାଖରେ । ସେ ଯେମିତି ଅନେକ ଦିନର ଅନେକ କଥା । ବୋଧେ ଇତିହାସ ହେଇ ଯିବଣି । ଏମିତି ବୋଧେ ଆରମ୍ଭ କରିବ କୁଲି... ।

ମୋତେ ଚାହିଁ ଦୀର୍ଘଶ୍ୱାସ ଛାଡ଼ି ଆରମ୍ଭ କଲା । ନବ ବିବାହିତା ସ୍ତ୍ରୀ କୁ ଛାଡ଼ି ବାଂଲାଦେଶରୁ ବେପାର ଉଦ୍ଦେଶ୍ୟରେ କେମିତି କଲିକତା ଆସିଥିଲା ଦାଦନ୍ । କଲିକତାରେ ମାଳ ମାଳ ବେପାରି । ବେପାର ଭଲ ଚାଲିଲାନି । ବର୍ଦ୍ଧମାନକୁ ଭରସା କଲା । ଝାଲ୍‌ମୁଢ଼ି ବିକିଲା । ହେଲେ ବି ସେଇ ନିରାଶ । ଚାଲି ଆସିଲା ବୋଲ୍‌ପୁରକୁ । ରିକ୍ସା ଟାଣିଲା । ଭଲ ଦି'ପଇସା ହେଲା । ସ୍ତ୍ରୀକୁ ଏଠିକୁ ନେଇ ଆସିବ ସ୍ଥିର କରି ଗଲା ତା' ଦେଶକୁ । ହେଲେ ଅଭାବ ନସହିପାରି କେବେ ଠୁ ସ୍ତ୍ରୀ ଗୋଡ଼ କାଢ଼ିଥିଲା କଲିକତାକୁ ଯେ ଆଉ ଫେରିନି । ବିଚରା ଦାଦନ୍ ବହୁତ ଖୋଜିଲା । ପାଇଲାନି । ସ୍ତ୍ରୀ ଖୋଜି ଖୋଜି ଦିନେ ଏଇ ବୋଲ୍‌ପୁରକୁ ଆସିବ ବୋଲି ଦାଦନ୍ ଆଉ କୁଆଡ଼େ ନ ଯାଇ ଏଇଠି ରିକ୍ସା ଧରି ଚାହିଁଛି । ଏବେ ବୟସ ହେଇଗଲାଣି ଆଉ ଆଖିକୁ ଭଲକରି ଦୃଶ୍ୟ ହେଉନି କି ପାସେଞ୍ଜର୍ ବସେଇ ଟାଣିବାର ଶକ୍ତି ବି ନାହିଁ । ତଥାପି ସ୍ତ୍ରୀ ଫେରିବ ବୋଲି ଦାଦନ୍‌ର ବିଶ୍ୱାସ ଅଛି । ତା'ପରେ କୁଲିଟି ଯାହା ସବୁ କହୁଥିଲା ମୋର ଆଉ ବୁଝିବାକୁ ବାକି ନଥିଲା ଯେ ଦାଦନ୍ ହେଉଛି ସେଇ ରିକ୍ସାବାଲା, ଯିଏ ମୋ ମୁଣ୍ଡରେ ରହସ୍ୟର କୋଠା ପରେ କୋଠା ଗଢ଼ି ଚାଲିଛି ।

ସଂଜ ଗଡ଼ିଗଲାଣି କେତେବେଳୁ । ସେଦିନ ରାତିରେ ଦାଦନର ନିରୀହ ଦୟନୀୟ ଆଖିଦୁଇଟି ମୋ ଆଖିରେ ନାଚି ଚାଲିଲା । ଷ୍ଟେସନ୍ ସାରା କେମିତି ଗୋଟେ ଭୟର ବାତାବରଣଟେ ଖେଳିବାକୁ ଲାଗିଲା । ଅନେକ ଉତ୍କଣ୍ଠା ଏମିତି ଚୂର୍ଣ୍ଣ ହେବ ବୋଲି ଭାବି ନଥିଲି । ପଦାକୁ ବାହାରି ସାଇକେଲ ହଟେଇନେଲି ଦାଦନ୍‌ର ରିକ୍ସା ସ୍ଥାନରୁ । ବିଡ଼ି ଧୂଆଁ ପାଇ ଚମକି ଉଠିଲା ବେଳକୁ ପାଖରେ ଆଉ ଏକ ରିକ୍ସାବାଲା ହାତରେ ବିଡ଼ି ଦେଖି ଦମ୍ ମାରିଲି । ମୋ କଳ୍ପିତ ମୁକୁଟବିହୀନ ସମ୍ରାଟ୍‌ର କଠୋର ବାସ୍ତବତାକୁ ଗ୍ରହଣ କରି ପାରୁନଥିଲି ।

**ଶାନ୍ତି ନିକେତନ୍‌ରୁ ବିଦାୟ ନେବାର ଦିନ ପାଖାପାଖି ହେଇଗଲାଣି । ଅଥଚ ସେ ଲୋକଟା ମୋ ପାଇଁ ଏକ ବିସ୍ମୟ ହେଇ ରହିଯିବ ବୋଧେ ! ଗବେଷଣା ନିବନ୍ଧଟିକୁ ଅପରାହ୍ଣରେ ଅଫିସ୍‌ରେ ଡିପୋଜିଟ୍ କରିଦେଇ ସିଧା ସାଇକେଲ୍ ମୁହାଁଇଲି ଷ୍ଟେସନ୍ ଆଡ଼କୁ । ଯେତେବେଳେ ଏକୁଟିଆ ହେଇଯାଏ ତ ମୁଁ ଷ୍ଟେସନ୍ ଚାଲିଯାଏ । ସେ ଦିନ ହେଉ କି ରାତି । ଆଉ ସେ ଲୋକଟାକୁ ଦେଖିବାର ବି ଲୋଭଟେ ଥାଏ । ଯଦିଓ ରାତିରେ ନା ସେ ଲୋକ ଥାଏ ନା ଥାଏ ତା ରିକ୍ସା । ତା ରିକ୍ସା ରଖୁଥିବା ସ୍ଥାନରେ ମୁଁ ସାଇକେଲ୍ ରଖେ । ଟିକେ ଦୂରକୁ ଯାଇ ଦେଖେ ମୋ ସାଇକେଲ୍‌କୁ । କେମିତି ଗୋଟେ ଆନନ୍ଦ ଲାଗେ । ଲାଗେ ମୁଁ ସେ ଲୋକର ପାଖ ହେଇ ହେଇ ଯାଉଛି । ସେଦିନ କିନ୍ତୁ ଷ୍ଟେସନ୍‌ରେ ପହଁଚିଲା ବେଳକୁ ସନ୍ଧ୍ୟା ଆସି ଯାଇଥିଲା ।**

# ଦେବପୁଷ୍ପ ପଦ୍ମ



# ପବିତ୍ର ପୁଷ୍ପ ପଦ୍ମ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଈଶ୍ୱରଙ୍କ ସୃଷ୍ଟିରେ ବନସ୍ପତି ଜଗତର ଏକ ମନୋମୁଗ୍ଧକର, ମହକଯୁକ୍ତ, ଶାନ୍ତି ପ୍ରଦାନକାରୀ ଦୁର୍ଲ୍ଲଭ ସର୍ଜନା ହେଉଛି ପୁଷ୍ପ ବା ଫୁଲ । ବିଭିନ୍ନ ରଙ୍ଗ, ମହକ, ରୂପ, ମାଧୁର୍ଯ୍ୟ, ଉପଯୋଗ ଏବଂ ଦିବ୍ୟତା ନେଇ ବୋଧହୁଏ ଫୁଲ ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିକୁ ମନୋରମ କରିପାରିଛି । ଫୁଲକୁ କେବେ ମନ୍ଦିରର ପୂଜା ପାଇଁ, ଜନ୍ମଦିନର ଶୁଭେଚ୍ଛା ପାଇଁ ପକେଟ୍‌ର ସୌନ୍ଦର୍ଯ୍ୟ ପାଇଁ ଟେବୁଲ୍ ଉପରେ ସୁନ୍ଦର ବାତାବରଣ ପାଇଁ, ଶବ ଉପରେ ଶ୍ରଦ୍ଧାଞ୍ଜଳି ପାଇଁ ତ ଆଉ କେବେ ଅନେକ ଉପଚାର ଓ ଆଶୀର୍ବାଦ ପାଇଁ ଶ୍ରଦ୍ଧା, ଭକ୍ତି, ଶୁଭେଚ୍ଛା ସ୍ଥାନରେ ବ୍ୟବହୃତ ହୋଇପାରିଛି । କିନ୍ତୁ ସବୁ ଫୁଲ ସବୁ ସ୍ଥାନରେ ବ୍ୟବହୃତ ହୋଇନଥାଏ । କିଛି ଫୁଲ ନିଜର ପବିତ୍ରତା, ଶ୍ରଦ୍ଧା, କମନୀୟତା ପାଇଁ ଈଶ୍ୱରଙ୍କ ପୂଜାରେ ଅର୍ଥାତ୍ ନିଜେ ଏକ ଅବତାର ସ୍ୱରୂପ ପୂଜା ପାଇଥାନ୍ତି । ତନ୍ମଧ୍ୟରୁ ଶାନ୍ତି ଓ ପବିତ୍ରତାର ପ୍ରତୀକ ପଦ୍ମ ଅନ୍ୟତମ । ପଦ୍ମକୁ ଦେବତାମାନଙ୍କ ପୁଷ୍ପ ବା ପଦ୍ମାବତାର କୁହାଯାଏ । ହିନ୍ଦୁମାନଙ୍କ ପ୍ରାୟ ଦେବାଦେବୀଙ୍କର ଆସନ ପଦ୍ମ ହୋଇଥାଏ । ସଂସ୍କୃତିରେ ମାତା ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଏକ ମନ୍ତ୍ର ଅଛି: 'ପଦ୍ମାଳୟା ପଦ୍ମକରଂ ପଦ୍ମପତ୍ର ନିଭେକ୍ଷଣାମ୍, ବନ୍ଦେ ପଦ୍ମମୁଖୀଂ ପ୍ରିୟାମହମ୍' ।

ମାତା ଲକ୍ଷ୍ମୀଙ୍କୁ ପଦ୍ମାଳୟା, ମାତା ସରସ୍ୱତୀଙ୍କୁ ଶ୍ୱେତପଦ୍ମାସନା ଏବଂ ଭଗବାନ ବିଷ୍ଣୁଙ୍କୁ କମଳନୟନ ବୋଲି କୁହାଯାଏ । ପଦ୍ମ, ପଙ୍କ କାଦୁଅ ପୋଖରୀରେ ଜାତ ହୋଇ ନିଜର ଦିବ୍ୟତା, ପବିତ୍ରତା ବଳରେ ଅତ୍ୟୁଚ୍ଚ ସ୍ଥାନକୁ ଯାଇ ପାରିଥିବାର ସାଙ୍କେତିକ ପ୍ରେରଣା ଦିଏ ମନୁଷ୍ୟକୁ । ଅପରିଚ୍ଛନ୍ନ ପୋଖରୀରେ ଜାତ ହୋଇ ଯେମିତି ପଦ୍ମ ଦେହରେ ପଙ୍କ କି ଜଳ ସ୍ପର୍ଶ ହୁଏ ନାହିଁ, ଠିକ୍ ସେମିତି ଆମେ ସଂସାରରେ ରହି ମଧ୍ୟ ସଂସାରଧର୍ମ ପାଳନ କଲାବେଳେ ମନକୁ ସନ୍ନ୍ୟାସ, ସ୍ୱଚ୍ଛ ରଖି ପଦ୍ମ ପରି ଉଚ୍ଚତର ସୋପାନରେ କେମିତି ପହଞ୍ଚି ପାରିବା ପଦ୍ମ ଉଦାହରଣ ଦେଇଥାଏ । ପ୍ରତ୍ୟେକ ମନୁଷ୍ୟ ଶ୍ରେଷ୍ଠ ବିବେଚିତ ହେବା ପାଇଁ ପଦ୍ମର ଏହି ଗୁଣକୁ ଧାରଣ କରିବା ନିହାତି ଆବଶ୍ୟକ । ପଦ୍ମ ନେଲୁମ୍ବୋ ପ୍ରଜାତିର ଓ ନେଲୁମ୍ବନାସି





▶ଲେଖିକା ଶ୍ୱେତା ରାଉତ

ପରିବାର ଅନ୍ତର୍ଭୁକ୍ତ । ପଦ୍ମର ମୂଳଜନ୍ମ ଭିଏତନାମା ଓ ଆଫଗାନିସ୍ଥାନ ବୋଲି କୁହାଯାଏ । ଭାରତ ଓ ଭିଏତନାମାରେ ପଦ୍ମକୁ ଜାତୀୟ ଫୁଲ ଭାବେ ଗ୍ରହଣ କରାଯାଇଛି । ପଦ୍ମଫୁଲ ଭାରତର ସବୁ ସ୍ଥାନରେ ତଥା ଇରାନଠାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ସବୁଆଡ଼େ ମିଳିଥାଏ । ଏହାର ରଙ୍ଗ ହାଲ୍‌କା ଗୋଲାପୀ, ଧଳା, ନୀଳ ରଙ୍ଗର ହୋଇଥାଏ । ପାଖୁଡ଼ା ସବୁ ମସୃଣ ଓ ପତ୍ର ଥାଳିପରି ଗୋଲାକାର ହୋଇଥାଏ । କେଉଁଠି କେଉଁଠି ପଦ୍ମ ହଳଦିଆ ରଙ୍ଗର ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାରେ ମଧ୍ୟ ସବୁଆଡ଼େ ପଦ୍ମଫୁଲ ଦେଖିବାକୁ ମିଳେ । ଚୈତ୍ର, ବୈଶାଖରେ ଏହା ଫୁଟିବା ଆରମ୍ଭ କରେ ଓ ଭାଦ୍ରବ ମାସ ପର୍ଯ୍ୟନ୍ତ ଫୁଟିଥାଏ । ପଦ୍ମଫୁଲ ପ୍ରାୟ ଦେଢ ଶହ ପ୍ରକାରର ଦେଖିବାକୁ ମିଳେ ଏବଂ ଏଗୁଡ଼ିକ ଦେଖିବାକୁ ଭିନ୍ନ, ଆକୃତି ଭିନ୍ନ ଓ ନାମକରଣ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ବର୍ତ୍ତମାନ ବୈଜ୍ଞାନିକ ପଦ୍ଧତିରେ ପ୍ରାୟ ସବୁ ସମୟରେ ପଦ୍ମକୁ କୃତ୍ରିମ ପ୍ରଣାଳୀରେ ଅଙ୍କୁରିତ କରି ଫୁଲ ଫୁଟାଇବା ସମ୍ଭବ ହୋଇ ପାରୁଛି । ପଦ୍ମ କେବଳ ପୋଖରୀରେ ନୁହେଁ ଆଜିକାଲି ନିଜନିଜ ଘରେ, ଛାତରେ, ପାଣିକୁଣ୍ଡରେ ପଦ୍ମ ରୋପଣ କରାଯାଇ ପାରୁଛି ।

## ରୋପଣ ବିଧି

ପଦ୍ମ ଏକ ଜଳଜାତ ପୁଷ୍ପ । ଏହା ପୋଖରୀ ଏବଂ ସ୍ଥିର ପାଣିରେ ଫୁଟିଥାଏ । ଏହାର ଡେମ୍ଫ ମୋଟା ଏବଂ ମାଂସଳ ହୋଇଥାଏ । ଏହାକୁ ପ୍ରକନ୍ଦ କୁହାଯାଏ । ଏହା ଜଳର ତଳସ୍ତରରେ ଥିବା ପଙ୍କ ବା କାଦୁଅରେ ଉଠିଥାଏ । ପ୍ରକନ୍ଦରୁ ହିଁ ପଦ୍ମପତ୍ର ବାହାରିଥାଏ । ଏହାର ପତ୍ର ଖୁବ୍ ବଡ଼, ଗୋଲାକାର ଓ ହାଲ୍‌କା ହୋଇଥାଏ । ଏହାର ଡଣ୍ଟଳ ବା ବେଣ୍ଟୁଳା ୧୦୦ ସେ.ମି. ପର୍ଯ୍ୟନ୍ତ ହୋଇଥାଏ ଏବଂ ପତ୍ରର ବ୍ୟାସ ୬୦ ରୁ ୮୦ ସେ.ମି. ପର୍ଯ୍ୟନ୍ତ ହୋଇଥାଏ । ପତ୍ରର ଉପରଭାଗ ଉଜ୍ଜ୍ୱଳ ସବୁଜ ଏବଂ ତଳ ପାର୍ଶ୍ୱ ଲାଲ୍ ରଙ୍ଗର ହୋଇଥାଏ । ପଦ୍ମ ଫୁଲ ଯଦିଓ ଅନେକ ରଙ୍ଗର ଦେଖଇବାକୁ ମିଳେ, ପ୍ରାୟତଃ ଅଧିକ ପରିମାଣରେ ହାଲ୍‌କା ଗୋଲାପି, ଧଳା ଏବଂ ନୀଳରଙ୍ଗର ଦେଖା ଯାଇଥାଏ । ଏହା ଅତିବ ସୁନ୍ଦର ଓ ମନୋମୁଗ୍ଧକର ହୋଇଥାଏ । ଯେଉଁ ପଦ୍ମର ପାଖୁଡ଼ା ୧୦୦ ସଂଖ୍ୟା ବିଶିଷ୍ଟ ହୋଇଥାଏ ତାକୁ ଶତଦଳ ପଦ୍ମ ଏବଂ ହଜାର ପାଖୁଡ଼ା ବିଶିଷ୍ଟ ହୋଇଥିଲେ ସହସ୍ରଦଳ ପଦ୍ମ ବୋଲି କୁହାଯାଇଥାଏ । ଏହା ମାତା ଲକ୍ଷ୍ମୀଙ୍କର ଅତି ପ୍ରିୟ ଫୁଲ ଭାବେ ଭକ୍ତମାନଙ୍କ ଦ୍ୱାରା ପୂଜା କରାଯାଏ । ପଦ୍ମଫୁଲ ଶୁଖି ଏହାର ପାଖୁଡ଼ା ଝଡ଼ିଗଲା ପରେ ଏଥିରୁ ମଞ୍ଜି ହୋଇଥାଏ । ଏହି ମଞ୍ଜି ପୁଣି ପାଣି ଭିତରେ ଝଡ଼ିପଡ଼ି ଆଉ ଏକ ନୂଆ ଚାରା ସୃଷ୍ଟି ହୋଇଥାଏ । ପଦ୍ମଫୁଲକୁ ପୋଖରୀ ବ୍ୟତୀତ ଆଜିକାଲି ସମସ୍ତେ ନିଜନିଜ ବଗିଚାରେ, ପାଣି କୁଣ୍ଡରେ ମଧ୍ୟ ଲଗାଇଲେଣି । ପଦ୍ମଫୁଲ ଲଗାଇବା ପ୍ରଥମ ଦିନରେ ପଦ୍ମ ମଞ୍ଜିକୁ ଅଙ୍କୁରିତ ହେବା ପାଇଁ ଏକ ଧାତୁ ସାହାଯ୍ୟରେ ଗୋଟେ ପାର୍ଶ୍ୱକୁ ହାଲ୍‌କା ଘଷି ଦିଆଯାଏ ଏକ ଗ୍ଲାସ୍‌ରେ ଅଳ୍ପ ଉଷୁମ ପାଣିରେ ମଞ୍ଜିକୁ ପକାଇ ଅଳ୍ପ ଖରା ପଡୁଥିବା ସ୍ଥାନରେ ୧୮ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ରଖାଯାଏ । ଦ୍ୱିତୀୟ ଦିନ ସେ ପାଣିକୁ ଢାଳି ଆଉଥରେ ଉଷୁମ୍ ପାଣିରେ ମଞ୍ଜିକୁ ବୁଡ଼ାଇ ରଖାଯାଏ । ତୃତୀୟ ଦିନ ପୁଣି ପାଣି ବଦଳା ଯାଇ ବୁଡ଼ି ରହିଥିବା ମଞ୍ଜିକୁ ଅଙ୍କୁରିତ ହେବାକୁ ରଖାଯାଏ ଏବଂ ଭାସୁଥିବା ମଞ୍ଜିକୁ ବାହାର କରି ଦିଆଯାଏ । ଚତୁର୍ଥ ଦିନକୁ ମଞ୍ଜି ଅଙ୍କୁରିତ ହେବା ଆରମ୍ଭ କରେ ଏବଂ ପଞ୍ଚମ ଦିନ ସମ୍ପୂର୍ଣ୍ଣ ଭାବେ ଅଙ୍କୁରିତ ହୋଇଯାଇଥାଏ । ଏକ କୁଣ୍ଡରେ ଚିକ୍କଣ ମାଟି ଭରି ଉପର ଭାଗରେ ବୀଜଗୁଡ଼ିକୁ ଲଗାଇ ଦିଆ ଯାଇଥାଏ ଏବଂ ଏହା ଉପରେ ମାର୍ବଲ୍‌ର ଟୁକୁଡ଼ାକୁ ଘୋଡ଼ାଇ ଦିଆଯାଏ ଯେମିତିକି ପାଣିରେ ବି ବୀଜ ବାହାରକୁ ଆସିନଥାଏ । ଏହାପରେ ଏକ ବଡ଼କୁଣ୍ଡରେ ପାଣିଭରି ଅଙ୍କୁରିତ ବୀଜ, ଚିକ୍କଣ ମାଟି ସହିତ ପାଣିରେ ବୁଡ଼ାଇ ରଖି ଦିଆଯାଏ । କିଛି ମାସ ଭଲ ଭାବେ ଦେଖାଶୁଣା କରିପାରିଲେ ଖୁବ୍ ସୁନ୍ଦର ଆକର୍ଷଣୀୟ ପଦ୍ମ ଫୁଟିବା ଆରମ୍ଭ କରେ ।

## ପଦ୍ମର ନାମକରଣ କେଉଁଠି କେମିତି

ସମଗ୍ର ବିଶ୍ୱରେ ଦେଢଶହ ପଜାତିର ପଦ୍ମ ଅଛି । ତନ୍ମଧ୍ୟରୁ ପ୍ରମୁଖ ଦୁଇ ପ୍ରଜାତିର ପଦ୍ମ ହିଁ ଦେଖିବାକୁ ମିଳେ । ପଦ୍ମକୁ ବନସ୍ପତି ଜଗତରେ 'ନିଲମ୍ବିୟନ୍ ନ୍ୟୁସିଫେରା' ବୋଲି କୁହାଯାଏ ଯାହାର ଫୁଲ ବଡ଼ ଏବଂ ସୁନ୍ଦର ହୋଇଥାଏ । ସଂସ୍କୃତରେ ପଦ୍ମର ଅନେକ ନାମ ରହିଛି । ଯେପରିକି କମଳ, ପଦ୍ମ, ପଙ୍କଜ, ସରୋଜିନୀ, ସରୋଜ, ସରୋରୁଜ, ଜଳଜ, ନୀରଜ, ବାରିଜ, ଅମ୍ଭୋରୁହ, ଅମ୍ବୁଜ, ଅରବିନ୍ଦ, ନଳିନୀ, ଉତ୍ପଳ, ପୁଣ୍ଡରୀକ, ତାମରସ ଇତ୍ୟାଦି । ଫାର୍ସୀରେ ପଦ୍ମକୁ 'ନିଲୋଫର୍', ଇଂରାଜୀରେ ଇଣ୍ଡିଆନ୍ ଲୋଟସ୍ ବା ସେକ୍ରେଡ୍ ଲୋଟସ୍, ଚାଇନିଜ୍ ବଟର୍ ଲିଲି, ଇଜିପ୍ସିଆନ୍ ବା ପାଇଥୋଗୋରିୟନ୍ ବିନ୍ କହିଥାନ୍ତି । ଆମେରିକାର ଉମରା ଟାପୁରେ ଏକ ପ୍ରକାର ପଦ୍ମ ଦେଖିବାକୁ ମିଳେ ଯାହାର ଫୁଲର ବ୍ୟାସ ପନ୍ଦର ଇଞ୍ଚ୍ ଏବଂ ପତ୍ରର ବ୍ୟାସ ସାଢେ ଛଅ ଫୁଟ୍ ହୋଇଥାଏ । ପାଖୁଡାଗୁଡ଼ିକ ଝଡ଼ିଯିବା ପରେ ଛତା ବଢ଼ିଥାଏ ଏବଂ ମଞ୍ଜି ହୋଇଥାଏ, ଏହାକୁ 'କମଲଗଟ୍ଟା' କହିଥାନ୍ତି । ସେଠାରେ ଏକ ପ୍ରକାର ଲାଲପଦ୍ମ ଦେଖାଯାଏ ଯାହା ସୁଗନ୍ଧ ନଥାଏ ଏବଂ ତା'ର ମଞ୍ଜିରୁ ତେଲ ବାହାରେ । ରକ୍ତପଦ୍ମ ପ୍ରାୟ ଭାରତର ସବୁ ପ୍ରାନ୍ତରେ ଦେଖାଯାଏ । ଏହାକୁ ସଂସ୍କୃତରେ କୋଫନଦ୍, ରକ୍ତୋତ୍ପଳ, ହଲ୍ଲକ ଇତ୍ୟାଦି କୁହାଯାଏ । କାଶୀର ଆଖପାଖରେ ଏବଂ ଅନ୍ୟସ୍ଥାନରେ ଶ୍ୱେତପଦ୍ମ ଅଧିକ ଫୁଟୁଥିବାର ଦେଖିବାକୁ ମିଳେ । ଏହାକୁ ଶତପତ୍ର, ମହାପଦ୍ମ, ନଳ, ସୀତାମ୍ବୁଜ ଇତ୍ୟାଦି କୁହାଯାଏ । କାଶ୍ମୀରର ଉତ୍ତରଭାଗ ଏବଂ ଚୀନ୍‌ରେ ନୀଳପଦ୍ମ ଅଧିକ ଫୁଟିଥାଏ । ହଳଦିଆ ରଙ୍ଗର ପଦ୍ମ ସାଧାରଣତଃ ଆମେରିକା, ସାଇବେରିଆ, ଉତ୍ତର ଜର୍ମାନୀ ଇତ୍ୟାଦି ଦେଶରେ ଦେଖିବାକୁ ମିଳେ । ଆମ ଓଡ଼ିଶାରେ ମଧ୍ୟ ବିଭିନ୍ନ ପ୍ରକାର ପଦ୍ମ ଫୁଟିବାର ଦେଖାଯାଏ, ଯଥା: ଶ୍ୱେତପଦ୍ମ, ରକ୍ତପଦ୍ମ, ନୀଳପଦ୍ମ, ସ୍ୱର୍ଣ୍ଣପଦ୍ମ ବା ସ୍ୱର୍ଣ୍ଣକମଳ, ଶତଦଳ ପଦ୍ମ, ସହସ୍ରଦଳ ପଦ୍ମ, ପାଟଳ ପଦ୍ମ ଏବଂ ଲକ୍ଷ୍ମୀପଦ୍ମ ଇତ୍ୟାଦି ।

ଆମ ଭାରତରେ ପଦ୍ମ ନାମକରଣ ସଂଶ୍ଳିଷ୍ଟ କେତେଗୁଡ଼ାଏ ପୁରସ୍କାର ମଧ୍ୟ ରହିଛି । ଯଥା: ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ ଇତ୍ୟାଦି । ପଦ୍ମ, ପଙ୍କ, କାଦୁଅରେ ଫୁଟି ମଧ୍ୟ ତାହା ସ୍ୱଚ୍ଛ, ସମୃଦ୍ଧ, ପବିତ୍ର, ଦିବ୍ୟ ଏବଂ ଅନନ୍ୟ ହୋଇଥିବାରୁ ବିଶିଷ୍ଟ, ଉଚ୍ଚାଙ୍ଗ, ସମୃଦ୍ଧ



ବ୍ୟକ୍ତିତ୍ୱଙ୍କୁ ପଦ୍ମ ପ୍ରତୀକାତ୍ମକ ଭାବେ ନେଇ ପୁରସ୍କୃତ କରା ଯାଇଥାଏ । ଅର୍କକ୍ଷେତ୍ର କୋଣାର୍କକୁ ମଧ୍ୟ ପଦ୍ମକ୍ଷେତ୍ର ବୋଲି କୁହାଯାଏ ।

## ପୌରାଣିକ ଆଖ୍ୟାନରେ ପଦ୍ମ

ହିନ୍ଦୁ ଦେବାଦେବୀଙ୍କୁ ପ୍ରାୟତଃ ଆମେ ପଦ୍ମଫୁଲ ଉପରେ ବିରାଜମାନ ଦେଖିବାକୁ ପାଆନ୍ତି । ସର୍ବୋପରି ଦେବୀମାନଙ୍କ ଅତି ପ୍ରିୟ ହୋଇଥାଏ ଏହି ପବିତ୍ର ଫୁଲ ପଦ୍ମ । ପଦ୍ମକୁ ନେଇ ଅନେକ ପୌରାଣିକ ଆଖ୍ୟାନ ରହିଛି ।



ଧବଳ ହଂସ ଓ ପଦ୍ମଫୁଲ ସ୍ୱଚ୍ଛତା ଓ ପବିତ୍ରତାର ପ୍ରତୀକ ଭାବେ ମାତା ଆଦିଶକ୍ତି, ବେଦମାତା ଗାୟତ୍ରୀ ପଦ୍ମାସନା ସ୍ୱରୂପ ହୋଇ ପୂଜା ପାଆନ୍ତି ଭଗବାନ ବିଷ୍ଣୁଙ୍କ ନାଭିରୁ ଉତ୍ପନ୍ନ ଦିବ୍ୟ ପଦ୍ମରୁ ହିଁ ବ୍ରହ୍ମାଙ୍କ ସୃଷ୍ଟି ଜଣାଯାଏ । ବ୍ରହ୍ମା, ବିଷ୍ଣୁଙ୍କ ନାଭିରୁ ଜାତ ପଦ୍ମରେ ହିଁ ଅବସ୍ଥାନ କରନ୍ତି । ପ୍ରଜାପିତା ବ୍ରହ୍ମାଙ୍କୁ ପଦ୍ମରେ ଧାରଣ କରି ନାଭିରେ ରଖି ଥିବାରୁ ପଦ୍ମନାଭ ଏବଂ ହଜାର ଆଠ ସଂଖ୍ୟାର ବ୍ରହ୍ମକମଳ ମହାଦେବଙ୍କୁ ଅର୍ପଣ କରିଲା ବେଳେ ଗୋଟିଏ ବ୍ରହ୍ମକମଳ କମ୍ ପଡ଼ିଯିବାରୁ ନିଜର ନୟନ କମଳ ସ୍ଥାନରେ ମହାଦେବଙ୍କୁ ଅର୍ପଣ କରିଥିବାରୁ ଭଗବାନ ବିଷ୍ଣୁଙ୍କୁ କମଳନୟନ କୁହାଯାଏ । ମାତା ଲକ୍ଷ୍ମୀଙ୍କୁ ବିଷ୍ଣୁଙ୍କର ନେତ୍ର ଅତିପ୍ରିୟ ହେତୁ ଏବଂ ବିଷ୍ଣୁ କମଳନୟନ ହୋଇଥିବାରୁ, ମାତା ଲକ୍ଷ୍ମୀ କମଳ ବା ପଦ୍ମରେ ସର୍ବଦା ମଣ୍ଡିତା ବା ବିରାଜିତା ହୋଇଥାନ୍ତି । ତେଣୁ ତାଙ୍କୁ ପଦ୍ମାଳୟା ବା ପଦ୍ମମୁଖୀ କୁହାଯାଏ । ଆମ ଓଡ଼ିଶାର ବହୁ ପ୍ରସିଦ୍ଧ ଘରେଘରେ ପାଠ କରା ଯାଉଥିବା ପବିତ୍ର ଲକ୍ଷ୍ମୀପୁରାଣରେ ଶ୍ରୀୟା ନାମକ ଚଣ୍ଡାଳୁଣୀର ପଦ୍ମଫୁଲରେ ପୂଜା ଏବଂ ପଦ୍ମଫୁଲର ଝୋଟିଚିତାରେ ମାତା ଲକ୍ଷ୍ମୀଙ୍କୁ ପ୍ରସନ୍ନ କରି ମନବାଞ୍ଛିତ ଫଳ ପ୍ରାପ୍ତି କରିଥିବାର ଲିପିବଦ୍ଧ ରହିଛି । ମାଆଦୁର୍ଗାଙ୍କ ନବରାତ୍ରୀ ଅବସରରେ ନଅଟି ରୂପରେ ଦେବୀ ଦୁର୍ଗା ପୂଜା ପାଇଥାନ୍ତି । ତନ୍ମଧ୍ୟରୁ ମାଆଙ୍କର ନବମ ରୂପ 'ସିଦ୍ଧିଦାତ୍ରୀ' ଭାବେ ପଦ୍ମାସନା ଦେବୀ ଚତୁର୍ଭୁଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମକୁ ଧାରଣ କରିଥାନ୍ତି । ପୌରାଣିକ ଆଖ୍ୟାନ ଅନୁସାରେ ବିଭିନ୍ନ ପଦ୍ମର ଭିନ୍ନ ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଆମେ ଜାଣିବାକୁ ପାଇଥାଉ । ଆସନ୍ତୁ ଜାଣିବା ସେଗୁଡ଼ିକ ଆମ ପାଇଁ କେତେ ଉପଯୋଗୀ ।

## ଲକ୍ଷ୍ମୀକମଳ

ମାନ୍ୟତା ଅଛି ଲକ୍ଷ୍ମୀକମଳ ଧନପ୍ରାପ୍ତିର ଊର୍ଜା ବଢ଼ାଇଥାଏ ଏବଂ ଧନବାନ୍ ବନାଇଥାଏ । ଘରେ ସୁଖ, ଶାନ୍ତି, ସମୃଦ୍ଧି ଆଣିଥାଏ । ଲକ୍ଷ୍ମୀକମଳ ଦେଖିବାକୁ ବହୁ ସଂଖ୍ୟା ବିଶିଷ୍ଟ ଏବଂ ସବୁଜ ରଙ୍ଗର, ପାଖୁଡ଼ାର ଅଗ୍ରଭାଗ ଲାଲ । ଏହା ପ୍ଲାଷ୍ଟିକ୍ ଫୁଲ ଭଳି ଦେଖାଯାଏ । ଲକ୍ଷ୍ମୀପଦ୍ମ ୩୫° ସେଲ୍‌ସିୟସ୍ ପର୍ଯ୍ୟନ୍ତ ତାପମାତ୍ରା ସହନ କରିପାରେ । ଏଥିରେ ଅଧିକ ପାଣି ଦେବାକୁ ପଡ଼ିନଥାଏ । ୨/୩ ଦିନରେ ଥରେ ପାଣି ଦେଲେ ବି ଚଳିଥାଏ । ଏହା ଲକ୍ଷ୍ମୀ ଗୁଣଯୁକ୍ତ ହୋଇଥିବାରୁ ଘରେ ଧନଧାନ୍ୟ ବଢ଼ାଇଥାଏ ।

## ସ୍ୱର୍ଣ୍ଣକମଳ

ସ୍ୱର୍ଣ୍ଣକମଳକୁ ନେଇ ରାମାୟଣରେ ଏକ ସୁନ୍ଦର ଆଖ୍ୟାନ ଅଛି । ମାତା ସୀତା, ବାଲ୍ମିକୀଙ୍କ ଆଶ୍ରମରେ ଥିବାବେଳେ ପୂର୍ଣ୍ଣମୀରେ ଏକ ପୂଜା ରଖିଥିଲେ । ପୂଜାରେ ଆବଶ୍ୟକ ସମସ୍ତ ଦ୍ରବ୍ୟ ଥିଲା, କିନ୍ତୁ ସ୍ୱର୍ଣ୍ଣକମଳ ନଥିଲା । ସ୍ୱର୍ଣ୍ଣକମଳ ବିନା ପୂଜା ଅପୂର୍ଣ୍ଣ ବା ଅସମ୍ଭବ ଥିଲା ଲବ, କୁଶ ସ୍ଥିର କଲେ ଯେମିତି ହେଲେ ମାତା ସୀତାଙ୍କୁ ସ୍ୱର୍ଣକମଳ ଆଣିଦେବ ।

ଋଷି ବାଲ୍ମିକିଙ୍କ ପରାମର୍ଶ ନେଇ ଲବ, କୁଶ ସ୍ୱର୍ଣ୍ଣକମଳ ଅଭିମୁଖେ ବାହାରିଗଲେ । କିନ୍ତୁ ରାସ୍ତା ଦୁର୍ଗମ ଥିଲା । ଲବ, କୁଶ ନିଜର ଜ୍ଞାନ କୌଶଳ ଦ୍ୱାରା ଗୁମ୍ଫା ଭିତରେ ଫୁଟିଥିବା ଦୁର୍ଲ୍ଲଭ ସ୍ୱର୍ଣ୍ଣକମଳ ପ୍ରାପ୍ତକରି ହନୁମାନଙ୍କ ସାହାଯ୍ୟରେ ପୂର୍ଣ୍ଣଚନ୍ଦ୍ର ଆସିବା ପୂର୍ବରୁ ମାତା ସୀତାଙ୍କୁ ଭେଟି ଦେଇଥିଲେ ଏବଂ ମାତା ଦୁର୍ଲ୍ଲଭ ସ୍ୱର୍ଣ୍ଣକମଳ ଦ୍ୱାରା ନିଜର ପୂଜା ସମାପନ କରିଥିଲେ । ଅନ୍ୟ ଏକ ଅଦ୍ଭୁତ କାହାଣୀ ମଧ୍ୟ ଅଛି ଯେ, ଜଣେ ଅଭିଶପ୍ତ ରାଜକୁମାର ରାକ୍ଷସ ଜୀବନ କାଟୁଥିଲେ । ଦୈବାତ୍ ଜଣେ ରାଜାଙ୍କର ଅସୁସ୍ଥତାର ନିରାକରଣ ନିମନ୍ତେ ରାଜାଙ୍କର କନ୍ୟା ରାଜକୁମାରୀ ସୁରବାଲା ସେହି ରାକ୍ଷସ ମାଧ୍ୟମରେ ସ୍ୱର୍ଣ୍ଣକମଳ ପ୍ରାପ୍ତ କରି ନିଜ ପିତା ମହାରାଜାଙ୍କୁ ସୁସ୍ଥ କରାଇଥିଲେ ଏବଂ ପ୍ରତିବଦଳରେ ରାକ୍ଷସକୁ ଦେଇଥିବା ସର୍ତ୍ତ ଅନୁଯାୟୀ ରାଜକୁମାରୀ ସୁରବାଲାଙ୍କୁ ରାକ୍ଷାସକୁ ବିବାହ କରିବାକୁ ପଡ଼ିଥିଲା । ବିବାହ ପରେ ଅଦ୍ଭୁତ ସ୍ୱର୍ଣ୍ଣକମଳ ପାଇଁ ରାକ୍ଷସ ଜଣଙ୍କ ଶାପମୁକ୍ତ ହୋଇ ରାଜକୁମାରରେ ପରିଣତ ହୋଇଥିଲେ ଏବଂ ସୁରବାଲାଙ୍କୁ ବିବାହ କରି ଆନନ୍ଦରେ ରହିଲେ ।

## ନୀଳପଦ୍ମ

ନୀଳପଦ୍ମ ସମ୍ବନ୍ଧରେ ଏକ ପୌରାଣିକ ଆଖ୍ୟାନ ଏହା ଅଛି ଯେ, ଶ୍ରୀରାଧା ପ୍ରଭୁ ଶ୍ରୀକୃଷ୍ଣଙ୍କ ପରି ଅଜନ୍ମା ଥିଲେ । ଗୋଗୁଳରେ ଦେବୀ କିର୍ତ୍ତୀ ଓ ବୃଷଭାନୁ ଅପୁତ୍ରୀକ ଥିଲେ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରତିଦିନ କାଳିନ୍ଦୀ ହ୍ରଦରୁ ପଦ୍ମଫୁଲ ଆଣି ପୂଜା କରୁଥିଲେ । ମାତା ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରି ସନ୍ତାନପ୍ରାପ୍ତିର ଆକାଂକ୍ଷା ରଖି କିର୍ତ୍ତୀ ଓ ବୃଷଭାନୁ କ୍ରମଶଃ ସଫଳ ହେଲେ ଏବଂ ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ କରି କିର୍ତ୍ତୀ ଗର୍ଭବତୀ ହେଲେ । କିନ୍ତୁ ତାଙ୍କ ଗର୍ଭରେ କେବଳ ବାୟୁ ଥିଲା, ସେ ବାୟୁକୁ ଜନ୍ମଦେଲେ । ବୃଷଭାନୁ ଅତ୍ୟନ୍ତ ଦୁଃଖରେ ମ୍ରିୟମାଣ ହୋଇ ମାତା ଲକ୍ଷ୍ମୀଙ୍କୁ ଗୁହାରୀ କଲେ ଏବଂ କିର୍ତ୍ତୀଙ୍କୁ ନେଇ କାଳିନ୍ଦୀ ହ୍ରଦକୁ ଗଲେ ପଦ୍ମ ତୋଳିଆଣି ମାତା ଲକ୍ଷ୍ମୀଙ୍କ ପୂଜା କରିବା ପାଇଁ । ଦୈବାତ୍ ସଂଯୋଗ ଅଥବା ଲକ୍ଷ୍ମୀଙ୍କର ଆଶୀର୍ବାଦ ସ୍ୱରୂପ ଅନେକଗୁଡ଼ିଏ ଧଳାପଦ୍ମ



## ମତାମତ



ବିଭିନ୍ନ ପ୍ରକାର ଫୁଲଗଛ ଲଗାଇ ପରିବେଶ ତଥା ବାତାବରଣ ସହିତ ଫୁଲମାନଙ୍କ ଗହଣରେ ସମୟ କାଟିବାକୁ ମୋତେ ଭଲଲାଗେ । ପଦ୍ମଫୁଲ ଏଇ ବର୍ଷେ ତଳେ ଲଗେଇଛି । ଏମିତି କିଛି କାରଣ ନଥିଲା, ହଠାତ୍ ଇଚ୍ଛା ହେଲା । ଭିନ୍ନଭିନ୍ନ ଫୁଲରେ ମୋର ଆଗ୍ରହ ଥାଏ । ଇଏ ସେମିତି ଗୋଟେ ପ୍ରକାର ଆଗ୍ରହରୁ ସୃଷ୍ଟି । ଠିକ୍ ଦୁର୍ଗାଷ୍ଟମୀ ଦିନ ପ୍ରଥମ ପଦ୍ମଫୁଲ ଫୁଟିଥିଲା । ଦ୍ୱିତୀୟଟି କାଳୀପୂଜା ଓ ତୃତୀୟଟି ଲକ୍ଷ୍ମୀପୂଜା ଦିନ ଫୁଟିଥିଲା । ଏ ସମୟ କ୍ରମଟି ଗୋଟେ ଅଲୌକିକ ଭାବନା ସଂଚରଣ କରିଥିଲା । ଫୁଲ ଫୁଟିବା ବେଳେ ମନରେ ଗୋଟେ ପୂର୍ଣ୍ଣତା ଓ ପ୍ରସନ୍ନତା ଆସୁଥିଲା । ଋତୁ ନେଇ ଫୁଲ ଫୁଟେ । ଶୀତଦିନେ ଟିକେ କମିଯାଏ । ମାତ୍ର ଅନ୍ୟଦିନେ ପ୍ରାୟ ମାସରେ ୮/୧୦ଟି ଫୁଟେ ଓ ଥରେ ଫୁଟିଲେ୪/୫ଦିନ ଯାଏ ରହେ । ଶତଦଳ ପଦ୍ମକୁ ଲକ୍ଷ୍ମୀଙ୍କ ବାହନ କୁହାଯାଏ । ସେ ଲକ୍ଷ୍ମୀଙ୍କୁ ଆଣିଥାଏ । ଲକ୍ଷ୍ମୀ ଜୀବନକୁ ପୂର୍ଣ୍ଣ କରିଥାନ୍ତି । ଜୀବନ ପାତ୍ର ମୋ ପୂର୍ଣ୍ଣ ହେଉଛି । ଏକଥା ଅସ୍ୱୀକାର କରିହେବନି । ଅଲୌକିକ ଅନୁଭୂତିର ଅପେକ୍ଷାରେ ରହିଛି ।

**ଶ୍ରୀ ରଞ୍ଜନ କୁମାର ଦାସ** କବି, ପ୍ରଶାସକ
ଅତିରିକ୍ତ ସଚିବ:ଭାଷାସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

ଭିତରେ ଗୋଟିଏ ନୀଳରଙ୍ଗର ପଦ୍ମ ଫୁଟିଥିଲା । ସେ ଫୁଲ ଅତ୍ୟନ୍ତ ଔଜ୍ଜ୍ୱଲ୍ୟମୟ ଓ ଦିବ୍ୟ ଦିଶୁଥିଲା । ତା'ଉପରେ ଏକ ଅଲୌକିକ ଜ୍ୟୋତି ପ୍ରକାଶିତ ହେଉଥିଲା ଏବଂ ଏକ ଦିବ୍ୟ, ସୁନ୍ଦର, କୋମଳ ଶିଶୁକନ୍ୟା ଶୋଇଥିଲା । ନୀଳପଦ୍ମ ଉପରେ ଥିବା ଶିଶୁକନ୍ୟାକୁ କିର୍ତ୍ତୀ, ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ସ୍ୱରୂପ କୋଳେଇନେଲେ ଏବଂ ପଦ୍ମ ସରୋବରରୁ ତାକୁ ପାଇଥିବାରୁ ତା'ର ନାମ ରାଧା ଦେଲେ । ଦେବୀ ରାଧା ସେଦିନରୁ କିର୍ତ୍ତୀ ଓ ବୃଷଭାନୁଙ୍କର ପୁତ୍ରୀ ଭାବେ ପରିଚିତ ହେଲେ । କୁହାଯାଏ ପ୍ରଭୁ ଶ୍ରୀକୃଷ୍ଣ ରାଧା ଜାତ ହୋଇଥିବା ନୀଳପଦ୍ମର ରଙ୍ଗକୁ ନିଜ ଦେହର ରଙ୍ଗ କରି ନୀଳ ହୋଇଥିଲେ । ସମଗ୍ର ନୀଳ ଆକାଶ ପରିବ୍ୟାପ୍ତ ଓ ଔଜ୍ଜ୍ୱଲ୍ୟମୟ ସେଥିପାଇଁ ଶ୍ରୀକୃଷ୍ଣଙ୍କ ଦେହ ନୀଳ ରଙ୍ଗକୁ ଧାରଣ କରିଥିବାରୁ ସେ ନୀଳମାଧବ । ନୀଳପଦ୍ମକୁ ନେଇ ଭାରତରେ ଅନେକ ଚଳଚ୍ଚିତ୍ର, ସଂଗୀତ, କବିତା, ଗଳ୍ପ ଓ ପ୍ରବନ୍ଧମାନ ଲେଖକଙ୍କର କଲମରୁ ସୃଷ୍ଟି ହୋଇଛି ।

### ସହସ୍ରଦଳ ପଦ୍ମ

ଆମେ ସମସ୍ତେ ଜାଣନ୍ତି ମାତା ଲକ୍ଷ୍ମୀଙ୍କର ପ୍ରିୟ ଫୁଲ ପଦ୍ମ ବା କମଳ । ସେଥିପାଇଁ ତାଙ୍କୁ ପଦ୍ମାଳୟା ବା କମଳା କୁହାଯାଏ । ମାତାଲକ୍ଷ୍ମୀଙ୍କ ପୂଜା ଉଦ୍ଦେଶ୍ୟରେ ଏକ ମନ୍ତ୍ର ଅଛି, 'ପଦ୍ମାଳୟା ପଦ୍ମକରଂ ପଦ୍ମପତ୍ର ନିଭେକ୍ଷଣାମ୍, ବନ୍ଦେ ପଦ୍ମମୁଖୀଂ ପ୍ରିୟାମହମ୍' । ଲକ୍ଷ୍ମୀଙ୍କର ଅତି ପ୍ରିୟ ପବିତ୍ର ସହସ୍ରଦଳ କମଳ । ଏହାର ପାଖୁଡ଼ା ହଜାର ସଂଖ୍ୟା ବିଶିଷ୍ଟ । ଖୁବ୍ ଅଲୌକିକ, ମହକଯୁକ୍ତ, ହାଲ୍କା ଗୋଲାପୀ, ମସୃଣ ଏବଂ ଦିବ୍ୟ ହୋଇଥାଏ ଏହି ପଦ୍ମଫୁଲ । ପଦ୍ମାଳୟାଙ୍କୁ ପ୍ରସନ୍ନ କରିବାକୁ ଶ୍ରୀୟା ଚଣ୍ଡାଳୁଣୀ ପଦ୍ମଫୁଲ ସହିତ ପଦ୍ମଫୁଲର ଝୋଟିଚିତା ଦ୍ୱାରଦେଶରେ ଆଙ୍କି ଅଶେଷ ଧନପ୍ରାପ୍ତି ଓ ଲକ୍ଷ୍ମୀଙ୍କ ଶୁଭାଶିଷ ପାଇଥିବାର ବର୍ଣ୍ଣିତ ଅଛି ପବିତ୍ର 'ଲକ୍ଷ୍ମୀପୁରାଣ'ରେ । ଭାରତର କୋଣାନୁକୋଣରେ ଦୀପାବଳି ବା ଧନ୍‌ତେରସ୍ ଦିନ ସମସ୍ତେ ପ୍ରାୟ ଧନପ୍ରାପ୍ତି, ଐଶ୍ୱର୍ଯ୍ୟପ୍ରାପ୍ତି, ସୁଖ-ସମୃଦ୍ଧି ପ୍ରାପ୍ତି ଉଦ୍ଦେଶ୍ୟରେ ପଦ୍ମଫୁଲ ଦ୍ୱାରା ମାତା ଲକ୍ଷ୍ମୀଙ୍କ ପୂଜା କରିଥାନ୍ତି । ପଦ୍ମଫୁଲ ହେଉଛି ଶାନ୍ତି, ସମୃଦ୍ଧି, ସୌହାର୍ଦ୍ଦ୍ୟ ଓ ପବିତ୍ରତାର ପ୍ରତୀକ । ମାତା ଲକ୍ଷ୍ମୀ ଏସବୁ ଦିବ୍ୟଗୁଣର ଅଧିଷ୍ଠାତ୍ରୀ । ତେଣୁ ନିଜ ଭିତରେ ଏହି ଦିବ୍ୟଗୁଣକୁ ପରିପୁଷ୍ଟ କରିବା ନିମନ୍ତେ ଆମେମାନେ ମାତାଲକ୍ଷ୍ମୀଙ୍କର ପୂଜନ ବା ଆବାହନ ପଦ୍ମ ଦ୍ୱାରା କରିଥାଉଁ ।

### ଶ୍ୱେତପଦ୍ମ

ଶ୍ୱେତରଙ୍ଗ ସାତରଙ୍ଗର ସମ୍ମିଶ୍ରଣରେ ହୋଇଥାଏ । ଶ୍ୱେତରଙ୍ଗ ପବିତ୍ରତା, ସ୍ୱଚ୍ଛତା, ସୁଦ୍ଧତା, ବିଦ୍ୟା, ଜ୍ଞାନ, ଶାନ୍ତି ଓ ସମୃଦ୍ଧିର ପ୍ରତୀକ । ଏଥିରେ ମାନସିକ, ବୌଦ୍ଧିକ, ନୈତିକ ସ୍ୱଚ୍ଛତା ପ୍ରକଟ ହୋଇଥାଏ । ଜ୍ଞାନ ଏବଂ ବିଦ୍ୟାର ରଙ୍ଗ ଶ୍ୱେତ ହୋଇଥାଏ, କାରଣ ଯିଏ ବିଦ୍ୟାର ପ୍ରକୃତ ପୂଜାରୀ ତାଙ୍କ ଠାରେ କୌଣସି କଳୁଷ ଦେଖାଯାଏ ନାହିଁ । ଜ୍ଞାନ ଆଗରେ ସମସ୍ତ କାଳିମା ଦୂର ହୋଇଯାଏ । ଜ୍ଞାନ ବା ବିଦ୍ୟା ଆମକୁ ସଂସାରରେ ସଂକୁଚିତାରୁ ଉପରକୁ ଉଠାଇ ସମାଜରେ ମାନ୍ୟତା ଦିଏ, ଆତ୍ମାକୁ ପବିତ୍ରତା ଦେଇଥାଏ । ତେଣୁ ବିଦ୍ୟା ବା ଜ୍ଞାନର ରଙ୍ଗ ଶ୍ୱେତ କୁହାଯାଏ । ବିଦ୍ୟାର ଦେବୀ ମାତା ସରସ୍ୱତୀଙ୍କୁ ସେଥିପାଇଁ ଶେତ୍ୱରଙ୍ଗ ଅତି ପ୍ରିୟ । ମାତା ସରସ୍ୱତୀଙ୍କ ବସ୍ତ୍ର ପରି ତାଙ୍କର ଆସନ ମଧ ଶ୍ୱେତପଦ୍ମ ହୋଇଥାଏ । ପବିତ୍ରତା, ଶୁଦ୍ଧତାର ପ୍ରତୀକ ସ୍ୱରୂପ ମାତା ଶ୍ୱେତପଦ୍ମରେ ବିରାଜମାନ କରନ୍ତି । ତେଣୁ ତାଙ୍କୁ ଶ୍ୱେତପଦ୍ମାସନା କୁହାଯାଏ । ଶ୍ୱେତପଦ୍ମକୁ ନେଇ ସରସ୍ୱତୀଙ୍କର ଏକ ମନ୍ତ୍ରରେ ଉଚ୍ଚାରଣ କରାଯାଇଛି: "ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା / ଯା ବୀଣା ବର ଦଣ୍ଡ ମଣ୍ଡିତା କରା ଯା ଶ୍ୱେତ ପଦ୍ମାସନା ।"

କୁହାଯାଏ ଶ୍ୱେତପଦ୍ମକୁ ସ୍ୱପ୍ନରେ ଦେଖିଲେ ଶୁଭ ହୋଇଥାଏ । ଏହା ମାନସିକ ଶାନ୍ତି, ଆଧ୍ୟାତ୍ମିକ, ମୂଲ୍ୟବୋଧ ଏବଂ ଆତ୍ମାକୁ ପବିତ୍ର, ଶାନ୍ତି ଓ ସମୃଦ୍ଧ ରଖିବାର ସୂଚନା ଦେଇଥାଏ । ଆମ ହିନ୍ଦୁମାନଙ୍କ ଘରେ ଘରେ ଥାଏ ପୁରାଣ, ଅର୍ଥାତ୍ ପ୍ରାଚୀନ କଥାବଳୀ । ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଲେଖା ଯାଇଥିବା ୧୮ଟି ପୁରାଣ ମଧ୍ୟରେ 'ପଦ୍ମପୁରାଣ' ଅନ୍ୟତମ । ଏଥିରେ ୫୫ ହଜାର ଶ୍ଳୋକ ଏବଂ ଏହା ୬ ଖଣ୍ଡରେ ବିଭକ୍ତ କରାଯାଇଛି । ଯଥା: ସୃଷ୍ଟିଖଣ୍ଡ, ଭୂମିଖଣ୍ଡ, ସ୍ୱର୍ଗଖଣ୍ଡ, ବ୍ରହ୍ମଖଣ୍ଡ, ପାତାଳ ଖଣ୍ଡ ଏବଂ ଉତ୍ତର ଖଣ୍ଡ । ପ୍ରଜାପତି ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ନାଭିରୁ ଉତ୍ପନ୍ନ ଦିବ୍ୟ କମଳ ବା ପଦ୍ମରୁ ଜନ୍ମ ହୋଇ କେମିତି ସୃଷ୍ଟିରେ ରଚନା କରିଥିଲେ ସେ ସମ୍ବନ୍ଧୀୟ ଜ୍ଞାନ ବା ଉପାଖ୍ୟାନ ଏଥିରେ ବର୍ଣ୍ଣିତ ଥିବାରୁ ଏହାକୁ ପଦ୍ମପୁରାଣ କୁହାଯାଏ । ପୁରାଣ ଓ କିମ୍ବଦନ୍ତୀକୁ ବାଦ୍ ଦେଲେ ବିଭିନ୍ନ ଧର୍ମରେ ପଦ୍ମଫୁଲର ବିନିଯୋଗ ବା ଗୁରୁତ୍ୱ ମଧ ରୋମାଞ୍ଚକର ରହିଛି ।

### ବିଭିନ୍ନ ଧର୍ମରେ ପଦ୍ମ

ବୌଦ୍ଧଧର୍ମରେ ଭଗବାନ ବୁଦ୍ଧଙ୍କର ପଥ ଓ ସିଦ୍ଧାନ୍ତର ସ୍ୱରୂପ ହେଉଛି ପଦ୍ମ । ଏହା ଶୁଦ୍ଧତା, ପବିତ୍ରତା, ମେଧାର ପ୍ରତୀକ ଏବଂ ଏଥିରେ ଆଧ୍ୟାତ୍ମିକତା ସମାହିତ ହୋଇଥାଏ । ଭଗବାନ ବୁଦ୍ଧ ନିଜକୁ ଏକ ପଦ୍ମ ସହିତ ତୁଳନା କରନ୍ତି । ପଦ୍ମ ଶରୀର, ବାଣୀ ଏବଂ ମନର ଶୁଦ୍ଧତା ପ୍ରତିନିଧିତ୍ୱ କରିଥାଏ ବୋଲି ବୁଦ୍ଧ କହନ୍ତି । ମାନ୍ୟତା ଅଛି ଗୌତମବୁଦ୍ଧଙ୍କର ପ୍ରଥମ ଚରଣ ପଦ୍ମଫୁଲ ହୋଇଥିଲା ଏବଂ ସବୁଆଡ଼େ ବୁଦ୍ଧ ପାଦ ରଖି ପଦ୍ମବନ ସୃଷ୍ଟି କରିଥିଲେ । ବାଇଗଣି ରଙ୍ଗର ପଦ୍ମ ଅତ୍ୟନ୍ତ ରହସ୍ୟମୟୀ ଓ ବୌଦ୍ଧଧର୍ମର ଗୁଢ଼ ସମ୍ପ୍ରଦାୟକୁ ପ୍ରତିନିଧିତ୍ୱ କରିଥାଏ । ଜୈନଧର୍ମର ସଂସ୍ଥାପକ (ତୀର୍ଥଙ୍କର) ପଦ୍ମ ସିଂହାସନ ଉପରେ ବିରାଜମାନ ଥିବାର ଦେଖାଯାଏ । ଜୈନ ତୀର୍ଥଙ୍କର ପଦ୍ମପ୍ରଭୁଙ୍କୁ ମଧ ଏକ ପଦ୍ମର ପ୍ରତୀକ ଦ୍ୱାରା ଦର୍ଶାଯାଇଥାଏ । 'ପଦ୍ମପ୍ରଭ'ର ଅର୍ଥ ହେଉଛି ଲାଲକମଳ ବା ଲାଲପଦ୍ମ । କୁହାଯାଏ ପଦ୍ମପ୍ରଭଙ୍କର ମାଆ ଲାଲ୍‌କମଳର ଏକ ଔଜ୍ଜ୍ୱଲ୍ୟମୟ ପଲଙ୍କର କଳ୍ପନା କରିଥିଲେ ଯେତେବେଳେ ପଦ୍ମପ୍ରଭ ଗର୍ଭରେ ଥିଲେ । ହିନ୍ଦୁମାନେ ପଦ୍ମଫୁଲକୁ ଅନେକ ଦେବାଦେବୀଙ୍କ ଆସନ ଭାବେ ପ୍ରତୀକାତ୍ମକ ରୂପ ଦେଇଛନ୍ତି । ପଦ୍ମ ମାନବିକ ଦୃଷ୍ଟିକୋଣରେ ଦିବ୍ୟ ଏବଂ ଅମର ହେବାର ପ୍ରତୀକ । ଏହା ସୂର୍ଯ୍ୟ ଏବଂ ଅଗ୍ନିଦେବତାଙ୍କ ଗୁଣ ଧାରଣ କରେ । ଆନ୍ତରିକ କ୍ଷମତା ପ୍ରାପ୍ତି, ତାନ୍ତ୍ରିକ, ଯୌଗିକ ପରମ୍ପରାରେ ପଦ୍ମ ବ୍ୟକ୍ତିର କ୍ଷମତାର ପ୍ରତୀକ ଭାବେ ଚକ୍ରଗୁଡ଼ିକ ମାଧ୍ୟମରେ ଚଳନର

ଉର୍ଜା ପ୍ରବାହ କରିବାକୁ କାର୍ଯ୍ୟ କରିଥାଏ । ପଦ୍ମ ପଙ୍କାଦୁଅରେ ରହି ନିଜକୁ ସ୍ୱଚ୍ଛ, ପବିତ୍ର ରଖିବାର ମହତ୍ତ୍ୱ ମାନବ ସମାଜକୁ  ଶୁଦ୍ଧତା, ପବିତ୍ରତା ପ୍ରତି ପ୍ରେରିତ କରେ । ଅନ୍ତରାଷ୍ଟ୍ରୀୟ ବହାଇ ସମ୍ପ୍ରଦାୟର ଲୋକମାନେ ପଦ୍ମ ମାଧ୍ୟମରେ ନିଜର ଉପାସନା କରିଥାନ୍ତି । ବହାଇମାନେ ଭାରତର ନୂଆଦିଲ୍ଲୀ ଠାରେ ୨୪ ଡିସେମ୍ବର ୧୯୮୬ରେ ପଦ୍ମଫୁଲ ଆକୃତିର ଏକ ଭବ୍ୟ ମନ୍ଦିର ନିର୍ମାଣ କରାଇ ନିଜର ଉପାସନା କରି ଆସୁଛନ୍ତି । ଏହି ମନ୍ଦିର 'ଲୋଟସ୍ ଟେମ୍ପୁଲ୍' ନାମରେ ପରିଚିତ । ବହାଇ ଉପାସକମାନଙ୍କ ଏ ମନ୍ଦିର ଗୌରବ, ଶାନ୍ତି ଏବଂ ଉତ୍କୃଷ୍ଟ ବାତାବରଣକୁ ଜ୍ୟୋତିର୍ମୟ କରିଥାଏ ଯାହାକି ଯେକୌଣସି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ । ଦୂରରୁ ଏହି ମନ୍ଦିର ଲାଗେ ଯେମିତି ପ୍ରକୃତିର ଏକ ହ୍ରଦରେ ଏକ ବିରାଟ ଦିବ୍ୟ ପଦ୍ମଫୁଲ ଫୁଟିଛି । ଆମ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ସୂର୍ଯ୍ୟମନ୍ଦିର କୋଣାର୍କକୁ ମଧ୍ୟ ପଦ୍ମକ୍ଷେତ୍ର କୁହାଯାଏ ।

## ଔଷଧୀୟ ଉପଚାରରେ ପଦ୍ମ

ପଦ୍ମ କେବଳ ଦେଖିବାକୁ ସୁନ୍ଦର ବା ମନୋରମ ନୁହେଁ । ଏହା ଯେତିକି ଦିବ୍ୟ, ମନୋମୁଗ୍ଧକର ସେତିକି ଔଷଧୀୟ ବା ଜଡ଼ିବୁଟି ଭଳି ରୋଗରୁ ଆରୋଗ୍ୟ କରିବାର ଏକ ଆୟୁର୍ବେଦ ଔଷଧ । ପଦ୍ମ ଶୀତଳ ଓ ମିଠା ହୋଇଥାଏ । ଏହା କଫ, ପିତ, ରକ୍ତସ୍ରାବ, ଶୋଷ, ଜଳାପୋଡା ଏବଂ ବିଷକୁ କାଟିଥାଏ । ହୃଦୟରୋଗ ଦୂର କରିବା, ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ପାଇଁ ଏହା ଏକ ଅମୋଘ ଔଷଧ । ତ୍ୱଚାରୋଗ, ମୂତ୍ରରୋଗ, ଦୌର୍ବଲ୍ୟ, ଋତୁସ୍ରାବ, ଥକାପଣ ପାଇଁ ଏହାର ପ୍ରୟୋଗ ଲାଭକାରୀ ହୋଇଥାଏ । ପଦ୍ମଫୁଲର ମୂଳକୁ ନଡ଼ିଆ ତେଲ ସହିତ ଗରମ କରି ତାକୁ ଛାଣି ମୁଣ୍ଡରେ ଲଗାଇଲେ ମୁଣ୍ଡ ଏବଂ ଆଖିକୁ ଶୀତଳତା ପ୍ରାପ୍ତ ହୁଏ । ପଦ୍ମନାଡକୁ ଚୂର୍ଣ୍ଣ କରି ଏକ ଚାମଚ୍ ଓ ମିଶ୍ରି ଏକ ଚାମୁଚ୍ ମିଶାଇ ପ୍ରତିଦିନ ପିଇଲେ ହୃଦରୋଗ ଦୂର ହୁଏ ଓ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ । ଅଧିକ ପିତ ହେବା କାରଣରୁ ଅତିସାର ରୋଗର ନିରାକରଣ ନିମନ୍ତେ ପଦ୍ମବେଣ୍ଟୁଳା ବା କମଳକଙ୍ଗାର ହାଲୁଆ ଖାଇବା ଦ୍ୱାରା ପ୍ରତିକାର ମିଳିଥାଏ । ପଦ୍ମର ପତ୍ର ଓ ପାଖୁଡ଼ା ସମାନ ପରିମାଣର ବାଟି ରାତିରେ ଶୋଇବା ପୂର୍ବରୁ ଏହି ଲେପକୁ ମୁହଁରେ ଲଗେଇ ଶୋଇଲେ ତ୍ୱଚା ସୁନ୍ଦର ଓ କୋମଳ ହୋଇଥାଏ । ପଦ୍ମଫୁଲ ମଞ୍ଜି ୧ଟାରୁ ୩ଟା ଚୂର୍ଣ୍ଣ କରି ସେଥିରେ ମହୁ ମିଶାଇ ଦିନରେ ୨ଥର ସେବନ କଲେ କାଶ ରୋଗ ଦୂର ହୁଏ । ପଦ୍ମଫୁଲର ୨ଟି ପାଖୁଡା, ଧଳା ଚନ୍ଦନର ଚୂର୍ଣ୍ଣ, ମୁଲେଠି(ଯଷ୍ଟିମଧୁ) ଆଦି ମିଶାଇ ସକାଳ-ସନ୍ଧ୍ୟାରେ ଜ୍ୱର ରୋଗୀ ସେବନ କଲେ ଜ୍ୱର ରୋଗରୁ ଆଶ୍ୱସ୍ତି ମିଳିଥାଏ ଏବଂ ଦୁର୍ବଳ ଭାବ ଦୂର ହୋଇଥାଏ । ପଦ୍ମ, ତ୍ରିଫଳା, ଭାଙ୍ଗର, ଲୌହଚୂର୍ଣ୍ଣ ଏବଂ ଗୋବର ମିଶାଇ ଏକତ୍ର ଗରମ କରି ତେଲ ସହିତ ମିଶାଇ ମୁଣ୍ଡରେ ଲଗାଇଲେ ରୁପି ହୋଇନଥାଏ କିମ୍ବା ବାଳ ଝଡ଼ିନଥାଏ । ପଦ୍ମ ମଞ୍ଜିରୁ ରସ ବାହାର କରି ରୋଗୀକୁ ପିଆଇଲେ ବାନ୍ତି ଦୂର ହୁଏ । ପଦ୍ମଫୁଲର ମଞ୍ଜିକୁ ପାଣିରେ ସିଝାଇ ସେହି ପାଣିକୁ ସେବନ କଲେ ହେକୁଟି ବନ୍ଦ ହୁଏ । ଗର୍ଭାବସ୍ଥାରେ ରକ୍ତସ୍ରାବ ହେଉଥିଲେ ପଦ୍ମଫୁଲର ଗୋଟେ ଦୁଇଟି ପାଖୁଡାକୁ ବାଟି କାଢ଼ା ପ୍ରସ୍ତୁତ କରି ପିଇଲେ ଉପଶମ ମିଳିଥାଏ । ପଦ୍ମଫୁଲକୁ ବାଟି ସେବନ କଲେ ମହିଳାମାନଙ୍କ ମାସିକ ଅନିୟମିତତା ଦୂର ହୋଇଥାଏ । ସର୍ବୋପରି ପଦ୍ମଫୁଲ ଘରେ, ନିଜ ବଗିଚାରେ, ଛାତ ଉପରେ ଅଥବା ଆଖପାଖରେ ସବୁବେଳେ ଦେଖୁଥିଲେ ଏହା ମାନସିକ ଶାନ୍ତି ପ୍ରଦାନ କରେ । ପଦ୍ମଫୁଲର ଶୁଦ୍ଧତା, ଦିବ୍ୟତା ମନକୁ ପ୍ରଭାବିତ କରେ ।

ବାସ୍ତୁ ଅନୁସାରେ ଆମେ ପଦ୍ମଫୁଲକୁ ନିଜ ଘରେ ସୁଖ, ଶାନ୍ତି, ସମୃଦ୍ଧି ପାଇଁ ରଖିଥାଉଁ । ପଦ୍ମଫୁଲ ଘରେ ରହିଲେ ବାତାବରଣ ସକରାତ୍ମକ ତଥା ଶୁଦ୍ଧ ହୋଇଥାଏ । ଭୂତପ୍ରେତଙ୍କର ପ୍ରାଦୁର୍ଭାବ ଦୂର ହୁଏ । ପଦ୍ମଫୁଲରେ ଯଜ୍ଞ କଲେ ମହାଲକ୍ଷ୍ମୀଙ୍କ ସିଦ୍ଧିପ୍ରାପ୍ତି ହୋଇଥାଏ । ଯେଉଁଠି ପଦ୍ମମୟ ବାତାବରଣ ଥାଏ ସେଠି ନିର୍ଦ୍ଧନତା ଦେଖା ଯାଏ ନାହିଁ । ପଦ୍ମ ସାକ୍ଷାତ ମାତା ଲକ୍ଷ୍ମୀଙ୍କର ସ୍ୱରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାତା ସରସ୍ୱତୀଙ୍କର ଚଳନ୍ତି ପ୍ରତିମା ମଧ୍ୟ କୁହା ଯାଇପାରେ ପଦ୍ମକୁ ।





# ନୟାଗଡ଼ ଛେନାପୋଡ଼

# ଆଃ ଛେନାପୋଡ଼ !

**ଅଶୋକ କୁମାର ମଲ୍ଲ**
ନିଉ ରାଜବାଟୀ ଲେନ୍, ତ୍ରିନାଥ ଛକ,
ନୟାଗଡ଼-୭୫୨୦୬୯
ଫୋନ:୬୩୭୦୫୧୫୪୦୪

ଫଟୋ ସୌଜନ୍ୟ : ଲେଖକ


▲ ଲେଖକ ଅଶୋକ କୁମାର ମଲ୍ଲ

ସ୍ୱାଦିଷ୍ଟ ଓ ରୁଚିକର ଖାଇବାର ଆନନ୍ଦ ଅନନ୍ୟ । ଏଣୁ ଆମ ଓଡ଼ିଶାରେ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିର ରହିଛି ଭିନ୍ନ ଭିନ୍ନ ପରମ୍ପରା ରହିଛି । ଏହି କ୍ରମରେ 'ଛେନାପୋଡ଼' ଆମ ଖାଦ୍ୟସଂସ୍କୃତିର ଏକ ଅନବଦ୍ୟ ସଂଯୋଜନ ।

ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର୍, ଭାରତର ଜଣାଶୁଣା ଖାଦ୍ୟ ବିଶ୍ଳେଷକ ଓ ଲେଖକ ଶ୍ରୀ ପୁଷ୍ପେଶ ପନ୍ଥ ଭାରତୀୟ ଖାଦ୍ୟ ସାମଗ୍ରୀକୁ ସଙ୍ଗୀତର ସିମ୍ଫୋନୀ ବୋଲି ଅଭିହିତ କରନ୍ତି । ସେ ତାଙ୍କର ଅନୁଶୀଳାତ୍ମକ ପ୍ରବନ୍ଧ, 'ଦି ଗ୍ରେଟ୍ ଇଣ୍ଡିଆନ୍ ଫୁଡ୍ ସିମ୍ଫୋନୀ'ରେ ଭାରତର ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ଖାଦ୍ୟ ଗୁଡ଼ିକ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଛନ୍ତି । ଏଥିରେ ଶ୍ରୀ ପନ୍ଥ ଓଡ଼ିଶାର ପ୍ରସିଦ୍ଧ ଖାଦ୍ୟ ରୂପେ 'ଛେନାପୋଡ଼'ର ସୃଷ୍ଟି, ଏହାର ସୃଷ୍ଟିକର୍ତ୍ତା ଓ ଏହାର ସର୍ବଭାରତୀୟ ଆଦୃତିର ଏକ ସଫଳ ଚିତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଭିନ୍ନ ଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟର ଭଣ୍ଡାର ଥିବାବେଳେ ଶ୍ରୀପନ୍ଥ 'ଛେନାପୋଡ଼'କୁ ଅନ୍ୟ ପ୍ରସିଦ୍ଧ ଭାରତୀୟ ଖାଦ୍ୟମାନଙ୍କ ମଧ୍ୟରେ ସମ ମର୍ଯ୍ୟାଦା ପ୍ରଦାନ କରିବା ଆମ ପାଇଁ ଆନନ୍ଦର କଥା ।

ମନେପକାନ୍ତୁ, ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୟ ତୃତୀୟା'ର ସେଇ ପ୍ରସିଦ୍ଧ ଗୀତ: 'ଆସ କିଏ ଖାଇବ ହୋ...ଆମ ରାଜା ବାବୁଘର ଖାନା'... ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ଲିଖିତ ଏହି ପ୍ରସିଦ୍ଧ ଗୀତକୁ ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ଶ୍ରୀ ତାନସେନ ସିଂ ନିଜ କଣ୍ଠରେ ଗାଇଥିଲେ । ନୟାଗଡ଼ର ଛେନାପୋଡ଼ ଏହି ଗୀତର ଏକ ଅଂଶ ଥିଲା । ଗୀତଟି ଶୁଣି ସାରିବା ପରେ ଛେନାପୋଡ଼ ଯେ ଓଡ଼ିଶାର ଖାଦ୍ୟ ଭଣ୍ଡାରର ଏକ ଅନନ୍ୟ ଉପାଦାନ, ଏକଥା ନିଃସନ୍ଦେହରେ ସ୍ୱୀକାର କରାଯାଏ ।

ଏତଦ୍‌ବ୍ୟତୀତ ଅନେକ ପତ୍ରପତ୍ରିକାରେ ଛେନାପୋଡ଼ ସଂପର୍କରେ ରୋଚକ ତଥ୍ୟମାନ ପ୍ରକାଶିତ ହୋଇସାରିଛି । ସେଗୁଡ଼ିକ ମଧ୍ୟରୁ ଶ୍ରୀ ନିର୍ମଳ ଚନ୍ଦ୍ର ଶୁରଦେଓଙ୍କ ଦ୍ୱାରା ସଂକଳିତ 'ନୟାଗଡ଼ର ଗର୍ବ ଓ ଗୌରବ' ପୁସ୍ତକ ତଥା ନୟାଗଡ଼ ଦିଲ୍ଲୀ ମହୋତ୍ସବ ପାଇଁ ପ୍ରକାଶିତ ପତ୍ରିକା 'ଆରଣ୍ୟକ ୨୦୦୬'ରେ ପ୍ରକାଶିତ ଆଲେଖ୍ୟ 'ଆସ କିଏ ଖାଇବ ହୋ....ନୟାଗଡ଼ର ଛେନାପୋଡ଼' ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ନୟାଗଡ଼ ଜିଲ୍ଲାର ପରିବେଶ ସନ୍ତୁଳନ ରକ୍ଷା ପାଇଁ କେଶରପୁର ଗ୍ରାମରେ ସ୍ଥାପନ କରା ଯାଇଥିବା 'ବୃକ୍ଷ ଓ ଜୀବନର ବନ୍ଧୁ ପରିଷଦ' ସାମାଜିକ ଅନୁଷ୍ଠାନ ବୃକ୍ଷରୋପଣ କ୍ଷେତ୍ରରେ ଆନ୍ତର୍ଜାତିକ ଖ୍ୟାତି ସାଉଁଟିଥିଲା । ଏକ ବୃକ୍ଷଲତା ଶୂନ୍ୟ ଭଣ୍ଡାର ପାହାଡ଼ 'ମାଳତୀ'କୁ କିପରି ଏହି ଅନୁଷ୍ଠାନ ଏକ ସବୁଜ ବଳୟରେ ରୂପାନ୍ତରିତ କରିଥିଲା, ଏହା ଦେଖିବା ପାଇଁ ପ୍ରତିବର୍ଷ ଇଂଲଣ୍ଡ, ଅଷ୍ଟ୍ରିୟା, ଅଷ୍ଟ୍ରେଲିଆ, ପ୍ରଭୃତି ଦେଶରୁ ଅନେକ ପରିବେଶ ପ୍ରେମୀ ଏଠାକୁ ଛୁଟି ଆସୁଥିଲେ । ଆଗନ୍ତୁକମାନଙ୍କୁ ପରିଷଦର ସଦସ୍ୟମାନେ ଅତିଥି ଚର୍ଚ୍ଚାରେ ଛେନାପୋଡ଼ ପରଷି ଦିଅନ୍ତି । ମାଳତୀ ପାହାଡ଼ର ସବୁଜ ବନାନୀ ସେମାନଙ୍କ ଆଖିକୁ ସନ୍ତୁଷ୍ଟ କରିଥିବା ବେଳେ ଛେନାପୋଡ଼ ସେମାନଙ୍କ ପାଟି ଓ ଆତ୍ମାକୁ ତୃପ୍ତି ପ୍ରଦାନ କରୁଥିଲା । ସେମାନଙ୍କ ମଧ୍ୟରୁ ଅନେକ ମଧ୍ୟ ନିଜ ଦେଶକୁ ଛେନାପୋଡ଼ ନେଇଯିବାର ନଜୀର୍ ରହିଛି ।

ନିକଟରେ ପ୍ରସିଦ୍ଧ ବେତାର କଣ୍ଠଶିଳ୍ପୀ ଶ୍ରୀ ନବ କିଶୋର ମିଶ୍ରଙ୍କ ଗାୟନକୁ ନେଇ ଏକ ଚରିତ ଉପନ୍ୟାସ, 'ମୋ ଗପରେ ଗୀତରଗାୟକ' ଲେଖି ସାରିଥିବା ଗାଳ୍ପିକ ତଥା ଔପନ୍ୟାସିକ ଶ୍ରୀ ତପନ ମହାପାତ୍ର ନୟାଗଡ଼ର ଏହି ପ୍ରସିଦ୍ଧ ଛେନାପୋଡ଼କୁ ନେଇ ଏକ ଭିନ୍ନ ସ୍ୱାଦର ଉପନ୍ୟାସ ଲେଖିବା ପ୍ରୟାସ କରୁଥିବା କଥା ଜଣାଯାଏ । ମନରେ ସ୍ୱତଃ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଏତେ ସ୍ୱାଦିଷ୍ଟ ଖାଦ୍ୟର ଉତ୍ପତ୍ତି କେବେ ହୋଇଥିଲା ? କିଏ ସେ ଅମୃତହସ୍ତା ଏଭଳି ଏକ ଲୋଭନୀୟ ଖାଦ୍ୟ ପ୍ରସ୍ତୁତିର ଅୟମାରମ୍ଭ କରିଥଲେ ?

ଛେନାପୋଡ଼ ଯେଭଳି ଅବିଶ୍ୱସନୀୟ ଭାବେ ରୁଚିକର, ଏହାର ଉତ୍ପତ୍ତିର କାହାଣୀ ମଧ୍ୟ ସେହିପରି ବେଶ୍ ରୋଚକ ତଥା ଘଟଣାକ୍ରମରେ ସମାହିତ । ମନୁଷ୍ୟର କ୍ରମବର୍ଦ୍ଧିଷ୍ଣୁ ଅନୁସନ୍ଧିତ୍ସୁ ମନ ଓ ଆକସ୍ମିକ ଭାବେ ନୂଆ କିଛି ସୃଷ୍ଟି କରିବାର ଆତୁରପଣ ହିଁ ଛେନାପୋଡ଼ର ମୂଳଭିତ୍ତି । ବିଶ୍ୱର ଅନେକ ପ୍ରସିଦ୍ଧ ଉଦ୍ଭାବନ ତ ଏଇ ରୀତିରେ ସମ୍ପନ୍ନ ହେବାର ଭରପୁର ପ୍ରମାଣ ରହିଛି । ଛେନାପୋଡ଼ ବା ସେଥିରୁ ବାଦ୍ ଯାଇଥାନ୍ତା କିପରି ? ଏହାର ସୃଷ୍ଟି ମଧ୍ୟ ସେଭଳି ଆକସ୍ମିକ ଓ କୌତୁହଳପ୍ରଦ ଘଟଣା ପ୍ରବାହର ଧାରାଟିଏ ଥିଲା ।

ନିର୍ଦ୍ଦିଷ୍ଟ ଏକ କାଳଖଣ୍ଡରେ ନିଜ ଜ୍ଞାତରେ ଅବା ଅଜ୍ଞାତରେ ଖିଆଲି ଭାବରେ ସୃଷ୍ଟି ଏକ ଛୋଟ ଘଟଣା ଭବିଷ୍ୟତରେ ଯେ ନିଜର ତଥା ନିଜ ଅଂଚଳର ଏକ ସ୍ୱତନ୍ତ୍ର ପରିଚୟ ପାଲଟିଯିବ, ଏକଥା ବୋଧହୁଏ ଛେନାପୋଡ଼ର ସ୍ରଷ୍ଟା ଶ୍ରୀ ସୁଦର୍ଶନ ସାହୁ କଳ୍ପନା କରିନଥିଲେ । ସ୍ୱର୍ଗତ ଶ୍ରୀ ସାହୁ ୧୯୩୧ ମସିହା ଅପ୍ରେଲ ୧୧ ତାରିଖରେ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସାତପାଟଣା ଗ୍ରାମରେ

ଜନ୍ମଲାଭ କରିଥିଲେ । ବାଲ୍ୟଶିକ୍ଷା ସମାପନ ପରେ ସେ ଜୀବିକା ଅନୁସନ୍ଧାନରେ ନୟାଗଡ଼ ଚାଲିଆସି, ନୟାଗଡ଼ କଚେରୀ ବଜାରରେ 'ଦଶପଲ୍ଲା ହୋଟେଲ' ନାମକ ଏକ ଭୋଜନାଳୟର ଶୁଭାରମ୍ଭ କଲେ । ୧୯୪୭ ମସିହାରୁ ୧୯୬୪ ମସିହା ପର୍ଯ୍ୟନ୍ତ ତାଙ୍କର ଏଇ ହୋଟେଲ୍‌ଟି ସମଗ୍ର ନୟାଗଡ଼ର ପରିଚୟ ପାଲଟି ଯାଇଥିଲା । ମିଠା ପ୍ରସ୍ତୁତିରେ ସ୍ୱର୍ଗତ ସାହୁ ତୁଳନାହୀନ ଭାବେ ଦକ୍ଷ ଥିଲେ । ମିଷ୍ଟାନ୍ନ ପାଇଁ ଆବଶ୍ୟକ ଛେନା, ଚିନି, ଚାଉଳଚୂନା, ମଇଦା, ଅଟା, ଅଳେଇଚ, ଗୁଜୁରାତି ପ୍ରଭୃତି ଉପକରଣ ଗୁଡ଼ିକର ଉପଯୁକ୍ତ ଭାଗମାପର ଚମତ୍କାର ବିଜ୍ଞାଣୀ ଥିଲେ ସେ । ଅନେକ ସମୟରେ ପର୍ବପର୍ବାଣି ନିମନ୍ତେ ସେ ଅଧିକ କିଛି ଛେନା ସଂଗ୍ରହ କରି ରଖିଥାଆନ୍ତି । ମାତ୍ର ବିଭିନ୍ନ କାରଣବଶତଃ ବଳକା ଛେନାସବୁ ମିଠା ପ୍ରସ୍ତୁତିରେ ଲାଗିପାରେ ନାହିଁ । ସୁତରାଂ ସେସବୁ ଛେନା ନଷ୍ଟ ହୋଇଯାଏ । ପ୍ରାୟ ଅଧିକାଂଶ ସମୟରେ ଏଭଳି ସମସ୍ୟା ଲାଗି ରହିବାରୁ ଏହାର ସମାଧାନ ପାଇଁ ସେ ବଳକା ଛେନାର ବ୍ୟବହାର ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲେ । ଦିନେ ହଠାତ୍ ଶ୍ରୀ ସାହୁ ଏକ ଅଦ୍ଭୁତ କାର୍ଯ୍ୟ କରିବସିଲେ । ବଳକା ଛେନାରେ କିଛି ଚିନି ମିଶାଇ, ମିଶ୍ରଣକୁ କଦଳୀପତ୍ରରେ ଗୁଡ଼ାଇ ହୋଟେଲ୍‌ର ରଡ଼ନିଆଁ ଥିବା ଚୁଲି ଭିତରେ ରଖି, ତା' ଉପରେ କିଛି ରଡ଼ନିଆଁ ଘୋଡ଼ାଇ ଦେଲେ । ପ୍ରାୟ ୨ଘଣ୍ଟା ପରେ କଦଳୀପତ୍ରରେ ବନ୍ଧା ପୁଡ଼ିଆଟି ପାଣ୍ଡୁର ବର୍ଣ୍ଣ ପାଲଟି ଯାଇଥିଲା । ସେ ତାକୁ ବାହାରକୁ ଆଣି ପୁଡ଼ିଆ ଭିତରର ଛେନାକୁ ଚାଖିବାରୁ, ଏହାର ସ୍ୱାଦ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କଲା । କିନ୍ତୁ ଏଥିରେ ଗୋଟିଏ ଅସୁବିଧା ଥିଲା ଛେନାଗୁଡ଼ିକ ହାତକୁ କାଦୁଅ ଭଳି ଚିକିଟା ଲାଗିଲା । ନୂଆ କିଛି ତିଆରି କରିବାର ଆତୁରପଣରେ ବିଭୋର ଶ୍ରୀ ସାହୁ ବିଚଳିତ ନହୋଇ ଏହାର ଉପାୟ ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲେ । ତା'ପରଦିନ ସେ ଛେନା ସହ ଚିନି ଓ କିଛି ଚାଉଳ ଚୂନା ମିଶାଇ ପୂର୍ବଭଳି କଦଳୀପତ୍ରରେ ଗୁଡ଼ାଇ ଚୁଲିର ନିଆଁ ଉପରେ ରଖିଦେଲେ । ପ୍ରାୟ ୪/୫ଘଣ୍ଟା ପରେ ସେ ଏହାକୁ ଚୁଲିରୁ କାଢ଼ି ନିଜେ ଚାଖିବା ସହ ଅନ୍ୟମାନଙ୍କୁ ଚାଖିବାକୁ ଦେଲେ । ସେ ଭଲ ଭାବରେ ଜାଣିଥିଲେ ଯେ ସୁଖ ବାଣ୍ଟିଲେ ବଢ଼େ । ନିଜ ଉଦ୍ଭାବନର ଏଇ ପ୍ରଥମ ଫଳ ତାଙ୍କ ଗ୍ରାହକମାନଙ୍କ ମଧ୍ୟରେ ବାଣ୍ଟିଦେଇ ଉତ୍କଣ୍ଠାର ସହ ସେମାନଙ୍କ ପ୍ରତିକ୍ରିୟାକୁ ଅପେକ୍ଷାର ଆଖିରେ ଚାହିଁ ରହିଥିଲେ ସେ । "ଓଃ, ଚମତ୍କାର ! କି ସୁଆଦ କିଓ ସାଉଏ !" ଏଇ ଦୁଇ ଚାରୋଟି ଶବ୍ଦ ତାଙ୍କ ସମଗ୍ର ଜୀବସତ୍ତାକୁ ଏଭଳି ଆବୋରି ବସିଲା ଯେ, ସେ ଉଦ୍ଭାବିତ ଖାଦ୍ୟ ପଦାର୍ଥଟିର ନାମ 'ଛେନାପୋଡ଼' ଦେଇ ଏହାକୁ ଅଧିକ ରୁଚିପୂର୍ଣ୍ଣ ଓ ସ୍ୱାଦିଷ୍ଟ କରିବା ପାଇଁ ଲାଗି ପଡ଼ିଲେ । ୧୯୪୭ ମସିହାରୁ ୧୯୬୪ ମସିହା ପର୍ଯ୍ୟନ୍ତ ସେ ଛେନାପୋଡ଼ର ପ୍ରଚାର, ପ୍ରସାର ତଥା ଅଧିକ ସୁସ୍ୱାଦ କରିବା ନିଜ ଜୀବନର ବ୍ରତ ବୋଲି ଧରି ନେଇଥିଲେ ।



ଛେନାପୋଡ଼ର ସ୍ରଷ୍ଟା ଶ୍ରୀସୁଦର୍ଶନ ସାହୁ

କୁହାଯାଏ, ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମାବଦ୍ଧ ହୋଇପାରେ, ମାତ୍ର ବ୍ୟକ୍ତିର କୃତିତ୍ୱ ସମସ୍ତ ସୀମା ସହରଦ ଅତିକ୍ରମ କରି ବ୍ୟକ୍ତିକୁ ଏକ ଅମଳିନ ପରିଚୟ ପ୍ରଦାନ କରିଥାଏ । ଶ୍ରୀ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଛେନାପୋଡ଼ ଖାଇ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ଅଭିଭୂତ ହୋଇ ପଡ଼ିଥିଲେ । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ବିରେନ ମିତ୍ର, ଭୁବନେଶ୍ୱରର 'ରାଜମହଲ ହୋଟେଲ'ର ମାଲିକ ଶ୍ରୀ ରାଜୁ ସାହୁଙ୍କ ମାର୍ଫତ୍‌ରେ ସୁଦର୍ଶନ ସାହୁଙ୍କ ଛେନାପୋଡ଼ ମଗେଇ ନେବାର ଦୃଷ୍ଟାନ୍ତ ରହିଛି । ନୟାଗଡ଼ର ତତ୍କାଳୀନ ରାଜା ସାହେବ କୃଷ୍ଣଚନ୍ଦ୍ର ସିଂ ମାନ୍‌ଧାତା, ତତ୍କାଳୀନ ମୁଖ୍ୟ ସଚିବ ସୁବ୍ରତ ବାଗଚି ପ୍ରମୁଖ ଶ୍ରୀ ସାହୁଙ୍କ ଛେନାପୋଡ଼ର ପ୍ରଶଂସକ ଥିଲେ ।

ସ୍ୱର୍ଗତଃ ସାହୁଙ୍କର ଛେନାପୋଡ଼ ପ୍ରସ୍ତୁତି ଓ ନୟାଗଡ଼ ଛେନାପୋଡ଼ର ଗାରିମା ସମ୍ପର୍କରେ ଓଡ଼ିଶା ସରକାରଙ୍କର ତତ୍କାଳୀନ ପଞ୍ଚାୟତିରାଜ ଓ ଆଇନ ବିଭାଗ ଓ ବର୍ତ୍ତମାନର କୃଷି ପଶୁପାଳନ ଓ ଉଚ୍ଚଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ, ତାଙ୍କର ଅନୁଶୀଳନାତ୍ମକ ଆଲେଖ୍ୟ 'ତ୍ରୈକାଳିକ ଭୌମିକ ଅସ୍ମିତା' 'ଏକ ଅପୂର୍ବ ମିଷ୍ଟତାର ଅନିର୍ବାଣ ନିଦର୍ଶନ' 'ଅବିସ୍ମରଣୀୟ ସୁଦର୍ଶନ'ରେ ସୁଦର୍ଶନ ସାହୁଙ୍କର ପ୍ରୟୋଗାତ୍ମକ ମନୋବୃତ୍ତି, ଆଶା ଓ ସଂକଳ୍ପ ସଂପର୍କରେ ଆଲୋକପାତ କରିବା ସହ ଛେନାପୋଡ଼ର ବିଶ୍ୱ ଆଦୃତିର ରୋଚକ ତଥ୍ୟମାନ ପ୍ରଦାନ କରିଛନ୍ତି । ଶ୍ରୀ ତପନ ମହାପାତ୍ର ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼କୁ ନେଇ ଏକ ଉପନ୍ୟାସ ଲେଖିବା ପ୍ରୟାସ କରୁଥିବା କଥା ଜଣାଯାଏ । ନୟାଗଡ଼ ତଥା ରାଜ୍ୟର ଅନେକ ଅନୁଷ୍ଠାନ ସ୍ୱର୍ଗତ ସାହୁଙ୍କର ଅପୂର୍ବ ଉଦ୍ଭାବନ ପାଇଁ ତାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ନିଜକୁ କୃତାର୍ଥ ମଣିଛନ୍ତି ।

୧୯୬୪ ମସିହାରେ ଶ୍ରୀ ସାହୁ ନିଜର ହୋଟେଲ୍ ବ୍ୟବସାୟ ଛାଡ଼ି ଗୃହ ଉପକରଣ ବ୍ୟବସାୟରେ ମନ ଦେଲେ । ତାଙ୍କର ତିନିପୁଅ, ସୁରେନ୍ଦ୍ର, ସୁନୀଲ ଓ ସୁମନ । ସେମାନେ ମଧ୍ୟ ତାଙ୍କୁ ଏହି ବ୍ୟବସାୟରେ ସହଯୋଗ କରୁଥିଲେ । ନୟାଗଡ଼ ଛେନାପୋଡ଼ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କଥା କହିବାକୁ ଯାଇ ସ୍ୱର୍ଗତ ସାହୁଙ୍କ ସାନପୁଅ ସୁମନ କୁମାର ସାହୁ କହନ୍ତି, "ବାପା ଛେନାପୋଡ଼ ପ୍ରସ୍ତୁତିକୁ 'ଦେବକାର୍ଯ୍ୟ' ବୋଲି କହୁଥିଲେ । ଯେଉଁ ଖାଦ୍ୟ ପାଞ୍ଚରୁ ପଚିଶ୍ ଲୋକଙ୍କ ପାଟିରେ ପଡ଼ି ତୃପ୍ତି ପ୍ରଦାନ କରେ ତାହାର ପ୍ରସ୍ତୁତି ଦେବ କାର୍ଯ୍ୟ ନୁହେଁ ତ ଆଉ କ'ଣ ? ସେ ତାଙ୍କର ମନପ୍ରାଣ, ଆତ୍ମା, ଶରୀର ଏକାକାର କରି ଛେନାପୋଡ଼ ପ୍ରସ୍ତୁତ କରୁଥିଲେ । ସେ ବୁଝିଥିଲେ ଯେ ତାଙ୍କ ପ୍ରସ୍ତୁତ ଛେନାପୋଡ଼ ଓଡ଼ିଶା ତଥା ଓଡ଼ିଶା ବାହାରେ ନୟାଗଡ଼ର ନାଁ ରଖିବ ।

କିନ୍ତୁ କାଳକ୍ରମେ ଭଲ ଛେନାର ଅଭାବ, କାରିଗରଙ୍କର ଅଭାବ ପ୍ରଭୃତି ଅସୁବିଧା ହେତୁ ସେ ହୋଟେଲ୍ ବ୍ୟବସାୟକୁ ତ୍ୟାଗ କରି ଗୃହ ଉପକରଣ, ଘଣ୍ଟା ପ୍ରଭୃତି ବ୍ୟବସାୟରେ ମନ ଦେଲେ । ସମ୍ପ୍ରତି ଛେନାପୋଡ଼ ପ୍ରସ୍ତୁତକାରୀମାନେ ଅଧିକ ଲାଭର ଲୋଭରେ 'ପାରସ'ଗୁଣ୍ଡ ଓ ସୁଜିର ବହୁଳ ବ୍ୟବହାର କରୁଛନ୍ତି । ଫଳରେ ନୟାଗଡ଼ ଛେନାପୋଡ଼ର ମାନ କମିଛି ।

ସ୍ୱର୍ଗତଃ ସାହୁଙ୍କ ଦ୍ୱାରା ଛେନାପୋଡ଼ ଉଦ୍ଭାବନ ପରେ ନୟାଗଡ଼ର ଅନେକ ପୋଡ଼ ପ୍ରସ୍ତୁତକାରୀ ଉନ୍ନତମାନର



ଛେନାପୋଡ଼ ପ୍ରସ୍ତୁତ କରିବାରେ ନିଜକୁ ନିୟୋଜିତ କରିଛନ୍ତି । ଅଧୁନା ଏହା କେବଳ ନୟାଗଡ଼ ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ହେଉଛି । ମାତ୍ର ମଜାର କଥା ଯେ ନୟାଗଡ଼ ଛେନାପୋଡ଼ର ବଜାର ଚାହିଦା କାଣିଚାଏ ମଧ୍ୟ ହ୍ରାସ ପାଇନାହିଁ । ସମୟ ସହିତ ସମତାଳରେ ଛେନାପୋଡ଼ ପ୍ରସ୍ତୁତିରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି । ଏହାକୁ ସ୍ୱାଦିଷ୍ଟ ତଥା ରୁଚିପୂର୍ଣ୍ଣ କରିବା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ପ୍ରଣାଳୀ ଆପଣେଇବାକୁ ପଡ଼େ । ସାମାନ୍ୟ ଅସାବଧାନତା ନୟାଗଡ଼ର ସୁନାମରେ ଆଘାତ ଆଣିବାର ଭୟ ସଦାସର୍ବଦା ଏହାର ପ୍ରସ୍ତୁତକାରୀଙ୍କୁ ଅଧିକ ସାବଧାନ କରିଦିଏ । ଉନ୍ନତମାନର ଛେନାପୋଡ଼ ପାଇଁ ଶୁଦ୍ଧ ଗାଈକ୍ଷୀରରୁ ପ୍ରସ୍ତୁତ ଛେନା ହିଁ ଆବଶ୍ୟକ । ମଇଁଷିକ୍ଷୀରର ଛେନା ବ୍ୟବହାର କରାଯାଇ ପାରେ ମାତ୍ର ଏଥିରେ ଘିଅ ଅଂଶ ଅଧିକ ଥିବାରୁ ପୋଡ଼ର ରଙ୍ଗ ଲାଲ୍ କରିଦେଇ ସ୍ୱାଦ କମାଇ ଦିଏ । ତେଣୁ ଶୁଦ୍ଧ ଗାଈକ୍ଷୀରରୁ ପ୍ରସ୍ତୁତ ଛେନାରେ ହିଁ ଉପଯୁକ୍ତ 'ପୋଡ଼' ପ୍ରସ୍ତୁତ କରାଯାଏ । ଗୋଟିଏ ଦେଢ଼ କେଜିଆ ପୋଡ଼ ପାଇଁ ଚିନି, ଚାଳିଶ ଗ୍ରାମ ସୁଜି, କିଛି ଗୁଜୁରାତି/ଅଳେଇଚ, ପଚାଶ ଗ୍ରାମ କାଜୁ, ଦୁର୍ଗାଘିଅ ଅଳ୍ପ, ପୋଡ଼ିବା ପାଇଁ ଆବଶ୍ୟକ ପରିମାଣର ଜଳନ୍ତା ଅଙ୍ଗାର ଚେପ୍‌ଟା ରସ ଗାଙ୍ଗଲା, କଦଳୀପତ୍ର କିମ୍ବା ଖଲି ଓ ଗୋଟିଏ ରସ ଢାଙ୍କୁଣୀ ବା ଟିଣ ପ୍ରଭୃତି ହେଉଛି ଛେନାପୋଡ଼ର ଆବଶ୍ୟକ ଉପକରଣ ।

ଛେନାପୋଡ଼ ପ୍ରସ୍ତୁତିର ପ୍ରଥମ ତଥା ଅନ୍ତିମ ପର୍ଯ୍ୟାୟ ହେଉଛି ରଡ଼ନିଆଁ ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ଚୁଲି ଓ ଛେନା ପୋଡ଼ିବା ପାଇଁ ସ୍ୱତନ୍ତ୍ର ଧରଣର ଅଲଗା ଚୁଲି । ଚୁଲି ଦୁଇଟିର ଗଠନ ପ୍ରଣାଳୀ ସମ୍ପୂର୍ଣ୍ଣ ଅଲଗା । ପ୍ରଥମଟି ଠିକ୍ ଏକ କୋଇଲା ଚୁଲିଭଳି । ଇଟା, ମାଟି ଓ ସରୁ ଲୁହାଛଡ଼ ଦେଇ ଏହି ଚୁଲି ପ୍ରସ୍ତୁତ କରାଯାଏ । ଫରକ କେବଳ ଏତିକି ଯେ ଆମେ ବ୍ୟବହାର କରୁଥିବା କୋଇଲା ଚୁଲିରେ ପ୍ରାୟ ଝିଙ୍କା ଥାଏ ମାତ୍ର ଏଥିରେ ଝିଙ୍କାର ଆବଶ୍ୟକତା ନଥାଏ । କୋଇଲା ଚୁଲିଟି ପ୍ରାୟ ୨ରୁ ଅଢ଼େଇ ଫୁଟ ଉଚ୍ଚ ହୋଇଥାଏ । ଚୁଲିର ମଝିରେ ଲୁହାଛଡ଼ ଦିଆ ଯାଇଥାଏ । ଛଡ଼ ଉପରେ କୋଇଲା ଜମା କରି ତଳପଟୁ ଅଗ୍ନି ସଂଯୋଗ କରାଯାଏ । ଚୁଲିର ନିମ୍ନ ଭାଗର ମୁହଁରେ ଧିରେ ଧିରେ ପଙ୍ଖା ଦ୍ୱାରା ପବନ ସଂଚାଳନ କଲେ କୋଇଲାରେ ନିଆଁ ଧରି ଜଳିବାକୁ ଲାଗେ । ପ୍ରାୟ ୧୦ମିନିଟ ମଧ୍ୟରେ ସମସ୍ତ କୋଇଲା ରଡ଼ନିଆଁରେ ପରିଣତ ହୋଇଯାଏ ।

ପୋଡ଼ ପ୍ରସ୍ତୁତ ପାଇଁ ଆବଶ୍ୟକ ଚୁଲି ଟିକେ ଅଲଗା ପ୍ରକାରର । ଦୁଇଟି ଲେଖାଏଁ ଇଟା ଦୁଇଧାଡ଼ି ଉପରତଳ ବସାଇ ମାଟି ଲେପ ଦିଆଯାଏ । ଦୁଇ ଇଟା ଧାଡ଼ି ମଧ୍ୟରେ ବ୍ୟବଧାନ ପ୍ରାୟ ୧ ଫୁଟରୁ ଦେଢ଼ଫୁଟ ମଧ୍ୟରେ ହୋଇଥାଏ ବା ଏହି ବ୍ୟବଧାନ ଛେନାପୋଡ଼ିବା ପାଇଁ ବ୍ୟବହୃତ ଚେପ୍‌ଟା ଆକାର ରସ ଗାଙ୍ଗଲାର ଆକାର ଉପରେ ନିର୍ଭର କରେ । ଗାଙ୍ଗଲାର ଆକାର ଅନୁସାରେ ଏହି ବ୍ୟବଧାନକୁ ବଢ଼ାଇ ଦିଆ ଯାଇପାରେ ବା କମାଇ ଦିଆ ଯାଇପାରେ । ଅଧିକ ପରିମାଣରେ ଛେନାପୋଡ଼ ପ୍ରସ୍ତୁତ କରିବାକୁ ଥିଲେ ଅଧିକ ସଂଖ୍ୟାରେ ଚୁଲି ପ୍ରସ୍ତୁତ କରି ରଖାଯାଇଥାଏ ।

## ପ୍ରସ୍ତୁତି ପ୍ରଣାଳୀ

ଖାଣ୍ଟି ଗାଈକ୍ଷୀରରୁ ଛେନା ପ୍ରସ୍ତୁତ କଲାବେଳେ ସତର୍କତା ଅବଲମ୍ବନ କରାଯାଏ । ଛେନାପାଡ଼ ହେଲା ପରେ ତାକୁ ଏକ ପରିସ୍କାର ଧଳା କପଡ଼ାରେ (ଧୋତିହେଲେ ଭଲ) ବାନ୍ଧି ଚିପୁଡ଼ା ଯାଏ ଓ ଯେପରି ଟୋପାଏ ମଧ୍ୟ ଜଳୀୟ ଅଂଶ ଛେନାରେ ନରହେ ସେଥିପ୍ରତି ଦୃଷ୍ଟି ଦିଆଯାଏ । ଛେନାରେ ଜଳ ରହିଲେ ଛେନା ଭଲ ପୋଡ଼େ ନାହିଁ ଓ ସ୍ୱାଦ ମଧ୍ୟ ନଷ୍ଟ ହୋଇଯାଏ । ସେଥିପାଇଁ ସ୍ୱାଦିଷ୍ଟ ଛେନାପୋଡ଼ ନିମନ୍ତେ ଗାଈକ୍ଷୀରର ସଂପୂର୍ଣ୍ଣ ଶୁଖିଲା ପାକଳ ଛେନା ଆବଶ୍ୟକ ବୋଲି କୁହାଯାଇଛି । ଛେନାରୁ ନିଗିଡ଼ି ପଡ଼ିଥିବା ପାଣିକୁ ଗୋଟିଏ ପାତ୍ରରେ ସଂଗ୍ରହ କରି ରଖାଯାଏ । ଏହି ଛେନାପାଣିରୁ ପରବର୍ତ୍ତୀ ଅବସ୍ଥାରେ ଘିଅ ପ୍ରସ୍ତୁତ ହୁଏ ଏବଂ କିଛି ଗାଈମାନଙ୍କୁ ମଧ୍ୟ ଖାଇବାକୁ ଦିଆଯାଏ ।

ଶୁଖିଲା ଛେନା ସହିତ ଆବଶ୍ୟକ ମୁତାବକ ଚିନି, ସୁଜି, ଗୁଜୁରାତି ମିଶାଇ ଭଲ ଭାବରେ ଚକଟାଯାଏ ଓ ଧ୍ୟାନ ରଖାଯାଏ ଯେପରି ସମସ୍ତ ଉପାଦାନ ଭଲଭାବରେ ଫେଣ୍ଟି ହୋଇ ଉପଯୁକ୍ତ ମିଶ୍ରଣରେ ପରିଣତ ହୋଇଯିବ । ଗୋଟିଏ ଆବଶ୍ୟକ ଆକାରର ଚେପ୍‌ଟା ରସ ଗାଙ୍ଗଲା ଆଣି ଏହାର ଭିତର ପୃଷ୍ଠରେ ଦୁର୍ଗାଘିଅର ଲେପ ଦିଆଯାଏ । ସ୍ଥଳ ବିଶେଷରେ ଝିଅ ମାରିବା ପୂର୍ବରୁ କଦଳୀ ପତ୍ର କିମ୍ବା ଖଲିପତ୍ର ବ୍ୟବହାର କରା ଯାଇପାରେ । କଦଳୀପତ୍ର ବ୍ୟବହାର କଲେ ମଧ୍ୟ ପତ୍ର ଉପରେ ଘିଅ ବୋଳାଯାଏ । ଘିଅ ଦେବା ଦ୍ୱାରା ଛେନା ତଳପଟୁ ଅତ୍ୟଧିକ ପୋଡ଼ି ଅଙ୍ଗାର ହେବାର ଭୟ ରହେ ନାହିଁ । ଘିଅ ବୋଳିବା ପରେ ଛେନା, ସୁଜି, ଚିନି ଓ ଗୁଜୁରାତିର ମିଶ୍ରଣକୁ ଗାଙ୍ଗଲା ଭିତରେ ରଖି ମିଶ୍ରଣର ଉପର ପୃଷ୍ଠକୁ ସମତଳ କରି ଏହା ଉପରେ ଆବଶ୍ୟକ ପରିମାଣରେ କାଜୁ ସଜାଇ ରଖି କଦଳୀପତ୍ର ଅଥବା ଖଲିପତ୍ରରେ ଘୋଡ଼େଇ ଦିଆଯାଏ ।

ଛେନା ପୋଡ଼ ପ୍ରସ୍ତୁତିର ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟଟି ଅତ୍ୟନ୍ତ ସତର୍କତା ମୂଳକ ପର୍ଯ୍ୟାୟ ଅଟେ । ପୂର୍ବରୁ ପ୍ରସ୍ତୁତ ରଡ଼ନିଆଁକୁ ଅଙ୍ଗାର ଚୁଲିରୁ ଆଣି ପୋଡ଼ଚୁଲିରେ ରଖାଯାଏ ଓ ଛେନା ମିଶ୍ରଣ ସଜା ହୋଇଥିବା ଗାଙ୍ଗଲାଟି ଆଣି ଚୁଲି ଉପରେ ରଖାଯାଏ । ଧ୍ୟାନ ରଖାଯାଏ ଯେପରି ଗାଙ୍ଗଲାର 'ଚକି' ଠାରୁ ରଡ଼ନିଆଁ ପ୍ରାୟ ଦେଢ଼ ଇଞ୍ଚରୁ ଦୁଇ ଇଞ୍ଚ ତଳେ ରହିବ । ରଡ଼ନିଆଁ ଗାଙ୍ଗଲାର ଚକିକୁ ଲାଗିଗଲେ ତଳପଟୁ ଛେନା ପୋଡ଼ିଯାଇ ଅଙ୍ଗାର ହେଇଯାଇପାରେ ।



ଏହାପରେ ଗାଙ୍ଗଲା ଉପରେ ଏକ ଘୋଡ଼ଣି ଘୋଡ଼ାଇ ଚୁଲି ଭିତରେ ଯେତେ ରଡ଼ନିଆଁ ରଖା ଯାଇଛି ତା'ଠାରୁ ଅଧିକ ରଡ଼ନିଆଁ ଘୋଡ଼ଣି ଉପରେ ରଖାଯାଏ । ରଡ଼ନିଆଁର ତାଉ ନକମିବା ପାଇଁ ମଝିରେ ମଝିରେ ପଙ୍ଖା କରାଯାଏ । ଗୋଟିଏ ୩ କେଜିଆ ପୋଡ଼ ପ୍ରସ୍ତୁତ ପାଇଁ ପ୍ରାୟ ୪୫ ମିନିଟ୍ ସମୟ ଲାଗେ । ୪୫ ମିନିଟ୍ ପରେ ଗାଙ୍ଗଲା ଉପରୁ ରଡ଼ନିଆଁକୁ ହଟାଇ ଦିଆଯାଇ ପୋଡ଼ ଗାଙ୍ଗଲାକୁ ଚୁଲି ଉପରୁ ଓହ୍ଲାଇ ଆଣି ଥଣ୍ଡା ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯାଏ । ପୂର୍ବରୁ କାଠଚୁଲିରେ ପୋଡ଼ ପ୍ରସ୍ତୁତ ହେଉଥିବାରୁ ଏଥିପାଇଁ ୪/୫ ଘଣ୍ଟା ସମୟ ଲାଗୁଥିଲା । ମାତ୍ର ଏବେ ପୋଡ଼ ପ୍ରସ୍ତୁତକାରୀମାନେ ମାତ୍ର ୪୫ମିନିଟ୍‌ରେ ପୋଡ଼ ପ୍ରସ୍ତୁତ  କରି ପାରୁଛନ୍ତି । ଗୋଟିଏ କେଜି ପୋଡ଼ ପାଇଁ ପ୍ରସ୍ତୁତକାରୀମାନେ ପ୍ରାୟ ୧୮୦/୧୯୦ ଟଙ୍କା ପର୍ଯ୍ୟନ୍ତ ବିନିଯୋଗ କରିଥାନ୍ତି ।

ବିଭିନ୍ନ ପତ୍ରପତ୍ରିକାରେ ଛେନାପୋଡ଼ର ଗାରିମା ସମ୍ପର୍କରେ ବର୍ଣ୍ଣନା ଆଦୌ ଅତିରଞ୍ଜିତ ନୁହେଁ । ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରରେ ଅନୁଷ୍ଠିତ ହେଉଥିବା ଯାନିଯାତ୍ରା, ମେଳା, ଉତ୍ସବ ପ୍ରଭୃତିରେ ନୟାଗଡ଼ ଛେନାପୋଡ଼ର ଉପସ୍ଥିତି ଓ ଆଦର ଏହାର ପ୍ରମାଣ । କଟକର ବାଲିଯାତ୍ରା, ବରଗଡ଼ର ଧନୁଯାତ୍ରା, କୋରାପୁଟର ପରବ, ବରହମପୁରର ଠକୁରାଣୀ ଯାତ୍ରା, ବାଲେଶ୍ୱର, ବାରିପଦା, ମାଲକାନାଗିରି, ବଲାଙ୍ଗୀର ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ଯାନିଯାତ୍ରା, ଉତ୍ସବରେ ଛେନାପୋଡ଼ର ଚାହିଦା ଆକାଶଛୁଆଁ । ପ୍ରତିଦିନ ନୟାଗଡ଼ର ଛେନାପୋଡ଼ ପ୍ରସ୍ତୁତକାରୀମାନେ ପ୍ରାୟ ୨୦/୩୦ କ୍ୱିଣ୍ଟାଲ୍ ପୋଡ଼ ପ୍ରସ୍ତୁତ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ପଠାଇଥାନ୍ତି । ନୟାଗଡ଼ରୁ ବସ୍ ଯୋଗେ ବରହମ୍ପୁର,ରାୟଗଡ଼ା, କୋରାପୁଟ, ଜୟପୁର, ସମ୍ବଲପୁର, ଉମରକୋଟ, ନବରଙ୍ଗପୁର, ଭବାନୀପାଟଣା, ରାଉରକେଲା, ଭୁବନେଶ୍ୱର, ବାଲେଶ୍ୱର, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ପ୍ରଭୃତି ପ୍ରମୁଖ ସହରଗୁଡ଼ିକୁ ପୋଡ଼ ପଠାଯାଏ । ପୋଡ଼ ଗାଙ୍ଗଲା ଗୁଡ଼ିକ ବସ ଯୋଗେ ପଠାଯିବା ନିମନ୍ତେ ଯେଉଁ ଢଙ୍ଗରେ ବନ୍ଧା ଯାଇଥାଏ ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ନୟାଗଡ଼ ସହରର ବସ୍‌ଷ୍ଟାଣ୍ଡ୍ ପ୍ରତିଦିନ ରାତି ୩ଟାରୁ ପୋଡ଼ ପଠା ହେବା ପାଇଁ ଚଳଚଞ୍ଚଳ ହୋଇ ଉଠେ । ନୟାଗଡ଼ର ମୁଖ୍ୟ ବସ୍‌ଷ୍ଟାଣ୍ଡ୍‌ରେ ଛେନାପୋଡ଼ ବ୍ୟବସାୟୀମାନେ ଧାଡ଼ି ଧାଡ଼ି ହୋଇ କାଚବାକ୍ସରେ ଛେନାପୋଡ଼ ସଜାଇ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନଙ୍କୁ ବିକ୍ରୟ କରିଥାନ୍ତି । ଛେନାପୋଡ଼ ପ୍ରସ୍ତୁତ ଓ ବ୍ୟବସାୟ କରି ଅନେକ ପରିବାର ବେଶ୍ ସ୍ୱଚ୍ଛଳ ଭାବରେ ଜୀବନ ଅତିବାହିତ କରୁଛନ୍ତି ।



ତେବେ ପ୍ରଶ୍ନ ଉଠେ ନୟାଗଡ଼ରେ ପ୍ରସ୍ତୁତ ଛେନାପୋଡ଼ ଏତେ ସ୍ୱାଦିଷ୍ଟ କେମିତି ? ଏହାର ଉତ୍ତର ଅତି ସହଜ ଓ ସରଳ । ନୟାଗଡ଼ରେ ଖାଣ୍ଟି ଗାଈକ୍ଷୀରର ଛେନା ପ୍ରବଳ ମାତ୍ରାରେ ଉପଲବ୍ଧ । ନୟାଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମଶାଖା, ମାନପୁର, ସଠିଆପଲ୍ଲୀ, କଇଥଗାଡ଼ିଆ, ମାଛିପଡ଼ା, ସୋଲପଟା, ବଢ଼ିଆସାହି, ଖୁଣ୍ଟୁବନ୍ଧ, ବିରୁଡ଼ା, କଲ୍ୟାଣପୁର, ଆଡ଼କଟା ପ୍ରଭୃତି ଗ୍ରାମରେ ଗୋପାଳ ଜାତିର ଲୋକ ବସବାସ କରନ୍ତି । ଗୋପାଳନ ସେମାନଙ୍କ କୁଳଜୀବିକା । କ୍ଷୀର, ଦହି, ଛେନା, ଘିଅ ପ୍ରଭୃତି ପ୍ରସ୍ତୁତ କରି ଏହାକୁ ବିକ୍ରୟ କରନ୍ତି ଓ ନିଜର ଗୁଜୁରାଣ ମେଣ୍ଟାନ୍ତି । ଏଣୁ ନୟାଗଡ଼ରେ ଖାଣ୍ଟି ଗାଈକ୍ଷୀର ଛେନାର ଅଭାବ ଅନୁଭୂତ ହୁଏ ନାହିଁ । ହଁ ବେଳେବେଳେ ଅଭିଯୋଗ ହୁଏ ଯେ ଛେନା ପ୍ରସ୍ତୁତିରେ ବଜାରରେ ମିଳୁଥିବା 'ପାରସ' ଗୁଣ୍ଡ ବ୍ୟବହାର ହୁଏ । ଏ ସଂକ୍ରାନ୍ତରେ ପ୍ରଶ୍ନ କଲେ ମାଛିପଡ଼ା ଗ୍ରାମର ପ୍ରସିଦ୍ଧ ଛେନାପୋଡ଼ ପ୍ରସ୍ତୁତକାରୀ ଓ ବ୍ୟବସାୟୀ **ପ୍ରଫୁଲ୍ଲ କୁମାର ବେହେରା** କହନ୍ତି, 'ପାରସ' ପାଉଡ଼ର ମିଶାଇଲେ ଛେନାପୋଡ଼ ଆଦୌ ସ୍ୱାଦିଷ୍ଟ ହୁଏନା । କେବଳ ସେତିକି ନୁହେଁ, ଏହାଦ୍ୱାରା ଛେନାପୋଡ଼ର ରଙ୍ଗ ବଦଳି ଯାଏ । ଦ୍ୱିତୀୟତଃ ପାଉଡ଼ର ମିଶା ଛେନାପୋଡ଼ ପ୍ରସ୍ତୁତ କରି ଆମେମାନେ ନୟାଗଡ଼ର ସୁନାମକୁ  ନଷ୍ଟ କରିବାକୁ ଚାହୁଁନା । ଶ୍ରୀ ବେହେରା ପ୍ରତିଦିନ ପ୍ରାୟ ୬୦/୭୦ କେଜି ପୋଡ଼ ପ୍ରସ୍ତୁତ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରକୁ ବିକ୍ରୟ ପାଇଁ ପଠାନ୍ତି । ସେ କୁହନ୍ତି ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରୁ ସାମାନ୍ୟତମ ଅଭିଯୋଗ ତାଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼କୁ ନେଇ ଆସିନାହିଁ ।

ନୟାଗଡ଼ର ଯାନିଯାତ୍ରା, ବିବାହ, କୁଣିଆ ଚର୍ଚ୍ଚା, ଝିଅ ଦେଖା, ବନ୍ଧୁଘର ଉପହାର, ବନ୍ଧୁମିଳନ, ସଫଳତାର ଆନନ୍ଦରେ ମୁହଁମିଠା ପ୍ରଭୃତି ସବୁ ସ୍ଥାନରେ ଛେନାପୋଡ଼ର ଉପସ୍ଥିତି ଏକ ଜରୁରୀ ଆବଶ୍ୟକତା । କନ୍ୟା ଦେଖା ଚର୍ଚ୍ଚାରେ ତ ଛେନାପୋଡ଼ ନହେଲେ ନଚଳେ । ସତେ ଯେମିତି   ଛେନାପୋଡ଼ ସମଗ୍ର ନୟାଗଡ଼କୁ ସାଂସ୍କୃତିକ ଏକତାରେ ବାନ୍ଧି ଦେଇ ଏହାର ପରିଚୟ ପାଲଟି ଯାଇଛି । କୌଣସି ଛେନାପୋଡ଼ ବ୍ୟବସାୟୀଙ୍କ ଠାରୁ ଛେନାପୋଡ଼ କିଣିଲା ବେଳେ ପ୍ରଥମେ ସେମାନେ ପୋଡ଼ରୁ ଟିକେ ଚାଖିବାକୁ ଦିଅନ୍ତି । ଚାଖିସାରି ମନ ଖୁସି ହେଲେ ଗରାଖ ଆପେ ଛେନାପୋଡ଼ କିଣନ୍ତି । ସବୁଠାରୁ ମଜାଦାର ଦୃଶ୍ୟ ଛେନାପୋଡ଼ର ପୁଡ଼ିଆ ବାନ୍ଧିବା । ବ୍ୟବସାୟୀମାନେ କିପରି ଯତ୍ନର ସହ ଛେନାପୋଡ଼ର ପୁଡ଼ିଆ ବାନ୍ଧନ୍ତି ତାହା ଲକ୍ଷ୍ୟ କରିବା କଥା । ପ୍ରଥମେ ଓଜନ ହୋଇଥିବା ଛେନାପୋଡ଼କୁ ଖଲିରେ ଯତ୍ନର ସହ ଗୁଡ଼େଇ ଦେଇ ଏହାକୁ ପୁନର୍ବାର ଏକ ଖବର କାଗଜରେ ଆବୃତ୍ତ କରି ଦିଆଯାଏ । ଏମିତି କାହିଁକି ଏତେ ଯତ୍ନର ସହ ପୋଡ଼କୁ ବାନ୍ଧୁଛ ପଚାରିଲେ ସେମାନେ ହସିହସି କହନ୍ତି, "କେବଳ ସୁନ୍ଦର ଦିଶିବା ପାଇଁ । ଆପଣ କିଣିଲା ବେଳେ ଯେମିତି ଥିବ ଘରେ ପୁଡ଼ିଆ ଫିଟାଇଲା ବେଳେ ଠିକ୍ ସେମିତି ଆକୃତିରେ ଦେଖିବାକୁ ପାଇବେ । ଛେନାପୋଡ଼ରେ ସାମାନ୍ୟତମ ଆଞ୍ଚ୍ ବି ଆପଣ ଦେଖିବେ ନାହିଁ ।"

ଛେନାପୋଡ଼ର ଆଦର, ଗୋଟିଏ ଉଦାହରଣରୁ ସମସ୍ତେ ଠଉରେଇ ପାରିବେ । ଯଦି କୌଣସି ସ୍ଥାନରେ, ସରକାରୀ ବା ବେସରକାରୀ କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ସମ୍ପନ୍ନ ହେବାର ଅଛି ନୟାଗଡ଼ିଆ ଭାଇମାନେ ଏଇ ସ୍ୱାଦିଷ୍ଟ ପୋଡ଼ ଟିକେ ନେଇ ଉଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଗଲେ ମନ୍ତ୍ରଭଳି ଆପେ ଆପେ




ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ପ୍ରତ୍ୟେକ ସ୍ଥାନରେ ପୋଡ଼ର ଆଦର । ସରକାରୀ କାର୍ଯ୍ୟାଳୟର ଅଧିକାରୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ ତ ହସିହସି କୁହନ୍ତି, "ଆଉ ନୟାଗଡ଼ିଆ ଭାଇ, ପୋଡ଼ କାହିଁ ?" ସେମାନଙ୍କ ଠୁ ଏକଥା ଶୁଣିଦେଲା ମାତ୍ରେ ଛାତି କୁଣ୍ଢେମୋଟ ହୋଇଯାଏ । ସେମାନେ ମଧ୍ୟ ଛେନାପୋଡ଼ ଟିକେ ଟିକେ ଖାଇଦେଲେ ଏତେ ଖୁସି ହୋଇଯାଆନ୍ତି ଯେ, ସମୟ ପୂର୍ବରୁ ସବୁକାମ ସମ୍ପନ୍ନ କରି ଦିଅନ୍ତି ।

ସାମ୍ବାଦିକ, ସ୍ତମ୍ଭକାର, ସଂସ୍କୃତିପ୍ରେମୀ, ପୋଡ଼କୁ ଭଲ ପାଉଥିବା ମଣିଷ ଶ୍ରୀ ଉମାକାନ୍ତ ମିଶ୍ରଙ୍କ ମତରେ 'ଛେନାପୋଡ଼' ହେଉଛି ଆମ ସଂସ୍କୃତିର ବାହାକ । କେବଳ ଛେନା, ଚିନି, ସୁଜିର ମିଶ୍ରଣରେ ପ୍ରସ୍ତୁତ କରିଦେଲେ ଏହା ସ୍ୱାଦିଷ୍ଟ ହୁଏ ନାହିଁ । ନୟାଗଡ଼ ଛେନାପୋଡ଼ ସ୍ୱାଦିଷ୍ଟ ହେବାର କାରଣ ଏଥିରେ ନୟାଗଡ଼ ସଂସ୍କୃତିର ବାସ୍ନା ମିଶି ରହିଥାଏ । ସମଗ୍ର ନୟାଗଡ଼ବାସୀଙ୍କର ସ୍ନେହ, ପ୍ରେମ, ଭଲପାଇବାରେ ଛେନାପୋଡ଼ ମହକି ଉଠେ । ସେଇଥିପାଇଁ ତ ଅନ୍ୟସ୍ଥାନରେ ଛେନାପୋଡ଼ ପ୍ରସ୍ତୁତ ହେଲେ ମଧ୍ୟ ନୟାଗଡ଼ ଛେନାପୋଡ଼ ଅଲଗା ବାରି ହୋଇପଡ଼େ । ଆମ ପୁଣ୍ୟ, ପର୍ବ, ଉତ୍ସବ ଅନୁଷ୍ଠାନ, ବିବାହ କୁଣିଆ ଚର୍ଚ୍ଚା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଛେନାପୋଡ଼ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ବର୍ତ୍ତମାନର ଛେନାପୋଡ଼ ପ୍ରସ୍ତୁତକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଉନ୍ନତମାନର ଛେନାପୋଡ଼ ପ୍ରସ୍ତୁତ କଲେ ନୟାଗଡ଼ର ଗୌରବ ବଜାୟ ରହିବ ।"

ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ଓ ଓଡ଼ିଶା ବାହାରେ ନୟାଗଡ଼ ଛେନାପୋଡ଼ର ଚାହିଦା ବଢ଼ିବା ସହ ପ୍ରସ୍ତୁତକାରୀମାନଙ୍କ ନିମନ୍ତେ ଅନେକ ସମସ୍ୟା ମୁଣ୍ଡ ଟେକୁଛି । କୋଇଲାରେ ଅଭାବ, ଭଲଛେନାର ଅଭାବ, ପ୍ରଭୃତି ଏହାର ଉତ୍ପାଦନରେ ବାଧା ସୃଷ୍ଟି କରୁଥିଲେ ମଧ୍ୟ ପୋଡ଼ ପ୍ରସ୍ତୁତକାରୀମାନେ ସେମାନଙ୍କ କାର୍ଯ୍ୟରୁ ବିରତ ହେଇ ନାହାନ୍ତି ।

ଛେନାପୋଡ଼ ପ୍ରସ୍ତୁତ ପାଇଁ ଏହାର ମୁଖ୍ୟ ଉପାଦାନ ନିରୁତା ଗାଈକ୍ଷୀରର ଛେନା । ମାତ୍ର ସମ୍ପ୍ରତି ଗାଈକ୍ଷୀର ପ୍ରଚୁର ପରିମାଣରେ ମିଳିବା କଷ୍ଟକର ହୋଇ ପଡୁଛି । ରାଜ୍ୟ ସରକାରଙ୍କର 'ଓମ୍‌ଫେଡ୍‌' ସଂସ୍ଥା, 'ପ୍ରଗତି', 'ଗାୟତ୍ରୀ' ପ୍ରଭୃତି ସଂସ୍ଥାଗୁଡ଼ିକ ବ୍ୟବସାୟିକ ଦୃଷ୍ଟିକୋଣରୁ ଦୁଗ୍ଧ ଚାଷୀଙ୍କ ଠାରୁ ସିଧାସଳଖ କ୍ଷୀର କିଣିନେଇ, ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ, ଯଥା: ଘିଅ, ପନିର, ପ୍ୟାକେଟ୍ କ୍ଷୀର, ଖୁଆପେଡ଼ା ପ୍ରଭୃତି ପ୍ରସ୍ତୁତ କରି ଖୋଲା ବଜାରରେ ବିକ୍ରୟ କରୁଥିବାରୁ ଛେନାପୋଡ଼ ପାଇଁ ଭଲଛେନାର ଅଭାବ ଦେଖାଦେଉଛି ।

ଛେନାପୋଡ଼ ପୋଡ଼ିବା ପାଇଁ ଆବଶ୍ୟକ କୋଇଲା ମିଳିବା ମଧ୍ୟ ଏକ ସମସ୍ୟା ହେଲାଣି । ପ୍ରାୟ ତିନି କେଜି ଛେନାପୋଡ଼ ପ୍ରସ୍ତୁତ ପାଇଁ ଗୋଟିଏ




ଟିଣ କୋଇଲା ଆବଶ୍ୟକ । ଯାହାର ବଜାର ମୂଲ୍ୟ ପ୍ରାୟ ୩୦ଟଙ୍କା ରହିଛି । ମାତ୍ର ସଂରକ୍ଷିତ ଜଙ୍ଗଲରୁ କୋଇଲା ପୋଡ଼ିବା ବନ୍ଦ ହେଇଯିବାରୁ କୋଇଲା ଯୋଗାଣକାରୀମାନେ ବହୁ କଷ୍ଟରେ କୋଇଲା ପ୍ରସ୍ତୁତ କରନ୍ତି । ଏହା ଏକ ଅତ୍ୟନ୍ତ ବ୍ୟୟସାପେକ୍ଷ ପନ୍ଥା ହୋଇଥିବାରୁ ଛେନାପୋଡ଼ ପ୍ରସ୍ତୁତକାରୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ଏତଦ୍‌ବ୍ୟତୀତ ଚିନି, ସୁଜି ଓ ଅନ୍ୟାନ୍ୟ ଉପକରଣଗୁଡ଼ିକର ବର୍ଦ୍ଧିତ ଦର ସିଧାସଳଖ ଛେନାପୋଡ଼ ଉପରେ ଅନୁଭୂତ ହୁଏ ।

ଅନେକ ସମୟରେ ଛେନାପୋଡ଼ କିଣି ନେଉଥିବା ଲୋକମାନେ ଏହାର ଦାବି ମୁତାବକ ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇ ଥାଆନ୍ତି । ଏ ସଂକ୍ରାନ୍ତରେ ନୟାଗଡ଼ ଛେନାପୋଡ଼ ବ୍ୟବସାୟୀ **ବୁଲୁ ବାରିକ** ହସିଦେଇ କହନ୍ତି, "ସବୁ ଆଜ୍ଞା ପଇସାପତ୍ରର କଥା । ଆପଣ ଭଲ ପଇସା ଦେଲେ ଅଧିକ ସ୍ୱାଦର ପୋଡ଼ ପାଇବେ । ଟିକେ କମ୍ ପଇସା ଦେଲେ ସାମାନ୍ୟ କମ୍ ସ୍ୱାଦର ପୋଡ଼ ପାଇବେ । ବେଳେବେଳେ ମଧ୍ୟ ଅଧିକ ପରିମାଣର ପୋଡ଼ ପାଇଁ 'ବଇନା' (ଅଗ୍ରୀମ) ରଖିଥିବା ବେଳେ ଆବଶ୍ୟକୀୟ ପାକଳ ଛେନା ପୂର୍ଣ୍ଣ ପରିମାଣରେ ମିଳେ ନାହିଁ । ସେ କ୍ଷେତ୍ରରେ ପ୍ରସ୍ତୁତକାରୀମାନେ 'ପାରସ' ପାଉଡର୍‌ରେ ପ୍ରସ୍ତୁତ ଛେନା ମିଶ୍ରଣ କରି ଛେନାପୋଡ଼ ପ୍ରସ୍ତୁତ କରନ୍ତି । ଫଳରେ ଛେନାପୋଡ଼ ତାର ରଙ୍ଗ ଓ ସ୍ୱାଦ ବଜାୟ ରଖିପାରେ ନାହିଁ । କିନ୍ତୁ ଏଭଳି ଘଟଣା କ୍ୱଚିତ ଘଟିଥାଏ ।" ସେ ଆହୁରି ମଧ୍ୟ କହନ୍ତି, "ଯଦି ନୟାଗଡ଼ର ଛେନାପୋଡ଼ର ସ୍ୱାଦ କମି ଯାଉଛି, ତେବେ ଦୈନିକ ଏତେ ପୋଡ଼ ବିକ୍ରି ହେଉଛି କିପରି ? ପ୍ରତିଦିନ ପ୍ରତ୍ୟେକ ପୋଡ଼ ବେପାରୀ ଜଣକା ୪୦/୫୦ କେଜି ପୋଡ଼ ନୟାଗଡ଼ ବସ୍‌ଷ୍ଟାଣ୍ଡରେ ବିକ୍ରି କରନ୍ତି । ଏହାବ୍ୟତୀତ ହୋଟେଲ୍ ଗୁଡ଼ିକରେ ମଧ୍ୟ ପୋଡ଼ ବିକ୍ରି ହୁଏ । ସ୍ୱାଦ କମି ଯାଉଥିଲେ ଏହା ସମ୍ଭବ ହୁଅନ୍ତା ନାହିଁ ।"

ବର୍ତ୍ତମାନ କିନ୍ତୁ କରୋନା ମହାମାରୀର ପ୍ରକୋପ ଯୋଗୁଁ 'ପୋଡ଼' ବ୍ୟବସାୟ କ୍ଷତିଗ୍ରସ୍ତ ହେଉଛି । ପୂର୍ବରୁ ଦୈନିକ ଜଣ ପିଛା ୪୦/୫୦ କେଜି ପୋଡ଼ ବିକ୍ରୟ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୭/୮ କେଜି ପୋଡ଼ ବିକ୍ରୟ କରୁଛନ୍ତି । ପରିବହନ ବ୍ୟବସ୍ଥାରେ ବିଶୃଙ୍ଖଳା, ଜନସାଧାରଣ ସମାଗମରେ ଶୂନ୍ୟତା ଓ ଯାନିଯାତ୍ରା, ଉତ୍ସବ ଅନୁଷ୍ଠାନରେ ରୋକ୍ ଲାଗିବା ପୋଡ଼ ବ୍ୟବସାୟ ପାଇଁ ଅଭିଶାପ ପାଲଟି ଯାଇଛି ।

ଶେଷରେ, ଛେନାପୋଡ଼ ଏବେ କେବଳ ନୟାଗଡ଼ର ପରିଚୟ ହୋଇ ରହିନାହିଁ । ଏହା ନୟାଗଡ଼ର ସରହଦ ଡେଇଁ ସାରା ଓଡ଼ିଶାର ପରିଚୟ ପାଲଟି ଯାଇଛି । ପୂର୍ବରୁ ଓଡ଼ିଶାର ରସଗୋଲା କେନ୍ଦ୍ର ସରକାରଙ୍କର ଭୌଗୋଳିକ ସଂକେତ (ଜିଆଇ ଟ୍ୟାଗ୍) ପାଇ ସାରିଥିଲା ବେଳେ ବର୍ତ୍ତମାନ ଛେନାପୋଡ଼ର ପାଳି । ବିଗତ ଦିନରେ ଏକ ଦୈନିକ ଖବରକାଗଜ ଛେନାପୋଡ଼ ସମ୍ପର୍କରେ ପଶ୍ଚିମବଙ୍ଗର ଷଡ଼ଯନ୍ତ୍ରର ଏକ ବିସ୍ତୃତ ବିବରଣୀ ପ୍ରକାଶ କରିଥିଲା । ରସଗୋଲାର ଭୌଗୋଳିକ ସଂକେତ ପ୍ରାପ୍ତିରେ ପୂର୍ବରୁ ପଶ୍ଚିମବଙ୍ଗ ଭଣ୍ଡୁର କରିବାକୁ ଚେଷ୍ଟା କରିଥିଲା । ଛେନାପୋଡ଼ ସମ୍ପର୍କରେ ମଧ୍ୟ ପୂର୍ବ କାର୍ଯ୍ୟକଳାପ ଦୋହରାଇବାର ସଙ୍କେତ ମିଳିଲାଣି । ପଶ୍ଚିମବଙ୍ଗର ଏହି କାର୍ଯ୍ୟ କେବଳ ନୟାଗଡ଼ର ସ୍ୱାଭିମାନ ନୁହେଁ ସମଗ୍ର ଓଡ଼ିଶାର ଆତ୍ମସମ୍ମାନ ପ୍ରତି କୁଠାରଘାତ । ଏଣୁ ଛେନାପୋଡ଼ର ଭୌଗୋଳିକ ସଙ୍କେତ (ଜିଆଇ ଟ୍ୟାଗ୍) ପ୍ରାପ୍ତି ନିମନ୍ତେ ସଂସ୍କୃତି ପ୍ରେମୀ, ଗବେଷକ, ପ୍ରଶାସକ, ରାଜନୈତିକ ନେତୃବୃନ୍ଦ ତଥା ସରକାର ମିଳିତ ଭାବରେ ପଦକ୍ଷେପ ନେବା ଦରକାର । ଗୋଟିଏ ଜାତିର ଆତ୍ମା ଅପହରଣ ହେବା ପୂର୍ବରୁ, ସମ୍ମାନର ସହ ଏହାର ସୁରକ୍ଷା ଜରୁରୀ ଅଟେ ।

ଐତିହାସିକ ଚରିତ-ଉପନ୍ୟାସ



# ଦାସେ ଆପଣେ

୮

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



◀ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଗୋଟିଏ ଶତାବ୍ଦୀର ଶେଷ ସୂର୍ଯ୍ୟ ଅସ୍ତ ହୋଇ ରାତି ଆସିଲା । ଧୀରେ ପୁଣି ୧୮୯୯ ମସିହା ଡିସେମ୍ବର ୩୧ର ରାତି ପାହିଲା । ୧୯୦୦ ମସିହା ଜାନୁଆରୀ ଏକ ତାରିଖର ସକାଳର ସୂର୍ଯ୍ୟ, ଲୋକ ଭେଦରେ କାହା ପାଇଁ କେତେ ପ୍ରକାରର ବାର୍ତ୍ତା ଧରି ଆସିଥିଲା । ସରକାରୀ ସ୍ତରରେ ନାଲି ଧୂଳିମୟ କଟକ ନଗରରେ ବାଣ , ବାଜା , ରୋଷଣି ସହିତ ଆଉ କିଛି ଧୂଳି ଉଡିଲା । ଗୋରା ଅଧିକାରୀଙ୍କ ପାଇଁ ଇଏ ଥିଲା ନୂଆ ବର୍ଷ ପୁଣି ନୂଆ ଶତାବ୍ଦୀକୁ ସ୍ୱାଗତ ଜଣାଇବାର ସମୟ । ଭୋଜିଭାତ, ମଦ ଆସରର କାର୍ପଣ୍ୟ ହେଲା ନାହିଁ । ଉତ୍ସବ ପାଇଁ ଉଦ୍ଦିଷ୍ଟ ଦିନମାନଙ୍କରେ ଉତ୍ସବ ମନାଇ ସେମାନେ କେବଳ ନିଜ କର୍ତ୍ତବ୍ୟ ହିଁ ସମାପନ କରନ୍ତି । ସେମାନଙ୍କ ଗୋଲାମ୍‌ମାନେ ଦିନଟିକୁ ଘେନା କରନ୍ତି ଆଉ ପ୍ରକାରେ । ମାଲିକରାଜକୁ ଜଣାଇ ଦେବାକୁ ଚାହାଁନ୍ତି ଯେ କେବଳ ଶାସନତନ୍ତ୍ର ନୁହଁ ସଂସ୍କୃତି ଦିଗରୁ ବି ଆମେ ଆପଣଙ୍କର ବିଶ୍ୱସ୍ତ ଅନୁଚର । ସାଧାରଣ ବର୍ଗ, ତଳ ଶ୍ରେଣୀର ଗରିବଗୁରୁବାଙ୍କ ପାଇଁ ଯା'ର ମହତ୍ୱ ବୋଲି କିଛି ନାହିଁ । ଏମିତି ଗୋଟିଏ ଦିନର ବିଶେଷତ୍ୱ କଣ ସେ ସମ୍ପର୍କରେ ସେମାନଙ୍କ ପାଖେ ସୂଚନା ବି ନାହିଁ । ଶିକ୍ଷିତ ପିଲାଙ୍କ ପାଇଁ ଇଏ କ୍ୟାଲେଣ୍ଡର୍ ବଦଳିବାର ଦିନ । ଗୋପ ଭଳି ଦେଶ ଲାଗି ସ୍ୱପ୍ନ ଦେଖୁଥିବା, ଜାଗରଣର ଉନ୍ମାଦନାରେ ଆଲୋଚିତ ହେଉଥିବା ଯୁବକ ଲାଗି ଏହା ସମୟର କଡ଼ ଲେଉଟାଇବାର ଦିନ । ଇତିହାସର ରଥ ମୋଡ଼ ନେବାର ସମୟ । ବିଗତ ଶତକର ତାପ ଜାଳ ଭିତରୁ ନୂଆ ରାହା ସନ୍ଧାନ କରିବାର ସନ୍ଧିକ୍ଷଣ ।

ଗୋପ ସେଦିନ ମନ କରିଥିଲା ବୁଲିଯିବ ବାରବାଟୀ ଦୁର୍ଗ । କଟକ ଆସିବା ଦିନୁଁ ଐତିହାସିକ ଦିଗରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୁଲି ଦେଖିବାରେ, ପ୍ରାକୃତିକ ସୌନ୍ଦର୍ଯ୍ୟର ସଂଭାରମଣ୍ଡିତ ଜାଗାରେ ଶାନ୍ତ ହୋଇ ବସି ରହିବାରେ ତାର ପରମ ଅନୁରାଗ । ସେ ଦେଖଣାରେ ପର୍ଯ୍ୟଟକର ନିସ୍ପୃହ, କୁତୂହଳୀ ଚାହାଣୀ ନଥାଏ, ନିଜ ଜୀବନର ଆଘାତ, କ୍ଷତ ପାଶୋରି ପକାଇବାର ପଳାୟନ ମାନସିକତା ନଥାଏ । ବରଂ ଥାଏ ସେ ଜାଗା ସହିତ ନିଜର ଓ ନିଜ ସମୟର ସଂଘାତ ଅନୁଭବିବାର ଅନ୍ତର୍ଦୃଷ୍ଟି । ଥାଏ ଇତିହାସବୋଧ ସହ ଆତ୍ମବୋଧର ପୁନର୍ଜାଗରଣ, ସମ୍ପୃକ୍ତ ଜାଗାଟିକୁ ପ୍ରତୀକ ଭାବେ ଗ୍ରହଣ କରି ନିଜ ଭିତରେ ଭାବବିସ୍ତାରଣ । ସେଥିପାଇଁ କାଠଯୋଡ଼ି, ମହାନଦୀର ନାଗମୁଣ୍ଡ କଟା ସୁଅ ତା ପାଇଁ ପାଲଟି ଯାଏ ଦୁସ୍ତର ଭୂସଂସାରର ସ୍ରୋତ, ସୂର୍ଯ୍ୟାସ୍ତକାଳୀନ ସୌନ୍ଦର୍ଯ୍ୟ ଲାଗେ ଜୀବନର ସମୃଦ୍ଧ ବର୍ଣ୍ଣବିଭା, ନଈକୂଳର ପଥରବନ୍ଧ ପରିଣତ ହୁଏ ସଂକଳ୍ପ ଓ ଦୃଢ଼ତାର ସଂକେତରେ ।

ବାରବାଟୀ ତା' ପାଇଁ ଦୁର୍ଗଟିଏ ମାତ୍ର ନୁହଁ । ରାଜା, ବାଦ୍‌ଶାହାମାନଙ୍କର ଶାସନତନ୍ତ୍ର ସମ୍ଭାଳିବାର, ଯୁଦ୍ଧକୌଶଳ ରଚିବାର ପୀଠ ନୁହଁ । ଗୋପ ପାଇଁ ବାରବାଟୀର ଭଙ୍ଗା ପାଚେରୀ, ପରିଖା, ଏମିତିକି ତୁଚ୍ଛା ମାଟିଗଦା ବି କ୍ଷତାକ୍ତ ଜାତୀୟତାର ପରିପ୍ରକାଶ । ଏହା ତା ପାଇଁ ଐତିହ୍ୟ ଓ ଅବକ୍ଷୟ, ଉଭୟର ସାକ୍ଷୀ । ଦିନେ ଏଇ ଦୁର୍ଗରୁ କାଞ୍ଚି ଅଭିଯାନ ଆରମ୍ଭ ହୋଇଥିବ । ଦାମାମା, ଟମକ, ନିଶାଣ ନାଦରେ ଦୁର୍ଗର କାନ୍ଥ ଦୁଲୁକି ଉଠିଥିବ । କେତେ ରାଜା ଏଇଠୁ କଟକାଇରେ ବାହାରିଥିବେ । ଚନ୍ଦ୍ରଶାଳାର ଗବାକ୍ଷରୁ କେତେ ରାଣୀ ସେମାନଙ୍କୁ ମୁହ୍ୟମିତ ହୋଇ ଦେଇଥିବେ ବିଦାୟ । କେତେ ଘୋଡ଼ା, କେତେ ହାତୀ ଭୀଷଣ ଭାବେ ସଜ୍ଜିତ ହୋଇ ବାହାରିଥିବେ ଅଭିଯାନରେ । କେତେ ବିଜୟ ବାର୍ତ୍ତାରେ ଏ ଦୁର୍ଗର ଅନ୍ତର ଉଲ୍ଲସିତ ହୋଇଥିବ । ଯବନ, ବୈଦେଶିକ ଆକ୍ରମଣରେ କରୁଣ ପତନ ବି ହୋଇଥିବ । ଓଡ଼ିଆଙ୍କ ଜାତୀୟ ଅଭିମାନ ଭୂଲୁଣ୍ଠିତ ହୋଇଥିବ । ସବୁର ସାକ୍ଷୀ ସମୟ । ତା'ର କୋଉ ଗୁପ୍ତ ଗହ୍ୱରରେ ସେ ଲୁଚାଇ ରଖେ ସବୁ ଦିନସବୁ ରାତିକୁ ଆଜି ଯେମିତି ଏ ଜରାଜୀର୍ଣ୍ଣ ଦୁର୍ଗ ଧରି ରଖିଛି ଗୋଟିଏ ଜାତିର ଆହତ, ଲାଂଛିତ ଅଭିମାନକୁ ।

ବିଶେଷ ଦିନମାନଙ୍କରେ ଏପରି ସ୍ଥାନକୁ ବୁଲି ଆସେ ଗୋପ । ନିଜକୁ ସେ ଜାଗା ସହ ଏକାତ୍ମ କରାଏ । ନିଜ ଚେତନାରେ ଜାତୀୟ ଭାବନାର ଜାଗରଣ କରାଏ । ନିଜ ଭିତରର କବି, କର୍ମୀ ଓ ଦାର୍ଶନିକ ଜଣଙ୍କୁ ଚିହ୍ନାଏ । ଆଜି ଯେମିତି ବାରବାଟୀର ଅବଶେଷ ଭିତରୁ ଗୋପ ଖୋଜୁଥିଲା । ଅତୀତର ଗୌରବମୟ ପୁଣି କ୍ଷତଜର୍ଜର ଓଡ଼ିଆତ୍ୱ । ତା' ଭିତରର କବିଜଣଙ୍କ ଭାବୁଥିଲା କାଳ- ସର୍ବୋପରି । ପୁଣି କାରୁଣିକ ଯୁବକ ଜଣଙ୍କ ପାଞ୍ଚୁଥିଲା ଏ ରାଜା, ବାଦ୍‌ଶାମାନଙ୍କ ଲଢେଇ ଭିତରେ କଣ ସାଧାରଣ ଲୋକ ପେଷି ହୋଇନି ? ତା' କଥା କିଏ ବୁଝୁଛି ? ଏତେସବୁ ଉଦ୍‌ବେଳନ ଓ ଆଲୋଡ଼ନର ପ୍ରଥମ ପର୍ଯ୍ୟାୟରେ ତା' ଭିତରେ କେନା ମେଲୁଥିଲା କବିତାଟିଏ । ସେ ମନେ ମନେ ନାଁଟିଏ ବି ସ୍ଥିର କରି ଦେଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ । ନାଁଟିକୁ ମନେ ମନେ ଗୁଣି ହେଉଥିଲା । ପ୍ରଥମ ଦୁଇ ଚାରି ଧାଡ଼ି ବି ମନକୁ ଆସିଥିଲା ।

'ଊନବିଂଶ ଶତଖ୍ରୀଷ୍ଟ ଅବ୍ଦ ଗତେ
ବିଂଶ ଶତ ଅବ୍ଦ ପ୍ରବେଶ ଜଗତେ ।
ଅନନ୍ତ ସମୟ ସମୟ ସାଗର ଉଦରେ
ଶତ ବର୍ଷ ଆହା ପଶିଲା କି ଖରେ ।'

ଏତିକି ଭିତରେ ମନେ ପଡିଗଲା କବିତା ପାଇଁ ବ୍ରଜସୁନ୍ଦରଙ୍କ ପ୍ରେରଣା ଓ ତାଡନାର କଥା । ସେଦିନ ବିନୋଦବିହାରୀ ମନ୍ଦିର ସଭାରେ ବ୍ରଜସୁନ୍ଦର ଓ କାର୍ତ୍ତବ୍ୟବୋଧିନୀ ସମିତିର ଅନ୍ୟ ସବୁ ସଦସ୍ୟମାନଙ୍କ ଅନୁରୋଧରେ ଗୋପ ପ୍ରସ୍ତୁତ କରିବାରେ ମନ ଦେଇଥିଲା ତାର ପ୍ରଥମ କବିତା ଗ୍ରନ୍ଥ । ହଁ, ନଅଟି କବିତାରେ ବା କି ଗ୍ରନ୍ଥ ! କେବଳ ବନ୍ଧୁମାନଙ୍କ କଥା ରଖିବା କଥା । ତେବେ ଗାଁ, ପୁରୀ, କଟକ ହେବା ଭିତରେ କାମ ପଡ଼ି ରହିଥିଲା । କବିତାଗୁଡିକର ସମ୍ପାଦନା ହୋଇ ପାରିନଥିଲା । ଦିନେ ପୁରୀରୁ ଫେରି କଲେଜ୍ ଯିବା ବାଟରେ ଭେଟ ପଡିଥିଲା ବ୍ରଜ ।

– ଦାସେ ! ସବୁ କାମ ତ ଚାଲିଛି । ଆମ କାମ କେତେ ବାଟ ଗଲା ?

– ତୁମର ତ ବ୍ୟକ୍ତିଗତ କାମ କିଛି ମୋତେ କହି ନାହଁ? ଉତ୍ତର ଦେଇଥିଲା ଗୋପ । ଏମିତିରେ ସାଙ୍ଗଠନିକ କାମ ଦୁହେଁ ମିଳିମିଶି କରନ୍ତି ।

– ଓହୋ ! ସବୁକଥାରେ ଗମ୍ଭୀର ହୋଇଯିବା ତମ ସ୍ୱଭାବ । ତୁମ କବିତା ବହି ପରା ମୋ କାମ । ତୁମେ ଗମ୍ଭୀର ହୋଇଯିବ ଆଉ କାମଟି ଗମ୍ଭୀରତାର ସହ କରିବ ନାହିଁ – ଏ କେମନ୍ତ କଥା ? ଏକଥା କହିବା ବେଳେ ବ୍ରଜ ଜାଣିଥିଲେ । ଗୋପ ସାଧାରଣ କାର୍ଯ୍ୟରେ ନିଷ୍ଠାପର କିନ୍ତୁ ନିଜର କବିତା ଲେଖା ଭଳି ସର୍ଜନାତ୍ମକ କାମରେ ତତ୍ପର ନୁହଁ । ନିଜ ପ୍ରତି ଅବହେଳା ବହୁତ ।

ଏକ ସ୍ୱତନ୍ତ୍ର ମାନସିକ ସ୍ଥିତିରେ



– ଓହୋ ! ମୋ କବିତା ବହି ? ସେବେ ତ କହିଥିଲି । କବିତା ଦେବୀ ବୋଧହୁଏ ମୋ ପ୍ରତି ପ୍ରସନ୍ନ ନାହାଁନ୍ତି । କାମ ଭିତରେ ଫୁରସତ ନାହିଁ । ଅବକାଶ ମିଳିଲେ କବିତା । ତେବେ ମୁଁ କବିତା କେତୋଟି ଏକାଠି କରିଛି ।

– ଜଲ୍‌ଦି କାମ ସାରି ପାଣ୍ଡୁଲିପି ଦିଅ । କର୍ତ୍ତବ୍ୟ ବୋଧିନୀ ସମିତିର ବାର୍ଷିକ ଉତ୍ସବ ଦିନ ବହି ବାହାରିବ ।

– ସମିତିର ଉତ୍ସବ ବେଳେ ମୋ ବହି ?

– କାଇଁ ତମେ କଣ ସମିତି ପାଇଁ ଖଟୁଥିବ ଆଉ ତମ କବିତା ସବୁ କାଠଯୋଡ଼ି ବଢ଼ିରେ ଭାସି ଯାଉଥିବେ !

ଦି'ବନ୍ଧୁଙ୍କ ଏ କଥା ପରେ ନଛୋଡବନ୍ଧା ବ୍ରଜଙ୍କୁ ଖୁବ୍ ଶୀଘ୍ର ପାଣ୍ଡୁଲିପି ଦିଆ ଯାଇଥିଲା । ଯୋଜନା ମୁତାବକ କର୍ତ୍ତବ୍ୟ ବୋଧିନୀ ସମିତିର ବାର୍ଷିକ ଉତ୍ସବରେ ପ୍ରକାଶ ପାଇଥିଲା 'ଅବକାଶ ଚିନ୍ତା' । ଛପା ହୋଇଥିଲା କଟକର ପାଟ୍ରିଅଟ୍ ପ୍ରେସ୍‌ରେ । ବହିକୁ ନେଇ ଗୋପ ମନରେ ଯେତେ ଉତ୍ସାହ ନଥିଲା ସେତେ ବେଶି ଥିଲା ବ୍ରଜସୁନ୍ଦର, ବୈଦ୍ୟନାଥ, ଗୋପୀନାଥ ପ୍ରଭୃତିଙ୍କ ମନରେ । ସେମାନେ ସବୁବେଳେ କହୁଥିଲେ ଗୋପ ପ୍ରଥମେ କବି । ପରେ ଆଉ ଯାହା । ଏତେ କମ୍ ବୟସରୁ ଏତେସବୁ ମହାଭାବ ତା' ମନରେ କବିତ୍ୱ ଯୋଗୁଁ ସମ୍ଭବ ହୋଇଛି । ବହି ବାହାରିବା ପରେ ନଭେମ୍ବର ମାସ ଉତ୍କଳ ସାହିତ୍ୟରେ ଅବକାଶ ଚିନ୍ତାର ସଂକ୍ଷିପ୍ତ ଆଲୋଚନା ଲେଖିଥିଲେ ବିଶ୍ୱନାଥ କର ।

ବନ୍ଧୁମେଳରେ ବ୍ରଜ ହିଁ ସେ ସମୀକ୍ଷା ଦେଖାଇଥିଲା ଗୋପକୁ । କହିଥିଲା, "ଦେଖ, ଦେଖ ବାଗ୍ମୀ କଣ କଣ ଲେଖିଛନ୍ତି !"

ଉତ୍ସୁକ ଗୋପ ପଢିଥିଲା ବିଶ୍ୱନାଥ କରଙ୍କ ଆଲୋଚନା–

– ଅବକାଶ ଚିନ୍ତା...ଶ୍ରୀ ଗୋପବନ୍ଧୁ ଦାସଙ୍କ ବିରଚିତ ଏବଂ କର୍ତ୍ତବ୍ୟ ବୋଧିନୀ ସମିତିର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରକାଶିତ । ମୂଲ୍ୟ ଏକ ଅଣା ଏକ ପଇସା । ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡକରେ ନଅଟି କ୍ଷୁଦ୍ର କବିତା ପ୍ରକାଶିତ ହୋଇଛି । ଆମ୍ଭେମାନେ ଏହି ପୁସ୍ତିକା ଖଣ୍ଡି ପାଠ କରି ସୁଖୀ ହୋଇଅଛୁ ଏବଂ ନବୀନ କବିଙ୍କୁ ସାଦର ସମ୍ଭାଷଣ ଜଣାଉଅଛୁ । ବର୍ତ୍ତମାନ ଉତ୍କଳ ପ୍ରଦେଶରେ କୌଣସି ପ୍ରକାରେ ଅକ୍ଷର ଯୋଡ଼ାଯୋଡି କରି ପଦ କେତେ ଲେଖିଦେଇ ଲୋକେ କବି ହେବାକୁ ଭାରି ଇଚ୍ଛୁକ । ଏହି ଶ୍ରେଣୀରେ ଲେଖା ଦେଖି ଦେଖି, ଶୁଣି ଶୁଣି ଆଖି କାନ ଅସ୍ଥିର ହେଲାଣି । ଏ ଦେଶରେ ସମ୍ପାଦକ ହେବାର ଯେତେ ପ୍ରକାର ବିଡମ୍ବନା ଅଛି ତନ୍ମଧ୍ୟରୁ ଗୋଟିଏ ପ୍ରଧାନ ଏହି ଯେ ଅନେକ ସମୟରେ ରାଶି ରାଶି ହସ୍ତଲିଖିତ ଓ ମୁଦ୍ରିତ ଆବର୍ଜନା ଆଦ୍ୟୋପାନ୍ତ ପାଠ କରିବାକୁ ହୁଏ । ସେଥିରେ କେବଳ କ୍ଲାନ୍ତି, ଅବସାଦ ଓ ଦୀର୍ଘନିଃଶ୍ୱାସ ସାର ହୁଏ । 'ଅବକାଶ ଚିନ୍ତା' ପାଠ କରି ଆମ୍ଭମାନଙ୍କର ସେ ଅବସ୍ଥା ହୋଇନାହିଁ । ଲେଖକଙ୍କର ଶକ୍ତି ଅଛି । ସାଧନାରେ ପ୍ରବୃତ୍ତ ହେଲେ ସେ ଜଣେ ସୁକବି ହୋଇ ପାରିବେ । ଯୁବକ ଲେଖକଙ୍କର ସ୍ୱଦେଶପ୍ରୀତି ମଧ୍ୟ ପ୍ରଶଂସନୀୟ ।

ପ୍ରବୀଣ ସମ୍ପାଦକ ବିଶ୍ୱନାଥ କରଙ୍କର ଆଶ୍ୱାସଜନକ ତଥା ଆସ୍ତିବାଚକ ମନ୍ତବ୍ୟ ଗୋପ ମନରେ କବିତ୍ୱକୁ ନେଇ କିଛିଟା ଆତ୍ମବିଶ୍ୱାସ ଭରି ଦେଇଥିଲା । ତେବେ ଗୋପ ସର୍ବାନ୍ତଃକରଣରେ ବ୍ରଜସୁନ୍ଦର ପ୍ରତି ଅଧିକ ଶ୍ରଦ୍ଧାଶୀଳ ହୋଇ ପଡ଼ିଥିଲା । ବନ୍ଧୁ ହିସାବରେ ନୁହଁ ଟିକେ ଦୂରରେ ରହି ନିରେଖିଲେ ବ୍ରଜର ବିଶେଷତ୍ୱ ଜଣାପଡେ ।

ସେ ଯେତିକି ଦେଶପ୍ରାଣ ସେତିକି ରସିକ । ଲୋକେ କହନ୍ତି ସେ ରସମୋଦୀ ଆଉ ରସାନ୍ୱେଷୀ । ସଙ୍ଗୀତ, କଳା ବିଚାର, ରାନ୍ଧଣା , ଖାଦ୍ୟ ରସିକତା, ଗନ୍ଧାମୋଦ, ଉଦ୍ୟାନ ରସିକତା କେଉଁଥିରେ ସେ ନିପୁଣ ନୁହଁ ଯେ ! ବାବୁ ବ୍ରଜସୁନ୍ଦର ସକାଳୁ ସୋରିଷ ତେଲ ବୋଲି ହୋଇ କାକସ୍ନାନ କରନ୍ତି । ହେଲେ ତା'ପରେ ଆଉ ବକଧ୍ୟାନ ହେଉନାହିଁ । କେତେବେଳେ କୋଉ ସଙ୍ଗୀତଜ୍ଞଙ୍କୁ ଆଣି ଘରେ ବସେ ସଙ୍ଗୀତ ଆସର । କେତେବେଳେ ବନ୍ଧୁମାନଙ୍କ ଲାଗି ବାବୁ ଲାଗି ଯାଆନ୍ତି ରାନ୍ଧଣାରେ । ଘରେ ପୂଜାରୀ, ଚାକର ଥିଲେ ବି ଖିଆଇବାକୁ ଯିବାରେ ବ୍ରଜର ପରମ ଆନନ୍ଦ । ଜମିଦାର ଘରର ପିଲା । ଈର୍ଷୁକ ଅନେକ । ଭଗାରିଏ ସମ୍ପତ୍ତି ଖାଇବେ ବୋଲି କାଳେ ବାଳୁତ ବ୍ରଜକୁ ବିଷ ଦେଇଥିଲେ । ବ୍ରଜର ପିଲାଦିନ ସମ୍ପର୍କରେ ଏକଥା ଜାଣି ଗୋପ ଚକିତ ହୋଇଯାଏ । ଅବଶ୍ୟ ସେପରି ଏକ ଘଟଣାରେ ବ୍ରଜର କ୍ଷତି ହେଲା ନାହିଁ ସୌଭାଗ୍ୟକୁ ଆଜି ସେ ତେଜୋଦୀପ୍ତ ଯୁବକ । ଏ କଥା ଗୋପକୁ ଆହୁରି ଈଶ୍ୱର ବିଶ୍ୱାସୀ ଓ ବୈରାଗୀ କରିଦିଏ । ତାଙ୍କର ଅନିଚ୍ଛାରେ କେହି ଅନ୍ୟର ଜୀବନ ଶେଷ କରିପାରିବ ନାହିଁ । ସଂପଦର ଲୋଭ ଭୟାବହ । ବ୍ରଜର ବଡ଼ ମହତ ଗୁଣ ହେଲା ସେ ସମ୍ଭ୍ରାନ୍ତ, ସୂକ୍ଷ୍ମ, ରୁଚିବନ୍ତ ହେଲେ ଜମିଦାରୀ ଅହଂ ମୁକ୍ତ । ଚାକର ବାକରଙ୍କ ଘଷାମୋଡ଼ାକୁ ଅନୁମୋଦନ କରେ ନାହିଁ । ଯାଉଣୁ ଆସୁଣୁ ଗୁଣୁଗୁଣାଏ ବିଦଗ୍ଧ ଚିନ୍ତାମଣିର ଗୀତ । କଥା ପଡିଲେ କହିବ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଠାରୁ ବଳି କବି ନାହିଁ । ଦେଖୁନ କେମିତି ପଦ । ପାଠପଢ଼ା ସହିତ ବ୍ରଜ ଦେଶ ଆଉ ଦଶର କାର୍ଯ୍ୟରେ ମାତି ରହେ । ଜମିଦାରୀ ଅବହେଳିତ ହୁଏ । ଲୋକେ ରହସ୍ୟ କରି କହନ୍ତି– ଗୀତ ବାନ୍ଧି, ତରକାରୀ ରାନ୍ଧି, ପାନ ଖାଇ, କୁଞ୍ଜପିନ୍ଧି ବାବୁ ଛାତି ଫୁଲାଇ ବୁଲୁଛନ୍ତି, ତେଣେ ଜମିଦାରୀ ଅରକ୍ଷ ହେଉଛି ଦିନକୁ ଦିନ । ବ୍ରଜ ଚାଲିଗଲା ବେଳେ ଲୁଗାର ଖୋସଣି ଖସିଯାଏ । ଲୋକେ କହନ୍ତି ଯାହା ମନରେ ଫାଶ ନାହିଁ ତା ଅଣ୍ଟାରେ ଫାଶ ରହିବ କେମିତି ? ଗୋପ ବ୍ରଜଙ୍କ ଉପରେ ଏପରି ଟିପ୍ପଣୀ ଶୁଣିଲେ ମନେ ମନେ ଆହ୍ଲାଦିତ ହୁଏ । କାହିଁକି କେଜାଣି ଘୋରତର ସଂସାରୀଙ୍କ ଅପେକ୍ଷା ଟିକେ ଅଘୋରୀପଣ ଥିବା ଲୋକେ ତାକୁ ବେଶି ଟାଣନ୍ତି ।

ସେ ତ ସହଜେ ମେଳାପୀ । ଆଉ ଏସବୁ ଗୁଣ ପାଇଁ କଟକରେ ତାର ଯାଉଁଳିଆ ପଟି ଘର ସମବୟସୀ ସାଙ୍ଗସରିସାଙ୍କ ଆଡ୍ଡା ଓ ବୈଠକୀରେ ପରିଣତ ହୋଇଯାଏ । ଆଜି ବାରବାଟୀର ବୁଲିବା ବେଳେ ଗୋପର ମନେପଡିଲା ଦିନକର କଥା । ସେ, ବୈଦ୍ୟନାଥ ପ୍ରଭୃତି ପହଂଚିଥାନ୍ତି ବ୍ରଜଘରେ । ସେତେବେଳକୁ ବ୍ରଜମୁଣ୍ଡକୁ ଚିପି ଧରି ବସିଥାଏ ।

– କିହୋ ଦାସେ ! କଣ ମୁଣ୍ଡରେ ଚଡକ ପଡିଲା କି ? ଘରେ ପଶୁ ପଶୁ ପଚାରେ ଗୋପ ।

– କଣ କରିବି ? ବହି ଖୋଲି ଯଦି ଅଧଘଣ୍ଟାଏ ଚାହିଁଲି ତେବେ ମୁଣ୍ଡରେ ଭୀଷଣ ବ୍ୟଥା ଆରମ୍ଭ ହେଉଛି । ଏବେ ଟିକେ ପୂର୍ବରୁ ପଢୁଥିଲି ତ ଭୋଗୁଛି । ସହଜ ଉତ୍ତର ଦିଏ ବ୍ରଜ ।

– ଉପାୟ, ଉପଚାର ? ଗୋପ ପଚାରେ ।

– କେତେ ଉପଚାର କଲିଣି ହେଲେ ସମସ୍ୟା ସୁଧୁରୁନି । ଉତ୍ତର ଦିଏ ବ୍ରଜ ।

ତହୁଁ ଅତି ଗମ୍ଭୀର ହୋଇ ବୈଦ୍ୟନାଥ କୁହନ୍ତି,

କଟକର ବାରବାଟୀ



"ମୁଣ୍ଡ ବିନ୍ଧୁଚି ମାନେ ମୁଣ୍ଡଟା କାଟିବାକୁ ପଡ଼ିବ । ଶାସ୍ତ୍ର କହିଛି ଶିରୋନାସ୍ତି ଶିରୋପୀଡ଼ା ।"

ଏ ଗମ୍ଭୀର ଆମୋଦରେ ସମସ୍ତେ ହସି ଉଠିଲେ । ପରିବେଶ ହାଲୁକା ହେଲା । ତେବେ ଗୋପର ପରାମର୍ଶ କ୍ରମେ ବୈଦ୍ୟନାଥ ପାଠ୍ୟପୁସ୍ତକ ଧରି ପଢିବା ଆରମ୍ଭ କଲା । ବ୍ରଜ କେବଳ ଶୁଣିଗଲା । ପୃଷ୍ଠା କେତେ ଆଗେଇ ଯିବା ବେଳକୁ ବିନ୍ଧା କମି ଆସିଲା । ମୋଟାମୋଟି ଆଖି ଉପରେ ଅକ୍ଷରର ଚାପ ନାହିଁ । ଆପେ ବ୍ରଜ ଉଠି ବସିଲା ଆଉ ବିସ୍ଫୋରକ ଭଙ୍ଗୀରେ କହିଲା,

- ଓହୋ ! ଇଏ ତ ବିଦ୍ୟାଲାଭର ଅଭିନବ ଉପାୟ । ମୁଁ ଏଣିକି ବହି ନପଢି ବିଦ୍ୱାନ ହୋଇଯିବି ।

- ନା । ତୁମ ମୁଣ୍ଡ ବ୍ୟଥା ସମୟରେ ଏ ବ୍ୟବସ୍ଥା ନିୟମିତ କରିବାକୁ ହେବ । ଗୋପ ଏତିକି କହିବା ପରେ ବୈଦ୍ୟନାଥକୁ ଏ ଦାୟିତ୍ୱ ଦିଆଗଲା ଯେ ବହି ପଢି, ବ୍ରଜର ମୁଣ୍ଡ ବ୍ୟଥା ହେଲେ ବୈଦ୍ୟନାଥ ତା ଆଗରେ ପାଠ୍ୟପୁସ୍ତକ ପଢିବ । ସେ କେବଳ ଆଜ୍ଞାଧୀନତୁଲ୍ୟ ଶ୍ରବଣ କରିବା ହେବ ।

ସାଙ୍ଗମାନେ ତାକୁ ନେଇ କରୁଥିବା ଏ ଯୋଜନା ପଛକୁ ପକାଇ ବ୍ରଜ ସିଧା ଚାଲିଲା ଖନ୍ଦାକୁ । କଣ ନା ମୋ ପାଇଁ ଏତେ କାମ କରି ସାରିଲେଣି ଘରେ ଆଜି ଟିକେ ହାତ ଶଙ୍ଖୁଡ଼ି କରିବେନି । ଖନ୍ଦାରୁ ଖୁଡଖାଡ଼ ଶବ୍ଦ ଆସିଲା । ଜଣେ ଚାକର ଟୋକାକୁ ଆଦେଶ ଦିଆଗଲା ।

- ଯା' ବଜାରରୁ ଭଲ ମାଛ ଧରି ଆସିବୁ ।

- ଆହେ ବ୍ରଜ ତୁମେ ପରା ନିରାମିଶ ଖାଅ ! କହେ ଗୋପ ।

- ଓ ହୋ । ଖାଇବି ନାହିଁ ବୋଲି କ'ଣ ଖୁଆଇବି ନାହିଁ !

ମଝିରେ ମଝିରେ ପୂଜାରୀକୁ ନିର୍ଦ୍ଦେଶ ଦିଆଗଲା ।

- ପାଞ୍ଚଟା ପିଆଜ ଚୁନି ଚୁନି କରି କାଟ । ଡାଲ୍‌ଚିନି ଚାରି ପାଖୁଡ଼ା ପାଣିରେ ବତୁରାଇ ରଖ । ଗୋଲମରିଚ ମୁଠାଏ ଗୁଣ୍ଡ କର । ସେଦିନ ଖାଦ୍ୟପେୟ ସରିବା ପରେ ଗପସପ ଜାରି ରହିଲା । ଆଲୋଚନା ଆରମ୍ଭ କଲା ଗୋପ,

- ଆମ ମୁଲକରେ ଏବେ କେତେ ଜଣ ଏମ.ଏ. ?

- ମୋ ଧାରଣାରେ ତିନିଜଣ । ବ୍ରଜ କହିଲା ।

-ହଁ, ଠିକ । ମଧୁସୂଦନ ଦାସ, ଗୋପାଳବଲ୍ଲଭ ଦାସ ଆଉ ଅଭିରାମ ଭଞ୍ଜ ।

- ମାତ୍ର ତିନିଜଣ ? ଆଶ୍ଚର୍ଯ୍ୟଭାବ ସହ ସମ୍ମତି ଜଣାଏ ବୈଦ୍ୟନାଥ ।

- ବଙ୍ଗଳାରେ ଦଳଦଳ ବି.ଏ., ଏମ.ଏ., ବାରିଷ୍ଟର । ନିଜ ରାଜ୍ୟ ପାଇଁ ପ୍ରାଣମୂର୍ଚ୍ଛା ଲଢ଼ି ପାରୁଛନ୍ତି ।ଆମେ ଅଶିକ୍ଷାର ଅନ୍ଧାରରେ ଘାରି ହେଉଛେ । ଖେଦୋକ୍ତି କଲା ବ୍ରଜ ।

- ଅନ୍ଧାର ନୁହଁ ତମିସ୍ରା କୁହ ବ୍ରଜ । ତମିସ୍ରା ହେଲା ଅଜ୍ଞାନତାର କେତେଗୁଣ ଅନ୍ଧାର । ଲୋକେ ଶିକ୍ଷିତ ନହେଲେ ସଚେତନ ହେବେନି । ବିନା ଚେତନାରେ ଜାତୀୟ ଭାବନା ବା ଆସିବ କେଉଁଠୁ ? କହିଥିଲା ଗୋପ ।

- ଠିକ୍...ଠିକ୍... । ଉତ୍ତର ଦେଇଥିଲେ ଅନ୍ୟମାନେ ।

ଏଇ ସମୟରେ ଗୋପ କହେ, "ବିନା ଚେତନାରେ କୌଣସି କଥାକୁ ନିର୍ଦ୍ଦିଷ୍ଟ ଭାବେ ଦେଖି ହେବନି । ବାକି କଥା ଛାଡ, କଲିକତା ବିଶ୍ୱବିଦ୍ୟାଳୟର ପାଠର ଅନ୍ତର ନୀତି ଦେଖ- ପ୍ରଶ୍ନ ଉଠାଇଲା ଗୋପ ।

- ଠିକଣା ସମୟରେ ଉଚିତ କଥା ମନେ ପକାଇଛ ବନ୍ଧୁ । ଆମ ରାଜ୍ୟରେ ଯଦି ଅଧିକ ଉଚ୍ଚଶିକ୍ଷିତ, ସଚେତନ ଲୋକ ଥାନ୍ତେ, ଏପରି ଅନ୍ୟାୟ ହୁଅନ୍ତା ନାହିଁ । ଘୋରତର ପ୍ରତିବାଦ ହୁଅନ୍ତା - ସମର୍ଥନ ଜଣାଇଲା ବ୍ରଜ ।

- କି ଅନ୍ୟାୟ ? କି ପାଠରଅନ୍ତର ? ପଚାରିଲେ ବୈଦ୍ୟନାଥ ଓ ଅନ୍ୟମାନେ ।

- କଲିକତା ବିଶ୍ୱବିଦ୍ୟାଳୟରେ ବଙ୍ଗଳା, ହିନ୍ଦୀ, ଅହମିଆ, ଏପରିକି ଉର୍ଦ୍ଦୁ ପରି ଭାଷାରେ ସ୍ୱତନ୍ତ୍ର ଭାବରେ ପରୀକ୍ଷା ଦେବାର ବ୍ୟବସ୍ଥା ଅଛି । ହେଲେ ଆମ ଓଡ଼ିଆ ଭାଷା ପାଇଁ ସେ ସୁଯୋଗ ନାହିଁ । କହିଲା ବ୍ରଜ ।

- ନାହିଁ, କାରଣ ଆମେ ଓଡ଼ିଆମାନେ ପରିଚୟ ସଙ୍କଟରେ । ଆମ ପରିଚୟ କଲିକତାରେ ରାନ୍ଧୁଣିଆ ପୂଜାରୀ ନହେଲେ ବେହେରା । ମର୍ଯ୍ୟାଦା କଥା କିଏ ଭାବୁଛି ? ଆମେ ତ କଲିକତାରେ ପରିବେଷିତ ବଙ୍ଗଳା ସୁଆଙ୍ଗରେ ହାସ୍ୟାସ୍ପଦ ଉଦ୍ଭଟ୍ ଚରିତ୍ର । ପ୍ରଚଣ୍ଡ ଆତ୍ମବୋଧର ସହ କହେ ଗୋପ ।

- ଏଥକୁ 'କର୍ତ୍ତବ୍ୟବୋଧିନୀ' କିଛି ଭୂମିକା ନେଉ । କହିଲେ ବୈଦ୍ୟନାଥ ।

- ହଁ, ଆମକୁ ଏ ଜାତିକୁ କାଳଗ୍ରାସରୁ ରକ୍ଷା କରିବାକୁ ହେବ । ସେଦିନ ଏ କଥା କହିଥିଲା ଗୋପ । ଆଜି ନିଜ ପ୍ରସ୍ତାବିତ କବିତା ପାଇଁ ଧାଡ଼ିଏ ଗଢିଲା -

'ହେ କାଳ ତୁମ୍ଭରି ଗର୍ଭେ ସବୁ ଲୀନ
ଶୁଭଗା ଉତ୍କଳ ଆଜି ଦୀନହୀନ ।
ହେ କାଳ ତୁମରି ଅଟଳ ଆଦେଶେ
ଘୋଟିଛି ଦୁର୍ଗତି ଏ ଉତ୍କଳ ଦେଶେ ।'

ସେଦିନ 'କର୍ତ୍ତବ୍ୟବୋଧିନୀ' ସଭାରେ କଲିକତା ବିଶ୍ୱବିଦ୍ୟାଳୟର ତ୍ରୁଟିପୂର୍ଣ୍ଣ ଭାଷାନୀତି ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଗୋପ, ବ୍ରଜ ଓ ଅନ୍ୟାନ୍ୟ ବନ୍ଧୁମାନେ ବଦ୍ଧପରିକର ହୋଇଥିଲେ ସ୍ୱାଭିମାନର ଏ ସଂଗ୍ରାମ ତୀବ୍ର କରିବା ପାଇଁ ।

ପ୍ରଥମ ପର୍ଯ୍ୟାୟରେ ଅଭିରାମ ଭଞ୍ଜ, କାମପାଳ ମିଶ୍ର ପ୍ରମୁଖ ବୟୋଜ୍ୟେଷ୍ଠମାନଙ୍କୁ ଏ ପ୍ରକ୍ରିୟା ସହ ସଂପୃକ୍ତ କରିବାର ଚେଷ୍ଟା କରାଗଲା । ରାଜ୍ୟର ପରିଚିତ ଜ୍ଞାନୀ ଗୁଣୀମାନଙ୍କ ଠାରୁ ଏଥିପାଇଁ ନୈତିକ ସମର୍ଥନ ଲୋଡ଼ାଗଲା । ହେଲେ ସମସ୍ତେ ନିରାଶାର ବାଣୀ ଶୁଣାଇଲେ । ସେମାନେ ମନେମନେ ଧରି ନେଇଥିଲେ ଯେ ଏ ଅଚଳାୟତନ ଘୁଞ୍ଚିବ ନାହିଁ । ପ୍ରତିବାଦ କରି ଅଯଥା ଅପ୍ରିୟ ହେବା ସାର । ସେମାନେ ବିନା ଲଢେଇରେ କ୍ଳାନ୍ତ ହୋଇ ହାତ ଟେକି ଦେଇଥିଲେ । ନେତୃସ୍ଥାନୀୟ ବ୍ୟକ୍ତି, ବରିଷ୍ଠଗଣ କେହି ଏହାକୁ ପ୍ରସଙ୍ଗ ଭାବେ ନେବାକୁ ଆଗ୍ରହୀ ନଥିଲେ ।


ପ୍ରତିବାଦ ସପକ୍ଷରେ ବଳିଷ୍ଠ ଲୋକମତ ବି ନଥିଲା । ସବୁଆଡୁ ନିରାଶ ହେବା ପରେ ଗୋପ ଓ ବ୍ରଜଙ୍କ ଭିତରେ ପୁଣି କଥା ପଡ଼ିଥିଲା ।

- ଏବେ ଉପାୟ କ'ଣ ? ବ୍ରଜ ପଚାରିଲା ।

- ଆମେ କଲିକତା ବିଶ୍ୱବିଦ୍ୟାଳୟକୁ ଦାବୀପତ୍ର ଦେବା । ଗୋପର ପ୍ରସ୍ତାବ ।

- ଆମ ମୁଲକର ବଡ଼ମାନେ ତ ଆମ ସାଙ୍ଗରେ ନାହାନ୍ତି । ବ୍ରଜର ଖେଦ ।

- ନଥାନ୍ତୁ ବ୍ରଜ । ଆମେ ଆମ ସାଙ୍ଗରେ ଅଛେ । ଆମେ କର୍ତ୍ତବ୍ୟବୋଧିନୀ ସମିତି ପକ୍ଷରୁ ଦାବୀପତ୍ର ଦେବା । ଯେତେ ସମ୍ଭବ ଶିକ୍ଷିତଙ୍କ ଦସ୍ତଖତ ଯୋଗାଡ଼ କରିବା । ବରିଷ୍ଠମାନେ ଅନେକ ସମୟରେ ପୁରୁଣା ଭୟ ଯୋଗୁଁ ଜଡ଼ ହୁଅନ୍ତି । ହେଲେ ଆଜି ଆମ ମନରେ ନୂଆ ଉତ୍ସାହ ଦରକାର । ଆମେ ବିଫଳ


ଅବକାଶ ଚିନ୍ତା ।
ଅର୍ଥାତ୍ ।
(ଅବକାଶ ସମୟେ ଲିଖିତ)
ଏବଂ
ପ୍ରକାଶିତ ।
CUTTACK.
Printed at the Orissa Patriot Press
1899

ପ୍ରଥମ କବିତା ପୁସ୍ତିକା 'ଅବକାଶ ଚିନ୍ତା'ର ପ୍ରାରମ୍ଭିକ ପୃଷ୍ଠା

ହେଲେ ବି ଆତ୍ମସନ୍ତୋଷ ପାଇବା ଯେ ପ୍ରତିବାଦ କରିଥିଲେ । ମାତୃଭାଷା ପାଇଁ ଏ ଲଢେଇରେ ଆମେ ନିର୍ଭୀକ ହେବା । ଗୋପ କଣ୍ଠରେ ଅପୂର୍ବ ଦୃଢ଼ତା ।

କର୍ତ୍ତବ୍ୟବୋଧିନୀ ସହ ଜଡ଼ିତ ଛାତ୍ରମାନଙ୍କ ତରଫରୁ ଦାବୀପ୍ରସ୍ତୁତ କରାଗଲା । ସେଥିରେ ଉଲ୍ଲେଖ ରହିଲା ଯେ ଅନ୍ୟ ଭାଷାଭାଷୀମାନେ ଯଦି ନିଜ ନିଜ ଭାଷାରେ ପରୀକ୍ଷା ଦେଇ ପାରୁଛନ୍ତି ତେବେ ଓଡ଼ିଆମାନେ ନିଜ ଭାଷାରେ ପରୀକ୍ଷା ନ ଦେବେ କାହିଁକି ? ଦସ୍ତଖତ ସଂଗ୍ରହ କରାଯାଇ ଦାବୀପତ୍ରକୁ ଯଥାରୀତି ବିଶ୍ୱବିଦ୍ୟାଳୟକୁ ପଠାଗଲା । ଦାବୀପତ୍ର ଗ୍ରହଣ କଲା ପରେ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ତରଫରୁ ଉତ୍ତର ଆସିଥିଲା ଯେ ଛାତ୍ରମାନଙ୍କର ଏ ଦାବୀ ଗ୍ରହଣୀୟ ନୁହେଁ । ଓଡ଼ିଆମାନେ ଓଡ଼ିଆରେ ପରୀକ୍ଷା ଦେଇ ପାରିବେ ନାହିଁ । ଗୋପ, ବ୍ରଜ ଓ ତା'ର ବନ୍ଧୁମାନେ ଏ ପ୍ରକାର ପ୍ରତ୍ୟାଖ୍ୟାନମୂଳକ ଉତ୍ତରରେ ଘୋର ମର୍ମାହତ ହୋଇଥିଲେ । ଦୁଇ ବନ୍ଧୁ ବଡ଼ ଅସହାୟ ମନେ କରିଥିଲେ । ହେଲେ ଗୋପ ଏତିକିରେ ଦବି ଯିବାର ପାତ୍ର ନଥିଲା । ବ୍ରଜସୁନ୍ଦର ମଧ୍ୟ ଦାବୀ ହାସଲ ଲାଗି ବ୍ୟାକୁଳ । ତୁରନ୍ତ ଗୋପ ତା'ର ମନର ଭାବ ପ୍ରକାଶ କରେ 'ଉତ୍କଳ ସାହିତ୍ୟ'ରେ । ଗଦ୍ୟଲେଖର ଶୀର୍ଷକ 'ଗୋଟିଏ ପ୍ରାର୍ଥନା' । ଗୋପ ମନେ ପକାଉଥାଏ ଗତ ଡିସେମ୍ବର 'ଉତ୍କଳ ସାହିତ୍ୟ' ସଂଖ୍ୟାରେ ମହତ ହୃଦୟ ବିଶ୍ୱନାଥ କର ସେ ଗଦ୍ୟଟି ପ୍ରକାଶ କରିଛନ୍ତି ।

**ଗୋଟିଏ ପ୍ରାର୍ଥନା :** ଏହି ହତଭାଗିନୀ ଉତ୍କଳଭାଷା ପ୍ରତି କାହାରି ଟିକିଏ ସୁଦୃଷ୍ଟି ପଡୁନାହିଁ । ଏହା ଉତ୍କଳବାସୀଙ୍କ ଦ୍ୱାରା ଯେପରି ଅନାଦୃତ, ବିଶ୍ୱବିଦ୍ୟାଳୟ ଦ୍ୱାରା ମଧ୍ୟ ସେହିପରି ଉପେକ୍ଷିତ ।

ଆମମାନଙ୍କ ଦେଶର ପ୍ରଧାନ ପ୍ରଧାନ ଲୋକମାନେ ଓ ଦେଶ ହିତୈଷୀମାନେ ମାତୃଭାଷାର ଉନ୍ନତି କଳ୍ପରେ ସଦା ଉଦାସୀନ । କିପରି ଉତ୍କଳ ଛାତ୍ର ସମାଜର ମନ ମାତୃଭାଷା ପ୍ରତି ଆକର୍ଷିତ ହେବ ? କିପରି ମାତୃଭାଷାର ଗୌରବ ବୃଦ୍ଧି ହେବ ଏହା ଅତି ଅଳ୍ପ ଲୋକଙ୍କର ଭାବନାର ବିଷୟ ।

ବିଶ୍ୱବିଦ୍ୟାଳୟର ଏଫ୍.ଏ. ଓ ବି.ଏ. ପରୀକ୍ଷାରେ ଓଡ଼ିଶାର କୌଣସି ନାମଗନ୍ଧ ନଥିବା ଓ ଉତ୍କଳ ନେତାମାନଙ୍କର ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଔଦାସୀନ୍ୟ ଦେଖି ଆମ୍ଭେମାନେ (କଲେଜର ସମସ୍ତ ଉତ୍କଳ ଛାତ୍ର) ଚାପଲ୍ୟ ବଶତଃ ଓ ମନର କ୍ଷୋଭ ନିବାରଣାର୍ଥ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍‌ଙ୍କ ପାଖକୁ ଉତ୍କଳ ରଚନା ବିଷୟରେ ଗୋଟିଏ ସ୍ୱତନ୍ତ୍ର ପ୍ରଶ୍ନ କରିବା ନିମିତ୍ତ ଆବେଦନ ପତ୍ର ପଠାଇଥିଲୁ । ତାହାର ଯେ ହୁକୁମ ହୋଇଛି ତାହା ଆଜି ସର୍ବସମକ୍ଷରେ ଉପସ୍ଥିତ କରୁଅଛୁଁ । ତାହା ଏହି– 'The syndicate are of opinion that it is not desirable to include oria in the list of vernaculars in which a paper on original composition is set at the F.A. and B.A. examinations..' ଉତ୍କଳୀୟ ନେତାମାନଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା ଯେ ସେମାନେ ଥରେ ଏଥିପ୍ରତି ଦୃଷ୍ଟି କରନ୍ତୁ । ସେମାନଙ୍କର ଔଦାସୀନ୍ୟ ଦୂର କରନ୍ତୁ ।

ଆମ୍ଭମାନଙ୍କର ଏଠାରେ କହିବା ଉଚିତ ଯେ ପୂର୍ବୋଲ୍ଲିଖିତ ବଙ୍ଗଳା ଓ ଉର୍ଦ୍ଦୁର ସ୍ୱତନ୍ତ୍ର ପ୍ରଶ୍ନ ଛାତ୍ରମାନଙ୍କ ଆବେଦନରେ ହୋଇନାହିଁ, ତାହା ବଙ୍ଗ ଓ ମୁସଲମାନ ସାଧାରଣଙ୍କର ବହୁ ବର୍ଷବ୍ୟାପୀ ଚେଷ୍ଟା ଓ ପରିଶ୍ରମର ଫଳ । ମାତ୍ର ଉତ୍କଳ ସାଧାରଣ ତାଙ୍କର ମାତୃଭାଷାରେ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶ୍ନ ହେବା ବିଷୟ କେବେ ଚିନ୍ତା କରିଛନ୍ତି କି ନାହିଁ ସନ୍ଦେହ ।

ପରିଶେଷରେ ସମସ୍ତ ଉତ୍କଳୀୟମାନଙ୍କ ଠାରେ ନିବେଦନ ଯେ ସେମାନେ ଥରେ ସିଣ୍ଡିକେଟ୍‌କୁ ପଚାରନ୍ତୁ ଓଡ଼ିଆ 'ଭର୍ଣ୍ଣାକୁଲାର୍' ମଧ୍ୟରେ ଗଣନା ହେବା କାହିଁକି ବାଞ୍ଛନୀୟ ନୁହେଁ । ଓଡ଼ିଆ କଣ ଭାଷା ନୁହେଁ ।

**– କଟକ କଲେଜର ଜଣେ ଛାତ୍ର**

ଗୋପ, ବ୍ରଜସୁନ୍ଦର ତଥା ସେମାନଙ୍କୁ ସମର୍ଥନ କରିଥିବା କଲେଜ ଛାତ୍ରମାନେ ଆଶା କରିଥିଲେ 'ଉତ୍କଳ ସାହିତ୍ୟ'ରେ ଏ ପତ୍ର ପ୍ରକାଶିତ ହେବା ପରେ ଓଡିଶାର ବୁଦ୍ଧିଜୀବୀ ମହଲରେ, ନେତୃମଣ୍ଡଳୀଙ୍କ ଭିତରେ ଚହଳ ପଡିବ । ଆଲୋଡ଼ନ ସୃଷ୍ଟି ହେବ । ପ୍ରତିକ୍ରିୟା, ପ୍ରତିବାଦ ମାଧ୍ୟମରେ ପୁଣିଥରେ ବୃହତ୍ତର ପ୍ରେକ୍ଷାପଟ୍ଟରେ ଦାବୀ ଉପସ୍ଥିତ ହେବ । ହେଲେ ଓଡ଼ିଶାର ଗଣଜୀବନ ଯେମିତି ଏକ ନିସ୍ତରଙ୍ଗ ହ୍ରଦ ଆଉ ବୁଦ୍ଧିଜୀବୀମାନେ ଅପେକ୍ଷାକୃତ ନିର୍ବେଦ ଏବଂ ନିରୁତ୍ତାପ । ସେଦିନ ଏକଥା ମନେ ପକେଇ ବାରବାଟୀର ଭଗ୍ନ ଅସ୍ତିତ୍ୱ ଆଡେ ଚାହେଁ ଗୋପ ଆଉ କିଛି ଧାଡ଼ି ଗଢ଼ି ନେଇଥିଲା ମନେମନେ । ସେ ଧାଡ଼ିଗୁଡିକରେ ଥିଲା ତୀବ୍ର ଆଶାବାଦ । ଅଦୃଷ୍ଟ ପ୍ରତି ପ୍ରାର୍ଥନା ।

'ଆସ ନବଯୁଗ ନବୀନ ବରଷ ନବ ଦିନେ ଘେନି ଅଶେଷ ହରଷ ।'

ପୁରୁଣା କଥା ସବୁ ମନେ ପଡି ଗଭୀର ଜାତୀୟ ଭାବ ଉଦ୍ରେକ ହୁଏ । କିଛି କିଛି ଧାଡ଼ି ଭିତରେ ଦାନା ବାନ୍ଧେ । ଯେଉଁ ଅଳ୍ପ କିଛି ଭାବ କବିତାର ଭ୍ରୂଣ ରୂପେ ସଂଚରିତ ହୋଇଛି ତାହାକୁ ହୃଦୟରେ ଧରି ଗୋପ ସେଦିନ ବାରବାଟୀରୁ ଫେରେ । ମନ କଥା ମନରେ ରହେ– ଦିନେ କେତେବେଳେ ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ ଭାବଟି ପୂର୍ଣ୍ଣାଙ୍ଗ କବିତାର ରୂପ ନେଇ ତା ଭିତରୁ କଲମ ଦେଇ କାଗଜ ଉପରକୁ ଆସିବ ।

କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ଓଡ଼ିଆ ଭାଷାରେ ପରୀକ୍ଷାକୁ ନେଇ ବନ୍ଧୁମାନଙ୍କ ସହ ପୁଣି ଆଲୋଚନା ହୁଏ । ବ୍ରଜ ଭିତରେ ହତାଶା ଲକ୍ଷ୍ୟ କରି ଗୋପ କହେ,

– ଦେଖିବ ବ୍ରଜ । ଇଏ ସଙ୍ଘର୍ଷର ଆରମ୍ଭ ମାତ୍ର । ଆମେ ଆମ ଲକ୍ଷ୍ୟ ସାଧନରେ ସଫଳ ହେବା ।

– କିପରି ?

– ଆମେ ଏତିକିରେ ଦବି ନଯାଇ ଚୁପ୍ ନରହି ଆଗକୁ ଆମ୍ ଦାବୀ ଦୃଢ଼ ଭାବେ ବିଭିନ୍ନ ସ୍ଥାନରେ ଉପସ୍ଥାପନ କରିବା । ଫଳ ନିଶ୍ଚୟ ଫଳିବ ।

ଗୋପର ନେତୃତ୍ୱ ପୁଣି ବ୍ରଜସୁନ୍ଦରର ସଙ୍ଗଠନ ଶକ୍ତି ଉପରେ ସମସ୍ତଙ୍କର ଭରସା ଥାଏ । ଏହିପରି ବିଭିନ୍ନ ସାଂସ୍କୃତିକ ସାଙ୍ଗଠନିକ କାମ ଭିତରେ ପାଠ ପଢା ହୁଏ ଆଉ ଏଫ୍.ଏ. ପରୀକ୍ଷା ସରେ । ଭାଷା ପାଇଁ ସଂଗ୍ରାମ ଭିତରେ ପରୀକ୍ଷା ।

୧୯୦୦ ମସିହା ମେ ମାସରେ ପ୍ରକାଶ ପାଏ ଏଫ୍.ଏ. ପରୀକ୍ଷାଫଳ । ବୈଦ୍ୟନାଥ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥାଏ । ଗୋପୀନାଥ ଓ ଲୋକନାଥ ପାଇଥାନ୍ତି ଦ୍ୱିତୀୟ ଶ୍ରେଣୀ । ଗୋପ ମଧ୍ୟ ଦ୍ୱିତୀୟ ଶ୍ରେଣୀରେ ପାଶ୍ କରିଥାଏ । ତେବେ ଗୋପୀନାଥ ଓ ଲୋକନାଥ ବୃତ୍ତି ପାଆନ୍ତି ଅଥଚ ଦ୍ୱିତୀୟ ଶ୍ରେଣୀରେ ମେଧା ତାଲିକାରେ ଶୀର୍ଷରେ ଥିବା ଗୋପକୁ ବୃତ୍ତି ମିଳେନା । ଏପରି ବିସଂଗତି ଦେଖି ଗୋପର ବନ୍ଧୁମାନଙ୍କର ମନରେ ପ୍ରଶ୍ନ ଉଠେ ।

– ବିଶ୍ୱବିଦ୍ୟାଳୟର ଭାଷାନୀତି ବିରୁଦ୍ଧରେ ଲଢ଼ିବାରୁ ବୃତ୍ତି କଟିନି ତ ?

ଆଉ କିଏ କହେ– ହ ରାଧାନାଥଙ୍କୁ ସାମାନ୍ୟ ପ୍ରତିବାଦ କରି ପୁରୀ ଜିଲ୍ଲାସ୍କୁଲ୍‌ରେ ବୃତ୍ତି ହରେଇ ଥିଲେ । ଇଏ ତାଙ୍କ ଭାଗ୍ୟରେ ନୂଆ କଥା ନୁହେଁ... ।

ପୁରୁଣା ଛାତ୍ରାବାସର କୋଠରୀମାନ



ମୋ-ଶିକ୍ଷକ

# ଶିକ୍ଷକପଣିଆର ଧାରେ ହସ




# ମୋ ଶିକ୍ଷକ: ଶ୍ରୀରାମ ଚନ୍ଦ୍ର ଦାଶ

**ଦାଶ ବେନହୂର**
କଥାକାର, ୧୬୧-ଶୈଳଶ୍ରୀବିହାର,
ଭୁବନେଶ୍ୱର-୭୫୧୦୨୧
ଫୋନ: ୯୪୩୭୬୨୭୧୯୬

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ ଅଙ୍କନ : ସଞ୍ଜୟ ରାଉଳ

**ଶିକ୍ଷକ ଓ ଛାତ୍ରଙ୍କ ସଂପର୍କ ଏକ ପବିତ୍ର ସଂପର୍କ । ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ଆମ ମନରେ ଚିରଦିନ ବସା ବାନ୍ଧି ରହିଯାନ୍ତି । କେବେ ଭୁଲି ହୁଏନି ସେମାନଙ୍କ ଅବଦାନକୁ । ସେପ୍ଟେମ୍ବର ମାସରୁ 'ରେବତୀ' ପୃଷ୍ଠାରେ କେତେ ଜଣ ବିରଳ ଶିକ୍ଷକଙ୍କ କଥା ଆମେ ପରିଷିବୁ, ଆପଣମାନଙ୍କ ପାଇଁ । ଏଥର ବିଶିଷ୍ଟ ଲେଖକ ଦାଶ ବେନହୂର ତାଙ୍କ ଶିକ୍ଷକ ପ୍ରଫେସର୍ ଶ୍ରୀରାମ ଚନ୍ଦ୍ର ଦାଶଙ୍କୁ ନେଇ ଲେଖିଛନ୍ତି ଏ ଆଲେଖ୍ୟ ।**



▶ଲେଖକ ଦାଶ ବେନହୂର

'ମୋ ଶିକ୍ଷକ' ବୋଲି କହିଲେ, ଏବେ ମୋତେ ମୋ ସାର୍ ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ ହିଁ ଦିଶୁଛନ୍ତି ।

ଛାତ୍ରଛାତ୍ରୀମାନେ କେବଳ ଶିକ୍ଷକଙ୍କୁ ସାର୍ କହନ୍ତି । ପାଠପଢ଼ିବା ବୟସରେ ଆଉ କାହାକୁ ସାର୍ ଡାକିବା ଦରକାର ପଡ଼େନା । ସାର୍ ଶବ୍ଦର ଓଡ଼ିଆ କରିବା ଅନାବଶ୍ୟକ । ଯେଉଁ ଶବ୍ଦକୁ ସମସ୍ତେ ବୁଝନ୍ତି ତା'ର ତର୍ଜମା, ଅନ୍ୱୟ, ଅନୁବାଦ ବା ଟୀକା ଅଦରକାରୀ । ଆମ ସାର୍ କହିଲେ, ଆମକୁ ପାଠ ପଢ଼ାଉଥିବା ଶିକ୍ଷକଙ୍କୁ ହିଁ ବୁଝାଯାଏ ।

ଏଇ ଗୋଟିଏ ଛୋଟ ଶବ୍ଦରେ କେତେ ଭାବ ! ଭକ୍ତି, ଭୟ, ଶ୍ରଦ୍ଧା ପୁଣି ଆପଣାପଣ । ସମ୍ପର୍କ ଓ ସଂପୃକ୍ତି ଠାରୁ ଆରମ୍ଭ କରି ସମ୍ପତ୍ତିଯାଏଁ ଜଣେ ଶିକ୍ଷକ ପରିବ୍ୟାପ୍ତ । ଯେ ଉତ୍ତମ ଶିକ୍ଷକ ତାଙ୍କ ପ୍ରତି ଜଣେ ଛାତ୍ର ବା ଛାତ୍ରୀର ଭକ୍ତି ଥାଏ, ଭୟ ଥାଏ ଶ୍ରଦ୍ଧା ବି ଥାଏ । ସେ ଆମ ସାର୍ ବା ମୋ ସାର୍ ବୋଲି କହିଦେଲେ ଯେଉଁ ଆପଣାପଣ ତାହା ରକ୍ତ ସମ୍ପର୍କ ନଥିବା ଆଉ କେଉଁ ଗୁରୁଜନଙ୍କ ପାଖରେ ଦେଖିବାକୁ ମିଳେ ନାଇଁ । ସେ ସମ୍ପର୍କ ତ ପିତାର ସହବନ୍ଧତା ଭଳି । ସଂପୃକ୍ତି, ଅନନ୍ୟ । ଗୁରୁ-ଛାତ୍ର ସଂପୃକ୍ତିର ତୁଳନା ଆଉ କେଉଁଠାରେ ପ୍ରଯୁଜ୍ୟ ନୁହେଁ । ସବୁଠାରୁ ବଡ଼କଥା ହେଲା ଛାତ୍ରଛାତ୍ରୀମାନେ ଯେମିତି ନିଜର ପ୍ରିୟ ଶିକ୍ଷକଙ୍କୁ ତାଙ୍କର ଏକ ପ୍ରକାର ସମ୍ପତ୍ତି ବୋଲି ମନେ କରନ୍ତି, ଅନୁରୂପ ଭାବେ ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ ନିଜର ଛାତ୍ରଛାତ୍ରୀଙ୍କୁ ସାରା ଜୀବନ ଆପଣା ଧନ ଭଳି ବିଚାର କରନ୍ତି ।

'ସେ ଆମ ସାର୍ ।'

ସେ ମୋ ଛାତ୍ର ।

ବୟସର ଶେଷ ସମୟଯାଏଁ ଏ ଉଚ୍ଚାରଣ ଶୁଣିବାକୁ ମିଳେ ।

ପାଠପଢ଼ାର ପ୍ରାୟ ତିନିଗୋଟି ସାଧାରଣ ସ୍ତର । ଗୋଟିଏ ବିଦ୍ୟାଳୟସ୍ତର, ଯାହା ପ୍ରାଥମିକରୁ ଉଚ୍ଚଯାଏ ପ୍ରସାରିତ । ଦ୍ୱିତୀୟଟି ମହାବିଦ୍ୟାଳୟସ୍ତର ଓ ଶେଷଟି ବିଶ୍ୱବିଦ୍ୟାଳୟସ୍ତର । ତେଣୁ ସାଧାରଣ ଭାବେ ଆମେ ତିନିଗୋଟି ପାହାଚର ଶିକ୍ଷକମାନଙ୍କୁ ଭେଟୁ । କେତେ ଶିକ୍ଷକ, ଶିକ୍ଷୟିତ୍ରୀ । ହେଲେ ସେଇମାନଙ୍କ ଭିତରୁ ଅନେକ ରହିଯାଆନ୍ତି, ଅଭୁଲା ଆଉ ଅପାସୋରା ହୋଇ । ବୁଢ଼ା ବା ବୁଢ଼ୀ ବୟସରେ ମନେ ପକାଇ କେହି କେହି କହନ୍ତି- "ସେ ମୋର ସାର୍ । ଆହା ! ତାଙ୍କରି ଯୋଗୁଁ ମୁଁ ମଣିଷ ହେଲି ସିନା ।"

ପ୍ରକୃତ ଶିକ୍ଷକ ସିଏ ଯେ ଛାତ୍ର ଭିତରେ ଥିବା ଗୁଣଟି ଦେଖି ପାରନ୍ତି । ଦୁର୍ଗୁଣ ତ ସମସ୍ତଙ୍କୁ ଦିଶେ, ଥାନ ଅଥାନରେ ସମସ୍ତେ ତା'କୁ ଉଖାରି ପକାନ୍ତି । ହେଲେ ଅସଲ ଶିକ୍ଷକ ଛାତ୍ର ବା ଛାତ୍ରୀର କେଉଁ କୋଣରେ ଛପି ରହିଥିବା ଟିକି ନିଆଁଝୁଲକୁ ଦେଖି ଏମିତି ଫୁଙ୍କି ଦିଅନ୍ତି ଯେ ସେ ତା'କୁ ଆଲୋକିତ କରିଦିଏ ।

ମନେପଡୁଛି ଏମ୍.ଏ.ଆଡ୍‌ମିଶନ ନେବା ବେଳ କଥା । ଉତ୍କଳ ବିଶ୍ୱବିଦ୍ୟାଳୟ । ୧୯୭୩ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଭାବରେ ପ୍ରଫେସର୍ ଶ୍ରୀରାମ ଚନ୍ଦ୍ର ଦାଶ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାଟିକୁ ନିୟନ୍ତ୍ରିତ କରୁଥାନ୍ତି । ଅନ୍ୟ ଶିକ୍ଷକମାନେ ଘେରି ବସି ସାହାଯ୍ୟ କରୁଥାନ୍ତି । ହେଲେ ପ୍ରଫେସର୍ ଦାଶଙ୍କ ମତ ଶେଷ ମତ । ମାର୍କସିଟ୍ ଓ ଦରଖାସ୍ତକାରୀଙ୍କ ସହ ଦୁଇ ଚାରି କଥା ପରେ ଫଳାଫଳ ଶୁଣାଣି । "ଯାଅ ସେଣ୍ଟ୍ରାଲ୍ ଅଫିସ୍‌ରେ ଦେୟ ଜମାକରି ଆଡ୍‌ମିଶନ୍ ନେଇଯାଅ" ନାଇଁ ତ, "ଆଉ କେଉଁଠି ଦେଖ ଏଠାରେ ତୁମ ଆଡ୍‌ମିଶନ୍ ସମ୍ଭବ ନୁହେଁ ।"

ମୋ ପାଳି ପଡ଼ିଲା । ମାଟ୍ରିକ୍, ପ୍ରି.ୟୁନିଭର୍‌ସିଟି, ଫାଷ୍ଟ ବି.ଏ. ପରେ ବି.ଏ. ମାର୍କସିଟ୍ ଉପରେ ଆଖି ପକେଇ ମତେ ଚାହିଁଲେ ସାର୍ । ଝାଳ ବୋହିଗଲା ଦେହରୁ । ସବୁଥିରେ ସେକେଣ୍ଡ୍ କ୍ଲାସ୍ । କଟିଗଲି ବୋଧେ । ତା'ପରେ ହସିଦେଇ କହିଲେ, "ପଢ଼ାପଢ଼ିରେ ମନ ଦେଉନୁ କି ? କିରେ ସବୁ ବର୍ଷ କ'ଣ ସେଇଠି ଆସି ଅଟକି ଯାଉଛୁ ? ଆଉ କେତୁଟା ମାର୍କରେ ତ ଫାଷ୍ଟକ୍ଲାସ୍ ।"

କ'ଣ ବୁଝିବି ଏଥିରୁ ? ବଞ୍ଚା ହେଲି କି ନାଇଁ ?

ଏତିକିବେଳେ ସମସ୍ତଙ୍କୁ ଚାହିଁ ପ୍ରଫେସର୍ ଦାଶ୍ କହିଲେ- "ଏଇଟା ଅରିଜିନାଲ୍ ପିଲା । ୟୁନିଫର୍‌ମିଟି ଅଛି ।" ତୃତୀୟ ଧାଡ଼ିଟି ହେଲା: "ଯା' ଆଡ୍‌ମିସନ୍ ନେଇଯା", କହି ଫର୍ମ ଉପରେ ଦସ୍ତଖତ କରି ମୋ ଆଡ଼କୁ ଠେଲିଦେଲେ ।

ଆଡ୍‌ମିଶନ୍ ହେଲା । ପଢ଼ା ଚାଲିଲା । କେତେ କଥା ତ ମନେଅଛି, ତେବେ ତିନିଗୋଟି କଥା ଏଠାରେ କହିଦେବା ଦରକାର ।


ଥରେ ନୃତତ୍ତ୍ୱ ବିଭାଗର 'ବିବାହ'କୁ ନେଇ ଗୋଟେ ସେମିନାର୍

ହେଉଥାଏ । ଜାତୀୟ ସେମିନାର୍ । ବାହାର ବିଶ୍ୱବିଦ୍ୟାଳୟରୁ ପ୍ରଫେସର୍‌ମାନେ ଆସିଥାନ୍ତି । ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିବାକୁ ଥାଏ ଜଣେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର୍‌ଙ୍କର । ହଠାତ୍ ସେ ବେମାର ହୋଇ ପଡ଼ିଥାନ୍ତି । କିଏ ଚଳେଇବ ସେ କାମ ? ପ୍ରଫେସର୍ ଦାଶ ଆମ କ୍ଲାସ୍ ନେଉଥାନ୍ତି । ଦିନ ଦୁଇଟା ହେବ । ଡାକରା ପଡ଼ିଲା ସାର୍‌ଙ୍କୁ । କ୍ଲାସ୍ ସେଇଠି ସାରି ସେ ଚାଲିଲେ ନୃତତ୍ତ୍ୱ ବିଭାଗ । ଆମେ କେତେଜଣ କୌତୁହଳୀ ହୋଇ ସାଙ୍ଗରେ ଗଲୁ । ସାର୍ ଆରମ୍ଭ କଲେ ଭିତ୍ତି ଆଲୋଚନା । କି ଆଲୋଚନା ସେ ? କି ଜ୍ଞାନ ! କି ଅନୁଶୀଳନ ! ସଭିଏଁ ଆଁ କରି ଚାହିଁଥାନ୍ତି । ପଚାଶ୍ ମିନିଟ୍‌ରେ ସାର୍ ସାରି ଦେଇଥିଲେ ବକ୍ତବ୍ୟ । ମତେ ଲାଗିଥିଲା ସାର୍‌ଙ୍କ ଭିତରେ ଆମ ପୁରାଣର କାହାଣୀର ବ୍ରହ୍ମା ଆସି ବିଜେ ହୋଇ ଯାଇଥିଲେ ବୋଧେ । ଆଗରୁ ପ୍ରସ୍ତୁତି ନାହିଁ, ଅଥଚ କି ବିଚକ୍ଷଣ ବିଶ୍ଳେଷଣ ।

ଦ୍ୱିତୀୟ କଥାଟି ସାର୍‌ଙ୍କ ସହ ଗୋଟିଏ କଲେଜ ସଭାକୁ ଯିବାର ଅନୁଭୂତି । କଳା ଫିଏଟ୍ କାର୍ । ଡ୍ରାଇଭର୍ ୟୁସୁଫ୍ ସହ, ସେ । ଆଉ ଦୁଇଜଣ ଯାଇ ପାରିବେ ସାଙ୍ଗରେ । ଏବେ ବି ମୁଁ ଜାଣିପାରୁନି ସାର୍ ସେଦିନ କ୍ଲାସ୍ ସରୁସରୁ କାହିଁକି ମତେ ଆଙ୍ଗୁଠି ଦେଖେଇ କହିଥିଲେ– "ତୁମେ ମୋ' ସହ ଗୋଟେ କଲେଜ୍ ସଭାକୁ ଯିବ ?" ହରି ଶବ୍ଦ । ସାର୍ ତ ସବୁବେଳେ ତୁ' ତା' କରନ୍ତି । ମତେ ସେତେବେଳକୁ ଭୋକ ଲାଗିଲାଣି । ହଷ୍ଟେଲ୍ ଫେରିଲେ କ'ଣ ଜଳଖିଆ ଖାଇବି ।  ହେଲେ ଏ ମଉକା ଛାଡ଼େ କିଏ ? କେତେ ପିଲା ହମ ହମ ହୁଅନ୍ତି ତାଙ୍କ ସହ ଯିବା ପାଇଁ । ସେ ଦିନ ବାଟସାରା ସେ ରୁଷୋଙ୍କର ବ୍ୟକ୍ତିଗତ ଜୀବନ ଓ ଜେନେରାଲ୍ ୱିଲ୍ ସମ୍ପର୍କରେ ଗପି ଗପି ଗଲେ । କି' ଅଭିନିବେଶ ! କି ତର୍ଜମା ! ମୋର ଭାଗ୍ୟ, ତାଙ୍କର ଛାତ୍ର ଥିଲି । ଅପୂର୍ବ ।

ତୃତୀୟଟି ବାର୍ଷିକ ସେମିନାର୍ । ରାଜନୀତି ବିଜ୍ଞାନ ବିଭାଗର ବର୍ଷକୁ ଗୋଟେ ଅଧେ ସେମିନାର୍ ହୁଏ । ସବୁଠାରୁ ଭଲ ଛାତ୍ରଟିକୁ ସାର୍ ନିଜେ ବାଛି କହନ୍ତି, "ତୁ ପ୍ରବନ୍ଧ ପ୍ରସ୍ତୁତ କର ।" ଏମ୍.ଏ.ର ଦୁଇବର୍ଷକୁ କୁହାଯାଉଥିଲା ପଞ୍ଚମ ବର୍ଷ, ଷଷ୍ଠ ବର୍ଷ ।  ପଞ୍ଚମ ବର୍ଷରେ ହୋଇଥିଲା 'ସିକ୍‌ସ୍ଥ୍ ପ୍ରେସିଡେନ୍‌ସିଆଲ୍ ଇଲେକ୍‌ସନ' ଉପରେ । ସନ୍ତୋଷକୁ ବାଛିଥିଲେ ପ୍ରଫେସର୍ ଦାଶ । ସେ ବି.ଏ. ଅନର୍ସରେ ତିନି ହୋଇଥିଲା । କ'ଣ ମନ ହେଲା ସାର୍ ଦିନେ ଶ୍ରେଣୀରେ ଘୋଷଣା କଲେ, "ଏଥରକର ସେମିନାର୍ 'ଏକ୍‌ଜାମିନେଶନ୍ ରିଫର୍ମ' ଉପରେ ହେବ । କିଏ ପ୍ରବନ୍ଧ ପ୍ରସ୍ତୁତ କରିବ ?"

ରାଜନୀତି ବିଜ୍ଞାନପାଠ, ସେଥିରେ ପୁଣି ଏକ୍‌ଜାମିନେଶନ୍ ରିଫର୍ମ ? ସାର୍‌ଙ୍କୁ କିଏ ପାଟି ଫିଟେଇବ ? ଆମ ସେମିନାର୍‌ରେ ସଂସ୍କୃତ ଠାରୁ ଆରମ୍ଭ କରି ବାଣିଜ୍ୟ ବିଭାଗର  ମୁଖ୍ୟ ମଧ୍ୟ ଆସି ବସନ୍ତି । ସାର୍‌ଙ୍କ ଉପସଂହାରମୂଳକ ବକ୍ତବ୍ୟ ହିଁ ମୂଲ୍ୟବାନ । ସବୁ ପିଲା ମୁହଁ ଚାହାଁଚୁହିଁ ହେଲେ । କେହି ଉଠିଲେନି । ମୋ ଭିତରେ କିଏ ପଶିଥିଲା କେଜାଣି ? ଉଠି ଠିଆ ହେଲି । ସେ ହସିଲେ । ସେଇ ଆଡ୍‌ମିଶନ୍ ବେଳର ହସ । ପୁଣି ମାନ୍ୟରେ କହିଲେ, "ତୁମେ ପାରିବ ?" ମୁଁ ମୁଣ୍ଡ ହଲେଇଲି । "ପୂର୍ବର କିଛି ରିପୋର୍ଟ ପଢ଼ିଛ ?" କ'ଣ ପଢ଼ିଛି ଯେ କହିବି ? ସେଇଠୁ ଅଭୟ ଦେଲା ଭଳି କହିଲେ, "ମୋ ପାଖରେ ସବୁ ରିପୋର୍ଟ ଅଛି । ନେଇ ପଢ଼ି ପ୍ରବନ୍ଧ ପ୍ରସ୍ତୁତ କର । ସତ୍ୟନାରାୟଣକୁ ଦେଖେଇବ ।" ସତ୍ୟନାରାୟଣ ମାନେ ଡକ୍ଟର ସତ୍ୟନାରାୟଣ ରଥ । ସେତେବେଳେ ବିଭାଗର ରିଡର୍ । ସେମିନାର୍ ହେଲା । ବଡ଼ ଉପଲବ୍ଧି ହୋଇଥିଲା ମୋର ।



ଏମ୍.ଏ. ପରୀକ୍ଷା ଆଗକୁ ଥାଏ । ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେଲା । କ'ଣ ଗୋଟେ ଆଳ ଦେଖାଇ ଅମାନୁଷିକ ଭାବେ ପ୍ରଫେସର୍ ଦାଶଙ୍କୁ ବାଧ୍ୟତାମୂଳକ ଅବସର ଦେଇ ବିଦା କରିଦିଆଗଲା । କି ଦୁଃଖଦ ପରିସ୍ଥିତି । ବିଶ୍ୱବିଦ୍ୟାଳୟରେ କୁଳପତି ନଥାନ୍ତି । ପ୍ରଶାସକ ଦାୟିତ୍ୱ ନେଇଥାନ୍ତି ଜ୍ଞାନ ଚାନ୍ଦ୍ । ସେ ରାଜନୀତି ବିଜ୍ଞାନ ବିଭାଗ ପ୍ରତି ବିଶେଷ କ୍ରୋଧିତ ଥାଆନ୍ତି ।

ସାରା ବିଶ୍ୱବିଦ୍ୟାଳୟରେ ଯେତେ ପିଲା, ରାଜନୀତିବିଜ୍ଞାନ ବିଭାଗରେ ସେଥିରୁ ଅଧେ । ୧୬୪ ରେଗୁଲାର୍, ବାକି କାଜୁଆଲ୍ । ସାର୍ଙ୍କର ସିଣ୍ଡିକେଟ୍‌ରେ ପ୍ରତିପତ୍ତି ଯୋଗୁଁ ଏସବୁ ସମ୍ଭବ ହୋଇଥାଏ । ଅଧିକାଂଶ ନେତା ସେଇଠୁ ବାହାରନ୍ତି । ଭଲ ପିଲା ଅନେକ । ପ୍ରାୟ ତିରିଶ୍ ଜଣ ପ୍ରତି ବର୍ଷ ପ୍ରଥମ ଶ୍ରେଣୀ ପାଆନ୍ତି । ସେଥିରୁ ଅନେକ ଆଇ.ଏ.ଏସ୍., ଆଇ.ପି.ଏସ୍., ଆଲାଏଡ୍ ସର୍ଭିସେସ୍, ବ୍ୟାଙ୍କ୍ ଓ ଅଧ୍ୟାପନା ବୃତ୍ତିରେ ଯାଆନ୍ତି । କିନ୍ତୁ ଶୁଣାଗଲା ଏ ବର୍ଷ ରାଜନୀତି ବିଜ୍ଞାନ ଫଳାଫଳର ତଣ୍ଟି ଚିପି ଦିଆଯିବ । ସତକୁ ସତ ଫଳ ବାହାରିଲା ବେଳକୁ ମାତ୍ର ଛଅଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି । ମୋର ସାଙ୍ଗମାନେ ଅନେକ ଭଲ ଛାତ୍ର ଥିଲେ । କିଏ କୁଆଡ଼େ ତଳେ ପଡ଼ିଲେ । ମୋର ଭାଗ୍ୟ ଭଲ ମୁଁ ପ୍ରଥମ ଶ୍ରେଣୀ ପାଇଲି । ଛଅ ଜଣରେ ଜଣେ ପୁଣି ତଣ୍ଟିଚିପା ଦେଲେ ।

ସାର୍ ସେତେବେଳକୁ ଚାକିରିରେ ନଥିଲେ । ଶୁଣେ, ବଡ଼ ମନଦୁଃଖରେ କଟକସ୍ଥ ନିଜ ଘରେ ରହୁଛନ୍ତି । ଓକିଲାତି କରିବାକୁ ଯୋଜନା କରୁଥାଆନ୍ତି । ସେତେବେଳକୁ ମୁଁ ଗୋଟିଏ ବ୍ୟାଙ୍କ୍‌ରେ ପଶି ଚାକିରି ଆରମ୍ଭ କରିଥାଏ । ମନେପଡ଼ିଲା ସାର୍ଙ୍କ କଥା– "ଏଇଟା ଅରିଜିନାଲ୍ ପିଲା ।" ସାର୍ କ'ଣ ଦେଖିଥିଲେ ମୁଁ ବ୍ୟାଙ୍କ୍‌ରେ ରହିବି ? ଯେମିତି ଆଡ୍‌ହକ୍ ଅଧ୍ୟାପକ ଚାକିରି ଆସିଲା, ମାରିଲି ଡିଆଁ ।

ଏବେ ମୁଁ ଭିତରେଇ ଦେଖିଲେ ଅନୁଭବ କରେ ସବୁ ଶିକ୍ଷକଙ୍କ ଭିତରୁ ପ୍ରଫେସର୍ ଶ୍ରୀରାମ ଚନ୍ଦ୍ର ଦାଶଙ୍କ ବ୍ୟକ୍ତିତ୍ୱ ହିଁ ମତେ ସବୁଠୁ ବେଶି ପ୍ରଭାବିତ କରିଛି । ସେ ପ୍ରକୃତରେ ଥିଲେ ଗୋଟିଏ ବିରାଟ ଚୁମ୍ବକ । କଅଁଳ ଲୁହାରେ ତିଆରି ମୋ ଭଳି ଛୋଟ ଛୋଟ ପାତିଆର ସ୍ଥିତି କ'ଣ ତାଙ୍କ ଆଗରେ ।

ଅନେକ ସମୟରେ ଭାବେ ପ୍ରଫେସର୍ ଦାଶଙ୍କର ଏକ ଶତାଂଶ ହୋଇ ପାରିଲେ ମୁଁ ଧନ୍ୟ ହୋଇଯିବି ।

ସେ ହିଁ ତ ଦେଖିଥିଲେ ଯେ 'ହଁ ଏ ପାରିବ !' କେମିତି ଭୁଲିବି ତାଙ୍କର ସେ ଅମୃତବୋଳା ଦୃଷ୍ଟି ? ଆଡ୍‌ମିଶନ୍ ବେଳର ସେଇ ଧାରକ ମିଠା ହସର ଶିକ୍ଷକପଣିଆ !

ସାର୍ଙ୍କୁ ବଞ୍ଚିବା ଯାଏଁ ମନେପକାଇ ପ୍ରଣାମ କରୁଥିବି ।

ମୋ' ସାର୍ ।





# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ‘ରେବତୀ’ ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ସରୋଗେସି (ସ୍ଥାନାପନ୍ନ ମାତୃତ୍ୱ)



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ଈଶ୍ୱରଙ୍କ ସୃଷ୍ଟି ଅତି ବିଚିତ୍ର, ଝିଅଟିଏ ଜନ୍ମ ଗ୍ରହଣ କଲା ପରେ ହିଁ ମାତୃତ୍ୱର କୋମଳ ଅଙ୍କୁରଟିଏ ତା' ଦେହ ଓ ମନରେ ରୋପିତ ହୋଇଯାଏ । ପୃଥିବୀର ପ୍ରତ୍ୟେକ ନାରୀ ଚାହିଁଥାନ୍ତି ମାତୃତ୍ୱ- ଗୋଟିଏ ସୁସ୍ଥ, ସବଳ, ନୀରୋଗ ଶିଶୁର ମା' ହେବାକୁ । ତେବେ ସମସ୍ତଙ୍କୁ ମା' ହେବାର ସୌଭାଗ୍ୟ ମିଳେ ନାହିଁ । କାହାର ଜରାୟୁରେ ଅସୁବିଧା ଥାଏ ତ, ଆଉ କାହାର ଡିମ୍ବବାହୀ ନଳୀ ବା ଡିମ୍ବକୋଷରେ ଅସୁବିଧା ଥାଏ, ଫଳରେ ଜରାୟୁରେ ଗର୍ଭ ସଂଚାର ହୋଇପାରେ ନାହିଁ । ସେ କ୍ଷେତ୍ରରେ ମହିଳାଙ୍କର ଭ୍ରୁଣ ଅନ୍ୟ ଏକ ସୁସ୍ଥ ମହିଳାଙ୍କର ଜରାୟୁରେ ରୋପିତ ହୋଇଥାଏ ଏବଂ ସେହି ଅନ୍ୟ ମହିଳାଙ୍କର ଗର୍ଭରେ ହିଁ ଶିଶୁଟି ବଢ଼ିଥାଏ । ସେ ଜନ୍ମ ହେଲା ପରେ ଶିଶୁଟିକୁ ପୁଣି ତାର ନିଜ ମା' ବାପା ଫେରାଇ ଆଣିଥା'ନ୍ତି । ଆଜିକାଲି ଅନେକ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିମାନେ ମଧ୍ୟ ନିଜେ ଗର୍ଭଧାରଣର ବୋଝ ନବୋହି, ସରୋଗେସିର ସାହାଯ୍ୟ ନେଉଛନ୍ତି । ଏହାକୁ ସରୋଗେସି (ସ୍ଥାନାପନ୍ନ ମାତୃତ୍ୱ) ବା ଉଧାର ମାତୃତ୍ୱ ବୋଲି କୁହା ଯାଇଥାଏ । ଯେଉଁ ମା'ତାଙ୍କ ନିଜ ଇଚ୍ଛା ଅନୁସାରେ ବନ୍ଧ୍ୟା ଦମ୍ପତିଙ୍କୁ ସାହାଯ୍ୟ କରିବାକୁ ଓ ସୁସ୍ଥ ସନ୍ତାନଟିଏ ଜନ୍ମ ଦେବାକୁ ନିଜ ଜରାୟୁ ଦାନ କରିଥାନ୍ତି ତାଙ୍କୁ ସରୋଗେଟ୍ ମଦର୍ କୁହାଯାଏ । ନିଜ ଜରାୟୁ ଦାନ କରି, ଗୋଟିଏ ବନ୍ଧ୍ୟା ଦମ୍ପତିକୁ ନିଜ ଗର୍ଭରେ ଧାରଣ କରିଥିବା ସନ୍ତାନକୁ ଟେକିଦେବା କମ୍ ମହନୀୟତାର ପରିଚୟ ଦିଏ ନାହିଁ !

## ସରୋଗେସି କାହିଁକି ଜରୁରୀ

ଯେଉଁ ମହିଳାମାନଙ୍କର ବନ୍ଧ୍ୟାଦୋଷ ଥାଏ, ଯଥା: ଜରାୟୁ, ଡିମ୍ବବାହୀ ନଳୀ ଆଦିରେ ଅସୁବିଧା ଥାଏ ଏବଂ ଅନେକ ଚିକିତ୍ସା ସତ୍ତ୍ୱେ ଗର୍ଭସଂଚାର ହୁଏ ନାହିଁ, କିମ୍ବା ବାରମ୍ବାର ଗର୍ଭନଷ୍ଟ ହୋଇଥାଏ ବା ଗର୍ଭଧାରଣ ମା' ପାଇଁ ବିପଦର କାରଣ ହୋଇଥାଏ ଏବଂ ଅନେକ କ୍ଷେତ୍ରରେ ଜଣେ ପୁରୁଷ ବା ସମଲିଙ୍ଗୀ ବିବାହ କରି ଦମ୍ପତି (ଦୁଇଟି ପୁଅ) ଯଦି ସନ୍ତାନ ଚାହିଁଥାନ୍ତି, ସେ କ୍ଷେତ୍ରରେ 'ସରୋଗେସି'ରେ ସନ୍ତାନ ଉତ୍ପନ୍ନ ହୋଇଥାଏ । ଏହା 'ଆସିଷ୍ଟେଡ୍' ରିପ୍ରଡକ୍ଟିଭ୍ ଟେକ୍ନିକ୍‌ର ଗୋଟିଏ ପ୍ରଣାଳୀ ।

ଅନେକ ସ୍ଥାନରେ ସ୍ଥାନାପନ୍ନ ମାତୃତ୍ୱ ପାଇଁ ମହିଳାମାନେ କ୍ଷତି ସେଥିପାଇଁ ଟଙ୍କା ବା ମୂଲ୍ୟ ନେଇଥାନ୍ତି, ତେବେ ତାକୁ 'କମର୍ସିଆଲ୍ ସରୋଗେସି' କୁହାଯାଏ । ତେବେ ଅନେକ କ୍ଷେତ୍ରରେ ବନ୍ଧ୍ୟା ମହିଳାଙ୍କର ଆତ୍ମୀୟମାନେ ଯଥା: ଭଉଣୀ, ଭାଉଜ, ମା', ମାଉସୀ, ଖୁଡ଼ି ଓ ପିଉସୀମାନେ ମଧ୍ୟ 'ସରୋଗେଟ୍ ମଦର୍' ହୋଇ ପାରିବେ । କିନ୍ତୁ ଅନେକ ସମୟରେ କମର୍ସିଆଲ୍ ସରୋଗେସି, ଉପାର୍ଜନର ଏକ ମାଧ୍ୟମ ପାଲଟି ଯିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡଃ ହର୍ଷବର୍ଦ୍ଧନ ଜୁଲାଇ ୧, ୨୦୧୯ ମସିହାରେ ଲୋକସଭାରେ 'ସରୋଗେସି' ରେଗୁଲେସନ୍ ବିଲ୍ ପାଶ୍ କରାଇଥିଲେ । ଏଇ ବିଲ୍‌ରେ 'ସରୋଗେସି'କୁ ଅନୁମୋଦନ ମିଳିଲା ସତ, ହେଲେ ଏଥିରେ କେତେଗୁଡ଼ିଏ ନିୟମ କାନୁନ ରଖା ଯାଇଛି ।

## ସ୍ଥାନାପନ୍ନ ମାତୃତ୍ୱର ନିୟନ୍ତ୍ରଣ

(୧) ଏହି ବିଲ୍ ବାଣିଜ୍ୟିକ ସ୍ଥାନାପନ୍ନ ମାତୃତ୍ୱ ବା କମର୍ସିଆଲ୍ ସରୋଗେସିକୁ ନିଷେଧ କରିଛି ଏବଂ ଆଲ୍‌ଟ୍ରୁଇଷ୍ଟିକ୍ ବା ନିଃସ୍ୱାର୍ଥପର ସରୋଗେସିକୁ ସମର୍ଥନ ଦେଇଛି । ଏଥିରେ ସରୋଗେଟ୍ ମା' କୌଣସି ଟଙ୍କା ପଇସା ନେବ ନାହିଁ । କିନ୍ତୁ ଗର୍ଭାବସ୍ଥାରେ ତା'ର ସମସ୍ତ ଚିକିତ୍ସା, ପରୀକ୍ଷା ଏବଂ ପ୍ରସବ ସମୟର ସମସ୍ତ ଖର୍ଚ୍ଚ ପ୍ରକୃତ ବନ୍ଧ୍ୟା ମା' ଓ ବାପା ବହନ କରିବାକୁ ପରାମର୍ଶ ଦେଇଛନ୍ତି । ଏହା କେବଳ ନିଃସ୍ୱାର୍ଥପର ଭାବରେ ବନ୍ଧ୍ୟା ଦମ୍ପତିଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସମ୍ପନ୍ନ ହେବ ।

## ସ୍ଥାନାପନ୍ନ ମାତୃତ୍ୱର ଉଦ୍ଦେଶ୍ୟ

ଯେଉଁ ଦମ୍ପତିଙ୍କର ପ୍ରମାଣିତ ବନ୍ଧ୍ୟାଦୋଷ ଥାଏ ସେମାନଙ୍କର ବାଣିଜ୍ୟିକ ଭାବରେ ସରୋଗେସି ନକରି ନିଃସ୍ୱାର୍ଥପର ଭାବରେ ସରୋଗେସି କରିବା ହିଁ ନିୟମ ଅନ୍ତର୍ଭୁକ୍ତ ।



Surrogates Pregnancy



Commercial Surrogacy

ସରୋଗେସି ଉପାୟରେ ସନ୍ତାନ ଉତ୍ପତ୍ତି କରି ସେମାନଙ୍କୁ ବିକ୍ରୟ କରିବା, କିମ୍ବା କିଛି ଅନୀତିକର କାମରେ ଲଗାଇବା ଏହି ନିୟମର ଅନ୍ତର୍ଭୁକ୍ତ ନୁହେଁ।

ବନ୍ଧ୍ୟା ଦମ୍ପତିଙ୍କ ପାଇଁ ଉପଯୁକ୍ତ ନିର୍ଣ୍ଣାୟକ (ଏଲିଜିବିଲିଟି କ୍ରାଇଟେରିଆ) ଡାକ୍ତରଙ୍କ ଠାରୁ ବନ୍ଧ୍ୟାଦୋଷର ମେଡ଼ିକାଲ୍ ସାର୍ଟିଫିକେଟ୍ ସହ ଉପରିସ୍ଥ ଅଫିସରଙ୍କ ଠାରୁ ଅନ୍ତର୍ଭୁକ୍ତ ହେବାର ସାର୍ଟିଫିକେଟ୍ ଦେଖାଇବା ଜରୁରୀ।

## ସାର୍ଟିଫିକେଟ୍ ଅଫ୍ ଏସେନ୍ସିଆଲ୍‌ଟି (ଅତ୍ୟାବଶ୍ୟକ ପ୍ରମାଣ ପତ୍ର)

ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ରୁ ବନ୍ଧ୍ୟାତ୍ୱର ପ୍ରମାଣପତ୍ର, ଜିଲ୍ଲାପାଳଙ୍କ କୋର୍ଟରୁ ସରୋଗେଟ୍ ଶିଶୁର ପ୍ରକୃତି ପିତାମାତାଙ୍କ ରକ୍ଷଣାବେକ୍ଷଣର ସାର୍ଟିଫିକେଟ୍ ସରୋଗେଟ୍ ମା' ପାଇଁ ଏକ ବର୍ଷ ଚାରିମାସ ଯାଏଁ ଇନ୍‌ସ୍ୟୁରାନ୍ସ ବା' ପ୍ରସବ ପରବର୍ତ୍ତୀ ଜଟିଳତାର ଚିକିତ୍ସା ପାଇଁ ଇନସୁରାନ୍ସ କଭରେଜ୍ ଏହାଛଡ଼ା ବନ୍ଧ୍ୟା ଦମ୍ପତି ଭାରତୀୟ ନାଗରିକ ହୋଇଥିବା ସହ ୫ବର୍ଷରୁ ଊର୍ଦ୍ଧ୍ୱକାଳ ବିବାହ କରିଥିବେ, ମହିଳାଙ୍କର ବୟସ ୨୩ ରୁ ୫୦ ବର୍ଷ ବୟସ ଭିତରେ ତଥା ପୁରୁଷଙ୍କର ବୟସ ୨୬ ବର୍ଷରୁ ୫୬ବର୍ଷ ଭିତରେ ହୋଇଥିବା ଜରୁରୀ। ଏହାଛଡ଼ା ସରୋଗେସି କରିବା ଆଗରୁ ତାଙ୍କ ପାଖରେ ଯେମିତି କୌଣସି ସନ୍ତାନ ନଥିବ (ନିଜ ଜନ୍ମିତ, ପୋଷ୍ୟପୁତ୍ର ବା ସ୍ଥାନାପନ୍ନ ଦ୍ୱାରା ଜନ୍ମିତ)। ତେବେ ପାଖରେ ଥିବା ସନ୍ତାନ ଯଦି ଦିବ୍ୟାଙ୍ଗ ଶିଶୁ ବା କୌଣସି ରୋଗ ପାଇଁ ଗୁରୁତର ହୋଇ ଆଉ ବଞ୍ଚିବାର ଆଶା ନଥିବ, ତେବେ ସେ କ୍ଷେତ୍ରରେ ସେମାନେ ସରୋଗେସି ପାଇଁ ଦରଖାସ୍ତ କରିପାରିବେ।

## ସିରୋଗେଟ୍ ମା' ପାଇଁ କେତୋଟି କଟକଣା

ସରୋଗେସି ପାଇଁ ଇଚ୍ଛୁକ ଥିବା ମହିଳା, ବିବାହିତା ହୋଇଥିବେ, ସେ ବନ୍ଧ୍ୟା ଦମ୍ପତିଙ୍କର ଆତ୍ମୀୟା ହୋଇଥିବେ, ତାଙ୍କର ଆଗରୁ ନିଜର ସନ୍ତାନ ଥିବ, ତାଙ୍କ ବୟସ ୨୫ ରୁ ୩୫ବର୍ଷ ଭିତରେ ହୋଇଥିବ, ସେ ଜୀବନରେ ପ୍ରଥମଥର ପାଇଁ ସରୋଗେଟ୍ ମା' ହେଉଥିବେ, ଏବଂ ସେ ମାନସିକ ଓ ଶାରୀରିକ ଭାବରେ ସୁସ୍ଥଥିବା ଏକ ସାର୍ଟିଫିକେଟ୍ ଜରୁରୀ। ଏହାଛଡ଼ା ସରୋଗେଟ୍ ପାଇଁ ଇଚ୍ଛୁକ ଥିବା ମା' ନିଜର ଡିମ୍ବକୋଷରୁ ଗର୍ଭଧାରଣ ପାଇଁ ଡିମ୍ବଦାନ କରିପାରିବେ ନାହିଁ।

ଉପରୋକ୍ତ ସମସ୍ତ ନୀତି ଓ ନିୟମ ପୂରଣ ହେଲେ ହିଁ ସରୋଗେସି ସଂପୂର୍ଣ୍ଣ ହୋଇ ପାରିବ। ଉପଯୁକ୍ତ ଅଥରିଟି କେନ୍ଦ୍ର ଓ ରାଜ୍ୟ ସରକାର ଜଣେ ବା ଅଧିକ ଜଣଙ୍କୁ ଅଥରିଟି ଭାବେ ସ୍ୱୀକୃତି ଦେବେ। ଏହି ଅଥରିଟିର କାମ ହେଉଛି, ସରୋଗେସି କ୍ଲିନିକ୍ ବା ଡାକ୍ତରଖାନାର ସବୁ ସାର୍ଟିଫିକେଟ୍ ଯାଞ୍ଚ କରି ଚାଲୁ କରିବାକୁ ଅନୁମତି ଦେବା ବା କ୍ଲିନିକ୍‌କୁ ବନ୍ଦ କରିଦେବା। ଏହି ଅଥରିଟି ମଧ୍ୟ ସରୋଗେସି କ୍ଲିନିକ୍‌ର ନିର୍ଣ୍ଣାୟକ ହୋଇ ପାରିବେ।

ପ୍ରତ୍ୟେକ ସରୋଗେସି କ୍ଲିନିକ୍‌କୁ ରେଜିଷ୍ଟ୍ରେସନ୍ କରିବା ଜରୁରୀ। ରେଜିଷ୍ଟ୍ରେସନ୍ ନହେଲେ କୌଣସି କାମ କ୍ଲିନିକ୍‌ରେ ହୋଇପାରିବ ନାହିଁ।

## କେନ୍ଦ୍ର ଓ ରାଜ୍ୟ ସରୋଗେସି ବୋର୍ଡ଼

କେନ୍ଦ୍ର ଓ ରାଜ୍ୟ ସରୋଗେସି ବୋର୍ଡ଼ର ମିଳିତ ଆନୁକୂଲ୍ୟରେ ସବୁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥାଏ।

ଯଦି ସରୋଗେସି ଭ୍ରୁଣଟିକୁ ବନ୍ଧ୍ୟା ଦମ୍ପତି ବା ସରୋଗେଟ୍ ମଦର୍ ଗର୍ଭପାତ କରିବାକୁ ଚାହିଁବେ, ତେବେ ବୋର୍ଡ଼ର ନିୟମ ଅନୁଯାୟୀ ଓ ଏମ୍.ଟି.ପି. ଆଇନ୍ ଅନୁଯାୟୀ ତାହା ସମ୍ପନ୍ନ କରାଯିବ।

ସରୋଗେସି ଆଇନ ଓ ଏହାର ଉଲ୍ଲଂଘନ ଜନିତ ଅପରାଧ ତଥା ନିୟମଭଙ୍ଗ ଜନିତ ଦଣ୍ଡ (୧) ଯଦି କେହି କମର୍ସିଆଲ୍ ବା ବ୍ୟବସାୟିକ ସରୋଗେସିକୁ ବିଜ୍ଞାପନ ଜରିଆରେ ପ୍ରଚାର ଓ ପ୍ରସାର କରନ୍ତି, (୨) ସରୋଗେଟ୍ ମା'କୁ ହଇରାଣ କରନ୍ତି ଓ ସରୋଗେଟ୍ ଶିଶୁକୁ ପରିତ୍ୟାଗ କରନ୍ତି ବା ଅସ୍ୱୀକାର କରନ୍ତି, (୩) ସରୋଗେଟ୍ ଜୀବିତ ଭ୍ରୁଣକୁ ବିକ୍ରୟ କରନ୍ତି ତେବେ ସେଥିପାଇଁ ଦଣ୍ଡ ବିଧାନ ହୋଇଥାଏ। ଏଥିପାଇଁ ଦଶ ବର୍ଷ ଜେଲ୍‌ଦଣ୍ଡ ସହ ଦଶ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିଥାଏ।

## ସରୋଗେସି

ପ୍ରକାର: ଏହି ସ୍ଥାନାପନ୍ନ ମାତୃତ୍ୱ ବା' ସରୋଗେସି ଦୁଇ ପ୍ରକାରର

- ଟ୍ରାଡ଼ିସନାଲ୍ ବା ପାରମ୍ପରିକ
- ଜେଷ୍ଟେସନାଲ୍ ବା ଗର୍ଭଧାରଣ ସଂପର୍କୀୟ।

## ଜେଷ୍ଟେସନାଲ୍ ସରୋଗେସି ବା (ସଂପୂର୍ଣ୍ଣ ସରୋଗେସି):

ନିୟମ ଅନୁସାରେ ଅଧିକାଂଶ କ୍ଷେତ୍ରରେ ହୋଇଥାଏ। ଏଥିରେ ଇନ୍‌ଭିଟ୍ରୋ



ଫର୍ଟିଲାଇଜେସନ୍ (ଆଇ.ଭି.ଏଫ୍.ଟେକ୍‌ନିକ୍ ବା ଟେଷ୍ଟଟ୍ୟୁବ୍ ବେବି ଭାବରେ ଅଭିହିତ । ଏହି ଭ୍ରୁଣଟି ସରୋଗେଟ୍ ମଦର୍‌ର ଜରାୟୁରେ ରୋପିତ ହୋଇଥାଏ । ଏଥିରେ ଚାରି ପ୍ରକାରର ଟେଷ୍ଟଟ୍ୟୁବ୍ ବେବି ହୋଇଥାଏ ।



- ଯେଉଁ ବନ୍ଧ୍ୟା ଦମ୍ପତି ସରୋଗେଟ୍ ମଦର ଦ୍ୱାରା ନିଜର ଜୈବିକ ଶିଶୁ ଚାହୁଁଥିବେ ସେ କ୍ଷେତ୍ରରେ ମହିଳାଙ୍କର (ଭାବୀ ମା') ଡିମ୍ବାଣୁ ବା (ଓଭା) ଏବଂ ପୁରୁଷ (ଭାବୀପିତା)ଙ୍କର ଶୁକ୍ରାଣୁ ମିଳିତ ହୋଇ ଭ୍ରୁଣ ତିଆରି ଓ ରୋପଣ ହୁଏ ।

- କିମ୍ବା ଭାବୀ ପିତାଙ୍କର ଶୁକ୍ରାଣୁ ଓ ଡୋନୋର୍ ବା ଦାତାଙ୍କର ଡିମ୍ବାଣୁ ଦ୍ୱାରା ଭ୍ରୁଣ ତିଆରି ଓ ରୋପଣ ହୁଏ କିମ୍ବା ଭାବି ମା' ଓ ଅନ୍ୟ ଡୋନୋର୍ ବା ଦାତାଙ୍କର ଶୁକ୍ରାଣୁ ମିଳିତ ହୋଇ ଭ୍ରୁଣ ତିଆରି ଓ ରୋପିତ ହୋଇଥାଏ ।

- କେତେକ ବିରଳ କେଶ୍‌ରେ ଗୋଟିଏ ଆଗୁର ଗଚ୍ଛିତ ଥିବା ସଂପୂର୍ଣ୍ଣ ଡୋନୋର୍‌ଙ୍କର ଜୀବିତ ଭ୍ରୁଣକୁ ସରୋଗେଟ୍ ମଦରଙ୍କର ଗର୍ଭରେ ରୋପିତ କରା ଯାଇଥାଏ । ଏହି ପ୍ରକିୟାରେ ଯେଉଁ ଶିଶୁ ଜନ୍ମ ହୁଏ, ତାହା କୌଳିକ ଗୁଣରେ ଜୈବିକ ବାପା ମା'ଙ୍କ ଠାରୁ ଭିନ୍ନ ହୋଇଥାଏ ।

## ସରୋଗେସିରେ ବିପଦ

ଟେଷ୍ଟଟ୍ୟୁବ୍ ବେବି ଦ୍ୱାରା ଯେଉଁ ଭ୍ରୁଣଟି ତିଆରି ହୋଇଥାଏ, ସେଥିରେ ରୋପଣ ହେବା ଆଗରୁ କେତେକ ବିପଦ ଥାଏ, ଯଥା ଟେଷ୍ଟଟ୍ୟୁବ୍‌ରେ ଦ୍ରବଣ ବା ମିଡ଼ିଆର ପ୍ରଭାବ କିମ୍ବା ଭ୍ରୁଣର ରୋପଣ ବେଳେ ବାରମ୍ବାର ସ୍ପର୍ଶ ଜନିତ ବିପଦ, ବେଳେବେଳେ ସରୋଗେସିରେ ଏକାଧିକ ଜାଆଁଳା ବା' ତିନୋଟି ସନ୍ତାନ ହେବାର ବିପଦକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ ।

ଯେଉଁ ବନ୍ଧ୍ୟା ଦମ୍ପତିମାନେ ନିଜର ଡିମ୍ବାଣୁ ଓ ଶୁକ୍ରାଣୁ ଦାନ କରିଥାନ୍ତି, ସେ କ୍ଷେତ୍ରରେ ସରୋଗେଟ୍ ମା' ସୁସ୍ଥଥାଏ ତେବେ ସରୋଗେଟ୍ ଦ୍ୱାରା ଜନ୍ମିତ ଗୋଟିଏ ଶିଶୁ ମଧ୍ୟ ସୁସ୍ଥ ଓ ନିରୋଗ ରୁହେ । ଯଦି ତେବେ ସରୋଗେସି ଦ୍ୱାରା ଗୋଟିଏ ଶିଶୁ ନ ହୋଇ ଜାଆଁଳା, ତିନୋଟି ବା' ତତୋଽଧିକ ଶିଶୁ ହେଲେ, ସେମାନେ ଅପରିଣତ ଓ ବିକଳାଙ୍ଗ ହେବାର ସମ୍ଭାବନା ବେଶୀଥାଏ ।

## ସରୋଗେସିର ଫଳାଫଳ

ଜେଷ୍ଟେସନାଲ ସରୋଗେସି ମେଥଡ଼ ଦ୍ୱରା ପ୍ରାୟ ଶତକଡ଼ା ୧୯ରୁ ୩୩ ପ୍ରତିଶତ ସରୋଗେଟ୍ ମଦର ଗର୍ଭବତୀ ହୋଇଥାନ୍ତି ଏବଂ ତନ୍ମଧ୍ୟରୁ ଶତକଡ଼ା ୩୦ରୁ ୭୦ ପ୍ରତିଶତ ବନ୍ଧ୍ୟାଜନିତ ସୁସ୍ଥ ଶିଶୁଟିଏ ପାଇଥାନ୍ତି । ତେବେ ଷ୍ଟାଣ୍ଡାର୍ଡ଼ ଆଇ.ଭି. ସନ୍ତାନରେ ଅପରିଣତ ଶିଶୁ ଜନ୍ମ ହେବାର ଭୟ ଥିବାବେଳେ, ସରୋଗେସିରେ ଠିକ୍ ସମୟରେ ପରିଣତ ଶିଶୁ ଜନ୍ମ ନେଇଥାନ୍ତି ।

## ସରୋଗେସି ପାଇଁ କାରଣ

ଏହାର ଅନ୍ୟ କେତେକ କାରଣ ସହ ତାହାର ଜରାୟୁ ଆଦୌ ନଥାଏ, କିମ୍ବା ପ୍ରସବ ବେଳେ ବା' ସିଜରିଆନ୍ ସେକ୍‌ସନ୍ ବେଳେ ଅଧିକ ରକ୍ତସ୍ରାବ ପାଇଁ ଜରାୟୁ କାଢ଼ି ଦିଆଯାଇଥିଲେ ଏବଂ ତାଙ୍କର କିଛି ସନ୍ତାନ ନଥିଲେ, କିମ୍ବା ହଠାତ୍ ଅଳ୍ପ ବୟସରେ ଜରାୟୁ କର୍କଟରୋଗ, ଜରାୟୁଗ୍ରୀବା କର୍କଟରୋଗ ପାଇଁ ଜରାୟୁ କାଢ଼ି ନିଆଯାଇଥିଲେ, ବାରମ୍ବାର ଗର୍ଭପାତ, ମା'ର ହୃଦ୍‌ରୋଗ ଆଦି ଥିଲେ ବା' ଗର୍ଭଧାରଣ ମା'ର ଜୀବନ ପାଇଁ ବିପଦ ସୃଷ୍ଟି କଲେ, ଦମ୍ପତିମାନେ ସରୋଗେସି ପାଇଁ ନିଷ୍ପତ୍ତି ନିଅନ୍ତି । ଆଜିକାଲି ଅନେକ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବିବାହ ନକରି ସନ୍ତାନର ପିତା ହେବାପାଇଁ ଚାହାନ୍ତି । କେତେକ କ୍ଷେତ୍ରରେ ସମଲିଙ୍ଗୀ ବିବାହରେ ମଧ୍ୟ ଦମ୍ପତିମାନେ ସନ୍ତାନ ପାଇଁ ସରୋଗେସି ପ୍ରସେସ୍‌କୁ ଆପଣାଉଛନ୍ତି ।

## ଜେଷ୍ଟେସନାଲ୍ ସରୋଗେସ

ଏହାଦ୍ୱାରା ଜନ୍ମ ନେଉଥିବା ସନ୍ତାନର ସରୋଗେଟ୍ ମଦର ସାଙ୍ଗରେ ଜୈବିକ ଭାବରେ ସଂଶ୍ଳିଷ୍ଟ ନଥାଏ କି ସାଦୃଶ୍ୟ ମଧ୍ୟ ନଥାଏ । କେବଳ ତିଆରି ହୋଇଥିବା ଭ୍ରୁଣଟି ସରୋଗେଟ୍ ମା'ର ଜରାୟୁରେ ରୋପିତ ହୋଇଥାଏ ।

ୟୁରୋପିଆନ୍ ସୋସାଇଟି ଅଫ୍ ହ୍ୟୁମାନ୍ ରିପ୍ରଡକ୍‌ସନ୍ ଏଣ୍ଡ ଏମ୍ବ୍ରିଓଲୋଜି ଏବଂ ଆମେରିକାନ୍ ସୋସାଇଟି ଫର୍ ରିପ୍ରଡକ୍‌ଟିଭ୍ ମେଡ଼ିସିନ୍ ଅନୁଯାୟୀ ସରୋଗେସି ସମୟରେ ସରୋଗେଟ୍ ମଦର୍‌ର ବୟସ ୨୧ ବର୍ଷରୁ ୪୫ବର୍ଷ ଭିତରେ ହୋଇଥିବ ତଥା ଗୋଟିଏ ପରିଣତ ଶିଶୁ ଜନ୍ମଦେବାର ଇତିହସ ଥିବା ଉଚିତ । ତାଙ୍କର ଆଗରୁ ପାଞ୍ଚଟି ନରମାଲ୍ ପ୍ରସବ ତଥା ତିନୋଟି ସିଜରିଆନ୍ ସେକ୍‌ସନରୁ ବେଶୀ ହୋଇନଥିବା ଉଚିତ । ଇଣ୍ଟରନେସନାଲ୍ ଫେଡ଼େରେସନ୍ ଅଫ୍ ଗାଇନୋଲୋଜି ଏବଂ ଅବ୍‌ଷ୍ଟେଟ୍ରିକ୍ସର ସ୍ୱୀକୃତି ଅନୁଯାୟୀ, ଗର୍ଭାବସ୍ଥା ସମୟରେ ସରୋଗେଟ୍ ମଦରମାନଙ୍କର ସ୍ୱାଧୀନତା ରହିବା ଉଚିତ ଏବଂ ଏଥିରେ ତାଙ୍କର ଏକ ନିଃସ୍ୱାର୍ଥପର ମନୋଭାବ ରହିବା ଉଚିତ ।

## ମନସ୍ତାତ୍ତ୍ୱିକ ଉଦ୍‌ବିଗ୍ନତା

ଅଧିକାଂଶ ସରୋଗେଟ୍ ମଦର ଗର୍ଭାବସ୍ଥା ସମୟରେ ଗର୍ଭସ୍ଥ ଶିଶୁ ସାଙ୍ଗରେ ଭାବପ୍ରବଣତାର ସଂପର୍କ ବା ଆସକ୍ତି ନଥାନ୍ତି ଆଉ କେତେଜଣ ସରୋଗେଟ୍ ମଦର୍‌ମାନେ ଶିଶୁକୁ ତାଙ୍କ ଜୈବିକ ପିତାମାତାଙ୍କୁ ହସ୍ତାନ୍ତର କରିବା ଯୋଗୁଁ ପ୍ରସବ ପରବର୍ତ୍ତୀ ମାନସିକ ଅବସାଦର ଶିକାର ହୋଇଥାନ୍ତି ।

## ପିତାମାତା ଓ ସରୋଗେଟ୍ ସନ୍ତାନ

ଜୈବିକ ପିତାମାତା ଓ ତାଙ୍କର ସରୋଗେଟ୍ ସନ୍ତାନ ଭିତରେ ସଂପର୍କ ଖୁବ୍ ସୁନ୍ଦର ଓ ବଳିଷ୍ଠ ହୋଇଥାଏ । ସରୋଗେଟ୍ ସନ୍ତାନ ଓ ସାଧାରଣ ସନ୍ତାନ ମାନଙ୍କର ଜ୍ଞାନ କୌଶଳ, ବୁଦ୍ଧି ପାଠରେ କୌଣସି ତାରତମ୍ୟ ନଥାଏ ।

## ସରୋଗେସିର ନୈତିକ ଅଧିକାର

ସରୋଗେସି କ୍ଷେତ୍ରରେ ଅନେକ ଗୁଡ଼ିଏ ସମସ୍ୟା ସୃଷ୍ଟି ହୋଇଥାଏ ଯଥା, ନାରୀମାନଙ୍କର ଅଧିକାର, ଶିଶୁମାନଙ୍କର ସ୍ୱାସ୍ଥ୍ୟ ଜନିତ ତଥା ନୈତିକ ନିୟମ କଥା ।

ଅନେକ ସରୋଗେସିକୁ ଅର୍ଥ ଆୟୋଜନର ଏକ ରାସ୍ତା ବୋଲି ଧରି ନେଇ ସରୋଗେଟ୍ ମା'କୁ ଅତ୍ୟାଚାର କରାଯାଉଛି ବୋଲି କହିଥିବା ବେଳେ, ଅନେକ ସରୋଗେଟ୍ ମଦରର ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଥାନ୍ତି ।

ତେବେ ପରିଶେଷରେ ଏତିକି ବୁଝିବାକୁ ହେବ ଯେ, ସରୋଗେସି ହେଉଛି ଏମିତି ଏକ ପଦ୍ଧତି, ଯାହାଦ୍ୱାରା ଏକ ନିଃସନ୍ତାନ ଦମ୍ପତି ପାଇଁ ସନ୍ତାନଟିଏ ବହନ କରି ଏବଂ ଜନ୍ମଦେଇ ସରୋଗେସି ମଦରଟିଏ ଆଶାର ଆଲୋକ ଦେଖାଇ ତାଙ୍କ ଜୀବନ ସହ ନିଜ ଜୀବନକୁ ମଧ୍ୟ ଆଲୋକିତ କରି ଦେଇଥାଏ ।

# ପାର୍ବଣ–ମିଠାର ମହକ



# ଶାରଦୀୟ ସୁଆଦ




**ରୋନାଲିସା ପଣ୍ଡା**

ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧

ଫୋନ: ୭୦୦୮୪୮୬୬୩୮

ଫଟୋ ସୌଜନ୍ୟ : ଲେଖିକା


## ଅପରାଜିତା ଫୁଲର ସର୍ବତ

**ଆବଶ୍ୟକ ସାମଗ୍ରୀ :** ୮ରୁ୧୦ଟି ଅପରାଜିତା ଫୁଲ, ଲେମ୍ବୁ ରସ ୧ ଚାମଚ, ମହୁ ୨ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଗୋଟେ ଗ୍ଲାସ୍ ପାଣି ଦେଇ ସସ୍‌ପେନ୍‌କୁ ଚୁଲିରେ ବସାନ୍ତୁ । ସେଥିରେ ଅପରାଜିତା ଫୁଲକୁ ୨ ମିନିଟ୍ ଯାଏଁ ଫୁଟାନ୍ତୁ ଏବଂ ଛାଣି ଥଣ୍ଡା ହେଲେ ସେଥିରେ ମହୁ ଓ ଲେମ୍ବୁରସ ଦେଇ ପିଅନ୍ତୁ ।



## ଖାସ୍ତା ଜଲେବି




**ଆବଶ୍ୟକ ସାମଗ୍ରୀ :** ବିରି ୧କପ୍, କର୍ନଫ୍ଲୋର୍ ଚଉଠ କପ୍, ମିଠା ରଙ୍ଗ ଅଧ ଚାମଚ, ଛାଣିବା ପାଇଁ ତେଲ, ଶିରା ପାଇଁ ଚିନି ୨୫୦ଗ୍ରାମ, ପାଣି ୧ କପ୍, ଲେମ୍ବୁ ରସ ୧ ଚାମଚ, ଗୁଜୁରାତି ଗୁଣ୍ଡ ୧ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବିରିକୁ ଧୋଇ ୧ଘଣ୍ଟା ପାଣିରେ ବତୁରାଇ ଖଦଡିଆ କରି ବାଟି ରଖନ୍ତୁ । ଚିନି ଶିରା ପାଇଁ ପାଣି ଚୁଲିରେ ବସାଇ ତାହାକୁ ଗରମ୍ କରନ୍ତୁ । ଶିରାରେ ଲେମ୍ବୁରସ ଓ ଗୁଜୁରାତି ଗୁଣ୍ଡ ପକାଇ ଫୁଟାନ୍ତୁ । ବିରିରେ ମିଠା, ରଙ୍ଗ ଓ କର୍ନଫ୍ଲୋର୍ ମିଶାଇ ଆଣ ପ୍ରସ୍ତୁତ କରି ଗୋଟେ ଓମ୍ଫେଡ୍ ଜରିରେ ପୁରାଇ ଜରିକୁ ଗୋଟେ ପଟୁ ଛିଦ୍ର କରି ଦିଅନ୍ତୁ । ତେଲରେ ନିଜ ପସନ୍ଦ ଅନୁଯାୟୀ ଡିଜାଇନ୍ କରି ଛାଣି ଶିରାରେ ପକାନ୍ତୁ ଓ ଗରମ ଗରମ ସର୍ଭ କରନ୍ତୁ ।

## କଦମ୍ବା ମିଠା

**ଆବଶ୍ୟକ ସାମଗ୍ରୀ :** ବିରି ଅଧକପ୍, ମୁଗଡାଲି ଅଧକପ୍, ଗୁଜୁରାତି ଗୁଣ୍ଡ ଅଧ ଚାମଚ୍, ଲୁଣ ଅଧ ଚାମଚ, ଛାଣିବା ପାଇଁ ତେଲ, ଶିରା ପାଇଁ ଚିନି ୨୫୦ ଗ୍ରାମ ଓ ପାଣି ୧ କପ୍ ।



**ପ୍ରସ୍ତୁତି ପ୍ରଣାଳୀ:** ବିରି ଏବଂ ମୁଗଡାଲିକୁ ଧୋଇ ୨ ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ଏହାପରେ ତା ପାଣିକୁ ଛାଣି ଗୁଜୁରାତି ଓ ଲୁଣ ଦେଇ ବାଟି ଦିଅନ୍ତୁ । ଶିରା ପାଣି ପାଇଁ ଚିନି ଓ ପାଣି ଚୁଲିରେ କଡ଼େଇ ବସାଇ ପ୍ରସ୍ତୁତ କରନ୍ତୁ । ବଟା ଯାଇଥିବା ଆଣ ଫେଣ୍ଟିକି ତେଲରେ ଲାଲ୍ ହେବା ଯାଏଁ ଛାଣି ପ୍ରସ୍ତୁତ ଶିରାରେ ପକାନ୍ତୁ ଏବଂ ଥଣ୍ଡା ହେଲେ ପରଷନ୍ତୁ ।

## ପୋଡ଼ ପିଠା

**ଆବଶ୍ୟକ ସାମଗ୍ରୀ :** ବିରି ୧ କପ୍, ଉସୁନା ଚାଉଳ ୨କପ୍, ନଡ଼ିଆ କୋରା ୧ କପ୍, ଗୁଡ଼ ୨ କପ୍, ମେଥିଦାନା ୨ ଚାମଚ, ଗୁଜୁରାତି ଗୁଣ୍ଡ ୧ ଚାମଚ, କାଜୁ କିସ୍ମିସ୍ ୧କପ୍, ଘିଅ ୫ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳରେ ମେଥି ଦାନା ଦେଇ ୧୦ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ବିରିକୁ ୩ ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ବିରି ଚାଉଳକୁ ଏକତ୍ର ବାଟି ଆଣ ପ୍ରସ୍ତୁତ କରନ୍ତୁ । ଆଣରେ ଗୁଡ଼, ଲୁଣ, କାଜୁ, କିସ୍ମିସ୍, ଗୁଜରାତି ଗୁଣ୍ଡ, ନଡ଼ିଆ କୋରା ପକାଇ ଫେଣ୍ଟି ଗୋଳାଇ ଦିଅନ୍ତୁ । କରେଇ ନନ୍‌ଷ୍ଟିକ ହେଲେ ଭଲ । କରେଇରେ ଘିଅ ଦେଇ ପ୍ରସ୍ତୁତ ଆଣ ପକାନ୍ତୁ ଓ ଘୋଡ଼େଇ ଦିଅନ୍ତୁ । ୧୫ ରୁ ୨୦ ମିନିଟ୍‌ରେ ପ୍ରସ୍ତୁତ ହୋଇଯିବ ସାଦିଷ୍ଟ ପୋଡ଼ପିଠା । ଏହାକୁ ଥଣ୍ଡା ହେଲେ କାଟି ସର୍ଭ କରନ୍ତୁ ।



# ମରାଠୀ ରାନ୍ଧଣା



# ମହାରାଷ୍ଟ୍ର ବ୍ୟଞ୍ଜନ





**ମଧୁସ୍ମିତା ନାୟକ**
ପୁନେ, ମହାରାଷ୍ଟ୍ର-୪୧୨୩୦୮
ଫୋନ : ୯୯୬୦୯୯୬୪୦୩

ଫଟୋ ସୌଜନ୍ୟ : ଲେଖିକା

## ମୁଗ ନଡ଼ିଆ

**ଆବଶ୍ୟକ ସାମଗ୍ରୀ :** ଗୋଟା ମୁଗ ୧କପ, ଟମାଟୋ ଗୋଟିଏ, ଏକ କପ ନଡ଼ିଆ କୋରା, ରସୁଣ ୧୦-୧୨କୋଲା, କଂଚା ଲଙ୍କା ରାଗ ଅନୁସାରେ, ଜିରା ଏକ ଚାମଚ, ଧନିଆ ପତ୍ର ମୁଠାଏ, ହଳଦୀ ଆଉ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମୁଗକୁ ଭଲ ଭାବରେ ଗରମ ପାଣିରେ ଧୋଇ ଚୋପା ବାହାର କରି ହଳଦି ଆଉ ଲୁଣ ଦେଇ କୁକର୍‌ରେ ୩ ସିଟି ଦେଇ ଦିଅନ୍ତୁ । ନଡ଼ିଆ, ଜିରା, ରସୁଣ, ଲଙ୍କା, ଆଉ ଧନିଆ ପତ୍ରକୁ ବାଟି ଦିଅନ୍ତୁ ଅଳ୍ପ ପାଣି ଦେଇ । ଏବେ କଡ଼େଇରେ ତେଲ ଗରମ କରି ଫୁଟଣ ଦେଇ ବାଟିଥିବା ମସଲା ପକାଇ କମ୍ ଆଞ୍ଚରେ ୪/୫ମିନିଟ୍ ଫ୍ରାଏ କରନ୍ତୁ । ପରେ ଟମାଟୋ ଛୋଟ ଛୋଟ କରି କାଟି ପକାଇ ମିକ୍ସ କରି ନିଅନ୍ତୁ । ଏବେ ସିଝାଇ ରଖିଥିବା ଡାଲି ପକାଇ ୧୦-୧୫ ମିନିଟ୍ ଘୋଡ଼ାଇ କମ୍ ଆଞ୍ଚରେ ସିଝିବାକୁ ଦିଅନ୍ତୁ । ଏବେ ରେଡି ହୋଇଗଲା ଆମର ମୁଗ ନଡ଼ିଆ ଡାଲି । ଏହାକୁ ଗରମ ଗରମ ଭାତ କିମ୍ବା ରୁଟି ସହ ପରଷନ୍ତୁ ।

## ବେସନ ପିଠଲ୍

**ଆବଶ୍ୟକ ସାମଗ୍ରୀ :** ୧୦୦ ଗ୍ରାମ ବେସନ, ୪ ଗ୍ଲାସ ପାଣି, କଞ୍ଚା ଲଙ୍କା-୪/୫, ରସୁଣ୧୫-୧୬କୋଲା, ଗୋଟିଏ ମଧ୍ୟମ ପିଆଜ, ଜିରା-୨ ଚାମଚ, ସୋରିଷ ଫୁଟଣ ପାଇଁ, ହଳଦୀ ଆଉ ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବେସନକୁ ପାଣି ସହିତ ମିଳେଇ ହଳଦି ଆଉ ଲୁଣ ଦେଇ ଭଲ ଭାବେ ମିକ୍ସ କରନ୍ତୁ । ରସୁଣ୧୦-୧୨ କୋଲା, ଜୀରା ଏକ ଚାମଚ, ଆଉ କଞ୍ଚା ଲଙ୍କା ଦେଇ ଭଲ ଭାବେ ଛେଚି ନିଅନ୍ତୁ । କଡ଼େଇରେ ତେଲ ଗରମ କରି ଫୁଟଣ ଭୃଷଙ୍ଗ ପତ୍ର, ଗୋଟା ରସୁଣ ୪ଟି ଆଦି ଛୁଙ୍କ ଦେଇ କଟା ପିଆଜ ପକାଇ ୩ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ତାପରେ ରସୁଣ ଆଉ ଲଙ୍କା ଛେଚା ଥିବା ମିକ୍ସ ପକାଇ ଗୋଟେ ମିନିଟ୍ ଯାଏ ଭାଜନ୍ତୁ । ତାପରେ ବେସନ ମିକ୍ସକୁ ସେଥିରେ ପକାଇ ଭଲଭାବେ ଗୋଳେଇ ନିଅନ୍ତୁ ଆଉ ଘୋଡ଼ଣି ଘୋଡ଼ାଇ କମ୍ ଆଞ୍ଚରେ ୫/୧୦ ମିନିଟ୍ ଛାଡ଼ିଦିଅନ୍ତୁ । ବେସନ ସିଝିଗଲେ ପାଣି କମିଯିବ । ଏବେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ହେଇଗଲା ବେସନ ପିଠଲ୍ । ତା'ଉପରେ ଧନିଆପତ୍ର ପକାଇ ଗରମ୍ ଗରମ୍ ରୁଟି, ପରଟା, ଭାତ ସହିତ ପରଷନ୍ତୁ ।



# ପୂଜା ଫ୍ୟାଶନ୍



# ପୂଜା ଫ୍ୟାଶନ୍



ଦୁର୍ଗାପୂଜା ବା ଦଶହରାରେ ଓଡ଼ିଶା ସମେତ କୋଲ୍‌କାତା କିମ୍ବା ଗୁଜୁରାଟ, ସବୁଠି ପୂଜାର ରୀତିନୀତି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗୁରୁତ୍ୱପୂର୍ଣ୍ଣ ପୋଷାକ ପରିଧାନ । ଭିନ୍ନ ଭିନ୍ନ ଡିଜାଇନ୍‌ର ଶାଢ଼ି, ଲେହେଙ୍ଗା, କୁର୍ତ୍ତି ସହ କିଏ କିପରି ଅଧିକ ସୁନ୍ଦର ଲାଗିବ, ସେଥିପ୍ରତି ବ୍ୟସ୍ତ ଥାନ୍ତି ଯୁବତୀମାନେ । ବର୍ତ୍ତମାନ କରୋନା ସମୟରେ ସମସ୍ତେ ସତର୍କ ରହିଲେ ମଧ୍ୟ ପୂଜା ସପିଙ୍ଗ୍ ପାଇଁ କେହି ଭୁଲି ନାହାଁନ୍ତି । ଏ ପରିପ୍ରେକ୍ଷୀରେ ଡିଜାଇନର୍‌ମାନଙ୍କର ଚାଲିଛି ଅଭିନବ ପ୍ରୟାସ । ଭିନ୍ନ ଭିନ୍ନ ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି ଖାସ୍ ପୂଜା ପାଇଁ । ତେବେ ଆସନ୍ତୁ ଜାଣିବା ଏ ବିଷୟରେ ।

ପୂଜା ଆସିଛି କହିଲେ, ମନ ମଧ୍ୟରେ ଏକ ଭିନ୍ନ ଉତ୍ସାହ ସୃଷ୍ଟି ହୋଇଥାଏ । ନୂଆ ଡ୍ରେସ୍, ସଜବାଜ ଓ ବୁଲାବୁଲି ଖାଲି ମନକୁ ଆସେ । ପୂଜା ପାଇଁ ଡିଜାଇନର୍‌ଙ୍କ ଅଭିନବ ପ୍ରୟାସ ଦେଖିଲେ ଆଖି ଝଲସି ଉଠେ । ଶାଢ଼ୀ, ଦୁପଟା, ବ୍ୟାଗ୍, କୁର୍ତ୍ତି ଏପରିକି ଚୁଡ଼ିରେ ମଧ୍ୟ ମା'ଙ୍କ ଫଟୋ ଡିଜାଇନ୍ କରାଯାଇ ଦୁର୍ଗାପୂଜାର ଗୁରୁତ୍ୱକୁ ଅନୁଭବ କରାଯାଉଛି । କପଡ଼ା ଉପରେ ମା'ଙ୍କର ସୁନ୍ଦର କାରୁକାର୍ଯ୍ୟ ମଧ୍ୟ ବେଶ୍ ସୁନ୍ଦର ଲାଗୁଛି ।

**ଶାଢ଼ୀ ଓ ଦୁପଟା:** ମା'ଙ୍କ ପ୍ରିୟରଙ୍ଗ ଲାଲ୍ ହୋଇଥିବାରୁ ଲାଲ୍ ଶାଢ଼ି କିମ୍ବା ଲାଲ୍ ଦୁପଟା ଉପରେ କଳା ଓ ସିଲ୍‌ଭର୍ କାମ ସହ ମା'ଙ୍କ ସୁନ୍ଦର ଛବି ବେଶ୍ ମନୋହର । ଶାଢ଼ି ପିନ୍ଧିଲା ବେଳେ କିମ୍ବା ଦୁପଟା ପକାଇଲା ବେଳେ ସତେ ଯେପରି ମା'ପାଖରେ ଅଛନ୍ତି ବୋଲି ଅନୁଭବ ହେବ ।

**ଡ୍ରେସ୍ :** ହାଲ୍‌କା ରଙ୍ଗର ଡ୍ରେସ୍ ଉପରେ ସାମ୍ନା ପଟେ ମା'ଙ୍କ କଳା ରଙ୍ଗର ଛବିରେ ଲାଲ୍ ଓ ସିଲ୍‌ଭର୍ କାମ ବେଶ୍ ଆକର୍ଷଣୀୟ । ଏହାକୁ ବେଶୀ ଭାଗ ଟିନ୍ ଏଜର୍ ଯୁବତୀମାନେ ପସନ୍ଦ କରୁଛନ୍ତି । ଏହା ପିନ୍ଧିବାକୁ ଯେପରି ଆରାମ ଦାୟକ, ଦେଖିବାକୁ ମଧ୍ୟ ସେପରି ଆକର୍ଷଣୀୟ ।

**ଚୁଡ଼ି ଏବଂ ବ୍ୟାଗ୍ :** ଲାଲ୍ ଚୁଡ଼ି ଓ ବ୍ୟାଗ୍‌ରେ ମଧ୍ୟ ମା'ଙ୍କ ଛବି ଦେଖିବାକୁ ମିଳିବ ଏଥର । ମା'ଙ୍କ ଫଟୋ ସହ ଜୟ ମାତାଦି'ର ଲେଖା ଆହୁରି ଏହାକୁ ଆକର୍ଷଣୀୟ କରିଛି ।

**ମାସ୍କ :** ବର୍ତ୍ତମାନ କରୋନା ପାଇଁ ସମସ୍ତେ ମାସ୍କ ବ୍ୟବହାର କରୁଛନ୍ତି । ଯେତେବେଳେ ଯେଉଁଠିକୁ ଗଲେ ମାସ୍କର ପ୍ରଚଳନ ଅଧିକ ହେଉଛି । ଏହାକୁ ଲକ୍ଷ୍ୟ କରି ମା'ଙ୍କ ଫଟୋ ଥିବା ମାସ୍କ ମଧ୍ୟ ପୂଜା ପାଇଁ ବେଶ୍ ପ୍ରସ୍ତୁତ ହେଲାଣି । ଲାଲ୍ ରଙ୍ଗର ମାସ୍କରେ ମା'ଙ୍କ କଳା ଓ ସିଲ୍‌ଭର୍ କାମ ଆଖିକୁ ବେଶ୍ ଆକର୍ଷିତ କରୁଛି ।

**ବ୍ଲାଉଜ୍ ପିସ୍:** ଶାଢ଼ି, ଦୁପଟା ଓ କୁର୍ତ୍ତି ପରି ମା'ଙ୍କ ଫଟୋ ଥାଇ ମିଳୁଛି ବ୍ଲାଉଜ୍ ପିସ୍ । ଏହାର ଡିମାଣ୍ଡ ମଧ୍ୟ ପୂଜା ପାଇଁ ଅଧିକ ବଢ଼ି ଯାଇଛି ।








**ସ୍ନିଗ୍ଧା ତ୍ରିପାଠୀ**
ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

## ଯାହା କୁହନ୍ତି ଆମ ଡିଜାଇନର୍



▶ **ଏପରି ମା'ଙ୍କ ଫଟୋଥିବା ଅଭିନବ ପ୍ରୟାସ କିପରି ଚିନ୍ତା କଲେ ?**

◢ ଏବେ ପୂଜା, ମାଆ ଆସିବେ । ସମସ୍ତେ ପୂଜା ପାଇଁ ସପିଙ୍ଗ୍ ମଧ୍ୟ କରିବେ । କରୋନା ପାଇଁ ସମସ୍ତେ ଟିକେ ସତର୍କ ରହିଲେ ମଧ୍ୟ ସପିଙ୍ଗ୍ କରିବାକୁ ଭୁଲିବେନି । ମା'ଙ୍କ ଉପସ୍ଥିତିକୁ ଅଧିକ ଅନୁଭବ କରାଇବା ପାଇଁ ମୁଁ ଏପରି ଏକ ଚିନ୍ତା ଆରମ୍ଭ କଲି ।

▶ **ଶାଢ଼ି, ଦୁପଟା, ଡ୍ରେସ୍ କେଉଁ ମ୍ୟାଟେରିଆଲ୍‌ରେ ଆସୁଛି ?**

◢ ଶାଢ଼ୀ ଓ ଦୁପଟା ସିଲ୍‌କ୍ ହୋଇଥିଲା ବେଳେ ଡ୍ରେସ୍ କଟନ୍‌ର ରହୁଛି ।

▶ **ମୂଲ୍ୟ ସବୁ କିପରି ରହୁଛି ?**

◢ ବ୍ୟାଗ୍୨୦୦ଟଙ୍କା, ମାସ୍କ ୧୫୦ ଟଙ୍କା, ବଉଜ୍ ପିସ୍ ୮୦୦ ଟଙ୍କାରୁ ଆରମ୍ଭ ହେଉଛି । ଶାଢ଼ି ପ୍ରାୟ ୪,୦୦୦ଟଙ୍କାରୁ ଆରମ୍ଭ ।

▶ **ଡିଜାଇନ୍ ପାଇଁ କେତେଦିନ ଲାଗୁଛି ?**

◢ ପ୍ରାୟ ୧୫ଦିନ ଲାଗୁଛି ।

▶ **କେଉଁଠାରେ ମିଳୁଛି ?**

◢ 'ମୃଗିକାରେ ଏସବୁ ଉପଲବ୍ଧ ।

**ଗୁଡ଼୍‌ଲି, ଡିଜାଇନର୍,**
ସଂସ୍ଥାପିକା : 'ମୃଗିକା', ଭୁବନେଶ୍ୱର



# ସୁଷମ ଶରୀରର ସୂତ୍ର



# ଖାଦ୍ୟ, ବ୍ୟାୟାମ ଓ ବିଶ୍ରାମ




**ରିନୀତା ପଟ୍ଟନାୟକ**

ବମ୍ସ୍କୁଲାର୍ ଜିମ୍, ଅନୁଗୋଳ,
ଫୋନ: ୮୯୦୮୧୫୯୨୩୪


ଫଟୋ ସୌଜନ୍ୟ : ଲେଖିକା

**ସ୍ୱାସ୍ଥ୍ୟ ହିଁ ସମ୍ପଦ । ଏକଥା ଆମେ ସମସ୍ତେ ଜାଣୁ । କିନ୍ତୁ ସ୍ୱାସ୍ଥ୍ୟ ଅପେକ୍ଷା ଆମେ ସମ୍ପଦକୁ ଅଧିକ ମହତ୍ୱ ଦେଉଛୁ ଏବେ । ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଓ ମହତ୍ୱକୁ ଅନୁଭବ କରି 'ରେବତୀ' ଏ ସଂଖ୍ୟାରୁ ଏଇ ନୂଆ ବିଭାଗ ଆରମ୍ଭ କରୁଛି । ଫିଟ୍‌ନେସ୍ ଏକ୍ସପର୍ଟ ରିନୀତା ଆପଣମାନଙ୍କୁ କହିବେ ଶରୀରକୁ ଫିଟ୍ ରଖିବାର ନାନା ଟିପ୍ସ୍ ।**



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ । କିନ୍ତୁ ଆଜିର ଭୌତିକବାଦୀ ଦୁନିଆରେ ମଣିଷ ସ୍ୱାସ୍ଥ୍ୟ ଓ ସମ୍ପଦକୁ ଦୁଇଟି ଅଲଗା ଶବ୍ଦ ବୋଲି ଭାବେ । ସ୍ୱାସ୍ଥ୍ୟ ଅପେକ୍ଷା ସମ୍ପଦକୁ ଅଧିକ ମହତ୍ୱ ଦେଇଥାଏ । କିନ୍ତୁ ବର୍ତ୍ତମାନ ସମୟର କରୋନା ମହାମାରୀ, ତାର ବହୁଳ ପ୍ରସାର ଓ ଭୟାବହତା ଆମ ସମସ୍ତଙ୍କୁ ବୁଝେଇ ଦେଇଛି ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଓ ମହତ୍ୱ କଅଣ ।

ଆସନ୍ତୁ ଜାଣିବା ଆମ ସ୍ୱାସ୍ଥ୍ୟ ବିଷୟରେ କିଛି ନିହାତି ମହତ୍ୱପୂର୍ଣ୍ଣ କଥା ।

ଉତ୍ତମ ସ୍ୱାସ୍ଥ୍ୟ ମୁଖ୍ୟତଃ ତିନୋଟି ଜିନିଷ ଉପରେ ନିର୍ଭର କରେ । ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଓ ଯଥେଷ୍ଟ ବିଶ୍ରାମ । ଗୋଟିକର ମହତ୍ୱ ଅନ୍ୟଟି ତୁଳନାରେ କିଛି କମ୍ ନୁହେଁ ।

## ସୁଷମ ଖାଦ୍ୟ

ଆମ ଶରୀର ରକ୍ତ, ହାଡ଼, ମାଂସ ଓ ମାଂସପେଶୀରେ ଗଠିତ । ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ଭିତରେ ଆମ ଶରୀରରେ ଅର୍ଥାତ ଏସବୁ ରକ୍ତ, ହାଡ଼, ମାଂସ ଓ ମାଂସପେଶୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେବେ ଏସବୁର ବୃଦ୍ଧି, ରକ୍ଷଣାବେକ୍ଷଣ ଓ ମରାମତି ନିର୍ଭର କରେ ଆମେ ଗ୍ରହଣ କରୁଥିବା ନିତିଦିନର ଖାଦ୍ୟ ଉପରେ ।



ଆମେ ଗ୍ରହଣ କରୁଥିବା ଖାଦ୍ୟ ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ । ଯଥା: ମାକ୍ରୋ ନ୍ୟୁଟ୍ରିୟେଣ୍ଟ୍ସ୍ ଓ ମାଇକ୍ରୋ ନ୍ୟୁଟ୍ରିୟେଣ୍ଟ୍ସ୍ । ଏହା ବ୍ୟତୀତ ଆମେ ଯଥେଷ୍ଟ ପରିମାଣର ପାଣି ମଧ୍ୟ ଗ୍ରହଣ କରିଥାଉ । ମାକ୍ରୋ ନ୍ୟୁଟ୍ରିୟେଣ୍ଟ ଯଥା- ଭାତ, ଡାଲି, ପନିପରିବା, କ୍ଷୀର, ଛେନା, ମାଛ, ମାଂସ ଇତ୍ୟାଦି ଆମେ ଅଧିକ ପରିମାଣରେ ଗ୍ରହଣ କରିଥାଉ । ତେବେ ଆମେ ଖାଉଥିବା ଖାଦ୍ୟରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଓ ଫ୍ୟାଟ୍‌ର ସନ୍ତୁଳନ ବା ଅନୁପାତ ସଠିକ୍ ରହିବା ଉଚିତ୍ । ଏହି ଅନୁପାତରେ ଭୁଲ୍ ହେଲେ କିମ୍ବା ସନ୍ତୁଳନ ବିଗିଡ଼ିଲେ ଆମ ଶରୀର ସବଳ ହେବା ପରିବର୍ତ୍ତେ ଦୁର୍ବଳ ହୋଇଥାଏ ତଥା ଶରୀରରେ ଅନେକ ପ୍ରକାର ରୋଗ ଦେଖା ଦେଇଥାଏ । ସେହିପରି ମାଇକ୍ରୋନ୍ୟୁଟ୍ରିୟେଣ୍ଟ୍ସ୍ ଅର୍ଥାତ୍ ଭିଟାମିନ୍ସ ଓ ମିନେରାଲ୍ସ ଆମକୁ ଖାଦ୍ୟରୁ ଯଥେଷ୍ଟ ପରିମାଣରେ ମିଳି ନଥାଏ । ତେଣୁ ଆମକୁ ବିଭିନ୍ନ ସମୟରେ ବିଭିନ୍ନ ପରିମାଣର ଭିଟାମିନ୍ସ ଓ ମିନେରାଲ୍ସ ମଧ୍ୟ ଖାଇବା ଉଚିତ ।

କାର୍ବୋହାଇଡ୍ରେଟ୍ସ, ପ୍ରୋଟିନ, ଫ୍ୟାଟ୍, ଭିଟାମିନ୍ସ ଓ ମିନେରାଲ୍ସର ଉଚିତ ମାତ୍ରା ବା ଅନୁପାତ ଜାଣିବା ପାଇଁ ଜଣେ ନ୍ୟୁଟ୍ରିସନିଷ୍ଟ ବା ଡାଇଟିଆସିନ୍‌ର ପରାମର୍ଶ ନେବା ଭଲ ।

ସୁଷମ ଖାଦ୍ୟ ଭଳି ନିୟମିତ ବ୍ୟାୟାମ ମଧ୍ୟ ଏକ ସୁସ୍ଥ ଶରୀର ଗଠନ ନିମନ୍ତେ ନିତାନ୍ତ ଆବଶ୍ୟକ । ତେବେ ଆଗାମୀ ସଂଖ୍ୟାରେ ଜାଣିବା ନିୟମିତ ଶାରୀରିକ ବ୍ୟାୟାମ ବିଷୟରେ ।



# ଲେଖକର ୟୁଆଇଡ଼ି ବନାମ ସ୍ୱଧର୍ମ

ପ୍ରତ୍ୟେକଟି ମଣିଷର ‘ସ୍ୱଧର୍ମ’ ବୋଲି କଥାଟିଏ ଅଛି । ଆମେ ଆମର ସ୍ୱଧର୍ମରୁ ବିଚ୍ୟୁତ ନହୋଇ ଜୀବନଯାପନ କରିବା ଆବଶ୍ୟକ । ନିଜ ଧର୍ମ ବା ନିଜ ପାଇଁ ନିର୍ଧାର୍ଯ୍ୟ କର୍ମ ହିଁ ଆମକୁ ପରିଚିତ କରାଏ । ଆମେ ସ୍ୱଧର୍ମକୁ ପାଳନ କରିବା ପାଇଁ ପ୍ରତିବଦ୍ଧ । ଆମକୁ ସେଥିପାଇଁ ପ୍ରସ୍ତୁତ କରାଯାଇଛି । ଆମେ ନିଜେ ଯେଉଁ ଧାରାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁ, ତାହା ହିଁ ଆମ ସ୍ୱଧର୍ମ । ସ୍ୱଧର୍ମ ହେଉଛି ଜୀବନର ଏକ ଅନୁପମ ଭୂମିକାକୁ ନିଭାଇବା ବେଳେ ନିଜର କର୍ମକୁ ବୁଝିବା ଏବଂ ତଦନୁସାରେ ପରିପୂର୍ଣ୍ଣତା ଆଣିବା । ପ୍ରତ୍ୟେକଟି ମଣିଷକୁ ଈଶ୍ୱର ଏକ ‘ୟୁନିକ୍‌ନେସ୍’ ବା ‘ଅନନ୍ୟତା’ ପ୍ରଦାନ କରି ସୃଷ୍ଟି କରିଥାନ୍ତି । ତାହା ହିଁ ପ୍ରତ୍ୟେକ ମଣିଷର ଆଜନ୍ମ ‘ୟୁଆଇଡ଼ି’ ବା ୟୁନିକ୍ ଆଇଡ଼େଣ୍ଟିଫିକେସନ୍ ନମ୍ବର । ସୁତରାଂ ‘ମୁଁ’ ‘ଆପଣ’ ହେଇ ପାରିବନି କି ‘ଆପଣ ମୁଁ’ ହେଇ ପାରିବନି । ପ୍ରତ୍ୟେକଟି ମଣିଷ କେଉଁଠି ନା କେଉଁଠି ଅପର ଠୁ ଭିନ୍ନ । ଏଇ ‘ଭିନ୍ନତା’ ହିଁ ଆମର ସ୍ୱତନ୍ତ୍ର ପରିଚୟ । ଏଇଠି ହିଁ ଲୁଚିଥାଏ ନିଜକୁ ଆବିଷ୍କାର କରିବାର ସୂତ୍ର । ଆମେ ନିଜକୁ ବା ନିଜ ଭିତରକୁ ଝାଙ୍କି ଦେଖୁ କମ୍ । ଆମେ ବାହ୍ୟଦୃଷ୍ଟିରେ ଅଧିକତର ଭାସମାନ ଥାଉ । ଫଳରେ ଅନ୍ୟ ପରି ହେବକୁ ଚାହୁଁ । ଅନ୍ୟ ସହ ତୁଳନା କରି ତା’ ଠାରୁ ଅଧିକ ଶ୍ରେୟସ୍କର ହେବାକୁ ବୃଥା ପ୍ରୟାସ କରୁ । ଆମେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ହେବାକୁ ଚାହୁଁନା । କିନ୍ତୁ ପ୍ରକୃତରେ ଆତ୍ମ-ନିରୀକ୍ଷଣ ଭିତରେ ହିଁ ଲୁଚି ରହିଥାଏ ନିଜକୁ ପ୍ରତିପାଦିତ କରିବାର ସମସ୍ତ ଉପାୟ । ନିଜ ଭିତରେ ଲୁଚି ରହିଥିବା ‘ଅଭିନବତ୍ୱ’କୁ ଆମେ ଆବିଷ୍କାର କରିବା ଦିଗରେ ସମୟ ଦେଉ କମ୍ । ବେଶି ସମୟ ଆମର ଖର୍ଚ୍ଚ ହୋଇଯାଏ ଅପରର କାର୍ଯ୍ୟକଳାପକୁ ତର୍ଜମା କରିବାରେ । ଏଇଠି ହିଁ ଆମେ ‘ସ୍ୱଧର୍ମ’ରୁ ଦୂରେଇ ଯାଉ । ପରଧର୍ମରେ ପ୍ରବେଶ କରୁ । ଗୀତାରେ କୁହାଯାଇଛି: ସ୍ୱଧର୍ମ ହିଁ ଶ୍ରେଷ୍ଠ । ପରଧର୍ମରେ ପ୍ରବେଶ କରିବା ଆମ ପକ୍ଷେ ଚରମ କ୍ଷତିକାରକ ।

ସାହିତ୍ୟ କର୍ମ ବା ସାହିତ୍ୟ ଧର୍ମରେ ବିଶ୍ୱାସୀ ଆମେ ଯେଉଁମାନେ ଲେଖାଲେଖି କରୁ, ପ୍ରକୃତରେ ଆମେ ଆମର ସ୍ୱଧର୍ମ ପ୍ରତି କେତେ ବିଶ୍ୱସ୍ତ ଓ ପ୍ରତିବଦ୍ଧ- ସେକଥା କେବେ ଭାବିଛୁ କି ? ଲେଖକର ସ୍ୱଧର୍ମ କ’ଣ ? ଏକଥା ମୁଁ ଭିନ୍ନ ଭିନ୍ନ ଲେଖକଙ୍କୁ ପଚାରିବା ବେଳେ ଭିନ୍ନ ଭିନ୍ନ ମତ ପାଇଲି । ତେବେ ଜଣେ ଅଧ୍ୟୟନରତା ଛାତ୍ରୀ ଶୁଚିସ୍ମିତା ମଲ୍ଲିକ ଯେତେବେଳେ ମୋତେ ପ୍ରଶ୍ନ କରିଥିଲେ ‘ସାର୍, ସ୍ୱଧର୍ମ କ’ଣ’ ବୋଲି, ସେତେବେଳେ ଏ ବଷୟରେ ଭାବିବାକୁ ବାଧ୍ୟ ହୋଇଥିଲି ମୁଁ । ଯେହେତୁ ମୁଁ ଜଣେ ପ୍ରବଚକ ନୁହେଁ କି ଏସବୁ ବିଷୟରେ ମୋର ଗବେଷଣା ନାହିଁ, ସୁତରାଂ ଛାତ୍ରୀଟିର ପ୍ରଶ୍ନରେ ମୁଁ ମଧ୍ୟ ପ୍ରଶ୍ନାୟିତ ହୋଇପଡ଼ିଲି । ମୋର ଅବବୋଧ ଅନୁସାରେ ମୁଁ ଶୁଚିସ୍ମିତାଙ୍କୁ କହିଲି: “ମୋର ଧର୍ମ କ’ଣ ମୁଁ ଯଦି ବୁଝିଛି, ଏବଂ ତଦନୁସାରେ କର୍ମ କରୁଛି, ତେବେ ସମସ୍ୟା ନାହିଁ । କିନ୍ତୁ ମୁଁ ନିଜ ଦାୟିତ୍ୱବୋଧ ଭୁଲି ଅନ୍ୟର ଧର୍ମରେ ମୁଣ୍ଡ ପୂରେଇଲେ ଇ ସମସ୍ୟା ଉପୁଜିବ । ମାନବଧର୍ମ ଆମକୁ ନିଭେଇବାକୁ ପଡ଼ିବ । କାରଣ ଈଶ୍ୱର ଆମକୁ ଏକ ଦାୟିତ୍ୱ ଦେଇ ସୃଷ୍ଟି କରିଛନ୍ତି । ଏହା ଭୁଲିଯିବା ଅନୁଚିତ ।


ମାଛ ପାଣିରେ ବସବାସ କରିବ- ଏହା ତା’ର ଧର୍ମ । କ୍ଷୀର ପାଣି ଠୁ ବେଶି ମୂଲ୍ୟବାନ ହେଲେ ହେଁ, ମାଛ ଯଦି ସ୍ୱଧର୍ମ ଭୁଲି କ୍ଷୀରରେ ବସବାସ କରିବା ଆରମ୍ଭ କରିବ, ମୃତ୍ୟୁ ତ ଅନିବାର୍ଯ୍ୟ ।”

ମୋର ଏଇ ଉତ୍ତରରେ ସନ୍ତୁଷ୍ଟ ହୋଇଥିବା ଶୁଚିସ୍ମିତା କିନ୍ତୁ ମୋ ଭିତରେ ରଚି ଦେଇଗଲେ ଆଉ ଏକ ଜିଜ୍ଞାସା: ଲେଖକର ସ୍ୱଧର୍ମ କ’ଣ ? ଏ ବିଷୟରେ, ମୁଁ ଜଣେ ଲେଖକ ହୋଇଥିବାରୁ, ଅନ୍ୟ ଲେଖକମାନଙ୍କର ଧାରଣା ଜାଣିବା ମୋ ପାଇଁ ଜରୁରୀ ହୋଇ ପଡ଼ିଲା । କେତେଜଣଙ୍କ ସହ କଥା ହେଲି । ସମସ୍ତଙ୍କର ଭିନ୍ନ ଭିନ୍ନ ମତ ଥିଲା ସତ, କିନ୍ତୁ ତା’ ଭିତରୁ ଗୋଟିଏ ସତ୍ୟକୁ ଆବିଷ୍କାର କରିବା ବେଳେ ମୋ ମନରେ ମଧ୍ୟ ରହିଲା ସଂଶୟ ! ସତରେ କ’ଣ ଲେଖକ ତା’ର ନିଜସ୍ୱ ଧର୍ମ ପାଳନ କରୁଛି !

ସାହିତ୍ୟ କ’ଣ ? ସାହିତ୍ୟ ଏକ ମେଡ଼ିସିନ୍ ବା ଔଷଧ । ଆମେ ସାହିତ୍ୟକୁ ଗୋଟେ ‘ନିଦାନ’ ଭାବେ ଗ୍ରହଣ କରିବା ଉଚିତ । ରୋଗଟିଏ ହେଲେ ଆମେ ଔଷଧ ଖାଉ ଏବଂ ସେଇ ଔଷଧର ‘ଆଣ୍ଟିଜେନ୍’ ଗୁଣ, ରୋଗର ଜୀବାଣୁକୁ ନଷ୍ଟ କରି ଆମକୁ ରୋଗମୁକ୍ତ କରାଏ । ସାହିତ୍ୟ ମଧ୍ୟ ଅନୁରୂପ ଭାବେ ମାନବ ସମାଜକୁ ଗ୍ରାସୁଥିବା ନାନାଦି ବ୍ୟାଧିରୁ ମୁକ୍ତ କରାଇବା ପାଇଁ ଉଦ୍ଦିଷ୍ଟ । ସାହିତ୍ୟକୁ ଆମେ ଏକ ଔଷଧ ଭାବରେ ବ୍ୟବହାର କରିବା ଦରକାର । ଫଳରେ ଏକ ସୁସ୍ଥ ଓ ସଶକ୍ତ ମାନବ ସମାଜ ଗଠନ ହୋଇପାରିବ । ଆଜିର ସମୟରେ ମଣିଷ ଭିତରୁ ହଜିହଜି ଯାଉଛି ‘ମାନବିକତା’ । ସମ୍ବେଦନା ଓ ଆବେଗ ମରିଯାଉଛି ମଣିଷ ଭିତରୁ । ମଣିଷ ଭିତରେ ସଂବେଦନା, ମାନବିକତାର ମଂଜି ବୁଣେ ଏଇ ସାହିତ୍ୟ । ସାହିତ୍ୟ ଆଜି ‘ଆଣ୍ଟିଜେନ୍’ର କାମ କରୁଛି କି ? ସମାଜକୁ ଓ ମଣିଷକୁ ନାନାପ୍ରକାର ସାମାଜିକ ବ୍ୟାଧି, ହିଂସ୍ରତା, ଅମାନବୀୟତା ଏବଂ ପାଶବିକତାରୁ ସୁରକ୍ଷା ଦେଉଛି କି ? ମଣିଷ ଭିତରେ ତିଆରି କରୁଛି କି ଦୟା, କ୍ଷମା ଓ ମାନବିକତା ଭଳି ସଦାଚାର । ସାହିତ୍ୟ କ’ଣ ହରାଇ ସାରିଛି ତା’ର ‘ଆଣ୍ଟିଜେନ୍’ ଗୁଣ ବା ପ୍ରତିରୋଧକ ଶକ୍ତି ! ଯଦି ଏହାର ଉତ୍ତର ‘ହଁ’ ହୁଏ, ତେବେ ଲେଖକ କ’ଣ ସ୍ୱଧର୍ମ ଠୁ ବିଚ୍ୟୁତ ? ଏ ଏକ ବିରାଟ ପ୍ରଶ୍ନ । ଏ ପ୍ରଶ୍ନରେ ବିଚଳିତ ହେବା ବେଳେ ମୋ ପାଖରେ ଲେଖକ ହେବାର ପରିଚୟ ଓ ପ୍ରସିଦ୍ଧିକୁ ନେଇ ଖୁସି ହେବାର ଗୋଟେ ବି କାରଣ ଖୋଜି ପାଉନି ମୁଁ ।

ଲେଖକ ଯେତେବେଳେ ନିଜର ସ୍ୱଧର୍ମରେ ରହିବ, ସେତେବେଳେ ସେ ନିଜର ଲେଖାଲେଖି ପ୍ରତି ବିଶ୍ୱସ୍ତ ହେବ । ପ୍ରତିବଦ୍ଧ ହେବ । ସେ କେବେ ବି ଭାବିବ ନାହିଁ, ମୁଁ ମନୋଜ ଦାସଙ୍କ ପରି ହେବି କି ରମାକାନ୍ତ ରଥଙ୍କ ପରି ହେବି ! କାରଣ ଆମେ ଜାଣୁ, ମନୋଜ ଦାସ ହୁଅନ୍ତୁ କି ରମାକାନ୍ତ ରଥ ଅବା ସୁଜିତ ପଣ୍ଡା ହୁଅନ୍ତୁ କି ସୂର୍ଯ୍ୟସ୍ନାତ ତ୍ରିପାଠୀ– ଏମାନେ ଏକ ଓ ସ୍ୱତନ୍ତ୍ର । ଏମାନଙ୍କ ‘ୟୁନିକ୍‌ନେସ୍’ ବା ‘ୟୁଆଇଡ଼ି’ ପୃଥକ ପୃଥକ । ଜଣେ ମନୋଜ ଦାସଙ୍କ ପରି ଲେଖିଦେଲେ କି ମନୋଜ ଦାସଙ୍କ ପରି ବେଶଭୂଷା ପିନ୍ଧିଦେଲେ ତ ମନୋଜ ଦାସ ହେଇଯିବେନି । ଆମେ ତାଙ୍କୁ ଖୁବ୍ ବେଶିରେ ମନୋଜ ଦାସଙ୍କ ‘ନକଲ’ ବୋଲି ହିଁ କହିବୁ । ମନୋଜ ଦାସ ନୁହେଁ । କାରଣ କେଉଁଠି ନା କେଉଁଠି ମନୋଜ ଦାସ ଏମିତି ସ୍ୱତନ୍ତ୍ର ଯେ, ଠିକ୍ ସେମିତି ହେବା ଅସମ୍ଭବ । ଈଶ୍ୱର ମନୋଜ ଦାସଙ୍କୁ ତାଙ୍କ ‘ୟୁନିକ୍‌ନେସ୍’ ପ୍ରଦାନ କରିଛନ୍ତି ଯେତେବେଳେ, ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ବି ଦେଇଛନ୍ତି ତାଙ୍କର ନିଆରାପଣ । ଏଣୁ ପୃଥିବୀର କୌଣସି ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ପରି ଅବିକଳ ହେବା ଅସମ୍ଭବ ଖାଲି ନୁହେଁ, ଅକଳ୍ପନୀୟ ମଧ୍ୟ ।

ଲେଖକଟିଏ ଯେତେବେଳେ ସମାଜରେ ଲେଖକ ଭାବେ ପରିଚିତ ହୁଏ, ସେତେବେଳେ ସେ ‘ବ୍ୟକ୍ତିସତ୍ତା’ରୁ ବାହାରି ଆସି ନିଜେ ‘ସମାଜ’ଟିଏ ହୋଇ ଛିଡ଼ା ହୁଏ । ତା’ର ସ୍ୱଧର୍ମ ଅବା ତାର କର୍ମ ହିଁ ସେତେବେଳେ ସମାଜର ବ୍ୟାଧିକୁ ପ୍ରତିରୋଧ କରିବା ପାଇଁ ନିଜେ ‘ଆଣ୍ଟିଜେନ୍’ ହୁଏ, ନତୁବା ସାହିତ୍ୟକୁ ‘ଆଣ୍ଟିବଡ଼ି’ ଭାବେ ତିଆରି କରେ । ପ୍ରତିଟି ଲେଖକର ଏହା ହିଁ ଧର୍ମ ବୋଲି ମୁଁ ଭାବେ ।








# A Brand that continues to grow with your "TRUST"

3rd GENERATION

3rd ANNIVERSARY

OF OUR MEGA SHOWROOM

DIAMOND | GOLD | PLATINUM | SILVER

# MANHARLAL PALA

*Jewellers*

V.N. Marg, Near HQ Hospital, Balasore | Ph: (06782) 262424, Mob: 9040819380

E-mail: mpalajewellers@yahoo.co.in | www.mpalajewellers.com

The **REBATI AMA MATIRA SWARA** ● October 2020 Vol - 2 Issue - 12 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**